# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜାନୁୟାରୀ ୨୪/୨୦୨୦ (୨୦ପୃଷ୍ଠା) | Sambalpur, Friday, January 24 / 2020 | ★★

୧୬ଶ ଭାଗ ୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ୩୯ ବର୍ଷରେ ରିୟା ସେନ୍

ବଲିଉଡ୍ ଅଭିନେତ୍ରୀ ରିୟା ସେନ୍ ଶୁକ୍ରବାର ୩୯ ବର୍ଷରେ ପଦାର୍ପଣ କରିଛନ୍ତି। ଫିଲ୍ମ 'ବିଷକନ୍ୟା'ରେ ସେ ଚାଇଲ୍ଡ ଆର୍ଟିଷ୍ଟ ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ।

୦୯ | ୧୮

## ନାଡାଲ ତୃତୀୟ ରାଉଣ୍ଡରେ

ରାଫାଲ ନାଡାଲ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ର ଟେନିସର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# ଶେଷ ଇଚ୍ଛା ଜଣାଉନାହାନ୍ତି ନିର୍ଭୟା ବଳାତ୍କାରୀ

## ଡେଥ୍ ୱାରେଣ୍ଟ ଦେଇଥିବା ବିଚାରପତିଙ୍କ ବଦଳି



**ନୂଆଦିଲ୍ଲୀ,୨୩।୧**

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଅପରାଧୀଙ୍କୁ ଫେବୃୟାରୀ ୧ରେ ଫାଶୀ ଦିଆଯିବାକୁ ଥିବାବେଳେ ଏହାର ୯ ଦିନ ପୂର୍ବରୁ ତିହାର ଜେଲ୍ କର୍ତ୍ତୃପକ୍ଷ ସେମାନଙ୍କର ଶେଷ ଇଚ୍ଛା ପଚାରିଥିଲେ। ସେମାନେ ପରିବାର ସଦସ୍ୟଙ୍କୁ ଭେଟିବାକୁ ଚାହାନ୍ତି କିମ୍ବା ସେମାନଙ୍କ ସମ୍ପତ୍ତି କାହା ନାଁରେ ୱିଲ୍ କରିବାର ଅଛି କି ବୋଲି ପଚରାଯାଇଥିଲା। ଏ ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ସେମାନଙ୍କୁ କୁହାଯାଇଥିଲା। ତେବେ ଅପରାଧୀମାନେ ଏପର୍ଯ୍ୟନ୍ତ କିଛି ଜଣାଇ ନାହାନ୍ତି। ସେମାନଙ୍କ ଶେଷ ଇଚ୍ଛା ସମ୍ପର୍କରେ ଜାଣିବାକୁ ଆମେ ଅପେକ୍ଷା କରିଛୁ ବୋଲି ଅତିରିକ୍ତ ଆଇଜି ରାଜକୁମାର କହିଛନ୍ତି। ଶେଷ ଇଚ୍ଛା ଜଣାପଡ଼ିବା ପରେ ତାହା ପୂରଣ କରାଯାଇପାରିବ କି ନାହିଁ ସେନେଇ ଜେଲ୍ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ। ରିଭ୍ୟୁ ପିଟିଶନ, କ୍ୟୁରେଟିଭ୍ ପିଟିଶନ ଓ ରାଜକ୍ଷମା ଆବେଦନକୁ ନେଇ ୪ ଅପରାଧୀ ବିନୟ ଶର୍ମା, ଅକ୍ଷୟ କୁମାର ସିଂ, ମୁକେଶ କୁମାର ସିଂ ଏବଂ ପବନ ଗୁପ୍ତାଙ୍କ ଫାଶୀ ବିଳମ୍ବ ହେଉଛି। ଫେବୃୟାରୀ ୧ରେ ଫାଶୀ ଦେବା ପାଇଁ ଦିଲ୍ଲୀ କୋର୍ଟ ୱାରେଣ୍ଟ ଜାରି କରିଛନ୍ତି।

ମୃତ୍ୟୁଦଣ୍ଡ ୱାରେଣ୍ଟ ଜାରି କରିଥିବା ଦିଲ୍ଲୀ କୋର୍ଟର ଅତିରିକ୍ତ ଦୌରାଜଜ୍ ସତୀଶ କୁମାର ଆରୋରାଙ୍କୁ ସୁପ୍ରିମକୋର୍ଟର ଅତିରିକ୍ତ ରେଜିଷ୍ଟ୍ରାର ଭାବେ ବର୍ଷକ ପାଇଁ ଡେପୁଟେଶନ୍‌ରେ ବଦଳି କରାଯାଇଛି। ବଦଳି ପୂର୍ବରୁ ପଟିଆଲା ହାଉସ୍ କୋର୍ଟରେ ବିଚାରପତି ଥିବା ଆରୋରା ନିର୍ଭୟା ମାମଲା ସମେତ ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍ ପକ୍ଷରୁ ଦାଏର ମାମଲାଗୁଡ଼ିକର ଶୁଣାଣି କରୁଥିଲେ। ନିର୍ଭୟା ମାମଲାରେ ଅନ୍ୟାନ୍ୟ ଶୁଣାଣି ନୂଆ ବିଚାରପତି କରିବେ।

## ପୂର୍ବତନ ବିଧାୟକ ଅନାମ ନାଏକ ଗିରଫ



**କଟକ ଅଫିସ/ ଭବାନୀପାଟଣା, ୨୩।୧(ଡି,ଏନ୍.ଏ.):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭବାନୀପାଟଣା ବିଧାନସଭା ଆସନର ପୂର୍ବତନ ବିଧାୟକ ଅନାମ ନାଏକଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି। ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୩/୨୦୨୦) ରୁଜୁ କରାଯାଇଛି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ତଲାସି ୱାରେଣ୍ଟ ବଳରେ କୋରାପୁଟ ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ଗତ ୧୭ ତାରିଖରେ ନାଏକଙ୍କ ଘର ସମେତ ମୋଟ୍ ୪ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରିଥିଲେ। ଯାଞ୍ଚରୁ ମୋଟ୍ ୩ କୋଟି ୪୨ ଲକ୍ଷ ୯୯ହଜାର ୪୦୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏତଦ୍‌ବ୍ୟତୀତ ତାଙ୍କ ଘରୁ ୮୦ହଜାର ଟଙ୍କାର ସୁନାଗହଣା, ୧୩ହଜାର ୬୮୦ ଟଙ୍କା, ୬ ଲକ୍ଷ ୨୧ହଜାର ୩୭୭ ଟଙ୍କାର ଗୃହ ଉପକରଣ ସାମଗ୍ରୀକୁ ମଧ ଭିଜିଲାନ୍ସ ଠାବ କରିଥିଲା। ତେବେ ସମ୍ପତ୍ତିଗୁଡ଼ିକ ଠାବ କରିବା ପରେ ଭିଜିଲାନ୍ସ ଆୟ ବ୍ୟୟର ହିସାବ କରିଥିଲା। ଠାବ ସମ୍ପତ୍ତିଗୁଡ଼ିକ ମଧ୍ୟରୁ ୧ କୋଟି ୫୪ ଲକ୍ଷ ୧୨ହଜାର ୨୬୦ ଟଙ୍କା ଆୟ ବହିର୍ଭୂତ ଥିବା ଭିଜିଲାନ୍ସ କହିଛି। ଏହି ଆୟ ବହିର୍ଭୂତ ସମ୍ପତ୍ତି ସମ୍ପର୍କରେ ନାଏକ କୌଣସି ସନ୍ତୋଷଜନକ ଉତ୍ତର ଭିଜିଲାନ୍ସକୁ ଦେଇପାରି ନ ଥିଲେ।

## ଫିଲ୍ମଫେୟାର ଦୌଡ଼ରେ ଓଡ଼ିଆ ଫିଲ୍ମମେକର



**ଭୁବନେଶ୍ୱର, ୨୩।୧(ବ୍ୟୁରୋ):** ପ୍ରଥମଥର ପାଇଁ ଓଡ଼ିଶାରୁ ଏକ କ୍ଷୁଦ୍ର ଚଳଚ୍ଚିତ୍ର 'ଫିଲ୍ମଫେୟାର ଶର୍ଟ ଫିଲ୍ମ ଆୱାର୍ଡସ-୨୦୨୦' ପ୍ରତିଯୋଗିତା ଦୌଡ଼ରେ ସାମିଲ ହୋଇଛି। ଓଡ଼ିଶା ଜନ୍ମିତ ବିଜ୍ଞାପନ ଫିଲ୍ମ ନିର୍ମାତା ଦୟାନିଧି ଦହିମାଙ୍କ ଦ୍ୱାରା ନିର୍ମିତ ପ୍ରଥମ କ୍ଷୁଦ୍ର ଚଳଚ୍ଚିତ୍ର 'ନବାବ' ଏହି ସମ୍ମାନଜନକ ଚଳଚ୍ଚିତ୍ର ପୁରସ୍କାର ପାଇଁ ମନୋନୀତ ହୋଇଥିବା ଶ୍ରେଷ୍ଠ ୩୫ ଚଳଚ୍ଚିତ୍ର ତାଲିକାରେ ସ୍ଥାନ ପାଇଛି। ୨୦ ମିନିଟରୁ କମ୍ ସମୟର ଏହି ଚଳଚ୍ଚିତ୍ରରେ ଅପାରଶକ୍ତି ଖୁରାନା, ମଲ୍ଲିକା ଦୁଆ, ମାରିଆ ଗୋରେଟି ଓ ଗୀତିକା ବିଦ୍ୟାଙ୍କ ଭଳି ଦକ୍ଷ କଳାକାରମାନେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମର ନିର୍ଦ୍ଦେଶକ ମାନସୀ ଜୈନ ଏହାର କାହାଣୀ ମଧ ଲେଖିଛନ୍ତି। ଦୟାନିଧିଙ୍କ ଫିଲ୍ମ ପ୍ରଡକ୍ସନ ହାଉସ୍ 'ଦୟା ଏଣ୍ଟରଟେନ୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍' ଏବଂ 'ବିଗ୍ ବ୍ୟାନର୍ ଫିଲ୍ମସ' ଦ୍ୱାରା ମିଳିତ ଭାବେ ଏହାକୁ ପ୍ରସ୍ତୁତ କରାଯାଇଛି। ରାଜଗାଙ୍ଗପୁରରେ ଜନ୍ମିତ ୨୮ ବର୍ଷୀୟ ଦୟାନିଧିଙ୍କ ପିଲାବେଳୁ ଫିଲ୍ମମେକିଂରେ ଆଗ୍ରହ ଥିବାବେଳେ ଏଥିପାଇଁ ସେ ମୁମ୍ବାଇ ଯାଇଥିଲେ। ଏଫ୍‌ଟିଆଇଆଇରୁ ଫିଲ୍ମମେକିଂରେ ଶିକ୍ଷା ଗ୍ରହଣ କରିଥିବା ଏହି ଯୁବ ପ୍ରତିଭା ଏକାଧିକ ଆଡ୍ ଫିଲ୍ମ ନିର୍ମାଣ କରି ଚର୍ଚ୍ଚାକୁ ଆସିଥିଲେ।

# କଟକ ପାଇବ ନୂଆ ରୂପ

**କଟକ ଅଫିସ, ୨୩।୧**



ଉନ୍ନୟନ କାର୍ଯ୍ୟର ମଡେଲ ନକ୍ସାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଖୁଛନ୍ତି। ନିକଟରେ ଉପସ୍ଥିତ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଓ ପୂର୍ବତ୍ତ ସଚିବ କ୍ରିଷନ୍ କୁମାର।

### ମାର୍ଚ୍ଚରୁ ହେବ ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ

- ହାଡ଼ିଆପଠାରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ରିଂରୋଡ୍ ହେବ ୬ ଲେନ୍
- ମହାନଦୀ କୂଳର ବିକାଶ କରାଯିବ

ନୂଆ ରୂପ ନେବ କଟକ। ଅନେକ ଐତିହାସିକ ସ୍ମୃତି ବହନ କରୁଛି ଏହି ସହର। ତେଣୁ ଏହାର ସମୁଚିତ ବିକାଶ ସମସ୍ତଙ୍କର ମିଳିତ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। କଟକ ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସହରବାସୀଙ୍କ ସହଯୋଗ କାମନା କରିଛନ୍ତି। ସହର ପାଇଁ ଏକ ବିଧିବଦ୍ଧ ପ୍ଲାନ୍ କରାଯିବ। ଏଥିରେ ରାସ୍ତାଘାଟର ପ୍ରଶସ୍ତୀକରଣ, ମୁକ୍ତ ପରିବେଶ, ଉଦ୍ୟାନ ଏବଂ ସବୁଜିମା ସହିତ ଅତ୍ୟାଧୁନିକ ଭିତ୍ତିଭୂମିର ବିକାଶ କରାଯାଇ କଟକ ସହରକୁ ନୂଆ ରୂପ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗୁରୁବାର ମୁଖ୍ୟମନ୍ତ୍ରୀ କଟକ ଗସ୍ତରେ ଆସି ମାତାମଠ ନିକଟରେ ମହାନଦୀ କୂଳ (ହାଡ଼ିଆପଠା) ବୁଲି ଦେଖିବା ସହିତ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସହରର ଟ୍ରାଫିକ ସମସ୍ୟା ଦୂର ପାଇଁ ରିଂ ରୋଡ୍‌କୁ ୬ ଲେନ୍ ବିଶିଷ୍ଟ କରାଯିବା ସହ ଏସ୍‌ସିବି ମେଡିକାଲ କଲେଜର ଉନ୍ନତୀକରଣ ଓ ସମ୍ପ୍ରସାରଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚରୁ ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେ କହିଛନ୍ତି, କଟକ ସହର ଦେଇ ମହାନଦୀ ପ୍ରବାହିତ ହେଉଛି। ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ମହାନଦୀର ପୁନରୁଦ୍ଧାର ଜମିରୁ କଟକ ସହରରେ ମୁକ୍ତ ପରିବେଶ ସହିତ ରିଭର ଫ୍ରଣ୍ଟର ବିକାଶ କରାଯାଇ ପର୍ଯ୍ୟଟନ ପାଇଁ ସୁଯୋଗ ସୃଷ୍ଟି କରାଯିବ। ପୁନରୁଦ୍ଧାର ହୋଇଥିବା ୪୨୧ ଏକର ପରିମିତ ଜମିର ପ୍ରତିଟି ଇଞ୍ଚକୁ ସହରବାସୀଙ୍କ ସୁବିଧା ଓ ମୌଳିକ ଆବଶ୍ୟକତା ପୂରଣ ପାଇଁ ବିନିଯୋଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କ୍ରୀଡ଼ାଠାରୁ ଆରମ୍ଭକରି ସାଂସ୍କୃତିକ ତଥା ଅବସର ବିନୋଦନ ଏବଂ ପରିବେଶର ଉନ୍ନତି ନିମନ୍ତେ ଏଠାରେ ପଦକ୍ଷେପ ନିଆଯିବ। ଏହି ଜମିର ଅଧିକାଂଶ ଅଞ୍ଚଳ ସବୁଜିମା ସୃଷ୍ଟି ପାଇଁ ବିନିଯୋଗ କରାଯିବ। କଟକ ସହର ପାଇଁ ଏହିସବୁ ଯୋଜନା ନିମନ୍ତେ ଅଭିଜ୍ଞ ସହରାଞ୍ଚଳ ପ୍ରସ୍ତୁତିକାରୀଙ୍କୁ ନିୟୋଜିତ କରାଯିବ। ସହରର ବିକାଶରେ ଜନସାଧାରଣଙ୍କ ଅବଦାନକୁ ଗୁରୁତ୍ୱ ଦେବା ନିମନ୍ତେ ଜନସାଧାରଣଙ୍କ ମତାମତକୁ ଗ୍ରହଣ କରାଯାଇ ଚୂଡ଼ାନ୍ତ ଯୋଜନା ପ୍ରସ୍ତୁତ କରାଯିବ। କଟକ ସହରର ବିକାଶ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଆବଶ୍ୟକ ଆର୍ଥିକ ସମ୍ବଳ ଯୋଗାଇ ଦେବେ। ସୂଚନାଥାଉ କି, ମହାନଦୀର ହାଡିଆପଠାରୁ ଚିହ୍ନଟ ୪୨୧ ଏକର ଜମିରେ ଗୁଜରାଟର ସାବରମତି ଢାଞ୍ଚାରେ ବାଲିଯାତ୍ରା ରିଭର ଫ୍ରଣ୍ଟ (ବର୍‌ଫ) ପ୍ରକଳ୍ପ କରାଯିବ। ଏଥିନିମନ୍ତେ ନକ୍ସା ପ୍ରସ୍ତୁତ ହୋଇସାରିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଜେନା, ୫-ଟି ସଚିବ ଭି.କେ. ପାଣ୍ଡିଆନ, ପୂର୍ବତ୍ତ ସଚିବ କ୍ରିଷନ କୁମାର, ଆର୍‌ଡିସି ଅନିଲ କୁମାର ସାମଲ ଓ ଜିଲାପାଳ ଭବାନୀ ଶଙ୍କର ଚୟନୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କଟକ ଜିଲାର ବିଧାୟକ ଓ ସରକାରୀ ଅଧିକାରୀମାନେ ମଧ ଯୋଗଦେଇଥିଲେ।

# ସାବିତ୍ରୀ ରଥ ହେବେ ଓଡ଼ିଶା ହାଇକୋର୍ଟ ବିଚାରପତି

## ସୁପ୍ରିମକୋର୍ଟ କଲେଜିୟମର ସୁପାରିସ

**କଟକ ଅଫିସ,୨୩।୧**



ଆଡଭୋକେଟ ସାବିତ୍ରୀ ରଥ

ହାଇକୋର୍ଟ ଆଡଭୋକେଟ ସାବିତ୍ରୀ ରଥ ଓଡ଼ିଶା ହାଇକୋର୍ଟର ବିଚାରପତି ହେବେ। ସୁପ୍ରିମକୋର୍ଟଙ୍କ କଲେଜିୟମ ପକ୍ଷରୁ ସାବିତ୍ରୀଙ୍କ ନାମ ଗତ ବୁଧବାର ସୁପାରିସ କରାଯାଇଥିଲା। କଲେଜିୟମର ସୁପାରିସ ଉପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ମୋହର ମାରିବା ପରେ ରଥ ନିଯୁକ୍ତି ପାଇବେ। ସାବିତ୍ରୀ ଏବେ ହାଇକୋର୍ଟରେ ଅତିରିକ୍ତ ସରକାରୀ ଓକିଲ ଭାବେ କାର୍ଯ୍ୟ କରୁଛନ୍ତି। ସୂଚନାଥାଉ କି, ସାବିତ୍ରୀ ହେଉଛନ୍ତି ରାଜ୍ୟର ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ପ୍ରଫୁଲ୍ଲ ରଥଙ୍କ ଝିଅ। କଟକରେ ସ୍କୁଲ ଶିକ୍ଷା ଶେଷ କରିବା ପରେ ସେ ଦିଲ୍ଲୀରେ ଆଇନ ବିଦ୍ୟା ଲାଭ କରିଥିଲେ। ପରେ ଓଡ଼ିଶା ଆସି ହାଇକୋର୍ଟରେ ପ୍ରାକ୍ଟିସ୍ ଆରମ୍ଭ କରିଥିଲେ। ହାଇକୋର୍ଟର ତତ୍କାଳୀନ ବରିଷ୍ଠ ଓକିଲ ତଥା ପାଟନା ହାଇକୋର୍ଟର ପୂର୍ବତନ ବିଚାରପତି ପ୍ରଫୁଲ୍ଲ ମିଶ୍ରଙ୍କ ଅଧୀନରେ ସେ ଓକିଲାତି କରୁଥିଲେ। ଏହା ପରେ ଭିଜିଲାନ୍ସ ଷ୍ଟାଣ୍ଡିଂ କାଉନସିଲ୍ ଭାବେ ମଧ କାର୍ଯ୍ୟ କରିଛନ୍ତି।

# ଆସାମରେ ୬୪୪ ଉଗ୍ରପନ୍ଥୀଙ୍କ ଆତ୍ମସମର୍ପଣ

**ଗୁଆହାଟୀ,୨୩।୧(ଆଇଏଏନ୍‌ଏସ୍)**

ଆସାମରେ ୮ଟି ବେଆଇନ ସଂଗଠନର ୬୪୪ ଜଣ ଉଗ୍ରପନ୍ଥୀ ଗୁରୁବାର ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି। ଉଲ୍‌ଫା (ସ୍ୱାଧୀନ), ଏନ୍‌ଡିଏଫ୍‌ବି, ଆର୍‌ଏନ୍‌ଏଲ୍‌ଏଫ୍, କେଏଲ୍‌ଓ, ସିପିଆଇ (ମାଓବାଦୀ), ଏନ୍‌ଏସ୍‌ଏଲ୍‌ଏ, ଏଡିଏଫ୍ ଏବଂ ଏନ୍‌ଏଲ୍‌ଏଫ୍‌ବିରୁ ଏତେସଂଖ୍ୟାରେ ଉଗ୍ରପନ୍ଥୀ ଆତ୍ମସମର୍ପଣ କରିବା ଏହା ପ୍ରଥମ ଘଟଣା ହୋଇଥିବାରୁ ପୋଲିସ ଡିଜି ଭାସ୍କରଜ୍ୟୋତି ମହନ୍ତ ଏହାକୁ ଏକ ବିଶେଷ ଦିନ ବୋଲି କହିଛନ୍ତି। ଉଲ୍‌ଫା (ସ୍ୱାଧୀନ)ରୁ ୫୦ ଜଣ, ଏନ୍‌ଡିଏଫ୍‌ବିରୁ ୮, ଆଦିବାସୀ ଡ୍ରାଗନ ଫାଇଟର (ଏଡିଏଫ୍)ରୁ ୧୭୮ ଜଣ ଆତ୍ମସମର୍ପଣ କରିଛନ୍ତି। ଉଗ୍ରପନ୍ଥୀମାନେ ସରକାରଙ୍କ ପାଖରେ ୧୭୭ଟି ବନ୍ଧୁକ, ବିପୁଳ ପରିମାଣର ଗୁଳିଗୋଳା ଓ



ବିସ୍ଫୋରକ ସାମଗ୍ରୀ ଜମା କରିଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ସ୍ୱାଗତ କରିବା ସହ ରାଷ୍ଟ୍ର ନିର୍ମାଣରେ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି।

# ଫେବୃୟାରୀ ୫ରେ ପଶ୍ଚିମ ଓଡ଼ିଶା ବନ୍ଦ

**ବଲାଙ୍ଗୀର ଅଫିସ, ୨୩।୧**

- ବାର୍ କାଉନସିଲ ଅଫ୍ ଇଣ୍ଡିଆର ନିଷ୍ପତ୍ତିକୁ ବିରୋଧ
- ଏକଜୁଟ ହେଲେ ପଶ୍ଚିମ ଓଡ଼ିଶାର ଓକିଲ ସଂଘ

ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଓକିଲ ସଂଘ ପକ୍ଷରୁ ଦୀର୍ଘବର୍ଷ ଧରି ଚାଲିଥିବା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ଏବେ ଏକ ଭିନ୍ନମୋଡ ନେଇଛି । କିଛି ଦିନ ତଳେ ବାର କାଉନସିଲ ଅଫ୍ ଇଣ୍ଡିଆ ଆନ୍ଦୋଳନରତ ଓକିଲମାନଙ୍କ ଲାଇସେନ୍ସ ରଦ୍ଦ ତଥା ସେମାନଙ୍କ ମକଦ୍ଦମାକୁ ନିକଟସ୍ଥ କୋର୍ଟକୁ ସ୍ଥାନାନ୍ତର କରିବା ପାଇଁ କଡା ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାୟୀବେଞ୍ଚ ଦାବି ସମ୍ପର୍କରେ ନିଜର ଆଭିମୁଖ୍ୟ ସ୍ପଷ୍ଟ ନ କରି ଅଗଣତାନ୍ତ୍ରିକ ଉପାୟରେ ବାର କାଉନସିଲ ଅଫ୍ ଇଣ୍ଡିଆ ଓକିଲ ସଂଘମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହାଇକୋର୍ଟକୁ ନିର୍ଦ୍ଦେଶ ଦେଇଛି । ଓକିଲମାନଙ୍କ ଆନ୍ଦୋଳନକୁ ଦମନ କରିବା ପାଇଁ ବାର କାଉନସିଲ ଅଫ୍ ଇଣ୍ଡିଆର ଏପରି ଏକଚାଟିଆ ପଦକ୍ଷେପ ବିରୋଧରେ ପଶ୍ଚିମ ଓଡ଼ିଶାର ଓକିଲମାନେ ଏକଜୁଟ ହୋଇ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଫେବୃୟାରୀ ୫ ତାରିଖରେ ସମଗ୍ର ପଶ୍ଚିମ ଓଡ଼ିଶା ବନ୍ଦ କରାଯିବ ବୋଲି ସଂଘର କର୍ମକର୍ତ୍ତାମାନେ କହିଛନ୍ତି ।

ଏହି ପରିପ୍ରେକ୍ଷୀରେ ବାର କାଉନସିଲ ଅଫ୍ ଇଣ୍ଡିଆର ମନମୁଖୀ କାରବାର ଓ ଅଗଣତାନ୍ତ୍ରିକ ନିଷ୍ପତ୍ତି ବିରୋଧରେ ଆସନ୍ତା ଫେବୃୟାରୀ ୫ ତାରିଖ ଦିନ ୧୨ଘଣ୍ଟିଆ ପଶ୍ଚିମ ଓଡ଼ିଶା ବନ୍ଦ ଡାକରା ଦିଆଯିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ସେଦିନ ସମଗ୍ର ପଶ୍ଚିମ ଓଡ଼ିଶାର ସମସ୍ତ ଦୋକାନ, ବଜାର, ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ବୀମା ପ୍ରତିଷ୍ଠାନଗୁଡ଼ିକ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି । ଖୁବଶୀଘ୍ର ପଶ୍ଚିମ ଓଡ଼ିଶାର ଓକିଲମାନଙ୍କ ଏକ ପ୍ରତିନିଧି ଦଳ ରାଜ୍ୟ ସରକାରଙ୍କ ଗୃହ ସଚିବ ଓ ଆଇନ ସଚିବଙ୍କୁ ସାକ୍ଷାତ କରି ସେମାନଙ୍କ ସ୍ୱାର୍ଥରକ୍ଷା ☞ପୃଷ୍ଠା-୪



ବୈଠକରେ ଯୋଗଦେଇଥିବା ଓକିଲ ସଂଘ କର୍ମକର୍ତ୍ତାମାନେ।

# ଭିମ୍‌ସାର:୪ ବର୍ଷରେ ୩୪୭୨ ଶିଶୁ ମୃତ

**ଶୁଭାଶିଷ ପାଢ଼ୀ**
**ସମ୍ବଲପୁର,୨୩।୧**

- ଉଦ୍‌ଘାଟନ ପରେ ବି ୯ ତାଲା ବିଶିଷ୍ଟ କୋଠା ଖାଲିପଡିଛି
- ଜମି ଅଭାବ ଯୋଗୁ ଚିନ୍ତା
- ଅନୁଦାନ ଥାଇ ବି ନିର୍ମାଣ ହେଉନି ଶିଶୁଭବନ



ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ସ୍ୱାସ୍ଥ୍ୟସେବା ଉପରେ ସମଗ୍ର ପଶ୍ଚିମ ଓଡ଼ିଶାବାସୀ ନିର୍ଭର କରନ୍ତି। ସେଥିପାଇଁ ସରକାର ଭିମ୍‌ସାରର ସ୍ୱାସ୍ଥ୍ୟସେବା ବିକାଶ ଦିଗରେ ନାନା ପଦକ୍ଷେପ ଗ୍ରହଣ କରିଛନ୍ତି । ହେଲେ ସେଥିରେ ସୁଫଳ ମିଳିପାରୁନାହିଁ। ବିଶେଷ କରି ଶିଶୁରୋଗୀଙ୍କ ମୃତ୍ୟୁହାର ଉଦ୍‌ବେଗଜନିତ ସ୍ଥିତିରେ ରହିଛି । ଏକ ରିପୋର୍ଟ ଅନୁଯାୟୀ ଗତ ୪ ବର୍ଷରେ ମୋଟ ୩ ହଜାର ୪ ଶହ ୭୨ ଜଣ ନବଜାତ ଓ ଚିକିତ୍ସିତ ଶିଶୁଙ୍କ ମୃତ୍ୟୁ ଘଟିଛି। ହାରାହାରି ପ୍ରତିବର୍ଷ ୯ ଶହ ଶିଶୁଙ୍କ ମୃତ୍ୟୁ ଘଟୁଛି ବୋଲି ଏହି ରିପୋର୍ଟରୁ ସ୍ପଷ୍ଟ ହୋଇଛି ।

ବିଶେଷ କରି ଗରିବ ଓ ଗ୍ରାମାଞ୍ଚଳ ଲୋକମାନେ ଭିମ୍‌ସାର ଉପରେ ନିର୍ଭର କରିଥାନ୍ତି । ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଉତ୍ତମ ଚିକିତ୍ସା ମିଳୁନାହିଁ। ଅନ୍ୟପଟେ ଗର୍ଭବତୀ ମହିଳାମାନଙ୍କୁ ଠିକ୍‌ଭାବେ ଟିକା ପ୍ରଦାନ କରାଯାଉ ନ ଥିବା ବେଳେ ଅନ୍ୟ ଆବଶ୍ୟକ ଚିକିତ୍ସାର ଅଭାବ ରହିଥିବା ଅଭିଯୋଗ ହୋଇଛି। ସଚେତନ ଅଭାବ ତଥା ଗର୍ଭସ୍ଥ ଶିଶୁର ଠିକ୍ ଭାବେ ଯତ୍ନ ନିଆଯାଉ ନ ଥିବାରୁ ଦୁର୍ବଳ ପିଲା ଜନ୍ମ ହେଉଛନ୍ତି । ଫଳରେ ପ୍ରତିବର୍ଷ ନବଜାତ ଶିଶୁଙ୍କ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି ।

ମିଳିଥିବା ରିପୋର୍ଟ ଅନୁସାରେ ୨୦୧୮-୧୯ ବର୍ଷରେ ୨୮୭୦ ନବଜାତ ଶିଶୁ ବିଭିନ୍ନ ରୋଗରେ ପୀଡିତ ହୋଇ ଉକ୍ତ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସେମାନଙ୍କ ମଧ୍ୟରୁ ୨୨୦ ଜଣଙ୍କ ମୃତ୍ୟୁ ଘଟିଥିଲା । ସେହିପରି ନିଓନାଟାଲ ଇଣ୍ଟେନ୍‌ସିଭ କେୟାର ୟୁନିଟ( ଏନଆଇସିୟୁ )ରେ ଭର୍ତ୍ତି ହୋଇଥିବା ୨୨୨୯ଜଣ ଶିଶୁଙ୍କ ମଧ୍ୟରୁ ୬୫୬ ମୃତ୍ୟୁ ଘଟିଥିଲା। ସେହିବର୍ଷ ମୋଟ ୫ ହଜାର ୦୪୯ ଶିଶୁ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କ ଭିତରୁ ୮୭୬ ଜଣଙ୍କ ମୃତ୍ୟୁ ଘଟିଛି । ସେହିପରି ୨୦୧୫-୧୬ ମସିହାରେ ଉକ୍ତ ଡାକ୍ତରଖାନାରେ ସମୁଦାୟ ୩ ହଜାର ୭୫୩ ଜଣ ଶିଶୁ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮୫୬ ଜଣଙ୍କ ମୃତ୍ୟୁ ଘଟିଥିଲା । ୨୦୧୬-୧୭ ମସିହାରେ ମୋଟ ୪୩୦୧ ଜଣ ଶିଶୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୮୯୭ ଜଣଙ୍କ ମୃତ୍ୟୁ ଘଟିଥିଲା । ସେହିପରି ୨୦୧୭-୧୮ ବର୍ଷରେ ମୋଟ ୪୬୧୪ ଜଣ ଶିଶୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସେମାନଙ୍କ ମଧ୍ୟରୁ ୮୪୩ ଜଣଙ୍କ ମୃତ୍ୟୁ ଘଟିଛି । ଏପରି କି ସେହି ବର୍ଷ ୨୪ ଘଣ୍ଟା ମଧ୍ୟରେ ୯ ଶିଶୁରୋଗୀଙ୍କ ମୃତ୍ୟୁ ଘଟିଥିବା ଚର୍ଚ୍ଚାର ବିଷୟ ହୋଇଥିଲା । ସୂଚନାଯୋଗ୍ୟ, ☞ପୃଷ୍ଠା-୪


ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ
ପୃଷ୍ଠା - ୧୦ ଓ ୧୧


**ଆଜିର ସମ୍ପାଦକୀୟ**

## ଅନେକ ଆଶା


Taste the difference! Vencobb Fresh Chicken

23.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 71 | 120 | 130 |
| DKL | 75 | 126 | 136 |
| BDK | 70 | 119 | 129 |
| BLS | 71 | 120 | 130 |
| ANG | 75 | 126 | 136 |
| BHM | 74 | 124 | 134 |

*Conditions Apply

Issued in the Interest of Consumers

## ଇମାନେ ଯାହା କହିଛନ୍



❖ ଗଲା ୨୫ ବଛର ଧରି ଭାଷା ଆର ସଂସ୍କୃତି ପେମୀମାନେ କରିଥିବାର ପରିଶ୍ରମର ଫଲ୍ ଆଏଜ୍ ଦେଖିବାକେ ମିଲୁଛେ। କୋଶଲି ଧନୁଯାତ୍ରା ଏହେଦ୍‌କା ଜମକ୍ ଧରିଛେ। ଇଥିରଲାଗି ଲୁକ୍‌କର ବି ବଡ଼ଭାରି ସମରଥନ୍ ରହିଛେ। ଯେନ୍‌ଟା ଭାଷା, ସଂସ୍କୃତିର ବଢ଼ତି ଲାଗି ଗୁଟେ ବଡ଼ କଥା ଆଏ।

–ପ୍ରସନ୍ନ କୁମାର ପାଢୀ, ପରିଚାଳନା କମିଟି ସଭାପତି



❖ କୋଶଲୀ ଧନୁଯାତ୍ରା ଏହେଦ୍‌କା ବିଶ୍ୱ ଦରବାରରେ ଗୁଟେ ଖାସ୍ ଠାନ୍ ଦଖଲ କରିପାରିଛେ। ଯାତ୍ରା ଜରିଆରେ ଆଏଜ୍‌କାର ଭେଁଡିଆ ପିଲାକୁ ଆହ୍ୱାନ କରାଯାଉଛେ ଯେ, ସେମାନେ ସଭେ ଆଗ୍‌କେ ଆସି ଇଥିରେ ସାମିଲ ହେଉନ୍, ସମରଥନ ଜନେଇ ଅଭିଯାନକେ ସଫଲ କରୁନ୍।

–ହରିଶ୍ଚନ୍ଦ୍ର ପଣ୍ଡା (ଟିଟୁ), ପରିଚାଳନା କମିଟି ସମ୍ପାଦକ



❖ କୋଶଲୀ ଭାଷାର ବଢ଼ତି ଲାଗି ପ୍ରୟାଗ ଯୋଷୀ ଦେଖେଇଥିବାର ବାଟ୍‌କେ ନେଇ ଦିନେ ସପନ୍ ଦେଖିଥିଲି। ଦିନେ ଚାଏର୍‌ଟା କାଁଥି ଭିତ୍‌ରେ ବଁଧା ପଡ଼ିଥିବାର ଉଲ୍‌ଗୁଲାନ ଆଏଜ୍ ଚାର୍‌ହିକୁତିକେ ଖେପି ଯାଇଛେ। ଇଟା ନିହାତି ଭାବେ ସଫଲ ହେଇଛେ ବଲି ଭାବୁଛୁଁ। ଇଥିରେ ଜନସାଧାରନକର ବି ବଡ଼ଭାରି ସମରଥନ ରହିଛେ।

–ସୁରଜିତ ସିଂ ମହାରଥା,
କୋଶଲୀ ଭାଷାର ଗବେଷଣା ପ୍ରତିଷ୍ଠାନର ସମ୍ପାଦକ।



❖ ଇ ଯାତ୍ରା ଲାଗି ଟଁକା ବଦ୍‌ଲା ସମରଥନର ବଡ଼ଭାରି ଦରକାର ରହିଛେ। ସମକର ସମରଥନ ରହିଲେ ଟଁକାପଏସା ଆପେ ଆଏବା। ଆଏଜ୍‌ତକ ଇଥିରଲାଗି ହେନ୍‌ତା କିଛି ଅସ୍ୱିଧାର ସମନା କରବାକେ ନାଇଁପଡ଼ି। କହେବାକେ ଗଲେ ଇ ଯାତ୍‌ରାଟା ସଫଲତା ପାଇସାରିଛେ।

–ସଞ୍ଜୟ କୁମାର ପାଢୀ, କୋଷାଧ୍ୟକ୍ଷ।



❖ ନୂଆପଡ଼ା ଗୁଟେ ଅଇତିହାସିକ ମାଏଟ୍। ଇଠାନର ଭାଷା, ସଂସ୍କୃତିର ସୁରକ୍ଷା, ବଢ଼ତି ଲାଗି ଚେଷ୍‌ଟା ଚାଲିଛେ ଆର ଆଗ୍‌କେ ବି ସବୁବେଲେ ଇ ଚେଷ୍‌ଟା ଜାରି ରହିବା। କୋଶଲି ଧନୁଯାତ୍‌ରା ତ ଭାଷା, ସଂସ୍କୃତିର ସୁରକ୍ଷା ଲାଗି ଗୁଟେ ବାହାନା ଆଏ।

–ଅବନୀ ରଞ୍ଜନ ଯୋଷୀ, ପରିଚାଳନା କମିଟି ସଦସ୍ୟ



❖ ଜୀବନ୍‌ରେ ବହୁତ୍ ଧନୁଯାତ୍‌ରାରେ କଳା ପଦରଶନ କରିଆସିଛେଁ। ହେଲେ ନୂଆପଡ଼ାର କୋଶଲି ଧନୁଯାତ୍‌ରା ଲେଖେଁ ମଁଚାନ୍‌ଟେ ପାଇ ମୁଇଁ ନିଜ୍‌କେ ଭାଏଗ୍‌ଶାଳି ବଲି ଭାବୁଛେଁ। ଇଥିରେ ମୁଇଁ ଖାଲି କଂସ ନୁହେ ଗୁଟେ ଗୁନ୍‌ଟା ମୂଷା ଲେଖେଁ ପାଟ୍ ନେଇଛେଁ।

–ମଧୁସୂଦନ ପାଣିଗ୍ରାହୀ, (କଂସ) କଳାକାର



❖ ନୂଆପଡ଼ା କୋଶଲ ମାଏଟ୍‌ରେ କଳା, ସଂସ୍କୃତି ଆର ଗୁଟେ ରାଷ୍ଟ୍ରୀୟ ଭାବ୍‌ଧାରା ଭରି ରହିଛେଁ। ଇ ଭାବ୍‌ଟା ଯାତ୍‌ରା ଜରିଆରେ ପରଚାରିତ, ପରସାରିତ ହେଉଛେ। ଇ ଯାତ୍‌ରାରେ ସାମିଲ ରହିବାର ମଜାଟା ଅଲଗ୍ ଆଏ। ଯେନ୍‌ଟା କଥାରେ କହି ନାଇଁହୁଏ, ଝନେ ଅନୁଭବି ଲୋକ୍ ହିଁ ବୁଝିପାରବା।

–ରାଜେନ୍ଦ୍ର ବାଗ, (ମହାମନ୍ତ୍ରୀ) କଳାକାର।

### ବିହଙ୍ଗାବଲୋକନ

- ୧୯୯୫ ଜାନୁୟାରୀ ୫ରେ କୋଶଲ ଭାଷା ଗବେଷଣା ପ୍ରତିଷ୍ଠାନର ଜନ୍ମ ।
- ୧୯୯୬ ଜାନୁୟାରୀରେ ଢୋଲ ପତ୍ରିକାର ପ୍ରକାଶନ ଆରମ୍ଭ।
- ୨୦୦୩ରେ ପ୍ରଥମ ପୁଷ୍‌ପୁନି ଭେଟ କାର୍ଯ୍ୟକ୍ରମ। ୨୦୦୮ ଯାଏଁ ଚାଲିଥିଲା ।
- ୨୦୧୧ରୁ ୨୦୧୫ଯାଏଁ ଦୁଇ ଦିନ ଧରି ପୁଷ୍‌ପୁନି ଭେଟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ।
- ୨୦୧୬ ଫେବୃୟାରୀ ୫ରେ ପ୍ରଥମ କୋଶଲୀ ଧନୁଯାତ୍ରା ଆରମ୍ଭ ।

**ନବେ ଦଶକରେ ବିପ୍ଳବର ମଞ୍ଜି ପଡିଥିଲା, ତାହା ଯେ ଦିନେ ଏକ ମହାଦ୍ରୁମରେ ପରିଣତ ହେବ କେହି କେବେ କଳ୍ପନା କରି ନ ଥିଲେ। ସତ କହିବାକୁ ଗଲେ ସେହି ମହାଦ୍ରୁମ ହେଉଛି ଆଜିର କୋଶଲୀ ଧନୁଯାତ୍ରା । ଏହା ଯାତ୍ରା ନୁହେଁ, ଏକ ବିପ୍ଳବ ।**

# ଭାଷା, ସଂସ୍କୃତିର ଏକ ବିପ୍ଳବ

କୋଶଲୀ ଲୋକକଳା, ସଂସ୍କୃତି ଏବଂ ଭାଷାକୁ ନେଇ ନାନାଦି ପରିକଳ୍ପନା ଓ ପର୍ଯ୍ୟାଲୋଚନା ଚାଲିଛି । ନୂଆପଡା ଭଳି ଏକ ଉପାନ୍ତ ଅଞ୍ଚଳରେ ନବେ ଦଶକରେ ଏହି ବିପ୍ଳବର ମଞ୍ଜି ପଡିଥିଲା, ତାହା ଯେ ଦିନେ ଏକ ମହାଦ୍ରୁମରେ ପରିଣତ ହେବ କେହି କେବେ କଳ୍ପନା କରି ନ ଥିଲେ। ସତ କହିବାକୁ ଗଲେ ସେହି ମହାଦ୍ରୁମ ହେଉଛି ଆଜିର କୋଶଲୀ ଧନୁଯାତ୍ରା। ଏହା ଏକ ଯାତ୍ରା ନୁହେଁ ବରଂ ଭାଷା ସଂସ୍କୃତିର ଏକ ବିପ୍ଳବ। ଏହା ଆଗାମୀ ଦିନରେ ସଫଳତାର ଶିଖର ଛୁଇଁବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।



ପ୍ରୟାଗଦତ୍ତ ଜୋଷୀ

ନବେ ଦଶକରେ କୋଶଲୀ ଭାଷା ଏବଂ ସଂସ୍କୃତି ଉପରେ ଗବେଷଣା କରିବା ଉଦ୍ଦେଶ୍ୟରେ ଏଠିକାର କିଛି ଉଦୀୟମାନ ସଂସ୍କୃତି ଏବଂ ସାହିତ୍ୟ ପ୍ରେମୀଙ୍କୁ ନେଇ କୋଶଲୀ ଭାଷାର ଗବେଷଣା ପ୍ରତିଷ୍ଠାନର ଆରମ୍ଭ ହୋଇଥିଲା। ଏଥିରେ ଜିଲାର ବହୁ ପ୍ରମୁଖ ସାହିତ୍ୟପ୍ରେମୀ ଯୋଡି ହୋଇଥିଲେ। ସାହିତ୍ୟ ଚର୍ଚ୍ଚା ସହ ବିଭିନ୍ନ କାର୍ଯ୍ୟକ୍ରମରେ ତାହା ରୂପାନ୍ତରିତ ହେଲା । କୋଶଲୀ ଭାଷା ସାହିତ୍ୟକୁ ଏକ ପାଖୁଡା ମଧ୍ୟରେ ରଖିବାକୁ ଢୋଲ ନାମକ ଏକ ପତ୍ରିକା ଆରମ୍ଭ ହୋଇଥିଲା । ଏଥିରେ ସମ୍ପାଦକ ଭାବେ ସୁରଜିତ ସିଂ ମହାରଥା ଏବଂ ସହସମ୍ପାଦକ ଭାବେ ପ୍ରବୋଧ କୁମାର ହୋତା ରହିଥିଲେ। କ୍ରମେ କୋଶଳରତ୍ନ ସ୍ୱର୍ଗୀୟ ପ୍ରୟାଗଦତ୍ତ ଜୋଷୀଙ୍କ ପଦାଙ୍କ ଅନୁସରଣ କରି କୋଶଲୀ ମାତୃଭାଷା ଦିବସ ପାଳନ କରାଗଲା । କ୍ରମେ ଲୋକଙ୍କ ନିକଟତର ହେବା ସହ ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧିବାକୁ ପୁଷ୍‌ପୁନି ଭେଟ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା। ଏହା ଏହି ଅଭିଯାନର ଏକ ପାହାଚ କହିଲେ ଅତ୍ୟୁକ୍ତି ହେବନାହିଁ । ପରବର୍ତ୍ତୀ ସମୟରେ ପ୍ରତିଷ୍ଠାନ ସହ ସହରର ବହୁ ପ୍ରତିଷ୍ଠିତ କଳାପ୍ରେମୀ, ବୁଦ୍ଧିଜୀବୀ, ମହିଳା ନେତ୍ରୀଙ୍କୁ ନେଇ ପୁଷପୁନୀ ଭେଟ କୋଶଲୀ ଧନୁଯାତ୍ରା ଆରମ୍ଭ କରାଯାଇଥିଲା। ଏଥିରେ ଯାତ୍ରାକୁ ଏକ ଭିନ୍ନ ସ୍ୱାଦ ଦେବା ପାଇଁ ଚେଷ୍ଟା କରାଯାଇଥିଲା। ସେଦିନଠାରୁ କଂସ ଭୂମିକାରେ ଅବତୀର୍ଣ୍ଣ ହୋଇଆସିଥିବା କଳାକାର ମଧୁସୂଦନ ପାଣିଗ୍ରାହୀ ସମସ୍ତ ନାଟ୍ୟାଭିନୟ କୋଶଲୀ ଭାଷାରେ କରିବାକୁ ଅଙ୍ଗୀକାରବଦ୍ଧ ହୋଇଥିଲେ। ଏହା କେବଳ ଓଡ଼ିଶା ନୁହେଁ, ସମଗ୍ର ବିଶ୍ୱରେ କୋଶଲୀ ଭାଷାରେ ହେଉଥିବା ପ୍ରଥମ ଧନୁଯାତ୍ରା ଭାବେ ସ୍ୱତନ୍ତ୍ରତା ରଖିଛି । କୋଶଳ ଭାଷା ପ୍ରତି ଆଗ୍ରହ, ଜନଜାଗରଣ ସହ ସାଧାରଣ ବର୍ଗ ଲୋକଙ୍କୁ ଏଥିରେ ଯୋଡିବା ଏହି ଯାତ୍ରାର ଉଦ୍ଦେଶ୍ୟ ରହିଛି । କାର୍ଯ୍ୟକ୍ରମ ଆରମ୍ଭ ଦିନଠାରୁ ଆଜିକୁ ଦଶ ବର୍ଷ ହେବ ଏହା ସର୍ବଜନାଦୃତ ହୋଇପାରିଛି। ଏଥିରେ ସବୁ ବର୍ଗର ଲୋକ ସାମିଲ ରହି ଯାତ୍ରାକୁ ଏକ ଅଭିଯାନ ଢଙ୍ଗରେ ପ୍ରତ୍ୟକ୍ଷ ଭାବେ ଜଡିତ ରହୁଥିବା ହିଁ ଏହାର ସଫଳତାର ସୂଚକ ବୋଲି ଭାଷାବିତ୍‌ମାନେ ସ୍ୱୀକାର କରିଛନ୍ତି ।

କେଶଲୀ ଧନୁଯାତ୍ରା ୭ ଦିନ ଧରି ପାଳିତ ହେଉଛି। ବର୍ତ୍ତମାନ ପ୍ରସନ୍ନ କୁମାର ପାଢୀ ସଭାପତି, ଟିଟୁ ପଣ୍ଡା ସମ୍ପାଦକ ଏବଂ ଗବେଷଣା ପ୍ରତିଷ୍ଠାନ ସମ୍ପାଦକ ସୁରଜିତ ସିଂ ମହାରଥା ମୁଖ୍ୟ ଡୋରି ଧରିଛନ୍ତି । ଦିନେ ଶହେ କି ୨ଶହ ଟଙ୍କାରେ ଆରମ୍ଭ ହୋଇଥିବା ପୂଜା ବର୍ତ୍ତମାନ ବିଶାଳ ରୂପ ନେଇଛି । ଏବେ ଏଥିପାଇଁ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ସହରବାସୀଙ୍କ ଅକୁଣ୍ଠିତ ଶ୍ରମଦାନ ଏହି ଯାତ୍ରାକୁ ସ୍ୱୟଂ ସମ୍ପୂର୍ଣ୍ଣ କରିବାରେ ସହାୟକ ହେଉଛି। ମଞ୍ଚରେ ପ୍ରତିଦିନ କୋଶଲୀ ଗୀତ, ନୃତ୍ୟ ପ୍ରତିଯୋଗିତା ଦର୍ଶକଙ୍କୁ ବାନ୍ଧି ରଖୁଥିବାବେଳେ କଂସଙ୍କ ନାଟ୍ୟାଭିନୟ ନୂଆ ପରମ୍ପରା ସୃଷ୍ଟି କରିଛି । ୭ ଦିନ ସହରର ଗୋଟିଏ ଅଂଶ ମଥୁରା ନଗରୀ ଏବଂ ଅନ୍ୟ ଅଂଶ ଗୋପପୁର ଭାବେ ଅଭିହିତ ହୋଇଥାଏ। ଏଥିରେ ପୁଣି କଂସାସୁର ଦିନଯାକ ସହର ପରିକ୍ରମା କରି ଜିଲାସ୍ତରୀୟ ଅଧିକାରୀଙ୍କୁ ନିଜ ଢଙ୍ଗରେ ପରାମର୍ଶ ଦେବା ଜନସଚେତନତା ସୃଷ୍ଟି କରିଥାଏ । ଚଳିତ ବର୍ଷ ଜାନୁୟାରୀ ୧୮ରୁ ଆରମ୍ଭ ହୋଇଥିବାବେଳେ ଏହି ଯାତ୍ରା ଶୁକ୍ରବାର(୨୪।୧)ରେ ଶେଷ ହେବ। ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବାକୁ ଟିଟୁ ପଣ୍ଡାଙ୍କ ଫିଟନେସ ଜୋନ ପକ୍ଷରୁ ସୁନ୍ଦର ସ୍ୱାସ୍ଥ୍ୟ (ଫିଟନେସ) ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁପ୍ରତିଭା ଯୋଗଦେବା କାର୍ଯ୍ୟକ୍ରମ ରହିଛି । ବର୍ତ୍ତମାନ କମିଟିରେ ଭବଦୀୟ ସଞ୍ଜୟ କୁମାର ପାଢୀ, ଲୋକନାଥ ରଥ, ଅବନୀ ରଞ୍ଜନ ଜୋଷୀ, ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା, ସୁବଳଶ୍ୟାମ ପଣ୍ଡା, ଉଜ୍ୱଳ ତିୱାରୀ, ଫକୀର ପାଢୀଙ୍କ ସହଯୋଗ ରହିଛି ।

–ଘନଶ୍ୟାମ ଭୋଇ

# କଂସଙ୍କ ରଙ୍ଗସଭା ମୁଖ୍ୟ ଆକର୍ଷଣ

ନୂଆପଡା ଅଫିସ,୨୩।୧



ରଙ୍ଗ ସଭାରେ ନୃତ୍ୟାଙ୍ଗନା ନାଚୁଛନ୍ତି ।



ରଙ୍ଗମଞ୍ଚରେ କୋଶଲୀ କବି ସମ୍ମିଳନୀରେ ଯୋଗଦେଇଥିବା କର୍ମକର୍ତ୍ତା ।

ନୂଆପଡ଼ା ରଙ୍ଗମଞ୍ଚ ପଡିଆରେ ଚାଲିଥିବା ପଶ୍ଚିମ ଓଡିଶାର କୋଶଲୀ ଧନୁଯାତ୍ରା ଗୁରୁବାର ଷଷ୍ଠ ଦିନରେ କଂସ ଦରବାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକୁଥିଲା। ଗୋଟିଏ ପଟେ କୋଶଲୀ କବି ସମ୍ମିଳନୀ କୋଶଳ ଆନ୍ଦୋଳନକୁ ଗୋଟିଏ ପାଦ ଆଗକୁ ନେଇଥିବାବେଳେ ଅନ୍ୟପଟେ କଂସଙ୍କ ରଙ୍ଗ ସଭାରେ ସଂସ୍କୃତି ଏବଂ ଯାତ୍ରା ପ୍ରେମୀଙ୍କ ମୁଖ୍ୟ ଆକର୍ଷଣ ସାଜିଥିଲା। ଗୁରୁବାର ମଧ୍ୟାହ୍ନରୁ କଂସ ଦରବାର ଗୋଟିଏ ପ୍ରକାର ଦୁଲୁକିବା ଆରମ୍ଭ କରିଥିଲା। ରଙ୍ଗ ମଞ୍ଚରେ କୋଶଳ ଭାଷାର ଗବେଷଣା ପ୍ରତିଷ୍ଠାନର ସମ୍ପାଦକ ସୁରଜିତ ସିଂ ମହାରଥାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୋଶଲୀ କବି ସମ୍ମିଳନୀରେ ଜିଲା ତଥା ଆଖପାଖ ଜିଲାରୁ ବହୁ ପ୍ରମୁଖ

**କୋଶଲୀ ଧନୁଯାତ୍ରାର ୬ଷ୍ଠ ସନ୍ଧ୍ୟା**

**■ଗଦ୍ୟ ସାହିତ୍ୟକୁ ଗୁରୁତ୍ୱାରୋପ**

କୋଶଲୀ କବିଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏଥିରେ ଭିକାରୀ ମିଶ୍ର, ମଧୁସୂଦନ ମହାନନ୍ଦ, ନିମାଇଁ ଚରଣ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁଶାନ୍ତ କୁମାର ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ବକ୍ତାଭାବେ ରାମଭକ୍ତ ପାରିକର, ଦେବେନ୍ଦ୍ର ନାଏକ, ଚତୁର୍ଭୁଜ ସନ୍ତ, ଭବତୋଷ ଦାସ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଅର୍ଜୁନ ସାହ ଏବଂ ସବିତା ମହାରା କବିତା ସଂଯୋଜନା କରିଥିଲେ । ଏହି ପରିପ୍ରେକ୍ଷୀରେ ଏହି ମଞ୍ଚକୁ ମହାରାଜ କଂସାସୁର ମଧ୍ୟ ଆସି ପରିଦର୍ଶନ କରିଥିଲେ। ତାଙ୍କୁ ଫକୀର ପାଢୀ ଏବଂ ସୁରଜିତ ସିଂ ମହାରଥା ସ୍ୱାଗତ କରିଥିଲେ। କଂସ କୋଶଲୀ ଭାଷା ଉପରେ ବିଶେଷ ଗୁରୁତ୍ୱ ଦେଇ ସାମ୍ରାଜ୍ୟକୁ କୋଶଳ ସାମ୍ରାଜ୍ୟ କରି ଗଢତୋଳିବାକୁ ପରାମର୍ଶ ଦେଇଥିଲେ । ଏଥିରେ ଗଦ୍ୟ ସାହିତ୍ୟ ପ୍ରତି ଯୁବ ପୀଢି ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏହାକୁ ଶିବ ପ୍ରସାଦ ସା, ସଚିନ ବାବୁ, କପିଳଦେବ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। କଂସଙ୍କର ଦରବାରରେ ରୁଦ୍ରଶୁକଙ୍କ ଗୋପପୁରରୁ ପ୍ରତ୍ୟାବର୍ତ୍ତନ ପରେ ରଙ୍ଗ ସଭାର ଆୟୋଜନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଚିନିଲାଲ ସାହୁ, ଏମପି ପ୍ରତିନିଧି ସୁଶାନ୍ତ ପତି, ଓମପ୍ରକାଶ କଲାର, ମୁନ୍ନା ମହାପାତ୍ର, ରିଣ୍ଟୁ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ। ଗୋପିମାନଙ୍କ ନୃତ୍ୟ ବେଶ ହୃଦୟସ୍ପର୍ଶୀ ହୋଇଥିଲା। ସେପଟେ ଗୋପପୁରେ ମଧ୍ୟ ଅକ୍ରୁରଙ୍କ ଆଗମକୁ ଭବ୍ୟ ସ୍ୱାଗତ କରାଯାଇଥିଲା ।

ସମସ୍ତ ଛାତ୍ର/ଛାତ୍ରୀ, ଅଭିଭାବକ
ଏବଂ ନୂଆପଡାର ସମସ୍ତ ଜିଲ୍ଲାବାସୀଙ୍କୁ
ଧନୁଯାତ୍ରା ମହୋତ୍ସବ
ର ହାର୍ଦ୍ଦିକ ଅଭିନନ୍ଦନ
MAHAMAYA
HIGHER SECONDARY SCHOOL, NUAPADA
MAHAMAYA
DEGREE COLLEGE, DARLIMUNDA, NUAPADA
MAHAMAYA
INSTITUTE OF MEDICAL & TECHNICAL SCIENCE
At/Po/Dist. Nuapada (Odisha) - 766105
Mob 9937120826

ସମସ୍ତ ଛାତ୍ର/ଛାତ୍ରୀ, ଅଭିଭାବକ
ଏବଂ ନୂଆପଡାର ସମସ୍ତ ଜିଲ୍ଲାବାସୀ କୁ
ଧନୁଯାତ୍ରା ମହୋତ୍ସବ
ର
ହାର୍ଦ୍ଦିକ ଅଭିନନ୍ଦନ
SHREE SAI COLLEGE
At: Ghatipada, Dist: Nuapada, Odisah-766105
Contact No: 9938099777/9437188407

ସମସ୍ତ ଛାତ୍ର/ ଛାତ୍ରୀ , ଅଭିଭାବକ
ଏବଂ ନୂଆପଡ଼ା ର ସମସ୍ତ ଜିଲ୍ଲାବାସୀଙ୍କୁ
GYANJYOTI KANCHANBEN RASIKLAL VIDYALAYA
NUAPADA (ODISHA)
ଧନୁଯାତ୍ରା ମହୋତ୍ସବ ର
ହାର୍ଦ୍ଦିକ ଅଭିନନ୍ଦନ
Gyanjyoti Kanchanben Rasiklal Vidyalaya
Gadtor, Nuapada (Odisha) 766 105
Mob .- +91 70779 55923

POOJA FURNITURE WORLD
କୋଶଲୀ ଧନୁଯାତ୍ରା ଅବସରରେ ସମଗ୍ର ଜିଲ୍ଲା ତଥା ପଶ୍ଚିମ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ଶଙ୍କରଲାଲ ଜୈନ
ପୂଜା ଫର୍ଣ୍ଣିଚର, ନୂଆପଡା

କୋଶଲୀ ଧନୁଯାତ୍ରା ସମସ୍ତଙ୍କୁ ଏକ ସ୍ନେହ ଓ ସୌହାର୍ଦ୍ଦ୍ୟ ଭରିଦେଉ। ଏହା ନୂଆପଡା ମାଟିକୁ ବିଶ୍ୱ ଦରବାରରେ ପରିଚିତ କରିବ ନିଶ୍ଚିତ। ମୋର ଶୁଭେଚ୍ଛା ଓ ଶୁଭକାମନା ରହିଛି।
କେଏନକିଡ୍ସ ପବ୍ଲିକ୍ ସ୍କୁଲ
ନୂଆପଡା

କୋଶଲୀ ଧନୁଯାତ୍ରା ଅବସରରେ ସମଗ୍ର ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି। ମାଁ ସମଲେଇ ସମସ୍ତଙ୍କ ଚଲାପଥକୁ କୁସୁମିତ କରନ୍ତୁ।
ବିଭୂତି ଭୂଷଣ ପାଣିଗ୍ରାହୀ
ବିଶ୍ୱ ହିନ୍ଦୁ ପରିଷଦ ସଭାପତି, ନୂଆପଡା

କୋଶଲୀ ଧନୁଯାତ୍ରା ଅବସରରେ ଆମେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛୁ।
କାନ୍ତିଲାଲ ସାହୁ
ସଂପାଦକ, ଖରିଆରରୋଡ ପ୍ୟାକ୍ସ

ROYAL ENFIELD SRI RAM AUTOMOBILES
We deals with Spare Parts & Accessories
କୋଶଲୀ ଧନୁଯାତ୍ରା ନୂଆପଡା ଜିଲ୍ଲାର ଗୁଟେ ପେହଚାନ ଆଏ। ଇଟା ସମଗ୍ର ପଶ୍ଚିମ ଓଡ଼ିଶାକେ ଦିଗ୍‌ଦର୍ଶନ ଦଉଛେ। ଇ ଅବସରଥି ସମକୁ ମୋର ଜୁହାର।
ଜାନୁ ମିଶ୍ର
ପ୍ରୋ– ଶ୍ରୀରାମ ମୋଟର୍ସ, ନୂଆପଡା

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ କୋଶଲୀ ଧନୁଯାତ୍ରା ଅବସରରେ ସମସ୍ତଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି। ସମସ୍ତଙ୍କ ଚଲାପଥ କୁସୁମିତ ହେଉ।
ଦୟାଲାଲ ସାହୁ
ସଂପାଦକ, ନୂଆପଡା ପ୍ୟାକ୍ସ

କୋଶଲୀ ଧନୁଯାତ୍ରା ଏକ ଯାତ୍ରା ନୁହେଁ ଭାଷା ସଂସ୍କୃତିର ବାର୍ତ୍ତାବହ। ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ଯାଜ୍ଞସେନୀ ମହାପାତ୍ର
ସଂପାଦକ, କଦମ ତଥା ମହିଳା ଅଧିକାର ଅଭିଯାନର ଆବାହିକା
ପ୍ରତିଭା ହୋତା
କଦମ ସଦସ୍ୟା

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ କୋଶଲୀ ଧନୁଯାତ୍ରା ଏଠିକାର ଭାଷା, ସଂସ୍କୃତିକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଦେଉ ଏହା ଆମର ମାଁ ସମଲେଇଙ୍କ ନିକଟରେ କାମନା।
ସୁରେଶ କୁମାର ଅଗ୍ରୱାଲ
ସାମାଜିକ କର୍ମୀ




# ସିଂହଦ୍ୱାର ଚକଡ଼ାରେ ହାତାହାତି

**ଦକ୍ଷିଣା ପାଇଁ ଭକ୍ତଙ୍କୁ ଜୁଲମ୍**

**ପୁରୀ ଅଫିସ,୨୩।୧**

ଶ୍ରୀମନ୍ଦିରରେ ଦାନ, ଦକ୍ଷିଣା ଆଦାୟ ଉପରେ ସୁପ୍ରିମ୍‌କୋର୍ଟ ରୋକ୍ ଲଗାଇଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ କୌଣସି ପ୍ରକାର ଜୁଲମ୍ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଯଦିଓ ମନ୍ଦିର ଭିତରୁ ସେମିତି ଆଗଭଳି ଅଭିଯୋଗ ଜଣାପଡୁନାହିଁ କିନ୍ତୁ ବାହାରେ ଭକ୍ତଙ୍କୁ ଜୁଲମ୍ କରାଯାଉଛି। କେତେକ ବ୍ୟକ୍ତି ନିଜକୁ ସେବକ ପରିଚୟ ଦେଇ ଶ୍ରୀମନ୍ଦିର ଆଖପାଖରେ ବୁଲୁଛନ୍ତି ଏବଂ ସୁଯୋଗ ଦେଖି ଭକ୍ତଙ୍କୁ ଜୁଲମ୍ କରୁଛନ୍ତି। ଗୁରୁବାର ଦକ୍ଷିଣାକୁ ନେଇ ସିଂହଦ୍ୱାର ଚକଡ଼ାରେ ଭକ୍ତ ଓ ଜଣେ ଅଣସେବକ ହାତହାତି ହୋଇଛନ୍ତି। ସମ୍ପୃକ୍ତ ଅଣସେବକ ଦକ୍ଷିଣା ପାଇଁ ଭକ୍ତଙ୍କୁ ଜୁଲମ୍ କରିବାରୁ ଏଭଳି ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ପୋଲିସ ଉଭୟଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଶେଷରେ ଭକ୍ତ ଏବଂ ସମ୍ପୃକ୍ତ ଅଣସେବକଙ୍କୁ ଧରି ନେଇଥିଲା।


ସିଂହଦ୍ୱାର ଚକଡ଼ାରେ ଭକ୍ତ ଓ ଜଣେ ଅଣସେବକଙ୍କ ମଧ୍ୟରେ ପାଟିତୁଣ୍ଡ ଚାଲିଛି।

ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା। ସିଂହଦ୍ୱାର ନିକଟ ପାଦ ପ୍ରକ୍ଷାଳନରେ ହଠାତ୍ ହୋ ହଲ୍ଲା ଶୁଭିଲା। ଜଣେ ଅଣସେବକଙ୍କ ସହ ୩ ଜଣ ଭକ୍ତ (ଜଣେ ମହିଳା ଓ ୨ ପୁରୁଷ) ପାଟିତୁଣ୍ଡ କରୁଥିଲେ। ଏହାପରେ ସେମାନେ ଠେଲାପେଲା ହୋଇ ସିଂହଦ୍ୱାର ଚକଡ଼ାକୁ ଆସିଲେ। ସମ୍ପୃକ୍ତ ଅଣସେବକ ଦର୍ଶନ କରାଇଦେବାକୁ କହି ଦକ୍ଷିଣା ମାଗିବା ବାହାନାରେ ତାଙ୍କ ଟଙ୍କା ଛଡ଼ାଇ ନେଇଥିବା ଭକ୍ତମାନେ କହୁଥିଲେ। ଅନ୍ୟପକ୍ଷରେ ଅଣସେବକ ଜଣଙ୍କ ଶ୍ରଦ୍ଧାଳୁଙ୍କ ଆଡ଼କୁ ହାତ ବଢାଇ ମୋ ଟଙ୍କା ଦିଅ ବୋଲି ବଡ଼ ପାଟିରେ କହୁଥିଲେ। ପ୍ରକୃତ ପ୍ରସଙ୍ଗ କ'ଣ ଜଣାପଡି ନ ଥିବାବେଳେ ହଠାତ୍ ସେମାନଙ୍କ ମଧ୍ୟରେ ଠେଲାପେଲା ଏପରି କି ହାତାହାତି ହୋଇଥିଲା। ମହିଳା ଭକ୍ତଙ୍କ ହାତକୁ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ମାଡ଼ି ବସିଥିଲେ। ଶ୍ରଦ୍ଧାଳୁମାନେ ଘଟଣା ସମ୍ପର୍କରେ ଜାଣିବା ପାଇଁ ସେଠାରେ ଘେରି ଯାଇଥିଲେ। ଫଳରେ କିଛି ସମୟ ପାଇଁ ସିଂହଦ୍ୱାର ଚକଡ଼ାରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ସେଠାରେ ଥିବା ସେବକ ଓ ଯାତ୍ରୀ ଗୁମାସ୍ତା ପାଟିତୁଣ୍ଡ କରିଥିବା ବ୍ୟକ୍ତି ଜଣଙ୍କୁ ଜଣେ ଅଣସେବକ ବୋଲି ପୋଲିସକୁ କହିଥିଲେ। ଏହାପରେ ପୋଲିସ ସେମାନଙ୍କୁ ଧରି ନେଇଥିଲା।

# ୧୨୩ କୋଟି ଟଙ୍କା ଜିଏସ୍‌ଟି ଠକେଇ

## କାଗଜପତ୍ରରେ ହୋଇଥିଲା ୧୧୮୦ କୋଟିର କିଣାବିକା, ୨ ଗିରଫ

**କଟକ ଅଫିସ ୨୩।୧**

ସାମଗ୍ରୀ କିଛି କିଣାବିକା ନ ହୋଇ କାଗଜରେ ୧୧୮୦ କୋଟି ଟଙ୍କାର କାରବାର ଦର୍ଶାଯାଇଛି। ଜାଲ୍ କାଗଜପତ୍ର ମାଧ୍ୟମରେ କୋଟି କୋଟି ଟଙ୍କାର ବ୍ୟବସାୟ ଦେଖାଇ ୧୨୩ କୋଟି ଟଙ୍କାର ଜିଏସ୍‌ଟି ଠକେଇ କରିଛନ୍ତି ବ୍ୟବସାୟୀ। ଏହି ଅସାଧୁ ବ୍ୟବସାୟୀମାନେ ୨୮ଟି ଜାଲ୍ ବ୍ୟବସାୟ ପ୍ରତିଷ୍ଠାନ ଜରିଆରେ ୪୯୩ କୋଟି ଟଙ୍କାର ଦ୍ରବ୍ୟ କିଣିଥିବା ଏବଂ ୬୮୭ କୋଟି ଟଙ୍କାରେ ବିକ୍ରୟ କରିଥିବା ଜାଲ ବିଲ୍‌ରେ ଦର୍ଶାଇଛନ୍ତି। ତେବେ ବୁଧବାର ରାଜ୍ୟ ସରକାରଙ୍କ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ବିଭାଗ ଏହି ଘଟଣାରେ ରାଉରକେଲାର ୨ଜଣ ଅସାଧୁ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ରାଉରକେଲାର ଅମିତ ବେରିୱାଲ୍ (ଜି.ଏସ୍. ୟୁନିଟ୍ରେଡେ, ସିଭିଲ ଟାଉନ୍‌ଶିପ୍‌ର ମାଲିକ), ରାଉରକେଲା ବାସନ୍ତୀ କଲୋନୀର ସୁବାସ ଚନ୍ଦ୍ର ସ୍ୱାଇଁ (ବିବି ଆସୋସିଏଟ୍‌ର ମାଲିକ)। ଅମିତ ଓ ସୁବାସ ଉଭୟ ଏହି ଠକେଇର ମୁଖ୍ୟ କାର୍ପଟଦାର ବୋଲି ଏନଫୋର୍ସମେଣ୍ଟ ବିଭାଗ ସୂଚନା ଦେଇଛି। ଏନଫୋର୍ସମେଣ୍ଟ ବିଭାଗ ପ୍ରାୟ ୨ମାସ ଧରି ଉଭୟଙ୍କ ଉପରେ ନଜର ରଖିଥିଲା। ସବିଶେଷ ପ୍ରମାଣ ମିଳିବା ପରେ ବୁଧବାର ରାଉରକେଲାର ୩୫ଟି ସ୍ଥାନରେ ଚଢାଉ କରି ଉଭୟଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଗୁରୁବାର ରାଉରକେଲା ଜେଏମ୍‌ଏଫ୍‌ସିରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍ ପଠାଯାଇଥିବା ବାଣିଜ୍ୟକର ଓ ଜିଏସ୍‌ଟି କମିଶନର ସୁଶୀଲ କୁମାର ଲୋହାନୀ ଗୁରୁବାର ବାଣିଜ୍ୟକର ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଅମିତ ଓ ସୁବାସ କିଛି ଗୃହିଣୀ, କ୍ରେନ୍ ଚାଳକ, ଟାକ୍ସି ଚାଳକ, ପାନ ଦୋକାନୀ, ଦିନମଜୁରିଆ, ଘରୋଇ ଶିକ୍ଷକ ଓ ବେକାର ଯୁବକଙ୍କୁ ରୋଜଗାର ଦେବା ଆଳରେ ସେମାନଙ୍କଠାରୁ ଆଧାରକାର୍ଡ଼, ପାନକାର୍ଡ଼, ବ୍ୟାଙ୍କ ଖାତା ନମ୍ବର, ଫଟୋ ଆଦି ସଂଗ୍ରହ କରି ୨୮ଟି ଜାଲ କମ୍ପାନୀ ନାମରେ ଜିଏସ୍‌ଟି ପଞ୍ଜୀକରଣ କରିଥିଲେ। ଏପରି କି ସେମାନଙ୍କ ବ୍ୟାଙ୍କ ଖାତା ଅଭିଯୁକ୍ତମାନେ ଚଳାଉଥିଲେ ଓ ଏକ ବ୍ଲାଙ୍କ ଚେକ୍‌ବୁକ୍‌ରେ ସେମାନଙ୍କ ଦସ୍ତଖତ କରି ଏମାନେ ବ୍ୟବହାର କରୁଥିଲେ। ଏହି କମ୍ପାନୀ ସବୁ ଲୁହା ବ୍ୟବସାୟ କରୁଥିବା ଦର୍ଶାଯାଇଥିବାବେଳେ ସେମାନେ ରାଜ୍ୟ ବାହାରେ ଏହାକୁ ବିକ୍ରି କରିଥିବା ଜିଏସ୍‌ଟି କାଗଜପତ୍ରରେ ଦର୍ଶାଇଥିଲେ। ମାତ୍ର ପ୍ରକୃତରେ କୌଣସି ସାମଗ୍ରୀ କ୍ରୟ କିମ୍ବା ବିକ୍ରୟ ହୋଇ ନ ଥିବାବେଳେ ସେମାନେ ଏହି ୨୮ଟି କମ୍ପାନୀର ବିଲ୍ ଜରିଆରେ କୋଟି କୋଟି ଟଙ୍କାର ଇନ୍‌ପୁଟ୍ ଟାକ୍ସ ଦର୍ଶାଇଥିଲେ। ପରେ ଏହାକୁ ବାହାର ରାଜ୍ୟର ବ୍ୟବସାୟୀଙ୍କୁ ହସ୍ତାନ୍ତର କରିଥିଲେ। ପରେ ଏହା ମାଧ୍ୟମରେ ଚୋରା ସାମଗ୍ରୀକୁ ବୈଧ ରୂପେ ବିକ୍ରି କରୁଥିଲେ। ଅନ୍ୟପକ୍ଷରେ ଓଡ଼ିଶାର ଏହି କମ୍ପାନୀଗୁଡିକ ବାହାର ବ୍ୟବସାୟୀଙ୍କଠାରୁ ସଲାସୁତରାରେ ଜିଏସ୍‌ଟି ଅର୍ଥ ହାତେଇଥିଲେ ମଧ୍ୟ ସରକାରଙ୍କୁ ଟାକ୍ସ ଦେଇ ନ ଥିଲେ। ଉକ୍ତ ବ୍ୟବସାୟକୁ ଯଥାର୍ଥ ଦର୍ଶାଇବା ଲାଗି ଅଭିଯୁକ୍ତମାନେ କିଛି ବ୍ୟାଙ୍କରେ ଏହିସବୁ ପ୍ରତିଷ୍ଠାନ ନାମରେ ଥିବା ଜମାଖାତାରେ କୋଟିକୋଟି ଟଙ୍କାର କାରବାର କରିଥିଲେ। ତେବେ ଗିରଫ ଅଭିଯୁକ୍ତ ବ୍ୟବସାୟୀଙ୍କଠାରୁ ଟ୍ୟାକ୍ସ ଅର୍ଥ ସହ ଜରିମାନା ଆଦାୟ ପାଇଁ ପଦକ୍ଷେପ ନିଆଯାଉଛି। ଏଥିସହିତ ବାହାର ରାଜ୍ୟରେ ଏହି ଠକେଇରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରିବା ଲାଗି ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି କମିଶନର ଲୋହାନୀ କହିଛନ୍ତି। କିଛିମାସ ତଳେ ଏହିପରି ଭାବେ ୧୩୮ କୋଟି ଟଙ୍କାର ଜିଏସ୍‌ଟି ଠକେଇ କରି ୪ଜଣ ଗିରଫ ହୋଇଥିଲେ। ସେମାନଙ୍କ ଭିତରୁ ୨ଜଣ ମୁଖ୍ୟ ଅଭିଯୁକ୍ତ ରାଉରକେଲାର ଥିଲେ। ଗିରଫ ୨ଜଣଙ୍କୁ ମିଶାଇ ମୋଟ୍ ୭ଜଣଙ୍କୁ ଏପରି ଠକେଇ ଅଭିଯୋଗରେ ଗିରଫ କରାଯାଇଛି।

### କେମିତି ସନ୍ଦେହ ଘେରକୁ ଆସିଲେ

ଦୀର୍ଘଦିନ ହେବ ରାଜ୍ୟ ସରକାରଙ୍କ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ବିଭାଗ ଏହିଭଳି ଜାଲ ଟିକସ ଠକେଇ ଉପରେ ନଜର ରଖିଥିଲା। ତେବେ ରେଜିଷ୍ଟ୍ରେଶନ ହୋଇଥିବା ୨୮ଟି ଡିଲର ଓଡ଼ିଶାର ବିଭିନ୍ନ ଜିଲାର ହୋଇଥିବାବେଳେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ରାଉରକେଲାର ୨ଟି ବ୍ୟାଙ୍କ ଶାଖାରେ ରହିଥିଲା। ତେଣୁ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ସନ୍ଦେହ ସୃଷ୍ଟି ହୋଇଥିଲା। ଏ ନେଇ ଅଧିକ ତଦନ୍ତ କରିବାରୁ ଏହି ସମସ୍ତ ବ୍ୟାଙ୍କ ଖାତା ୨ଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତି ହିଁ ବ୍ୟବହାର କରୁଥିବା ଜଣାପଡିଥିଲା। ଏହାପରେ ତାଙ୍କୁ ଚିହ୍ନଟ କରାଯାଇ ପ୍ରାୟ ୨୮ଟି ଡିଲର ଉପରେ ଚଢାଉ କରାଯାଇଥିଲା। ସେମାନଙ୍କ କମ୍ପ୍ୟୁଟର ଜବତ କରାଯାଇ ଯାଞ୍ଚ କରାଯିବାରୁ ଠକେଇର ସବିଶେଷ ତଥ୍ୟ ମିଳିଥିଲା। ଏନେଇ ତାଙ୍କୁ ଗିରଫ କରାଯାଇଥିଲା।

### ଲୋକେ ସଚେତନ ହେବା ଆବଶ୍ୟକ

ବିଭିନ୍ନ ସମୟରେ କେତେଜଣ ଅସାଧୁ ବ୍ୟକ୍ତି ସାଧାରଣ ଲୋକଙ୍କୁ ରୋଜଗାରର ଲୋଭ ଦେଖାଉଛନ୍ତି। ଚାକିରି କରାଇଦେବା କିମ୍ବା ଟଙ୍କା ଦେବା ଲୋଭ ଦେଖାଇ ସେମାନଙ୍କ ନିକଟରୁ ପାନ୍‌କାର୍ଡ, ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ, ଫଟୋ ଆଦି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନେଉଛନ୍ତି। ପରେ ସେମାନେ ଏହାକୁ ବ୍ୟବହାର କରି ସେମାନଙ୍କ ନାଁରେ ଜାଲ ଡିଲରଶିପ ଖୋଲୁଛନ୍ତି ଓ ଏଥିରେ କୋଟି କୋଟି ଟଙ୍କାର ନେଣଦେଣ କରୁଛନ୍ତି। ଏମିତିକି ସେମାନଙ୍କ ବ୍ୟାଙ୍କ ଖାତା ନିଜ ନିୟନ୍ତ୍ରଣରେ ରଖୁଛନ୍ତି, ଯେଉଁଥିପାଇଁ ସାଧାରଣ ଲୋକଟି ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ଲୋକେ ଏଥିପ୍ରତି ସଚେତନ ହେବା ଅତ୍ୟନ୍ତ ଆବଶ୍ୟକ।

# ଆବର୍ଜନାରୁ ଇନ୍ଧନ ବାହାର କରିବ ପୂର୍ବତଟ ରେଳପଥ

- ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାରେ ପଲିକ୍ରାକ୍ ପ୍ଲାଣ୍ଟ ଉଦ୍‌ଘାଟିତ
- ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କରିବାରେ ଦେଶର ପ୍ରଥମ ସରକାରୀ ପ୍ରକଳ୍ପ

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ବର୍ଜ୍ୟବସ୍ତୁ ପରିଚାଳନା ଓ ଅପସାରଣ କ୍ଷେତ୍ରରେ ଇତିହାସ ରଚିଛି ପୂର୍ବତଟ ରେଳପଥ। ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଦେଶର ପ୍ରଥମ ସରକାରୀ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି। ଗୁରୁବାର ପୂର୍ବତଟ ରେଳପଥର ମଞ୍ଚେଶ୍ୱରସ୍ଥିତ ରେଳଡବା ମରାମତି କାରଖାନାଠାରେ ରେଳବୋର୍ଡ ସଦସ୍ୟ (ରୋଲିଂ ଷ୍ଟକ୍) ରାଜେଶ ଅଗ୍ରୱାଲ, ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏବଂ ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି।

ନୂତନ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ବର୍ଜ୍ୟବସ୍ତୁରୁ ଇନ୍ଧନ ଉତ୍ପାଦନ ପ୍ଲାଣ୍ଟ ଭାରତୀୟ ରେଲୱେରେ ପ୍ରଥମ ଏବଂ ଦେଶରେ ଚତୁର୍ଥ ପ୍ଲାଣ୍ଟ। ଏହାକୁ ପଲିକ୍ରାକ୍ ପଦ୍ଧତି କୁହାଯାଉଥିବାବେଳେ ଏହା ବିଶ୍ୱର ପ୍ରଥମ 'ପ୍ୟାଟେଣ୍ଟେଡ୍ ହେଟେରୋଜିନିୟସ୍ କାଟାଲିଟିକ୍ ପ୍ରୋସେସ୍', ଯାହା ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁକୁ ହାଇଡ୍ରୋକାର୍ବନ ତରଳ ଇନ୍ଧନ, ଗ୍ୟାସ୍, କାର୍ବନ ଏବଂ ଜଳରେ ରୂପାନ୍ତରିତ କରିଥାଏ। ରେଳଡବା ମରାମତି କାରଖାନାରୁ ବହୁ ଅଣଲୌହ ଓ ଧାତବ ବର୍ଜ୍ୟବସ୍ତୁ ଉତ୍ପନ୍ନ ହେଉଥିଲେ ମଧ୍ୟ ଏହାର ପରିଚାଳନା ପାଇଁ ଆଗରୁ କୌଣସି ପଦ୍ଧତି ନ ଥିଲା। ଏହି ପ୍ଲାଣ୍ଟ ପ୍ରତିଷ୍ଠା ହେବା ଦ୍ୱାରା ପ୍ଲାଷ୍ଟିକ, ପେଟ୍ରୋଲଜାତ ଆବର୍ଜନା, ଇ-ୱେଷ୍ଟ, ଗାଡ଼ିମୋଟର ଆବର୍ଜନା, ଅର୍ଗାନିକ ୱେଷ୍ଟ ଭଳି ଆବର୍ଜନାକୁ ବ୍ୟବହାର କରାଯାଇ ଇନ୍ଧନ ସୃଷ୍ଟି କରାଯାଇପାରିବ। ସବୁଠାରୁ ବଡ଼କଥା ହେଲା, ଏହି ପ୍ରଣାଳୀରେ ମିଶ୍ରିତ ବର୍ଜ୍ୟବସ୍ତୁକୁ ଅଲଗା ଅଲଗା ନ କରି ମଧ୍ୟ ପଲିକ୍ରାକ୍ ପ୍ଲାଣ୍ଟରେ ସିଧାସଳଖ ପ୍ରକ୍ରିୟାକରଣ କରିହେବ। ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରାଯାଇ ୨୪ ଘଣ୍ଟା ମଧ୍ୟରେ ଇନ୍ଧନ ସୃଷ୍ଟି କରାଯାଇପାରିବ। ଏହା ବିଶ୍ୱରେ ପ୍ରଚଳିତ ପ୍ରଦୂଷଣ ମାନଦଣ୍ଡ ମଧ୍ୟରେ କାର୍ଯ୍ୟ କରୁଥିବାବେଳେ ଏଥିରେ ଅପେକ୍ଷାକୃତ କମ୍ ବାୟୁମଣ୍ଡଳ ପ୍ରଦୂଷଣ ହୋଇଥାଏ। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏହି ପ୍ରଣାଳୀ ୨୦୦୭ରୁ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଏବଂ ଅନ୍ତଃରାଷ୍ଟ୍ରୀୟସ୍ତରରେ ବହୁବାର ପୁରସ୍କୃତ ହୋଇଛି। ୨ କୋଟି ଟଙ୍କା ବ୍ୟୟରେ ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାରେ ନିର୍ମିତ ଏହି ପ୍ରକଳ୍ପ ମାତ୍ର ୩ ମାସ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ମଞ୍ଚେଶ୍ୱର ରେଳଡବା ମରାମତି କାରଖାନା ଏବଂ ଭୁବନେଶ୍ୱର ଷ୍ଟେଶନରେ ଥିବା କୋଚିଂ ଡିପୋ ସହିତ ଷ୍ଟେଶନର ସମସ୍ତ ପ୍ରକାର ବର୍ଜ୍ୟବସ୍ତୁ ଏହି ପ୍ଲାଣ୍ଟ ଦ୍ୱାରା ପ୍ରକ୍ରିୟାକରଣ ହେବ। ପୂର୍ବତଟ ରେଳପଥର ଏହି ପ୍ଲାଣ୍ଟ ଥରକୁ ୫୦୦ କିଲୋଗ୍ରାମ ବର୍ଜ୍ୟବସ୍ତୁ ପରିଚାଳନା କ୍ଷମତା ରଖିଛି। ଏଥିପାଇଁ ବାର୍ଷିକ ୧୦.୪ ଲକ୍ଷ ଟଙ୍କା ପରିଚାଳନା ବାବଦରେ ଖର୍ଚ୍ଚ ହେବାକୁ ଥିବାବେଳେ ୧୭.୫ ଲକ୍ଷ ଟଙ୍କା ଆୟ କରିବାକୁ ଲକ୍ଷ୍ୟ ରଖାଯାଇଛି।


ପ୍ରକଳ୍ପ ସମ୍ମୁଖରେ ବିଭାଗୀୟ ଅଧିକାରୀମାନେ।

# ଜଳପଥ ଦେଇ ପଶୁଛନ୍ତି ବାଂଲାଦେଶୀ ରୂପଜୀବୀ

- ବାଲେଶ୍ୱର, କେନ୍ଦ୍ରାପଡ଼ା ଦେଇ ହେଉଛି ଅନୁପ୍ରବେଶ
- ଫିଟୁଛି ବାଂଲା ସେକ୍ସ ର୍ୟାକେଟ ଗୁମର

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ଓଡ଼ିଶାରେ ବାଂଲା ସେକ୍ସ ର୍ୟାକେଟ ଧରାପଡ଼ିବା ପରେ ବାଂଲାଦେଶୀ ରୂପଜୀବୀ ଚାଲାଣ ରାକେଟର ବଡ଼ ଗୁମର ଫିଟିଛି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଓ କମିଶନରେଟ ପୋଲିସ ମିଳିତ ଭାବେ ମାମଲାର ତଦନ୍ତ କରୁଥିବାବେଳେ ମିଳୁଥିବା ନୂଆ ନୂଆ ତଥ୍ୟ ଅଧିକାରୀଙ୍କୁ ଚକିତ କରିଦେଉଛି। ବାଂଲାଦେଶରୁ ଓଡ଼ିଶାକୁ କିଭଳି ଭାବେ ରୂପଜୀବୀମାନେ ଆସୁନ୍ତି ଓ ସେମାନଙ୍କୁ କିଏ ଆଣୁଛନ୍ତି ତାହାର ତଦନ୍ତ ଚାଲିଛି। ସେକ୍ସ ର୍ୟାକେଟର କିଙ୍ଗପିନ୍ ଅଞ୍ଜଳି ଦିଦି ଓରଫ ରୁକ୍‌ସାର ବେଗମ୍ ଓ ସ୍ୱାମୀ ସେକ୍ ଇବ୍ରାହିମ୍ ଖାନ୍ ଧରାପଡ଼ିବା ପରେ ଅନ୍ତଃରାଷ୍ଟ୍ରୀୟ ରୂପଜୀବୀ ଓ ଯୁବତୀ ଚାଲାଣର ସୁରାକ ପାଇଛି ଏସ୍‌ଟିଏଫ୍। ବାଂଲାଦେଶରେ ଥିବା ଅଞ୍ଜଳିଙ୍କ ଭଉଣୀ ଓ ଭିଣୋଇ ଯୁବତୀମାନଙ୍କୁ କଲିକତା ପଠାଉଥିଲେ। ସେଠାରୁ ଓଡ଼ିଶା ଆଣିବାରେ ଓବ୍ରାହିମ୍ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ପୁରୁଣା ଭୁବନେଶ୍ୱର ରଥରୋଡ୍‌ରୁ ଧରାପଡ଼ିଥିବା ୬ ରୂପଜୀବୀଙ୍କୁ ସଟ୍ ଷ୍ଟେ' ହୋମ୍‌ରେ ରଖି ପଚରାଉଚରା ଚାଲିଛି। ସେମାନଙ୍କ ନକଲି ଆଧାରକାର୍ଡ, କିଛି ବ୍ୟାଙ୍କ୍ ପାସ୍‌ବୁକ୍ ଓ ଅନ୍ୟ କେତେକ କାଗଜପତ୍ର ଜବତ ଅଧିକ ତଦନ୍ତ କରୁଛି ଏସ୍‌ଟିଏଫ। ରୂପଜୀବୀଙ୍କୁ ପଚରାଉଚରା କରିବା ପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ସେମାନଙ୍କୁ ଅଞ୍ଜଳି ଦିଦିଙ୍କ ଭଉଣୀ ଓ ଭିଣୋଇ ଚାକିରି କରାଇ ଦେବାକୁ କହି ଘରୁ ପଠାଇଥିଲେ। ୪ଜଣ ଦଲାଲଙ୍କ ସହାୟତାରେ କେତେଜଣ ସୀମା ଦେଇ କଲିକତା ଓ ତା'ପରେ ଭୁବନେଶ୍ୱର ଆସିଥିଲେ। କାଗଜପତ୍ର ସମସ୍ୟା ଉପୁଜିବାରୁ ଆଉ କେତେଜଣଙ୍କୁ ଜଳପଥ ଦେଇ ଓଡ଼ିଶାରେ ପ୍ରବେଶ କରାଇଥିଲେ। କେତେଜଣ ବୋଟ୍ ଯୋଗେ ବାଲେଶ୍ୱର ଓ ଆଉ କେତେଜଣ କେନ୍ଦ୍ରାପଡ଼ାରେ ଓହ୍ଲାଇବା ପରେ ସେଠାରୁ ଭୁବନେଶ୍ୱର ଅଣାଯାଇଥିଲା ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଛି।




# କଲେଜ ପରିଚାଳନା କମିଟିରୁ ବାଦ୍‌ପଡ଼ିବେ ରାଜନେତା

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ଏବେ କଲେଜ ପରିଚାଳନା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ଉଦ୍ୟମ ଆରମ୍ଭ କରିଛି। କଲେଜ ପରିଚାଳନା କମିଟିରେ ସ୍ଥାନୀୟ ବିଧାୟକ କିମ୍ବା ରାଜନେତାମାନେ ସ୍ଥାନ ପାଇବେ ନାହିଁ । ଗୁରୁବାର ଓଡ଼ିଶା ଅଭିଭାବକ ମହାସଂଘର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସାହୁ ଏକଥା କହିଛନ୍ତି। କେବଳ ଶିକ୍ଷାବିତ୍‌ମାନଙ୍କୁ ଏଥିରେ ନିଯୁକ୍ତି ଦିଆଯିବ। ଉଚ୍ଚଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଏବଂ ପରିଚାଳନା ଦକ୍ଷତା ଥିବା ବ୍ୟକ୍ତିଙ୍କୁ ଏହି କମିଟିରେ ସଭାପତି ଭାବେ ନିଯୁକ୍ତି ଦିଆଯିବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ କରାଯିବ। ଏହାଦ୍ୱାରା କଲେଜ ପରିଚାଳନା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆସିବା ସହ ଉଚ୍ଚଶିକ୍ଷା ସୁଦୃଢ ହୋଇ ପାରିବ ବୋଲି ମନ୍ତ୍ରୀ କହିଛନ୍ତି।

ଅପରପକ୍ଷେ ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ କଲେଜଗୁଡିକର ଅଧ୍ୟାପକମାନେ ଆଉ ଘରୋଇ ଟ୍ୟୁସନ କରି ପାରିବେନାହିଁ। କୌଣସି କୋଚିଂ ସେଣ୍ଟରକୁ ଯାଇ ପାଠ ପଢ଼ାଇ ପାରିବେ ନାହିଁ। ଯେଉଁମାନେ ଏଭଳି କରୁଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି। ଅଧ୍ୟାପକମାନେ ଟ୍ୟୁସନ୍‌ରେ ବ୍ୟସ୍ତ ରହୁଥିବା ଯୋଗୁ ପାଠ ପଢାରେ ବ୍ୟାହତ ସୃଷ୍ଟି ହେଉଛି। କେତେକ ଶିକ୍ଷକ ଘରୋଇ କଲେଜରେ ଅଧିକ ଧ୍ୟାନ ଦେଉଛନ୍ତି। ୧୯୯୨ ଶିକ୍ଷା ଆଇନରେ ଘରୋଇ ଟ୍ୟୁସନ ନ କରିବାକୁ ବ୍ୟବସ୍ଥା ରହିଥିଲେ ମଧ୍ୟ କେତେକ ଅଧ୍ୟାପକ ଘରୋଇ କଲେଜ ଓ କୋଚିଂ ସେଣ୍ଟରରେ ପାଠ ପଢାଉଛନ୍ତି। ଏ ନେଇ ପୂର୍ବରୁ ମଧ୍ୟ ତାଗିଦ୍ କରାଯାଇଛି। ତେବେ ଏହାର କିଛି ଫରକ ପଡୁ ନାହିଁ। ଏଣିକି ଆଇନକୁ କଡାକଡି ଭାବେ ପାଳନ କରାଯିବ ବୋଲି ମନ୍ତ୍ରୀ ସାହୁ କହିଛନ୍ତି।



**କିଛି ତଥ୍ୟ**
ଚତୁର୍ଥ ପର୍ଯ୍ୟାୟ ଓପନମାର୍କେଟ ଅପରେଶନ(ଓଏମ୍ଓ) ନିଲାମୀରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ୧୦ ହଜାର କୋଟି ଟଙ୍କାର ଦୀର୍ଘ ମିଆଦି ସିକ୍ୟୁରିଟି କ୍ରୟ କରାଯାଇଥିବା ୨୯୫୦ କୋଟି ଟଙ୍କାର ସ୍ୱଳ୍ପ ମିଆଦୀ ସରକାରୀ ବଣ୍ଡ ବିକ୍ରି କରାଯାଇଛି।
– ଆର୍‌ବିଆଇ

**ଆଜିର ମନ୍ତବ୍ୟ**
ବିଶ୍ୱର ଅନ୍ୟ କୌଣସି ସ୍ଥାନ ଅପେକ୍ଷା ଭାରତରେ ମୁସ୍‌ଲିମମାନେ ଅଧିକ ସୁରକ୍ଷିତ।
–ପୀୟୁଷ ଗୋୟଲ, କେନ୍ଦ୍ରମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଂଶୁମାନ ପରିବାରବର୍ଗ


ଅର୍ପିତା ଦାସ ପରିବାରବର୍ଗ


ଦେବାଶୀଷ ପରିବାରବର୍ଗ


ଲିନ୍‌ସୀ ପରିବାରବର୍ଗ


ସାଇ ଶୁଭମ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମାର୍ଚ୍ଚରୁ ପିଏମ୍‌ଜିଏସ୍‌ୱାଇ–୩

■ ନିର୍ମାଣ ହେବ ସ୍କୁଲ, ଗ୍ରାମ୍ୟ କୃଷି ବଜାର, ଡାକ୍ତରଖାନାକୁ ରାସ୍ତା ସଂଯୋଗ ହେବ
■ ଫେବୃୟାରୀ ୨୫ ସୁଦ୍ଧା ଜିପି ରାସ୍ତା ପ୍ରକଳ୍ପ ଅନୁମୋଦନ ହେବ
■ ୧.୨୫ ଲକ୍ଷ କି.ମି. ରାସ୍ତା ନିର୍ମାଣ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ରାଜ୍ୟ ସରକାର ସମସ୍ତ ସ୍କୁଲ ଓ ଗ୍ରାମାଞ୍ଚଳରେ ଥିବା ହସ୍ପିଟାଲଗୁଡ଼ିକୁ ରାସ୍ତା ସଂଯୋଗ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ରାସ୍ତାଗୁଡ଼ିକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)–୩ରେ ଅନ୍ତର୍ଭୁକ୍ତ କରାଯିବ।

ମିଳିଥିବା ସୂଚନା ଅନୁଯାୟୀ ପିଏମ୍‌ଜିଏସ୍‌ୱାଇ–୩ ଚଳିତବର୍ଷ ମାର୍ଚ୍ଚ ମାସରୁ ଆରମ୍ଭ ହେବ। ଏହି ଯୋଜନା ଅଧୀନରେ ଗ୍ରାମୀଣ କୃଷି ବଜାର, ଉଚ୍ଚ ମାଧ୍ୟମିକ ସ୍କୁଲ ଏବଂ ହସ୍ପିଟାଲଗୁଡ଼ିକ ପାଇଁ ରାସ୍ତା ନିର୍ମାଣ କରାଯିବ। ରାସ୍ତା ନିର୍ମାଣ ପୂର୍ବରୁ ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ(ଡିପିଆର) କରିବାକୁ ଯୋଜନା କରାଯାଇଛି। ଆସନ୍ତା ଫେବୃୟାରୀ ୨୫ ତାରିଖ ସୁଦ୍ଧା ଜିଲା ପରିଷଦ ପକ୍ଷରୁ ପ୍ରସ୍ତାବ ଦାଖଲ ଓ ଅନୁମୋଦନ ଶେଷ କରିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜିଲା ପରିଷଦ ଅନୁମୋଦନ ପାଇବା ପରେ ସମସ୍ତ ରାସ୍ତା ନିର୍ମାଣ ତାଲିକା ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରାଯିବ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଷ୍ଟାଣ୍ଡିଂ କମିଟି (ଏସ୍‌ଏଲ୍‌ଏସ୍‌ସି)ବୈଠକରେ ଫେବୃୟାରୀ ଶେଷ ସୁଦ୍ଧା ଏଥିପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାର୍ଚ୍ଚ ୪ ତାରିଖ ସୁଦ୍ଧା ଡିପିଆର ପଠାଇବାକୁ କେନ୍ଦ୍ର ସରକାର ଚୂଡ଼ାନ୍ତ ସମୟ ଧାର୍ଯ୍ୟ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ପିଏମ୍‌ଜିଏସ୍‌ୱାଇ–୩ ରାସ୍ତା ପାଇଁ ଅର୍ଥ ବରାଦ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତି ଚଳାଇଛନ୍ତି।



ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ୨୦୧୮–୧୯ ବଜେଟ ଉପସ୍ଥାପନ ବେଳେ ଘୋଷଣା କରିଥିଲେ। ୨୦୧୯ ଜୁଲାଇରେ ଏହାକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଥିଲା। ଉକ୍ତ ଯୋଜନାରେ କେନ୍ଦ୍ର ସରକାର ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ୧ ଲକ୍ଷ ୨୫ ହଜାର କିଲୋମିଟର ଲମ୍ବା ରାସ୍ତା ନିର୍ମାଣ କରିବାକୁ ପ୍ରାୟତଃ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୮୦,୨୫୦ କୋଟି ଟଙ୍କା ଖର୍ଚ୍ଚ ହେବ। କେନ୍ଦ୍ର ସରକାର ଏଥିପାଇଁ ୫୩ ହଜାର ୮୦୦ କୋଟି ଟଙ୍କା ବହନ କରିବା ବେଳେ ରାଜ୍ୟ ଗୁଡ଼ିକର ଅଂଶଧନ ରହିବ ୨୬ ହଜାର ୪୫୦ କୋଟି ଟଙ୍କା। ଏହି ପ୍ରକଳ୍ପ ୨୦୧୯–୨୦ରୁ ୨୦୨୪–୨୫ ମଧ୍ୟରେ କାର୍ଯ୍ୟକାରୀ ହେବ। ଏଥିରେ ୮ଟି ଉତ୍ତର ପୂର୍ବ ରାଜ୍ୟ ଏବଂ ୩ଟି ହିମାଳୟ ପାର୍ବତ୍ୟ ରାଜ୍ୟ (ଜାମ୍ମୁ–କଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ)ଗୁଡ଼ିକର ଅଂଶଧନ ୯୦:୧୦ ରହିବ। ପିଏମ୍‌ଜିଏସ୍‌ୱାଇ–୧ ଏବଂ ପିଏମ୍‌ଜିଏସ୍‌ୱାଇ–୨ରେ କେନ୍ଦ୍ର ସରକାର ୧୬ ହଜାର ୫୫୦ କୋଟି ଟଙ୍କାର ୬୫ ହଜାର ୩୪୧ କି.ମି. ରାସ୍ତା ନିର୍ମାଣ ପ୍ରକଳ୍ପକୁ ଅନୁମୋଦନ କରିଥିଲେ। ସେଥିରୁ ୨୦୧୯ ଡିସେମ୍ବର ମଧ୍ୟରେ ୧୪ ହଜାର ୨୧୨ ପ୍ରକଳ୍ପ ଅଧୀନ ୫୬ ହଜାର କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଅବଶିଷ୍ଟ ୨,୩୩୮ ରାସ୍ତା ନିର୍ମାଣ ପ୍ରକଳ୍ପ ବିଭିନ୍ନ ପର୍ଯ୍ୟାୟରେ ରହିଛି। ସେହି ପ୍ରକଳ୍ପ ଅଧୀନରେ ୧୭,୦୭୯ ଯୋଗ୍ୟ ବିବେଚିତ ଜନବସତି ମଧ୍ୟରୁ ୭୯୮ ଜନବସତିକୁ ଏ ପର୍ଯ୍ୟନ୍ତ ଯୋଗାଯୋଗ କରାଯାଇ ନାହିଁ।

ପ୍ରଥମ ପୃଷ୍ଠାରୁ...

## ଫେବୃୟାରୀ ୫ରେ...

ଦିଗରେ ଆଟର୍ନି ଜେନେରାଲଙ୍କୁ ଠିକ୍ ନିର୍ଦ୍ଦେଶ ଦେବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗୃହୀତ ହୋଇଛି। ବଲାଙ୍ଗୀର ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ ଓ ସମ୍ବଲପୁର ଓକିଲ ସଂଘ ସଭାପତି ବି. ଜିତେନ୍ଦ୍ରିୟ ପ୍ରଧାନଙ୍କ ଆବାହକତ୍ୱରେ ଗୁରୁବାର ସ୍ଥାନୀୟ ସିଭିଲ କୋର୍ଟ ବାର୍ ହଲ୍‌ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଫାଇଟ୍ ଫର୍ ଲୟରସ୍ ରାଇଟ୍ ବ୍ୟାନରରେ ଅନୁଷ୍ଠିତ ଏହି ବୈଠକରେ ପଶ୍ଚିମ ଓଡ଼ିଶାର ପ୍ରାୟ ୨୩ଟି ବାର୍ ଆସୋସିଏଶନର ସଭାପତିମାନେ ଯୋଗଦେଇ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରିବାକୁ ଶପଥ ନେଇଛନ୍ତି। ଓକିଲମାନଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷା ଦେବା ପାଇଁ ଦରକାର ପଡିଲେ ସୁପ୍ରିମକୋର୍ଟକୁ ଯିବା ପାଇଁ ମଧ୍ୟ ଓକିଲମାନେ ପ୍ରସ୍ତୁତ ଅଛନ୍ତି ବୋଲି ଚେତାବନୀ ଦେଇଛନ୍ତି। ପଶ୍ଚିମ ଓଡ଼ିଶାର ଜନସାଧାରଣ ତଥା ଓକିଲମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଫଳ ହୋଇଥିବାରୁ ଏହା ସ୍ୱତନ୍ତ୍ର ରାଜ୍ୟ ସ୍ଥାପନ ଦାବିକୁ ମଜଭୁତ କରିବ ବୋଲି ବୈଠକରେ ମତପ୍ରକାଶ ପାଇଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଓକିଲ ସଂଘର ସଭାପତି ଓ ସମ୍ପାଦକମାନଙ୍କ ବିରୋଧରେ ବାର କାଉନସିଲ ଅଫ୍ ଇଣ୍ଡିଆ ନେଇଥିବା ଅଗଣତାନ୍ତ୍ରିକ ପଦକ୍ଷେପକୁ ବୈଠକରେ କଡା ନିନ୍ଦା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ୍ରାଲ ଆକ୍ସନ କମିଟିର ଆବାହକ ଅଶୋକ ଦାଶଙ୍କ ସମେତ ସୁନ୍ଦରଗଡ଼ ଜିଲା ଓକିଲ ସଂଘ ସଭାପତି ସୁରେନ୍ଦ୍ର ନାରାୟଣ ନାଏକ, ବୌଦ୍ଧ ଜିଲା ଓକିଲ ସଂଘ ସଭାପତି ତରିଣୀ ମହାପାତ୍ର, ସୋହେଲା ଓକିଲ ସଂଘ ସଭାପତି ସି. ମିଶ୍ର, ରେଢ଼ାଖୋଲ ଓକିଲ ସଂଘ ସଭାପତି ଅଭୟ କୁମାର ବୀର, କୁଚିଣ୍ଡା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ଛୁରିଆ, ପଦ୍ମପୁର ଓକିଲ ସଂଘ ସଭାପତି କିଶୋର ମେହେର, ଜଗତଭୂଷଣ ଶତପଥୀ, ନୂଆପଡା ଜିଲା ଓକିଲ ସଂଘ ସଭାପତି ପ୍ରଶାନ୍ତ ପାଢ଼ୀ, ବୀରମହାରାଜପୁର ଓକିଲ ସଂଘ ସଭାପତି ରାଧାକାନ୍ତ ମହାକୁଡ, ଝାରସୁଗୁଡ଼ା ଜିଲା ଓକିଲ ସଂଘ ସଭାପତି ସନ୍ଦୀପ ଅଗସ୍ତି, ଦେବଗଡ ଜିଲା ଓକିଲ ସଂଘ ସଭାପତି ରାଜକିଶୋର ପ୍ରଧାନ, ଲୋଇସିଂହା ଓକିଲ ସଂଘ ସଭାପତି ରାଜକିଶୋର ମିଶ୍ର, ଟିଟିଲାଗଡ଼ ଓକିଲ ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସଇଁତଳା ଓ୍ୱକିଲ ସଂଘ ସଭାପତି ଦାମୋଦର ବେହେରା, କଣ୍ଟାବାଞ୍ଜି ଓକିଲ ସଂଘ ସଭାପତି ସମୀନ ଅହମ୍ମଦ ଖାନ, ଅତାବିରା ଓକିଲ ସଂଘ ସଭାପତି ଅରବିନ୍ଦ ସୁଦାନୀ, ସୋନପୁର ଜିଲା ଓକିଲ ସଂଘ ସଭାପତି ସର୍ବେଶ୍ୱର ପୁରୋହିତ, ତରଭା ଓକିଲ ସଂଘ ସଭାପତି ହନୁମାନ ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇ ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ଏହି ବୈଠକରେ ୨୩ଟି ବାର୍ ଆସୋସିଏଶନର ସଭାପତି ଓ ସମ୍ପାଦକଙ୍କ ସମେତ ବଲାଙ୍ଗୀର ଓକିଲ ସଂଘ ସମ୍ପାଦକ ଅମନ ନାଗ, ସଭାପତି ବାସୁଦେବ ବାରିକ, ସଭ୍ୟ ଅରବିନ୍ଦ ପୂଜାରୀ, ଭବାନୀ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

## ଭିମ୍‌ସାର...

ଭିମ୍‌ସାରରେ ନବଜାତ ଓ ଶିଶୁ ରୋଗୀମାନଙ୍କ ପାଇଁ ଏକ ୯ ତାଲା ବିଶିଷ୍ଟ କୋଠା ନିର୍ମାଣ କାମ ସରିଛି। ମୁଖ୍ୟମନ୍ତ୍ରୀ ଏହି କୋଠାକୁ ଉଦ୍‌ଘାଟନ ବି କରି ସାରିଛନ୍ତି। ହେଲେ ତାହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ। ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇ ନ ଥିବାରୁ ଶିଶୁରୋଗୀମାନଙ୍କୁ ସେହି ୱାର୍ଡକୁ ସ୍ଥାନାନ୍ତର କରାଯାଇ ପାରୁ ନ ଥିବା ଭିମ୍‌ସାର ପକ୍ଷରୁ ସୂଚନା ଦିଆଯାଇଛି। ସେଥିପାଇଁ ଅନ୍ୟ ବିଭାଗରେ ଶିଶୁରୋଗୀମାନଙ୍କୁ ଚିକିତ୍ସା କରାଯାଉଛି। ଏ ସମ୍ପର୍କରେ ଭିମ୍‌ସାର ଅଧୀକ୍ଷକ ଡାକ୍ତର ଜୟଶ୍ରୀ ଡୋରା କହିଛନ୍ତି ଯେ, ଶିଶୁ ରୋଗୀମାନଙ୍କ ଚିକିତ୍ସାରେ କିଛି ସମସ୍ୟା ହେଉଛି। ହେଲେ ମୃତ୍ୟୁ ହାର ନିୟନ୍ତ୍ରଣରେ ରହିଛି। ପୂର୍ବ ମୃତ୍ୟୁହାରକୁ ଆହୁରି କିପରି କମାଯାଇ ପାରିବ ସେ ନେଇ ଚେଷ୍ଟା କରାଯିବ। ଭିମ୍‌ସାରର ଉନ୍ନତି ପାଇଁ ଏମସିଏଲ ପକ୍ଷରୁ ୫୫ କୋଟି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୨୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହି ଅର୍ଥରେ ନୂତନ ଶିଶୁ ଭବନ ନିର୍ମାଣ ପାଇଁ ମଞ୍ଜୁର ହୋଇଛି। ହେଲେ ଜମି ଅଭାବ ଯୋଗୁ ୨ ବର୍ଷ ହେଲା କାମ ଆରମ୍ଭ ହୋଇ ପାରୁନାହିଁ। ଏଦିଗରେ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ଓ ଉଦ୍‌ଘାଟିତ ହୋଇସାରିଥିବା ୯ ତାଲା ବିଶିଷ୍ଟ କୋଠାକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣ ଦାବି ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମାଧିପ କର୍ମକ୍ଷେତ୍ରକୁ ଯାଉଥିବାରୁ ଆଜି ଆପଣଙ୍କର କର୍ମତତ୍ପରତା, ବନ୍ଧୁମିଳନ, ଦୂରଯାତ୍ରାରୁ ସଫଳତା ପାଇବେ। ଅଫିସରେ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିପାରେ। ରାସ୍ତାକାମ, ଘରତିଆରି କିମ୍ବା ଯାନବାହନ, କଳକବ୍ଜା ସମ୍ବନ୍ଧୀୟ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ** ଧର୍ମାଧିପଙ୍କ ଧର୍ମଭାବ ମଣ୍ଡନରୁ ଧର୍ମକାର୍ଯ୍ୟ, ଆଧ୍ୟାତ୍ମିକତା, ସତ୍‌ସଙ୍ଗ, ଦେବାର୍ଚ୍ଚନା ସକାଶେ ମନ ବଳାଇବେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇପାରନ୍ତି। ପ୍ରିୟବ୍ୟକ୍ତି ଚିନ୍ତାଧାରା ଭିନ୍ନ ପ୍ରକାରର ରହିପାରେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ** ନବମସ୍ଥ ଶୁକ୍ର ଶିକ୍ଷା, ପରୀକ୍ଷା, ସନ୍ତାନଙ୍କ କୃତିତ୍ୱ, ଗୁରୁତ୍ୱପୂର୍ଣ୍ଣ ଆଲୋଚନାଦିରେ ସୁଫଳ ପ୍ରଦାନ କରିବ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ସ୍ଥଗିତ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହୋଇପାରିବ। ପାରିବାରିକ କ୍ଷେତ୍ରରେ ପୁରୁଣା କଥାକୁ ବେଶି ମାଜିବା ଠିକ୍ ହେବନି। ବିଶେଷ ସମସ୍ୟା ଦେଖା ନ ଦେଲେ ମଧ୍ୟ ପୁରାତନ ରୋଗର ପୀଡ଼ା ଅନୁଭବର ସୂଚନା ରହିଛି।

**କର୍କଟ** ବୃହସ୍ପତି ଦୁଃସ୍ଥାନସ୍ଥ ହୋଇ ପାପଗ୍ରହ ଯୁକ୍ତ କାରଣରୁ ଆପଣଙ୍କ ଉଦ୍ୟମ ପୂର୍ଣ୍ଣାଙ୍ଗ ହେବା କଷ୍ଟକର ହୋଇପାରେ। ମାନସିକ ସ୍ଥିରତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ କାର୍ଯ୍ୟବ୍ୟସ୍ତତା ହେତୁ ଘରେ ବିଶେଷ ସମୟ ରହିପାରିବେ ନାହିଁ। ବ୍ୟବସାୟରେ ଲାଭବାନ ହେବେ। ଯାନବାହନଜନିତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବାର ଆଶଙ୍କା ରହିଛି।

**ସିଂହ** ରବି ଓ ରାହୁଙ୍କ ସୁପ୍ରଭାବରେ ରାଜନୈତିକ ସ୍ଥିତିରେ ପ୍ରାଧାନ୍ୟତା ବୃଦ୍ଧି ପାଇବ। ଆଇନ, ଅଦାଲତରେ ରାୟ ଆପଣଙ୍କ ସପକ୍ଷରେ ଯିବ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ମଘା ନକ୍ଷତ୍ର କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**କନ୍ୟା** ଚତୁଃଗ୍ରହଙ୍କ ସ୍ଥିତି ପ୍ରଭାବରେ ଆପଣଙ୍କ ଆଲୋଚନା ଅସମ୍ପୂର୍ଣ୍ଣ ରହିବ। କାରଣ ନ ଥାଇ ପ୍ରତିଦ୍ୱନ୍ଦ୍ୱୀ ଆପଣଙ୍କୁ ଦୋଷ ଦେଇପାରନ୍ତି। ଆପଣଙ୍କ ପ୍ରତି ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବ ନାହିଁ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ସମସ୍ୟା ସୃଷ୍ଟି ହୋଇପାରେ।

**ତୁଳା** ଗ୍ରହ ସାମ୍ୟତା କାରଣରୁ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ଲାଭ କରି କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ତଥାପି ପ୍ରତ୍ୟେକ କାର୍ଯ୍ୟ ଆରମ୍ଭରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ନିଜର ଘରୋଇ କାମ ସକାଶେ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେବେ।

**ବିଛା** ଚନ୍ଦ୍ର ଓ ବୃହସ୍ପତିଙ୍କ ପ୍ରଭାବରେ ଭଲ ସମ୍ପର୍କ ରହିଥିବା ବନ୍ଧୁଟି ଆପଣଙ୍କୁ ଆଜି ନୈରାଶ୍ୟବାଣୀ ଶୁଣାଇପାରେ। ରାସ୍ତାରେ ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ବିଶେଷତଃ କଳା, ସାହିତ୍ୟ ଓ ସଂଗୀତରେ ମଧ୍ୟ ସୁନାମ ଅର୍ଜନ କରିବେ।

**ଧନୁ** ମଙ୍ଗଳଙ୍କ ଦୃଷ୍ଟି ସମ୍ବନ୍ଧରୁ ସମ୍ପର୍କହାନି,ଜମିଜମା ବିକ୍ରି, ପରିବାର ସଦସ୍ୟଙ୍କ ସହ ଯୁକ୍ତିତର୍କ ଲାଗିପାରେ। ସଭାସମିତିରେ ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। ଆଜି ଯଥା ସମ୍ଭବ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ।

**ମକର** ଚତୁର୍ଥଭାବ ପ୍ରତି କୋଣାଧିପଙ୍କ ସମ୍ପର୍କ ତର୍କବିତର୍କ ପରେ ଅଭିଳାଷକୁ ପୂରଣ କରିବାରେ ସାହାଯ୍ୟ କରିବ। ରାଶ୍ୟାଧିପଙ୍କ ସ୍ୱଗୃହ ପ୍ରତି ସୁଦୃଷ୍ଟି ହେତୁ ଶାରୀରିକ ସୁସ୍ଥତା ପୂର୍ବପରି ବଳବତ୍ତର ରହିବ। ବିସ୍ମୟକର ଖବର ପାଇ ବନ୍ଧୁଙ୍କ ପାଇଁ ମନ ଛଟପଟ ହୋଇପାରେ। ବାଣିଜ୍ୟ, କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ରାହୁଙ୍କ ପ୍ରଭାବରେ ଆପଣଙ୍କ ଚିନ୍ତାଧାରା ବଦଳିଯିବାରୁ ମନ ବିବ୍ରତ ରହିବ। କର୍ମକ୍ଷେତ୍ରରେ ଅଧିକାଂଶ ସମୟ ଡିପ୍ରେଶନ ଲାଗି ରହିବା କାରଣରୁ ନିଜକୁ ନ୍ୟୂନ ମନେ କରିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ଘଟଣା ସମ୍ପର୍କରେ ଜାଣିଥିଲେ ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଜଣେ ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବାର ସୂଚନା ରହିଛି।

**ମୀନ** ଦ୍ୱାଦଶସ୍ଥ ଶୁକ୍ର ଆପଣଙ୍କୁ ମନୋରଞ୍ଜନର ଖୁରାକି ଯୋଗାଇପାରେ ଏବଂ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। କିଛି ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ। ଆର୍ଥିକ ସ୍ଥିତି ବହୁତ ଭଲ ରହିବ ଓ ସ୍ଥଗିତ କାମ ସହଜରେ ସମ୍ପନ୍ନ ହେବାରେ ଅସୁବିଧା ରହିବ ନାହିଁ।

ଆଜି ଜାନୁୟାରୀ ୨୪ ତାରିଖ, ଜାତୀୟ କନ୍ୟା ସନ୍ତାନ ଦିବସ, ରାଷ୍ଟ୍ରୀୟ ବକ୍ସି ଜଗବନ୍ଧୁଙ୍କ ତିରୋଧାନ ଦିବସ, ଶ୍ରୀଅଭିରାମ ପରମହଂସଙ୍କ ଜୟନ୍ତୀ, ବିରଜାଦେବୀଙ୍କ ଜନ୍ମୋତ୍ସବ, ମାଘମାସର ତ୍ରିବେଣୀ ଅମାବାସ୍ୟା ଶୁକ୍ରବାର, ରାଶି ନକ୍ଷତ୍ର–ଉତ୍ତରାଷାଢ଼ା/ମକର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅମାବାସ୍ୟାର ନିଶାପାଳନ। ଦିବା ଘ୮ ।୩୯ମି. ଗତେ ଘ୧୦ ।୫୨ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭ ।୫୩ମି ଗତେ ଘ୯ ।୧୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦ ।୩୬ମି. ଗତେ ଘ୧୧ ।୫୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/-(installment/ outrightରେ) ମିଳୁଅଛି। 9937025614, 7008390130.** D-68480

Duplex for sale, 4BHK at Niladribihar gated society, price- 1.6cr, 9949368924. D-16281

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ @ **10,80,000/-, 9437033320.** D-68479

Plot for sale at Tollgate NH side 550/-, Contact: 9438183952, 8018382929. D-60867

ପୁରୀ ନିକଟସ୍ଥ **Gharabari, patta, boundarywall, electricity** ସୁବିଧାଥାଇ **sqft.920/-** ମିଳୁଅଛି। **7008067338.** D-68478

ପ୍ଲଟ୍ ବିକ୍ରିହେବ– ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

ସ୍ଥିତିବାନ୍ ଘରବାରି ପ୍ଲଟ I.G Colony ସାମନ୍ତରାୟପୁର ୨କି.ମିରେ ମିଳୁଛି। 8327774136. D-68548

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-16323

**Yellowzone sthitiban plot having boundary wall 1200sqft. 2Nos. 1500sqft. 1No. for sale near Audi Showroom service centre, Bhubaneswar. Contact: 8260114933.** D-16063

**Ready to move flat 2BR/3BR/4BR at Canal Road Jharpada with all modern facilities & well maintained society. Contact: 8908300260, 9437556876, Email- decor.realty@yahoo.in, Office: A/110, Saheed Nagar.** D-16228

Patta land at Sisupalgarh near Lingaraj Temple, Contact Hindustan Jewellers- 9437033691. D-68330

**ଭୁବନେଶ୍ୱର AIIMS Medical** ଠାରେ **30'** ରାସ୍ତାଥାଇ **yellowzone,** ଘରବାରି, **boundary plot** ମିଳୁଅଛି। **1st possesion/ registration- 9937819395.** D-68481

2BHK simplex 27,00,000/- Hanspal, Gharabari plot 300/- sqft. Atala- 9348633789. D-68649

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Litigation free, boundarywall, electricity provides plots sale @ Pahala, Hanspal, Phulnakhara, Balianta. Finance available: 9040011888, 9439471272.** D-16257

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି। sqft. 650/-, 7008045582, 9692003948. D-16254

ଭୁବନେଶ୍ୱର କଟଣୀଗେଟ୍‌ଠାରେ **Sqft.200/-,** ବାଳକାଟି ବଜାରରୁ **2k.m Sqft.550/-** (ଘରବାରି) କଟକ ତ୍ରିଶୁଳିଆରୁ **4k.m Sqft.300/-ରେ** ପ୍ଲଟ୍ ମିଳୁଛି। **9348020724, 7978939440.** D-68472

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 3,50,000. Contact: 8908492594. D-16256

ସୁନ୍ଦରପଦା– ଜଟଣୀ ରୋଡ ପ୍ରଧାନ ସାହି ଏବଂ ଜାମୁକୋଳିରେ ୩୦ଫୁଟ ରୋଡଥାଇ ଘରବାରି ପୋଜେସନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ– 7205504254, 7978554467. D-67528

ଭୁବନେଶ୍ୱର କଟଣୀଗେଟ୍‌ଠାରେ **1200sqft. 2,20,000/-,** ନଖରା ତ୍ରିନାଥ ବଜାରଠାରେ **SC plot 1200sqft. 3,44,000/- (outright), 7894433357, 9776974912.** D-68476

Residential gharabari 1742sqft. yellowzone plot-5ft. boundarywall electricity near AIIMS Hospital, Patrapada, 9937816565, 9937568585. D-68970

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452.** D-68761

**ଭୁବନେଶ୍ୱର AIIMS ନିକଟରେ Govt. roadକୁ ଲାଗି yellowzone, 30'road,** ଘରବାରି **boundary patta plot** ନିଅନ୍ତୁ। **8895757735, 8114973999.** D-68477

**GENERAL**

**PURCHASE**

Hindustan Jewellers, Bhubaneswar buy old gold at Highest Market rate at Bapuji Nagar, Contact: 9437033691. D-68331

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-16087

**healthcare**

Rejuvenate and ayurvedic full body massage by smart therapist. 9114402304. D-68946

Ayurvedic full body massage ladies and gents. Contact: 9861064981. D-68759

Refresh your body with smart and expert therapist. Contact: 8457855286. D-68962

Full body herbal massage with refreshment expert therapist. 7381239385, 06742540855. D-68963

Experience full body massage with us (expert). Call: 7377048581, 06742597822. D-68964

Herbal full body massage by smart / expert therapist. Contact: 8338067247. D-68965

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68966

Sai herbal spa refresh your body with smart, expert therapist. 7608062524. D-68961

Ayurvedic full body massage ladies & gents smart therapist, 9668814589. D-68763

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68764

**business**

ନିଜ ଘରେ କାମ କରି ମାସକୁ ୫୦୦୦ ରୁ ୫୦୦୦୦ କମାନ୍ତୁ। Mob: 9777434078. D-16304

ସ୍ୱଳ୍ପ ବିନିଯୋଗ କରି ପେପରପ୍ଲେଟ୍, ଧୂପକାଠି ଉଦ୍ୟୋଗ ମାଧ୍ୟମରେ ଉତ୍ତମ ରୋଜଗାର କରନ୍ତୁ। 9337336614, 8118081112. D-68547

**୧୦ମ ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀ ଅଂଶୁମାନ ଦାସ**
ଗୋଶାଳା, ସମ୍ବଲପୁର
ଆଜି ତୋର ଦଶମ ଜନ୍ମ ଦିବସ ଉପଲକ୍ଷେ ଆମେ ସମସ୍ତେ ମା' ସମଲେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଚଲାପଥ ଚିର କୁସୁମିତ କରିବା ସହ ତୋତେ ଦୀର୍ଘାୟୁ କରନ୍ତୁ।
**–:ଶୁଭେଚ୍ଛା ସହ:–**
ବୋଉ, ବାପା, ବାବା, ଅପା, ଝୁଅ, ବଡପିଉସା, ସାନ ପିଉସା, ଭାଇ।
ଧ–୧୬୩୫୪

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ଭେଡ଼େନ ରାମଲୀଳା ମହୋତ୍ସବ

**ବରଗଡ଼ ଜିଲା ଭେଡ଼େନର ପ୍ରସିଦ୍ଧ ଶ୍ରୀ ଶ୍ରୀ ଅଖଣ୍ଡ ଶ୍ରୀହରି ନବରାତ୍ର ନାମଯଜ୍ଞ ତଥା ବିରାଟ ରାମଲୀଳା ମହୋତ୍ସବରେ କଳା, ସଂସ୍କୃତି ତଥା ଧର୍ମଧାରାର ତ୍ରିବେଣୀ ସଙ୍ଗମ ଦେଖିବାକୁ ମିଳିଛି । ବର୍ତ୍ତମାନ ଭେଡ଼େନ ପାଲଟିଛି ଲଙ୍କା ନଗରୀ। ଏହି ମହାନ ଯାତ୍ରାକୁ ନେଇ ଏକ ସ୍ୱତନ୍ତ୍ର ପ୍ରତିବେଦନ ।**



## ରାବଣ ରାଜୁତି

**ମନ୍ଦିରରେ ନାମ ଜପ:** ନବରାତ୍ର ନାମଯଜ୍ଞର ଆରମ୍ଭ ହୋଇଥିଲା ଆଜିଠୁ ୧୭ ବର୍ଷ ତଳେ। ସ୍ଥାନୀୟ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଜନୈକ ସାଧୁ ହାଡୁ ବାବାଙ୍କ ଭିକ୍ଷାଲବ୍ଧ ଅର୍ଥରେ ପ୍ରଥମଥର ପାଇଁ ଅଷ୍ଟପ୍ରହର ହୋଇଥିଲା ଏହି ନାମଜପ। ତାଙ୍କ ପରେ କେତେକ ଶ୍ରଦ୍ଧାଳୁ ସ୍ୱର୍ଗତ ଶିବଲାଲ ମେହେର, ବାବାଜୀ ନାୟକ, ଜଗବନ୍ଧୁ ଚିନ୍ଦ୍ରା, ଲବ ବାଗ ଏହାକୁ ଆଗକୁ ନେଇଥିଲେ। ପରେ ବରଗଡ଼ ଜିରା ନଦୀ କୁଳ ରାଧାମାଧବ ମଠର ମଠାଧୀଶ ବାବାଜୀ ହରିଚରଣ ଦାଶଙ୍କ ତତ୍ତ୍ୱାବଧାନରେ ଭେଡ଼େନର ଆଖପାଖ ଗ୍ରାମବାସୀଙ୍କ ସହଯୋଗରେ ପ୍ରତିବର୍ଷ ଦଶଦିନ ବ୍ୟାପୀ ଅଖଣ୍ଡ ନାମଯଜ୍ଞ ହୋଇଆସୁଛି । ଏହି ଆଧାତ୍ମିକ ଅନୁଷ୍ଠାନରେ ଶତାଧିକ ସଂକୀର୍ତ୍ତନ ଦଳ ଏବଂ ବହୁ ସାଧୁସନ୍ଥ ଯୋଗ ଦେଇଛନ୍ତି।

**ଚଳିତ ବର୍ଷର ନୂତନତା:** ଚଳିତବର୍ଷ ଭେଡ଼େନ ରାମଲୀଳାରେ ଅନେକ ନୂତନତା ଦେଖିବାକୁ ମିଳିଛି। ମହାରାଜ ରାବଣଙ୍କ ଅଭିନୟରେ ନୂତନ ସଂଳାପ ସହ ପ୍ରତ୍ୟହ ଏକ ଦୃଶ୍ୟକୁ ସମ୍ବଲପୁରୀ କୋଶଲୀ ଭାଷାରେ ଉପସ୍ଥାପନ କରାଯାଉଛି । ଏହାସହ ଟ୍ରାଫିକ ସଚେତନତା ପରି ସାମାଜିକ ଚେତନା ବାର୍ତ୍ତା ପ୍ରଦାନ କରାଯାଉଛି। ଚଳିତ ବର୍ଷ ପ୍ରଥମ କରି ଇନ୍ଦ୍ରଜିତ ଭୂମିକାରେ ନୂତନ କଳାକାର ଶେଖ ଜଲିଲ, ସୀତା ଭୂମିକାରେ ସୁପ୍ରଭା ଅଭିନୟ କରୁଛନ୍ତି। ନାଟ୍ୟାଭିନୟରେ ପର୍ଶୁରାମଙ୍କ ଲଙ୍କା ଆକ୍ରମଣ, ବେଦମତୀ କନ୍ୟା ଉପାଖ୍ୟାନ, ଇନ୍ଦ୍ରଜିତ ଦ୍ୱାରା ଲକ୍ଷ୍ମଣ ଶକ୍ତିଭେଦ ଆଦି ଦୃଶ୍ୟଭିନୟ ସଂଲଗ୍ନ ହୋଇଛି। ପ୍ରଥମ ଥର ପାଇଁ ନବରାତ୍ର ପାଇଁ ଏକ ଫେସବୁକ ପୃଷ୍ଠା ସୃଷ୍ଟି କରାଯାଇ ପ୍ରତିଦିନର ଘଟଣାକ୍ରମକୁ ସେଠାରେ ପ୍ରଦର୍ଶିତ କରାଯାଉଛି। ଏହାସହ ଏକ ସ୍ମରଣିକା ପ୍ରକାଶନ କରାଯିବ ବୋଲି ଯାତ୍ରା କମିଟି ସୂତ୍ରରୁ ପ୍ରକାଶ।

**ଅନ୍ନ ମହାପ୍ରସାଦ ଦାତା:** ମହୋତ୍ସବର ଅନ୍ୟତମ ପ୍ରଧାନ ଆକର୍ଷଣ ହେଲା ଅନ୍ନ ମହାପ୍ରସାଦ। ପ୍ରତିଦିନ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପରିସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ପ୍ରଦାନ କରାଯାଉଛି ଅନ୍ନଭୋଗ। ପ୍ରତିଦିନ ଜଣେ ଜଣେ ବଦାନ୍ୟ ବ୍ୟକ୍ତି ଏହି ଅନ୍ନପ୍ରସାଦ ପ୍ରଦାନ କରିଥାନ୍ତି। ଚଳିତ ବର୍ଷ ମହାଜଳଶାୟୀ ଦିନ ଗୋପୀକୃଷ୍ଣ ରଥ ଅନ୍ନଭୋଗ ପ୍ରଦାନ କରିଥିବାବେଳେ ବିଭିନ୍ନ ଦିନରେ ସଞ୍ଜୀବ କୁମାର ମେହେର, ମାରୱାଡ଼ି ସମାଜ ଭେଡ଼େନ, ଜଗତ ଭୂଷଣ ଶତପଥି, ଆର. କୁମାର, ରୋଶନ ଅଗ୍ରୱାଲ, ସୁବାସ ଅଗ୍ରୱାଲ, ଦୀପକ କୁମାର ସାହୁ, ବିଡ଼ିଓ ଏବଂ ଥାନାଧିକାରୀ ଓ ଷ୍ଟାଫ ଏହି ଭୋଗ ପ୍ରଦାନ କରୁଛନ୍ତି। ଆସନ୍ତା ୨୬ ତାରିଖ ଅନ୍ତିମ ଦିବସରେ ଭେଡ଼େନ ଗ୍ରାମ ତଥା ଅଞ୍ଚଳବାସୀ ସାମୂହିକ ଭାବେ ଖେଚୁଡ଼ି ଭୋଗ ପ୍ରଦାନ କରିବେ ।

**ରାବଣ ଦରବାର ଓ ଅଯୋଧା ମଞ୍ଚ:** ଭେଡ଼େନ ଥାନା ସମ୍ମୁଖ ପଡ଼ିଆରେ ନିର୍ମିତ ହୋଇଛି ବିଶାଳ ଲଙ୍କା ନଗରୀର ଭବ୍ୟ ରାବଣ ଦରବାର। ସେହିପରି ପୁରୁଣା ହାଟପଦା ନିକଟସ୍ଥ ବିଜୟା ମଣ୍ଡପରେ ତିଆରି ହୋଇଛି ଅଯୋଧା ମଞ୍ଚ। ଏହି ମଞ୍ଚରେ ଅଭିନୀତ ହେଉଛି ଅଯୋଧାକାଣ୍ଡ, କିଷ୍କିନ୍ଧ୍ୟା କାଣ୍ଡର ଦୃଶ୍ୟାବଳୀ। କେବଳ ଏହି ଦୁଇ ମଞ୍ଚ ନୁହେଁ ତିନି କିଲୋମିଟର ବ୍ୟାପୀ ସମଗ୍ର ଭେଡ଼େନ ଅଞ୍ଚଳ ପରିଣତ ହୋଇଛି ଏକ ରଙ୍ଗମଞ୍ଚରେ। ଡ଼ାକ୍ତରଖାନା ପରିସର ଅଶୋକବନ, ଜମିଦାରଙ୍କ ରାଜବାଟି ରାଜଉଆଁସ, ମନ୍ଦିରରେ ନାମଜପ, ପ୍ରାଣୀ ଚିକିତ୍ସାଳୟ ପଡ଼ିଆରେ ମିନା ବଜାର ଏପରି ଭାବେ ସମଗ୍ର ଭେଡ଼େନ ଅଞ୍ଚଳ ପାଲଟିଛି ଏକ ବୃହତ ରଙ୍ଗମଞ୍ଚରେ।

**ଶତାଧିକ କଳାକାର:** ଏହି ରାମଲୀଳାକୁ ସଫଳ କରିବା ପଛରେ ରହିଛି ଶତାଧିକ କଳାକାରଙ୍କ ଅକ୍ଳାନ୍ତ ପରିଶ୍ରମ। ପ୍ରତିଦିନ ୪୦ରୁ ୫୦ ଜଣ କଳାକାର ରଙ୍ଗ ମାଖିଥାନ୍ତି। ଚଳିତ ବର୍ଷ ରାମାୟଣର ପ୍ରମୁଖ ଭୂମିକାରେ ଅଭିନୟ କରୁଥିବା କଳାକାରମାନେ ହେଲେ ରାବଣ-ଜଗଦାନନ୍ଦ ମିଶ୍ର, ରାମ-ମହେନ୍ଦ୍ର ସେଠ, ଲକ୍ଷ୍ମଣ-ସଚିନ ମହାପାତ୍ର, ସୀତା-ସୁପ୍ରଭା, ଶୁକମନ୍ତ୍ରୀ-ଦିଲୀପ ପୋଢ଼, ବଜ୍ରଦ୍ରଷ୍ଟା-ବଳବନ୍ତ ଭୋଇ, ଇନ୍ଦ୍ରଜିତ-ଶେଖ ଜଲିଲ, କୁମ୍ଭକର୍ଣ୍ଣ-ସୁବାସ ମହାରଣା, ସେନାପତି ପ୍ରହସ୍ତଜପ ଅଦାବର, ଚିନ୍ତାମଣି କୁମ୍ଭାର, ଶିବ ଶଙ୍କର ସୁନା, ହନୁମାନ-ଶାନ୍ତନୁ ସାହୁ, ଦଶରଥ-ସେବାରାମ ନାୟକ, ବିଶ୍ୱାମିତ୍ର-ଶୁକଦେବ ମେହେର, ଜନକ-ଶେଷଦେବ ମହାକୁର। ସେହିପରି ନାରୀ ଅଭିନେତ୍ରୀ ସନ୍ଧ୍ୟାରାଣୀ ଦଳବେହେରା, ଦୀପ୍ତିମୟୀ ଦାଶ, ବର୍ଷା, ଗୋଲାପ ମହାପାତ୍ର, ଲିଜା ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

**ମଞ୍ଚ ପଛର କଳାକାର:** ଏହି ରାମଲୀଳାର ଅଭିନୟକୁ ଜୀବନ୍ତ କରିବା ପାଇଁ ମଞ୍ଚ ପଛରେ ବହୁ କଳାକାରଙ୍କ ଅବଦାନ ରହିଛି। ମହାରାଜ ଏବଂ ଅନ୍ୟ କଳାକାର ମାନଙ୍କ ମୁହଁରେ ରଙ୍ଗ ମଖାଇବା ତଥା ଉପଯୁକ୍ତ ବେଶ ପରିଧାନର ଦାୟିତ୍ୱ ନ୍ୟସ୍ତ ଅଛି ବରଗଡ଼ର ପ୍ରସିଦ୍ଧ ଝଙ୍କାର ଚିତ୍ରାଳୟ ଉପରେ। ରୂପକାର ଦେବାନନ୍ଦ ସାହୁ ଦୀର୍ଘ ବର୍ଷ ହେବ ଏହି କାର୍ଯ୍ୟ କରୁଛନ୍ତି। ଅଯୋଧା ମଞ୍ଚର ସଂଳାପ ରଚନା ତଥା ମଞ୍ଚ ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି ସରୋଜ ମିଶ୍ର, ମୀନକେତନ ଭୋଇ। ସେହିପରି ଅଯୋଧା ମଞ୍ଚର ପ୍ରଚ୍ଛଦପଟରେ ଲୋକପ୍ରିୟ ଭାବ ସଙ୍ଗୀତ ପ୍ରଦାନ କରୁଛନ୍ତି କଣ୍ଠଶିଳ୍ପୀ ଗୋକୁଳ ମିର୍ଦ୍ଧା। ରାବଣ ଦରବାରରେ ପଶ୍ଚିମ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ରମାକାନ୍ତ ହରିପାଲ କଣ୍ଠସଙ୍ଗୀତ ପରିବେଷଣ କରୁଥିବା ବେଳେ କୃଷ୍ଣଚନ୍ଦ୍ର ମୁଗ୍ରୀ, କ୍ଷୀରେଶ୍ୱର ମେହେର, ଯୁଧିଷ୍ଠିର ବାଦି ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରୁଛନ୍ତି।

**ଏକ କଳାକାର, ଏକାଧିକ ଭୂମିକା:** ଅନେକ କଳାକାର ବିଭିନ୍ନ ଦିବସରେ ଏକାଧିକ ଭୂମିକାରେ ଅଭିନୟ କରି ତାଙ୍କର ଅଭିନୟ ଦକ୍ଷତା ପ୍ରଦର୍ଶନ କରିଆସୁଛନ୍ତି। ଅଭିନେତା ଶୁକଦେବ ମେହେର ବଶିଷ୍ଠ, ବିଶ୍ୱାମିତ୍ର, ଆଗ୍ନେୟ, ସୌଦାଗର ଭୂମିକାରେ ଅଭିନୟ କରୁଥିବାବେଳେ ମୀନକେତନ ଭୋଇ କୈବର୍ତ୍ତ, ମାରିଚ, ମାତଳି ଓ ରାଧେଶ୍ୟାମ ମେହେର ଇନ୍ଦ୍ର, ମୟ ଦାନବ ଏବଂ ସୁଶାନ୍ତ ସାହୁ ଶତ୍ରୁଘ୍ନ, ଯୁବରାଜ ଦଶରଥ, ଦେବତା ଆଦି ଭୂମିକାରେ ଅଭିନୟ କରୁଛନ୍ତି ।



ରାବଣ ଦରବାରରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

*ଉପସ୍ଥାପନା: ନିର୍ମଳ କୁମାର ମେହେର, ଭେଡେନ*


**ସଚେତନତା ହିଁ ଦୁର୍ଘଟଣା ରୋକିବାର ମାଧ୍ୟମ**



- ଦ୍ରୁତଗତି ମହାବିପତ୍ତି, ସଡ଼କ ସୁରକ୍ଷା ଜୀବନରକ୍ଷା ।
- ମୋବାଇଲରେ କଥାହୋଇ ଗାଡ଼ି ଚଲାନ୍ତୁ ନାହିଁ ।
- ବାଇକ୍ ଚାଳନାବେଳେ ହେଲମେଟ୍ ପିନ୍ଧନ୍ତୁ ।
- ନିଶାଦ୍ରବ୍ୟ ସେବନ କରି ଗାଡ଼ି ଚଲାନ୍ତୁ ନାହିଁ ।
- ଟ୍ରାଫିକ ନିୟମ ମାନନ୍ତୁ, ଦୁର୍ଘଟଣାରୁ ରକ୍ଷା ପାଆନ୍ତୁ ।



**ପଦ୍ମଲୋଚନ ଭୋସାଗର**
ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ
ମୋ:-୭୬୦୯୦୯୯୨୫୬, ୭୬୦୯୦୯୯୨୭୨

ପ୍ରସିଦ୍ଧ ନବରାତ୍ର ରାମଲୀଳା ମହୋତ୍ସବ ୨୦୨୦ ଅବସରରେ ଭେଡ଼େନ ବ୍ଲକ ତଥା ଚିଚିଣ୍ଡା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ସୁଶାନ୍ତ କୁମାର ପ୍ରଧାନ**
ସରପଞ୍ଚ, ଚିଚିଣ୍ଡା ଗ୍ରାମପଞ୍ଚାୟତ, ଭେଡ଼େନ ବ୍ଲକ



**ପ୍ରକାଶ ପ୍ରଧାନ**
ପଞ୍ଚାୟତ ନିର୍ବାହୀ ଅଧିକାରୀ, ଚିଚିଣ୍ଡା ଗ୍ରାମପଞ୍ଚାୟତ, ଭେଡ଼େନ ବ୍ଲକ

ପ୍ରସିଦ୍ଧ ବିରାଟ ନବରାତ୍ର ରାମଲୀଳା ମହୋତ୍ସବ, ଭେଡ଼େନ ୨୦୨୦ ଅବସରରେ ଭେଡ଼େନ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ଢ଼ୋଲାମଣି କ୍ଷେତି**
ଅଧ୍ୟକ୍ଷ, ଭେଡ଼େନ ବ୍ଲକ

ପ୍ରସିଦ୍ଧ ନବରାତ୍ର ରାମଲୀଳା ମହୋତ୍ସବ ୨୦୨୦ ଅବସରରେ ଭେଡ଼େନ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ପ୍ରମୋଦ ଦନ୍ତା**
ସାମାଜିକ କର୍ମୀ ଦେଶଭଟଲି ଗ୍ରାମପଞ୍ଚାୟତ, ଭେଡ଼େନ ବ୍ଲକ

ପ୍ରସିଦ୍ଧ ବିରାଟ ନବରାତ୍ର ରାମଲୀଳା ମହୋତ୍ସବ, ଭେଡ଼େନ ୨୦୨୦ ଅବସରରେ ଭେଡ଼େନ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ମଛିନ୍ଦ୍ର ମଲିକ**
ବ୍ଲକ ଶିକ୍ଷା ଅଧିକାରୀ, ଭେଡ଼େନ ବ୍ଲକ

ପ୍ରସିଦ୍ଧ ନବରାତ୍ର ରାମଲୀଳା ମହୋତ୍ସବ ୨୦୨୦ ଅବସରରେ ଭେଡ଼େନ ବ୍ଲକ ତଥା ରୁଷୁଡ଼ା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ସୁରେନ୍ଦ୍ର କୁମାର କର୍ମି**
ଯୁବ ବିଜେଡି ନେତା, ରୁଷୁଡ଼ା ଗ୍ରାମପଞ୍ଚାୟତ, ଭେଡ଼େନ ବ୍ଲକ

ପ୍ରସିଦ୍ଧ ବିରାଟ ନବରାତ୍ର ରାମଲୀଳା ମହୋତ୍ସବ, ଭେଡ଼େନ ୨୦୨୦ ଅବସରରେ ଭେଡ଼େନ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ଡାକ୍ତର ମାଝୀ**
ସହରାଟିକ୍ରା, ଭେଡ଼େନ ବ୍ଲକ

ପ୍ରସିଦ୍ଧ ନବରାତ୍ର ରାମଲୀଳା ମହୋତ୍ସବ, ୨୦୨୦ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ।



**ପ୍ରହ୍ଲାଦ ବେହେରା**
ଯୁବନେତା ବିଜୁ ଜନତା ଦଳ, ଅର୍ଏଁଲାପାଲି ଗ୍ରାମପଞ୍ଚାୟତ, ଭେଡ଼େନ ବ୍ଲକ

Industrial Training Institute
Skilled in ODISHA

ପ୍ରସିଦ୍ଧ ବିରାଟ ନବରାତ୍ର ରାମଲୀଳା ମହୋତ୍ସବ, ଭେଡ଼େନ ୨୦୨୦ ଅଭିନନ୍ଦନ ଓ ଶୁଭେଚ୍ଛା ।



**ବିଦ୍ୟୁତ କୁମାର ପୁରୋହିତ**
ପ୍ରିନ୍ସିପାଲ, ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ଭେଡ଼େନ

ପ୍ରସିଦ୍ଧ ନବରାତ୍ର ରାମଲୀଳା ମହୋତ୍ସବ ୨୦୨୦ ଅବସରରେ ସମସ୍ତ ଚାଷୀଭାଇମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।

**ଭୂଲକ୍ଷ୍ମୀ ସିଡ଼ସ**
ମୋ - ୦୯୯୩୭୩୬୫୬୭୫, ୦୯୧୭୮୦୯୨୨୪୬
ରାଓଟିକ୍ରା, ପଧାନପାଲି, ବରପାଲି, ବରଗଡ଼-୭୬୮୦୨୯

ପ୍ରସିଦ୍ଧ ନବରାତ୍ର ରାମଲୀଳା ମହୋତ୍ସବ ୨୦୨୦ ଅବସରରେ ଭେଡ଼େନ ବ୍ଲକ ତଥା ଲୁହାଖଣ୍ଡୀ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**କ୍ଷୀରୋଦ୍ର ମେଲ୍ଲୀ**
ସରପଞ୍ଚ, ଲୁହାଖଣ୍ଡୀ ଗ୍ରାମପଞ୍ଚାୟତ, ଭେଡ଼େନ ବ୍ଲକ

ପ୍ରସିଦ୍ଧ ନବରାତ୍ର ରାମଲୀଳା ମହୋତ୍ସବ ୨୦୨୦ ଅବସରରେ ଅତାବିରା ନିର୍ବାଚନମଣ୍ଡଳୀ ତଥା ଭେଡ଼େନ ବ୍ଲକ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ସାନନ୍ଦ କରନ**
ଡାଇରେକ୍ଟର, ସମ୍ବଲପୁର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ, ବରଗଡ଼, ବରିଷ୍ଠ ବିଜେଡି ନେତା, ଭେଡ଼େନ ବ୍ଲକ

ପ୍ରସିଦ୍ଧ ବିରାଟ ନବରାତ୍ର ରାମଲୀଳା ମହୋତ୍ସବ, ଭେଡ଼େନ ୨୦୨୦ ଅବସରରେ ଭେଡ଼େନ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ପ୍ରାଥମିକ କୃଷି ସମବାୟ ସମିତି, ଭେଡ଼େନ**
ସମ୍ପାଦକ ଏବଂ ସମସ୍ତ କର୍ମଚାରି ବୃନ୍ଦ, ଭେଡ଼େନ ବ୍ଲକ

ପ୍ରସିଦ୍ଧ ନବରାତ୍ର ରାମଲୀଳା ମହୋତ୍ସବ ୨୦୨୦ ଅବସରରେ ଭେଡ଼େନ ବ୍ଲକ ତଥା ବକଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା



**ସୁଶାନ୍ତ ପଣ୍ଡା**
ଯୁବନେତା, ବୁର୍ଦ୍ଧା, ବକଟି ଗ୍ରାମପଞ୍ଚାୟତ. ଭେଡ଼େନ ବ୍ଲକ



ପ୍ରସିଦ୍ଧ ନବରାତ୍ର ରାମଲୀଳା ମହୋତ୍ସବ ୨୦୨୦ ଅବସରରେ ଭେଡ଼େନ ବ୍ଲକ ତଥା ସୁନାଲରମ୍ଭା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।

**ଦିଲ୍ଲୀପ ବିଶ୍ୱାଳ**
ସଭାପତି, ବିଜୁ ଯୁବ ବାହିନୀ ସୁନାଲରମ୍ଭା ଗ୍ରାମପଞ୍ଚାୟତ, ଭେଡ଼େନ ବ୍ଲକ

**ନିମନ୍ତ୍ରଣ**
ପ୍ରସିଦ୍ଧ ବିରାଟ ନବରାତ୍ର ରାମଲୀଳା ମହୋତ୍ସବ, ଭେଡ଼େନ ୨୦୨୦ ଅବସରରେ ଭେଡ଼େନ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଆସନ୍ତୁ ଏହି ମହୋତ୍ସବରେ ସାମିଲ ହେବା ।



**ଜାହ୍ନବୀ ମେହେର**
ସରପଞ୍ଚ, ଭେଡ଼େନ ଗ୍ରାମପଞ୍ଚାୟତ, ଭେଡ଼େନ ବ୍ଲକ



**ପ୍ରକାଶ ପ୍ରଧାନ**
ପଞ୍ଚାୟତ ନିର୍ବାହୀ ଅଧିକାରୀ, ଭେଡ଼େନ ଗ୍ରାମପଞ୍ଚାୟତ, ଭେଡ଼େନ ବ୍ଲକ

ପ୍ରସିଦ୍ଧ ବିରାଟ ନବରାତ୍ର ରାମଲୀଳା ମହୋତ୍ସବ, ଭେଡ଼େନ ୨୦୨୦ ଅବସରରେ ଭେଡ଼େନ ବ୍ଲକ ତଥା ପପଙ୍ଗା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ମନୋଜ କୁମାର ପଧାନ**
ସମିତି ସଭ୍ୟ, ପପଙ୍ଗା ଗ୍ରାମପଞ୍ଚାୟତ, ଭେଡ଼େନ ବ୍ଲକ

ପ୍ରସିଦ୍ଧ ବିରାଟ ନବରାତ୍ର ରାମଲୀଳା ମହୋତ୍ସବ, ଭେଡ଼େନ ୨୦୨୦ ଅବସରରେ ଭେଡ଼େନ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ସୁପ୍ରଭା ପ୍ରଧାନ**
(ଉପାଧକ୍ଷା)
ଭେଡ଼େନ ବ୍ଲକ

ପ୍ରସିଦ୍ଧ ବିରାଟ ନବରାତ୍ର ରାମଲୀଳା ମହୋତ୍ସବ, ଭେଡ଼େନ ୨୦୨୦ର ଅଭିନନ୍ଦନ ଓ ଶୁଭେଚ୍ଛା ।

**ମହାବୀର ଫେବ୍ରିକେଶନ**
ଅର୍ଏଁଲାକଟା, ଭେଡ଼େନ, ବରଗଡ଼
ସମସ୍ତ ପ୍ରକାର ଗ୍ରୀଲ, କେଜହୁଇଲ, ଗେଟ, କୃଷି ଉପକରଣ ଇତ୍ୟାଦି ତିଆରି ପାଇଁ ଯୋଗାଯୋଗ କରନ୍ତୁ ।



**ପ୍ରୋ-ମଧୁସୂଦନ କରନ**
ମୋ-୮୭୫୮୯୨୮୭୧୪

**ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା**
ଆସନ୍ତୁ ପାଇଖାନା ନିର୍ମାଣ କରିବା ଓ ତାକୁ ବ୍ୟବହାର କରିବା । ନିଜକୁ, ପରିବାରକୁ ତଥା ଗାଁ କୁ ସୁସ୍ଥ ରଖିବା ।
**ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ୧ ଏବଂ ୨, ଭେଡ଼େନ ବ୍ଲକ**

ପ୍ରସିଦ୍ଧ ବିରାଟ ନବରାତ୍ର ରାମଲୀଳା ମହୋତ୍ସବ, ଭେଡ଼େନ ୨୦୨୦ ଅବସରରେ ଭେଡ଼େନ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ସୁବାସ ହୋତା**
ଜିଲ୍ଲା ପରିଷଦ ସଭ୍ୟ, ଭେଡ଼େନ ବ୍ଲକ ଜୋନ ୩

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। –ଶ୍ରୀମା



# ଅନେକ ଆଶା

କେନ୍ଦ୍ର ବଜେଟ ଯେତେ ପାଖେଇ ଆସୁଛି, ଲୋକଙ୍କ ଆଶାର ତାଲିକା ସେତେ ଲମ୍ବିଚାଲିଛି। ଯେତେଦୂର ମନେହୁଏ ଆସନ୍ତା ସପ୍ତାହର ବଜେଟରେ କିଛି ବଡ଼ ଘୋଷଣା କରାଯିବ। ଅର୍ଥନୀତିକୁ ଗତିଶୀଳ କରିବା ପାଇଁ ସରକାର ଅନେକ ଗାଠନିକ ପରିବର୍ତ୍ତନ ଆଣିପାରନ୍ତି। ଅଭିବୃଦ୍ଧିକୁ ଆଗକୁ ନେବା ଏବେ ସରକାରଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଲୋକେ ତ ଆଶା କରୁଛନ୍ତି ଯେ ଏଥର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ତାଙ୍କର ଟଙ୍କା ମୁଣି ପୂରା ଫୁଗୁଳା କରିଦେବେ, ଯାହାଦ୍ୱାରା ଲୋକଙ୍କ ହାତରେ ଅଧିକ ଟଙ୍କା ରହିବ। କିନ୍ତୁ ସରକାରଙ୍କ ବିତ୍ତୀୟ ସ୍ଥିତି ଭଲ ନ ଥିବାରୁ ଅର୍ଥମନ୍ତ୍ରୀ କିଭଳି ପଦକ୍ଷେପ ନେବେ ତାହା କହିହେବ ନାହିଁ। ଘରୋଇ କ୍ଷେତ୍ର ବିଶେଷ ବିନିଯୋଗ କରୁ ନ ଥିବାରୁ ଖରାପ ଆର୍ଥିକ ସ୍ଥିତି ଆଳରେ ସରକାର ବଡ଼ ଧରଣର ବ୍ୟୟ କରିବାରୁ ନିବୃତ୍ତ ରହିବା ଉଚିତ ନୁହେଁ। ବିତ୍ତୀୟ ନିଅଣ୍ଟ ଖସୁଥିବା ଦେଖି ସରକାର ବିଚଳିତ ହୋଇପଡ଼ିବା ଅନୁଚିତ।

ଦିଲ୍ଲୀ ବିଧାନସଭା ନିର୍ବାଚନ ଛଡ଼ା ନିକଟରେ କୌଣସି ବଡ଼ ଧରଣର ନିର୍ବାଚନ ହେବାର ନାହିଁ। ଆସନ୍ତା ଅକ୍ଟୋବରରେ ଯାଇ ବିହାର ବିଧାନସଭା ନିର୍ବାଚନ ହେବ। ଏହି ଦୃଷ୍ଟିରୁ ଅଭିବୃଦ୍ଧିକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ କିଛି କଠିନ ନିଷ୍ପତ୍ତି ନେବା ପାଇଁ ଅର୍ଥମନ୍ତ୍ରୀଙ୍କ ପାଖରେ କିଛିଟା ସ୍ୱାଧୀନତା ରହିଛି। ଦରଦାମ୍ ବୃଦ୍ଧି, ବ୍ୟାପକ ନିଯୁକ୍ତିହୀନତା, ଖାଉଟି ଚାହିଦା ହ୍ରାସ ଏବଂ କୃଷି କ୍ଷେତ୍ରର ଦୁର୍ଗତି ଗ୍ରାମୀଣ ଭାରତର ଦୁର୍ଦ୍ଦଶା ବଢ଼ାଇଦେଇଛି। ଏକ ଜନପ୍ରିୟ ସରକାର ଥିବା ଓଡ଼ିଶା ପରି ରାଜ୍ୟଗୁଡ଼ିକରେ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନା ଲୋକଙ୍କ କ୍ରୋଧକୁ ଅନେକାଂଶରେ ପ୍ରଶମିତ କରିପାରିଛି। ଗତବର୍ଷ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଓଡ଼ିଶା ସରକାରଙ୍କ କାଳିଆ ଯୋଜନା ଏବଂ ପ୍ରଧାନମନ୍ତ୍ରୀଙ୍କ କିଷାନ ଯୋଜନା ଗରିବ କୃଷକଙ୍କ ପାଇଁ କିଛିଟା ଆଶ୍ୱସ୍ତି ଆଣି ଦେଇଥିଲା। ତେବେ ଏଗୁଡ଼ିକ ସାମୟିକ ମଲମ ପରି। ଏହା କୃଷିକ୍ଷେତ୍ରକୁ ଆକ୍ରାନ୍ତ କରୁଥିବା ସଂରଚନାତ୍ମକ ରୋଗର ନିରାକରଣ କରିପାରିବ ନାହିଁ।

ଭାରତର ଅର୍ଥନୈତିକ ଅଭିବୃଦ୍ଧି ରେକର୍ଡ ନିମ୍ନ ସ୍ତରରେ ରହିଥିବା ଏବଂ ବେକାରି ସ୍ଥିତି ଦିନକୁ ଦିନ ଖରାପ ହୋଇ ଚାଲୁଥିବା ବେଳେ ଅର୍ଥମନ୍ତ୍ରୀ ନିଶ୍ଚିତ ରୂପେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ କିଛି ପଦକ୍ଷେପ ବିଷୟରେ ଘୋଷଣା କରିବେ। କୃଷକ, ଫଣ୍ଡ୍ ମ୍ୟାନେଜର, ନିବେଶକ, ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବେତନଭୋଗୀ କର୍ମଚାରୀ ପର୍ଯ୍ୟନ୍ତ ଆଶାର ଲମ୍ବା ତାଲିକା ନେଇ ବସିଛନ୍ତି। ବ୍ୟକ୍ତିଗତ ଆୟକରରେ ରିହାତିଠାରୁ ଆରମ୍ଭ କରି କୃଷି ପାଇଁ ଅଧିକ ପାଣି ଯୋଗାଣ ପର୍ଯ୍ୟନ୍ତ ଏବଂ ଗ୍ରାମୀଣ ଗୃହନିର୍ମାଣ, କ୍ଷୁଦ୍ର ବ୍ୟବସାୟଠାରୁ ଆରମ୍ଭ କରି ଇକ୍ୱିଟି ନିବେଶକଙ୍କ ପାଇଁ ଟିକସ ହ୍ରାସ ପର୍ଯ୍ୟନ୍ତ, ବଜାରରେ ସମସ୍ତେ ଅର୍ଥମନ୍ତ୍ରୀଙ୍କଠାରୁ ଅନେକ ବଡ଼ ଘୋଷଣା ଆଶା କରୁଛନ୍ତି। ତା'ହେଲେ ସାଧାରଣ ଲୋକେ କେନ୍ଦ୍ର ବଜେଟରୁ କ'ଣ ଚାହୁଁଛନ୍ତି? ଗ୍ରାମୀଣ ଭାରତ ଚାହୁଁଛି ଗ୍ରାମୀଣ ଭିତ୍ତିଭୂମି ଓ ଗୃହନିର୍ମାଣରେ ପୁଞ୍ଜିନିବେଶ ହେଉ। କୃଷିକ୍ଷେତ୍ର ପାଇଁ ଅଧିକ ପାଣି ଯୋଗାଣ ହେଲେ ନିଶ୍ଚିତ ରୂପେ କୃଷକ ସମ୍ପ୍ରଦାୟ ଖୁସି ହେବେ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପୁନଃପୁଞ୍ଜୀକରଣ ହେଲେ ସେମାନେ ଗ୍ରାମୀଣ ଭାରତକୁ ଅଧିକ ପାଣି ଯୋଗାଇପାରିବେ। ଅନାଦେୟ ଋଣଗୁଡ଼ିକ ଆଦାୟ କରିବା ପାଇଁ ସରକାର ସଂରଚନାତ୍ମକ ନିୟମ କଡ଼ାକଡ଼ି କରିପାରନ୍ତି। ଗତ ଡିସେମ୍ବର ମାସରେ ଅର୍ଥମନ୍ତ୍ରୀ ୧୦୨ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ। ଏହି ଉଚ୍ଚାଭିଳାଷୀ ଯୋଜନା କିପରି କାର୍ଯ୍ୟକାରୀ ହେବ, ସେଥି ନେଇ ବଜେଟରେ ଘୋଷଣା କରାଯାଇପାରେ। ଶକ୍ତି, ରେଳପଥ, ସହରୀ ସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ବିଦ୍ୟୁତୀକରଣ ଏବଂ ରିୟଲ ଇଷ୍ଟେଟ୍ ପ୍ରଭୃତିର ଉନ୍ନତି ଉପରେ ଜୋର ଦିଆଯାଇପାରେ।

## ଆଜିର ଅର୍ଥନୀତି

ବିତ୍ତୀୟ ନିଅଣ୍ଟ ହ୍ରାସ ସରକାରଙ୍କ ଉପରେ ଭାରି ପଡ଼ିପାରେ। ବଜାର ସ୍ଥିତି ଯାହା ସେହି ଦୃଷ୍ଟିରୁ ବିତ୍ତୀୟ ନିଅଣ୍ଟ ଓ ଜିଡିପିର ଅନୁପାତ ୩.୭ରୁ ୩.୮ ଭିତରେ ରହିପାରେ। ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ହେଉଥିବାରୁ ତାହାକୁ ଭରଣା କରିବା ପାଇଁ ସରକାର କେତେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବା ପୁଞ୍ଜି ପ୍ରତ୍ୟାହାର ଉପରେ ଗୁରୁତ୍ୱ ଦେଇପାରନ୍ତି। ଆସନ୍ତା ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରିମାସୀରେ ସରକାର ଏୟାର ଇଣ୍ଡିଆର ଘରୋଇକରଣ କାର୍ଯ୍ୟ ଶେଷ କରିପାରନ୍ତି। କେତେକ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ବୃଦ୍ଧି ଓ ସବ୍ସିଡି ଘୋଷଣା ବଜାରରେ ଚାହିଦା ବୃଦ୍ଧିରେ ସହାୟକ ହୋଇପାରେ। ବ୍ୟକ୍ତିଗତ ଆୟକର ସ୍ଲାବ୍‌ରେ ହ୍ରାସ ଲାଗି ମଧ୍ୟ ଅର୍ଥମନ୍ତ୍ରୀ ନିଷ୍ପତ୍ତି ନେଇପାରନ୍ତି, ଯାହା ପରୋକ୍ଷରେ ଖାଉଟି ଚାହିଦା ବୃଦ୍ଧିରେ ସହାୟକ ହେବ।

ଷ୍ଟକ୍ ମାର୍କେଟରେ ପୁଞ୍ଜିନିବେଶକୁ ପରିଚାଳନା କରୁଥିବା କେତେକ ନୀତିର ସରଳୀକରଣ କରାଯାଇପାରେ। ବର୍ତ୍ତମାନ ଷ୍ଟକ୍ ମାର୍କେଟଗୁଡ଼ିକ ବୁଲିଶ୍ ବା ତେଜୀ ଅଛନ୍ତି। ବଜାରକୁ ଅନେକ ବିଦେଶୀ ପୁଞ୍ଜି ଆସୁଛି। କିଛିବର୍ଷ ହେଲା ଭାରତକୁ ଏଫ୍‌ଡିଆଇ (ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି)ର ପ୍ରବାହ ବୃଦ୍ଧି ପାଉଛି। ତେବେ ଏହା ନିଶ୍ଚିତ ହେବ ବୋଲି ସରକାର ଧରିନେବା ଉଚିତ ନୁହେଁ। ଆମାଜନ ସିଇଓ ଜେଫ୍ ବେଜୋସ୍ ଚଳିତ ସପ୍ତାହରେ ପୁଞ୍ଜିନିବେଶ ପାଇଁ ପ୍ରସ୍ତାବ ଦେଇଥିବା ବେଳେ ତାଙ୍କୁ ବେଖାତିର କଲାଭଳି ବ୍ୟବହାର କରାଯିବା ଘଟଣା ବିଶ୍ୱ ନିବେଶକମାନଙ୍କୁ ଏକ ଭୁଲ୍ ବାର୍ତ୍ତା ଦେଇଛି। ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣରେ ଦେଶରେ ସ୍ୱଚ୍ଛନ୍ଦ ବ୍ୟବସାୟରେ କିପରି ଉନ୍ନତି ହେବ (ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍) ସେ ବିଷୟରେ ଘୋଷଣା କରିବା ଉଚିତ। ଅଧିକନ୍ତୁ ବର୍ତ୍ତମାନ ଥିବା ଏଫ୍‌ଡିଆଇ ନୀତିରେ କିଛି ପରିବର୍ତ୍ତନ କରାଯାଇପାରେ ଏବଂ ନୂତନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଅନୁମତି ଦେବା ଆବଶ୍ୟକ। ଲୋକଙ୍କର ବଜେଟୀୟ ଆଶା ତାଲିକା ଏହିପରି ଲମ୍ବିପାରେ। ଆମେ ଆଶା କରୁଛୁ ଅର୍ଥମନ୍ତ୍ରୀ କିଛି ବଡ଼ ଘୋଷଣା କରିବେ, ଯାହା ଆମ ଅର୍ଥନୀତିକୁ ପୁଣିଥରେ ଶଗଡ଼ଗୁଳାରେ ପକାଇବାରେ ସାହାଯ୍ୟ କରିବ।

# ଭାରତ ବିକାଶରେ ଧର୍ମର ଗୁରୁତ୍ୱ



ଶକ୍ତି ପ୍ରସାଦ ଦାସ

ସୁସ୍ଥ ଜୀବନଯାପନ ପାଇଁ ବ୍ୟକ୍ତି ତଥା ସମାଜର ସର୍ବାଙ୍ଗୀଣ ବିକାଶ ନିହାତି ଜରୁରୀ। ଅର୍ଥନୈତିକ ବିକାଶ ସେଥିମଧ୍ୟରୁ ଅନ୍ୟତମ। ଆମେ ସାଧାରଣ ଲୋକାଚାରରେ ଅର୍ଥନୈତିକ ବିକାଶ ସହିତ ଧର୍ମର ବିଶେଷ କିଛି ସମ୍ପର୍କ ନାହିଁ ବୋଲି ଜାଣୁ। କିନ୍ତୁ ଟିକିଏ ନିରିଖେଇ ଦେଖିଲେ ଦେଖାଯିବ ଯେ, ବିକାଶ ଉପରେ ପ୍ରଚଳିତ ଧର୍ମର ଅଖଣ୍ଡ ପ୍ରଭାବ ରହିଛି। ବିକାଶର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ସମଗ୍ର ମାନବଜଗତର ଜୀବନଯାପନ ଶୈଳୀରେ ଉନ୍ନତି ଆଣିବା। ଉନ୍ନତ ଜୀବନଯାପନ ପାଇଁ ବିକାଶଶାସ୍ତ୍ର ଧର୍ମ ନିକଟରୁ ତିନୋଟି ପ୍ରତ୍ୟାଶା ରଖେ : ବ୍ୟକ୍ତିକୁ ସାମାଜିକ ପରିଚୟ ଦେବା ; ମୂଲ୍ୟବୋଧ ଓ କ୍ଷମତାର ଉତ୍ସ ହେବା ଏବଂ ସମ୍ପ୍ରଦାୟ ଓ ସାମାଜିକ କଲ୍ୟାଣର ମାଧ୍ୟମ ସାଜିବା।

ଆପଣାର ଭାବନା ଜରିଆରେ ଧର୍ମ ବ୍ୟକ୍ତିକୁ ସାମାଜିକ ସହାୟତା ତଥା ଗୋଟିଏ ସାମାଜିକ ପରିଚୟ ପ୍ରଦାନ କରିଥାଏ। ବ୍ୟକ୍ତି ତଥା ସମାଜ ହିସାବରେ ଉନ୍ନତ ଜୀବନଯାପନ କରିବାର ମାର୍ଗ ନିର୍ଦ୍ଧାରଣ କରିବା ପାଇଁ ଧର୍ମ ସମୁଚିତ ଶିକ୍ଷା ଦେଇଥାଏ ଓ ଉଚିତ ମାର୍ଗ ପ୍ରଦର୍ଶନ କରିଥାଏ। ଧର୍ମ ବ୍ୟକ୍ତିର ଉଚ୍ଚାଭିଳାଷ ଓ ଏହାର ପ୍ରାପ୍ତିମଧ୍ୟରେ ଦୂରତ୍ୱକୁ କମାଇବା ସହିତ ଆତ୍ମ-ସନ୍ତୋଷ ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।

ପାଶ୍ଚାତ୍ୟରେ ବିଜ୍ଞାନ, କଳା, ରାଜନୀତି କିମ୍ବା ଅର୍ଥନୈତିକ ବିକାଶ ତର୍କସଂଗତ ତଥ୍ୟ ଆଧାରରେ ଅଭିବୃଦ୍ଧି ଲାଭ କରିଛି, ଯାହା ଭାରତ ଓ ଚାଇନା ପ୍ରଭୃତି ଦେଶରେ ବିଳମ୍ବରେ ଘଟିଛି। କାରଣ, ଭାରତରେ ହିନ୍ଦୁ ଧର୍ମର ମୌଳିକ ବିଚାରଧାରା ଭୌତିକ ବିକାଶରେ ଅଟକି ରହିଯାଇ ନାହିଁ। ହିନ୍ଦୁ ବୌଦ୍ଧିକତା ହେଉଛି ମୁକ୍ତ। ଏଥିରେ ମନୁଷ୍ୟ ଓ ପ୍ରକୃତିକୁ ବ୍ରହ୍ମାଣ୍ଡର ଅଭିନ୍ନ ଅଙ୍ଗ ରୂପରେ ଚିନ୍ତା ଓ ଅନୁଭବ କରାଯାଏ। ହିନ୍ଦୁ ପାଇଁ ପ୍ରକୃତି ଜୀବନ୍ତ ଓ ଅଦୃଶ୍ୟର ଏକ ପ୍ରତୀକ। ତେଣୁ ଆଧୁନିକ ବୈଜ୍ଞାନିକ ଭାବନା ତଥା ପ୍ରଯୁକ୍ତି ବିଦ୍ୟା, ଯାହା ପ୍ରକୃତିକୁ ମନୁଷ୍ୟଠାରୁ ପୃଥକ୍ କରେ, ଭାରତରେ ପାଦ ଥାପିବା ପାଇଁ ସମୟ ନେଇଛି।

ଆଧୁନିକ ଯୁକ୍ତିବତ୍ତାରେ ପ୍ରକୃତିଗତ ବସ୍ତୁ ସହଜରେ ଖାପେଇଯାଏ, କିନ୍ତୁ ମାନବିକ ବିଜ୍ଞାନ ନୁହେଁ। ଏହା ହିଁ ଭୌତିକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଭୂତପୂର୍ବ ଉଦୟର କାରଣ। ମନୁଷ୍ୟର ଏହି ତର୍କସଂଗତ ମନୋବୃତ୍ତି ଓ ପ୍ରକୃତି ସହିତ ଏହି ନୂତନ ଅନୁଭୂତି ପୁଞ୍ଜିବାଦ ପାଇଁ ଉପଯୁକ୍ତ ପୃଷ୍ଠଭୂମି ତିଆରି କରେ।

ଖ୍ରୀଷ୍ଟ, ଇସ୍‌ଲାମ ଓ ବୌଦ୍ଧ ଧର୍ମ ପରି ହିନ୍ଦୁ ଧର୍ମର ନା କେହି ସଂସ୍ଥାପକ ଅଛନ୍ତି ନା ଏହାର କିଛି ଆୟମାରମ୍ଭ ଅଛି। ସେଥିପାଇଁ ହିନ୍ଦୁ ଧର୍ମର ଚରିତ୍ର ସମୟହୀନ ଓ ଇତିହାସହୀନ। ଅନନ୍ତ କାଳର ସଚେତନତାର ଏହା ଏକ ଦୃଷ୍ଟିକୋଣ ମାତ୍ର ଏବଂ ପରିଣାମ ସ୍ୱରୂପ ଏହା ଇତିହାସ ପ୍ରତି ଉଦାସୀନ। ତେଣୁ ଏହାର କ୍ରମ ବିକାଶ, ବୈଜ୍ଞାନିକ ଭାବନା ଓ ପ୍ରୌଦ୍ୟୋଗିକୀରେ ପରିବର୍ତ୍ତିତ ହେବା ପାଇଁ ସମୟ ନେଇଛି।

ଏ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ରାଜା ରାମମୋହନ ରାୟ, ମହର୍ଷି ଦେବେନ୍ଦ୍ରନାଥ ଠାକୁର, ସ୍ୱାମୀ ବିବେକାନନ୍ଦ ପ୍ରମୁଖ ସଂସ୍କାରକ ଅନେକ କାର୍ଯ୍ୟ କରିଯାଇଛନ୍ତି। ସେମାନେ ସମସ୍ତେ ପଶ୍ଚିମର ଆହ୍ୱାନ ଓ ପରମ୍ପରାର ବିଶ୍ଳେଷଣ ପ୍ରତି ପ୍ରତିକ୍ରିୟାଶୀଳ ଥିଲେ। ସେମାନେ ତର୍କବାଦକୁ ଉତ୍ସାହିତ କରିଛନ୍ତି। ସ୍ୱାମୀ ଦୟାନନ୍ଦ ତାଙ୍କର ଆର୍ଯ୍ୟସମାଜ ମାଧ୍ୟମରେ ସଂସ୍କାରବାଦ ଓ ସଂସ୍କୃତିନିଷ୍ଠ ଅଭିବିନ୍ୟାସକୁ ପର୍ଯ୍ୟାପ୍ତ ରୂପରେ ସଂରକ୍ଷଣ କରି ହିନ୍ଦୁ ଧର୍ମକୁ କେତେକାଂଶରେ ତର୍କ-ସଂଗତ କରିଛନ୍ତି।

ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଭାରତର ମୌଳିକ ସମସ୍ୟା ହେଉଛି ପରମ୍ପରାଗତ ପ୍ରଥା ଯେପରି କି ଜାତି, ଲିଙ୍ଗ, ମୂଲ୍ୟବୋଧ ଓ ଦୃଷ୍ଟିକୋଣ ଇତ୍ୟାଦିର ଅସ୍ତିତ୍ୱରୁ ଜାତ ପ୍ରତିରୋଧକୁ ଅତିକ୍ରମ କରିବା ଓ ଏହାର ବିଳମ୍ବିତ ପ୍ରଭାବର ସମ୍ମୁଖୀନ ହେବା। ଦୁଇଟି ସର୍ବାଧିକ ଦୁର୍ବଳ ବର୍ଗ- ବଞ୍ଚିତ ଜାତି ଓ ମହିଳାଗୋଷ୍ଠୀଙ୍କ ଅବଦାନକୁ ଖୁବ୍ ସୀମିତ କରିଦିଆଯାଇଛି, ଯାହା ଭାରତକୁ ତା'ର ସର୍ବାଧିକ ସମ୍ଭାବ୍ୟ ଆର୍ଥିକ ଅଭିବୃଦ୍ଧି ହାସଲ କରିବାରେ ବାଧକ ସାଜିଛି। କର୍ମ ପରିସରରେ ମହିଳାଙ୍କ ଅଂଶ ଭାରତରେ ମାତ୍ର ୨୭ପ୍ରତିଶତ, ଯାହା ଦକ୍ଷିଣ-ଏସୀୟ ଦେଶଗୁଡ଼ିକ ମଧ୍ୟରେ ନିମ୍ନତମ। ଯଦି ଭାରତ ଜାତି ଓ ଲିଙ୍ଗଗତ ଅସମାନତାକୁ ଧାର୍ମିକ ମାନ୍ୟତା ଦେଇ ନ ଥା'ନ୍ତା, ତେବେ ଗତ ୭୦ ବର୍ଷରେ ଏହା ନିଜର GDPକୁ ଅଧା ସମୟରେ ଦୁଇଗୁଣରୁ ଅଧିକ କରିପାରିଥା'ନ୍ତା।

ଆମ ଦେଶରେ ଜନସଂଖ୍ୟାର ଗୋଟିଏ ବିରାଟ ଅଂଶ (ମହିଳା ଓ ଅନୁସୂଚିତ ଜାତିର ଲୋକ)କୁ ସଂସାଧନ (ପୁଞ୍ଜି ଓ କୌଶଳ) ବାରଣ କରି ଅର୍ଥନୈତିକ ଗତିବିଧିକୁ ବାଧା ଦେଇଛି। ଭାରତରେ ଜାତିବାଦ ଏତେ ଗଭୀରକୁ ବ୍ୟାପିଯାଇଛି ଯେ ଅନୁସୂଚିତ ଜାତିର ଲୋକ ଇସ୍‌ଲାମ କିମ୍ବା ଖ୍ରୀଷ୍ଟଧର୍ମ ଗ୍ରହଣ କଲେ ମଧ୍ୟ ସେମାନଙ୍କ ଦଳିତ ସ୍ଥିତି ଜାରି ରହୁଛି। ଆମେ ସେମାନଙ୍କୁ ଦଳିତ ମୁସଲମାନ ଅବା ଦଳିତ ଖ୍ରୀଷ୍ଟିଆନ ଆଖ୍ୟା ଦେଉଛୁ। ତେଣୁ ଏସବୁ ମନୋବୃତ୍ତିରେ ଗୋଟିଏ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ଅନୁଭୂତ ହୁଏ।

ୱାର୍ଲ୍ଡ ଭାଲ୍ୟୁ ସର୍ଭେ (WVS) ତଥ୍ୟ ଅନୁସାରେ ଧର୍ମବିଶ୍ୱାସୀଙ୍କର ସବୁଠାରୁ ବଡ ବୈଶ୍ୱିକ ଭଣ୍ଡାର ଭାରତରେ ଅଛି। ସାମ୍ପ୍ରତିକ ଗବେଷଣାଲବ୍ଧ ତଥ୍ୟ କହେ: ଭାରତରେ ବିକାଶନୀତି ଓ କାର୍ଯ୍ୟକ୍ରମଗୁଡିକ ସଂଖ୍ୟାଧିକ ଲୋକଙ୍କ ଜୀବନର ଏକ କ୍ଷୁଦ୍ର ଅଂଶ ହୋଇଥିବାବେଳେ, ଧର୍ମ ଏକ ଅନ୍ତର୍ନିହିତ ନୈତିକ ବ୍ୟବସ୍ଥା ସହିତ ଜଡିତ।

ତେଣୁ ବିକାଶକର୍ତ୍ତାମାନେ ସେମାନଙ୍କର ଦାବି ଓ ଲକ୍ଷ୍ୟ ଉପସ୍ଥାପନରେ ନମ୍ର ହେବାର ଅଛି। ଅପରିଚିତ ପ୍ରସଙ୍ଗରେ, ନିଜ ଧାରଣାକୁ ଅନୁମାନ ଲଗାଇ ତ୍ୱରିତ ନିଷ୍କର୍ଷକୁ ଡେଇଁ ପଡିବା ଅନୁଚିତ। ଧର୍ମ ଓ ଅର୍ଥନୀତିର ଶ୍ରେଷ୍ଠ ବିଦ୍ୱାନ ମାକ୍ସ ୱେବର (୧୯୫୮) ବିଶ୍ୱାସ କରନ୍ତି କି ଭାରତର ଧର୍ମୀୟ ପରମ୍ପରା ଏଠାରେ ପୁଞ୍ଜିବାଦର ବିକାଶକୁ ଘୋର ପ୍ରତିରୋଧ କରିଥିଲା। ତେଣୁ, ଭାରତରେ ଆଧୁନିକତାର ମହତ୍ତ୍ୱକୁ ବୁଝିବାକୁ ଗଲାବେଳେ ଏହାର ଧାର୍ମିକ ସଂରଚନା ଓ ବିଶ୍ୱାସ ପ୍ରତି ଯଥେଷ୍ଟ ମହତ୍ତ୍ୱ ଦେବାକୁ ହେବ।

ସ୍ୱାଧୀନତା ପରେ ଭାରତର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ସ୍ୱାଧୀନତା-ପରବର୍ତ୍ତୀ ୪୦ବର୍ଷ ଧରି ଭାରତ ଏକ ରାଷ୍ଟ୍ର-କୈନ୍ଦ୍ରିକ, ସମାଜବାଦୀ ଚିନ୍ତାଧାରା ଅନୁପ୍ରେରିତ ଅର୍ଥନୈତିକ ମଡେଲକୁ ଅନୁସରଣ କଲା। ୧୯୯୧ରେ ନରସିଂହ ରାଓ ସରକାର ସମୟରେ ଅର୍ଥନୈତିକ ଉଦାର ନୀତି ଆସିବା ଫଳରେ ପ୍ରଚଳିତ ଢାଞ୍ଚାରେ ପରିବର୍ତ୍ତନ ଆସିଲା। ଅର୍ଥନୈତିକ ବିଚାରଧାରା ଓ ନୀତିରେ ଏପରି ମୌଳିକ ପରିବର୍ତ୍ତନ, ସୁସ୍ଥ ଜୀବନଯାପନ ବିଷୟରେ ଲୋକଙ୍କର ଭାବନା ଓ ଏହାକୁ ହାସଲ କରିବାର ପ୍ରକ୍ରିୟାରେ ଗଭୀର ପ୍ରଭାବ ପକାଇଲା। କିନ୍ତୁ ଏହା ବାହାରେ ନାଗରିକମାନଙ୍କ ସହିତ ରାଷ୍ଟ୍ରର ସମ୍ପର୍କରେ ମଧ୍ୟ ପରିବର୍ତ୍ତନ ଘଟିଲା।

ଔପନିବେଶିକ ଶାସନ ସମୟରୁ ବିକାଶ କ୍ଷେତ୍ରରେ ଧାର୍ମିକ ପରିଚୟକୁ ଲୋପ କରିଦିଆଯାଇଥିଲା। ଗତ ଦେଢ ଦଶକ ମଧ୍ୟରେ ଆର୍ଥିକ ବିକାଶ ପାଇଁ ମୂଲ୍ୟବୋଧର ଭୂମିକା ବିଷୟରେ ସଚେତନତା ବଢ଼ିଛି। ଅଧିକାଂଶ ଲୋକଙ୍କ ପାଇଁ ଧର୍ମ ମୂଲ୍ୟବୋଧ ଦୃଷ୍ଟିରୁ ସବୁଠାରୁ ବଡ ଉତ୍ସ ଭାବରେ ଉଭା ହୋଇଛି। ପ୍ରତ୍ୟେକ ଧର୍ମର ସଦସ୍ୟ ଦ୍ୱାରା ପାଳନ କରାଯାଉଥିବା ମୂଲ୍ୟବୋଧଜନିତ ବିଧି, ତତ୍ସଂଲଗ୍ନ ଆର୍ଥିକ ପରିସ୍ଥିତି ଓ ରାଜନୈତିକ ଚାପ କାରଣରୁ ଅନବରତ ବଦଳୁଥାଏ। ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ଭାବେ ହେଉ, ଧର୍ମ ସର୍ବଦା ଗୁରୁତ୍ୱ ବହନ କରେ।

ପାଶ୍ଚାତ୍ୟର ଆର୍ଥିକ ବିକାଶ ଉଦାର-ପ୍ରତିଯୋଗିତାମୂଳକ ସମାଜରେ ହୋଇଛି। ଏହା ଯୋଜନାବଦ୍ଧ ଭାବରେ ସମାଜବାଦୀ ଚିନ୍ତାଧାରାରେ ଓ ଲୋକହିତକାରୀ ପ୍ରଶାସନ ସଂଦର୍ଭରେ ହୋଇନାହିଁ। ଭାରତର ଆର୍ଥିକ ବିକାଶ ସାମାଜିକ ସମସ୍ୟାରୁ ଜାତ। ଏହା ଯୋଜନାବଦ୍ଧ ଭାବରେ ସିଦ୍ଧ- ସମାଜର ପୁଞ୍ଜିବାଦୀ ବିଚାରଧାରାକୁ ଆରୋପିତ କରିବାରେ ନାହିଁ କି ଏକ କ୍ରମବିକଶିତ ପରମ୍ପରାରୁ ଜାତ ବିକାଶକୁ ବିରୋଧ କରୁଥିବା ଚିନ୍ତାଧାରାକୁ ଜୟ କରିବାରେ ନାହିଁ। ଯୋଜନାବଦ୍ଧ ଭାବରେ ଆର୍ଥିକ ବିକାଶ ପାଇଁ ଏକ ଦର୍ଶନ ଖୋଜିବାର ହିଁ ଅଛି। ଏହି ଦର୍ଶନ ହିଁ କେବଳ ଧର୍ମ, ଏହାର ପରମ୍ପରା ଓ ଆର୍ଥିକ ବିକାଶ ମଧ୍ୟରେ ଏକ ସୁସଂଗଠିତ ସମନ୍ୱୟ ଆଣିପାରିବ।

ମୋ:୯୪୩୭୧୬୪୬୧୧, saktiprasadd@yahoo.in

# ଆଜି ଶନି ଚଳନ

ଦୋଳଗୋବିନ୍ଦ ପଣ୍ଡା

ମହାଗ୍ରହ ଶନି ଆଜି (ତା୨୪।୦୧।୨୦-ଶୁକ୍ରବାର) ଦିବା ୦୯।୫୬ରେ ଧନୁରାଶିରୁ ଉତ୍ତରାଷାଢ଼ା ନକ୍ଷତ୍ର ମକର ରାଶିକୁ ଚଳିବେ। ଶନି ଗୋଟିଏ ରାଶିରେ ହାରାହାରି ଅଢ଼େଇ ବର୍ଷ ଅବସ୍ଥାନ କରିଥାନ୍ତି। ଶନିଙ୍କର ଏହି ଚଳନର ଫଳ କ'ଣ ହେବ ସେ ବିଷୟରେ ଜାଣିବା ପାଇଁ ସମସ୍ତଙ୍କର ଆଗ୍ରହ ରହିବା ସ୍ୱାଭାବିକ। ତେବେ ଜ୍ୟୋତିଷଶାସ୍ତ୍ରରେ ଗୋଚର ଫଳ ବିଚାରର ଅନେକ ଦିଗ ରହିଛି। ଗୋଟିଏ ଦିଗ ଉପରେ ବିଚାର କରି କୁହାଯାଉଥିବା ଫଳ ନିର୍ଭରଯୋଗ୍ୟ ହୋଇ ନ ଥାଏ। ଉଦାହରଣସ୍ୱରୂପ ଜ୍ୟୋତିଷଶାସ୍ତ୍ରରେ ଏକ ପାଠ ଅଛି, ଯାହାର ନାମ ଅଷ୍ଟକବର୍ଗ ବିଚାର। ଲଗ୍ନ ଓ ଗ୍ରହଗୁଡ଼ିକର ପାରସ୍ପରିକ ସ୍ଥିତିକୁ ନେଇ ତାହା ବିଚାର କରାଯାଇଥାଏ। ଶନିଙ୍କ ଅଷ୍ଟକବର୍ଗରେ ଯଦି ସେ ଚାରୋଟିରୁ ଅଧିକ ଶୁଭ ବିନ୍ଦୁ ପାଇଥାନ୍ତି ତେବେ ଶନିସପ୍ତା, ଶନି ସାଢ଼େସାତୀ ବା କଣ୍ଟକ ଶନି ହେଲେ ବି ସେ ଶୁଭଫଳ ଦେବେ। ଶୁଭସ୍ଥାନସ୍ଥ ଗ୍ରହ ବି ଶୁଭଫଳ ଦେଇପାରନ୍ତି ନାହିଁ ଯଦି ସେ ନୀଚସ୍ଥ, ଅସ୍ତଂଗତ ବା ଅନ୍ୟ ପ୍ରକାରେ ଦୁର୍ବଳ ହୋଇଥାନ୍ତି କିମ୍ବା ତାଙ୍କର ବେଧ ସ୍ଥାନରେ ଅନ୍ୟ ଗ୍ରହ ଅବସ୍ଥାନ କରିଥାନ୍ତି। ବଳାବଳ, ଗ୍ରହବେଧ ଏବଂ ଅନ୍ୟ ଗ୍ରହମାନଙ୍କ ସହ ପାରସ୍ପରିକ ସମ୍ପର୍କ ବିଚାର ବିନା ଗୋଚର ବିଚାର ପୂର୍ଣ୍ଣାଙ୍ଗ ହୋଇ ନ ଥାଏ।

ଶାସ୍ତ୍ରରେ ଅଛି- "ଦ୍ୱାଦଶେ ଜନ୍ମଗେ ରାଶୌ ଦ୍ୱିତୀୟେ ଚ ଶନୈଶ୍ଚରଃ। ସାର୍ଦ୍ଧାନି ସପ୍ତବର୍ଷାଣି ତଥା ଦୁଃଖୈର୍ଯୁତୋ ଭବେତ୍।।" ଅର୍ଥାତ୍ ଶନି ଜନ୍ମରାଶିରୁ ଦ୍ୱାଦଶରେ, ଜନ୍ମରାଶିରେ ଓ ଦ୍ୱିତୀୟରେ ଥିଲେ ସାଢ଼େ ସାତ ବର୍ଷ ଦୁଃଖକଷ୍ଟ ଭୋଗ କରାନ୍ତି। ଏହାକୁ ସାଢ଼େସାତୀ ଶନି କୁହାଯାଏ। ଜଣକର ଜୀବନକାଳ ଭିତରେ ସାଧାରଣତଃ ତିନିଥର ସଢ଼େସାତୀ ଭୋଗ କରିବାକୁ ପଡ଼େ। ଆଜିର ଚଳନ ପରେ ଧନୁ, ମକର ଓ କୁମ୍ଭ ରାଶି ଜାତକଙ୍କର ସାଢ଼େସାତୀ ହେବ। ଜୀବନକାଳ ଭିତରେ ସାଢ଼େସାତୀର ତିନୋଟି ଚକ୍ର ମଧ୍ୟରୁ ପ୍ରଥମ ଚକ୍ରଟି ଅତ୍ୟନ୍ତ କଷ୍ଟପ୍ରଦ ହୋଇଥାଏ। ମଧ୍ୟମ ଚକ୍ରଟି ଜୀବନର ମଧ୍ୟାହ୍ନରେ ଆସୁଥିବାରୁ ଏହାକୁ ଆପଣ ସହିଯାଇପାରନ୍ତି। କିନ୍ତୁ ଅନ୍ତିମ ଚକ୍ରଟି ଶାରୀରିକ ଅସୁସ୍ଥତା ସହ ମୃତ୍ୟୁଭୟ ମଧ୍ୟ ଆଣିଥାଏ। ଏଥିପାଇଁ ପ୍ରତିକାର କରଣୀୟ। ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ ଏକ ଉତ୍କୃଷ୍ଟ ପ୍ରତିକାର। ପୁଣି ପ୍ରତ୍ୟେକ ଚକ୍ରରେ ତିନୋଟି ଧାୟା ବା ଚରଣ ଭୋଗ ହୁଏ। ଦ୍ୱାଦଶ ଶନିକୁ ପ୍ରଥମ, ଜନ୍ମଶନିକୁ ଦ୍ୱିତୀୟ ଓ ଦ୍ୱିତୀୟ ଶନିକୁ ତୃତୀୟ ଧାୟା କୁହାଯାଏ। ପ୍ରଥମ ଧାୟାରେ ଶନି ମସ୍ତକରେ ଅବସ୍ଥାନ କରନ୍ତି ଏବଂ ୨ୟ, ୬ଷ୍ଠ ଓ ୯ମ ଭାବକୁ ପୂର୍ଣ୍ଣ ଦୃଷ୍ଟି ଦିଅନ୍ତି। ତେଣୁ ସେ ମାନସିକ ଓ ଶାରୀରିକ ସୁସ୍ଥତାକୁ ପ୍ରଭାବିତ କରନ୍ତି। ଦୁର୍ବଳ ଦୃଷ୍ଟିଶକ୍ତି, ଆର୍ଥିକ ହାନି, ଅବାଞ୍ଛିତ ବ୍ୟୟ, ବିଚ୍ଛେଦ, ପାରିବାରିକ ଅସ୍ଥିରତା ଆଦି ଦେଖାଦେଇ ପାରେ। ପରିଶ୍ରମ କଲେ ବି ଫଳ ଆଶାନୁରୂପ ମିଳେ ନାହିଁ। ବ୍ୟକ୍ତି ଲକ୍ଷ୍ୟହୀନ ଭାବେ ଭ୍ରମଣ କରିପାରେ। ଆପଣଙ୍କୁ କେହି ସାହାଯ୍ୟ କରିବେ ନାହିଁ। କୌଣସି କାର୍ଯ୍ୟରେ ଯେଉଁ ସରକାରୀ କାର୍ଯ୍ୟାଳୟକୁ ଯିବେ, ସେଠି ବାବୁମାନେ ଆପଣଙ୍କୁ ହଇରାଣ କରିବେ। ବାରମ୍ବାର ଦୌଡ଼ାଇବେ। ଦୂରସ୍ଥାନ ଭ୍ରମଣ କଷ୍ଟପ୍ରଦ ହେବ। ଦ୍ୱିତୀୟ ଧାୟାରେ ଅର୍ଥାତ୍ ଜନ୍ମଶନି ତୃତୀୟ, ସପ୍ତମ ଓ ଦଶମ ଭାବକୁ ପୂର୍ଣ୍ଣ ଦୃଷ୍ଟି ଦିଅନ୍ତି। ଏହି ସମୟରେ ଶନି ପେଟରେ ଅବସ୍ଥାନ କରନ୍ତି। ତେଣୁ ଶରୀରର ମଧ୍ୟମଭାଗ ବିଶେଷତଃ ପେଟଜନିତ ସମସ୍ୟା ଦେଖାଯାଏ। ଶାରୀରିକ ଶକ୍ତି କ୍ରମଶଃ କମିବାକୁ ଆରମ୍ଭ କରେ। ଭାଇ ଓ ବ୍ୟବସାୟିକ ଅଂଶୀଦାରଙ୍କ ସହ ଅମେଳ ଦେଖାଯାଏ। କୌଣସି ନିକଟସମ୍ପର୍କୀୟଙ୍କ ସମ୍ପର୍କରେ ଅଶୁଭ ଖବର ଶୁଣିପାରନ୍ତି। ସ୍ୱାସ୍ଥ୍ୟ, ଧନ ଓ ସାମାଜିକ ପ୍ରତିଷ୍ଠାରେ ହାନି ଘଟିପାରେ। ତୃତୀୟ ଧାୟା ବା ଜନ୍ମରାଶିରୁ ଦ୍ୱିତୀୟ ଶନି ଚତୁର୍ଥ, ଅଷ୍ଟମ ଓ ୧୧ଶ ଭାବକୁ ପୂର୍ଣ୍ଣ ଦୃଷ୍ଟି ଦିଅନ୍ତି। ଏହି ସମୟରେ ଶନି ପାଦରେ ଅବସ୍ଥାନ କରନ୍ତି। ତେଣୁ ଏହି ସମୟରେ ଆପଣଙ୍କ ଗତିଶୀଳତା କମିଯାଇପାରେ। ଶାରୀରିକ ଭାବେ ଅଳସୁଆ ବା ଦୁର୍ବଳ ହୋଇପାରନ୍ତି। ସୁଖଶାନ୍ତି ବ୍ୟାହତ ହେବା ସହ ଅବାଞ୍ଛିତ ବିବାଦରେ ଫସିଯାଇପାରନ୍ତି। ଟଙ୍କା ଆସିଲେ ବି ରହିବ ନାହିଁ। ନିମ୍ନସ୍ତରର ଲୋକମାନେ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି।

ଶନି ଜନ୍ମରାଶିରୁ ସପ୍ତମ, ଅଷ୍ଟମ ବା ନବମରେ ରହିଲେ ତାକୁ ଶନିସପ୍ତା କୁହାଯାଏ। ବର୍ତ୍ତମାନ ମକର ରାଶିକୁ ଶନି ଚଳନ ପରେ ବୃଷ, ମିଥୁନ ଓ କର୍କଟ ରାଶି ପାଇଁ ଶନିସପ୍ତା ହେଉଛି। ଶନି ସାଢ଼େସାତୀ ଯେପରି ଅଶୁଭ, ଶନିସପ୍ତା ସେହିପରି ଅଶୁଭ ଫଳ ଦେଇଥାଏ। ସ୍ଥାନାଭାବ ହେତୁ ପୂର୍ଣ୍ଣ ବିବରଣୀ ଦେବା ସମ୍ଭବ ନୁହେଁ। ଚତୁର୍ଥ, ପଞ୍ଚମ କଣ୍ଟକ ଶନିଙ୍କ ଫଳ ମଧ୍ୟ ଅଶୁଭପ୍ରଦ।

ସଂକ୍ଷେପରେ ମକର ରାଶିକୁ ଶନିଚଳନର ଶୁଭାଶୁଭ ଗୋଚର ଫଳ- ଶନି ଜନ୍ମ ରାଶିରେ ରହିଲେ ଅର୍ଥାତ୍ ମକରରାଶି ଜାତକ ପାଇଁ ଧନହାନି, ଅସ୍ଥିରତା, ମନସ୍ତାପ, ଧନୁ: ମୃତ୍ୟୁବତ୍ ପୀଡା, ବିଛା: ଶତ୍ରୁହାନି, ତୁଳା: ବନ୍ଧୁହାନି, କନ୍ୟା: ପୁତ୍ର, ଭୃତ୍ୟ ଓ ଅର୍ଥନାଶ, ସିଂହ: ଅର୍ଥଲାଭ, ଶତ୍ରୁନାଶ, କର୍କଟ: ଅନିଷ୍ଟ ଓ ଅପମାନ, ମିଥୁନ: ସ୍ୱାସ୍ଥ୍ୟ ଓ ସମ୍ପଦ ହାନି, ବୃଷ: ବୃଥାଭ୍ରମଣ, ମେଷ: ରୋଗନାଶ, ମୀନ: ସର୍ବସୌଖ୍ୟ, ଧନ, ସମ୍ମାନ ପ୍ରାପ୍ତି, କୁମ୍ଭ: ବ୍ୟୟବୃଦ୍ଧି, ଅନର୍ଥ ଓ ଦ୍ୱନ୍ଦ୍ୱ। ଅର୍ଥାତ୍ ଗୋଚରରେ ଶନି ମେଷ, ସିଂହ, ବିଛା ଓ ମୀନ ରାଶିକୁ ଶୁଭଫଳ ପ୍ରଦାନ କରିବେ ଓ ଅନ୍ୟ ରାଶିମାନଙ୍କୁ ଅଶୁଭଫଳ ପ୍ରଦାନ କରିବେ।

ମେଷ, ସିଂହ, ବିଛା ଓ ମୀନ ରାଶିର ଶନି ଗୋଚରରେ ଶୁଭ ଏବଂ ଚଳନ ସମୟେ ଚନ୍ଦ୍ର ଶୁଭ ହେତୁ ଅତିଶୁଭ ଫଳ ପ୍ରଦାନ କରିବେ। କର୍କଟ, ତୁଳା, ମକର ଓ କୁମ୍ଭ ରାଶିର ଗୋଚରରେ ଅଶୁଭ ମାତ୍ର ଚନ୍ଦ୍ର ଶୁଭ ହେତୁ ସମଫଳ ପ୍ରଦାନ କରିବେ। ବୃଷ, ମିଥୁନ, କନ୍ୟା ଓ ଧନୁ ରାଶିର ଗୋଚରରେ ଅଶୁଭ ଏବଂ ଚନ୍ଦ୍ର ଅଶୁଭ କାରଣରୁ ଅତି ଅଶୁଭଫଳ ପ୍ରଦାନ କରିବେ। ତେବେ ଗ୍ରହବେଧ, ଅଷ୍ଟକବର୍ଗ ବିଚାର ବିନା ଗୋଚର ବିଚାର ଅସମ୍ପୂର୍ଣ୍ଣ ହୋଇଥାଏ। ଏଥି ସହ ଦଶା ବିଚାର କରିବା କର୍ତ୍ତବ୍ୟ। ଦଶା ବିଚାର ମୁଖ୍ୟ ଏବଂ ଗୋଚର ବିଚାର କେବଳ ସାହାଯ୍ୟକାରୀ ହୋଇଥାଏ।

ତେବେ ଶନି ହେଉଛନ୍ତି କର୍ମଫଳଦାତା ଓ ନ୍ୟାୟଦାତା ଗ୍ରହ। ସତ୍‌କର୍ମକାରୀଙ୍କୁ ସେ କେବେହେଲେ ଅଶୁଭଫଳ ଦିଅନ୍ତି ନାହିଁ। ବେଳେବେଳେ କଷ୍ଟ ଦେଇ ଆମ ଭିତରେ ଥିବା ମଇଳାଗୁଡ଼ିକୁ ସେ ସଫା କରିଦିଅନ୍ତି। ସେଥିପାଇଁ ତ କଷ୍ଟଭୋଗ ପରେ ପୁଣି ଇଷ୍ଟଭୋଗ ମିଳିଥାଏ। କବି ଲେଖିଛନ୍ତି: ମହୀରେ ଆସେ ଯେବେ ଦାରୁଣ ଶୀତ, ଦୂରେ ଥାଏ କି ଆଉ ଚାରୁ ବସନ୍ତ। ତେଣୁ ଭୟ କରିବାର କୌଣସି କାରଣ ନାହିଁ।

ଅଶୁଭ ଶନିଙ୍କ ପାଇଁ ପ୍ରତିକାର ସ୍ୱରୂପ ବ୍ରୀହି, ଇନ୍ଦ୍ରନୀଳମଣି, କୃଷ୍ଣ ତିଳ, ତୈଳ, କୋଳଥ, ମଇଁଷି, ଲୌହ, ତୈଳପୂର୍ଣ୍ଣ ଲୌହପାତ୍ର – ଏ ମଧ୍ୟରୁ ପ୍ରାପ୍ତ ଦ୍ରବ୍ୟ, କୃଷ୍ଣବସ୍ତ୍ର ଓ ଦକ୍ଷିଣା ସହିତ ଗ୍ରହବିପ୍ର (ଜ୍ୟୋତିଷ ବ୍ରାହ୍ମଣ)ଙ୍କୁ ଦାନ କଲେ ଶନିଙ୍କର ଅଶୁଭତ୍ୱ ହ୍ରାସ ପାଏ। ଏତଦ୍‌ବ୍ୟତୀତ ବାଡିଅଁଳା ବୃକ୍ଷର ମୂଳକୁ ନିଜର ନାମଗୋତ୍ରରେ ଗ୍ରହବିପ୍ରଙ୍କ ଦ୍ୱାରା ଅଭିମନ୍ତ୍ରିତ କରାଇ ସେହି ମୂଳକୁ ଅଷ୍ଟଧାତୁ ନିର୍ମିତ ତେଉଁରିଆରେ ପୂରାଇ ପୁରୁଷ ବ୍ୟକ୍ତି ଦକ୍ଷିଣ ହସ୍ତରେ ଓ ନାରୀମାନେ ବାମ ବାହୁରେ ଧାରଣ କଲେ ଅଶୁଭ ଫଳ ହ୍ରାସ ପାଇଥାଏ। କଳାରଙ୍ଗର ବସ୍ତ୍ର ଧାରଣ କଲେ ଉପକାର ମିଳିବ। ତା'ଛଡ଼ା ସ୍ୱାସ୍ଥ୍ୟଜନିତ ସମସ୍ୟା ଓ ମହାଭୟ ପାଇଁ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବା ଉଚିତ।

୧୮୧୪/୪୦୬୯, ନିଗମ ବିହାର, ଶ୍ରୀରାମନଗର (୩ୟ ଗଳି), ଭୁବନେଶ୍ୱର, ମୋ-୭୦୦୮୯୭୦୫୦୨,
ଇମେଲ୍: dolagovinda@gmail.com

## ଏଇ ଭାରତରେ

ଶିକ୍ଷା ବିନା ବିକାଶର କଳ୍ପନା କରାଯାଇପାରେନା। ଏଥିପାଇଁ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଶିକ୍ଷା ଜରୁରୀ। କିନ୍ତୁ ସମାଜରେ ଏମିତି କିଛି ଲୋକ ଅଛନ୍ତି ଯାହାଙ୍କ ପାଖରେ ଶିକ୍ଷା ପହଞ୍ଚିପାରୁନାହିଁ। ଏହି ସ୍ଥିତିରେ ଗରିବ ଓ ଅସହାୟ ପରିବାରରୁ ପ୍ରତିଭା ବାହାରକୁ ଆସିପାରନ୍ତି ନାହିଁ। ଏଣୁ ଏଭଳି ପ୍ରତିଭାଙ୍କୁ ବିକଶିତ କରିବା ପାଇଁ ଡା. ଜେ.କେ. ଭାରତୀ ଶିକ୍ଷାର ଦୀପ ପ୍ରଜ୍ଜ୍ୱଳିତ କରି ଉଦାହରଣ ସୃଷ୍ଟି କରିଛନ୍ତି। ସେ ଏକ ଗୁରୁକୁଳ ଗଢି ତା' ମାଧ୍ୟମରେ ମାଗଣାରେ ଶିକ୍ଷା ପ୍ରଦାନ କରୁଛନ୍ତି। ସେ ଏହାର ନାମ ରଖିଛନ୍ତି 'ଭାରତୀ ନିଃଶୁଳ୍କ ଗୁରୁକୁଳ'। ଏଠାରେ ତାଙ୍କ ଶିକ୍ଷାଦାନ ପଦ୍ଧତି ବି ପୂରା ନିଆରା। ମାଧ୍ୟମିକ ପରୀକ୍ଷାର ଠିକ୍ ୪ ମାସ ପୂର୍ବରୁ ବାରାକ୍‌ପୁର ଅଞ୍ଚଳର ଭାଟପଡାରେ ଗଙ୍ଗାନଦୀ କୂଳରେ ପ୍ରାକୃତିକ ପରିବେଶରେ ଆରମ୍ଭ ହୋଇଯାଏ ଡା. ଭାରତୀଙ୍କ ଗୁରୁକୁଳ। ତାଙ୍କ ଗୁରୁକୁଳରେ ଦୈନିକ ୩ ହଜାର ପିଲା ପଢ଼ନ୍ତି। ପିଲାମାନଙ୍କୁ ବିନା ଦେୟରେ ସେ ପଢାନ୍ତି। ଏଠାରେ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ ପ୍ରତ୍ୟେକ ବିଷୟ ପଢାଯାଏ। ଏଥିପାଇଁ ସେ କୌଣସି ବେସରକାରୀ ସଂସ୍ଥାର ସହଯୋଗ ମଧ୍ୟ ନେଉନାହାନ୍ତି। ନିଜେ ଅଭାବରେ ରହି ସେ ୨୨ ବର୍ଷ ହେବ ଗରିବ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି। ଏମିତିକି ତାଙ୍କ ପିତାଙ୍କ ହତ୍ୟାକାରୀଙ୍କ ପୁଅକୁ ବି ବିନା ଦେୟରେ ପଢାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଜାନୁୟାରୀ ୧୯୯୫

- ଅଣୁ ଅସ୍ତ୍ର ପ୍ରସାର ବିରୋଧ ଚୁକ୍ତି (ଏନ୍‌ପିଟି) ମିଆଦକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଢାଇଦେବାକୁ ଜାପାନ ସମେତ ବିଶ୍ୱର ୮୫ଟି ରାଷ୍ଟ୍ର ସହମତି ପ୍ରଦାନ କରିଛନ୍ତି।
- ନେତାଜୀ ସୁଭାଷ ବୋଷଙ୍କ ୯୮ତମ ଜନ୍ମ ତିଥିରେ କଲିକତା ବିମାନବନ୍ଦରକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆନ୍ତର୍ଜାତିକ ବିମାନବନ୍ଦର ଭାବରେ ନାମିତ କରାଯାଇଛି।

## ଚିରନ୍ତନୀ

ପଥପରେ ଶତ ମାନବର ଶିଶୁ
ଦେଖାଏ କାନି
ଅକାଳେ ଝାଉଁଳି ପଡ଼ଇ କେତେରେ
ଜୀବନ-ଲତା!
ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ
ଶିମୁଳିପାଳ!
(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | 4 | C | | | 9 | | | 5 | | | | | |
| | | | 5 | | D | | | | | | | | 3 | |
| | 8 | 7 | | | 0 | E | B | | | | 9 | | 5 | |
| | | | | | A | | 8 | C | | | | | | |
| | 1 | B | | | | D | | 6 | A | 0 | 3 | E | | |
| | | D | | | | | | 5 | | C | 2 | | 1 | 3 |
| | | | 9 | | E | C | | | | | | | 2 | |
| | | 0 | 1 | 8 | | A | | E | 6 | | | | | |
| | | | | 0 | | 2 | | 1 | D | 8 | | | 4 | B |
| | | 8 | | | 5 | | | 7 | | A | B | | | |
| | 9 | | | 2 | | 8 | | 0 | | E | | | | |
| | | | E | | C | | 6 | | 4 | B | A | 2 | 9 | |
| | | | | | | | A | | 7 | | C | 4 | | |
| 5 | | 2 | | | | | C | | | 3 | | | D | 8 |
| 4 | | | D | | | | | | | | 8 | 6 | B | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 6 | 4 | C | 8 | 9 | 1 | E | 0 | 5 | 3 | A | D | B | 2 |
| B | A | 0 | 2 | 7 | 1 | C | 8 | D | 4 | 9 | E | 5 | 6 | 3 |
| 2 | 9 | 3 | E | 5 | 6 | A | B | 7 | 1 | D | C | 0 | 8 | 4 |
| 1 | C | 8 | B | 4 | D | 3 | 6 | 5 | 2 | 7 | 0 | A | E | 9 |
| E | 5 | D | 0 | 3 | A | 4 | 2 | 9 | 8 | B | 6 | 1 | 7 | C |
| 0 | B | 6 | 7 | D | 3 | 8 | 9 | 1 | E | A | 2 | C | 4 | 5 |
| 9 | 2 | C | A | 6 | 8 | D | 5 | E | 7 | 1 | 4 | 3 | 0 | B |
| A | 7 | 5 | 4 | 2 | B | 6 | 0 | 3 | D | C | 8 | E | 9 | 1 |
| 4 | 3 | 1 | 5 | 9 | E | 7 | C | A | 6 | 0 | B | 2 | D | 8 |
| D | 8 | E | 1 | 0 | C | 2 | 4 | B | 3 | 5 | 9 | 6 | A | 7 |
| C | D | 9 | 3 | E | 5 | 0 | 1 | 4 | B | 6 | 7 | 8 | 2 | A |
| 6 | 1 | B | 8 | A | 7 | E | D | 2 | C | 4 | 5 | 9 | 3 | 0 |
| 5 | 4 | A | 6 | B | 2 | 9 | 3 | 8 | 0 | E | 1 | 7 | C | D |
| 3 | 0 | 2 | 9 | C | 4 | 5 | 7 | 6 | A | 8 | D | B | 1 | E |
| 8 | E | 7 | D | 1 | 0 | B | A | C | 9 | 2 | 3 | 4 | 5 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ଦିରଠାରୁ ଜୋତା ଷ୍ଟାଣ୍ଡ ଦୂର

ମହାଶୟ,

ଦୀର୍ଘଦିନ ପରେ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ପୁରୀ ଆସିଥିଲି। ଦିନକୁ ଦିନ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଥିବାରୁ ପ୍ରଶାସନ ଯାହା ପଦକ୍ଷେପ ନେଇଛନ୍ତି ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ପ୍ରବଳ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଛି। ମନ୍ଦିରର ପରିବେଶ ପରିଷ୍କାର, ପରିଚ୍ଛନ୍ନ ଦେଖି ଆନନ୍ଦ ଲାଗିଲା। ତେବେ ଜୋତାଷ୍ଟାଣ୍ଡ ମନ୍ଦିରଠାରୁ ଟିକେ ଦୂରରେ ରହିଛି। ଫଳରେ ଦର୍ଶନାର୍ଥୀ ଜୋତା ରଖିବାକୁ ଅସୁବିଧା ହେଉଛି। ବାଧହୋଇ ଭକ୍ତମାନେ ବ୍ୟାରିକେଡ ପାର୍ଶ୍ୱରେ ଶହ ଶହ ଜୋତା ରଖି ଦର୍ଶନ କରିବାକୁ ଯାଉଛନ୍ତି।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ମହାବିଦ୍ୟାଳୟଗୁଡ଼ିକରେ ଉପସ୍ଥାନ

ଉଚ୍ଚଶିକ୍ଷା ବିଭାଗ ଯେତେ କଠୋର ହେଲେ ମଧ୍ୟ ଖୋଦ୍ ସରକାରୀ ମହାବିଦ୍ୟାଳୟଗୁଡ଼ିକରେ ଶତକଡା ୭୫% ଉପସ୍ଥାନ ଖୁବ୍ କମ୍ ଛାତ୍ରୀଛାତ୍ରଙ୍କର ରହୁଛି। ଏହାର ବିଭିନ୍ନ କାରଣ ଅଛି, ଯଥା ପିଲାଙ୍କ ରୁଚି ମୁତାବକ କ୍ଲାସ ହେଉନାହିଁ ଏବଂ ଅଧ୍ୟାପକମାନେ ମଧ୍ୟ ଆଗ୍ରହର ସହ ପଢ଼ାଉନାହାନ୍ତି। ଅଭିଭାବକମାନେ ପିଲାଙ୍କ ଉପସ୍ଥାନ ପଚାରି ବୁଝୁନାହାନ୍ତି ଏବଂ ଛାତ୍ରୀଛାତ୍ରମାନେ ମଧ୍ୟ ନିୟମିତ କ୍ଲାସ କରୁନାହାନ୍ତି। ଉପସ୍ଥାନ ବଢ଼ିବା ପାଇଁ ବିଭାଗ କିଛି ନୂଆ ଯୋଜନା କରୁ।

କେ. ରବି, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କ୍ରିକେଟ ଟୁର୍ନାମେଣ୍ଟ: ନାକଟିଦେଉଳ ଚାମ୍ପିୟନ

ନାକଟିଦେଉଳ,୨୩।୧(ଡି.ଏନ.ଏ.): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ଗ୍ରାମର ନେତାଜୀ କ୍ରୀଡ଼ା ଓ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ନେତାଜୀ ଜୟନ୍ତୀ ଅବସରରେ ଗୁରୁବାର ସ୍ଥାନୀୟ ମିନିଷ୍ଟାଡ଼ିୟମରେ ଏକ ଦ୍ୱିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ନାକଟିଦେଉଳ ଏବଂ ବାଟଗାଁ ମଧ୍ୟରେ ହୋଇଥିଲା। ନାକଟିଦେଉଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୩୩ରନ୍ ସଂଗ୍ରହ କରିଥିଲା। ବାଟଗାଁ ସମସ୍ତ ଉଇକେଟ ହରାଇ ୨୫ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ନେତାଜୀ କ୍ରୀଡ଼ା ଓ ସାଂସ୍କୃତିକ ସଂସଦ ସଭାପତି ଅରୁଣ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସଂସଦର ଉପସଭାପତି ଜିତେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ନାକଟିଦେଉଳ ଟିମ୍ ଏବଂ ରନର୍ସ ଅପ ବାଟଗାଁ ଟିମକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚକୁ ସୁମନ୍ତ ମୁଣ୍ଡା ଏବଂ ଜାନା ମୁଣ୍ଡା ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ସଂସଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଧମକ, ମାନସିକ ଚାପରେ ଆତ୍ମହତ୍ୟା ଅଭିଯୋଗ

ସମ୍ବଲପୁର,୨୩।୧(ବ୍ୟୁରୋ)

ମୁଁ କିଛି ଭୁଲ୍ କରିନାହିଁ, ମୋତେ ଜାଣିଶୁଣି ଫସେଇ ଦିଆଯାଇଛି। ମା'ବାପାଙ୍କୁ ମୁଁ ବହୁତ ଭଲପାଏ । ସମାଜରେ ତାଙ୍କୁ ମୁଣ୍ଡ ନଇବାକୁ ଦେବି ନାହିଁ । ମୋତେ କ୍ଷମା କରିଦେବ, ମୋ ଭଳି ପୁଅ ଆଉ ପାଇବ ନାହିଁ...ବୋଲି ଆତ୍ମହତ୍ୟା ପୂର୍ବରୁ ମହମ୍ମଦପୁରର ରାଜନ ପୋଢ ବାପା ନରୋତ୍ତମ ଏବଂ ଜଣେ ସମ୍ପର୍କୀୟ ଭଉଣୀଙ୍କୁ ମେସେଜ କରିଥିବା ଜଣାପଡିଛି। ଏହି ମେସେଜ ରାଜନ ଆତ୍ମହତ୍ୟା ଘଟଣାକୁ ଭିନ୍ନମୋଡ ଦେଇଛି। ଯୋଜନା ମୁତାବକ ରାଜନଙ୍କୁ ଗଭୀର ମାନସିକ ଚାପ ଦିଆଯାଇଥିବାରୁ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ରାଜନ ଆତ୍ମହତ୍ୟା ଘଟଣାର ୨ଦିନ ପରେ ୧୯ ତାରିଖରେ ବ୍ୟାଙ୍କର ଏକ ମେସେଜ ରାଜନଙ୍କ ବାପାଙ୍କ ମୋବାଇଲ ଫୋନକୁ ଆସିଥିଲା। ପରେ ପରିବାର ଲୋକେ ରାଜନଙ୍କ ଏହି ମେସେଜ ଦେଖିବାକୁ ପାଇଥିଲେ । ଏହି ମେସେଜ ପାଇ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ରାଜନ ଆତ୍ମହତ୍ୟା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି ନେଇ ପରିବାର ଲୋକେ ୧୯ ତାରିଖରେ ହୀରାକୁଦ ଥାନାରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଏପରି କି ପୋଲିସ ରାଜନଙ୍କ ମୋବାଇଲ ଫୋନକୁ ଜବତ କରି ତଦନ୍ତ କରୁଛି। ଅନ୍ୟପକ୍ଷେ ପୋଲିସ ପରିବାର ଲୋକଙ୍କୁ ରାଜନଙ୍କ ଚାଲିଚଳନ ବିଷୟରେ ପଚରାଉଚୁରା କରିଛି।


ରାଜନ ପୋଢ।(ଫାଇଲ ଫଟୋ)।

- ମେସେଜ ପରେ ରାଜନ ଆତ୍ମହତ୍ୟା ଘଟଣାର ଭିନ୍ନମୋଡ଼
- ମୁଁ ଫସିଗଲି, ମୁଣ୍ଡ ନଇଁବାକୁ ଦେବିନାହିଁ
- ଛୁଟି ଦିନରେ କମ୍ପାନୀରୁ ଡକାଯାଇଥିଲା

ପରିବାର ଲୋକଙ୍କ ଅଭିଯୋଗ ମୁତାବକ, ରାଜନ ହୀରାକୁଦସ୍ଥିତ ହିଣ୍ଡକୋ କମ୍ପାନୀରେ ଟ୍ରେନିଂ ନେଉଥିଲେ। ଗତ ୧୫ ତାରିଖରେ ରାଜନଙ୍କ ଛୁଟି(ଅଫଡେ) ରହିଥିଲା । ତେଣୁ ସେ କମ୍ପାନୀକୁ ନ ଯାଇ ଘରେ ରହିଥିଲେ। ହେଲେ ଅପରାହ୍ନରେ ୨ଜଣ ଯୁବକ ଏକ ସ୍କୁଟିରେ ରାଜନଙ୍କ ଘରକୁ ଆସିଥିଲେ। ଯୁବକଦ୍ୱୟ ରାଜନଙ୍କୁ କମ୍ପାନୀ ଅଧିକାରୀ ଡାକୁଥିବା କହି ସାଙ୍ଗରେ ଯିବାକୁ କହିଥିଲେ। ପରେ ରାଜନ ନିଜ ବାଇକ୍‌ରେ ଘରୁ ବାହାରି କମ୍ପାନୀ କାର୍ଯ୍ୟାଳୟକୁ ଯାଇଥିଲେ। ପରେ ସେ ରାତିପ୍ରାୟ ୯ଟାରେ ଘରକୁ ଫେରିଥିଲେ। ହେଲେ ୧୬ତାରିଖ ଭୋରରେ ରାଜନ ଘର ପାଇଖାନାରେ ବେକରେ ରଶି ଲଗାଇ ଓହଳି ପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ହୀରାକୁଦ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବୁର୍ଲା ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ କୌଣସି ମାନସିକ ଚାପରେ ଆତ୍ମହତ୍ୟା କରିଥିବା କହିଥିଲେ। ଘଟଣାର ଦୁଇ ଦିନ ପରେ ୧୯ ତାରିଖରେ ମୋବାଇଲ ଫୋନକୁ ଆସିଥିବା ମେସେଜ ପାଇ ପରିବାର ଲୋକେ ରାଜନଙ୍କ ଆତ୍ମହତ୍ୟା ପଛରେ କୌଣସି ଷଡ଼ଯନ୍ତ୍ର ଏବଂ କମ୍ପାନୀର କେତେଜଣ କର୍ମଚାରୀ ଦେଇଥିବା ମାନସିକ ଚାପ ଯୋଗୁ ଏଭଳି ଘଟଣା ଘଟିଥିବା ଅଭିଯୋଗ କରିଛନ୍ତି । ଏପରି କି ରାଜନ ୧୫ ତାରିଖ ରାତିରେ ଫେରୁଥିବା ବେଳେ ବାଇକ୍‌କୁ ମଧ୍ୟ ଭଙ୍ଗାରୁଜା କରାଯାଇଥିବା ପରିବାର ଲୋକେ ଥାନାକୁ ଜଣାଇଛନ୍ତି। ଏଭଳିସ୍ଥିତିରେ ରାଜନଙ୍କ ଆତ୍ମହତ୍ୟା ଘଟଣା ସନ୍ଦେହ ସୃଷ୍ଟି କରିଛି। ଏନେଇ ହିଣ୍ଡକୋ କମ୍ପାନୀର ଅଧିକାରୀ ଏ. ସତ୍ୟନାରାୟଣଙ୍କୁ ପଚାରିବାରୁ ରାଜନଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ବୁର୍ଲା ଫାଣ୍ଡିରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ଆଇନ ଅନୁଯାୟୀ ଘଟଣାର ତଦନ୍ତ କରୁଛି। ଏନେଇ ଏସ୍‌ପି କନୱର ବିଶାଳ ସିଂଙ୍କୁ ପଚାରିବାରୁ ଏସ୍‌ଡିପିଓ ମାମଲାର ତଦନ୍ତ କରୁଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଏମ୍‌ସିଏଲ୍‌ର ୧ଶହ ମିଲିୟନ ଟନ୍ କୋଇଲା ଉତ୍ପାଦନ

ସମ୍ବଲପୁର, ୨୩।୧ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ କ୍ରମାଗତ ଭାବେ ୧୧ ବର୍ଷ ଧରି ୧ଶହ ମିଲିୟନ ଟନ୍ କୋଇଲା ଉତ୍ପାଦନ କରି ରେକର୍ଡ ସୃଷ୍ଟି କରିଛି । ବୁଧବାର ୧୦୦.୨୧୪ ମିଲିୟନ ଟନ୍ କୋଇଲା ଉତ୍ପାଦନ ହୋଇଛି। ଚଳିତ ବର୍ଷ କୋଇଲା ଖଣିଗୁଡିକରେ ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ଉତ୍ପାଦନରେ ବାଧା ସୃଷ୍ଟି ହୋଇଥିଲା । ଫଳରେ ଏମ୍‌ସିଏଲ ଉପରେ ଧାର୍ଯ୍ୟ କରାଯାଇଥିଲା କୋଇଲା ଉତ୍ପାଦନ ଲକ୍ଷ୍ୟଠାରୁ ୨୨ ମିଲିୟନ ଟନ ପଛରେ ରହିଛି । ଗତ ବର୍ଷ ତୁଳନାରେ ୭ ମିଲିୟନ ଟନ କୋଇଲା ଉତ୍ପାଦନରେ ପଛେଇ ଯାଇଛି । ଏନେଇ କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଳା ସୂଚନା ଦେଇ କହିଛନ୍ତି ଯେ, ବିଭିନ୍ନ ବାଧାବିଘ୍ନ ସର୍ତ୍ତ୍ୱେ ମଧ୍ୟ ସଫଳତା ସହ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବୁ । ଚଳିତ ଆର୍ଥିକ ବର୍ଷରେ ବାକିଥିବା ୨ ମାସ ୯ ଦିନରେ ନିଶ୍ଚୟ ଲକ୍ଷ୍ୟ ହାସଲକୁ କରିବୁ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଜନ୍ମଭୂମି ଖିଣ୍ଡାରେ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ

ରେଙ୍ଗାଲି,୨୩।୧(ଡି.ଏନ୍.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡାସ୍ଥିତ ବିପ୍ଳବୀ ବୀରସୁରେନ୍ଦ୍ର ସାଏଙ୍କ ଜନ୍ମଭୂମିରେ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ବୀର ସୁରେନ୍ଦ୍ର ସାଏ ସ୍ମୃତି ସାଂସଦ ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ସାଂସଦର ସଭାପତି ଲାଲଫକୀର ସାଏ, କାର୍ଯ୍ୟକାରୀ ସଭାପତି ପୀତାମ୍ବର ବିଶ୍ୱାଳ, ଲାଲବୀରେନ୍ଦ୍ର ପ୍ରତାପ ସାଏ, ଦୁର୍ଗାପ୍ରସାଦ ସାହୁଙ୍କ ସହ ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟରୁ ଏକ ମଶାଲ ଶୋଭାଯାତ୍ରା ବହାରି ଜନ୍ମପୀଠରେ ପହଞ୍ଚିଥିଲା। ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି, ରେଙ୍ଗାଲି ବ୍ଲକ ସଭାପତି ଅଶୋକ ଗୁରୁ, ତାପସରାୟ ଚୌଧୁରୀ, ଦେବେନ ପତି, ମୋତିଲାଲ ତନ୍ତି, ମହେନ୍ଦ୍ର ଓରାମ, କିରଣ ବେହେରା, ଶେଷଦେବ ପଧାନ, ଶଶୀ ସାହୁ ପ୍ରମୁଖ ମଶାଲ ଜାଳି ଖିଣ୍ଡା ଛକ ଏବଂ ଜନ୍ମପୀଠରେ ବୀରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରେଙ୍ଗାଲି ବିଡିଓ ଭବାନୀଶଙ୍କର ପ୍ରସାଦ ସାହୁ, ବ୍ଲକ ଅଧ୍ୟକ୍ଷ ସାଇବାଣୀ ସେଟ, ଉପାଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ସରପଞ୍ଚ ନୀଳାବତୀ ଓରାମ, ମାତୃଭୂମି ସଂଗଠନର ସଭାପତି ହେମନ୍ତ ପାଣ୍ଡେ, ବିଜୁ ଛାତ୍ର ସଭାପତି ବାବୁଲୁ ରାଉତ ପ୍ରମୁଖ ଖିଣ୍ଡା ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାରୀ, ତିଲଗ ବାଗ, ସୁଭାଷ ଜେନାଙ୍କ ନେତୃତ୍ୱରେ ଏକ ବାଇକ୍ ରାଲି ବାହାରି ଜନ୍ମପୀଠରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏପରି କି ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ରେଙ୍ଗାଲି ବିଧାୟକ ନାଉରି ନାୟକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକଙ୍କ ସହ ବହୁ ଭାଜପା କର୍ମୀ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।


ରେଙ୍ଗାଲି ବିପ୍ଳବୀ ବୀରସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

**ନାକଟିଦେଉଳ,(ଡି.ଏନ.ଏ.)**
ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲିସ୍ଥିତ ବୀର ସୁରେନ୍ଦ୍ର ସାଏ ଯୁବକ ସଂଘ ପକ୍ଷରୁ ଗୁରୁବାର ବିପ୍ଳବୀ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ତଥା ସଂଘର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପୂର୍ବତନ ସମିତି ସଭ୍ୟ ଧୀରେନ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ରେଢାଖୋଲ ବିଧାୟକ ଇ.ରୋହିତ ପୂଜାରୀ ଯୋଗଦେଇ ସୁରେନ୍ଦ୍ର ସାଏଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଅଧାପକ ଡ.ପ୍ରଶାନ୍ତ କୁମାର ଦାଶ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ବୀରସୁରେନ୍ଦ୍ର ସାଏଙ୍କ ରଣନୀତି ଉପରେ ପ୍ରକାଶ କରିଥିଲେ। ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ଯୁବକ ସଂଘ ସଭାପତି ଚନ୍ଦ୍ରମଣି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁରେନ୍ଦ୍ର ସାଏଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଜଣାଇଥିଲେ। ପ୍ରଦୀପ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜୟଦେବ ପ୍ରଧାନ ବିବରଣୀ ପାଠ କରିଥିଲେ। ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

**ପଡ଼ିଆବାହାଲ,(ଡି.ଏନ.ଏ.)**
ଯୁଯୁମୁରା ସଦରସ୍ଥିତ ସୁରେନ୍ଦ୍ର ସାଏ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ବିପ୍ଳବୀ ବୀରସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ବୀରସୁରେନ୍ଦ୍ର ସାଏ ଏବଂ ନେତାଜୀଙ୍କ ଜୟନ୍ତୀ ପାଳନ ଅବସରରେ ଅଧ୍ୟକ୍ଷ ମନୋଜ କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଅଧାପକ ବିଜୟାନନ୍ଦ ପ୍ରଧାନ, ଅଧାପିକା ଡ. ପ୍ରୀତିଧାରା ପରିଜା, ଅଧାପକ ପଦ୍ମନାଭ ସାମଲ, ହେମାଞ୍ଚଳ ମହାପାତ୍ର, ସୁଶୀଲ କୁମାର ଶତପଥୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ମାର୍ଗଦର୍ଶନ ଦେଇଥିଲେ। ଗୁରୁଚରଣ ସାହୁ, ଶିବ ପ୍ରସାଦ ଦଶ, ପ୍ରମୋଦ କୁମାର ଛନ୍ଦ, ରାମଚନ୍ଦ୍ର ଅମାନ୍ତ, କାରମଚାନ୍ଦ ସେଠ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭା ଶେଷରେ ଶହୀଦ ମଧୁ ଗଡତିଆଙ୍କ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

# ଏନଏସସିବି କଲେଜର ବାର୍ଷିକ ଉତ୍ସବ

## ଲୋକଗୀତରେ ଆରମ୍ଭ, ନାଟକରେ ଶେଷ

ସମ୍ବଲପୁର,୨୩।୧(ବ୍ୟୁରୋ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ (ଏନଏସସିବି) ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଅତିଥି, ଅଧାପିକା, ଅଧାପକ, ଛାତ୍ରୀଛାତ୍ରମାନେ ମାଲ୍ୟାର୍ପଣ କରିଥିଲେ। ନେତାଜୀଙ୍କ ଜୟଗାନରେ କଲେଜ ପରିସର ପ୍ରକମ୍ପିତ ହୋଇଥିଲା । କଲେଜ ଅଧ୍ୟକ୍ଷ ପ୍ରଫେସର ହରିଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ମୁଖ୍ୟଅତିଥି, ରେଙ୍ଗାଲି ବିଧାୟକ ନାଉରି ନାୟକ ଓ ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ସମ୍ମାନୀତ ଅତିଥି ଏବଂ ପ୍ରଫେସର ବିଏନ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମର ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କୁ ଜୟନ୍ତୀ ତିଥିରେ ମନେ ପକାଇବା ଆବଶ୍ୟକତା ରହିଛି । ସଂପ୍ରତି ସ୍ୱାଧୀନ ଭାରତରେ ମଧ୍ୟ ଅନେକ ସମସ୍ୟା ଲାଗି ରହିଛି । ସମସ୍ୟାର ସମାଧାନ ହେଲେ ପ୍ରକୃତ ସ୍ୱାଧୀନତା ମିଳିବ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ମହମ୍ମଦ ଜୁନେଦ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଛାତ୍ର ସଂସଦ ଉପଦେଷ୍ଟା ଏସ୍‌ପି ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ସାଂସ୍କୃତିକ ସଂସଦ ଉପଦେଷ୍ଟା ଏସ୍‌ଆର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସମ୍ବଲପୁରୀ ଲୋକ ସଂଗୀତରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ନାଟକରେ ଶେଷ ହୋଇଥିଲା । ଛାତ୍ରୀଛାତ୍ରମାନେ ଆଧୁନିକ, ବିହୁ, ସମ୍ବଲପୁରୀ ରିମିକ୍ସ ପ୍ରଭୃତି ନୃତ୍ୟ ପରିବେଷଣ କରିଥିଲେ । ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ସଂଗୀତରେ ଛାତ୍ରୀଛାତ୍ର ଝୁମି ଉଠିଥିଲେ । ଡ. ରଘୁମଣୀ ନାୟକ, ଡ. ଶ୍ୟାମ ଭୋଇ, ଡ. ବିଶ୍ୱମୋହନ ଜେନା ପ୍ରମୁଖ କାଯର୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ଗୁରୁବାର ସମ୍ବଲପୁର ଏନଏସସିବି କଲେଜ ବାର୍ଷିକ ଉତ୍ସବରେ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।




ଛାତ୍ରୀଛାତ୍ରଙ୍କ ଆଧୁନିକ ନୃତ୍ୟ (ବାମ) । ସମ୍ବଲପୁରୀ ନୃତ୍ୟ ।

# ଯୁଯୁମୁରାରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା

ସମ୍ବଲପୁର,୨୩।୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରାରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜକ ସସ୍ମିତା ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ସୁରଜ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ୫୮୦ ଜଣ ଯୁବତୀ, ଯୁବକ ମେଳାରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୮୦ ଜଣଙ୍କୁ ତାଲିମ ଦେବା ପାଇଁ ଚୟନ କରାଯାଇଥିଲା। ଏଥିରେ ମୋଟ ୧୩ଟି କମ୍ପାନୀର ଅଧିକାରୀ ଯୋଗ ଦେଇଥିଲେ। ତାଲିମ ପ୍ରଦାନ ପରେ ଯୁବତୀ, ଯୁବକମାନଙ୍କୁ ନିଯୁକ୍ତି ଦିଆଯିବ। ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।



ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକସ୍ତରୀୟ ନିଯୁକ୍ତି ମେଳାରେ ଉପସ୍ଥିତ ଅଧିକାରୀମାନେ ।

# ବୀର ସୁରେନ୍ଦ୍ର ସାଏଙ୍କ ଜୟଗାନ



ଗୁରୁବାର ଅଇଁଠାପାଲି ତଳି ଛକସ୍ଥିତ ବୀରସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜୟଗାନ କରାଯାଉଛି (ବାମ) । ଜେଲ ଛକ ସ୍ଥିତ ସମ୍ବଲପୁର ବୀରସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜୟଗାନ କରାଯାଉଛି ।

ସମ୍ବଲପୁର,୨୩।୧(ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ବୀରସୁରେନ୍ଦ୍ର ସାଏଙ୍କ ଜୟଗାନରେ ଗାଁଠୁ ସହର ପ୍ରକମ୍ପିତ ହୋଇଥିଲା। ସୁରେନ୍ଦ୍ର ସାଏଙ୍କ ୨୧୨ତମ ଜୟନ୍ତୀ ତିଥିରେ ଜନ୍ମସ୍ଥାନ ଖିଣ୍ଡା ସମେତ ବିଭିନ୍ନ ସ୍ଥାନରେ ବିବିଧ କାର୍ଯ୍ୟକ୍ରମ ହୋଇଥିଲା। ସକାଳ ୮ଟାରେ ସମ୍ବଲପୁର ଜେଲ ଛକସ୍ଥିତ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ, ବିଭିନ୍ନ ରାଜନୈତିକ ଦଳ, ସାଂସ୍କୃତିକ, କ୍ରୀଡ଼ା, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟମାନେ ମାଲ୍ୟାର୍ପଣ କରି ବୀରସୁରେନ୍ଦ୍ର ସାଏ ଅମର ରହେ ଜୟଧ୍ୱନି ଦେଇଥିଲେ। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ, ଜିଲାପାଳ ଶୁଭମ ସକସେନା, ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ଓଡିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫୁଲ୍ଲ କୁମାର ହୋତା, ପୂର୍ବତନ ବିଧାୟିକା ରାଶେଶ୍ୱରୀ ପାଣିଗ୍ରାହୀ, ସମ୍ପାଦକ ସରୋଜ ଦାଶ, ଚାଷୀ ନେତା ଅଶୋକ ପ୍ରଧାନ, ସାର୍ବଜନୀନ ଗ୍ରନ୍ଥାଗାର ସଭ୍ୟ ରାଜେନ୍ଦ୍ର ପଣ୍ଡା ରାଜ୍ୟ ଉପମୁଖ୍ୟ ସଚେତନ ରୋହିତ ପୂଜାରୀ, ପୂର୍ବତନ ଏମ୍‌ପି ଭବାନୀଶଙ୍କର ହୋତା ପ୍ରମୁଖ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ପୂର୍ବାହ୍ନ ୧୧ଟାରେ ଭାଜପା ଜିଲା ସଭାପତି ଗିରୀଶ ପଟେଲ, ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରି ନାୟକ, ଜିଲାପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଭାଜପା ରାଜ୍ୟ ପ୍ରବକ୍ତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲଙ୍କ ସମେତ ବୀରସୁରେନ୍ଦ୍ର ସାଏ ଅଟୋରିକ୍ସା ଚାଳକ ସଂଘର କର୍ମକର୍ତ୍ତା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ । ସେହିପରି ଅଇଁଠାପାଲି ତଳି ଛକସ୍ଥିତ ପ୍ରତିମୂର୍ତ୍ତିରେ ବୁଢ଼ାରଜା ବନସଂରକ୍ଷଣ ସମିତି ସଭାପତି ମେଘୁ ମୁଣ୍ଡାଙ୍କ ପରିଚାଳନାରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ହୋଇଥିଲା । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କର୍ମକର୍ତ୍ତା ଓ ସଭ୍ୟମାନେ ଘୋଷଯାତ୍ରା, ବଙ୍ଗାଲିପଡା ନେତାଜୀ ସୁବାଷ ଚନ୍ଦ୍ର ବୋଷ ସଂଘ କର୍ମକର୍ତ୍ତା ବାଇକ ରାଲିରେ ସହର ପରିକ୍ରମା କରି ଜେଲଛକସ୍ଥିତ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିଠାରେ ପହଞ୍ଚିଥିଲେ । ଏପରି କି ବିଭିନ୍ନ ସ୍କୁଲ, କଲେଜ ଏବଂ କ୍ଲବଗୁଡିକରେ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରି ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ୯୬୩ଜଣ ଛାତ୍ରୀଛାତ୍ର ମାର୍ଚ୍ଚଫାଷ୍ଟରେ ସହର ପରିକ୍ରମା କରିଥିଲେ ।

### ଜେଲ ଛକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

## ଦିଶା ବୈଠକରେ ନୂତନ କମିଟି ଗଠିତ

ସମ୍ବଲପୁର, ୨୩।୧ (ବ୍ୟୁରୋ)

ସମ୍ବଲପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ଡିଷ୍ଟ୍ରିକ୍ଟ ଡେଭଲପ୍‌ମେଣ୍ଟ କୋଅର୍ଡିନେସନ୍ ମନିଟରିଂ କମିଟି (ଦିଶା)ର ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ବୈଠକରେ ଅଧ୍ୟକ୍ଷତାରେ କରିଥିଲେ । ଏଥିରେ ଜିଲାରେ ଚାଲିଥିବା ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରାଯାଇଥିଲା। ଯୋଜନାଗୁଡିକ କିପରି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେନେଇ ଅଧିକାରୀଙ୍କୁ ଏମ୍‌ପି ଗଙ୍ଗଦେବ ପରାମର୍ଶ ଦେଇଥିଲେ । ଏହି ଅବସରରେ ଏକ ନୂତନ କମିଟି ଗଠନ କରାଯାଇଥିଲା। କମିଟି ଅଧ୍ୟକ୍ଷ ସମ୍ବଲପୁର ଏମ୍‌ପି ଗଙ୍ଗଦେବ ରହିଥିବା ବେଳେ ସମ୍ପାଦକ ଜିଲାପାଳ ଶୁଭମ ସକସେନା ରହିଛନ୍ତି। ସେହିପରି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରି ନାଏକ, ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାରୀ ଓ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ ସଭ୍ୟ ରହିଛନ୍ତି। ୫ଜଣ ସରପଞ୍ଚଙ୍କ ମଧ୍ୟରେ ଧନକଉଡା ବ୍ଲକ କିଲାସମା ପଞ୍ଚାୟତର ପ୍ରଶାନ୍ତ ବାରିକ, ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତର ମିତ୍ରଭାନୁ ସାହୁ, ମାନେଶ୍ୱର ବ୍ଲକ ହୁମା ପଞ୍ଚାୟତର ସୁଜିତ ସାହୁ, ବାମରା ବ୍ଲକ ରଙ୍ଗିଆଟିକ୍ରା ପଞ୍ଚାୟତର ଚମ୍ପାବତୀ ମିଞ୍ଜ ଓ ପିଣ୍ଡାପଥର ସରପଞ୍ଚ କୌଶଲ୍ୟା ମିଞ୍ଜଙ୍କ ରହିଛନ୍ତି। ଜିଲାର ସମସ୍ତ ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷ ଏବଂ ଏନ୍‌ଜିଓ ସଂସ୍ଥାର ଫଣିଭୂଷଣ ମିଶ୍ରଙ୍କୁ ସଭ୍ୟ ଭାବେ ମନୋନୀତ କରାଯାଇଛି। କମିଟି ସଭ୍ୟ ଜିଲାର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବେ।



ମୋ ଘରେ ଦର୍ପଣ ନ ଥିଲା। ମୁଁ ମୋ ଛାଇକୁ ଦେଖି ସବୁବେଳେ ନାଚୁଥିଲି।
-ବାବା ଜ୍ୟାକ୍ସନ୍,
ଟିକ୍‌ଟକ୍ ଷ୍ଟାର୍

# ସୁନିଶ୍ଚିତ କରାଯାଉ ବାଳିକାଙ୍କ ଅଧିକାର

## ଜାତୀୟ ଶିଶୁକନ୍ୟା ଦିବସ

ଭାରତରେ ମହିଳା ଓ ଝିଅମାନଙ୍କୁ ଦେବୀ ଓ ଲକ୍ଷ୍ମୀ ଭାବେ ବିବେଚନା କରାଯାଉଥିବା ବେଳେ ସେମାନେ ସମାଜରେ ଅସମାନତାର ଶିକାର ହେଉଛନ୍ତି। ଏହାକୁ ଦୂର କରି ଶିଶୁକନ୍ୟାମାନେ କିଭଳି ଏକ ସଶକ୍ତ,ସୁରକ୍ଷିତ ପରିବେଶ ପାଇପାରିବେ ସେଥିଲାଗି ପ୍ରତିବର୍ଷ ୨୪ ଜାନୁୟାରୀରେ ଜାତୀୟ ଶିଶୁକନ୍ୟା ଦିବସ ପାଳନ କରାଯାଏ। ମହିଳା ଏବଂ ଶିଶୁବିକାଶ ମନ୍ତ୍ରଣାଳୟ ଦ୍ୱାରା ୨୦୦୮ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ସମାଜରେ ବାଳିକାମାନେ ସାମ୍ନା କରୁଥିବା ଅସମାନତା ବିରୋଧରେ ସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ। ବାଳିକାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ସମେତ ସମ୍ମାନ ଓ ଅଧିକାର ଉପରେ ଉକ୍ତ ଦିବସ ଗୁରୁତ୍ୱ ପ୍ରଦାନ କରେ। ଜାତୀୟ ଶିଶୁକନ୍ୟା ଦିବସରେ ବାଳିକାମାନଙ୍କ ଅଧିକାର ଓ ସମସ୍ତ ସାମାଜିକ ସମସ୍ୟାକୁ ସାମ୍ନା କରିବା ଲାଗି ରହିଥିବା ବିଭିନ୍ନ ଆଇନ ଓ ଘରୋଇ ହିଂସା ଅଧିନିୟମ ୨୦୦୯, ଶିଶୁବିବାହ ନିରୋଧୀ ଆଇନ ୨୦୦୯, ଯୌତୁକ ନିରୋଧୀ ଆଇନ ୨୦୦୬ ସମ୍ପର୍କରେ ଅବଗତ କରାଯାଏ। ଭାରତରେ ମହିଳା ସାକ୍ଷରତା ହାର ଏବେ ୫୩.୮୭ ପ୍ରତିଶତ ଓ ମୋଟ ବାଳିକାଙ୍କ ମଧ୍ୟରୁ ଏକ ତୃତୀୟାଂଶ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ଏହି କାରଣରୁ ସେମାନେ ପ୍ରାପ୍ତ ବୟସ୍କ ବେଳକୁ ବିଭିନ୍ନ ରୋଗରେ ପଡୁଛନ୍ତି। ବିଭିନ୍ନ ଯୋଜନା ଦ୍ୱାରା ବାଳିକାମାନଙ୍କ ସ୍ଥିତି ସୁଧାରିବା ଲାଗି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ଏବଂ ରାଜ୍ୟ ସ୍ତରରେ ପଦକ୍ଷେପ ନିଆଯାଉଛି। ଶିକ୍ଷା ଅଧିକାର ଆଇନରେ ବାଳିକାମାନଙ୍କୁ ମାଗଣା ଓ ଜରୁରୀ ଶିକ୍ଷା ଉପଲବ୍ଧ କରାଯିବାର ବ୍ୟବସ୍ଥା କରାଯାଇଛି।



# ବିଶ୍ୱକୁ ଭୟ
# 'ସାର୍ସ' ସଂକ୍ରମଣ

ଫୁସ୍‌ଫୁସ୍‌ରେ ଗୁରୁତର ପ୍ରଦାହକୁ 'ସାର୍ସ' (ସିଭିୟର ଆକ୍ୟୁଟ ରେସିପିରେଟୋରି ସିଣ୍ଡ୍ରୋମ୍ )କୁହାଯାଏ। ଭୂତାଣୁ ସଂକ୍ରମଣରୁ ଏହା ହୋଇଥାଏ। ଅଧିକ ଜ୍ୱର, କାଶ ଓ ମୁଣ୍ଡବିନ୍ଧା ହୁଏ। ବାନ୍ତି ଲାଗେ। ପ୍ରତିବର୍ଷ ଶୀତଦିନେ ଚାଇନା, କୋରିଆ ଓ ମଧ୍ୟପ୍ରାଚ୍ୟ ଦେଶରେ ଏହା ମହାମାରୀ ରୂପ ନିଏ। ମଧ୍ୟ ଚାଇନାରେ ଗତ ଦୁଇସପ୍ତାହ ମଧ୍ୟରେ ୫୯ ଜଣ ଆକ୍ରାନ୍ତ ହୋଇଛନ୍ତି। ୧୫ ଜଣଙ୍କ କଫରେ ଏହି ଭୂତାଣୁ ଚିହ୍ନଟ ହୋଇଛି। ୨୦୦୦ ମସିହାରେ ଠିକ୍ ସେହି ସ୍ଥାନରେ 'ସାର୍ସ ' ମହାମାରୀ ଦେଖାଦେଇଥିଲା। ଏହା ସମୟକ୍ରମେ ଦକ୍ଷିଣ-ପୂର୍ବ ଏସିଆ ଓ ୟୁରୋପ ମହାଦେଶକୁ ପରିବ୍ୟାପ୍ତ ହୋଇ ଅନେକ ରୋଗୀଙ୍କ ମୃତ୍ୟୁ ହେଲା। ଏହା ଭୂତାଣୁଜନିତ ନିମୋନିଆ ରୋଗ। ଜୀବାଣୁ ଦ୍ୱାରା ହେଉଥିବା ନିମୋନିଆ ଆଣ୍ଟିବାୟୋଟିକ ସେବନ ଦ୍ୱାରା ଆରୋଗ୍ୟ ହୁଏ, କିନ୍ତୁ ଭୂତାଣୁ ନିମୋନିଆର ଠିକ୍ ଚିକିତ୍ସା ଏଯାବତ ଉପଲବ୍ଧ ହୋଇପାରିନାହିଁ। 'ସାର୍ସ' ରୋଗର ଲକ୍ଷଣ ଇନ୍‌ଫ୍ଲୁଏଞ୍ଜା କିମ୍ବା ଶର୍ଦ୍ଦି ରୋଗ ସହିତ ସମାନ। ସାମାନ୍ୟ ଜ୍ୱର, କାଶ, ମୁଣ୍ଡବିନ୍ଧା ଓ ଥଣ୍ଡାରୁ ଏହା ଆରମ୍ଭ ହୁଏ। ଚାରି ପାଞ୍ଚଦିନ ମଧ୍ୟରେ ଜ୍ୱର ପ୍ରକୋପ ବଢ଼ି ନିମୋନିଆ ଲକ୍ଷଣ ପ୍ରକାଶ ପାଏ। ନିଃଶ୍ୱାସ ନେବାରେ କଷ୍ଟ ହୁଏ। ଭୂତାଣୁ ଶରୀରରେ ପ୍ରବେଶ କରିବାର ୭ରୁ ୧୦ ଦିନ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ ପାଏ। 'ସାର୍ସ' ଭୂତାଣୁ କାଶ, ଛିଙ୍କ, ନିଃଶ୍ୱାସ ଓ କଫର ବିନ୍ଦୁ ସଂକ୍ରମଣ ଦ୍ୱାରା ପ୍ରସାରିତ ହୁଏ। ରୋଗୀର ପରିବାର ସଦସ୍ୟ, ଡାକ୍ତର, ନର୍ସ ଓ ପରିଚାରକମାନେ ସହଜରେ ଆକ୍ରାନ୍ତ ହୁଅନ୍ତି। ସଫଳ ଚିକିତ୍ସା କଲେ ଦୁଇ ସପ୍ତାହ ବେଳକୁ ରୋଗୀ ଭଲ ହୋଇଯାଏ। କିନ୍ତୁ ପୀଡିତଙ୍କ ମଧ୍ୟରୁ ତିନି ପ୍ରତିଶତ ରୋଗୀଙ୍କର ମୃତ୍ୟୁହୁଏ। ସଂକ୍ରମଣ ଅଞ୍ଚଳକୁ ନ ଯାଇ ରୋଗୀ ସାନ୍ନିଧ୍ୟରୁ ନିବୃତ୍ତ ରହିଲେ ସଂକ୍ରମଣ ସମ୍ଭାବନା ହ୍ରାସ ପାଏ। ଲକ୍ଷଣକୁ ଦେଖି ଚିକିତ୍ସା କରିବା ଏକମାତ୍ର ଉପାୟ। ଏହି ରୋଗରେ ନିଃଶ୍ୱାସ ଅବରୁଦ୍ଧ ହେଲେ ଅମ୍ଳଜାନ ଦିଆଯାଏ। କମ୍ ସମୟ ବ୍ୟବଧାନରେ ଏହି ରୋଗ ବହୁଳ ପ୍ରସାରିତ ହୁଏ। ୧୯୬୦ ମସିହାରେ 'ସାର୍ସ' ଭୂତାଣୁ ପ୍ରଥମେ ନାକର ପାଣିରୁ ଚିହ୍ନଟ ହେଲା। ଶୀତଋତୁରେ ଏହାର ପ୍ରାଦୁର୍ଭାବ ବେଶି। ଏହା ଏକ ପ୍ରକାର 'କରୋନା' ଭୂତାଣୁ। ୨୦୦୩ ମସିହାରେ ପୋଷା ଜୀବ ଓ ପକ୍ଷୀମାନଙ୍କ ଦେହରେ ଏହା ଦେଖିବାକୁ ମିଳିଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ତଥ୍ୟ ଅନୁଯାୟୀ ଏଥିରେ ୮୦୦୦ ବ୍ୟକ୍ତି ସଂକ୍ରମିତ ହୋଇଥିଲେ ଓ ୧୦ ଶତାଂଶଙ୍କର ମୃତ୍ୟୁ ଘଟିଥିଲା। ପରେ ପ୍ରାଣୀମାନଙ୍କ ଦ୍ୱାରା ମଣିଷମାନେ ବି ରୋଗଗ୍ରସ୍ତ ହେଲେ। 'କରୋନା' ଭୂତାଣୁ ବାଦୁଡ଼ିଠାରୁ ମଣିଷକୁ ସଂକ୍ରମିତ କରେ। ୨୦୧୯ ଡ଼ିସେମ୍ବରରେ ଏହା କେନ୍ଦ୍ରୀୟ ଚାଇନାରେ ମହାମାରୀ ଆକାର ଧାରଣ କରିବା ପରେ ଏବେ ଦକ୍ଷିଣ-ପୂର୍ବ ଏସିଆ ଦେଶଗୁଡ଼ିକୁ ଏହା ପ୍ରସାରିତ ହେବାର ଆଶଙ୍କା ରହିଛି। ବିଭିନ୍ନ ଦେଶ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଉନ୍ନତ ହେବା ଦ୍ୱାରା ପ୍ରତିଦିନ ହଜାର ହଜାର ଲୋକ ବିଭିନ୍ନ ଦେଶକୁ ଯିବାଆସିବା କରୁଛନ୍ତି। ତେଣୁ ମହାମାରୀ ବିଶ୍ୱବ୍ୟାପି ଦେଖାଦେବାର ଆଶଙ୍କା ରହିଛି। ସରକାର ଗଣମାଧ୍ୟମ ଦ୍ୱାରା ଜନସଚେନତା ସୃଷ୍ଟି କରି ଏହାର ପ୍ରତିରୋଧ କରିବା ଆବଶ୍ୟକ।

**- ଡା. ଦ୍ୱିଜେଶ କୁମାର ପଣ୍ଡା**
୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୋ: ୯୪୩୮୪୭୦୭୭୭



# ଟୁଥ୍‌ପିକ୍‌ରେ ଜାତୀୟ ପତାକା ତିଆରି କଲେ ଶିକ୍ଷକ

**ଅମୃତସର:** ପଞ୍ଜାବର ଅମୃତସରସ୍ଥିତ ଏକ ସରକାରୀ ସ୍କୁଲର ଶିକ୍ଷକ ବଲ୍‌ଜିନ୍ଦର ସିଂ ଟୁଥ୍‌ପିକ୍ ବ୍ୟବହାର କରି ଜାତୀୟ ପତାକା ତିଆରି କରିଛନ୍ତି। ୭୧ତମ ସାଧାରଣତନ୍ତ୍ର ଦିବସ ଅବସରରେ ଏହାକୁ ସେ ତିଆରି କରିଥିବା ପ୍ରକାଶ କରିଛନ୍ତି। ଏଥିପାଇଁ ସେ ୭୧,୦୦୦ଟି ଟୁଥ୍‌ପିକ୍ ବ୍ୟବହାର କରିଛନ୍ତି। ଆଉ ଏହାକୁ ତିଆରି କରିବାକୁ ତାଙ୍କୁ ୪୦ ଦିନ ସମୟ ଲାଗିଛି। ସାଧାରଣତନ୍ତ୍ର ଦିବସକୁ ଆଉ ମାତ୍ର ୨ ଦିନ ବାକିଥିବା ବେଳେ ବଲ୍‌ଜିନ୍ଦରଙ୍କ ଏହି ଜାତୀୟ ପତାକା ଚର୍ଚ୍ଚାକୁ ଆସିଛି। ଟୁଥ୍‌ପିକ୍‌ରେ ପତାକାଟି ତିଆରି କରିବା ପରେ ସେ ଏହାକୁ ଜାତୀୟ ପତାକାରେ ଥିବା ୩ଟି ରଙ୍ଗରେ ରାଙ୍ଗେଇଛନ୍ତି। ବଲଜିନ୍ଦରଙ୍କ ଏହି କାମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



# ଭୁଶୁଡ଼ିପଡ଼ିଲା ପାଣିଟାଙ୍କି



## ଭିଡିଓ ଭାଇରାଲ

କୋଲକାତା: ସୋସିଆଲ୍ ମିଡ଼ିଆରେ ଗୁରୁବାର ଏକ ପାଣିଟାଙ୍କି ଭୁଶୁଡ଼ିବାର ଭିଡ଼ିଓ ଶେୟାର କରାଯାଇଛି। ଏହା ଅଧିକରୁ ଅଧିକ ଭାଇରାଲ ହେବାରେ ଲାଗିଛି। ଏହି ଭିଡ଼ିଓଟି ପଶ୍ଚିମବଙ୍ଗ ବାଙ୍କୁରା ଜିଲାର ବୋଲି କୁହାଯାଉଛି। ସ୍ଥାନୀୟ ସେରେଙ୍ଗା ଗାଁରେ ଥିବା ଏହି ପାଣିଟାଙ୍କିଟି ବୁଧବାର ଅପରାହ୍ନ ୩ଟାରେ ଭାର ସହି ନ ପାରି ଭୁଶୁଡ଼ି ପଡ଼ିଥିଲା। କେବେ ବି ଏଭଳି ଘଟଣା ଘଟି ନ ଥିବାବେଳେ ହଠାତ୍ ପାଣିଟାଙ୍କୁ ଭୁଶୁଡ଼ିବା ଘଟଣାରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳ କିଛି ସମୟ ପାଇଁ ଜଳମଗ୍ନ ହୋଇଯାଇଥିଲା। ଏହାକୁ ଫେସବୁକ୍ , ଟୁଇଟର ଆଦି ସୋସିଆଲ୍ ମିଡ଼ିଆ ସାଇଟ୍‌ରେ ୟୁଜର ଅଧିକ ସଂଖ୍ୟାରେ ଶେୟାର କରୁଥିବା ଜଣାପଡ଼ିଛି।

# ପାହାଡ଼ ଉପରେ ହଜାରେ ବର୍ଷର ଗଣେଶଙ୍କ ମୂର୍ତ୍ତି



ରାୟପୁର: ଭାରତର ବିଭିନ୍ନ ସ୍ଥାନରେ ବହୁ ପର୍ଯ୍ୟଟନ ସ୍ଥାନ ରହିଛି। ସେଥିମଧ୍ୟରେ ଛତିଶଗଡ଼ ଦାନ୍ତେୱାଡା ଜିଲାର ଦନ୍ତେଶ୍ୱରୀ କାଳି ଏବଂ ଗଣେଶଙ୍କ ପାଖରେ ଶ୍ରଦ୍ଧାଳୁଙ୍କ ଭିଡ଼ ବେଶ୍ ଜମିଥାଏ। ଢ଼ୋଲକଲ ପାହାଡ଼ରେ ଥିବା ପ୍ରଭୁ ଗଣେଶଙ୍କ ମନ୍ଦିରରେ ହଜାରେ ବର୍ଷ ପୁରୁଣା ମୂର୍ତ୍ତି ରହିଛି। ଏହା ପାହାଡ଼ ଉପରେ ସମୁଦ୍ର ପତ୍ତନଠାରୁ ୩ ହଜାର ଫୁଟ ଉଚ୍ଚରେ ରହିଛି। ଦାନ୍ତେୱାଡ଼ାଠାରୁ ପ୍ରାୟ ୧୩ କିମି ଦୂରରେ ଥିବା ଏହି ମୂର୍ତ୍ତିଙ୍କୁ ଲୋକେ ସ୍ଥାନୀୟ ଅଞ୍ଚଳର ରକ୍ଷକ ବୋଲି କହିଥାନ୍ତି। ମନ୍ଦିରକୁ ନାଗବଂଶୀ ରାଜା ୧୦ରୁ୧୧ ଶତାବ୍ଦୀରେ ନିର୍ମାଣ କରିଥିବା ଐତିହାସିକମାନେ ମତ ଦିଅନ୍ତି। ଏଭଳି ଦୁର୍ଗମ ଅଞ୍ଚଳରେ ପାହାଡ଼ରେ ଏତେ ଉପରେ କିଭଳି ମୂର୍ତ୍ତି ସ୍ଥାପନ କରାଗଲା ସେନେଇ ଶ୍ରଦ୍ଧାଳୁ ଆଶ୍ଚର୍ଯ୍ୟ ମଧ୍ୟ ହୋଇଥାନ୍ତି। ଗଣେଶଙ୍କ ମୂର୍ତ୍ତିର ଉଚ୍ଚତା ୩ରୁ ୪ଫୁଟ ହୋଇଥିବାବେଳେ ଏହା କଳା ମୁଗୁନି ପଥରରେ ନିର୍ମିତ। ଏଠାରେ ଥିବା କୈଳାସ ଗୁମ୍ଫା ଅଞ୍ଚଳରେ ଗଣେଶ ଏବଂ ପର୍ଶୁରାମଙ୍କ ମଧ୍ୟରେ ଘୋର ଯୁଦ୍ଧ ହୋଇଥିଲା ବୋଲି ଲୋକେ ବିଶ୍ୱାସ କରନ୍ତି। ଯୁଦ୍ଧରେ ଗଣେଶଙ୍କ ଦାନ୍ତ ଭାଙ୍ଗି ଏଠାରେ ପଡ଼ିଥିଲା। ସେବେଠାରୁ ଗଣେଶ ଏକଦନ୍ତ ଭାବେ ପରିଚିତ ହୋଇଥିଲେ ବୋଲି ଲୋକେ କୁହନ୍ତି।



# ୩୯ ବର୍ଷରେ ରିୟା ସେନ୍

ମୁମ୍ବାଇ: ବଲିଉଡ୍‌ର ଚୁଲ୍‌ବୁଲି ଅଭିନେତ୍ରୀ ସୁନ୍ଦରୀ ରିୟା ସେନ୍ ଶୁକ୍ରବାର ୩୯ ବର୍ଷରେ ପଦାର୍ପଣ କରିଛନ୍ତି । ସେ ୧୯୮୧ ଜାନୁୟାରୀ ୨୪ରେ କୋଲକତାଠାରେ ଜନ୍ମଗ୍ରହଣ କରିଥିଲେ। ନିଜର ବୋଲ୍ଡନେସ୍ ପାଇଁ ରିୟା ବଲିଉଡ୍‌ରେ ବେଶ୍ ଚର୍ଚ୍ଚିତ ରହିଛନ୍ତି। ୧୯୯୧ରେ ଫିଲ୍ମ 'ବିଷକନ୍ୟା'ରେ ସେ ଚାଇଲ୍ଡ ଆର୍ଟିଷ୍ଟ ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ୧୬ ବର୍ଷ ବୟସରେ ରିୟା ଫାଲଗୁନୀ ପାଠକଙ୍କ 'ୟାଦ୍ ପିୟା କି ଆନେ ଲଗି'ରେ ଦର୍ଶକଙ୍କ ମନକୁ ଜିଣିନେଇଥିଲେ। ୨୦୦୧ରେ ଏନ୍. ଚନ୍ଦ୍ରାଙ୍କ ଫିଲ୍ମ 'ଷ୍ଟାଇଲ୍'ରେ ସେ ଲିଡ୍ ରୋଲ୍‌ରେ ଡେବ୍ୟୁ କରିଥିଲେ। ୨୦୧୭ରେ ଶିବମ୍ ତିୱାରୀଙ୍କ ସହିତ ସେ ଲୁଚିଛପି ବିବାହ କରିଥିଲେ। ଏହାକୁ ନେଇ ବଲିଉଡ୍‌ରେ ବେଶ୍ ଚର୍ଚ୍ଚା ଜାରି ରହିଥିଲା। ତେବେ ରିୟା ବିବାହ ପୂର୍ବରୁ ଗର୍ଭବତୀ ଥିବା ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା।



# ସାଧାରଣ ବିଜ୍ଞାନ (GENERAL SCIENCE)

**Time: 2:30 Hours** **Full Marks - 100**

*Candidates are required to write the answers in their own words as far as practicable. The figures in the right-hand margin indicate marks. Answer all questions as directed.*

## PART – I (OBJECTIVE)

### Physical Science

**1. ନିମ୍ନୋକ୍ତ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦରେ ଲେଖ । [1×5=5**

(i) ଏକ ହଳଦିଆ ବର୍ଣ୍ଣର ଯୌଗିକ 'X' କୁ ସୂର୍ଯ୍ୟାଲୋକରେ ରଖିଲେ ଏହା ଧୂସର ବର୍ଣ୍ଣର ପଦାର୍ଥ 'Y' ଉତ୍ପନ୍ନ କରେ; ତେବେ 'Y' କ'ଣ ?

(ii) ଅମ୍ଳ ଧାତବ କାର୍ବୋନେଟ୍ ସହ ପ୍ରତିକ୍ରିୟା କଲେ ଲବଣ ଓ ଜଳ ବ୍ୟତୀତ ଆଉ କ'ଣ ସୃଷ୍ଟି କରେ ?

(iii) Mg ପରମାଣୁ ଅଷ୍ଟକ ସଂପୂର୍ଣ୍ଣ ପାଇଁ କେତୋଟି ଇଲେକ୍ଟ୍ରନ ତ୍ୟାଗ କରେ ?

(iv) ପାୱାରକୁ ଡାୟପ୍ଟର ଏକକରେ ପ୍ରକାଶ କରିବାକୁ ଗଲେ ଫୋକସ୍ ଦୂରତାକୁ କେଉଁ ଏକକରେ ପ୍ରକାଶ କରିବା ଆବଶ୍ୟକ ହୁଏ ?

(v) ବିଦ୍ୟୁତ୍ ପ୍ରବାହୀ ଦୀର୍ଘ ସଲେନଏଡ୍ ଭିତରେ କେଉଁ ପ୍ରକାର ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି ହୁଏ ?

**2. ଶୂନ୍ୟସ୍ଥାନ ପୂରଣ କର । [1×5=5**

(i) ଲେଡ୍ ନାଇଟ୍ରେଟ୍‌ର ବିଘଟନ ______ ଦ୍ୱାରା ହୋଇଥାଏ ।

(ii) ______ ଅଧାତୁ ହେଲେ ମଧ୍ୟ ଉଜ୍ଜ୍ୱଳତା ପ୍ରଦର୍ଶନ କରେ ।

(iii) ଫରମିକ୍ ଅମ୍ଳରେ ସକ୍ରିୟ ଗ୍ରୁପ୍ ହେଉଛି ______ ।

(iv) ଚକ୍ଷୁ ମଧ୍ୟକୁ ପ୍ରବେଶ କରୁଥିବା ଆଲୋକ ରଶ୍ମି ______ ଦ୍ୱାରା ପ୍ରତିସୃତ ହୁଏ ।

(v) ______ ସରଳ ଭୋଲଟୀୟ ସେଲ୍ ତିଆରି କରିଥିଲେ ।

**3. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବାକ୍ସରେ ଲେଖ । [1×5=5**

(i) ପୋଟାସିୟମ୍ ଏଲୁମିନେଟ୍‌ର ସଂକେତ $KAl_2O_4$ ।

(ii) ହାଲୋଜେନ୍ ଶ୍ରେଣୀରେ ସର୍ବାଧିକ ବିଦ୍ୟୁତ୍ ଋଣାତ୍ମକ ମୌଳିକ ହେଉଛି ଫ୍ଲୋରିନ୍ ।

(iii) ବାୟୁମଣ୍ଡଳୀୟ ପ୍ରତିସରଣ ଯୋଗୁଁ ତାରାମାନେ ଦପ୍‌ଦପ୍ ହେବା ଦେଖାଯାଏ ।

(iv) ଅବତଳ ଲେନ୍ସରେ ବସ୍ତୁ ଅନନ୍ତ ଦୂରତାରେ ରହିଲେ ପ୍ରତିବିମ୍ବ ଆଭାସୀ ଓ ସଳଖ ହୋଇଥାଏ ।

(v) ଦକ୍ଷିଣ ହସ୍ତ ବୃଦ୍ଧାଙ୍ଗୁଳି ନିୟମ ସାହାଯ୍ୟରେ ସହଜରେ ବିଦ୍ୟୁତ୍ ସ୍ରୋତର ଦିଗ ଜାଣିହୁଏ ।

**4. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ମେଳ କର । [1×5=5**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) $BaSO_4$ | (a) $CH_3COOH$ |
| (ii) ପିମ୍ପୁଡ଼ି ଦଂଶନ | (b) S |
| (iii) Ca | (c) 2, 6 |
| (iv) ଏସିଟିକ୍ ଏସିଡ୍ | (d) ବିଦ୍ୟୁତ୍ ସଂଶ୍ଳେଷଣ |
| (v) O | (e) ମିଥାନୋଇକ୍ ଏସିଡ୍ |

**5. ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ଦର୍ଶାଅ । [1×5=5**

(i) ଜିଂକ୍ ସଲଫେଟ୍ ଦ୍ରବଣରେ ତମ୍ବାପାତ ବୁଡ଼ାଇଲେ କୌଣସି ପ୍ରତିକ୍ରିୟା ନ ଘଟିବାର କାରଣ କ'ଣ ?

(ii) ହାଇଡ୍ରୋଜେନ୍ ଆୟନ୍‌କୁ କାହିଁକି ହାଇଡ୍ରୋନିୟମ୍ ($H_3O^+$) ଆୟନ ରୂପେ ଦର୍ଶାଯାଏ ?

(iii) B, O, N, F, C ମୌଳିକଗୁଡ଼ିକୁ ଆକାର ବୃଦ୍ଧି କ୍ରମରେ ସଜାଇ ଲେଖି ଏଗୁଡ଼ିକ କେଉଁ ପର୍ଯ୍ୟାୟର ଉଲ୍ଲେଖ କର ।

(iv) ବର୍ଣ୍ଣାଳୀର ଊର୍ଦ୍ଧ୍ୱରେ କାହିଁକି ଲାଲ୍ ବର୍ଣ୍ଣ ରହେ ?

(v) ଭୋଲ୍ଟର ସଂଜ୍ଞା ଲେଖ ।

### Life Science

**6. ଶୂନ୍ୟସ୍ଥାନ ପୂରଣ କର : [1×5=5**

(i) ପାକସ୍ଥଳୀର ଉପର ଅଂଶକୁ କାର୍ଡ଼ିଆକ୍ ଷ୍ଟୋମାକ୍ ଓ ତଳ ଅଂଶକୁ ______ କୁହାଯାଏ ।

(ii) ପତ୍ରରେ ପ୍ରସ୍ତୁତ ଶ୍ୱେତସାର ______ ଟିସୁ ଦ୍ୱାରା ସ୍ଥାନାନ୍ତରିତ ହୋଇଥାଏ ।

(iii) ଭ୍ରୂଣପୋଷର ଗୁଣସୂତ୍ର ସଂଖ୍ୟା ______ ଅଟେ ।

(iv) ଗୋବର ଗ୍ୟାସ୍‌ରେ ମୁଖ୍ୟତଃ ______ ଗ୍ୟାସ୍ ଅଧିକ ପରିମାଣରେ ଥାଏ ।

(v) ପରିସଂସ୍ଥାରେ ପ୍ଲବ ଉଦ୍ଭିଦ ଏକ ______ ।

**7. ଗୋଟିଏ ବା ଦୁଇଟି ଶବ୍ଦରେ ଉତ୍ତର ଦିଅ । [1×5=5**

(i) ସବୁଜ ଉଦ୍ଭିଦ କେଉଁ ପ୍ରକ୍ରିୟାରେ ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରିଥାଏ ?

(ii) କେଉଁ ପ୍ରକାର ପତ୍ରର କେବଳ ଉପରିଭାଗରେ ବା ପୃଷ୍ଠତଳରେ ଷ୍ଟୋମାଟା ଥାଏ ?

(iii) ଲୋହିତ ରକ୍ତକଣିକାର ଆବରଣରେ ଥିବା ପ୍ରୋଟିନ୍‌ଟି କ'ଣ ?

(iv) ପ୍ରାଣୀ ଓ ଉଦ୍ଭିଦରେ ହେଉଥିବା ବିବର୍ତ୍ତନକୁ କ'ଣ କୁହାଯାଏ ?

(v) ଖାଦ୍ୟ ପ୍ରବାହ ଜରିଆରେ ପ୍ରାଣୀ ଶରୀରରେ ବିଷାକ୍ତ ପଦାର୍ଥର କ୍ରମାଗତ ବୃଦ୍ଧିକୁ କ'ଣ କୁହାଯାଏ ?

**8. ଗୋଟିଏ ବାକ୍ୟରେ ଉତ୍ତର ଦିଅ : [1×5=5**

(i) ରୁବିସ୍କୋ କ'ଣ ଓ ଏହାର କାର୍ଯ୍ୟ ଲେଖ ।

(ii) ଦ୍ୱୈତ ସଞ୍ଚାଳନ କହିଲେ କ'ଣ ବୁଝ ?

(iii) ବଂଶାନୁକ୍ରମ କହିଲେ କ'ଣ ବୁଝ ?

(iv) ସୌର କୁକରର ପାତ୍ରଗୁଡ଼ିକର ଭିତର ପାଖରେ କଳା ରଙ୍ଗର ପ୍ରଲେପ ଦିଆଯାଇଥାଏ କାହିଁକି ?

(v) ଜଳମଣ୍ଡଳ କାହାକୁ କୁହାଯାଏ ?

**9. 'କ' ସ୍ତମ୍ଭରେ ପ୍ରଥମ ଯୋଡ଼ାର ସମ୍ପର୍କକୁ ଲକ୍ଷ୍ୟ କରି 'ଖ' ସ୍ତମ୍ଭରେ ଦ୍ୱିତୀୟଟିରେ ଶୂନ୍ୟସ୍ଥାନ ପୂରଣ କର । [1×5=5**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) ଚିପ୍‌କୋ ଆନ୍ଦୋଳନ: ସୁନ୍ଦରଲାଲ୍ ବହୁଗୁଣା | ମେଧା ପାଟ୍‌କର: ______ । |
| (ii) ହରିଣ : ତୃଣଭୋଜୀ | ମନୁଷ୍ୟ : ______ । |
| (iii) ଉତ୍ତପ୍ତ ଜଳ : ଉଷ୍ଣ ପ୍ରସ୍ରବଣ | ତରଳ ଶିଳା : ______ । |
| (iv) ଗାଲିଛିଦ୍ର : ଫୁସ୍‌ଫୁସ୍ | ପୃଷ୍ଠରଜ୍ଜୁ : ______ । |
| (v) ଭାସେକ୍ଟୋମୀ : ଶୁକ୍ରବାହୀ ନଳୀ : : | ଟ୍ୟୁବେକ୍ଟୋମୀ : ______ । |

**10. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବାକ୍ସରେ ସୂଚାଅ । [1×5=5**

(i) ଏଡ୍‌ସରେ ଆକ୍ରାନ୍ତ ବ୍ୟକ୍ତିର ଶରୀରରେ ଟି-ଲିମ୍ଫୋସାଇଟ୍ ନାମକ ଏକ ପ୍ରକାର ଶ୍ୱେତ ରକ୍ତକଣିକା ସଂଖ୍ୟା ଦ୍ରୁତ ଗତିରେ ହ୍ରାସପାଏ ।

(ii) ପାକିଟିନ୍ ଉପାବସ୍ଥାରେ ଗୁଣସୂତ୍ରଗୁଡ଼ିକ ସ୍ଥୂଳ ଓ କ୍ଷୁଦ୍ରାକାର ହୋଇଥାଏ ।

(iii) କେନ୍ଦ୍ରୀୟ ସ୍ନାୟୁତନ୍ତ୍ର କରୋଟି ସ୍ନାୟୁ ଓ ସୁଷୁମ୍ନା ସ୍ନାୟୁକୁ ନେଇ ଗଠିତ ।

(iv) ମଳରେ ୟୁରୋକ୍ରୋମ୍ ନାମକ ବର୍ଣ୍ଣକଣିକାର ଉପସ୍ଥିତି ଯୋଗୁଁ ହଳଦିଆ ଦେଖାଯାଏ ।

(v) ଇନ୍ଦିରା ଗାନ୍ଧି କେନାଲ ଯୋଜନା କର୍ଣ୍ଣାଟକରେ କାର୍ଯ୍ୟକାରୀ ହେଉଅଛି ।

## PART – II (SUBJECTIVE)

### Physical Science

**11.(କ)** ସହ ସଂଯୋଜ୍ୟ କ'ଣ ? ଡଟ୍‌କ୍ରସ ଇଲେକ୍ଟ୍ରନ୍ ସଂରଚନା ଦ୍ୱାରା ଏମୋନିଆ ଓ ମିଥେନ୍ ଅଣୁର ଗଠନ ଚିତ୍ର ମାଧ୍ୟମରେ ବୁଝାଅ । [4

**କିମ୍ବା,** କଲିଚୂନ ଓ ଶମିତ ଚୂନର ରାସାୟନିକ ନାମ ଓ ସଙ୍କେତ ଲେଖ । ଏଗୁଡ଼ିକ କିପରି ସୃଷ୍ଟି ହୁଏ, ରାସାୟନିକ ସମୀକରଣ ସହ ଉଲ୍ଲେଖ କର । ଶମିତ ଚୂନର ଦ୍ରବଣ କାନ୍ଥକୁ କିପରି ଧବଳ ଉଜ୍ଜ୍ୱଳତା ପ୍ରଦାନ କରେ ସମୀକରଣ ସହ ବୁଝାଅ ।

**(ଖ)** ଇନ୍ଦ୍ରଧନୁ କିପରି ସୃଷ୍ଟି ହୁଏ ଚିତ୍ର ସହ ବୁଝାଅ । [4

**କିମ୍ବା,** ପରିବାହୀର ପ୍ରତିରୋଧ କେଉଁ କେଉଁ କାରକ ଉପରେ ନିର୍ଭର କରେ ଲେଖ । ବିଶିଷ୍ଟ ପ୍ରତିରୋଧ ନିର୍ଣ୍ଣୟ ପାଇଁ ଏକ ସୂତ୍ର ନିଗମନ କର । ଧାତୁ ଓ ମିଶ୍ରଧାତୁମାନଙ୍କର ପ୍ରତିରୋଧିତା ବିଷୟରେ ଲେଖ ।

**12.(କ)** କୌଣସି ରାସାୟନିକ ପ୍ରତିକ୍ରିୟାରେ କେବଳ ଜାରଣ କିମ୍ବା କେବଳ ବିଜାରଣ ଘଟେ ନାହିଁ । ଉଦାହରଣ ଦ୍ୱାରା ଏହାର ସତ୍ୟତା ପ୍ରତିପାଦନ କର । [3

**କିମ୍ବା,** ସୋଡ଼ିୟମ୍ ହାଇଡ୍ରକ୍ସାଇଡ୍‌ର ପ୍ରସ୍ତୁତି ବର୍ଣ୍ଣନା କର ।

**(ଖ)** ସକ୍ରିୟତା କ୍ରମ ଅନୁଯାୟୀ ମୌଳିକଗୁଡ଼ିକର ପ୍ରତୀକ ଏବଂ ସେଗୁଡ଼ିକର ଧାତୁ ନିଷ୍କାସନ ପ୍ରଣାଳୀ ଲେଖ । [3

**କିମ୍ବା,** କ୍ଷାରୀୟ ଧାତୁ ଓ ହାଲୋଜେନ୍ ମୌଳିକ ସହ ହାଇଡ୍ରୋଜେନ୍‌ର କିପରି ସାମଞ୍ଜସ୍ୟ ଅଛି ବୁଝାଅ ।

**(ଗ)** ଏକ ଉତ୍ତଳ ଦର୍ପଣଠାରୁ ବସ୍ତୁକୁ ଘୁଞ୍ଚାଇ ନେଲେ ପ୍ରତିବିମ୍ବର ଅବସ୍ଥିତି ଓ ଆକାର କିପରି ବଦଳି ଥାଏ ? [3

**କିମ୍ବା,** ବୈଦ୍ୟୁତିକ ଉପକରଣଗୁଡ଼ିକୁ ସମାନ୍ତରାଳ ଭାବେ ସଂଯୋଗ କରିବା ଦ୍ୱାରା କି କି ସୁବିଧା ହୋଇଥାଏ ?

**13.(କ)** ପ୍ରତି ପର୍ଯ୍ୟାୟରେ ଯୋଜ୍ୟତାର କି ପରିବର୍ତ୍ତନ ଘଟେ ? ଉଦାହରଣ ଦିଅ । [2

**କିମ୍ବା,** ବେଞ୍ଜିନ୍‌ର ସଙ୍କେତ ଓ ସଂରଚନା ଲେଖ ।

**(ଖ)** ଥରମିଟ୍ ପ୍ରତିକ୍ରିୟା କ'ଣ ବୁଝାଅ । [2

**କିମ୍ବା,** $H^+(aq)$ ଆୟନ୍‌ଗୁଡ଼ିକର ଗାଢ଼ତା ଦ୍ରବଣର ପ୍ରକୃତି ଉପରେ କି ପ୍ରଭାବ ପକାଇଥାଏ ?

**(ଗ)** ଏକ ଅବତଳ ଦର୍ପଣ ଓ ଉତ୍ତଳ ଲେନ୍ସକୁ ଜଳ ମଧ୍ୟରେ ରଖିଲେ ସେଗୁଡ଼ିକର ଫୋକସ୍ ଦୈର୍ଘ୍ୟରେ କି ପରିବର୍ତ୍ତନ ଘଟେ ? [2

**କିମ୍ବା,** ମୁକୁରିକା କ'ଣ ? ଏହାର କାର୍ଯ୍ୟ ଲେଖ ।

**(ଘ)** ବିଦ୍ୟୁତ୍ ଶକ୍ତିର ବ୍ୟବସାୟିକ ଏକକ କ'ଣ ? ଏହାକୁ ଜୁଲ୍‌ରେ ପ୍ରକାଶ କର । [2

**କିମ୍ବା,** ସଲେନଏଡ୍ କିପରି ଦଣ୍ଡଚୁମ୍ବକ ପରି କାର୍ଯ୍ୟ କରେ ?

### Life Science

**14.(କ)** ସ୍ନାୟୁକୋଷର ଗଠନ ବର୍ଣ୍ଣନା କର । [4

**କିମ୍ବା,** ସମାୟନ ପରେ ଯୁଗ୍ମକର କି ପ୍ରକାର ପରିବର୍ତ୍ତନ ହୋଇଥାଏ ବୁଝାଅ ।

**(ଖ)** ସୂର୍ଯ୍ୟକୁ ସକଳ ଶକ୍ତିର ଆଧାର ବୋଲି କାହିଁକି କୁହାଯାଏ ? [4

**କିମ୍ବା,** ବର୍ଷାଜଳ ସଂରକ୍ଷଣର ଉପାୟଗୁଡ଼ିକ ଉଲ୍ଲେଖ କର ।

**15.(କ)** ସୁରାସାର କିଣ୍ୱନ ଓ ଲାକ୍‌ଟିକ୍ ଅମ୍ଳ କିଣ୍ୱନ ବୁଝାଅ । [3

କିମ୍ବା, ବଂଶାନୁକ୍ରମରେ ଜିନୀୟ ପଦାର୍ଥର ଭୂମିକା ଲେଖ ।

**(ଖ)** ଖାଦ୍ୟ ଜାଲି କହିଲେ କ'ଣ ବୁଝ ? [3

**କିମ୍ବା,** ସୌର ସେଲ୍ କେଉଁଠାରେ ବ୍ୟବହାର କରାଯାଏ ? ଏହି ସେଲ୍ ତିଆରିରେ ଅସୁବିଧାଗୁଡ଼ିକ କ'ଣ ?

**(ଗ)** ମନୁଷ୍ୟର ଶ୍ୱାସତନ୍ତ୍ରର ନାମାଙ୍କିତ ଚିତ୍ର ଅଙ୍କନ କର । [3

**କିମ୍ବା,** ଉଦ୍ଭିଦ ଗର୍ଭାଶୟର ନାମାଙ୍କିତ ଚିତ୍ର ଅଙ୍କନ କର ।

**16.** (କ) ମୂଳର ବୃଦ୍ଧି ଉପରେ ହରମୋନ୍‌ର ପ୍ରଭାବ ଆଲୋଚନା କର । [2

**କିମ୍ବା,** ଅନ୍ତଃ ଅଣୁ ବଂଶବିସ୍ତାର କ'ଣ ?

**(ଖ)** ମେଣ୍ଡେଲଙ୍କ ପ୍ରଭାବୀ ଗୁଣ ନୀତି କ'ଣ ? [2

**କିମ୍ବା,** ରକ୍ତବାହିନୀ କାହାକୁ କୁହାଯାଏ ? ଏଗୁଡ଼ିକର ନାମ ଓ କାର୍ଯ୍ୟ ଲେଖ ।

**(ଗ)** ଜୀବାଶ୍ମ ଇନ୍ଧନର ଦୁଇଟି ଅପକାରିତା ଲେଖ । [2

**କିମ୍ବା,** ଜିନ୍ କ'ଣ ? ଏହା କିପରି କାର୍ଯ୍ୟ କରିଥାଏ ?

**(ଘ)** ଅପଘଟକ ପରିସଂସ୍ଥାର କି କାର୍ଯ୍ୟ କରିଥାଏ ? [2

**କିମ୍ବା,** 3R କହିଲେ କ'ଣ ବୁଝ ? ଏଗୁଡ଼ିକ ଉଲ୍ଲେଖ କର ।

## ANSWER - PART – I (OBJECTIVE)

**1.** **(i)** Ag **(ii)** ଅଙ୍ଗାରକାମ୍ଳ **(iii)** 2 **(iv)** ମିଟର **(v)** ଶକ୍ତିଶାଳୀ ସମଚୁମ୍ବକୀୟ କ୍ଷେତ୍ର

**2.** **(i)** ତାପ **(ii)** ଆୟୋଡ଼ିନ୍ **(iii)** କାର୍ବୋକ୍ସିଲିକ୍ ଏସିଡ୍ **(iv)** ସ୍ୱଚ୍ଛପଟଳ **(v)** ଭୋଲ୍‌ଟା

**3.** **(i)** ☒ **(ii)** ☑ **(iii)** ☑ **(iv)** ☑ **(v)** ☒

**4.**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) $BaSO_4$ | (a) S |
| (ii) ପିମ୍ପୁଡ଼ି ଦଂଶନ | (b) ମିଥାନୋଇକ୍ ଏସିଡ୍ |
| (iii) Ca | (c) ବିଦ୍ୟୁତ୍ ସଂଶ୍ଳେଷଣ |
| (iv) ଏସିଟିକ୍ ଏସିଡ୍ | (d) $CH_3COOH$ |
| (v) O | (e) 2, 6 |

**5.** **(i)** ଜିଂକ୍ କପରଠାରୁ ଅଧିକ ପ୍ରତିକ୍ରିୟାଶୀଳ ହୋଇଥିବାରୁ ଏହା କପରଦ୍ୱାରା ବିସ୍ଥାପିତ ହୋଇପାରେ ନାହିଁ । **(ii)** ହାଇଡ୍ରୋଜେନ୍ ଆୟନ୍ ସ୍ୱତନ୍ତ୍ରଭାବେ ରହି ନପାରି ଜଳ ଅଣୁ ସହିତ ମିଳିତହୋଇ ରହିଥାଏ । **(iii)** B, C, N, O, F ଏଗୁଡ଼ିକ ଦ୍ୱିତୀୟ ପର୍ଯ୍ୟାୟର । **(iv)** ପ୍ରିଜିମ୍‌ରେ ସୂର୍ଯ୍ୟାଲୋକର ପ୍ରତିସରଣପରେ ଲାଲ୍ ବର୍ଣ୍ଣର ଆଲୋକ ପ୍ରିଜିମ୍‌ର ଭୂମି ଆଡ଼କୁ ସବୁଠାରୁ କମ୍ ବଙ୍କାଏ । **(v)** ପରିପଥର ଦୁଇ ବିନ୍ଦୁ ମଧ୍ୟରେ 1 କୁଲମ୍ ଚାର୍ଜ ପ୍ରବାହିତ ହୋଇ 1 ଜୁଲ୍ କାର୍ଯ୍ୟ ହେଲେ ବିଭବାନ୍ତର 1 ଭୋଲ୍‌ଟ ହୁଏ ।

**6.** **(i)** ପାଇଲୋରିକ୍ **(ii)** ଫ୍ଲୋଏମ୍ **(iii)** ତ୍ରିଗୁଣିତ, 3n **(iv)** ମିଥେନ୍ **(v)** ଉତ୍ପାଦକ

**7.** **(i)** ଆଲୋକଶ୍ଳେଷଣ **(ii)** ପୃଷ୍ଠକୁକ୍ଷୀୟ **(iii)** ଏଣ୍ଟିଜେନ୍ **(iv)** ଜୈବ ବିବର୍ତ୍ତନ **(v)** ଜୈବ ପରିବର୍ଦ୍ଧନ

**8.** **(i)** ରୁବିସ୍କୋ ଏକ ଏନ୍‌ଜାଇମ୍ ଏବଂ ଏହା ସାହାଯ୍ୟରେ $CO_2$ ଜୈବ ପଦାର୍ଥରେ ବିବନ୍ଧିତ ହୋଇ ଗ୍ଲୁକୋଜ୍‌ରେ ପରିଣତ ହୁଏ । **(ii)** ଶରୀରର କୌଣସି ଅଙ୍ଗକୁ ଥରେ ରକ୍ତ ପହଞ୍ଚିଲାବେଳକୁ ତାହା ଦୁଇଥର ହୃତ୍‌ପିଣ୍ଡ ଦେଇ ପ୍ରବାହିତ ହେବାକୁ ଦ୍ୱୈତ ସଞ୍ଚାଳନ କୁହାଯାଏ । **(iii)** ପିତାମାତାଙ୍କର ଗୁଣ ପରବର୍ତ୍ତୀ ପିଢ଼ିରେ ପ୍ରକାଶିତ ହେବାକୁ ବଂଶାନୁକ୍ରମ କୁହାଯାଏ । **(iv)** କଳାରଙ୍ଗ ଅଧିକ ତାପ ଅବଶୋଷଣ କରେ । **(v)** ପୃଥିବୀପୃଷ୍ଠରେ ଥିବା ସମସ୍ତପ୍ରକାର ଜଳର ଉତ୍ସକୁ ଜଳମଣ୍ଡଳ କୁହାଯାଏ ।

**9.** **(i)** ନର୍ମଦା ବଞ୍ଚାଅ ଆନ୍ଦୋଳନ
**(ii)** ସର୍ବଭୋଜୀ
**(iii)** ମାଗ୍‌ମା
**(iv)** ମେରୁଦଣ୍ଡ
**(v)** ଡିମ୍ବବାହୀ ନଳୀ

**10.** **(i)** ☑ **(ii)** ☑ **(iii)** ☒ **(iv)** ☒ **(v)** ☑

## ANSWER - PART – II (SUBJECTIVE)

**11.(କ)** (i) **ସହ ସଂଯୋଜ୍ୟ ବନ୍ଧ :** ଦୁଇଟି ପରମାଣୁ ମଧ୍ୟରେ ଇଲେକ୍ଟ୍ରନ୍ ସହଭାଜନ ଦ୍ୱାରା ଗଠିତ ବନ୍ଧକୁ ସହ ସଂଯୋଜ୍ୟ ବନ୍ଧ କୁହାଯାଏ ।

(ii) **ଏମୋନିଆ ଅଣୁର ଗଠନ :**




ଯବକ୍ଷାରଜାନ ପରମାଣୁର ବାହ୍ୟତମ କକ୍ଷରେ 5 ଟି ଇଲେକ୍ଟ୍ରନ୍ ଥିବାରୁ ଅକ୍ଟେଟ୍ ପୂରଣ ପାଇଁ ଆହୁରି 3 ଟି ଇଲେକ୍ଟ୍ରନ୍ ଆବଶ୍ୟକ କରିଥାଏ । ତେଣୁ 3 ଟି ଉଦ୍‌ଜାନ ପରମାଣୁ ସହ ଇଲେକ୍ଟ୍ରନ୍ ଭାଗ କରି ବନ୍ଧ ଗଠନ କରିଥାଏ ।

(iii) **ମିଥେନ୍ ଅଣୁର ଗଠନ :**




କାର୍ବନ୍ ପରମାଣୁର ବାହ୍ୟତମ କକ୍ଷରେ 4 ଟି ଇଲେକ୍ଟ୍ରନ୍ ଥିବାରୁ ଅକ୍ଟେଟ୍ ପୂରଣ ପାଇଁ ଆହୁରି 4 ଟି ଇଲେକ୍ଟ୍ରନ୍ ଆବଶ୍ୟକ କରିଥାଏ । ତେଣୁ 4 ଟି ଉଦ୍‌ଜାନ ପରମାଣୁ ସହ ଇଲେକ୍ଟ୍ରନ୍ ଭାଗ କରି ବନ୍ଧ ଗଠନ କରିଥାଏ ।

**କିମ୍ବା,**

(i) କଲିଚୂନର ରାସାୟନିକ ନାମ – କ୍ୟାଲସିୟମ୍ ଅକ୍ସାଇଡ୍ (CaO) ।
ଶମିତ ଚୂନର ରାସାୟନିକ ନାମ – କ୍ୟାଲସିୟମ୍ ହାଇଡ୍ରକ୍ସାଇଡ୍ ($Ca(OH)_2$) ।

(ii) ଚୂନପଥରକୁ ଉତ୍ତପ୍ତ କଲେ ଏହା ବିଘଟିତ ହୋଇ କଲିଚୂନ ଓ ଅଙ୍ଗାରକାମ୍ଳ ଉତ୍ପନ୍ନ ହୁଏ ।
$$CaCO_3 \xrightarrow{\text{ତାପ}} CaO + CO_2$$

(iii) କଲିଚୂନ ଜଳ ସହ ପ୍ରତିକ୍ରିୟା କରି ଶମିତ ଚୂନ ଉତ୍ପନ୍ନ ହୁଏ ।
$$CaO + H_2O \rightarrow Ca(OH)_2$$

(iv) ଶମିତ ଚୂନର ଦ୍ରବଣରେ କାନ୍ଥକୁ ଧଉଳାଇଲେ କ୍ୟାଲସିୟମ୍ ହାଇଡ୍ରକ୍ସାଇଡ୍ ବାୟୁରେ ଥିବା ଅଙ୍ଗାରକାମ୍ଳ ସହ ଧୀରେ ଧୀରେ ପ୍ରତିକ୍ରିୟା କରି କାନ୍ଥ ଉପରେ କ୍ୟାଲସିୟମ୍ କାର୍ବୋନେଟ୍‌ର ଏକ ପତଳା ଆସ୍ତରଣ ସୃଷ୍ଟି କରି କାନ୍ଥକୁ ଧବଳ ଉଜ୍ଜ୍ୱଳତା ପ୍ରଦାନ କରେ ।
$$Ca(OH)_2 + CO_2 \rightarrow CaCO_3 + H_2O$$

**(ଖ)**




(i) ଇନ୍ଦ୍ରଧନୁ ଆଲୋକ ପ୍ରକୀର୍ଣ୍ଣନର ଏକ ପ୍ରାକୃତିକ ଉଦାହରଣ । ବାୟୁରେ ଭାସମାନ ଜଳବିନ୍ଦୁଗୁଡ଼ିକ ଦ୍ୱାରା ଆଲୋକର ପ୍ରକୀର୍ଣ୍ଣନ ହୋଇ ଇନ୍ଦ୍ରଧନୁ ସୃଷ୍ଟି ହୁଏ ।

(ii) ବର୍ଷାଦିନେ ଆକାଶରେ ସୂର୍ଯ୍ୟ ଯେଉଁ ଦିଗରେ ଥାଏ, ତାହାର ବିପରୀତ ଦିଗରେ ଇନ୍ଦ୍ରଧନୁ ସୃଷ୍ଟି ହୁଏ । ମେଘରେ ଥିବା ଅସଂଖ୍ୟ କ୍ଷୁଦ୍ର ଜଳକଣା ଛୋଟ ଛୋଟ ପ୍ରିଜିମ୍ ପରି କାର୍ଯ୍ୟ କରନ୍ତି ।

(iii) ଏହି ଭାସମାନ ଜଳକଣାଗୁଡ଼ିକରେ ସୂର୍ଯ୍ୟାଲୋକ ପଡ଼ିଲେ ପ୍ରଥମେ ପ୍ରତିସୃତ ଓ ପ୍ରକୀର୍ଣ୍ଣିତ ହୁଏ । ଏହାପରେ ଜଳବିନ୍ଦୁଗୁଡ଼ିକ ମଧ୍ୟରେ ଆଲୋକର ଆଭ୍ୟନ୍ତରୀଣ ପ୍ରତିଫଳନ ଓ ପୁନର୍ବାର ପ୍ରତିସରଣ ଘଟେ । ଏହାପରେ ସୂର୍ଯ୍ୟାଲୋକ ଜଳକଣାରୁ ବାହାରି ଆସେ ଯାହାକି ସାତ ବର୍ଣ୍ଣବିଶିଷ୍ଟ ଇନ୍ଦ୍ରଧନୁର ଧାରଣା ଦିଏ ।

**କିମ୍ବା,**

(i) ଗୋଟିଏ ପରିବାହୀର ପ୍ରତିରୋଧ ପରିବାହୀର ଦୈର୍ଘ୍ୟ (L), ପରିବାହୀର ପ୍ରସ୍ଥଚ୍ଛେଦ (A) ଓ ପରିବାହୀ ଯେଉଁ ପଦାର୍ଥରୁ ତିଆରି ତାହାର ପ୍ରକୃତି ଉପରେ ନିର୍ଭର କରେ ।

(ii) ପରିବାହୀର ପ୍ରତିରୋଧ ତାହାର ଦୈର୍ଘ୍ୟ ସହ ସମାନୁପାତୀ ।
$R \propto L$ .................. (i)
ପରିବାହୀର ପ୍ରତିରୋଧ ତାହାର ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ ସହ ପ୍ରତିଲୋମାନୁପାତୀ ।
$R \propto \frac{1}{A}$ .................. (ii)
(i) ଓ (ii) ରୁ $R \propto \frac{L}{A} \Rightarrow R = \rho \frac{L}{A}$
$\rho$ ଏକ ସମାନୁପାତୀ ସ୍ଥିରାଙ୍କ ଏହାକୁ ପରିବାହୀର ବିଶିଷ୍ଟ ପ୍ରତିରୋଧ ବା ପ୍ରତିରୋଧିତା କୁହାଯାଏ । ଏହାର ଏକକ ଓମ୍.ମି. ।

(iii) ଧାତୁ ଓ ମିଶ୍ରଧାତୁଗୁଡ଼ିକର ପ୍ରତିରୋଧିତା ଅପେକ୍ଷାକୃତ କମ୍ $(10^{-4}\Omega m$ ରୁ $10^{-6}\Omega m)$ ହୋଇଥିବାରୁ ସେମାନେ ବିଦ୍ୟୁତ୍ ସୁପରିବାହୀ ।

**12.(କ)** (i) ମନେକର ଏକ ପଦାର୍ଥ A ରେ B କୁ ଜାରକ ଭାବରେ ବ୍ୟବହାର କରାଗଲା । ତେବେ A ଓ B ମଧ୍ୟରେ ରାସାୟନିକ ପ୍ରତିକ୍ରିୟା ଘଟିଲେ A ର ଜାରଣ ଘଟିବା ସହ ଜାରକ B ର ବିଜାରଣ ଘଟିବ ।

(ii) ଜିଙ୍କ୍ ଅକ୍ସାଇଡ୍ ସହ କାର୍ବନ୍‌ର ପ୍ରତିକ୍ରିୟା ଘଟି ଜିଙ୍କ୍ ଓ କାର୍ବନ୍ ମନୋକ୍ସାଇଡ୍ ସୃଷ୍ଟି ହୁଏ ।
$$ZnO + C \rightarrow Zn + CO$$

(iii) ଏହି ରାସାୟନିକ ପ୍ରତିକ୍ରିୟାରେ ZnO ର ବିଜାରଣ ଘଟୁଥିବାବେଳେ C ର ଜାରଣ ଘଟି CO ସୃଷ୍ଟି ହୁଏ ।

**କିମ୍ବା,**

(i) ସୋଡ଼ିୟମ୍ କ୍ଲୋରାଇଡ୍‌ର ଜଳୀୟ ଦ୍ରବଣରେ ବିଦ୍ୟୁତ୍ ସ୍ରୋତକୁ ପ୍ରବାହିତ କରାଇଲେ ସୋଡ଼ିୟମ୍ କ୍ଲୋରାଇଡ୍ ବିଘଟିତ ହୋଇ ସୋଡ଼ିୟମ୍ ହାଇଡ୍ରକ୍ସାଇଡ୍ ଉତ୍ପନ୍ନ କରେ ।

(ii) ଏହି ପ୍ରଣାଳୀକୁ କ୍ଲୋର-ଆଲକାଲି ପ୍ରଣାଳୀ କୁହାଯାଏ । କାରଣ ଉତ୍ପାଦଗୁଡ଼ିକ ହେଉଛି – କ୍ଲୋର (କ୍ଲୋରିନ୍) ଓ ଆଲ୍‌କାଲି (ସୋଡ଼ିୟମ୍ ହାଇଡ୍ରକ୍ସାଇଡ୍) ।
$$2NaCl(aq) + 2H_2O(l) \rightarrow 2NaOH(aq) + Cl_2(g) + H_2(g)$$

(iii) ବିଦ୍ୟୁତ୍ ବିଶ୍ଳେଷଣ ବେଳେ କ୍ଲୋରିନ୍ ଗ୍ୟାସ୍ ($Cl_2$) ଏନୋଡ୍‌ଠାରେ, ହାଇଡ୍ରୋଜେନ୍ ଗ୍ୟାସ୍ ($H_2$) କ୍ୟାଥୋଡ୍‌ଠାରେ ଓ ସୋଡ଼ିୟମ୍ ହାଇଡ୍ରକ୍ସାଇଡ୍ ଦ୍ରବଣ (NaOH) କ୍ୟାଥୋଡ୍ ନିକଟରେ ଉତ୍ପନ୍ନ ହୁଏ ।

**(ଖ)** (i) ସକ୍ରିୟତା ଅନୁକ୍ରମର ଊର୍ଦ୍ଧ୍ୱରେ ଥିବା ଧାତୁଗୁଡ଼ିକ ହେଲେ K, Na, Ca, Mg ଓ Al । ଏହି ଧାତୁଗୁଡ଼ିକର ନିଷ୍କାସନ ବିଦ୍ୟୁତ୍ ବିଶ୍ଳେଷଣ ପ୍ରଣାଳୀରେ କରାଯାଏ ।

(ii) ସକ୍ରିୟତା ଅନୁକ୍ରମର ମଝିରେ ଥିବା ଧାତୁଗୁଡ଼ିକ ହେଲେ Zn, Fe, Pb ଓ Cu । ଏହି ଧାତୁଗୁଡ଼ିକର ନିଷ୍କାସନ କାର୍ବନ ବିଜାରଣ ପ୍ରଣାଳୀରେ କରାଯାଏ ।

(iii) ସକ୍ରିୟତା ଅନୁକ୍ରମର ନିମ୍ନରେ ଥିବା ଧାତୁଗୁଡ଼ିକ ହେଲେ Ag ଓ Au । ଏହି ଧାତୁଗୁଡ଼ିକ ପ୍ରକୃତିରୁ ମୁକ୍ତ ଅବସ୍ଥାରେ ମିଳିଥାଏ ।

**କିମ୍ବା,**

(i) ହାଇଡ୍ରୋଜେନ୍, କ୍ଷାରୀୟ ଧାତୁ (Li, Na ଓ K) ଇତ୍ୟାଦି ପରି ହାଲୋଜେନ୍ (F, Cl, Br, I) ଇତ୍ୟାଦି ଅକ୍ସିଜେନ୍ ଓ ସଲ୍‌ଫର୍ ସହ ସଂଯୁକ୍ତ ହୋଇ ଏକାଭଳି ସଂକେତର ଯୌଗିକ ସୃଷ୍ଟି କରେ ।

(ii) ଉଦାହରଣ :

| H ର ଯୌଗିକ | K ର ଯୌଗିକ |
|---|---|
| HCl | HCl |
| $H_2O$ | $K_2O$ |
| $H_2S$ | $K_2S$ |

(iii) ପୁନଶ୍ଚ ହାଇଡ୍ରୋଜେନ୍ ହାଲୋଜେନ୍ ଭଳି ଦୁଇ ପରମାଣୁ ବିଶିଷ୍ଟ ଅଣୁ ଗଠନ କରିବା ସହ ଅନ୍ୟ ଅଧାତୁ ସହ ପ୍ରତିକ୍ରିୟା କରି ସହସଂଯୋଜ୍ୟ ବନ୍ଧ ଗଠନ କରେ ।

**(ଗ)(i)** ବସ୍ତୁଟି ଘୁଞ୍ଚାଇ ନେଇ ଦର୍ପଣର ପୋଲ୍ (P) ଓ ଫୋକସ୍ (F) ମଧ୍ୟରେ ରଖିଲେ ପ୍ରତିବିମ୍ବ ଦର୍ପଣ ପଛପଟେ P ଓ F ମଧ୍ୟରେ ଗଠିତ ହୁଏ । ଏହା ସଳଖ ଓ କ୍ଷୁଦ୍ର ହୋଇଥାଏ ।

(ii) ବସ୍ତୁକୁ F ଠାରେ ରଖିଲେ ପ୍ରତିବିମ୍ବ ଦର୍ପଣ ପଛପଟେ ଫୋକସ୍‌ର ନିକଟବର୍ତ୍ତୀ ହୋଇଥାଏ ଓ P ଓ F ମଧ୍ୟରେ ଗଠିତ ହୁଏ । ଏହା ସଳଖ ଓ କ୍ଷୁଦ୍ର ହୋଇଥାଏ ।

(iii) ବସ୍ତୁକୁ ବହୁଦୂରକୁ ଘୁଞ୍ଚାଇନେଲେ ପ୍ରତିବିମ୍ବ F ଠାରେ ଗଠିତ ହୁଏ । ଏହା ସଳଖ ଓ ଅତିକ୍ଷୁଦ୍ର ହୋଇଥାଏ ।

**କିମ୍ବା,**

(i) ଗୋଟିଏ ଉପକରଣ ଅଚଳ ହେଲେ ମଧ୍ୟ ଅନ୍ୟ ସମସ୍ତ ଉପକରଣଗୁଡ଼ିକ ସାଧାରଣ ଭାବେ କାର୍ଯ୍ୟ କରନ୍ତି ।

(ii) ପ୍ରତ୍ୟେକ ଉପକରଣ ପାଇଁ ପୃଥକ୍ ସୁଇଚ୍ ଥିବାରୁ ତାହା ସ୍ୱାଧୀନ ଭାବେ ବ୍ୟବହୃତ ହୋଇପାରେ । ସମସ୍ତ ଉପକରଣ ସମାନ ଭୋଲ୍‌ଟେଜ୍ ପାଇଥାନ୍ତି ।

(iii) ପ୍ରତିରୋଧ ହ୍ରାସ ପାଉଥିବାରୁ ବିଦ୍ୟୁତ୍ ଯୋଗାଣ ଅଧିକ ହୋଇଥାଏ ।

**13.(କ)**(i) ପ୍ରତି ପର୍ଯ୍ୟାୟରେ ବାମରୁ ଡାହାଣକୁ ଯୋଜ୍ୟତା 1 ରୁ 4 କୁ ବୃଦ୍ଧିପାଏ ଏବଂ ପରେ 1 କୁ ହ୍ରାସପାଏ ।

(ii) ଉଦାହରଣ : 2ୟ ପର୍ଯ୍ୟାୟରେ

| ମୌଳିକ : | Li | Be | B | C | N | O | F |
|---|---|---|---|---|---|---|---|
| ଯୌଗିକ : | 1 | 2 | 3 | 4 | 3 | 2 | 1 |

**କିମ୍ବା,**

(i) ବେଞ୍ଜିନ୍‌ର ସଙ୍କେତ = $C_6H_6$

(ii) ସଂରଚନା :



**(ଖ)** (i) ଫେରିକ୍ ଅକ୍ସାଇଡ୍ ($Fe_2O_3$) କୁ ଏଲୁମିନିୟମ୍ ସହ ପ୍ରତିକ୍ରିୟା କଲେ ଲୁହା ତରଳାବସ୍ଥାରେ ମିଳେ ଓ ପ୍ରଚୁର ତାପ ଉତ୍ପନ୍ନ କରେ ।
$$Fe_2O_3(S) + 2Al(S) \rightarrow Al_2O_3(S) + 2Fe(l) + \text{ତାପ}$$

(ii) ଏହି ପ୍ରତିକ୍ରିୟାରେ ଲୁହା ତରଳାବସ୍ଥାରେ ମିଳେ, ଯାହାକି ଝଳେଇ ଏବଂ ରେଳ ଧାରଣା ଯୋଡ଼ିବାରେ ବ୍ୟବହୃତ ହୁଏ ।

**କିମ୍ବା,**

(i) $H^+(aq)$ ଆୟନ୍‌ଗୁଡ଼ିକର ଗାଢ଼ତା ବୃଦ୍ଧିପାଇଲେ ଦ୍ରବଣର pH ର ମୂଲ୍ୟ ହ୍ରାସପାଏ ଏବଂ ଅମ୍ଳୀୟ ପ୍ରକୃତି ବୃଦ୍ଧିପାଏ ।

(ii) $H^+(aq)$ ଆୟନ୍‌ଗୁଡ଼ିକର ଗାଢ଼ତା ହ୍ରାସପାଇଲେ ଦ୍ରବଣର pH ର ମୂଲ୍ୟ ବୃଦ୍ଧିପାଏ ଏବଂ କ୍ଷାରୀୟ ପ୍ରକୃତି ବୃଦ୍ଧିପାଏ ।

**(ଗ)** (i) ଦର୍ପଣର ଫୋକସ୍ ଦୈର୍ଘ୍ୟ ମାଧ୍ୟମର ପ୍ରକୃତି ଉପରେ ନିର୍ଭର କରେ ନାହିଁ । ତେଣୁ ପାଣି ଭିତରେ ଅବତଳ ଦର୍ପଣର ଫୋକସ୍ ଦୈର୍ଘ୍ୟ ଅପରିବର୍ତ୍ତିତ ରହେ ।

(ii) ଲେନ୍ସର ଫୋକସ୍ ଦୈର୍ଘ୍ୟ ମାଧ୍ୟମର ପ୍ରକୃତି ଉପରେ ନିର୍ଭର କରୁଥିବାରୁ ପାଣି ଭିତରେ ଉତ୍ତଳ ଲେନ୍ସର ଫୋକସ୍ ଦୈର୍ଘ୍ୟ ପରିବର୍ତ୍ତିତ ହୁଏ ।

**କିମ୍ବା,**

(i) ଚକ୍ଷୁର ଆଲୋକସମ୍ବେଦୀ ପରଦାକୁ ମୁକୁରିକା କହନ୍ତି ।

(ii) ମୁକୁରିକାରେ ବସ୍ତୁର ପ୍ରତିବିମ୍ବ ଗଠିତ ହୁଏ ।

**(ଘ)** (i) ବିଦ୍ୟୁତ୍ ଶକ୍ତିର ବ୍ୟବସାୟିକ ଏକକ ହେଉଛି କିଲୋୱାଟ୍ ଘଣ୍ଟା (KWh) ।

(ii) 1 KWh
$= 1\ KW \times 1\ h$
$= 10^3\ W \times 3600\ S$
$= 10^3\ J/S \times 3.6 \times 10^3\ S$
$= 3.6 \times 10^6\ J$

**କିମ୍ବା,**

(i) ବିଦ୍ୟୁତ୍ ପ୍ରବାହୀ ସଲେନଏଡ୍‌ର ଚୁମ୍ବକୀୟ କ୍ଷେତ୍ର ଦଣ୍ଡଚୁମ୍ବକ ଦ୍ୱାରା ସୃଷ୍ଟ ଚୁମ୍ବକୀୟ କ୍ଷେତ୍ର ସହ ସମାନ ।

(ii) ଯଦି ଏକ ବିଦ୍ୟୁତ୍ ପ୍ରବାହୀ ସଲେନଏଡ୍‌କୁ ମୁକ୍ତଭାବରେ ଝୁଲାଯାଏ, ଏହା ଝୁଲନ୍ତା ଦଣ୍ଡ ଚୁମ୍ବକ ଭଳି ଉତ୍ତର-ଦକ୍ଷିଣ ଦିଗରେ ସ୍ଥିର ରହିବ ।

**14.(କ)** (i) ମସ୍ତିଷ୍କ, ସୁଷୁମ୍ନାକାଣ୍ଡ, କ୍ରେନିଏଲ୍ ସ୍ନାୟୁ, ସ୍ପାଇନାଲ୍ ସ୍ନାୟୁ ଆଦି ସ୍ନାୟୁକୋଷ ଦ୍ୱାରା ଗଠିତ ହୋଇଥିବାରୁ ଏହା ଆମ ସ୍ନାୟୁତନ୍ତ୍ରର ଗାଠନିକ ଓ କ୍ରିୟାତ୍ମକ ଏକକ ।

(ii) ସ୍ନାୟୁକୋଷରେ ଗୋଟିଏ ନ୍ୟଷ୍ଟି ଓ କୋଷଜୀବକ ରହିଛି । ନ୍ୟଷ୍ଟି ଥିବା ଅଂଶକୁ ସେଲ୍‌ବଡି କୁହାଯାଏ ।

(iii) ପ୍ରତ୍ୟେକ ସ୍ନାୟୁକୋଷର ଗୋଟିଏ ପଟେ ଥିବା ଅନେକ କ୍ଷୁଦ୍ର ଶାଖାୟିତ ତନ୍ତୁକୁ ଡେନ୍‌ଡ୍ରାଇଟ୍ କୁହାଯାଏ । ଡେନ୍‌ଡ୍ରାଇଟ୍‌ର ଠିକ୍ ବିପରୀତ ପଟେ ସେଲ୍‌ବଡିରୁ ଏକ ଦୀର୍ଘ ଆକ୍ସନ ବାହାରିଥାଏ । ସ୍ନାୟୁକୋଷ ଆମ ଶରୀରର ସବୁଠାରୁ ଲମ୍ବା କୋଷ ।

(iv) ଗୋଟିଏ ସ୍ନାୟୁକୋଷର ଆକ୍ସନ୍‌ର ଶାଖାଯୁକ୍ତ ଶେଷଭାଗ ନିକଟବର୍ତ୍ତୀ ଅନ୍ୟ ସ୍ନାୟୁକୋଷର ଡେନ୍‌ଡ୍ରାଇଟ୍‌ଗୁଡ଼ିକର ଅତି ନିକଟରେ ଥାଏ । ଏହି ସ୍ଥାନକୁ ସିନାପ୍‌ସ କୁହାଯାଏ ।

**କିମ୍ବା,**

(i) ସମାୟନ ପରେ ଯୁଗ୍ମକଟିର ବାରମ୍ବାର ବିଭାଜନ ପ୍ରକ୍ରିୟା ଘଟି ଏକକୋଷୀ ଯୁଗ୍ମଜରୁ ବହୁକୋଷୀ ବ୍ଲାଷ୍ଟୁଲା ସୃଷ୍ଟି ହୁଏ । ବ୍ଲାଷ୍ଟୁଲାଟି ବ୍ଲାଷ୍ଟୋସିଷ୍ଟ ଅବସ୍ଥାକୁ ପରିଣତ ହୋଇ ଗର୍ଭାଶୟ କାନ୍ଥରେ ନିବିଡ଼ ଭାବେ ଲାଗିରହେ ।

(ii) ଗର୍ଭାଶୟ ସହିତ ଭ୍ରୂଣଟି ପ୍ଲାସେଣ୍ଟା ଜରିଆରେ ଏକ ଜୈବିକ ସମ୍ବନ୍ଧ ସୃଷ୍ଟିକରେ ଏବଂ ପ୍ଲାସେଣ୍ଟା ଦେଇ ଭ୍ରୂଣ ମାଆ ଶରୀରରୁ ନାଭିରଜ୍ଜୁ ଦେଇ ଖାଦ୍ୟ ଓ ଅମ୍ଳଜାନ ଗ୍ରହଣ କରେ । ବର୍ଜ୍ୟବସ୍ତୁ ମଧ୍ୟ ପ୍ଲାସେଣ୍ଟା ବାଟଦେଇ ମାଆ ଶରୀରକୁ ଓ ପରେ ବାହାରକୁ ଆସିଥାଏ ।

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...



“ହିନ୍ଦୁ ମହାସଭାର ବିଭାଜନବାଦୀ ରାଜନୀତିକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ବିରୋଧ କରୁଥିଲେ।

-ମମତା ବାନାର୍ଜୀ,
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

# ବେଜୋସ୍‌ଙ୍କ ଫୋନ୍ ହ୍ୟାକ୍ କରିଥିଲେ ଏମ୍‌ବିଏସ୍

**୨୦୧୮ ଅକ୍ଟୋବରରେ ତୁର୍କୀସ୍ଥିତ ଇସ୍ତାନବୁଲ ଦୂତାବାସରେ 'ୱାଶିଂଟନ ପୋଷ୍ଟ' ଖବରଦାତା ଜମାଲ କାଶୋଗୀଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ସୌଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନଙ୍କ ହାତ ଥିବା ଅଭିଯୋଗ ହୋଇଥିଲା। ଏହା ପରଠୁ ବିଦେଶୀ ପୁଞ୍ଜିନିବେଶ ବଢ଼ାଇ ସୌଦି ଆରବର ଅର୍ଥନୀତିକୁ ଅଧିକ ମଜଭୁତ କରିବା ପାଇଁ ସଲ୍‌ମାନଙ୍କ ଉଦ୍ୟମକୁ ଝଟ୍‌କା ଲାଗିଥିବାବେଳେ ସଦ୍ୟ ପ୍ରଘଟ ସୌଦିର ଭବିଷ୍ୟତ ରାଜାଙ୍କୁ ପୁଣିଥରେ ସନ୍ଦେହ ଘେରକୁ ଟାଣିନେଇଛି।**


ଜମାଲ ଖାଶୋଗୀ


ମହମ୍ମଦ ବିନ୍ ସଲ୍‌ମାନ

## ସନ୍ଦେହର କାଠଗଡ଼ାରେ ସୌଦି କ୍ରାଉନ୍ ପ୍ରିନ୍ସ

- ଅଭିଯୋଗକୁ ସୌଦି ଆରବର ଖଣ୍ଡନ
- ତଦନ୍ତ ଦାବି କଲେ ଜାତିସଂଘ ବିଶେଷଜ୍ଞ

**ଡାଭୋସ୍,୨୩।୧**

ଆମାଜନ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଜେଫ୍ ବେଜୋସ୍‌ଙ୍କ ମୋବାଇଲ୍ ଫୋନ୍‌କୁ ୨୦୧୮ରେ ସୌଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନ(ଏମ୍‌ବିଏସ୍) ହ୍ୟାକ୍ କରିଥିଲେ। ଏମ୍‌ବିଏସ୍‌ଙ୍କ ବ୍ୟକ୍ତିଗତ ଆକାଉଣ୍ଟରୁ ବେଜୋସ୍‌ଙ୍କ ଫୋନ୍‌କୁ ହ୍ୱାଟ୍ସଆପ୍ ଜରିଆରେ ଏକ ବିପଜ୍ଜନକ ଭିଡିଓ ଫାଇଲ ଯିବା ପରେ ଏପରି କରାଯାଇଥିବା କୁହାଯାଉଛି। ଅଭିଯୋଗକୁ ସୌଦି ଆରବ ପକ୍ଷରୁ ଖଣ୍ଡନ କରାଯାଇଥିବାବେଳେ ଜାତିସଂଘ ବିଶେଷଜ୍ଞମାନେ ଏହାର ତଦନ୍ତ ଦାବି କରିଛନ୍ତି। ଏହି ବିଷୟ ସାମ୍ନାକୁ ଆସିବା ପରେ ବିଶ୍ୱବ୍ୟାପୀ ହଟଚମଟ ସୃଷ୍ଟି ହୋଇଛି।

୨୦୧୮ରେ ସୌଦି ପ୍ରିନ୍ସ ଏମ୍‌ବିଏସ୍ ଏବଂ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ବେଜୋସ୍‌ଙ୍କ ମଧ୍ୟରେ ହ୍ୱାଟ୍ସଆପ୍ ଜରିଆରେ ମେସେଜ୍ ଆଦାନପ୍ରଦାନ ଚାଲିଥିଲା। ସେହିବର୍ଷ ମେ ୧ରେ ଏକ ଅନ୍‌ସୋଲିସିଟେଡ୍ ବା କରପ୍ଟ ଫାଇଲ୍ ବେଜୋସ୍‌ଙ୍କ ମୋବାଇଲ ଫୋନ୍‌କୁ ଆସିଥିଲା। ଉକ୍ତ ଫାଇଲ୍ ପହଞ୍ଚିବା ପରେ ବେଜୋସ୍‌ଙ୍କ ମୋବାଇଲରୁ ବହୁ ଡାଟା ସ୍ଥାନାନ୍ତର ହୋଇଥିଲା। ତେଣୁ ଏମ୍‌ବିଏସ୍‌ଙ୍କ ଆକାଉଣ୍ଟରୁ ବେଜୋସ୍‌ଙ୍କ ଫୋନ୍ ହ୍ୟାକ୍ କରାଯାଇଥିବା ନେଇ 'ଯଥାର୍ଥ ଭାବେ ନିଶ୍ଚିତ' ପ୍ରମାଣ ପାଇଥିବା ଜାତିସଂଘର ତଦନ୍ତକାରୀମାନେ କହିଛନ୍ତି। ଏହି ପ୍ରସଙ୍ଗରେ ତୁରନ୍ତ ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏମ୍‌ବିଏସ୍‌ଙ୍କ ଫୋନ୍‌କୁ ଏକ ଜରିଆ ଭାବେ ବ୍ୟବହାର କରାଯାଇଥିଲା। କାରଣ ତାଙ୍କ ମାଧ୍ୟମରେ ବେଜୋସ୍‌ଙ୍କ ଫୋନ୍‌କୁ ମେସେଜ୍ ଗଲେ ସନ୍ଦେହ ସୃଷ୍ଟି ହେବନାହିଁ ବୋଲି ମନେକରାଯାଉଥିଲା।

ସୌଦି କ୍ରାଉନ୍ ପ୍ରିନ୍ସ ନିଜେ ଆମାଜନ ପ୍ରତିଷ୍ଠାତାଙ୍କ ଫୋନ୍‌କୁ ହ୍ୟାକ୍ କରିଥାଇପାରନ୍ତି ବୋଲି ଜାତିସଂଘର ତଦନ୍ତକାରୀ ଅଗ୍‌ନେସ୍ କାଲାମର୍ଡ ମତ ଦେଇଛନ୍ତି। ନ୍ୟାୟ ବହିର୍ଭୂତ ହତ୍ୟା ମାମଲାର ବିଶେଷଜ୍ଞ କାଲାମର୍ଡ ଏହା ପୂର୍ବରୁ ୨୦୧୮ ଅକ୍ଟୋବରରେ ତୁର୍କୀର ଇସ୍ତାନବୁଲସ୍ଥିତ ସୌଦି ଦୂତାବାସରେ 'ୱାଶିଂଟନ ପୋଷ୍ଟ' ସ୍ତମ୍ଭକାର ଖାଶୋଗୀଙ୍କ ହତ୍ୟାରେ ରିୟାଧର ଭୂମିକାକୁ ନେଇ ମଧ୍ୟ ତଦନ୍ତ କରିସାରିଛନ୍ତି। ସେହିପରି ଜାତିସଂଘର ଅନ୍ୟତମ ତଦନ୍ତକାରୀ ଡାଭିଡ୍ କାୟେ ମାନବାଧିକାର ସୁରକ୍ଷାକାରୀ ଓ ଖବରଦାତାମାନଙ୍କୁ ଭୟଭୀତ କରି ସେମାନଙ୍କ ଉପରେ ନଜର ରଖିବା ପାଇଁ ମାଲିସିୟସ୍ ସ୍ପାଏୱେରର ବଢ଼ିଚାଲିଥିବା ବେଆଇନ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ଉଭୟ ଅଗ୍‌ନେସ୍ ଓ କାୟେ ଜାତିସଂଘ ପକ୍ଷରୁ ନିଯୁକ୍ତ କର୍ମଚାରୀ ନୁହନ୍ତି, ବରଂ ଏହି ଅନ୍ତର୍ଜାତୀୟ ସଙ୍ଗଠନର ମାନବାଧିକାର ଶାଖାର ସ୍ୱାଧୀନ ବିଶେଷଜ୍ଞ। ଅମାଜନ୍ ସିଇଓ ବେଜୋସ୍ ହେଉଛନ୍ତି 'ୱାଶିଂଟନ ପୋଷ୍ଟ' ମାଲିକ। ଏହି ଖବରକାଗଜରେ ଖବରଦାତା ଭାବେ କାମ କରୁଥିଲେ ଜମାଲ ଖାଶୋଗୀ। ମାନବାଧିକାରୀ କର୍ମୀଙ୍କ ପ୍ରତି ରିୟାଧର ବ୍ୟବହାର ଏବଂ ୟେମେନ ଯୁଦ୍ଧକୁ ନେଇ କ୍ରାଉନ୍ସ ପ୍ରିନ୍ସ ଓ ସୌଦି ଆରବ ସମ୍ପର୍କରେ 'ୱାଶିଂଟନ ପୋଷ୍ଟ'ରେ ସମାଲୋଚନାମୂଳକ ଖବର ପ୍ରକାଶ ପାଇଥାଏ। ସେହିପରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାମରେ ମଧ୍ୟ ଏଥିରେ ଅନେକ ରିପୋର୍ଟ ବାହାରିଥାଏ। ହ୍ୟାକ୍ ସମୟରେ 'ୱାଶିଂଟନ ପୋଷ୍ଟ'ର ଜଣେ ପ୍ରମୁଖ ସ୍ତମ୍ଭକାର ଏମ୍‌ବିଏସ୍‌ଙ୍କ ବିରୋଧରେ ଲେଖିଥିଲେ। ଅନ୍ୟପକ୍ଷରେ ବେଜୋସ୍ ଏବଂ ତାଙ୍କ ଗର୍ଲଫ୍ରେଣ୍ଡ ଲରେନ୍ ସାନ୍‌ଚେଜ୍‌ଙ୍କ ଏକ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ କେତେକ ମେସେଜ୍‌କୁ ନେଇ ଆମେରିକାର ଏକ ଖବରକାଗଜର ମୁଖ୍ୟ କାର୍ଯ୍ୟନିର୍ବାହୀ ତାଙ୍କୁ ବ୍ଲାକ୍‌ମେଲିଂ କରୁଥିବା ନେଇ ନିକଟରେ ବେଜୋସ୍ ନିଜ ବ୍ଲଗ୍ ପୋଷ୍ଟରେ ଉଲ୍ଲେଖ କରିଥିଲେ। ବେଜୋସ୍‌ଙ୍କ ମତରେ 'ୱାଶିଂଟନ ପୋଷ୍ଟ'ରେ ତାଙ୍କର ନିବେଶ ଯୋଗୁ ସେ କେତେଜଣ ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଶତ୍ରୁ ପାଲଟିଯାଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ପରବର୍ତ୍ତୀ ସମୟରେ ବେଜୋସ୍‌ଙ୍କ ସୁରକ୍ଷା ମୁଖ୍ୟ କହିଥିଲେ, ସୌଦି ସରକାର ତାଙ୍କ ବସ୍‌ଙ୍କ ଫୋନ୍‌କୁ ଆୟତ୍ତ କରିନେଇଛି। 'ନ୍ୟାଶନାଲ ଏନ୍‌କ୍ୱାରିୟର୍' ନାମକ ଖବରକାଗଜ ବେଜୋସ୍‌ଙ୍କ ବିବାହ ବହିର୍ଭୂତ ସମ୍ପର୍କ ନେଇ କେତେକ ଷ୍ଟୋରି ପ୍ରକାଶ କରିବା ସମୟରେ ବିଶ୍ୱର ଏହି ଧନୀ ବ୍ୟକ୍ତି ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ବିଚ୍ଛେଦ ପ୍ରକ୍ରିୟା ଚାଲିଥିଲା। ପରେ ନ୍ୟୁୟର୍କ ଟାଇମ୍ସରେ ଆଉ ଏକ ରିପୋର୍ଟ ପ୍ରକାଶ ପାଇଥିଲା, ଯେଉଁଥିରେ 'ନ୍ୟାଶନାଲ ଏନ୍‌କ୍ୱାରିୟର୍' ଚିଫ୍ ଏକ୍‌ଜିକ୍ୟୁଟିଭ୍ ଡାଭିଡ୍ ପେକର୍ ୨୦୧୭ରେ ଏମ୍‌ବିଏସ୍‌ଙ୍କୁ ଭେଟିଥିବା ଉଲ୍ଲେଖ କରାଯାଇଥିଲା। ଟ୍ରମ୍ପଙ୍କ ଜଣେ ଘନିଷ୍ଠ ସହଯୋଗୀ ମଧ୍ୟ ବେଜୋସ୍‌ଙ୍କ ବିରୋଧରେ 'ନ୍ୟାଶନାଲ ଏନ୍‌କ୍ୱାରିୟର୍'ର ରିପୋର୍ଟକୁ ଟୁଇଟ୍ କରିଥିଲେ।

ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ହ୍ୟାକର୍ସମାନେ ପ୍ରମାଣ ଲିଭାଇଦେଇଥିଲେ କି। ହଁ ହ୍ୟାକର୍ସ ଏପରି ମାଲ୍‌ୱେର ଖଞ୍ଜିଥିଲେ, ଯାହା ଲୁକ୍କାୟିତ ଭାବେ ସମ୍ବେଦନଶୀଳ ତଥ୍ୟ କମାଣ୍ଡ ସର୍ଭର୍ ନିକଟକୁ ପଠାଇବା ପରେ ସ୍ୱତଃ ଉଡ଼ିଯାଏ। 'ପେଗାସସ୍' ନାମକ ମୋବାଇଲ୍ ସ୍ପାଏୱେର୍‌କୁ ଇସ୍ରାଏଲ୍‌ର ହ୍ୟାକର୍ସମାନେ ପ୍ରସ୍ତୁତ କରିଛନ୍ତି। ହାୟର୍ କମ୍ପାନୀ ଏନ୍‌ଏସ୍‌ଓ ଗ୍ରୁପ୍ ପାଇଁ ଡିଜାଇନ୍ କରାଯାଇଥିବା ଏହି ମାଲ୍‌ୱେର୍‌କୁ ସୌଦି ଆରବ ବ୍ୟବହାର କରିଥିଲା। ବେଜୋସ୍‌ଙ୍କ ମୋବାଇଲ୍ ହ୍ୟାକ୍ କରିବାର କିଛି ଦିନ ମଧ୍ୟରେ ସୌଦି ଆରବ ଏହାକୁ ସମାଲୋଚକ ଓ ମାନବାଧିକାର କର୍ମୀଙ୍କ ବିରୋଧରେ ଉପଯୋଗ କରିଥିଲା। ତେବେ ଏଭଳି ଅଭିଯୋଗକୁ ବୁଧବାର ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ଖଣ୍ଡନ କରାଯାଇଛି। ସୌଦି ଅଧିକାରୀମାନେ ମଧ୍ୟ ସଦ୍ୟ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଜେଫ୍ ବେଜୋସ୍‌ଙ୍କ ଫୋନ୍ ହ୍ୟାକିଂ ପଛରେ ରିୟାଧର ହାତ ଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ସଦସ୍ୟ ରିପୋର୍ଟଗୁଡ଼ିକ ଭିତ୍ତିହୀନ ବୋଲି ସୌଦି ଆରବୀୟ ଦୂତାବାସ ନିଜ ଟୁଇଟର୍ ଆକାଉଣ୍ଟରେ ବିବୃତି ଜାରି କରିଛି।

> “ବେଜୋସ୍‌ଙ୍କ ସର୍ଭିଲାନ୍ସରେ କ୍ରାଉନ୍ ପ୍ରିନ୍ସଙ୍କ ସମ୍ପୃକ୍ତି ଥାଇପାରେ। ସୌଦି ଆରବ ସମ୍ପର୍କରେ 'ୱାଶିଂଟନ ପୋଷ୍ଟ'କୁ ଚୁପ୍ କରି ନ ପାରିଲେ ବି ଅନ୍ତତଃ ପ୍ରଭାବିତ କରିବା ପାଇଁ ଏହା ଏକ ଉଦ୍ୟମ।
>
> –ଅଗ୍‌ନେସ୍ କାଲାମର୍ଡ, ଜାତିସଂଘର ସ୍ୱତନ୍ତ୍ର ତଦନ୍ତକାରୀ

> “ଜେଫ୍ ବେଜୋସ୍‌ଙ୍କ ଫୋନ୍ ହ୍ୟାକିଂ ପଛରେ ସୌଦି ଆରବର ହାତ ଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ସଦସ୍ୟ ରିପୋର୍ଟଗୁଡ଼ିକ ଭିତ୍ତିହୀନ। ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ପାଇଁ ତଦନ୍ତ କରାଯାଉ।
>
> –ୱାଶିଂଟନସ୍ଥିତ ସୌଦି ଆରବ ଦୂତାବାସ


ଫୋନ୍ ହ୍ୟାକିଂ ରିପୋର୍ଟ ପ୍ରକାଶ ପାଇବା ପରେ ଜମାଲ ଖାଶୋଗୀଙ୍କ ସ୍ମାରକୀ ଫଟୋକୁ ଟୁଇଟ୍ କରିଛନ୍ତି ଜେଫ୍ ବେଜୋସ୍। ତାଙ୍କ ନିକଟରେ ଅଛନ୍ତି ଖାଶୋଗୀଙ୍କ ପ୍ରେମିକା ସେଙ୍ଗିଜ୍।

# 'ବଳାତ୍କାରୀଙ୍କ ସହ ୪ ଦିନ ରୁହନ୍ତୁ ଇନ୍ଦିରା'


କଙ୍ଗନା ରାଣାୱତ୍


ଇନ୍ଦିରା ଜୟସିଂ

- ଏମିତି ମହିଳାଙ୍କ ଔରସରୁ ବଳାତ୍କାରୀ ଜନ୍ମ ନିଅନ୍ତି: କଙ୍ଗନା
- କଙ୍ଗନାଙ୍କୁ ଧନ୍ୟବାଦ ଜଣାଇଲେ ନିର୍ଭୟାଙ୍କ ମା'

**ନୂଆଦିଲ୍ଲୀ, ୨୩।୧**

ନିର୍ଭୟା ମାମଲାର ୪ ଦୋଷୀଙ୍କୁ ସର୍ବସାଧାରଣରେ ଫାଶୀ ଦିଆଯିବା ଉଚିତ। ସେହିପରି ସେମାନଙ୍କ ପାଇଁ ମାମଲା ଲଢୁଥିବା ଆଇନଜୀବୀ ଇନ୍ଦିରା ଜୟସିଂଙ୍କୁ ବଳାତ୍କାରୀଙ୍କ ସହ ଜେଲ୍‌ରେ ୪ ଦିନ ରହିବା ଲାଗି ଛାଡ଼ି ଦିଆଯିବା ଉଚିତ। ଏଭଳି ମହିଳାଙ୍କ ଔରସରୁ ବଳାତ୍କାରୀ ହିଁ ଜନ୍ମ ହୋଇଥାନ୍ତି ବୋଲି ବଲିଉଡ୍‌ର ଅଭିନେତ୍ରୀ କଙ୍ଗନା ରାଣାୱତ୍ ପ୍ରକାଶ କରିଛନ୍ତି।

୨୪ରେ କଙ୍ଗନାଙ୍କ ଅଭିନୀତ ଫିଲ୍ମ 'ପଙ୍ଗା' ରିଲିଜ୍ ହେବାକୁ ଯାଉଥିବାବେଳେ ଖବରଦାତାଙ୍କୁ ସେ କହିଛନ୍ତି, ଏଭଳି ଜଘନ୍ୟ ଅପରାଧ କରିଥିବା ଜଣେ ଦୋଷୀଙ୍କୁ ନାବାଳକ ଭାବେ ବିବେଚନା କରାଯିବା ଅନୁଚିତ। ଦୋଷୀଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଉଦାହରଣ ସୃଷ୍ଟି କରାଯିବା ଦରକାର। ନିର୍ଭୟାଙ୍କ ବାପା-ମା' ନ୍ୟାୟ ଲାଗି ଲଢ଼େଇ ଜାରି ରଖିଥିବାବେଳେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସ୍ୱାମୀ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ କ୍ଷମାଦେବା ଭଳି ନିର୍ଭୟାଙ୍କ ମା' ଆଶା ଦେବୀ ବଳାତ୍କାରୀଙ୍କୁ କ୍ଷମା ପ୍ରଦାନ କରନ୍ତୁ ବୋଲି ଓକିଲ ଇନ୍ଦିରା ଜୟସିଂ ଅନୁରୋଧ କରିଥିଲେ। ତେବେ ଇନ୍ଦିରାଙ୍କ ମନ୍ତବ୍ୟକୁ କଙ୍ଗନା ସମାଲୋଚନା କରିଥିବାରୁ ନିର୍ଭୟାଙ୍କ ମା' ଆଶା ଦେବୀ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ୨୦୧୨ ନିର୍ଭୟା ବଳାତ୍କାର ବେଳେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରତିବାଦ କରିଥିବା ଲୋକେ ଏବେ ରାଜନୈତିକ ଫାଇଦା ଲାଗି ମୋ ଝିଅର ମୃତ୍ୟୁ ସହ ଖେଳୁଛନ୍ତି ବୋଲି ଆଶାଦେବୀ କ୍ଷୋଭବ୍ୟକ୍ତ କରିଛନ୍ତି।

# ଆଇଏସ୍ ଲିଙ୍କ୍: ୩ ଗିରଫ

**ରାମନାଥପୁରମ୍,୨୩।୧(ପି.ଟି.)**

ଆଇଏସ୍ ସହ ସମ୍ପର୍କ ରଖିଥିବା ୩ ଜଣଙ୍କୁ ତାମିଲନାଡୁର ରାମନାଥପୁରମ୍ ଜିଲାରୁ ଗିରଫ କରାଯାଇଛି। ସେମାନେ ଜେହାଦୀ ଚିନ୍ତାଧାରାର ପ୍ରଚାର କରିବା ସହ ଯେଉଁମାନେ ଇସ୍‌ଲାମୀୟ ଧର୍ମବିଶ୍ୱାସକୁ ବିରୋଧ କରୁଛନ୍ତି, ସେମାନଙ୍କୁ ହତ୍ୟା କରିବା ଲାଗି ଯୋଜନା ପ୍ରସ୍ତୁତ କରୁଥିଲେ। ମହମ୍ମଦ ଅଲି, ପୁରା ଗନୀ ଏବଂ ଅମିର୍ ବୁଧବାର ଖସିପଳାଇବାକୁ ଉଦ୍ୟମ କରୁଥିବାବେଳେ ଗୋଇନ୍ଦା ସୂଚନା ପାଇଁ ଦେବିପଟ୍ଟିନମ୍ ପୋଲିସ ସେମାନଙ୍କୁ ଗିରଫ କରିଛି। ଶେଖ୍ ଦାଉଦ୍ ନାମରେ ଅନ୍ୟଜଣେ ଖସି ପଳାଇଥିବା ଜଣାପଡ଼ିଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତଦନ୍ତ କରୁଥିବା କେତେକ ମାମଲାରେ ସେମାନେ ସମ୍ପୃକ୍ତ ଅଛନ୍ତି। ଏହା ବ୍ୟତୀତ ସେମାନେ ଯୁବକମାନଙ୍କୁ ଆଇଏସ୍ ପାଇଁ ନିଯୁକ୍ତି ଦେବା ସହ ଉକ୍ତ ସଂଗଠନ ପାଇଁ ଚାନ୍ଦା ସଂଗ୍ରହରେ ଲିପ୍ତ ଥିଲେ ବୋଲି ଜଣାପଡ଼ିଛି।

## ଇତିହାସର ଆଇନାରେ | ଜାନୁୟାରୀ ୨୪ର ପ୍ରମୁଖ ଘଟଣା

୧୯୩୯ ଜାନୁୟାରୀ ୨୪ରେ ଦକ୍ଷିଣ-ପଶ୍ଚିମ ଚିଲିରେ ଭୂକମ୍ପ ଘଟି ୨୭ ହଜାର ଲୋକଙ୍କ ଜୀବନ ଯାଇଥିଲା। ୮.୩ ତୀବ୍ରତା ବିଶିଷ୍ଟ ଏହି ଭୂକମ୍ପରେ ୩,୫୦୦ ଘର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା।

୨୦୧୧ ଜାନୁୟାରୀ ୨୪ରେ ମସ୍କୋର ଡୋମୋଡେଡୋଭା ବିମାନବନ୍ଦରରେ ଘଟିଥିବା ଆତ୍ମଘାତୀ ବିସ୍ଫୋରଣରେ ୩୭ ନିହତ ଓ ୧୮୦ ଜଣ ଆହତ ହୋଇଥିଲେ। ବିଦେଶୀଙ୍କୁ ଏଥିରେ ଟାର୍ଗେଟ କରାଯାଇଥିଲା।

# ସାଧାରଣ ବିଜ୍ଞାନ (GENERAL SCIENCE)

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

(iii) ଅନ୍ତଃରୋପଣ ପରେ ଗ୍ରାଷ୍ଟୁଲେସନ ପ୍ରକ୍ରିୟା ଦ୍ୱାରା ତିନୋଟି ଜାୟକ ସ୍ତର ଦେଇ ଗ୍ରାଷ୍ଟୁଲା ତିଆରି ହୁଏ। ଗ୍ରାଷ୍ଟୁଲାର 3ଟି ଜାୟକ ସ୍ତର ହେଉଛି ଏକ୍ଟୋଡର୍ମ, ମିସୋଡର୍ମ ଓ ଏଣ୍ଡୋଡର୍ମ।

(iv) ଏହାପରେ ଅଙ୍ଗ ବିକାଶ ଦ୍ୱାରା ଏହି 3ଟି ଜାୟକ ସ୍ତରରୁ ବିଭିନ୍ନ ପ୍ରକାର ଟିସୁ, ଅଙ୍ଗ ଓ ଅଙ୍ଗତନ୍ତ୍ର ତିଆରି ହୁଏ। ଶେଷ ପର୍ଯ୍ୟାୟରେ ଶିଶୁଟି ମାଆର ଶରୀର ବାହାରକୁ ଶିଶୁ ପ୍ରସବ ଦ୍ୱାରା ଆସିଥାଏ।

(ଖ) (i) ପୃଥିବୀ ପୃଷ୍ଠରେ ମିଳୁଥିବା ସମସ୍ତ ଶକ୍ତିର ଉତ୍ସ ହେଉଛି ସୂର୍ଯ୍ୟ। ଜଳସ୍ରୋତ ଓ ବାୟୁସ୍ରୋତଠାରୁ ଆରମ୍ଭ କରି ବୃକ୍ଷଲତା ଆଦିରେ ଥିବା ଜୈବ ରାସାୟନିକ ଶକ୍ତି, ଜୀବାଶ୍ମ ଶକ୍ତି ଆଦି ସମସ୍ତ ଶକ୍ତି ସୌରଶକ୍ତିରୁ ହିଁ ସୃଷ୍ଟି ହୋଇଛି।

(ii) ଜଳସ୍ରୋତ ସୂର୍ଯ୍ୟକିରଣ ପ୍ରଭାବରେ ଉତ୍ପନ୍ନ ହେଉଥିବା ବୃଷ୍ଟିପାତ ଯୋଗୁଁ ହିଁ ସମ୍ଭବ ହୋଇଥାଏ। ସୂର୍ଯ୍ୟକିରଣ ପ୍ରଭାବରେ ବାୟୁମଣ୍ଡଳର ବିଭିନ୍ନ ସ୍ଥାନ ସମାନ ଭାବେ ଉତ୍ତପ୍ତ ହେଉ ନଥିବାରୁ ବାୟୁଚାପରେ ପାର୍ଥକ୍ୟ ରହେ। ଏହାଦ୍ୱାରା ବାୟୁସ୍ରୋତ ସୃଷ୍ଟି ହୋଇଥାଏ।

(iii) ବୃକ୍ଷଲତାର ଜୈବ ରାସାୟନିକ ଶକ୍ତି ସୂର୍ଯ୍ୟଙ୍କଠାରୁ ଆଲୋକଶ୍ଲେଷଣ ପଦ୍ଧତିରେ ମିଳିଥାଏ। ଏହି ଶକ୍ତି ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କଲାପରେ ଅନ୍ୟ ଜୀବଜନ୍ତୁମାନେ ପାଇଥାନ୍ତି।

(iv) ଭୂମିକମ୍ପ ବା ଅନ୍ୟ କୌଣସି ପ୍ରାକୃତିକ ଘଟଣାରେ ଜଙ୍ଗଲପୂର୍ଣ୍ଣ ଭୂଖଣ୍ଡ ଓ ଜୀବଜନ୍ତୁ ମାଟି ତଳେ ପୋତି ହୋଇଗଲେ କାଳକ୍ରମେ ଅତ୍ୟଧିକ ଋପ ଓ ତାପ ଯୋଗୁଁ ତାହା କୋଇଲା, ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍‌ରେ ରୂପାନ୍ତରିତ ହୋଇଥାଏ। ଏହି ଜୀବାଶ୍ମ ଜାଳେଣୀଗୁଡ଼ିକର ଉପଯୋଗ କରି ଆମେ ତାପଶକ୍ତି, ବିଦ୍ୟୁତ୍‌ଶକ୍ତି ଓ ଯାନ୍ତ୍ରିକଶକ୍ତି ଆଦି ପାଇଥାଉ।

କିମ୍ବା,

(i) ଗାଁମୁଣ୍ଡରେ ପୋଖରି ଖୋଳିବାଦ୍ୱାରା ବୃଷ୍ଟିଜଳ ଏହି ଗଡ଼ିଆ ଓ ପୋଖରିରେ ସଞ୍ଚିତ ହୋଇ ଭୂତଳକୁ ପ୍ରବେଶ କରି ଭୂତଳ ଜଳର ପରିମାଣ ବୃଦ୍ଧି କରିଥାଏ।

(ii) ସମତଳ ଅଞ୍ଚଳରେ ମାଟି କିମ୍ବା କଂକ୍ରିଟ୍ ସାହାଯ୍ୟରେ ଛୋଟ ଛୋଟ ଆଡ଼ିବନ୍ଧ କରାଯାଇ ବର୍ଷାଜଳକୁ ରଖାଯିବା ଦ୍ୱାରା ଏହି ଜଳ ତଳକୁ ଗତିକରି ଭୂତଳ ଜଳସ୍ତରର ବୃଦ୍ଧି ଘଟାଇପାରୁଛି।

(iii) ସହରାଞ୍ଚଳରେ ଛାତ ଉପରେ ପଡୁଥିବା ବର୍ଷାଜଳକୁ ଏକ ବାଲିଶଯ୍ୟା ଥିବା କମ୍ ଗଭୀର ଗର୍ତ୍ତକୁ ଛାଡିଦେଲେ ଏହି ଜଳ ବାଲିଶଯ୍ୟା ଦ୍ୱାରା ଶୋଷି ହୋଇ ମାଟି ତଳକୁ ଗତିକରି ଭୂତଳ ଜଳସ୍ତର ସଙ୍ଗେ ମିଶି ଭୂତଳ ଜଳର ପରିମାଣ ବୃଦ୍ଧି କରିଥାଏ।

(iv) ଖାଲୁଆ ଅଞ୍ଚଳରେ ବୃଷ୍ଟିଜଳ ଭୂପୃଷ୍ଠ ଜଳରୂପେ ସଞ୍ଚିତ ହୋଇ ବର୍ଷସାରା ଲବ୍ଧ ହୋଇଥାଏ ଏବଂ ଖରାଦିନେ ଋଷକାର୍ଯ୍ୟ ମଧ୍ୟ ହୋଇଥାଏ। ବୃଷ୍ଟିଜଳକୁ ଟାଙ୍କି ସାହାଯ୍ୟରେ ସିଧାସଳଖ ସଂଗ୍ରହ କରି ବ୍ୟବହାର ମଧ୍ୟ କରାଯାଇଥାଏ।

15.(କ)(i) ମୁକ୍ତ ଅମ୍ଳଜାନର ଅଭାବରେ ଇଷ୍ଟ ଭଳି କବକ ପାଇରୁଭେଟ୍‌ରୁ ସୁରାସାର, ଅଙ୍ଗାରକାମ୍ଳ ଓ ଶକ୍ତି ଉତ୍ପନ୍ନ କରିଥାନ୍ତି। ଏହାକୁ ସୁରାସାର କିଣ୍ୱନ କୁହାଯାଏ। ଏହା ବାୟୁ ଅପଜୀବୀ ଶ୍ୱସନର ଏକ ସାଧାରଣ ଉଦାହରଣ।

(ii) ବେଳେବେଳେ ଆମ ପେଶୀକୋଷରେ ଅମ୍ଳଜାନର ଅଭାବରେ ପାଇରୁଭେଟ୍ ଅଣୁଟି ଭାଙ୍ଗି ଲାକ୍‌ଟିକ୍ ଅମ୍ଳରେ ପରିଣତ ହୁଏ ଓ କିଛି ଶକ୍ତି ନିର୍ଗତ ହୋଇଥାଏ। ଏହାକୁ ଲାକ୍‌ଟିକ୍ ଅମ୍ଳ କିଣ୍ୱନ କୁହାଯାଏ। ଏଥିରେ ପେଶୀ ହଠାତ୍ ଶକ୍ତ ହୋଇଯିବା ସହ ବାଉଁଳା ବା କ୍ରାମ୍ପ ହୋଇଥାଏ।

(iii) ଅମ୍ଳଜାନ ଅନୁପସ୍ଥିତିରେ ଇଷ୍ଟକୋଷରେ ସୁରାସାର, ଅଙ୍ଗାରକାମ୍ଳ ଓ ଶକ୍ତି ସୃଷ୍ଟି ହେଉଥିବା ବେଳେ ପେଶୀକୋଷରେ ଲାକ୍‌ଟିକ୍ ଅମ୍ଳ ଓ ଶକ୍ତି ସୃଷ୍ଟି ହୋଇଥାଏ।

କିମ୍ବା,

(i) ସନ୍ତାନମାନଙ୍କ ମଧ୍ୟରେ ଦେଖାଯାଉଥିବା ଗୁଣଗୁଡ଼ିକର ସାମଞ୍ଜସ୍ୟ ଉଭୟ ମାତା ଓ ପିତାଙ୍କ ଗୁଣ ସହିତ ରହିଥାଏ।

(ii) ପ୍ରଜନନ ସମୟରେ ପିତାମାତାଙ୍କଠାରୁ ସମାନ ପରିମାଣରେ ଜିନୀୟ ପଦାର୍ଥ ଯୁଗ୍ମକ ଜରିଆରେ ସନ୍ତାନ ନିକଟକୁ ଯାଇଥାଏ। ଏହି ଜିନୀୟ ପଦାର୍ଥ ପିତାମାତାଙ୍କର ସମସ୍ତ ଗୁଣ ବହନ କରିଥାଏ।

(iii) ସେହି ଗୁଣଗୁଡ଼ିକ ମଧ୍ୟରୁ କିଛି ଗୁଣ ସନ୍ତାନ ନିକଟରେ ପ୍ରକଟ ହେଉଥିଲାବେଳେ ଆଉ କିଛି ଗୁଣ ଅଦୃଶ୍ୟ ହୋଇ ରହିଥାଏ। ଗୋଟିଏ ପିଢ଼ିରେ ଦୃଶ୍ୟ ହୋଇ ନଥିବାର ଗୁଣ ପରବର୍ତ୍ତୀ ପିଢ଼ିରେ ଦୃଶ୍ୟ ହୋଇଥାଏ।

(ଖ) (i) ପରିବେଶରେ ଗୋଟିଏ ପ୍ରକାର ଖାଦ୍ୟକୁ ଅନେକ ପ୍ରକାର ପ୍ରାଣୀ ଖାଆନ୍ତି, ଯେପରି ଘାସକୁ ଝିଣ୍ଟିକା, ଠେକୁଆ, ହରିଣ ଖାଇ ବଞ୍ଚନ୍ତି। ଅନ୍ୟପକ୍ଷରେ ପ୍ରାଣୀ କେବଳ ଗୋଟିଏ ପ୍ରକାର ଖାଦ୍ୟ ଉପରେ ନିର୍ଭର ନ କରି ଅନେକ ପ୍ରକାର ଖାଦ୍ୟ ଖାଇ ବଞ୍ଚେ ଯେପରି – ମଣିଷ ତୃଣଭୋଜୀ ହୋଇପାରେ, ମାଂସାଶୀ ($C_1$) ହୋଇପାରେ ବା ସର୍ବଭୋଜୀ ମଧ୍ୟ ହୋଇପାରେ।

(ii) ପରିବେଶରେ ଗୋଟିଏ ଜୀବ ବିଭିନ୍ନ ପ୍ରକାର ଖାଦ୍ୟ ଖାଇ ବଞ୍ଚେ ଏବଂ ସେହି ପ୍ରାଣୀକୁ ଅନ୍ୟ ପ୍ରାଣୀମାନେ ଖାଦ୍ୟ ଭାବେ ବ୍ୟବହାର କରନ୍ତି।

(iii) ପରିବେଶରେ ପ୍ରାଣୀମାନଙ୍କ ମଧ୍ୟରେ ଖାଦ୍ୟ ସଂପର୍କ ଗୋଟିଏ ସରଳରେଖା ପରି ନ ହୋଇ ଏକ ଗଛର ଶାଖାପ୍ରଶାଖା ପରି ଛନ୍ଦି ହୋଇ ରହିଥାନ୍ତି। ଏହାକୁ ଖାଦ୍ୟଜାଲି କୁହାଯାଏ।

କିମ୍ବା,

(i) ମହାକାଶକୁ ପ୍ରେରିତ ଉପଗ୍ରହ, ଦୁର୍ଗମ ପାର୍ବତ୍ୟାଞ୍ଚଳରେ ଥିବା ବେତାର ଓ ଦୂରଦର୍ଶନ କେନ୍ଦ୍ର ଓ ଟ୍ରାଫିକ୍ ସଙ୍କେତ ଇତ୍ୟାଦିରେ ସୋଲାର ସେଲ୍ ବ୍ୟବହୃତ ହୁଏ।

(ii) ଏହି ସେଲ୍ ତିଆରିରେ ପ୍ରଥମ ଅସୁବିଧା ହେଲା ଏହି ସେଲ୍ ତିଆରି ନିମନ୍ତେ ଦରକାର ପଡୁଥିବା ବିଶେଷ ଧରଣର ସିଲିକନ୍ ସହଜରେ ମିଳେ ନାହିଁ।

(iii) ସେଲ୍ ତିଆରି ଅତ୍ୟନ୍ତ ବ୍ୟୟବହୁଳ ପ୍ରକ୍ରିୟା ଅଟେ। ପାନେଲ୍ ପ୍ରସ୍ତୁତି ପାଇଁ ସେଲ୍ ଓ ସେଲ୍‌କୁ ଯୋଡ଼ିବା ପାଇଁ ବ୍ୟବହୃତ ସିଲଭର୍ ଖର୍ଚ୍ଚକୁ ବହୁଗୁଣିତ କରିଥାଏ।

(ଗ)



(ମନୁଷ୍ୟରେ ଶ୍ୱାସତନ୍ତ୍ର)

କିମ୍ବା,



(ଗର୍ଭଶୀର୍ଷରେ ପରାଗରେଣୁର ଅଙ୍କୁରଣ)

16.(କ)(i) ମୂଳର ଯେଉଁ ଅଂଶରେ ହରମୋନ୍‌ର ସାନ୍ଦ୍ରତା କମ୍ ସେଠାରେ ବୃଦ୍ଧି ଅଧିକ ହୁଏ ଏବଂ ଯେଉଁ ଅଂଶରେ ସାନ୍ଦ୍ରତା ଅଧିକ ହୁଏ, ସେଠାରେ ବୃଦ୍ଧି ହ୍ରାସ ପାଏ।

(ii) ଫଳରେ ମୂଳର ବୃଦ୍ଧି କାଣ୍ଡ ବୃଦ୍ଧିର ବିପରୀତ ଦିଗରେ ହୋଇଥାଏ ଏବଂ ମୂଳ ଭୂପୃଷ୍ଠ ଆଡ଼କୁ ବଙ୍କେଇ ଯାଏ।

କିମ୍ବା,

(i) ଟିସୁ ପୋଷଣ ପଦ୍ଧତିରେ ସୃଷ୍ଟ ଚାରା ଉଦ୍ଭିଦଗୁଡ଼ିକୁ ନିୟନ୍ତ୍ରଣାଧୀନ ପରିବେଶରେ ବଢ଼ିବାକୁ ଦିଆଯାଇ ସଂପୂର୍ଣ୍ଣ ଉଦ୍ଭିଦରେ ପରିଣତ କରାଯାଏ। ଏହାକୁ ଅନ୍ତଃ ଅଣୁ ବଂଶବିସ୍ତାର କୁହାଯାଏ।

(ii) ଏହି ପଦ୍ଧତିରେ ଉନ୍ନତ, ରୋଗଶୂନ୍ୟ ଚାରା ଉତ୍ପନ୍ନ କରାଯାଇ ଜଙ୍ଗଲ ସୃଷ୍ଟି, ବନୀକରଣ ଓ ଫଳଚାଷ କରାଯାଉଛି।

(ଖ) (i) ସଂକରଣ ପରେ $F_1$ ପିଢ଼ିରେ ଦୁଇଟି ବିକଳ୍ପ କାରକ ମଧ୍ୟରୁ ମାତ୍ର ଗୋଟିଏ କାରକର ପ୍ରଭାବ ପରିଲକ୍ଷିତ ହୋଇଥାଏ। ତାହାକୁ ପ୍ରଭାବୀ କାରକ କୁହାଯାଏ। ପ୍ରକଟିତ ହୋଇ ନଥିବା କାରକକୁ ଅପ୍ରଭାବୀ କାରକ କୁହାଯାଏ।

(ii) ସଙ୍କର ଡେଙ୍ଗା ଗଛରେ ରହିଥିବା ଦୁଇଟି କାରକ (Tt) ମଧ୍ୟ T ପ୍ରଭାବୀ କାରକ ଓ t ଅପ୍ରଭାବୀ କାରକ। ଶୁଦ୍ଧ ଡେଙ୍ଗା ଗଛରୁ (TT) ରୁ ଶୁଦ୍ଧ ଡେଙ୍ଗା ଓ ଶୁଦ୍ଧ ଡେଙ୍ଗା (tt) ଗଛରୁ ଶୁଦ୍ଧ ଗେଡ଼ା ଗଛ ସୃଷ୍ଟି ହୋଇଥାଏ।

କିମ୍ବା,

(i) ମନୁଷ୍ୟ ଶରୀରରେ ରକ୍ତ ସଞ୍ଚାଳନ ପାଇଁ ରହିଥିବା ନଳୀଗୁଡ଼ିକୁ ରକ୍ତବାହିନୀ କୁହାଯାଏ। ଏହି ନଳୀଗୁଡ଼ିକ ପରିବହନ ସଂସ୍ଥାର ଏକମୁହାଁ ରାସ୍ତାପରି। ଶରୀରରେ ପ୍ରାୟ 96000 ରୁ 1,60,000 କି.ମି. ନଳୀ ଜାଲ ପରି ବିଛେଇ ରହିଛି।

(ii) ରକ୍ତବାହିନୀ ମୁଖ୍ୟତଃ ତିନି ପ୍ରକାର, ଯଥା - ଧମନୀ, ଶିରା ଓ ରକ୍ତକୈଶିକ। ରକ୍ତବାହିନୀଗୁଡ଼ିକ ମଧ୍ୟରେ ରକ୍ତକୁ ସଞ୍ଚାଳିତ କରିବାରେ ହୃତ୍‌ପିଣ୍ଡ ଗୋଟିଏ ପମ୍ପ ପରି ଅବିରାମ କାର୍ଯ୍ୟ କରିଥାଏ।

(ଗ) (i) କାର୍ବନ୍, ଯବକ୍ଷାରଜାନ ଓ ଗନ୍ଧକର ଅକ୍‌ସାଇଡ୍ ଅମ୍ଳ ବୃଷ୍ଟି କରାଇଥାଏ।

(ii) ଜୀବାଶ୍ମ ଇନ୍ଧନ ଦହନରୁ ନିର୍ଗତ ଗ୍ୟାସ୍‌ଗୁଡ଼ିକ ବାୟୁମଣ୍ଡଳର ସବୁଜ କୋଠରି ପ୍ରଭାବ ସୃଷ୍ଟି କରିଥାଏ।

କିମ୍ବା,

(i) ଜିନ୍ DNA ର ଏକ ଅଂଶବିଶେଷ ଏବଂ ଏହା ଶରୀରର ସମସ୍ତ ପ୍ରକ୍ରିୟା ନିୟନ୍ତ୍ରଣ କରିଥାଏ।

(ii) ଜିନ୍ DNA ର ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ଲକ୍ଷଣର ପରିପ୍ରକାଶ ସମ୍ଭବ ହୋଇଥାଏ।

(ଘ) (i) ଉତ୍ପାଦକ ଓ ଭକ୍ଷକମାନଙ୍କର ମୃତ୍ୟୁପରେ ମାଟିରେ ଥିବା ବ୍ୟାକ୍ଟେରିଆ ଓ କବକମାନେ ମୃତ ଶରୀରକୁ ଅପଘଟନ କରି ମାଟିରେ ମିଶାଇ ଦେଉଥିବାରୁ ଏମାନଙ୍କୁ ଅପଘଟକ କୁହାଯାଏ।

(ii) ଏମାନଙ୍କୁ ଯୋଗୁଁ ପୋଷକ ପଦାର୍ଥଗୁଡ଼ିକ ପରିବେଶରୁ ମୁକ୍ତ ହୋଇ ଉଦ୍ଭିଦମାନଙ୍କ ଦ୍ୱାରା ଏବଂ ସେମାନଙ୍କ ଜରିଆରେ ଅନ୍ୟ ଜୀବମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ।

କିମ୍ବା,

(i) ପରିବେଶ ତଥା ପ୍ରାକୃତିକ ସଂପଦର ସଂରକ୍ଷଣ ପାଇଁ 3R ନୀତି ଏକ ମାଧ୍ୟମ ଅଟେ।

(ii) ଏହି 3R ନୀତିଗୁଡ଼ିକ ହେଉଛି – **ସମ୍ବରଣ** (Reduce), ପୁନଶ୍ଚକ୍ରଣ (Recycle) ଓ ପୁନର୍ବ୍ୟବହାର (Re-use)।

❑❑❑




ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ପୃଥ୍ୱୀରାଜ


ଆଜାଦ୍


ଅଶୋକ


ଗୋପିନାଥ


ମହେଶ୍ୱର

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# କପିଳାସ ଜୁ'ରେ ନରହନ୍ତା ଦନ୍ତା ଆତଙ୍କ

**ଢେଙ୍କାନାଳ ଅଫିସ, ୨୩।୧**

ତାଳଚେରରୁ କପିଳାସ ଚିଡ଼ିଆଖାନାକୁ ଅଣାଯାଇଥିବା ନରହନ୍ତା ଦନ୍ତାର ହିଂସ୍ର ଆଚରଣରେ ସାମାନ୍ୟତମ ପରିବର୍ତ୍ତନ ଆସିନାହିଁ। ଗୁରୁବାର ହାତୀର ଜଙ୍ଗଲୀ ପ୍ରବୃତ୍ତିକୁ ନେଇ ଜୁ' ପରିସରରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏଠାକାର ରେସ୍କ୍ୟୁ ସେଣ୍ଟର ପରିସରରେ ଥିବା ଏକ ମଣ୍ଡପରେ ୪ଟି ଲୁହା ଚେନ୍‌ରେ ହାତୀକୁ ବନ୍ଧାଯାଇଥିଲା। ସେଥିରୁ ୩ଟିକୁ ହାତୀ ଛିଣ୍ଡାଇ ଦେଇଛି। ଦନ୍ତାର ଗର୍ଜନରେ ଚିଡ଼ିଆଖାନା ସମେତ ଆଖପାଖ ଅଞ୍ଚଳ କମ୍ପି ଉଠିଥିଲା। ଅନ୍ୟପଟେ ଦର୍ଶକ ଏବଂ ଅନ୍ୟ ଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ ଚିଡ଼ିଆଖାନାକୁ ବନ୍ଦ ରଖାଯାଇଥିଲା। ରେସ୍କ୍ୟୁ ସେଣ୍ଟରରେ ଥିବା ଅନ୍ୟ ୪ହାତୀଙ୍କୁ କପିଳାସ ରେଞ୍ଜ କାର୍ଯ୍ୟାଳୟ ପଛପାଖରେ ରଖାଯାଇଛି।

ହାତୀ ଅଣାୟତ୍ତ ହେଉଥିବା ବେଳେ ଅଘଟଣ ଆଶଙ୍କା ଥିବାର ସୂଚନା ପାଇ ସାତକୋଶିଆରୁ ପ୍ରାଣୀ ଚିକିତ୍ସକ ଡା. କିଶୋର ଚନ୍ଦ୍ର ସାହୁ, ବନ୍ୟପ୍ରାଣୀ ବିଶେଷଜ୍ଞ ଅରବିନ୍ଦ ମାଝି ସଦଳବଳ ଜୁ'ରେ ପହଞ୍ଚିଥିଲେ। ହାତୀକୁ ପୁନର୍ବାର ୩ ଥର ଟ୍ରାଙ୍କୁଲାଇଜ କରିଥିଲେ। ଏହାପରେ ଏକ ବଲା ସହାୟତାରେ ହାତୀକୁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ ଦିଆଯାଇଥିଲା। ଅପରାହ୍ନ ୪ଟାରେ ଦନ୍ତା ନିସ୍ତେଜ ହୋଇଯିବା ପରେ ତାକୁ ପୁଣି ବନ୍ଧାଯାଇଛି। ଏଥିସହ ଉକ୍ତ ସ୍ଥାନର ଚାରିପଟେ ଟ୍ରେଞ୍ଚ୍ ଖୋଳାଯାଇଛି। ଫଳରେ ହାତୀ ଉଦ୍ୟମ କଲେ ମଧ୍ୟ ଟ୍ରେଞ୍ଚ ଡେଇଁ ବାହାରକୁ ଯାଇପାରିବ ନାହିଁ।

ଅନ୍ୟପଟେ କପିଳାସ ରେଞ୍ଜ୍ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଥିବା ବେଳେ ନରହନ୍ତା ଦନ୍ତାକୁ ସ୍ୱତନ୍ତ୍ର ଭାବେ ଦେଖାରଖା କରିବାରେ ସମସ୍ୟା ସୃଷ୍ଟି ହୋଇଛି। ଉଗ୍ର ସ୍ୱଭାବର ହାତୀକୁ ଆୟତ୍ତ କରିବାକୁ ତାଲିମପ୍ରାପ୍ତ ମାହୁନ୍ତ ନ ଥିବାରୁ ଆଗକୁ ସମସ୍ୟା ବଢ଼ିବା ଆଶଙ୍କା ରହିଛି। ସେହିପରି ରେସ୍କ୍ୟୁ ସେଣ୍ଟରରେ ରହି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ୪ ହାତୀ କାର୍ତ୍ତିକ, ଉମା, ଚନ୍ଦୁ ଏବଂ ହିରୋକୁ କେଉଁଠି ରଖାଯିବ ତାହା ଏବେ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇଛି। କପିଳାସ ଚିଡ଼ିଆଖାନାର ଦାୟିତ୍ୱ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଦେବା ପାଇଁ ସେଣ୍ଟ୍ରାଲ ଜୁ ଅଥରିଟି ଅଫ୍ ଇଣ୍ଡିଆ ଜିଲା ବନ ବିଭାଗକୁ ପତ୍ର ମାଧ୍ୟମରେ ଜଣାଇଛି। ହେଲେ ଏବେ ସୁଦ୍ଧା କପିଳାସ ଚିଡ଼ିଆଖାନା ପରିଚାଳନା ଦାୟିତ୍ୱ ସ୍ଥାନୀୟ ବନ ବିଭାଗ ହାତରେ ଥିବାରୁ ବ୍ୟାପକ ସମସ୍ୟା ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ କପିଳାସ ରେଞ୍ଜର ଦର୍ଶନିଆ ଭୋଇ କୁହନ୍ତି, ଦନ୍ତା ହାତୀଟି ସକାଳୁ ୩ଟି ଚେନ୍ ଛିଣ୍ଡାଇଦେବା ଦେଖି ସମସ୍ତେ ଭୟଭୀତ ହୋଇପଡ଼ିଥିଲେ। ସୁରକ୍ଷା ଦୃଷ୍ଟିରୁ ଚିଡ଼ିଆଖାନାକୁ ବାଧ୍ୟହୋଇ ବନ୍ଦ କରାଯାଇଥିଲା। ହାତୀ ରହୁଥିବା ସ୍ଥାନର ଚାରିପଟେ ଟ୍ରେଞ୍ଚ୍ ଖୋଳା କାର୍ଯ୍ୟ ଆରମ୍ଭ ହୋଇଛି।



- ୩ ଚେନ୍ ଛିଣ୍ଡାଇଲା, ଚିଡ଼ିଆଖାନା ବନ୍ଦ
- ପୁଣି କରାଗଲା ଟ୍ରାଙ୍କୁଲାଇଜ୍
- ସୁରକ୍ଷା ପାଇଁ ଖୋଳାଗଲା ଟ୍ରେଞ୍ଚ୍
- ଅନ୍ୟ ହାତୀଙ୍କୁ ସ୍ଥାନାନ୍ତର କରାଗଲା

**ନିରାଶରେ ଫେରିଲେ ପର୍ଯ୍ୟଟକ**

ନରହନ୍ତା ଦନ୍ତାର ଆତଙ୍କ ଲାଗି ସୁରକ୍ଷା ଦୃଷ୍ଟିରୁ କପିଳାସ ଚିଡ଼ିଆଖାନାକୁ ବନ୍ଦ ରଖାଯାଇଥିଲା। ଫଳରେ ବିଭିନ୍ନ ସ୍ଥାନରୁ ଆସିଥିବା ପର୍ଯ୍ୟଟକମାନେ ନିରାଶରେ ଫେରିଥିଲେ। ଗୁରୁବାର ନେତାଜୀ ଜୟନ୍ତୀ ପାଇଁ ଶିକ୍ଷାନୁଷ୍ଠାନ ବନ୍ଦ ଥିଲା। ଫଳରେ ଜିଲା, ରାଜ୍ୟ ସମେତ ପଶ୍ଚିମବଙ୍ଗରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥିଲେ। ହେଲେ ନରହନ୍ତା ଦନ୍ତା ଅଣାୟତ୍ତ ହୋଇପଡ଼ିଥିବାରୁ ଚିଡ଼ିଆଖାନା ବନ୍ଦ ରଖିବାକୁ କର୍ତ୍ତୃପକ୍ଷ ବାଧ୍ୟ ହୋଇଥିଲେ।

# ନେତାଜୀ, ସାଏଙ୍କ ଉଦ୍ଦାମ ଦେଶଭକ୍ତିର ପଟାନ୍ତର ନାହିଁ

## ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର, ୨୩।୧ (ବ୍ୟୁରୋ)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଉଦ୍ଦାମ ଦେଶଭକ୍ତି ଏବଂ ଅସୀମ ଆତ୍ମୋତ୍ସର୍ଗର ପଟାନ୍ତର ନାହିଁ। ବ୍ରିଟିଶ ବିରୋଧୀ ସ୍ୱାଧୀନତା ସଂଗ୍ରାମରେ ଏହି ଦୁଇ ଅନନ୍ୟ ଯୋଦ୍ଧାଙ୍କ ବୀରତ୍ୱର ଗାଥା ବିଶ୍ୱ ଇତିହାସରେ ମଧ୍ୟ ବିରଳ ବୋଲି ବିଧାୟକ ଦେବୀପ୍ରସାଦ ମିଶ୍ର କହିଛନ୍ତି।

ଗୁରୁବାର ସୂଚନା ଭବନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନର ମିଳିତ ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ମିଶ୍ର କହିଲେ, ନେତାଜୀ ଦେଶର ଅନ୍ତିମ ସଶସ୍ତ୍ର ସଂଗ୍ରାମର ସୁଦକ୍ଷ ସେନାଧ୍ୟକ୍ଷ, ରାଷ୍ଟ୍ର ବିପ୍ଳବର ଅନୁପମ ଯୋଦ୍ଧା। ଜନ୍ମଭୂମିର ମୁକ୍ତି ପାଇଁ ଯେଉଁ ମହାନ ଜନନାୟକଗଣ ସ୍ୱପ୍ନ ଦେଖିଥିଲେ ଓ ସେହି ସ୍ୱପ୍ନକୁ ସାକାର କରିବା ପାଇଁ ଅତୁଳନୀୟ ତ୍ୟାଗ ଓ ସାଧନାକୁ ମୃତ୍ୟୁ ପର୍ଯ୍ୟନ୍ତ ଜାରି ରଖିଥିଲେ। ସେହିଭଳି ସମ୍ବଲପୁର ଜାତୀୟ ଜାଗରଣର ପଟପୁରୋଧା ଥିଲେ ବୀର ସୁରେନ୍ଦ୍ର ସାଏ। ଦେଶପ୍ରେମର ଏହି ଅଗ୍ନିସ୍ଫୁଲିଙ୍ଗ ବିପ୍ଳବର ଲେଲିହାନ ଅଗ୍ନିଶିଖାରେ ପରିଣତ ହୋଇ ନିଜ ଜନ୍ମମାଟି ସମ୍ବଲପୁରରୁ ଇଂରେଜମାନଙ୍କୁ ବିତାଡ଼ିତ କରିବା ପାଇଁ ବଜ୍ର ଶପଥ ନେଇଥିଲେ ବୋଲି ବିଧାୟକ ମିଶ୍ର କହିଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରଭାସ କୁମାର ସିଂହ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡ. ଲେନିନ୍ ମହାନ୍ତି ଏବଂ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର କୈଳାସ ଚନ୍ଦ୍ର ଦାଶ ଯୋଗଦେଇ ଦୁଇ ବୀରଙ୍କ ସମ୍ପର୍କରେ କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଧାରିତ 'ଗୁଟେ ବୀରର କଥା' ମଞ୍ଚାୟନ ହୋଇଥିଲା। ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନ ସଭାପତି ଉଦିତ୍‌ପ୍ରତାପ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ସକାଳେ ରସୁଲଗଡ଼ ଛକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଭିଏସ୍‌ଏସ୍ ନଗରସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ ମିଶ୍ର, ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ, ଯୁଗ୍ମ ନିର୍ଦ୍ଦେଶକ ବିପିନ ବିହାରୀ ବାରିକୀ, ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସନ୍ତୋଷ କୁମାର ଦାସ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ବିଧାୟକ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ଏମ୍‌ପି ପ୍ରଭାସ କୁମାର ସିଂହ ଓ ଅନ୍ୟ ଅତିଥିମାନେ।

# ଭୋଜି ଡାଲମାରୁ ବାହାରିଲା ଚିତି: ୫୦ଜଣ ଚିକିତ୍ସିତ ହୋଇ ଫେରିଲେ

**ପଟ୍ଟାମୁଣ୍ଡାଇ, ୨୩।୧ (ସ୍ୱ.ପ୍ର.)**

ଭୋଜି ଡାଲମାରୁ ବାହାରିଲା ବିଷଧର ସାପ। ଏହି ଡାଲମା ଖାଇ ୩୦ ପରିବାରର ୫୦ ଜଣ ଅସୁସ୍ଥ ହେବା ସହ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ଦେଉଳି ଗ୍ରାମର ମା' ତାରିଣୀ ମହିଳା ସଂଗଠନ ପକ୍ଷରୁ ଗ୍ରାମର ତାରିଣୀ ମନ୍ଦିରରେ ବୁଧବାର ରାତିରେ ଭୋଜି ହୋଇଥିଲା। ଉକ୍ତ ମନ୍ଦିର ପରିସରରେ ଭୋଜି ଖାଇବା ପାଇଁ ବାରଣ ଥିବାରୁ ମହିଳାମାନେ ଖାଦ୍ୟ ବାଣ୍ଟିନେଇ ଘରକୁ ଯାଇଥିଲେ। ଘରେ ଖାଇବା ବେଳେ ସଦସ୍ୟା ପ୍ରଭାତି ରାଉତଙ୍କ ଡାଲମାରେ ମଲା ଚିତି ସାପ ପଡିଥିବା ଦେଖିବାକୁ ମିଳିଥିଲା। ଅନ୍ୟ ଜଣେ ସଦସ୍ୟା ମଧ୍ୟ ଖାଇବା ବେଳେ ସାପର କିଛି ଅଂଶ ଡାଲମାରେ ଦେଖିବାକୁ ପାଇଥିଲେ। ଏହି ଘଟଣା ସଙ୍ଗେ ସଙ୍ଗେ ପ୍ରଘଟ ହୋଇଯିବା ସହ ଗ୍ରାମର ଯେଉଁ ମହିଳା, ପୁରୁଷ ଓ ଛୋଟ ପିଲା ଭୋଜି ଖାଇଥିଲେ ବାନ୍ତି କରିଥିଲେ। କେତେକ ବ୍ୟକ୍ତି ସଙ୍ଗେ ସଙ୍ଗେ ଔଷଧ ଖାଇଥିବା ବେଳେ ଗୁରୁବାର ସକାଳେ ଗ୍ରାମର ପ୍ରାୟ ୫୦ ଜଣ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ଆସିଥିଲେ। ଡାକ୍ତର ସମସ୍ତଙ୍କ ଇସିଜି ଓ ରକ୍ତ ପରୀକ୍ଷା କରିଥିଲେ। ଏହାଛଡା ଖାଦ୍ୟ ଖାଇଥିବା ସମସ୍ତ ବ୍ୟକ୍ତିଙ୍କୁ ଔଷଧ ଦେବା ସହିତ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ସମୟ ରଖି ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ନିରାକାର ପରିଡ଼ା, ଡା. ଚନ୍ଦ୍ରଶେଖର ଦାଶ, ଡା. ପ୍ରଦ୍ୟୁମ୍ନ ପଣ୍ଡା, ଆୟୁଷ ଡାକ୍ତର ପି.କେ. ଚମ୍ପତି ପ୍ରମୁଖ ୪ ଘଣ୍ଟା କାଳ ସେମାନଙ୍କୁ ଚିକିତ୍ସାରେ ରଖି ଘରକୁ ଫେରିଯିବାକୁ କହିଥିଲେ। ତେବେ ସାପ ପଡିଥିବା ଖାଦ୍ୟର କୁପ୍ରଭାବ ରୋଗୀମାନଙ୍କ ଉପରେ ନ ଥିବା ଡାକ୍ତରମାନେ ସ୍ପଷ୍ଟ କରିଦେଇଥିଲେ। ସମସ୍ତେ ଘରକୁ ଫେରି ଯାଇଥିବା ଜଣାଯାଇଛି। ଅସାବଧାନତା ବଶତଃ ସାପ ଡାଲମାରେ ପଡ଼ିଯାଇଥିବା କୁହାଯାଉଛି।

# ଧାନ ବୋଝେଇ ଟ୍ରକ୍‌କୁ ୫୮,୦୪୦ ଜରିମାନା

**ତିହିଡ଼ି, ୨୩।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ସୟା ପଞ୍ଚାୟତ ନିଶ୍ଚିନ୍ତପୁର ସମବାୟ ସମିତିରୁ ଧାନ ବୋଝେଇ କରି ଯାଉଥିବା ଏକ ଟ୍ରକ୍‌କୁ ଜିଲା ପରିବହନ ବିଭାଗ ପକ୍ଷରୁ ୫୮, ୦୪୦ ଟଙ୍କା ଜରିମାନା କରାଯାଇଛି। ଟ୍ରକ୍‌ର କାଗଜପତ୍ର ଠିକ୍ ନ ଥିବାବେଳେ ଚାଳକଙ୍କ ଲାଇସେନ୍ସ ନ ଥିବାରୁ ଜରିମାନା କରାଯାଇଥିବା ପରିବହନ ବିଭାଗ ସୂଚନା ଦେଇଛି।

ପ୍ରକାଶ ଯେ, ଗତ ମଙ୍ଗଳବାର ରାତିରେ ଏହି ସମବାୟ ସମିତିରୁ ୨ଶହ କୁଇଣ୍ଟାଲ ଧାନ ବୋଝେଇ କରି ଟ୍ରକ୍(ନଂ.ଏମଏଚ୍୧୬ସିସି ୭୪୭୪) ସମ୍ବଲପୁରସ୍ଥିତ ଭେଙ୍କେଟେଶ୍ୱର ରାଇସ୍ ମିଲ୍‌କୁ ଯାଉଥିଲା। ତିହିଡ଼ି ଗ୍ରାମରେ କେତେଜଣ ଯୁବକ ଗାଡ଼ିକୁ ଅଟକାଇ ଚାନ୍ଦା ମାଗିଥିଲେ। ଏ ସମ୍ପର୍କରେ ଗାଡ଼ି ଡ୍ରାଇଭରଙ୍କଠାରୁ ସୂଚନା ପାଇ ସମବାୟ ସମିତି ସମ୍ପାଦିକା ଗୀତାଞ୍ଜଳି ଦାସ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ଏକ ମାମଲା(ନଂ.୨୪/୨୦) ରୁଜୁ କରି ବୁଧବାର ତିହିଡ଼ି ଗ୍ରାମର ନିର୍ମଳ ବେହେରାଙ୍କୁ ଗିରଫ କରିଥିଲା। ପରେ ପୋଲିସ ସନ୍ଦେହରେ ଟ୍ରକ୍‌କୁ ଅଟକ ରଖି ଗାଡ଼ିର କାଗଜପତ୍ର ଯାଞ୍ଚ ପାଇଁ ପରିବହନ ବିଭାଗକୁ ଖବର ଦେଇଥିଲା। ଏମ୍‌ଭିଆଇ ବିପ୍ର ଚରଣ ଚୌଧୁରୀ ଗୁରୁବାର ପୂର୍ବାହ୍ନରେ ତିହିଡ଼ି ଥାନାକୁ ଆସି ଯାଞ୍ଚ କରିବାରୁ ଟ୍ରକ୍‌ର କାଗଜପତ୍ର ଠିକ୍ ନ ଥିବା ଜଣାପଡ଼ିଥିଲା। ଗାଡ଼ିକୁ ଥାନାରେ ଅଟକ ରଖାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



## ଜିଲା ଚିଠି
## ମାଲକାନଗିରି

# ନିୟମ ପାଣିର ଗାର

ଓଡ଼ିଶାକୁ ପଲିଥିନମୁକ୍ତ କରିବା ପାଇଁ ରାଜ୍ୟ ସରକାର କଠୋର ନିୟମ କରିଛନ୍ତି। ଅନେକ ସହର ଓ ଗ୍ରାମାଞ୍ଚଳରେ ପଲିଥିନ ବର୍ଜନ ନେଇ ସଭା, ଶୋଭାଯାତ୍ରା କରାଯିବା ସହ ବ୍ୟବସାୟୀଙ୍କ ଗୋଦାମରେ ମଧ୍ୟ ଚଢ଼ାଉ କରାଯାଇଥିଲା। ଏହାକୁ ବର୍ଜନ ପାଇଁ ସଚେତନତା ସୃଷ୍ଟି ଲାଗି ଜିଲା ପ୍ରଶାସନ ସମସ୍ତ ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ସାପ୍ତାହିକ ହାଟରେ ପୋଷ୍ଟର ବ୍ୟାନର ମାରିବା ସହ ଡାକବାଜି ଯନ୍ତ୍ରରେ ପ୍ରଚାର କରିଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ଚଢ଼ାଉ ସମୟରେ କେତେଜଣ ବ୍ୟବସାୟୀଙ୍କଠାରୁ ପଲିଥିନ ଜବତ କରାଯାଇ ଜରିମାନା ଆଦାୟ କରାଯାଇଥିଲା। ଏନେଇ ଛୋଟ ଛୋଟ ବ୍ୟବସାୟୀମାନେ ଚିନ୍ତାରେ ପଡ଼ିଥିଲେ। ମାଲକାନଗିରି ସହରରେ ମାଛ ବ୍ୟବସାୟୀମାନେ ଜଙ୍ଗଲପତ୍ରରେ ଗ୍ରାହକଙ୍କୁ ପୁଡ଼ିଆ କରି ମାଛ ବାନ୍ଧି ଦେଉଥିଲେ। ଅଦରକାରୀ ଖବରକାଗଜରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଠୁଙ୍ଗା ପ୍ରସ୍ତୁତ କରି ବିକ୍ରି କରୁଥିଲେ। ଆଶା ଥିଲା ମାଲକାନଗିରି ଜିଲା ସମ୍ପୂର୍ଣ୍ଣ ପଲିଥିନମୁକ୍ତ ହେବ। ମାତ୍ର ୬ମାସ ହେଲା ଏ ଦିଗରେ କୌଣସି ଧରପଗଡ଼ କିମ୍ବା କଟକଣା ନ ହେବାରୁ ପୁନର୍ବାର ସମଗ୍ର ଜିଲାରେ ବହୁଳ ପରିମାଣରେ ପଲିଥିନ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ଏପରି କି ଯେଉଁ ପ୍ରଶାସନିକ ଅଧିକାରୀମାନେ ପଲିଥିନ ବର୍ଜନ ପାଇଁ ଦିନେ ସଭାସମିତିରେ ପରାମର୍ଶ ଦେଉଥିଲେ ସେହି ଅଧିକାରୀମାନେ ପଲିଥିନ ବ୍ୟବହାର କରୁଛନ୍ତି। ନିଜ କାର୍ଯ୍ୟାଳୟର କୌଣସି ବୈଠକ, ତାଲିମ କାର୍ଯ୍ୟକ୍ରମ ଅବା କର୍ମଶାଳାରେ ପାଣି ବୋତଲ ବ୍ୟବହାର କରୁଛନ୍ତି। ପଲିଥିନ ମିଶ୍ରିତ ବ୍ୟାନର, ପୋଷ୍ଟର ଓ ଫ୍ଲେକ୍ସ ବୋର୍ଡ ଆଦି ତିଆରି କରି ସମ୍ମିଳନୀ କକ୍ଷରେ ମାରୁଛନ୍ତି। ବିବାହ, ବ୍ରତ, ଭୋଜି ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ପଲିଥିନ୍ ପାଉଚ୍ ପାଣି ବହୁଳ ପରିମାଣରେ ବ୍ୟବହାର ହେଉଛି। ଫଳରେ ଜିଲାରେ ପଲିଥିନ ବ୍ୟବହାର ନେଇ ପୂର୍ବ ଅବସ୍ଥା ଫେରି ଆସିଛି କହିଲେ ଅତ୍ୟୁକ୍ତି ହେବନାହିଁ। ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଦେଖିଲେ ସରକାରୀ ନିୟମ ପାଣିରେ ଗାର ସଦୃଶ୍ୟ ହୋଇଛି।

– ଦୁର୍ଯ୍ୟୋଧନ ପାତ୍ର

# ୧୦ ଲକ୍ଷ ଟଙ୍କାର କଫ୍ ସିରପ୍ ଜବତ

**ନୂଆପଡା ଅଫିସ, ୨୩।୧:** ଓଡ଼ିଶା–ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ କଫ୍ ସିରପ୍ କାରବାର ବଢିଚାଲିଥିବାବେଳେ ବର୍ତ୍ତମାନ ନୂଆପଡା ପୋଲିସ ଏହା ଉପରେ ରୋକ ଲଗାଇବାକୁ ପ୍ରୟାସ ଆରମ୍ଭ କରିଛି। ଘଟଣାକ୍ରମେ ରାୟପୁରରୁ ନୂଆପଡା ଜିଲା କୋମନା ଅଭିମୁଖେ ଏକ ଟାଟା ଗାଡିରେ ଚାଲାଣ ହେଉଥିବା ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କଫ୍ ସିରପ୍‌କୁ ନୂଆପଡା ପୋଲିସ ଜବତ କରଛି । ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ କୋମନାର ସୁମିତ କୁମାର ବୈଠାରୁ (୩୦), କ୍ରିଷ୍ଟାର ସଞ୍ଜୟ କୁମାର ଯୋଷୀ (୩୬), ଖରିଆରରୋଡ ୱାର୍ଡ ନମ୍ବର ୧୨ ରମେଶ ସାହୁ (୩୦), ସେଠିକାର ପ୍ରକାଶ କୁକ୍ରେଜା (୬୧)। ଅଭିଯୁକ୍ତମାନଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟ ୧୯୯୫/୨୭(ଖ/୨୮ ଆଣ୍ଡ କସ୍‌ମେଟିକସ ଆକ୍ଟ ୧୯୪୦ରେ ଏକ ମାମଲା (ନଂ.୧୩/୨୦)ରୁଜୁ ଯାଇଥିବା ଏସ୍‌ପି ବିନୀତ କୁମାର ଅଗ୍ରୱାଲ ଗୁରୁବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ଗୁରୁବାର ଅପରାହ୍ନରେ କୋର୍ଟକୁ ଚାଲାଣ କରାଯାଇଛି । ଏସ୍‌ପିଙ୍କ ସୂଚନା ଅନୁଯାୟୀ, ବୁଧବାର ଏକ ଟାଟା ଏସ୍ ଜିପ୍ (ନଂ. ଓଡି ୧୯ଇ–୭୦୯୪)ରାୟପୁରରୁ ନୂଆପଡା ଅଭିମୁଖେ ଆସୁଥିବା ପୋଲିସକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ନୂଆପଡା ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡ ସଦଳବଳ ସିଲଦା ନାଳ ନିକଟରେ ଚଢାଉ କରିଥିଲେ। ଗାଡି ଯାଞ୍ଚ କରିବାରୁ ସେଥିରେ ମୋଟ ୬୪ଟି କାର୍ଟୁନରେ କଫ୍ ସିରପ୍ ମିଳିଥିଲା। ଏଥିରେ ୮୧୨୩ଟି ବୋତଲ ସିରପ୍ ରହିଥିଲା। ଏହାର ବଜାର ଦର ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି । ଏହା ଉପରେ ବିଶେଷ ତଦନ୍ତ ଚାଲିଛି। ଏଥିରେ ଆନ୍ତଃରାଜ୍ୟ ର୍‌ୟାକେଟର ହାତ ଥିବା ସନ୍ଦେହ କରାଯାଉଛି। ଏହି ଚଢାଉରେ ସବଇନ୍ସପେକ୍ଟର ବି.କେର୍କେଟା, ବି.ଆର.ପୁହାନ, କନଷ୍ଟେବଳ ବୀରେନ୍ଦ୍ର କୁମାର ପଣ୍ଡା, ଚନ୍ଦ୍ରକାନ୍ତି ମାଝି, ରଶ୍ମିତା ନାଏକ, ଶରତ ହଂସ, ଉଗ୍ରସେନ ସାହୁ ପ୍ରମୁଖ ସାମିଲ ଥିଲେ। ଖବରଦାତା ସମ୍ମିଳନୀରେ ଏଏସ୍‌ପି ସୁନୀଲ କୁମାର ଆଚାର୍ଯ୍ୟ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ, ଖଡିଆଳ ଏସ୍‌ଡିପିଓ ବିରଞ୍ଚି ପ୍ରସାଦ ଦେହୁରୀ, କୋମନା ଥାନାଧିକାରୀ ନିର୍ମଳ କୁମାର ପାଣିଗ୍ରାହୀ, ନୂଆପଡା ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡ, ସିନାପାଲି ଥାନା ଧିକାରୀ ଜ୍ୟୋତି ପ୍ରକାଶ ଗୌଡପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଅଧିକାରୀଙ୍କ ନିକଟରେ ଅଭିଯୁକ୍ତମାନେ।

**୪ ଗିରଫ, ଆନ୍ତଃରାଜ୍ୟ ର୍‌ୟାକେଟର ହାତ ଥିବା ସନ୍ଦେହ**



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

-ଗୀତା



## ସଂକ୍ଷେପରେ

### ଏନ୍‌ଆର୍‌ୟୁ ଆରମ୍ଭ କରିବ ଭାରତୀୟ ଯୁବକଂଗ୍ରେସ

**ଭୁବନେଶ୍ୱର,୨୩।୧(ବ୍ୟୁରୋ):** ଦେଶରେ ନ୍ୟାଶନାଲ ରେଜିଷ୍ଟର ଅଫ୍ ସିଟିଜେନଶିପ୍ (ଏନ୍‌ଆର୍‌ସି)କୁ ନେଇ ବିବାଦ ଲାଗି ରହିଥିବା ବେଳେ ଭାରତୀୟ ଯୁବକଂଗ୍ରେସ ପକ୍ଷରୁ ନ୍ୟାଶନାଲ ରେଜିଷ୍ଟର ଅଫ୍ ଅନ୍‌ଏମ୍ପ୍ଲୟମେଣ୍ଟ (ଏନ୍‌ଆର୍‌ୟୁ) ଆରମ୍ଭ କରାଯିବ ବୋଲି କୁହାଯାଇଛି। ବେକାରି ସମସ୍ୟାକୁ ନେଇ ଦେଶବ୍ୟାପୀ ପ୍ରଚାର ଅଭିଯାନ ହେବ ବୋଲି ପ୍ରଦେଶ ଯୁବକଂଗ୍ରେସ ସଭାପତି ଲୋକନାଥ ମହାରଥୀ କହିଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲୋକନାଥ କହିଛନ୍ତି, ଜାତୀୟ ନାଗରିକତା ଅଭିଲେଖର ନୁହେଁ, ବରଂ ଜାତୀୟ ବେରୋଜଗାରୀ ଅଭିଲେଖର ଆବଶ୍ୟକତା ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବର୍ତ୍ତମାନ ଭାରତବର୍ଷରେ ବେକାରି ହାର ଗତ ୪୫ବର୍ଷ ମଧ୍ୟରେ ସବୁଠାରୁ ଅଧିକ। ଜାତିସଂଘ ରିପୋର୍ଟ ଅନୁଯାୟୀ ଦେଶରେ ୫ଜଣଙ୍କ ମଧ୍ୟରୁ ୨ଜଣ ବେକାର ଅଛନ୍ତି। ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ ଅନୁସାରେ ୨୦୧୭-୧୮ ବର୍ଷରେ ବେରୋଜଗାରୀଙ୍କ ଆତ୍ମହତ୍ୟା ପ୍ରତିଶତ କୃଷକଙ୍କ ଆତ୍ମହତ୍ୟାଠାରୁ ଅଧିକ ରହିଛି।

# ସୁରେନ୍ଦ୍ର ସାଏ ବିଶ୍ୱ ଇତିହାସର ବୀରପୁତ୍ର

**ସମ୍ବଲପୁର,୨୩।୧(ବ୍ୟୁରୋ)**

ସ୍ୱାଧୀନତା ସଂଗ୍ରାମୀ ବୀରସୁରେନ୍ଦ୍ର ସାଏଙ୍କ ବ୍ୟକ୍ତିତ୍ୱର ପରାକାଷ୍ଠ ଅନନ୍ୟ ଥିଲା । ଆଦିବାସୀ ଗରିବଙ୍କଠାରୁ ଆରମ୍ଭ କରି ପ୍ରଭାବଶାଳୀ ଧନୀ ବ୍ୟକ୍ତିଙ୍କୁ ନିଜ ନେତୃତ୍ୱ ବଳରେ ଆକୃଷ୍ଟ କରିପାରିଥିଲେ। ଫଳରେ ଇଂରେଜ ବିରୁଧରେ ଉଲ୍‌ଗୁଲାନ୍ ଡାକରା ଦେଇ ସୁରେନ୍ଦ୍ର ସାଏ ବିଶ୍ୱ ଇତିହାସର ବୀରପୁତ୍ର ଆଖ୍ୟ ପାଇଥିଲେ। ଅପରପକ୍ଷେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱର ପଟାନ୍ତର ନାହିଁ। ଭାରତରୁ ଇଂରେଜଙ୍କୁ ଚକମା ଦେଖାଇ ବିଦେଶକୁ ଚାଲି ଯାଇଥିଲେ। ସେଠାରେ ସେ କମ୍ ସମୟ ମଧ୍ୟରେ ଆଜାଦ ହିନ୍ଦ ଫୌଜ ଗଠନ କରି ସମସ୍ତଙ୍କ ହୃଦୟରେ ସ୍ଥାନ ପାଇଥିଲେ। ଏହି ଦୁଇ ବୀରଙ୍କ ଗାଥାକୁ ଯୁବପିଢ଼ୀ ଜାଣିବା ନିହାତି ଆବଶ୍ୟକ ଅଛି। ଏହାଦ୍ୱାରା ଦେଶ ଗଠନରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ଗୁରୁବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଆୟୋଜିତ ବୀରସୁରେନ୍ଦ୍ର ସାଏ ଓ ନେତାଜୀ ସଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସଭାରେ ବକ୍ତାମାନେ ଏହା କହିଛନ୍ତି। ଓଡ଼ିଶା ସାଂସ୍କୃତିକ ସମାଜ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫୁଲ୍ଲ କୁମାର ହୋତା ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ ମୁଖ୍ୟବକ୍ତା, ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ସରୋଜ କୁମାର ଦାସ ସୂଚନା ପ୍ରଦାନ କରିଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ନରେ କଚେରି ଛକରେ ପରେଡ ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ତ୍ରିପାଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ସହରର ୨୧ଟି ସ୍କୁଲର ୯୩୬ଜଣ ଛାତ୍ରୀଛାତ୍ର ସାମିଲ ଥିଲେ । ଗ୍ରୁପ-ଏରେ ସେଣ୍ଟଜୋସେଫ କନ୍‌ଭେଣ୍ଟ ସ୍କୁଲ ପ୍ରଥମ, ମଦନାବତୀ ପବ୍ଲିକ ସ୍କୁଲ ଦ୍ୱିତୀୟ ଓ କେନ୍ଦ୍ରୀୟ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ଗ୍ରୁପ-ବିରେ କମିଶନର୍ସ କଲୋନୀ ସ୍କାଉଟ ପ୍ରଥମ, ଲେଡିଲୁଇସ ଗାର୍ଲ୍ସ ହାଇସ୍କୁଲ ଦ୍ୱିତୀୟ, ବୁଢ଼ାରଜା ହାଇସ୍କୁଲ ତୃତୀୟ ସ୍ଥାନ ହାସଲ କରିଥିଲା। ଗ୍ରୁପ- ସିରେ ସେଭେନହିଲ୍ସ ରେସିଡ଼ାନସିଆଲ ସ୍କୁଲ ପ୍ରଥମ, ସେଣ୍ଟଜୋନ୍ସ ସ୍କୁଲ ଦ୍ୱିତୀୟ ଓ ଶ୍ରୀଅରବିନ୍ଦ ସ୍କୁଲ ତୃତୀୟ ସ୍ଥାନ ହାସଲ କରିଥିଲା। ବିଚାରକ ଭାବେ ବିଶ୍ୱରଞ୍ଜନ ସାହୁ, ଗୋକୁଳ ଦର୍ଜି, ପ୍ରସନ୍ନ ବିଶ୍ୱାଳ, ବିଷ୍ଣୁ ପ୍ରସାଦ ଗୁରୁ ଯୋଗ ଦେଇଥିଲେ। ଡ. ବିଜୟ କୁମାର ପ୍ରଧାନଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କ ପୁରସ୍କୃତ କରିଥିଲେ।କକଜେଲ ଛକ ସ୍ଥିତ ବୀରସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତିରୁ ଜ୍ୟୋତି ନେଇ ସୂର୍ଯ୍ୟ ପାଣିଗ୍ରାହୀ, ସରୋଜ ସାହୁ, ସବ୍ୟସାଚୀ ମିଶ୍ର, ରୂପେଶ ପଟେଲ ପ୍ରମୁଖ କଚେରୀ ଛକ ଆସିଥିଲେ। ସେହିପରି ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁଙ୍କ ପରିଚାଳନାରେ ସୁରେନ୍ଦ୍ର ସାଏ ଓ ସଭାଷ ବୋଷଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସୁତାପା ମିତ୍ର, ପ୍ରେମ ସାହାଣୀ, ମୋହନ ସାହା, ଦୀନବନ୍ଧୁ ପରିଡା, ଭକ୍ତ ପଟ୍ଟନାୟକ, ସରୋଜ ମିଶ୍ର, ଶ୍ରବଣ କୁମାର ମେହେର, ଜୟରାମ ବନିଆ, ବିଜୟଲକ୍ଷ୍ମୀ ବେହେରା, ଶିବବ୍ରତ ପ୍ରଧାନ, ଜୟନାରାୟଣ ନନ୍ଦ, ତିଲୋଚନ ପୁରୋହିତ, ସନ୍ଧ୍ୟାରାଣୀ ସାହୁ, ରେଣୁ କରିମ, ସୁଭାଶିନୀ ମୁଣ୍ଡା, ରିତେଶ ମିଶ୍ର, ମନୋଜ ଗୁପ୍ତା, କାନ୍ତା ମୁଖି ଯୋଗଦେଇ ଦୁଇ ବୀରଙ୍କ ପ୍ରତିଛବିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।




ଗୁରୁବାର ସମ୍ବଲପୁର ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନଠାରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

### ସମ୍ବିଧାନ 'ମୁଖବନ୍ଧ' ସ୍କୁଲରେ ପାଠ କରାଯାଉ

**ଭୁବନେଶ୍ୱର,୨୩।୧(ବ୍ୟୁରୋ):** ଦେଶରେ ଜାତିଭିତ୍ତିକ ଜନଗଣନାର ଆବଶ୍ୟକତାକୁ ମହାରାଷ୍ଟ୍ର ବିଧାନସଭା ସର୍ବସମ୍ମତ ସମର୍ଥନ ଦେବାପରେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କରିଥିବା ଆବେଦନକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ସ୍ୱାଗତ କରିଥିବା କହିଛନ୍ତି। ଶ୍ରୀକାନ୍ତ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି କହିଛନ୍ତି ଯେ, ଉପରୋକ୍ତ ନିଷ୍ପତ୍ତି ଭଳି ସମ୍ବିଧାନର 'ମୁଖବନ୍ଧ'କୁ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରତିଦିନ ପାଠ କରାଇବା ଦରକାର। ମହାରାଷ୍ଟ୍ର, ଦିଲ୍ଲୀ, ଛତିଶଗଡ଼ ଭଳି ଅନେକ ରାଜ୍ୟର ସରକାର ନିଜ ନିଜ ରାଜ୍ୟରେ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ଏହି ବ୍ୟବସ୍ଥା ଲାଗୁ କରିଛନ୍ତି। ଦିଲ୍ଲୀ ସରକାର ଦେଶର 'ସମ୍ବିଧାନ' ସମ୍ପର୍କିତ ଏକ ପାଠ୍ୟକ୍ରମ ମଧ୍ୟ ସ୍କୁଲଗୁଡ଼ିକରେ ଆରମ୍ଭ କରିଛନ୍ତି। ସେହିପରି ଓଡ଼ିଶାରେ ମଧ୍ୟ ସମସ୍ତ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ସମ୍ବିଧାନର 'ମୁଖବନ୍ଧ' ପ୍ରତିଦିନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପଢ଼ାଯିବାକୁ ନେଇ ରାଜ୍ୟ ସରକାର ଏକ ନିର୍ଦ୍ଦେଶନାମା ଜାରି କରିବେ ବୋଲି ଶ୍ରୀକାନ୍ତ ଆଶା କରୁଥିବା ଚିଠିରେ ଦର୍ଶାଇଛନ୍ତି। ଏହା ସହ ଜାନୁଆରୀ ୨୬ତାରିଖରୁ ଏହା ଲାଗୁ କରାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସେ ଅନୁରୋଧ କରିଛନ୍ତି।

# ପ୍ରତିଶ୍ରୁତି ଭାଙ୍ଗିଲା ପ୍ରଶାସନ

## ୨୫ରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

**ବାମରା, ୨୩।୧ (ଡି.ଏନ.ଏ)**

### ୨୬କୁ କଳା ଦିବସ ଭାବେ ପାଳିବେ ଚାଷୀ

୨୦୧୮-୧୯ ଫସଲ ବୀମା ଦାବି ନେଇ ବାମରା ବ୍ଲକ ସହିତ କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଚାଲିଛି । ପ୍ରଶାସନ ଚାଷୀଙ୍କ ଦାବିକୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ଏଡାଇ ଚାଲିଛି । ପ୍ରତିଶ୍ରୁତି ପରେ ବି ଦାବି ପୂରଣ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଫଳରେ ଚାଷୀମାନେ ପୁଣି ଥରେ ଆନ୍ଦୋଳନ ଡାକରା ଦେଇଛନ୍ତି । ସେମାନେ ଆସନ୍ତା ୨୫ ତାରିଖ ଦିନ ଉପଖଣ୍ଡର ସମସ୍ତ ୫୫ଟି ପଞ୍ଚାୟତରେ ତାଲା ପକାଇବା ସହିତ ୨୬ ତାରିଖ ଗଣତନ୍ତ୍ର ଦିବସକୁ କଳା ଦିବସ ଭାବେ ପାଳନ କରିବେ ବୋଲି ବାମରା କେଛୁପାଣିଠାରେ ଏକ ଚାଷୀ ସମ୍ମିଳନୀରେ ନିଷ୍ପତ୍ତି ହୋଇଛି। ଗତ ବର୍ଷ ଫସଲ ବୀମା ଦାବି ନେଇ କୁଚିଣ୍ଡା ଉପଖଣ୍ଡର ଚାଷୀମାନେ ଆନ୍ଦୋଳନ କରି ଆସୁଥିଲେ। ଡିସେମ୍ବର ମାସରେ ଆଇନ ଅମାନ୍ୟ ଆନ୍ଦୋଳନ କରି କୁଚିଣ୍ଡା ଉପଖଣ୍ଡ ସହିତ ବାମରା ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ପକାଇ ଦେଇଥିଲେ। ଜାନୁୟାରୀ ୪ ତାରିଖ ଦିନ ଉପଖଣ୍ଡର ତିନି ବ୍ଲକରେ ମହାବନ୍ଦ ଆନ୍ଦୋଳନ କରି ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କକୁ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଚଳ କରି ଦେଇଥିଲେ। ୭ ତାରିଖ ଦିନ ଜିଲା ପ୍ରଶାସନ ପକ୍ଷରୁ ସମ୍ବଲପୁରଠାରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରଶାସନ, ଚାଷୀ ସଂଗଠନ ଓ ବୀମା କମ୍ପାନୀ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଉକ୍ତ ବୈଠକରେ ପ୍ରଶାସନ ପକ୍ଷରୁ ଜାନୁୟାରୀ ୧୫ ତାରିଖ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ଓ ୨୨ ତାରିଖ ସୁଦ୍ଧା କ୍ଷତିଗ୍ରସ୍ତ ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବା ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ଫଳରେ ଚାଷୀମାନେ ଆନ୍ଦୋଳନକୁ ସାମୟିକ ସ୍ଥଗିତ କରି ସରକାରୀ କାର୍ଯ୍ୟାଳୟ, ପଞ୍ଚାୟତ ଓ ବ୍ୟାଙ୍କଗୁଡ଼ିକରୁ ତାଲା ଖୋଲିଦେଇଥିଲେ। ମାତ୍ର ପ୍ରଶାସନ ନିଜ ପ୍ରତିଶ୍ରୁତି ରକ୍ଷା ନ କରିବା ଦ୍ୱାରା ପୁଣି ଚାଷୀ ଆନ୍ଦୋଳନ ଜେତିଛି। ଗୁରୁବାର କେଛୁପାଣି ସଭାଗୃହଠାରେ ଚାଷୀ ନେତା ଯୋଗବିହାରୀ ପରିଡାଙ୍କ ସଭାପତିତ୍ୱରେ ଆଗାମୀ ଆନ୍ଦୋଳନ ପାଇଁ ନିରୁପଣ ନେଇ ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ କୁଚିଣ୍ଡା ଉପଖଣ୍ଡର ଚାଷୀ ନେତାଙ୍କ ମଧ୍ୟରେ କୁଶଧ୍ୱଜ ଚୌଧୁରୀ, ନବୀନ ପଟେଲ, ରସାନନ୍ଦ ପଟେଲ, ଚୁଡାମଣି ପଟେଲ, କୁଳମଣୀ ପୃଷେଠ, ଧନିରାମ ପୃଷେଠ, ପ୍ରଶାନ୍ତ ନାୟକ, ଦିବ୍ୟରଞ୍ଜନ ପଟେଲ, ପୀତବାସ ପଟେଲ, ଚମ୍ପାବତୀ ମିଞ୍ଜ, ପଦ୍ମଚରଣ ଗୁରୁ ଓ କୁମାର ଚନ୍ଦ୍ର ପଟେଲଙ୍କ ସହ ବାମରା କୁଚିଣ୍ଡା ଓ ଜମନିକରା ବ୍ଲକର ସମସ୍ତ ପଞ୍ଚାୟତରୁ ଚାଷୀ ପ୍ରତିନିଧିମାନେ ଯୋଗଦେଇଥିଲେ। ପ୍ରଶାସନ ନିଜ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବା ବେଳେ ଦାବି ପୁରଣ ପାଇଁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମୟ ମାଗି ଥିବା ଚାଷୀମାନେ କହିଥିଲେ। ହେଲେ ଚାଷୀମାନେ ସରକାରଙ୍କ ସମୟ ଗଡେଇବା ନୀତିକୁ ବିରୋଧ କରି ସମସ୍ତ ପଞ୍ଚାୟତରେ ୨୫ ତାରିଖରେ ତାଲା ପକାଇବା ଓ ଗଣତନ୍ତ୍ର ଦିବସକୁ କଳାଦିବସ ଭାବେ ପାଳନ କରି କଳା ବ୍ୟାଚ ଧାରଣ କରିବା ସହ ସମସ୍ତ ବ୍ଲକ ମୁଖ୍ୟାଳୟରେ ପ୍ରତିବାଦ ସଭା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଆଗାମୀ ଫେବୃୟାରୀ ୧ ତାରିଖ ସୁଦ୍ଧା ଦାବି ପୁରଣ ନ ହେଲେ ପୂର୍ବ ଭଳି ଉପଖଣ୍ଡର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କଗୁଡିକୁ ଦାବି ପୂରଣ ନ ହେବା ଯାଏ ବନ୍ଦ କରିଦିଆଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ବିଦ୍ୟୁତ୍ ତାରରେ ଲାଗି ୩ ଗୋରୁ ମୃତ

## ଜଙ୍ଗଲି ବାର୍‌ହା ମାରିବା ପାଇଁ ଖଞ୍ଜା ଯାଇଥିଲା

**ଧମା, ୨୩।୧ (ଡି.ଏନ.ଏ.)**

ଗୁରୁବାର ଧମା ଥାନା ଅନ୍ତର୍ଗତ ସଦର ରେଞ୍ଜ ଅଧୀନସ୍ଥ ଓକରା ପଞ୍ଚାୟତରେ ବାର୍‌ହା ମାରିବା ଉଦ୍ଦେଶ୍ୟରେ ଖଞ୍ଜା ଯାଇଥିବା ଇଲେକ୍ଟ୍ରି ତାରରେ ଲାଗି ୩ ଗୋରୁ ମରିଥିବା ଅଭିଯୋଗ ହୋଇଛି। ଆଶ୍ୱକୁନି ଗ୍ରାମର ନରେନ୍ଦ୍ର ନାଏକଙ୍କ ଏକ ଗୋରୁ, ଉକ୍ତ ଭୋଇଙ୍କ ଗୋରୁ ଏବଂ ବଛାର ମୃତ୍ୟୁ ଘଟିଛି । ଯାହାର ଅନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ଗ୍ରାମବାସୀ କହିଛନ୍ତି। ଗୋରୁମାନେ ଚରିବା ପାଇଁ ଗୁରୁବାର ସକାଳେ ଟାଙ୍ଗରପାଲି ଜଙ୍ଗଲକୁ ଯାଇଥିଲେ। ମାତ୍ର ଅପରାହ୍ନ ପର୍ଯ୍ୟନ୍ତ ନ ଫେରିବାରୁ ଗ୍ରାମବାସୀ ଖୋଜିବା ପାଇଁ ଯାଇଥିଲେ। ହେଲେ ଜଙ୍ଗଲରେ ବାରହା ମାରିବା ପାଇଁ ଖଞ୍ଜା ଯାଇଥିବା ୩୩ କେଭି ବିଦ୍ୟୁତ୍ ତାରରେ ଲାଗି ଗୋରୁମାନେ ମରିଥିବା ଦେଖିଥିଲେ। ଗ୍ରାମବାସୀ ଏ ନେଇ ଧମା ପୋଲିସ ଏବଂ ସଦର ରେଞ୍ଜ ଅଫିସରଙ୍କୁ ଜଣାଇଥିଲେ। ଫରେଷ୍ଟର ସତ୍ୟନାରେନ କାଲୋ ଘଟଣାସ୍ଥଳରେ ପହଞ୍ଚି ଥିଲେ ହେଁ ସନ୍ଧ୍ୟା ହୋଇଯାଇଥିବାରୁ ଶୁକ୍ରବାର ଏହାର ତଦନ୍ତ କରାଯିବ ବୋଲି କହି ସେ ଚାଲି ଯାଇଥିଲେ। ଫଳରେ ଗୋରୁଙ୍କ ମୃତଦେହ ଘଟଣା ସ୍ଥଳରେ ପଡିରହିଛି। ଗୋରୁ ମରିଥିବା ଜାଣି ଦୁର୍ବୃତ୍ତମାନେ ଖଞ୍ଜାଥିବା ତାରକୁ ନେଇ ଯାଇଛନ୍ତି। ତଥାପି ତାର ଆଣିବା ପାଇଁ ବ୍ୟବହାର କରୁଥିବା କାଚ ବୋତଲ ଘଟଣା ସ୍ଥଳରେ ପଡିଛି। ସୂଚନାଯୋଗ୍ୟ, ଟାଙ୍ଗରପାଲି, ରଙ୍ଗିଆଟିକରା, ବୋଇବଙ୍ଗା, ଲୁଇସିଂ ଆଦି ଅଞ୍ଚଳକୁ ଜଙ୍ଗଲ ସଂଲଗ୍ନ ହୋଇଥିବାରୁ ଦୁର୍ବୃତ୍ତମାନେ ବରାହା ମାରି ବ୍ୟବସାୟ ଚଳାଇଛନ୍ତି। ବିଗତ ୧୫ ଦିନ ତଳେ ଏପରି ଏକ ଘଟଣାରେ ଓକରା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ହେଲେ ସେହି ଘଟଣାକୁ ସେହି ଘଟଣାକୁ ଚପାଇ ଦିଆଯାଇଥିବା ଚର୍ଚ୍ଚା ମଧ୍ୟ ହେଉଛି। ଏଣୁ ବନବିଭାଗର ଏ କ୍ଷେତ୍ରରେ ଉଦାସୀନତା ସ୍ପଷ୍ଟ ବାରି ହେଉଛି। ଏସବୁକୁ ଯଦି ନିୟନ୍ତ୍ରଣ କରା ନ ଯାଏ ଅତୀତରେ ଅନ୍ୟ ଜନ୍ତୁ ଯଥା ହାତୀ, ଭାଲୁ, ହରିଣ, ମିରିଗ ଭଳି ସମ୍ପଦ ନଷ୍ଟ ହେବାର ଆଶଙ୍କା ରହିଛି।




ସମ୍ବଲପୁର ଶଙ୍କର ମୋଟର୍ସ ପକ୍ଷରୁ ଗ୍ରାହକ ସମ୍ମିଳନୀରେ ଅତିଥିଙ୍କ ସହ ଗ୍ରାହକମାନେ।

# ଶଙ୍କର ମୋଟର୍ସର ଗ୍ରାହକ ସମ୍ମିଳନୀ

**ସମ୍ବଲପୁର,୨୩।୧(ବ୍ୟୁରୋ)**

ସମ୍ବଲପୁର ଜିଲା ମହେନ୍ଦ୍ରା ଟ୍ରାକ୍ଟର ଡିଲର ଶଙ୍କର ମୋଟର୍ସ ପକ୍ଷରୁ ଏକ ଗ୍ରାହକ ସମ୍ମଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହେନ୍ଦ୍ରା ଟ୍ରାକ୍ଟରର ଓଡିଶା ଡିଜିଏମ୍ ପଙ୍କଜ ଅଗ୍ରୱାଲ, ଡିଏମ୍ ଏଗ୍ରୋ କୌଳାଶ ନାଗ ଯୋଗ ଦେଇଥିଲେ। ଏହି ଅବସରରେ ୧୦ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏପରି କି ଲକି ଡ୍ର ବିଜେତାଙ୍କୁ ମହେନ୍ଦ୍ରା ପକ୍ଷରୁ ବାଇକ୍ ଗିଫ୍ଟ ପ୍ରଦାନ କରାଯାଇଥିଲା। ଶଙ୍କର ଟ୍ରେଡିଂର ମାଲିକ ଜି.ମାଲେଶ୍ୱର ରାଓ ଏବଂ ଈଶ୍ୱର ରାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଜିଲାର ଶତାଧିକ ମହିନ୍ଦ୍ରା ପରିବାର ସଦସ୍ୟ ଉପସ୍ଥିତ ରହିଥିଲେ।

# ବ୍ଲୁ ଡାଇମନ୍, ଯବାନ ଇ-ହିନ୍ଦ ବିଜୟୀ

**ସମ୍ବଲପୁର,୨୩।୧(ବ୍ୟୁରୋ)**

### ଜିଲାସ୍ତରୀୟ ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ

ଜିଲାସ୍ତରୀୟ ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ମ୍ୟାଚରେ ବ୍ଲୁ ଡାଇମନ ଓ ଯବାନ ଇ-ହିନ୍ଦ କ୍ଲବ ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ମ୍ୟାଚରେ ଆଶୀର୍ବାଦ କ୍ଲବ ଟସ୍ ଜିତି ବ୍ଲୁ ଡାଇମନକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା । ବ୍ଲୁ ଡାଇମନ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୪୪ ରନ୍ ସଂଗ୍ରହ କରିଥିଲା। ଦଳର ଶେଖ ହସନ୍ ୩୦ ବଲରେ ୪୪ ରନ୍ କରିଥିଲେ। ଆଶୀର୍ବାଦର ବୋଲର୍ ସୁମନ୍ତ ୩ ଓ ଅମର ୨ଟି ଉଇକେଟ ହାସଲ କରିଥିଲେ। ଆଶୀର୍ବାଦ ଦଳ ୧୪୫ ରନର ବିଜୟ ଲକ୍ଷ୍ୟ ନେଇ କ୍ରିଜକୁ ଓହ୍ଲାଇଥିଲା। ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୧୩୮ ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲା। ସୁମନ୍ତ ୩୦ ବଲରେ ୩୭ ରନ୍ କରିଥିଲେ। ବ୍ଲୁ ଡାଇମନ ବୋଲର୍ ଶେଖ ହସନ୍ ୩ଟି ଉଇକେଟ ହାସଲ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଯବାନ ଇ-ହିନ୍ଦ କ୍ଲବ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୯୧ ରନ୍ ସଂଗ୍ରହ କରିଥିଲା। ବ୍ୟାଟ୍ସମ୍ୟାନ ଶେଖ ନଦିମ୍ ୫୪ ବଲରେ ୯୦ ରନ୍ କରିଥିଲେ। ଟ୍ୟାଲେଣ୍ଟ ଓରିଏଣ୍ଟାଲ ବୋଲର୍ ଅଭିଷେକ ଓ ଧ୍ରୁତି ୨ଟି ଲେଖାଏଁ ଉଇକେଟ ନେଇଥିଲେ। ୧୯୨ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଟ୍ୟାଲେଣ୍ଟ ଓରିଏଣ୍ଟାଲ ବ୍ୟାଟିଂ କରି ୧୯ ଓଭରରେ ୧୦ ଉଇକେଟ ହରାଇ ୧୧୭ ରନ୍ କରି ପରାଜୟ ବରଣ କରିଥିଲା। ବ୍ୟାଟ୍ସମ୍ୟାନ ସଞ୍ଜୟ ୨୫ ବଲରେ ୨୫ ରନ୍ କରିଥିଲେ। ଯବାନ ଇ-ହିନ୍ଦ ବୋଲର ପୁରୁଷୋତ୍ତମ ରାଉତ ୩ଟି ଓ ମିଥିଲେଶ ପ୍ରସାଦ ୨ଟି ଉଇକେଟ ହାସଲ କରିଥିଲେ। ବିକାଶ ମିଶ୍ର, ମହମ୍ମଦ ଇସାକ, ସୁବୋଧ ସାହୁ ମ୍ୟାଚ ପରିଚାଳନା କରିଥିଲେ। ନବୀନ ରାଉତ ଓ ଯୁଧିଷ୍ଠିର ନାରାୟଣ ସିଂ ସ୍କୋରର ଥିଲେ। ପୃଥ୍ୱୀରାଜ ବେହେରା ଓ ଅରୁଣ କୁମାର ବାସା ଅତିଥି ଭାବେ ଯୋଗଦେଇ ଶେଖ ହାସନ ଓ ଶେଖ ନଦିମ୍‌ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ।




ଜାତୀୟ ସ୍ତରୀୟ ଅମ୍ପାୟାର ଅରୁଣ ବାସା ଗୁରୁବାର ଶେକ ହାସନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି।

## ଫଟୋରେ ଖବର








ଗୁରୁବାର ସମ୍ବଲପୁରରେ ଅତିଥିମାନେ ବୀରସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ଅବସରରେ ପରେଡ ଶୋଭାଯାତ୍ରାକୁ ଶୁଭାରମ୍ଭ କରୁଛନ୍ତି(ବାମ)। ପରେଡ ଶୋଭାଯାତ୍ରାରେ ବ୍ୟାଣ୍ଡ ବାଜା(ମଝି)। ପରେଡ ଶୋଭାଯାତ୍ରାରେ ଏନସିସି କ୍ୟାଡେଟ୍ ।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ

## ଆମ ପୋଲିସ ପକ୍ଷରୁ ରକ୍ତଦାନ ଶିବିର

**ବ୍ରଜରାଜନଗର,୨୩।୧(ଡି.ଏନ.ଏ.)**

ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଆମ ପୋଲିସ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଆରକ୍ଷୀ ଉପଅଧକ୍ଷକ ନୃପଚରଣ ଦଣ୍ଡସେନା ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ରଜରାଜନଗର ଥାନା ପ୍ରଭାରୀ ନଳିତା ମୋଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଶିବିରରେ ମୋଟ ୫୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପୋଲିସ ଅଧିକାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

# ଜନ୍ମତିଥିରେ ସୁଭାଷ, ସୁରେନ୍ଦ୍ରଙ୍କ ସ୍ମୃତିଚାରଣ

**ଝାରସୁଗୁଡ଼ା ଅଫିସ୍/ ଲଖନପୁର, ୨୩।୧ (ଡି.ଏନ୍.ଏ.):**

ଝାରସୁଗୁଡ଼ା ଜିଲାର ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀରସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅସରରେ ଦୁଇ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଏବଂ ଫଟୋ ଚିତ୍ରରେ ନେତା, ସାମାଜିକ କର୍ମୀ, ବରିଷ୍ଠ ନାଗରିକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଜଣାଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ସ୍ଥାନରେ ସ୍ମୃତି ସଭା ଆୟୋଜିତ ହୋଇଥିଲା। ଏପରି କି ସ୍କୁଲ, କଲେଜ, କ୍ଲବ ଆଦି ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଚିତ୍ରକଳା, ବକ୍ତୃତା, ତର୍କ, ପ୍ରବନ୍ଧ, ଖେଳକୁଦ ଆଦି ପ୍ରତିଯୋଗିତା ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଶିବ ଟପ୍ପୋ, ପିଡିଡିଆରଡିଏ ତପିରାମ ମାଝି, ସାମାଜିକ କର୍ମୀ ତାପସରାୟ ଚୌଧୁରୀ, ଟହଲୁ ସାହୁ, ପିଣ୍ଟୁ ପାଢୀ ପ୍ରମୁଖ ଉପସ୍ଥିତ ରହି ଉଭୟ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ଝାରସୁଗୁଡ଼ା ବିମାନ ବନ୍ଦର ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ହୋଇଥିବାରୁ ଏଠାରେ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ୪୦ଲକ୍ଷ ଟଙ୍କା ବ୍ୟୟରେ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯିବ ବୋଲି ଜିଲାପାଳ ସାମଲ ଘୋଷଣା କରିଥିଲେ। ଏହି ଅବସରରେ ବିଧାୟକ କିଶୋର ମହାନ୍ତି, ପୂର୍ବତନ ବିଧାୟିକା ରାଧାରାଣି ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଉଭୟ ମହାପୁରୁଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।



ଝାରସୁଗୁଡ଼ା ଡିଏଭି ସ୍କୁଲର ଛାତ୍ରୀଛାତ୍ରମାନେ ଦେଶପ୍ରେମ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

### ବିମାନ ବନ୍ଦରରେ ପ୍ରତିଷ୍ଠା ହେବ ପ୍ରତିମୂର୍ତ୍ତି

ଏଥିରେ ମୁଖ୍ୟଅତିଥି ସ୍କୁଲ ପରିଚାଳନା କମିଟି ସଭାପତି ରବିନ୍ଦ୍ର ଗିରି, ସମ୍ମାନିତ ଅତିଥି ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ବିଜୟ କୁମାର ଦାସ, ସମ୍ପାଦକ ଯୋଗେଶ ପ୍ରଧାନ, ପ୍ରଧାନଶିକ୍ଷକ ଜୟକୃଷ୍ଣ ପଟେଲ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଏହିପରି ଝାରସୁଗୁଡ଼ା ଡିଏଭି ସ୍କୁଲରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ହୋଇଥିଲା। ଏଥିରେ ଛାତ୍ରୀ ସ୍ନେହା ଠାକୁର ସୁଭାଷ ବୋଷଙ୍କ ଜୀବନ ବୃତାନ୍ତ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ବବିତା ମିଶ୍ର ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଦେଶପ୍ରେମ ଭିତିକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଧ୍ୟେୟ ହେଉ



ବେଲପାହାଡ଼ ବୀରଭୂମିଠାରେ ଆଞ୍ଚଳିକ ଜନକଲ୍ୟାଣ ପରିଷଦ ପକ୍ଷରୁ ଆୟୋଜିତ ସୁରେନ୍ଦ୍ର ସାଏ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉତ୍ସବରେ ବିଧାୟକ କିଶୋର କୁମାର ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି।

**ବେଲପାହାଡ଼,୨୩।୧ (ଡ଼ି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ବୀରଭୂମିଠାରେ ଆଞ୍ଚଳିକ ଜନକଲ୍ୟାଣ ପରିଷଦ ପକ୍ଷରୁ ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବି ବୀର ସୁରେନ୍ଦ୍ର ସାଏଙ୍କ ୨୧୨ତମ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୪ତମ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତି ସଭାରେ ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ସଭାରେ ଉଦ୍‌ବୋଧନ ଦେଇ ବୀର ପୁରୁଷଙ୍କ ତ୍ୟାଗ ଓ ବଳିଦାନ ଯୋଗୁ ପରାଧୀନ ଭାରତ ବ୍ରିଟିଶ କବଳରୁ ମୁକ୍ତ ହୋଇ ସ୍ୱାଧୀନତା ପାଇପାରିଛି। ତାଙ୍କ ବଳିଦାନର ମୂଲ୍ୟକୁ ବୁଝି ଦେଶ ମାତୃକା ପାଇଁ ସମସ୍ତେ କାମ କରିବାକୁ ପଡ଼ିବ ବୋଲି ପ୍ରକାଶ କରିଥିଲେ। ସଭାରେ ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ, ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ, ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ଅତିରିକ୍ତ ମହାପ୍ରବନ୍ଧକ ସନ୍ତୋଷ ମିଶ୍ର, ଲଖନପୁର କୋଇଲା ଖଣି କ୍ଷେତ୍ର ପ୍ରବନ୍ଧକ ଏସ୍.କେ.ଭରଦ୍ୱାଜ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସଭାରେ ଆଞ୍ଚଳିକ ଜନକଲ୍ୟାଣ ପରିଷଦ ସଭାପତି ତେଜରାମ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଇରସାଦ ହୁସେନ ସଭା ସଞ୍ଚାଳନ ଓ ଉପସଭାପତି ଶାନ୍ତନୁ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଆରମ୍ଭ ପୂର୍ବରୁ ସମସ୍ତ ଅତିଥି ଓ ବରିଷ୍ଠ ନାଗରିକ ଦୁଇ ବିପ୍ଳବୀ ବୀରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଗରୁବାର ସକାଳେ ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟରେ ଦୁଇ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ଦିବସ ପାଳନ ହୋଇଥିଲା । ଏଥିରେ ବିଦ୍ୟାଳୟ ଉପଦେଷ୍ଟା ରଞ୍ଜନ କୁମାର ଦାଶ, ପ୍ରଧାନ ଶିକ୍ଷକ ନିରଞ୍ଜନ ତ୍ରିପାଠୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓଡ଼ିଆ ପ୍ରାଚୀର ପତ୍ରିକା ଅଂଶୁମାଳିର ଚତୁର୍ଥ ସଂସ୍କରଣକୁ ଅନାବରଣ କରିଥିଲେ।

## କୋଲାବିରାରେ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ପାଳିତ

**କୋଲାବିରା,୨୩।୧ (ଡି.ଏନ୍.ଏ.)**



ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ସମଲେଶ୍ୱରୀ ସାହିତ୍ୟ ସଂସଦ ଏବଂ ଜୟପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଯାତ୍ରା ପଡ଼ିଆରେ ସ୍ୱାଧିନତା ସଂଗ୍ରାମର ଦୁଇ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍ସବରେ କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇ ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ। ସମଲେଶ୍ୱରୀ ସାହିତ୍ୟ ସଂସଦ ସଭାପତି ଶୋଭାଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶଚିନ୍ଦ୍ର ପଟେଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟଉନ୍ନୟନକମିଟିସଭାପତିବୀରେନ୍ଦ୍ର ମହାପାତ୍ର, ତୁଳାରାମ ସେନାପତି, ଗୋବିନ୍ଦ ଭୋଇ, ମାନଭଞ୍ଜନ ସିଂ, ସତ୍ୟନାରାୟଣ ଦାସ, ଅଶୋକ କୁମାର ବେହେରା, ଲଳିନ୍ଦ୍ର ଗୋଖରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶହୀଦ ଭଗତ ସିଂ କ୍ଲବ ସଭାପତି କୀର୍ତ୍ତିଚନ୍ଦ୍ର ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ରଘୁନାଥପାଲି ଉଚ୍ଚବିଦ୍ୟାଳୟରେ ସ୍ୱର ଝଙ୍କାର ସାହିତ୍ୟ ସଂସଦ ପକ୍ଷରୁ ପ୍ରଧାନ ଶିକ୍ଷକ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଦୁଇ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରୋହିତ କୁମାର ପଟେଲ, ତୁଲେଶ୍ୱର ପଟେଲ, କ୍ଷୀରୋଦ ଚନ୍ଦ୍ର ଦାସ, ସାନ୍ତନୁ ସରାଫ, ପ୍ରଫୁଲ୍ଲ ବାଗ, ସବିତା କୁମାରୀ ସାହୁ, ସୁସ୍ମିତା ସେଠ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବିପ୍ଳବୀ ବୀରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା ଓ ଗୀତ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂସଦର ସମ୍ପାଦକ ପିଙ୍କୁ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। କୁବେର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଜକୁ ବ୍ୟାଙ୍କ ଅଧିକାରୀ କହୁଥିବା ଯୁବକ ଗିରଫ

**ନୂଆପଡା ଅଫିସ,୨୩।୧**

### ୧୩ ଲକ୍ଷ ଟଙ୍କା ସହ ମୋବାଇଲ ଜବତ

ନିଜକୁ ବ୍ୟାଙ୍କ, ଯୋଗାଣ ଅଧିକାରୀ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟରେ କାମ କରୁଥିବା କିରାଣି ପରିଚୟ ଦେଇ ଲୋକଙ୍କୁ ବିଭିନ୍ନ କାମ କରିଦେବା ନାଁରେ ଲକ୍ଷାଧିକ ଟଙ୍କା ସଂଗ୍ରହ କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ନଗଦ ୧୩ ଲକ୍ଷ ଟଙ୍କା ସହ ବହୁ ମୋବାଇଲ ଜବତ କରାଯାଇଥିବା ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଥାନାରେ ଆହୂତ ସମ୍ମିଳନୀରେ ଏସ୍‌ପି ବିନୀତ କୁମାର ଅଗ୍ରୱାଲ ସମ୍ପୂର୍ଣ୍ଣ ବିବରଣୀ ଦେଇ କହିଥିଲେ ଯେ, ଖଡିଆଳ ସହରରେ ଏକ ଭଡାଘର ନେଇ ରହୁଥିଲେ ନକୁଳ ବେନିଆ (୪୦) ନାମକ ଜଣେ ଯୁବକ। ତାଙ୍କ ଘର ପଡୋଶୀ ବଲାଙ୍ଗୀର ଜିଲା ତୁରେକେଲା ବୋଲି ଜଣାପଡିଛି । ସେ କୋମନା ଏବଂ ସିନାପାଲି ବ୍ଲକ ଅଞ୍ଚଳରେ ନିଜକୁ ବିଭିନ୍ନ ସମୟରେ ବ୍ୟାଙ୍କ ଅଧିକାରୀ, ଯୋଗାଣ ବିଭାଗ ଅଧିକାରୀ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣିର ପରିଚୟ ଦେଇ ଲୋକଙ୍କଠାରୁ ଆଧାର କାର୍ଡ, ଭୋଟର ପରିଚୟପତ୍ର ଫଟୋ ଆଦି ସଂଗ୍ରହ କରୁଥିଲେ । ଋଣ କରିଦେବା ନାଁରେ ଲୋକଙ୍କଠାରୁ ଟଙ୍କା ସଂଗ୍ରହ କରୁଥିଲେ। ଏପରିକି ଲୋକେ ଟଙ୍କା ପାଇବା ଆଶାରେ ସୁନା ଗହଣା ବିକ୍ରି କରି ସର୍ବସ୍ୱାନ୍ତ ହେଉଥିଲେ। ଏହାକୁ ନେଇ ସିନାପାଲି ଏବଂ କୋମନା ଥାନାରେ ଦଫା ୪୧୯, ୪୨୦ରେ ୨୪/୨୦ ଏବଂ ୨୧/୨୦ରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା । ଏହାକୁ ଭିତ୍ତି କରି ଏସପି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ ଫୋନ ଟ୍ରାପିଂ କରି ନକୁଳ ବେନିଆଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୧୩ ଲକ୍ଷ ୫୩ ହଜାର ୯୦୦ଟଙ୍କା, ୬ଟି କିପେଡ ମୋବାଇଲ ଫୋନ, ୬ଟି ଏୟାରଟେଲ ସିମ ଏବଂ ଗୋଟିଏ ବିଏସଏନଏଲ ସିମ, ଅଭିଯୋଗକାରୀଙ୍କ ବ୍ୟାଙ୍କ ପାସ ବହି, ଭୋଟର ପରିଚୟପତ୍ର, ଆଧାର କାର୍ଡ ସବୁ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ନକୁଳ ପୂର୍ବରୁ ଏପରି ବିଭିନ୍ନ ସମୟରେ ଠକେଇ କରି ଜେଲ ଯାଇଛନ୍ତି। ତୁରେକେଲା ଥାନାରେ ଏକ ମାମଲା (ନଂ. ୫୮/୧୪)ରେ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ବଙ୍ଗୋମୁଣ୍ଡା ଥାନା ୭୨/୧୬ରେ ମାମଲା ରୁଜୁ ହୋଇଥିଲା। ଏଭଳି ଠକେଇ ଉପରେ ଲୋକ ସଚେତନ ହେବାକୁ ଏସପି ଅଗ୍ରୱାଲ ଆହ୍ୱାନ କରିଛନ୍ତି ।

## ନୃସିଂହନାଥରେ ବୁଡ଼ ପକାଇଲେ ଧନୁଯାତ୍ରା କଳାକାର

**ପାଇକମାଲ, ୨୩।୧ (ଡି.ଏନ.ଏ)**

ବରଗଡ ଜିଲା ଭଟଲି ବ୍ଲକ ନୂଆଗଡ ଧନୁଯାତ୍ରାରେ ମହାରାଜ କଂସଙ୍କ ସମେତ ମନ୍ତ୍ରୀ କଳାକାରଗଣ ଗୁରୁବାର ପାପ ଛଡାଇବା ପାଇଁ ଶ୍ରୀ ନୃସିଂହନାଥ ପାପହାରିଣୀ ଝରଣାରେ ବୁଡ ପକାଇଛନ୍ତି। ଜାନୁୟାରୀ ୧୬ ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଧନୁଯାତ୍ରାରେ ମହାରାଜ କଂସ ଓ ଅନ୍ୟ କଳାକାରମାନେ ଶ୍ରୀକୃଷ୍ଣଙ୍କ ପ୍ରତି ବିଭିନ୍ନ କଟୁ ଶବ୍ଦ ବ୍ୟବହାର ସହ ଅନ୍ୟାୟ ଅତ୍ୟାଚାର କରିଥିବାରୁ ପାପ ମୋଚନ କରିବା ପାଇଁ ପ୍ରତିବର୍ଷ ନୃସିଂହନାଥକୁ ଆସିଥାନ୍ତି । କଂସ ଭୂମିକାରେ ଆଶାରାମ ଖମାରୀ, ମନ୍ତ୍ରୀ ବୈରାଗୀ ସାହୁ, ସୁନାଶ ରାଜ କୁମାର ସାହୁ, ଜୟନ୍ତ ସାହୁ, ଗୋପାଳ ଖମାରୀ, ଭୀଷ୍ମଦେବ ପଶାୟତ, ପରମାନନ୍ଦ ସାହୁ ପ୍ରମୁଖ ମନ୍ତ୍ରୀ ପରିଷଦ ବୁଡ ପକାଇ ମାର୍ଜାର କେଶରୀ ନୃସିଂହନାଥକୁ ଦର୍ଶନ କରିଥିଲେ ।

## ଜିଲା କ୍ରିକେଟ ପ୍ରତିଭା ଚୟନ ଶିବିର

**ବ୍ରଜରାଜନଗର, ୨୩।୧ (ଡି.ଏନ.ଏ.)**

ଝାରସୁଗୁଡା ଜିଲା କ୍ରିକେଟ ଆସୋସିଏଶନ୍ ଆନୁକୂଲ୍ୟରେ ବ୍ରଜରାଜନଗର ସହରସ୍ଥିତ ଓରିଏଣ୍ଟ କ୍ରିକେଟ ପଡ଼ିଆରେ ୧୬ ବର୍ଷିୟ ଓ ୧୯ ବର୍ଷିୟ କ୍ରିକେଟ ଚୟନ ଶିବିର ଆରମ୍ଭ ହୋଇଯାଇଛି। ଓରିଏଣ୍ଟ ଗ୍ରାଉଣ୍ଡରେ ଆରମ୍ଭ ଖେଳ ବେଲପାହାଡ ଲିଓ କ୍ଲବ ଓ ବ୍ରଜରାଜନଗର କ୍ରିକେଟ କ୍ଲବ ମଧରେ ହୋଇଥିଲା । ବ୍ରଜରାଜନଗର ଦଳ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୭୮ ରନ୍ କରିଥିଲା। ଯବାବରେ ଲିଓ କ୍ଲବ ୩ ଉଇକେଟ ହରାଇ ୧୮୦ ରନ୍ କରି ବିଜୟୀ ହୋଇଥିଲା। ଲିଓ କ୍ଲବର ଅନୁଭବ ପଧାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା । ଜିଲା କ୍ରିକେଟ ଆସୋସିଏଶନ୍ ସଭାପତି ପ୍ରଜଳ ପଟେଲ ଓ ଅନିରୁଦ୍ଧ କେୱାଟ ଖେଳ ପରିଚାଳନା କରିଥିଲେ । ଓରିଏଣ୍ଟ କ୍ଷେତ୍ର ମହାପ୍ରବନ୍ଧକ ବି.ସି. ତ୍ରିପାଠୀ ଓ ଜିଲା ଖେଳ ସଂଘ ସହ ସମ୍ପାଦକ ବ୍ରଜେଶ ଶର୍ମା, ଓଡିଶା କ୍ରିକେଟ ଆସୋସିଏଶନ୍ ସହ ସମ୍ପାଦକ ମେହେତାବ ଖାନ, ଜିଲା ଟମ୍ ମ୍ୟାନେଜର ପ୍ରଶାନ୍ତ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

## ଫୁଟ୍‌ବଲ୍ ଟୁର୍ନାମେଣ୍ଟ : କେରୁଆଲ୍‌ବାହାଲ,ଉବୁଡ଼ା ବିଜୟୀ

**ଲଖନପୁର,୨୩।୧(ଡି.ଏନ୍.ଏ.)**

ଝାରସୁଗଡ଼ା ଜିଲା ଲଖନପୁର ବ୍ଲକ ଉବୁଡା ଗ୍ରାମ ଗୋଲ୍ଡେନ୍ କ୍ଲବ ପକ୍ଷରୁ ସରସ୍ୱତୀ ପୂଜା ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୫୦ବର୍ଷ ପୂର୍ତ୍ତି ଅବସରରେ ଗୋଲ୍ଡେନ ଜୁବୁଲ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ମୋଟ ୧୬ଦଳ ଅଂଶ ଗ୍ରହଣ କରିବେ। ଉଦ୍‌ଘାଟନୀ ଦିବସରେ ୨ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ୍ କେରୁଆଲବାହାଲ ଦଳ ଏବଂ ଜୁରାବଗା ଦଳ ମଧ୍ୟରେ ହୋଇଥିଲା। ଏଥିରେ ୨-୦ଗୋଲ୍‌ରେ ଜୁରାବଗାକୁ ହରାଇ କେରୁଆଲବାହାଲ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଉବୁଡା ଦଳ ଓ ଝାରସୁଗୁଡ଼ା ତୁଳସୀ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ଝାରସୁଗୁଡ଼ା ତୁଳସୀ କ୍ଲବ୍‌କୁ ୩-୦ପେନାଲ୍‌ଟିକ୍ ଗୋଲ୍‌ରେ ହରାଇ ଉବୁଡା ଦଳ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟରେ କାର୍ତ୍ତିକ ଦାସ, ରତ୍ନାକର ସାଏ, ଆଦିତ୍ୟ ମେହେର, ଟାର୍ଜନ ବିଶ୍ୱାଳ, ସୁଶାନ୍ତ ପଟେଲ, କ୍ଷମାଶିଳ କିଷାନ ପ୍ରମୁଖ ରେଫରି ଭାବେ ଖେଳ ପରିଚାଳନା କରୁଛନ୍ତି। ମୁଖ୍ୟଅତିଥି ଭାବେ ଲଖନପୁର ବ୍ଲକ୍ ୩ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ସାମଲ ନାଏକ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପୂର୍ବତନ ଫୁଟବଲ ଖେଳାଳି ଆନନ୍ଦ ସା, ବରିଷ୍ଠ ନାଗରିକ ନରେନ୍ଦ୍ର ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ। ଆୟୋଜକ କମିଟିର କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରଦୀପ ସାହୁ, ରୋହିତ ବିଶ୍ୱାଳ, ନରେଶ ବାରିକ, ସଞ୍ଜୟ ସାହୁ, ସଞ୍ଜୀବ ବାରିକ, ନାରାୟଣ କିଷାନ, ଦ୍ୱାରିକା ବାରିକ, ଗୋବର୍ଦ୍ଧନ ଓରାମ ପ୍ରମୁଖ ସହଯୋଗ କରୁଛନ୍ତି।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଖେଳାଳିଙ୍କ ସହିତ ଅତିଥିମାନେ କରମର୍ଦ୍ଦନ କରି ଉତ୍ସାହିତ କରୁଛନ୍ତି।

# ‘ଆଞ୍ଚଳିକତାବାଦ ରାଜନୀତିରେ ବିଶ୍ୱାସ ନାହିଁ’

୨୦୧୯ ସାଧାରଣ ନିର୍ବାଚନ ପରେ ଭାଜପାରେ ଆରମ୍ଭ ହୋଇଥିବା ସାଙ୍ଗଠନିକ ନିର୍ବାଚନୀ ପ୍ରକ୍ରିୟା ନିକଟରେ ଶେଷ ହୋଇଛି। କେନ୍ଦ୍ରରେ ଜଗତ୍ ପ୍ରକାଶ ନଡ୍ଡା ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷଭାବେ ଦାୟିତ୍ୱ ପାଇଛନ୍ତି। ଏପରିକି ଓଡ଼ିଶାରେ ସମୀର ମହାନ୍ତି ନୂଆ ସଭାପତି ହୋଇଛନ୍ତି। ୨୦୦୪ରୁ ଲଗାତର ପଶ୍ଚିମ ଓଡ଼ିଶାର ନେତାଙ୍କ ହାତରେ ରାଜ୍ୟ ସଭାପତି ପଦ ରହି ଆସୁଥିବା ବେଳେ ୧୬ବର୍ଷ ପରେ ଉପକୂଳ ଓଡ଼ିଶାରୁ ଜଣେ ନେତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ରାଜ୍ୟରେ ଏକ ମଜଭୁତ ସ୍ଥିତିରେ ଭାଜପା ଥିବାବେଳେ ସମୀରଙ୍କୁ ଏହି ଦାୟିତ୍ୱ ମିଳିଥିବାରୁ ତାଙ୍କଠାରୁ କେନ୍ଦ୍ରୀୟ ନେତୃତ୍ୱ ଅଧିକ କିଛି ଆଶା ରଖିଛନ୍ତି। ତେବେ ଆଗକୁ ତାଙ୍କ ରଣନୀତି କ’ଣ ରହିବ ସେନେଇ ଧରିତ୍ରୀ ତରଫରୁ ମହାନ୍ତିଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍କାର।

**୧.ନବେଦଶକ ପୂର୍ବରୁ ଆପଣ ଭାଜପା ସହ ଜଡ଼ିତ ଅଛନ୍ତି। ଦଳ ଦୀର୍ଘଦିନ ଧରି ରାଜ୍ୟରେ ସ୍ଥାଣୁ ଅବସ୍ଥା ଦେଇ ଗତି କରିବା ସ୍ଥିତି ଆପଣ ଦେଖିଛନ୍ତି। ଏବେ ଯେତେବେଳେ ନୂଆ ସଭାପତି ଦାୟିତ୍ୱ ପାଇଛନ୍ତି ସେତେବେଳେ ଦଳ ମଜଭୁତ ସ୍ଥିତି ସହ ରାଜ୍ୟରେ ଦୁଇ ନମ୍ବର ସ୍ଥାନ ଅଧିକାର କରିଛି। ବର୍ତ୍ତମାନ ଆପଣ ଅଧିକ କ’ଣ କରିବେ ବୋଲି ଭାବୁଛନ୍ତି?**

**ଉତ୍ତର:** ଭାଜପାର ଆରମ୍ଭ ଦିନରୁ ସଙ୍ଗଠନ ଧୀରେ ଧୀରେ ସୁଦୃଢ଼ ହେଉଛି। ଅନେକ ନେତୃବୃନ୍ଦଙ୍କ ଏଥିରେ ପ୍ରମୁଖ ଭୂମିକା ରହିଛି। ମୋ ଦାୟିତ୍ୱ ପ୍ରଥମେ ଓଡ଼ିଶାର ୩୬ ହଜାର ବୁଥ୍ ସଙ୍ଗଠନକୁ ମଜଭୁତ କରିବି। ଏଥିପାଇଁ ଦଳର ସାମୂହିକ ନେତୃତ୍ୱ ଯାହା ନିର୍ଦ୍ଦେଶ ଦେବେ ସେହି ଅନୁଯାୟୀ କାର୍ଯ୍ୟ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ୧୩୬ ପ୍ରକାର ଯୋଜନାର ସୁଫଳ ଠିକ୍‌ଭାବେ ସାଢ଼େ ୪ କୋଟି ଓଡ଼ିଆଙ୍କ ନିକଟରେ ପହଞ୍ଚାଇବି। ଏଥିରେ ମୁଁ ସଂଯୋଜକ ଭାବେ କାର୍ଯ୍ୟ କରିବି।

**୨.୨୦୧୯ ସାଧାରଣ ନିର୍ବାଚନରେ ଭାଜପାର ଭୋଟ ହାର ବୃଦ୍ଧି ପାଇଥିଲେ ମଧ୍ୟ ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ଯେଉଁ ୧୨୦ ଆସନ ଦଖଲର ଚ୍ୟାଲେଞ୍ଜ ଦେଇଥିଲେ ତାହା ସଫଳ ହେଲାନାହିଁ। ଏବେ କେନ୍ଦ୍ରରେ ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ଆପଣଙ୍କ ନୂଆ ଟାର୍ଗେଟ ଓଡ଼ିଶା ପାଇଁ କ’ଣ ରହିବ?**

**ଉତ୍ତର:** ମିଶନ ୧୨୦ ଆମର ଲକ୍ଷ୍ୟ। ତାକୁ ସଫଳ କରିବା ପାଇଁ ଆମକୁ ଜନ ଆଶୀର୍ବାଦ ମିଳିଛି। ରାଜ୍ୟବାସୀ ଓଡ଼ିଶାରେ ଆମକୁ ମୁଖ୍ୟ ବିରୋଧୀ ଦଳର ମାନ୍ୟତା ଦେଇଛନ୍ତି। ବହୁ ଉଚ୍ଚଶିକ୍ଷିତ ବିଧାୟକ ବିଧାନସଭାରେ ରାଜ୍ୟବାସୀଙ୍କ ପାଇଁ ସ୍ୱର ଉତ୍ତୋଳନ କରିବେ। ଏହି ଲକ୍ଷ୍ୟ ମଧ୍ୟ ଆମର ପୂରଣ ହେବ।

**୩. ଗତ ନିର୍ବାଚନରେ ଶାସକ ବିଜେଡି ସହ ପ୍ରତିଯୋଗିତାକରି ଭାଜପା ଦୁଇନମ୍ବର ଦଳ ହୋଇପାରିଛି। ମାତ୍ର ଏହାପରେ ରାଜ୍ୟ ସଭା ଆସନ ବୁଝାମଣା ଘଟଣା, ପାର୍ଲାମେଣ୍ଟରେ କେନ୍ଦ୍ରର ସମସ୍ତ ପ୍ରସ୍ତାବକୁ ବିଜେଡି ସମର୍ଥନ ଦେବା, ପ୍ରଧାନମନ୍ତ୍ରୀ ବିଜେଡିକୁ ସବୁଠାରୁ ଶୃଙ୍ଖଳିତ ଦଳ ବୋଲି କହିବା ଆଦି ଘଟଣା ଯୋଗୁ ବିଜେଡି–ଭାଜପା ଏକ ବୋଲି ଏବେ ଚର୍ଚ୍ଚା ହେଉଛି। ତୃଣମୂଳସ୍ତରର କର୍ମୀଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି। ଏନେଇ କ’ଣ କହିବେ?**

**ଉତ୍ତର:** ରାଜ୍ୟ ସଭା ଆସନ ବୁଝାମଣା ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ହିତ ପାଇଁ କଥା ହୋଇ ନିଷ୍ପତ୍ତି ନେଇଛନ୍ତି। ତୃଣମୂଳସ୍ତରରେ ଲୋକମାନେ ଭାଜପା ରାଷ୍ଟ୍ର ହିତ ପାଇଁ ଏହା କରିଥିବା କଥା ଭଲରେ ବୁଝିଛନ୍ତି। ଏଥିଲାଗି ଭାଜପାର କୌଣସି କ୍ଷତି ହୋଇନାହିଁ।

**୪. ବହୁବର୍ଷ ଧରି ଭାଜପା ସଭାପତି ପଦରେ ପଶ୍ଚିମ ଓଡ଼ିଶା ନେତାଙ୍କୁ ଦାୟିତ୍ୱ ଦିଆଯାଉଥିଲା।**



ସମୀର ମହାନ୍ତି

**ମାତ୍ର ଗତ ନିର୍ବାଚନରେ ଉପକୂଳ ଓଡ଼ିଶାରେ ଦଳ ଭଲ ପ୍ରଦର୍ଶନ କରିପାରିଲା ନାହିଁ। ତେଣୁ ଉପକୂଳ ସଙ୍ଗଠନକୁ ମଜଭୁତ ପାଇଁ ଆପଣଙ୍କୁ ସଭାପତି କରାଯାଇଥିବା ଚର୍ଚ୍ଚା ହେଉଛି। ଯଦି ଏହି ଚର୍ଚ୍ଚା ସତ ହୋଇଥାଏ, ତେବେ ଏହି ରଣନୀତିକୁ ଆପଣ କେତେ ମାତ୍ରାରେ ସଫଳ କରିପାରିବେ?**

**ଉତ୍ତର:** ଭାଜପାର ବିଚାର ଆଦର୍ଶରେ ଆମେ ଅନୁପ୍ରାଣିତ। କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଆମେ ଏକ। ଆଞ୍ଚଳିକତାବାଦ ରାଜନୀତିରେ ଆମର ବିଶ୍ୱାସ ନାହିଁ। ବୁଥ୍‌ସ୍ତରରେ ସଙ୍ଗଠନ ମଜଭୁତ କରିବା ଦିଗରେ ଆମର ପ୍ରାଥମିକତା ରହିବ। କେନ୍ଦ୍ରର ଯେଉଁ ଯୋଜନାକୁ ରାଜ୍ୟ ସରକାର ବାଟମାରଣା କରୁଛନ୍ତି ତା’ର ସତ୍ୟାସତ୍ୟ ଲୋକଙ୍କ ଆଗରେ ରଖି ଜନ ଆଶୀର୍ବାଦ ନେବୁ।

**୫.ଭାଜପାରେ ଗୋଷ୍ଠୀକନ୍ଦଳ ଚାଲିଥିବା କିଛିଦିନ ହେଲା ଚର୍ଚ୍ଚା ହୋଇଛି। ଯଦିଓ ଅନେକ ସ୍ଥାନରେ ଗୋଷ୍ଠୀକନ୍ଦଳକୁ ପ୍ରତିହତ କରିବାରେ ଦଳ ସଫଳ ହୋଇଛି ସବୁଠାରୁ ଫୋକସ୍‌ରେ ଥିବା ସାଙ୍ଗଠନିକ ଜିଲା ଭୁବନେଶ୍ୱରରେ ଜିଲା ସଭାପତି ଚୟନ ହୋଇପାରିନାହିଁ। ନେତାମାନଙ୍କ ମଧ୍ୟରେ ମତଭେଦ କାରଣରୁ ଏମିତି ପରିସ୍ଥିତି ସୃଷ୍ଟି ହୋଇଥିବା ଚାରିଆଡୁ ଶୁଣିବାକୁ ମିଳୁଛି। ଆଗକୁ ସହରାଞ୍ଚଳ ଭୋଟ ଅଛି, ଆଗାମୀ ଦିନରେ ଯଦି ଏଭଳି ପରିସ୍ଥିତି ବଢ଼ିବ ଆପଣ କ’ଣ କରିବେ?**

**ଉତ୍ତର:** ଭାଜପା ଏକ ନୀତି ଓ ଆଦର୍ଶରେ ରହିଛି। ଭୁବନେଶ୍ୱରରେ ଆମର ଦୃଢ଼ ସଙ୍ଗଠନ ଅଛି। ଆମର ସେପରି କୌଣସି ଗୋଷ୍ଠୀକନ୍ଦଳ ନାହିଁ। ଆମର ସାଙ୍ଗଠନିକ ପ୍ରକ୍ରିୟା ଭୁବନେଶ୍ୱରରେ ବିଳମ୍ବ ହୋଇଥିବାରୁ ଜିଲା ସଭାପତି ଚୟନ ହୋଇପାରିନାହିଁ। ଦଳ ସେଥିଲାଗି ଆମ ସମ୍ବିଧାନ ନିୟମ ଅନୁଯାୟୀ ଭୁବନେଶ୍ୱରରେ କାର୍ଯ୍ୟ କରିବାକୁ ଚେଷ୍ଟା ଚଳାଇଛି। ବାହାରେ କ’ଣ ଚର୍ଚ୍ଚା ଚାଲିଛି ସେନେଇ ମୋର କିଛି କହିବାର ନାହିଁ।

**୬. ଆପଣଙ୍କ ଦଳ ଗତ ସାଧାରଣ ନିର୍ବାଚନରେ ବହୁ ଯୁବତୀ, ଯୁବକଙ୍କ ଭୋଟ ହାତେଇବାରେ ସକ୍ଷମ ହୋଇପାରିଛି। ହେଲେ ଭାଜପାରେ ନିର୍ଦ୍ଦିଷ୍ଟଭାବେ କୌଣସି ଛାତ୍ର ସଙ୍ଗଠନ ନ ଥିବାବେଳେ ଯୁବ ସଙ୍ଗଠନ ସେତେଟା ସକ୍ରିୟ ନ ଥିବା ଜଣାପଡୁଛି। ଅନ୍ୟପଟେ ବିଜେଡି ନିଜର ଶାସନ କାଳ ମଧ୍ୟରେ ଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କରିବା ପାଇଁ ବହୁ କାର୍ଯ୍ୟକ୍ରମ କରିଛି। ବିଜେଡିର ସ୍ୱତନ୍ତ୍ରଭାବେ ସଶକ୍ତ ଯୁବ ଏବଂ ଛାତ୍ର ସଙ୍ଗଠନ ରହିଛି। ଆପଣ ଆଗକୁ ଦଳରେ ସେମିତି କିଛି ସଙ୍ଗଠନ କରିବେ କି?**

**ଉତ୍ତର:** ବହୁ ଯୁବଭୋଟର ଆମକୁ ସମର୍ଥନ ଦେଇଛନ୍ତି। ଦଳର ଯେଉଁ ସୁଦୃଢ଼ ମୂଳଦୁଆ ପଡୁଛି ତା’ର ସୁଫଳ ସବୁ ଯୁବକ ପାଇବେ। କଂଗ୍ରେସ ଏବଂ ବାମପନ୍ଥୀ ଦଳର ଷଡ଼ଯନ୍ତ୍ରରେ କେତେକ ଯୁବଗୋଷ୍ଠୀ ପଡି ପଥଭ୍ରଷ୍ଟ ହୋଇଛନ୍ତି, ହେଲେ ଲୋକମାନେ ଏବେ ତାହାକୁ ପ୍ରତ୍ୟାଖ୍ୟାନ କଲେଣି। ନିର୍ବାଚନ ଶେଷ ହେବାର ମାତ୍ର ୬ମାସ ହୋଇଛି। ଆଗକୁ ଭାଜପାରେ ଛାତ୍ର, ଯୁବ ସଙ୍ଗଠନ ପାଇଁ ଯାହା କରାଯିବ ସେନେଇ ସମୟ ଆସିଲେ ନିଷ୍ପତ୍ତି ନିଆଯିବ।

**ସାକ୍ଷାତ୍: ସୁନୀତ ମିଶ୍ର**

# ଆଜି କ’ଣ କେଉଁଠି

**ସମ୍ବଲପୁର**

- ଜିଲାସ୍ତରୀୟ ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା ।
- ସମ୍ବଲପୁର ପୁସ୍ତକ ମେଳା ଉଦ୍‌ଘାଟନୀ ଉତ୍ସବ, ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସନ୍ଧ୍ୟା ସାଢ଼େ ୫ଟା।

**ବରଗଡ଼**

- ଜାତୀୟ ଶିଶୁକନ୍ୟା ଦିବସ ପାଳନ, ଗୋଇସର, ଅପରାହ୍ନ ୩ଟା ।
- ରୌପ୍ୟ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ, ସ୍ୱାମୀ ବିବେକାନନ୍ଦ ସ୍ମାରକ ହାଇସ୍କୁଲ, କୁଲୁଣ୍ଡା, ଅପରାହ୍ନ ୨ଟା ।

**ବୌଦ୍ଧ**

- ମା ଭୈରବୀ ଫୁଟବଲ କପ ଉଦ୍‌ଘାଟନ, ଭୈରବୀ ମିନି ଷ୍ଟାଡିୟମ ପୁରୁଣାକଟକ, ଅପରାହ୍ନ ସାଢେ ୩ଟା।

**ଲୋଇସିଂହା**

- ଲୋଇସିଂହା, ଆଗଲପୁର ବ୍ଲକସ୍ତରୀୟ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ସମ୍ବନ୍ଧୀୟ କର୍ମଶାଳା, ରାମପୁର, ପୂର୍ବାହ୍ନ ୧୧ଟା।

**ଦେବଗଡ**

- ଘରୋଇ କ୍ରିକେଟ ଲିଗ୍ ମ୍ୟାଚ ଅଣ୍ଡର ୧୬ ଓ ୧୯ର ତୃତୀୟ ଦିନ, ଇନ୍ଦିରାଗାନ୍ଧୀ ମିନି ଷ୍ଟାଡିୟମ, ମହତୁଲ ଡିପା ସାହି, ନାଳ ପଡିଆ ଷ୍ଟାଡିୟମ, ପୂର୍ବାହ୍ନ ୯ଟା।
- ବାର୍ଷିକ କ୍ରୀଡା ଉତ୍ସବ, ଯୁଆଳି ଭଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ଜଳ ସମ୍ପଦ ବିଭାଜନ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ବକ୍ତୃତା ପ୍ରତିଯୋଗିତା, ଦେବଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- କନ୍ୟା ସମ୍ବର୍ଦ୍ଧନା ଉତ୍ସବ, ଜିଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ର, ପୂର୍ବାହ୍ନ ୧୦ଟା।

**ଅତାବିରା**

- ଲରମ୍ବା କଲେଜ ମହୋଦଧି ଛାତ୍ରାବାସର ୨୪ତମ ବାର୍ଷିକ ଉତ୍ସବ, ଛାତ୍ରାବାସ ପରିସର, ଅପରାହ୍ନ ୪ଟା।
- ଦୁଗ୍ଧ ଉତ୍ପାଦକ ସମିତିର କୃତ୍ରିମ ପ୍ରଜନନକାରୀଙ୍କ ମାସିକ ବୈଠକ, ଓଏମଟିଡିସି ପୋଡାଲ, ପୂର୍ବାହ୍ନ ୧୧ଟା।

**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**Corrigendum to e-TENDER NOTICE NO.: HWP/TAL/PROD/2020/01**

In continuation with above referred NIT for the work of “Miscellaneous works viz. Handling, shifting, charging and dissolution of chemical, raw materials and dispatch of finished products to other DAE units”. The Form Fee mentioned as Rs.590/- shall be read as **Rs.0/- (Zero)**. Also the Last date and time of closing of online submission of tenders extended up to **05.02.2020 (14:30 Hrs.)**, other dates & times, the bid forms and other details can be obtained from the website **www.tenderwizard.com/DAE.**

# ହାତୀ ଆକ୍ରମଣରେ ୨ ମୃତ, ୧୦ରୁ ଊର୍ଦ୍ଧ୍ୱ ଆହତ

କୋରେଇ/କଳିଙ୍ଗନଗର, ୨୩।୧(ସ୍ୱ.ପ୍ର/ଡି.ଏନ.ଏ)

ଯାଜପୁର ଜିଲାରେ ଗତ ୫ଦିନ ଧରି ଏକ ବଣୁଆ ହାତୀ ଆତଙ୍କ ଖେଳାଇଛି। ପୂର୍ବରୁ ଏହି ହାତୀ ଆକ୍ରମଣରେ ରବିବାର ଶାଳିଜଙ୍ଗା ପଞ୍ଚାୟତର ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ତେବେ ଗୁରୁବାର ଏହି ହାତୀ ଆକ୍ରମଣରେ ଆଉ ୨ଜଣ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତକ ଦ୍ୱୟ ହେଲେ ଶଙ୍ଖଚିଲା ଅଞ୍ଚଳ ଗୋଡିପାଟଣା ଗ୍ରାମର ଈଶ୍ୱର ଚନ୍ଦ୍ର ଦାସ (୫୦) ଓ ଚିନ୍ତାମଣି ରାମ (୬୦)।

# ଅନ୍ତେବାସିନୀଙ୍କୁ ନିର୍ଯାତନା ଅଭିଯୋଗ

- **ଆଶ୍ରମ ପରିଚାଳକଙ୍କ ବିରୋଧରେ ମାମଲା ରୁଜୁ**
- **ଅଭିଯୋଗକୁ ଖଣ୍ଡନ କଲେ ଆଶ୍ରମ ପରିଚାଳକ**
- **ତଦନ୍ତର ସମ୍ମୁଖୀନ ପାଇଁ ପ୍ରସ୍ତୁତ ଥିବା କହିଲେ**
- **ଚର୍ଚ୍ଚାରେ ଫେରିଥିବା ୨ ଅନ୍ତେବାସୀଙ୍କ ବୟାନ**

ବରଗଡ଼ ଅଫିସ୍, ୨୩।୧

ବରଗଡ଼ ଜିଲାରେ ଅସହାୟ ମହିଳାଙ୍କ ପାଇଁ ରହିଥିବା ଏକ ଆଶ୍ରମରେ ଅନ୍ତେବାସିନୀଙ୍କୁ ନିର୍ଯାତନା ଘଟଣା ପୋଲିସ ପାଖରେ ପହଞ୍ଚିଛି। ଏ ନେଇ ଗୁରୁବାର ଜଣେ ଅନ୍ତେବାସିନୀ ଏତଲା ଦେଇଛନ୍ତି । ତାଙ୍କ ଏତଲାକୁ ଭିତ୍ତି କରି ବରଗଡ଼ ସଦର ଥାନା ପୋଲିସ ଆଶ୍ରମର ପରିଚାଳକ ଦେବଦତ୍ତ ତ୍ରିପାଠୀ ଏବଂ ଅନ୍ୟ ଦୁଇ ସହକର୍ମୀଙ୍କ ବିରୋଧରେ ଦଫା ୨୯୪, ୩୨୩, ୩୭୬, ୫୦୬, ୩୪ ଆଇପିସିରେ ଏକ ମାମଲା (ନଂ.୨୬/୨୦୨୦) ରୁଜୁ କରିଛି। ଏ ସମ୍ପର୍କରେ ଥାନା ଅଧିକାରୀ ଦିଲୀପ କୁମାର ବେହେରାଙ୍କୁ ପଚାରିବାରୁ ଗୁରୁବାର ଏତଲା ପାଇବା ପରେ ମାମଲା ରୁଜୁ ହୋଇଛି ଏବଂ ଶୁକ୍ରବାରଠାରୁ ତଦନ୍ତ ଆରମ୍ଭ ହେବ ବୋଲି କହିଥିଲେ ।

ଅନ୍ୟପଟେ ଆଶ୍ରମର ପରିଚାଳକ ତ୍ରିପାଠୀ ତଥା ସହକର୍ମୀଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଗୁରୁବାର ବରଗଡ଼ ସାମ୍ବାଦିକ ସଂଘ ଅଫିସ୍‌ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଖଣ୍ଡନ କରାଯାଇଛି। ଅଭିଯୋଗ ଆଣିଥିବା ଅନ୍ତେବାସିନୀଙ୍କ ସ୍ୱାର୍ଥ ଆଶ୍ରମରେ ପୂରଣ ହୋଇ ନ ପାରିବାରୁ ସେମାନେ ସେଠାରୁ ଖସି ଆସି ସେଭଳି ମିଛ ଅଭିଯୋଗ କରିଛନ୍ତି ଏବଂ ତାହା ଏକ ଷଡ଼ଯନ୍ତ୍ର ବୋଲି ତ୍ରିପାଠୀମ କହିଛନ୍ତି । ସେ ଆହୁରି କହିଛନ୍ତି, ଖସି ଆସିଥିବା ଅନ୍ତେବାସିନୀଙ୍କୁ ବାହାର ଲୋକଙ୍କୁ ଫୋନରେ କଥା ହେବା ପାଇଁ ସୁଯୋଗ ଦେଉଥିବା ଜଣାପଡ଼ିବା ପରେ ଗତ ସୋମବାରଠାରୁ ଆଶ୍ରମର ରାତ୍ର ଜଗୁଆଳିଙ୍କୁ ଆଶ୍ରମରୁ ବାହାର କରି ଦିଆଯାଇଛି। ଏହାପରେ ୫ଜଣ ଅନ୍ତେବାସିନୀ ଆଶ୍ରମରୁ ଖସି ଆସିଥିଲେ ଏବଂ ସେମାନଙ୍କ ମଧ୍ୟରୁ ୨ଜଣ ପୁଣି ଆଶ୍ରମକୁ ଫେରି ଆସିଛନ୍ତି । ତେବେ ୩ ଜଣ ଅନ୍ତେବାସିନୀ ତାଙ୍କ ବିରୋଧରେ ଆଣିଥିବା ଅଭିଯୋଗ ଉପରେ ଯେ କୌଣସି ତଦନ୍ତ ହେଲେ ମଧ୍ୟ ତାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଏବଂ ସେହି ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ତ୍ରିପାଠୀ କହିଥିଲେ। ସେହିପରି ଆଶ୍ରମକୁ ଫେରି ଆସିଥିବା ୨ ଅନ୍ତେବାସୀ ମଧ୍ୟ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ ଏବଂ ସେଭଳି ନିର୍ଯାତନା ଅଭିଯୋଗକୁ ଖଣ୍ଡନ କରିଥିଲେ। ଅପରପକ୍ଷେ ଯେଉଁ ୩ ଅନ୍ତେବାସିନୀ ସେଭଳି ନିର୍ଯାତନା ଅଭିଯୋଗ ଆଣିଛନ୍ତି, ସେମାନେ ତାଙ୍କୁ ଖରାପ କାମରେ ଲଗାଇବା ଯୋଜନା କରିଥିବା ଅନୁମାନ କରି ସେମାନଙ୍କ ପାଖରୁ କୌଶଳକ୍ରମେ ଆଶ୍ରମକୁ ଫେରି ଆସିଥିବା କହିଥିଲେ ।

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019

File No: AIIMS/BBSR/EE (AC & R)/43/2019-20 Dated:23rd Jan 2020

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for **"Comprehensive Maintenance Contract of Split Type Air Conditioners of AIIMS, Bhubaneswar"**. Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in. Sd/-**

**Executive Engineer (I/C) (AC & R)**
**AIIMS, Bhubaneswar**

# କ୍ଷତିପୂରଣ ପ୍ରତିଶ୍ରୁତି ପରେ ହେଲା ଶବଦାହ

ରୂପ୍‌ସା/ବସ୍ତା/ଲଙ୍ଗଳେଶ୍ୱର, ୨୩।୧(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ସାର୍ଥା ଫାଣ୍ଡି ଅନ୍ତର୍ଗତ ଆଲୁମେଦା ଗ୍ରାମର ଯୁବକ ନୀଳକଣ୍ଠ ବେହେରା ବୁଧବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଥିଲା। ସେ ବିଲରେ ଧାନ ତଳି ପକାଇବା ପାଇଁ କାଦୁଅ କରୁଥିବା ବେଳେ ସେହି ଗ୍ରାମର ମୃତ୍ୟୁଞ୍ଜୟ ମହାନ୍ତିଙ୍କ ସେଲୋରେ ବ୍ୟବହୃତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ଆହତ ନୀଳକଣ୍ଠଙ୍କୁ ସ୍ଥାନୀୟ ଲୋକେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏନେଇ ମେଡିକାଲ ଫାଣ୍ଡିରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ପରିବାର ଲୋକେ ରାତିରେ ମୃତଦେହ ଆଣି ମୃତ୍ୟୁଞ୍ଜୟଙ୍କ ଘର ସମ୍ମୁଖରେ ରଖି କ୍ଷତିପୂରଣ ଦାବି କରିଥିଲେ। କୌଣସି ସମାଧାନ ନ ହେବାରୁ ରାତିତମାମ ସେଠାରେ ମୃତଦେହ ରଖି ପରିବାର ଲୋକେ ଓ ଗ୍ରାମବାସୀ ଧାରଣାରେ ବସିଥିଲେ। ଗୁରୁବାର ସିଂଲା ଥାନା ଆଇଆଇସି ପ୍ରଶାନ୍ତ କୁମାର ଜେନା, ଫାଣ୍ଡି ଅଧିକାରୀ ଡି.ଏନ. ସିଂ ପହଞ୍ଚି ଘଟଣାର ବୁଝାଶୁଝା କରିଥିଲେ। କ୍ଷତିପୂରଣ ବାବଦ ମୃତକଙ୍କ ପରିବାରକୁ ୧ଲକ୍ଷ ଟଙ୍କା ଦେବେ ବୋଲି ମାଲିକ ମୃତ୍ୟୁଞ୍ଜୟ ମହାନ୍ତି ପ୍ରତିଶ୍ରୁତି ଦେବା ପରେ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା। ମୃତ ନୀଳକଣ୍ଠ ଦିନମଜୁରିଆ ଭାବେ ମୂଳ ଲାଗି ପରିବାର ପ୍ରତିପୋଷଣ କରୁଥିଲେ।

**Gram Panchyata Office Jamukoli, Jatni**

**No.19** **INVITATION FOR BIDS(IFB)** **Date: 22.01.2020**

**Sealed percentage rate bids are invited in single cover system for the following work**

| Sl No. | Name of work | Value of work (in Rs.) | Place of sale/ submission of tender paper | Class of contractor eligible | Bid Security / E.M.D (in Rs.) | Cost of bid documents including 18% G.S.T. (Non refundable) including VAT @ 5% (Rs.) | Period of completion (In months) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Kalyan Mandap”, Village : Jamukoli, G.P. : Jamukoli, Block : Jatni | Civil : 17,67,725.00 | O/o Gram Panchyata Office, jamukoli Jatni, Khordha. | ‘D’ & ‘C’ Class | 17,677.00 | 7,080.00 | 6 (Six Calendar Months) |

1. The Bid documents can be availed from the office as mentioned in Col.4 by paying Demand Draft drawn on any Nationalised Bank in favour of Sarapanch Jamukoli GP, Jatni, Khordha, payable at Jatni. 2. The sale of Bid document starts from .24-01-2020 to 03-02-2020 during office hour (ie. from 10.30 AM to 5.30 PM) and last date of receipt of Bid documents is 03.02.2020. upto 5.30 P.M. Excluding Govt. Holidays. 3. The tenders will be opened on 04.02.2020 at 11.30 A.M. in the Office of the Gram Panchayat Office, Jamukoli, Jatni. 4. All other terms and conditions can be had from the Bid documents.

**Sd./- Sarapanch, Jamukoli, G.P.**

# ପୋଖରୀରେ ପଶିଲା ଆଇରନ ବୋଝେଇ ଟ୍ରକ୍

- **୧୦ ଘଣ୍ଟା ଉଦ୍ୟମ ପରେ ଡ୍ରାଇଭର ଉଦ୍ଧାର**
- **ଭଦ୍ରକ ଜିଲା ଚିକିତ୍ସାଳୟରେ ଭର୍ତ୍ତି**

ଭଣ୍ଡାରିପୋଖରୀ, ୨୩।୧(ଡି.ଏନ.ଏ.)

ଏକ ଆଇରନ ବୋଝେଇ ଟ୍ରକ୍ ଗୁରୁବାର ସକାଳେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ ନଂ ଜାତୀୟ ରାଜପଥର ତୋରତ ନିକଟରେ ଅନ୍ୟ ଦୁଇଟି ଟ୍ରକ୍‌କୁ ଧକ୍କା ଦେଇ ରାସ୍ତାପାର୍ଶ୍ୱ ଏକ ପୋଖରୀ ଭିତରକୁ ପଶି ଯାଇଥିଲା। ଟ୍ରକ୍‌ର ସମ୍ମୁଖ ଭାଗ ପାଣିରେ ବୁଡ଼ି ଯାଇଥିବାରୁ ଡ୍ରାଇଭର ଚାପି ହୋଇ ବେକ ପର୍ଯ୍ୟନ୍ତ ବୁଡ଼ି ରହିଥିଲେ। ଫଳରେ ଚେନ୍ ପୁଲି ଓ କ୍ରେନ୍ ସାହାଯ୍ୟରେ ଉଦ୍ଧାର ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ସ୍ଥାନୀୟ ଦମକଳ କର୍ମଚାରୀଙ୍କ ଆପ୍ରାଣ ଉଦ୍ୟମ ପରେ ଶେଷରେ ୬ଟି ପମ୍ପ ଲଗାଯାଇ ପୋଖରୀରୁ ପାଣି କମାଇ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇଥିଲା।

ସୂଚନା ଅନୁଯାୟୀ, ଆଇରନ ବୋଝେଇ ଟ୍ରକ୍ (ନଂ. ଓଡି ୦୯ କ୍ୟୁ ୩୧୮୨) କେନ୍ଦୁଝରରୁ ପାରାଦୀପ ଅଭିମୁଖେ ଯାଉଥିଲା। ପ୍ରଥମେ ଯାଜପୁର ପାଣିକୋଇଲି ନିକଟରେ ଏକ ଗାଡ଼ିକୁ ଧକ୍କା ଦେଇଥିଲା। ଧରା ପଡ଼ିଯିବା ଭୟରେ ଗାଡ଼ି ଭଦ୍ରକ ଆଡ଼କୁ ଆସୁଥିଲା। ତୋରତଠାରେ ଡାଇଭର୍ଶନରେ କାଟୁଥିବାବେଳେ ରାଜପଥ କାର୍ଯ୍ୟରେ ନିୟୋଜିତ କନ୍‌ଷ୍ଟ୍ରକଶ୍‌ନର ଏକ ଗାଡ଼ି (ଏମ୍‌ପି ୩୯ ଜି ୨୩୬୬) ଏବଂ ଅନ୍ୟ ଏକ ଟ୍ରକ୍ (ଓଡି ୨୨ ବି ୦୮୧୨)କୁ ଧକ୍କା ଦେଇଥିଲା। ଫଳରେ ଭାରସାମ୍ୟ ହରାଇ ଗାଡ଼ିଟି ପୋଖରୀକୁ ପଶିଯାଇଥିଲା। ଅନ୍ୟ ଦୁଇଗାଡ଼ିର ବିଶେଷ କିଛି କ୍ଷତି ହୋଇନାହିଁ। ତେବେ ଏହି ଦୁର୍ଘଟଣା ପରେ ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଭଣ୍ଡାରିପୋଖରୀ ଥାନା ପୋଲିସ ପହଞ୍ଚି ରାଜପଥରୁ ଅବରୋଧ ହଟାଇଥିଲା। ଭଦ୍ରକ, ଧାମନଗର ଓ ଭଣ୍ଡାରିପୋଖରୀ ଦମକଳ କେନ୍ଦ୍ରର ୬ଟି ପାଣିପମ୍ପ ପ୍ରାୟ ଅଢ଼େଇ ଫୁଟର ପାଣି ଶୁଖାଇଥିଲେ। ୧୦ ଘଣ୍ଟା ପରେ ସନ୍ଧ୍ୟାରେ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଡକାଇ ଭଦ୍ରକ ଜିଲା ଚିକିତ୍ସାଳୟକୁ ପଠାଯାଇଥିଲା। ଉଦ୍ଧାର ଡ୍ରାଇଭରଙ୍କ ଡାହାଣ ପାଦ ହାଡ଼ ଭାଙ୍ଗିଯାଇଛି। ତାଙ୍କ ଘର କେନ୍ଦୁଝର ଜିଲା ରଗଡ଼ି ଅଞ୍ଚଳର ଅନ୍ଧାରି ଗାଁରେ ବୋଲି ଜଣାପଡ଼ିଛି।




ପାଣିରେ ପଶିଯାଇଥିବା ଟ୍ରକ୍ ଡ୍ରାଇଭରଙ୍କୁ ଉଦ୍ଧାର ବେଳେ ଲୋକଙ୍କ ଭିଡ଼।

**COLLECTORATE, GANJAM, CHATRAPUR**

**(D.S.W.O. SECTION)**
**PH.#: 06811-263968, 262460, E-Mail : dswoganjam@nic.in**
**No.331** **Dt.22.01.2020**

**Tender Call Notice for printing & supply of Child Assessment Cards or Mo Bikas Patra for use of pre-school Children for the year 2018-2019 & 2019-2020**

Sealed tenders under two bid systems are invited from the reputed firms / agencies having valid PAN Card, TIN & GST for printing & supply of Child Assessment Cards or Mo Bikas Patra. The tender documents containing detail specifications to be supplied with terms and conditions may be collected from the Office of DSWO, Ganjam on any working day by depositing Rs.2,000/-(Rupees Two Thousand) only in shape of D.D.(SBI) in favour of DSWO, Ganjam payable at Chatrapur. If downloaded from NIC website it must be accompanied by D.D of Rs.2000/- in favour of DSWO Ganjam payable at Chatrapur. Quotation must be accompanied by D.D. of Rs. 15,000/-(Rupees Fifteen thousand)only towards E.M.D. The quotation must be sent only through Regd. Post / Speed Post to DSWO, Ganjam on or before 6th February-2020 by 5 PM during the working hours. The Office will not be responsible for any postal delay. The quotation will be opened on 07.02.2020 in presence of the Tender Committee & Tenderer or the representative of Tenderer duly authorized by the Tenderer at 1.00 P.M in the Office of Collector, Ganjam, Chatrapur. The sealed envelopes containing the quotation should be super-scribed “Printing and Supply of Child Assessment Cards or Mo Bikas Patra for Pre-school Children at AWCs.

The Tender Notice along with terms & condition of the tender can be viewed or downloaded from Ganjam NIC website. i.e **www.ganjam.nic.in**

The undersigned reserves the right to accept or reject any application without assigning any reason thereof.

**Sd./- Collector, Ganjam**



ନିର୍ମଳ କୁମାର ମିଶ୍ର



# ବ୍ଲାକ୍ କ୍ୟାପ୍ ଚ୍ୟାଲେଞ୍ଜ

ଏକ ସମ୍ପୂର୍ଣ୍ଣ ସିରିଜ ଖେଳିବା ପାଇଁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରିଛି। ଭାରତ ଓ ନ୍ୟୁଜିଲାଣ୍ଡ ୫ଗୋଟି ଟି୨୦, ୩ଟି ଦିନିକିଆ ଏବଂ ୨ଟି ଟେଷ୍ଟ ମ୍ୟାଚରେ ପରସ୍ପରକୁ ଭେଟିବେ। ୨୪ ତାରିଖରେ ଅକ୍‌ଲାଣ୍ଡଠାରେ ପ୍ରଥମ ଟି୨୦ ମ୍ୟାଚରୁ ସିରିଜ ଆରମ୍ଭ ହେବ। ଚଳିତ ବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଭାରତ ଲାଗି ଏହି ଗସ୍ତ ବିଶେଷ ଭାବେ ମହତ୍ତ୍ୱ ରଖୁଛି।

୨୦୨୦ମସିହା ବର୍ଷ ଆରମ୍ଭ ଟିମ୍ ଇଣ୍ଡିଆ ପାଇଁ ବେଶ୍ ଆହ୍ୱାନପୂର୍ଣ୍ଣ ରହିଥିଲା। ଟିମ୍ ଇଣ୍ଡିଆ ତାର ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ଦୁଇ ଦୁଇଟି ସିରିଜ ବିଜୟୀ ହୋଇଛି, ଯାହାକି ବିରାଟ ବାହିନୀର ମନୋବଳକୁ ଦେଶ ସୁଦୃଢ କରିବା ସହିତ ଆଗାମୀ ବିଦେଶ ଗସ୍ତ ପାଇଁ ବେଶ୍ ଫଳପ୍ରଦ ହେବ ବୋଲି କ୍ରିକେଟ୍ ପ୍ରେମୀମାନେ ବିଶ୍ୱାସ ରଖିଛନ୍ତି। ବର୍ଷ ଆରମ୍ଭ ହୋଇଥିଲା ଶ୍ରୀଲଙ୍କା ସହିତ ୩ଟି ଟି୨୦ ମ୍ୟାଚ ମାଧ୍ୟମରୁ। ପ୍ରଥମ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଯିବା ପରେ ଟିମ୍ ଇଣ୍ଡିଆ ପରବର୍ତ୍ତୀ ଦୁଇଟି ମ୍ୟାଚରେ ଶ୍ରୀଲଙ୍କାକୁ ଅତି ସହଜରେ ହରାଇ ସିରିଜ ବିଜୟୀ ହୋଇଥିବାବେଳେ ପରବର୍ତ୍ତୀ ଅବସ୍ଥାରେ ଘରୋଇ ମାଟିରେ ଶକ୍ତିଶାଳୀ କଙ୍ଗାରୁ ଦଳ ସହିତ ୩ଟି ଏକଦିବସୀୟ ମ୍ୟାଚ ଖେଳିଥିଲା। ପ୍ରଥମ ମ୍ୟାଚରେ ଲଜ୍ଜାଜନକ ରୂପେ ପରାସ୍ତ ହେବା ପରେ ପୁନର୍ବାର ଟିମ୍ ଇଣ୍ଡିଆ ୨ଟି ମ୍ୟାଚରେ ସଫଳ ପ୍ରତ୍ୟାବର୍ତ୍ତନ କରିବା ସହିତ ଅଷ୍ଟ୍ରେଲିଆକୁ ୨-୧ରେ ସିରିଜ ହରାଇ ନିଜର ଦକ୍ଷତା ପ୍ରତିପାଦନ କରିବା ସହିତ ଟିମ୍ ବିରାଟ ତାର ଶ୍ରେଷ୍ଠତା ବଜାୟ ରଖିଛି। ୩ଟି ଫର୍ମାଟରେ ଟିମ୍ ଇଣ୍ଡିଆ ବିଶ୍ୱର ସମସ୍ତ ଶକ୍ତିଶାଳୀ ଟିମ୍‌କୁ ପରାସ୍ତ କରିବାକୁ ସକ୍ଷମ ଏକଥା ପ୍ରମାଣ କରିଛନ୍ତି ଟିମ୍ ଇଣ୍ଡିଆର ଇନ୍‌ଫର୍ମ ବ୍ୟାଟସମ୍ୟାନ ଏବଂ ସଫଳ ପେସ୍ ବୋଲରମାନେ।

ଏହି ଦୁଇଟି ଭିନ୍ନ ସିରିଜର ସଫଳତା ଟିମ୍ ଇଣ୍ଡିଆ ପାଇଁ ଆଗାମୀ ନ୍ୟୁଜିଲାଣ୍ଡ ଗସ୍ତରେ ବେଶ୍ ସହାୟକ ହେବାର ଆଶା କରାଯାଉଛି। ଯଦିଓ ନ୍ୟୁଜିଲାଣ୍ଡ ଗସ୍ତ ସର୍ବଦା ଟିମ୍ ଇଣ୍ଡିଆ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିଛି। ଚଳିତ ୨ଟି ଭିନ୍ନ ସିରିଜରେ ପୁନର୍ବାର ନିଜର ଚମକ ଦେଖାଇଛନ୍ତି ରୋହିତ ଶର୍ମା, ବିରାଟ କୋହଲି, ଶିଖର ଧାୱନ ଏବଂ ଲୋକେଶ ରାହୁଲ। ସେହିପରି ବୋଲିଂରେ ମହମ୍ମଦ ଶାମି ତାଙ୍କର କମାଲ ବୋଲିଂ ମାଧ୍ୟମରେ ସମସ୍ତଙ୍କୁ ପ୍ରଭାବିତ କରାଇଥିବା ବେଳେ ନବଦୀପ ସଇନି ତାଙ୍କର ଲୟ ଫେରିପାଇଛନ୍ତି। ଯଶପ୍ରୀତ ବୁମରାଙ୍କ ପ୍ରତ୍ୟାବର୍ତ୍ତନ ସେତେ ପ୍ରଭାବୀ ହୋଇପାରି ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏକଦିବସୀୟ ମ୍ୟାଚରେ ରୋହିତ ଶର୍ମାଙ୍କ ନଅହଜାର ପୂରଣ ଏବଂ ଅଧିନାୟକ ଭାବରେ ବିରାଟ କୋହଲିଙ୍କ ୮୨ଟି ମ୍ୟାଚରେ ପାଞ୍ଚହଜାର ରନ୍ ପୂରଣ କରିବା।

ଏକ ସମ୍ପୂର୍ଣ୍ଣ ସିରିଜ ଖେଳିବା ପାଇଁ ଟିମ୍ ଇଣ୍ଡିଆ ବିରାଟ କୋହଲିଙ୍କ ନେତୃତ୍ୱରେ ୫ଟି ଟି୨୦, ୩ଟି ଏକଦିବସୀୟ ଏବଂ ୨ଟି ଟେଷ୍ଟ ମ୍ୟାଚ ଖେଳିବା ପାଇଁ ନ୍ୟୁଜିଲାଣ୍ଡରେ ପହଞ୍ଚିଛି। ଏହି ସିରିଜ ଜାନୁୟାରୀ ୨୪ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୪ତାରିଖ ପର୍ଯ୍ୟନ୍ତ ଖେଳାଯିବ। ନ୍ୟୁଜିଲାଣ୍ଡରେ ଦଳର ଅଧିନାୟକ ଅଭିଜ୍ଞ ବ୍ୟାଟ୍ସମ୍ୟାନ କେନ୍ ୱିଲିୟମସନ୍ ରହିଥିବା ବେଳେ ଟିମ୍ ଇଣ୍ଡିଆର ଅଧିନାୟକ ରହିଛନ୍ତି ରେକର୍ଡ ମ୍ୟାନ ବିରାଟ କୋହଲି।

ଜୁନ ମାସରେ ଇଂଲଣ୍ଡରେ ଖେଳାଯିବାକୁ ଥିବା ଆଇସିସି ଟେଷ୍ଟ ମ୍ୟାଚ ପାଇଁ ଏହି ସିରିଜ ଟିମ୍ ଇଣ୍ଡିଆ ପାଇଁ ବେଶ୍ ଆହ୍ୱାନପୂର୍ଣ୍ଣ ହେବ। ଯଦିଓ ଟିମ୍ ଇଣ୍ଡିଆ ଅନ୍ୟ ଦେଶମାନଙ୍କ ତୁଳନାରେ ପଏଣ୍ଟ ଟେବୁଲରେ ବେଶ୍ ଶୀର୍ଷସ୍ଥାନରେ ରହିଛି ନ୍ୟୁଜିଲାଣ୍ଡର ପେସ ଉଇକେଟ, ୱିଣ୍ଡି କଣ୍ଡିସନ, ଗ୍ରାସିଂ ଉଇକେଟ, ସର୍ଟ ବାଉଣ୍ଡାରୀ ସବୁବେଳ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିଆସିଛି। ବର୍ତ୍ତମାନ ଟିମ୍ ଇଣ୍ଡିଆର ପେସ୍ ବାହିନୀ ବେଶ୍ ଶାଣିତ ଏବଂ ଶୃଙ୍ଖଳିତ ରହିଛି। ମହମ୍ମଦ ଶାମି, ଇଶାନ୍ତ ଶର୍ମା, ଉମେଶ ଯାଦବ ଏବଂ ଯଶପ୍ରୀତ ବୁମରା, ନବଦୀପ ସଇନି ଏବଂ ଭୁବନେଶ୍ୱର କୁମାର ଭଲ ଫର୍ମରେ ରହିଛନ୍ତି। ଓପନର ଶିଖର ଧାୱନ ଆଘାତ ସମସ୍ୟା ଯୋଗୁ ଓହରି ଯିବା ଉଭୟ ଟି୨୦ ଏବଂ ଏକଦିବସୀୟ ସିରିଜ ପାଇଁ ବ୍ୟାଟିଂ ଡାଉନରେ ସମସ୍ୟା ହୋଇପାରେ। ମନୀଷ ପାଣ୍ଡେ, ଶ୍ରେୟାଶ ଆୟାର, ଶାର୍ଦ୍ଦୁଳ ଠାକୁର, ଅଲରାଉଣ୍ଡର ଶିବମ୍ ଦୁବେଙ୍କ ଉପରେ ଟି୨୦ ମ୍ୟାଚ ପାଇଁ ବିସିସିଆଇର ନଜର ନିଶ୍ଚିତ ରହିବ।

## କାର୍ଯ୍ୟ ସୂଚୀ

### ଟି୨୦ ସିରିଜ

| ତାରିଖ | ମ୍ୟାଚ୍ | ଭେନୁ | ସମୟ |
|---|---|---|---|
| ଜାନୁୟାରୀ ୨୪ | ପ୍ରଥମ ଟି୨୦ | ଅକ୍‌ଲାଣ୍ଡ | ଅପରାହ୍ନ ୧୨.୩୦ |
| ଜାନୁୟାରୀ ୨୬ | ଦ୍ୱିତୀୟ ଟି୨୦ | ଅକ୍‌ଲାଣ୍ଡ | ଅପରାହ୍ନ ୧୨.୩୦ |
| ଜାନୁୟାରୀ ୨୯ | ତୃତୀୟ ଟି୨୦ | ହାମିଲଟନ | ଅପରାହ୍ନ ୧୨.୩୦ |
| ଜାନୁୟାରୀ ୩୧ | ଚତୁର୍ଥ ଟି୨୦ | ୱେଲିଂଟନ | ଅପରାହ୍ନ ୧୨.୩୦ |
| ଫେବୃୟାରୀ ୨ | ପଞ୍ଚମ ଟି୨୦ | ମାଉଣ୍ଟ ମଉନଗାନୁଇ | ଅପରାହ୍ନ ୧୨.୩୦ |

### ଦିନିକିଆ ସିରିଜ

| ତାରିଖ | ମ୍ୟାଚ୍ | ଭେନୁ | ସମୟ |
|---|---|---|---|
| ଫେବୃୟାରୀ ୫ | ପ୍ରଥମ ଦିନିକିଆ | ହାମିଲଟନ | ସକାଳ ୭.୩୦ |
| ଫେବୃୟାରୀ ୮ | ଦ୍ୱିତୀୟ ଦିନିକିଆ | ଅକ୍‌ଲାଣ୍ଡ | ସକାଳ ୭.୩୦ |
| ଫେବୃୟାରୀ ୧୧ | ତୃତୀୟ ଦିନିକିଆ | ମାଉଣ୍ଟ ମଉନଗାନୁଇ | ସକାଳ ୭.୩୦ |

### ଟେଷ୍ଟ ସିରିଜ

| ତାରିଖ | ମ୍ୟାଚ୍ | ଭେନୁ | ସମୟ |
|---|---|---|---|
| ଫେବୃୟାରୀ ୧୪ | ଅଭ୍ୟାସ ମ୍ୟାଚ୍ | ହାମିଲଟନ | ଭୋର ୩.୩୦ |
| ଫେବୃୟାରୀ ୨୧ | ପ୍ରଥମ ଟେଷ୍ଟ | ୱେଲିଂଟନ | ଭୋର ୪.୩୦ |
| ଫେବୃୟାରୀ ୨୯ | ଦ୍ୱିତୀୟ ଟେଷ୍ଟ | ଖ୍ରୀଷ୍ଟଚର୍ଚ୍ଚ | ଭୋର ୪.୩୦ |

ଯଦିଓ ବିସିସିଆଇ ୫ଟି ଟି୨୦ ମ୍ୟାଚ ପାଇଁ ଟିମ୍ ଘୋଷଣା କରିଛି ଏବଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସୁସ୍ଥ ପ୍ରତ୍ୟାବର୍ତ୍ତନ ଉପରେ ନଜର ରଖିଛି।

ଆଇସିସି ଟି୨୦ ର୍ୟାଙ୍କିଙ୍ଗରେ ଟିମ୍ ଇଣ୍ଡିଆ ପଞ୍ଚମ ସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ଷଷ୍ଠ ସ୍ଥାନରେ ରହିଛି। ଏକଦିବସୀୟ ମ୍ୟାଚରେ ଟିମ୍ ଇଣ୍ଡିଆ ୨ୟ ସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ୩ୟ ସ୍ଥାନରେ ଏବଂ ଟେଷ୍ଟ ମ୍ୟାଚରେ ଟିମ୍ ଇଣ୍ଡିଆ ୧ନଂ ସ୍ଥାନରେ ରହିଥିବା ବେଳେ କ୍ୱିଇ ଦଳ ୩ୟ ସ୍ଥାନରେ ରହିଛି।

ଟିମ୍ ଇଣ୍ଡିଆର ନ୍ୟୁଜିଲାଣ୍ଡ ସହିତ ଟି୨୦ ରେକର୍ଡ ଅତ୍ୟନ୍ତ ନୈରାଶ୍ୟଜନକ। ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ମୋଟ ୧୧ଟି ଟି୨୦ ମ୍ୟାଚ ମଧ୍ୟରୁ ଟିମ୍ ଇଣ୍ଡିଆ ୩ଟି ମ୍ୟାଚରେ ଜିତିଥିବାବେଳେ ନ୍ୟୁଜିଲାଣ୍ଡ ୮ଟି ମ୍ୟାଚରେ ବିଜୟୀ ହୋଇ ବେଶ୍ ଆଗରେ ରହିଛି। ୨୦୦୭ରୁ ୨୦୧୯ ମଧ୍ୟରେ ଏହି ୧୧ଟି ମ୍ୟାଚ ଖେଳାଯାଇଛି। ସେହିପରି ଉଭୟ ଦେଶ ମଧ୍ୟରେ ୧୦୭ଟି ଦିନିକିଆ ମ୍ୟାଚ ଖେଳାଯାଇଥିବା ବେଳେ ଟିମ୍ ଇଣ୍ଡିଆ ୫୫ଟି ମ୍ୟାଚ ଜିତିଥିବାବେଳେ ୪୬ଟି ମ୍ୟାଚ ହାରିଛି, ଗୋଟିଏ ମ୍ୟାଚ ଟାଇ ରହିଥିବା ବେଳେ ୫ଟି ମ୍ୟାଚ କୌଣସି ଫଳାଫଳ ମିଳିପାରି ନାହିଁ। ଉଭୟ ଦେଶ ମଧ୍ୟରେ ୫୭ଟି ଟେଷ୍ଟ ମ୍ୟାଚ ଖେଳାଯାଇଥିବା ବେଳେ ଟିମ୍ ଇଣ୍ଡିଆ ୨୧ଟିରେ ବିଜୟୀ ହୋଇଥିବାବେଳେ ୧୦ଟିରେ ପରାଜିତ ହୋଇଛି। ୨୬ଟି ମ୍ୟାଚ ଡ୍ରରେ ସମାପ୍ତ ହୋଇଛି। ଆଗକୁ ରହିଛି ଟି୨୦ ବିଶ୍ୱକପ୍। ତେଣୁ ଉଭୟ ଦେଶର ବୋର୍ଡ ଟି୨୦ କ୍ରିକେଟ ଉପରେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଏହି ଗସ୍ତ ପରେ ଭାରତ ମଧ ଆଗାମୀ ଟି୨୦ ବିଶ୍ୱକପ୍ ପାଇଁ ଏକ ଶ୍ରେଷ୍ଠ ତଥା ସନ୍ତୁଳିତ ଦଳ ଚୟନ କରିବାରେ ସମର୍ଥ ହେବ।

# ଅନିଶ୍ଚିତ ଭବିଷ୍ୟତ

ବିଶ୍ୱର ଦଶମ ମହିଳା ଖେଳାଳିଭାବେ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିଥିବା ରୁଷିଆର ମାରିଆ ଶାରାପୋଭା ଏବେ ନିଜର ଭବିଷ୍ୟତ ନେଇ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ଚଳିତ ଅଷ୍ଟ୍ରେଲିଆନ ଓପନ୍ ପ୍ରଥମ ରାଉଣ୍ଡରେ ପରାସ୍ତ ହେବା ପରେ ସେ ଆତ୍ମବିଶ୍ୱାସ ହରାଇଛନ୍ତି। ଏକଦା ବିଶ୍ୱର ୧ ନମ୍ବର ସ୍ଥାନରେ ଥିବା ଏହି ଖେଳାଳି ଏବେ ର୍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୩୫୦ରୁ ବାଦ୍ ପଡିବେ। ମାତ୍ର ୧୭ ବର୍ଷ ବୟସରେ ୨୦୦୪ରେ ୱିମ୍ବେଲଡ଼ନ ଟାଇଟଲ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଶାରାପୋଭାଙ୍କ ଅବସର ନେଇ ଚର୍ଚ୍ଚା ହେଉଛି...

ବିଶ୍ୱ ଟେନିସର ଗ୍ଲାମର ଗର୍ଲ ରୂପେ ଜଣାଥିବା ରୁଷିଆର ମାରିଆ ଶାରାପୋଭା ଏବେ କ୍ୟାରିୟରର ସବୁଠାରୁ କଷ୍ଟକର ମୁହୂର୍ତ୍ତ ଦେଇ ଗତିକରୁଛନ୍ତି। ୫ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ସଫଳତାର ଶୀର୍ଷକୁ ଛୁଇଁ ଥିବା ଏହି ତାରକା ମହିଳା ଖେଳାଳି କ୍ୟାରିୟରର ଦୋଛକିରେ ପହଞ୍ଚିଛନ୍ତି। ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଚଳିତ ଅଷ୍ଟ୍ରେଲିଆନ ଓପନରେ ପ୍ରଥମ ରାଉଣ୍ଡର ପରାଜୟ ତାଙ୍କ କ୍ୟାରିୟର ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରୋଲିନ୍ ଓଜନିଆକି ଏହି ଟୁର୍ନାମେଣ୍ଟ ପରେ ଅବସର ଘୋଷଣା କରିବେ ବୋଲି କହିଥିଲେ। ତେବେ ସେ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ତେବେ ପ୍ରାରମ୍ଭିକ ରାଉଣ୍ଡରେ ସାରାପୋଭା ଫେଲ୍ ମାରିଥିଲେ। ୱାଇଲ୍ଡ କାର୍ଡ ଏଣ୍ଟ୍ରି ପାଇଥିବା ଶାରାପୋଭା ୨୩ ବର୍ଷୀୟା କ୍ରୋଏସିଆ ଖେଳାଳି ଡୋନ୍ନା ଭେକିକ୍‌ଙ୍କଠାରୁ ପ୍ରଥମ ରାଉଣ୍ଡରେ ଅତି ସହଜରେ ୬-୩,୬-୪ ସେଟରେ ପରାସ୍ତ ହୋଇଥିଲେ। ଏକଦା ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍‌ରେ ୧ ନମ୍ବର ସ୍ଥାନ ହାସଲ କରିଥିବା ଶାରାପୋଭା ୧୪୫ତମ ସ୍ଥାନରେ ରହି ଅଷ୍ଟ୍ରେଲିଆନ ଓପନ୍ ମୁଖ୍ୟ ଡ୍ର'ରେ ପ୍ରବେଶ କରିଥିଲେ। ତେବେ ପ୍ରଥମ ରାଉଣ୍ଡ ପରାଜୟ ପରେ ସେ ଶ୍ରେଷ୍ଠ ୩୫୦ରୁ ବାଦ୍ ପଡିବେ।

ନିଜ ପ୍ରଦର୍ଶନରେ ଶାରାପୋଭା ନୈରାଶ୍ୟ ଜାହିର କରିଛନ୍ତି। ଏବେ ସେ ନିଜ କ୍ୟାରିୟର ଭବିଷ୍ୟତ ନେଇ ଅନିଶ୍ଚିତତା ଭିତରେ ରହିଛନ୍ତି ବୋଲି କହିଛନ୍ତି। ୨୦୧୬ ଅଷ୍ଟ୍ରେଲିଆ ଓପନ୍‌ରେ ଡୋପ୍ ଟେଷ୍ଟରେ ବିଫଳ ହେବା କାରଣରୁ ସେ ୧୫ ମାସ ବାସନ୍ଦ ହୋଇଥିଲେ। ପୁଣି ଇଞ୍ଜୁରି ମଧ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ଫର୍ମ ଓ ଫିଟନେସ୍‌ରେ ସମସ୍ୟା ରହିଥିବା କଥା ସେ ସ୍ୱୀକାର କରିଛନ୍ତି। ୩୨ ବର୍ଷରେ ପଦାର୍ପଣ କରିଥିବା ଶାରାପୋଭା ଆତ୍ମବିଶ୍ୱାସ ହରାଇଥିବା ଜଣାପଡୁଛି। ୨୦୦୫ରେ ସେ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ହାସଲ କରିଥିଲେ। ଏହାପର ବର୍ଷ ସେ ୟୁଏସ୍ ଓପନ ଟାଇଟଲ ହାସଲ କରିଥିଲେ। ୨୦୦୭ରେ ପୁଣି ସେ କାନ୍ଧରେ ଆଘାତ ପାଇଥିଲେ। ୨୦୧୨ରେ ସେ ଫ୍ରେଞ୍ଚ୍ ଓପନ ଜିତି ସବୁ ୪ ଟି ଯାକ ମେଜର ଟାଇଟଲ ହାସଲ କରି କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିଥିଲେ। ଏହି ସଫଳତା ହାସଲ କରିବାରେ ସେ ବିଶ୍ୱର ୧୦ମ ମହିଳା ଟେନିସ ଖେଳାଳି ସାବ୍ୟସ୍ତ ହୋଇଥିଲେ। ଏହି ବର୍ଷ ମଧ ସେ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ଏହାପରେ ଇଞ୍ଜୁରି ସତ୍ତ୍ୱେ ସେ ୨୦୧୪ରେ ପୁଣି ଥରେ ଫ୍ରେଞ୍ଚ ଓପନ ଟାଇଟଲ ହାସଲ କରିଥିଲେ। କ୍ୟାରିୟରରେ ୩୬ଟି ଡବ୍ଲ୍ୟୁଟିଏ ଓ ୪ଟି ଆଇଟିଏଫ୍ ଟାଇଟଲ ଜିତିଥିବା ଶାରାପୋଭା ଡବଲ୍ସ ଓ ମିକ୍ସଡ ଡବଲ୍ସରେ ମଧ ବେଶ୍ ସଫଳ ରହିଥିଲେ। ଆଗକୁ ସେ ଖେଳ ଜାରି ରଖିବେ କି ନା ସେ ନିଶ୍ଚିତ ନୁହଁ ବୋଲି କହିଛନ୍ତି।



## ଝିଙ୍ଗା

କଙ୍ଗାରୁଠୁ ଜିତି ବିରାଟ ଆଣ୍ଡ କୋ
ଦି ପାଦ ଆଗରେ ବିଶି
ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ମ୍ୟାଚ୍
ୱାର୍ଲ୍ଡ କପ୍ ସଦୃଶ ଖାସି
ରବି ଶାସ୍ତ୍ରୀ କହେ ହସି
ଗତ ୱାର୍ଲ୍ଡ କପ୍ ଫ୍ୟୁଜି ପରି ଲାଭ
ନାହିଁ ଦିନ ରାତି ଚଷି ।୧।

ବେଙ୍ଗଲ ରଣଜୀ ହିରୋ ମନୋଜ ତିୱାରୀ
ତ୍ରି ଶତକ ମାରି ତାରା
ସ୍ମରଣୀୟ ପାଇଁ ବ୍ୟାଟ୍‌କୁ ଧରି
ଶୋଇଗଲା ରାତି ସାରା
ନ ପାଇ ଟ୍ରେନିଂ ଧାରା
କ୍ରିକେଟ ପଛରେ ଧାଇଁ ଯୁବବର୍ଗ
ଫୁଟବଲ ଦିଗହରା ।୨।



ଅଷ୍ଟ୍ରେଲିଆ ଅଗ୍ନିକାଣ୍ଡ ପୀଡିତାଙ୍କୁ
ଦେଇ ସହଯୋଗ ହାତ
ଚାରି ଜର୍ସି ସହ ଦାନ ବାବଦରେ
ପ୍ରାୟ ଅଠର ଲକ୍ଷ ଅର୍ଥ
ସାନ ସିନା ଦାନ ମିତ
ମେଲୋନି କହଇ ହକି ଇଣ୍ଡିଆ ପରି
ଲୋକ ବଡ଼ ଏଠି ସତ ।୩।

-ସୁବାସ ଚନ୍ଦ୍ର ପ୍ରଧାନ



ରୁଦ୍ର ପ୍ରସନ୍ନ ରଥ

# ପାଞ୍ଚ ଷ୍ଟାଡିୟମରେ ଟେଷ୍ଟ

ଭାରତରେ ଏବେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍‌କୁ ୫ଟି ଷ୍ଟାଡିୟମରେ ଆୟୋଜନ କରିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚିନ୍ତାକରିବା ଆବଶ୍ୟକ ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି ଏବେ ମତ ଦେଇ ଏକ ନୂଆ ବିତର୍କ ଆରମ୍ଭ କରିଛନ୍ତି। କୋହଲିଙ୍କ ମତରେ ଛୋଟ ଛୋଟ ଷ୍ଟାଡିୟମ ଯଥା ରାଞ୍ଚି, ଧର୍ମଶାଳା ପରି ଷ୍ଟାଡିୟମରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍‌ରେ ଦର୍ଶକ ସଂଖ୍ୟା କମ୍ ରହୁଥିବାରୁ ଏଠାରେ ମ୍ୟାଚ୍ ଆୟୋଜନ କରିବାର କିଛି ଅର୍ଥ ନାହିଁ। ଏଣୁ ଭାରତରେ ବଡ ଷ୍ଟାଡିୟମ୍‌ରେ ଯେଉଁଠାରେ ଅଧିକରୁ ଅଧିକ ଦର୍ଶକ ଆସୁଛନ୍ତି ସେଠାରେ ହିଁ ଟେଷ୍ଟ ମ୍ୟାଚ୍ ଆୟୋଜନ କରାଯିବା ଆବଶ୍ୟକ। ମାତ୍ର କୋହଲିଙ୍କର ଏହି ମନ୍ତବ୍ୟକୁ ବିଭିନ୍ନ କାରଣରୁ ବିରୋଧ କରାଯାଉଛି।

ଟେଷ୍ଟମ୍ୟାଚ୍ ଖେଳୁଥିବା ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆରେ ୫ ଏବଂ ଇଂଲଣ୍ଡର ୭ଟି ଷ୍ଟାଡିୟମ ଅଛି ଯେଉଁଠି କେବଳ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି । ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ଗସ୍ତ କରୁଥିବା ସମସ୍ତ ଦଳ ଏହିଠାରେ ଟେଷ୍ଟମ୍ୟାଚ୍ ଖେଳିବାକୁ ବାଧ୍ୟ ହୋଇଥାନ୍ତି। କୋହଲିଙ୍କ ମତରେ ବିସିସିଆଇ ଏହି ମଡେଲକୁ ଅନୁସରଣ କରିବା ଦରକାର ଏବଂ ଏହି କ୍ରମରେ ଭାରତରେ ମଧ୍ୟ ୫ଟି ଷ୍ଟାଡିୟମରେ ହିଁ ଟେଷ୍ଟ ମ୍ୟାଚ୍ ହେବା ଦରକାର।

୨୦୦୦ ମସିହାରେ ଜଗମୋହନ ଡାଲମିଆ ବିସିସିଆଇର ଦାୟିତ୍ୱରେ ଥିବା ବେଳଠାରୁ ହିଁ ୧୦ଟି ଟେଷ୍ଟମ୍ୟାଚ୍ ଖେଳାଯାଇ ପାରୁଥିବା ଷ୍ଟାଡିୟମର ସୂଚୀ ତିଆରି ହୋଇଥିଲା ଏବଂ ବିସିସିଆଇ ଏହି ୧୦ଟି ଷ୍ଟାଡିୟମକୁ ରୋଟେଶନ ପଲିସି ଅନୁଯାୟୀ ଟେଷ୍ଟ ମ୍ୟାଚ୍ ପ୍ରଦାନ କରି ଆସୁଥିଲା। ପରେ ଅନୁରାଗ ଠାକୁର ବିସିସିଆଇର କାର୍ଯ୍ୟଭାର ହାତକୁ ନେଲାପରେ ସେ ଟେଷ୍ଟ ମ୍ୟାଚ୍‌କୁ ବ୍ୟାପକ କରିବା ପାଇଁ ପଦକ୍ଷେପ ନେଲେ ଏବଂ ତାଙ୍କର ଚେଷ୍ଟା ଯୋଗୁଁ ହିଁ ରାଞ୍ଚି, ଧର୍ମଶାଳା ପରି ତଥାକଥିତ ଛୋଟ ଷ୍ଟାଡିୟମଗୁଡିକ ମ୍ୟାଚ୍ ଆୟୋଜନ କରିବାର ସୁଯୋଗ ପାଇଲେ। ଏବେ ଭାରତରେ ପ୍ରାୟ ୧୫ଟି ଷ୍ଟାଡିୟମରେ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ଭାରତ ପରି ଏକ ବିଶାଳ ଦେଶରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଷ୍ଟାଡିୟମ ଥିବାବେଳେ ଏହି ସଂଖ୍ୟା କିଛି ନୁହେଁ। ଦିନକୁ ଦିନ ଟେଷ୍ଟର ଲୋକପ୍ରିୟତା କମି କମି ଆସୁଛି। ଏହି କ୍ରମରେ ଏହାକୁ ଛୋଟ ସହରରେ ଆୟୋଜନ କଲେ ହିଁ ଏହା ଅଧିକ ଲୋକପ୍ରିୟ ହୋଇପାରିବ।



ଇଡେନ ଗାର୍ଡେନ

ଭାରତରେ ଏବେ କେବଳ ୫ଟି ଷ୍ଟାଡିୟମରେ ଟେଷ୍ଟ ମ୍ୟାଚ୍ ଆୟୋଜନ ହେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅଧିନାୟକ ବିରାଟ କୋହଲି ଏହା ସପକ୍ଷରେ ମତ ଦେଇଛନ୍ତି। ବିସିସିଆଇ ମଧ ଏହାକୁ ଗୁରୁତ୍ୱ ଦେଉଛି। ତେବେ ଲୋକପ୍ରିୟତା ବୃଦ୍ଧି କରିବା ବଦଳରେ ଏହା ଟେଷ୍ଟ ଫର୍ମାଟର କ୍ଷତି ଘଟାଇବ ବୋଲି ଆଶଙ୍କା ସୃଷ୍ଟି ହୋଇଛି...

ଏବେ ବି ଟେଷ୍ଟମ୍ୟାଚ୍ କ୍ରିକେଟର ସବୁଠାରୁ ଜଟିଳ ବୈଷୟିକ ଫର୍ମାଟ ହୋଇ ରହିଛି ଏବଂ ଏହି ଫର୍ମାଟ ହିଁ ଖେଳାଳିଙ୍କର ପ୍ରକୃତ ଶାରୀରିକ ଏବଂ ମାନସିକ ଦକ୍ଷତାର ପରୀକ୍ଷା ନେଇଥାଏ। ପୁଣି ଏକ ଦିବସୀୟ ଅପେକ୍ଷା ଟେଷ୍ଟ ମ୍ୟାଚ୍‌ର ଟିକେଟର ଦାମ କମ୍ ହୋଇଥିବାରୁ କଲେଜ ପିଲାମାନେ ମଧ୍ୟ ଏହି ଖେଳ ଦେଖିବାକୁ ଯାଇଥାନ୍ତି। ଏଣୁ ଏହାକୁ କେବଳ କିଛି ସହର ମଧ୍ୟରେ ସୀମିତ ରଖିଲେ କ୍ରିକେଟର ବିକାଶ ହୋଇପାରିବ ନାହିଁ।

ଭାରତରେ ଟିଭିରେ ମ୍ୟାଚ୍‌କୁ ଦେଖବା ଏକ ପରମ୍ପରାରେ ପରିବର୍ତ୍ତନ ହେଲାଣି। ଏହା କେବଳ ସହଜ ସାଧ୍ୟନୁହେଁ ଆରାମ ଦାୟକମଧ୍ୟ। ଭାରତରେ ଟିଭି ଦର୍ଶକଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ଆଶାତୀତ ଭାବେ ବୃଦ୍ଧି ପାଉଛି। ପୁଣି ଷ୍ଟାଡିୟମକୁ ଯାଇ ଟ୍ରାଫିକ୍‌ରେ ଫସିବା, ଅଧିକ ଦାମ ଦେଇ ଷ୍ଟାଡିୟମରେ ଖାଇବା, ପିଇବା ପାଣି ପରି ମୌଳିକ ସୁବିଧା ଷ୍ଟାଡିୟମରେ ନ ପାଇବା ଓ ଶୌଚାଳୟର ଅବସ୍ଥା ମ୍ୟାଚ୍ ଆରମ୍ଭର କେଇ ଘଣ୍ଟା ପରେ ଖରାପ ହୋଇଯିବା ଆଦି କାରଣରୁ ଲୋକ ଟେଷ୍ଟ ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମକୁ ଯାଉ ନାହାନ୍ତି। ଏ ଦିଗକୁ ଧ୍ୟାନ ନ ଦେଇ କୋହଲି କିଛି ଷ୍ଟାଡିୟମ ମଧ୍ୟରେ ଟେଷ୍ଟକୁ ସୀମିତ ରଖିବାକୁ ପ୍ରସ୍ତାବ ଦେବା ତାଙ୍କର ଅଦୂରଦର୍ଶିତାକୁ ଦର୍ଶାଉଛି।

ଭାରତରେ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ଢାଞ୍ଚାରେ ୫ଟି ଷ୍ଟାଡିୟମରେ ଟେଷ୍ଟ ଖେଳ ହୋଇ ପାରିବ ନାହିଁ । ବରଂ ଅଧିକରୁ ଅଧିକ ଷ୍ଟାଡିୟମରେ ଟେଷ୍ଟ ମ୍ୟାଚ୍ ଆୟୋଜନ କରିବା ଦରକାର। ଅଧିକ ଦିବାରାତ୍ର ଟେଷ୍ଟ, ଟିକେଟର ଦାମ ହ୍ରାସ କରିବା,କ୍ଲବ୍‌ର ଖେଳାଳିମାନଙ୍କୁ ଏବଂ ସ୍କୁଲ ପିଲାମାନଙ୍କୁ ମାଗଣାରେ ଖେଳ ଦେଖିବାକୁ ସୁଯୋଗ ଦେବା ଦ୍ୱାରା ଟେଷ୍ଟ ମ୍ୟାଚର ଲୋକପ୍ରିୟତା ପୁଣି ବୃଦ୍ଧି ପାଇବ। ସେହିପରି ଷ୍ଟାଡିୟମରେ ପାର୍କିଂ, ଉନ୍ନତ ମାନର ସିଟ୍, ସ୍ୱଳ୍ପ ମୂଲ୍ୟରେ ଖାଇବାକୁ ପ୍ରଦାନ କରିବା ସହ ଟିକେଟ କିଣା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ,ପାରଦର୍ଶୀ ଏବଂ ସରଳ କରାଯାଇ ପାରିଲେ ଲୋକ ଟେଷ୍ଟ ଦେଖିବାକୁ ଆସିବେ। ମୋଟ ଉପରେ କେବଳ ୫ଟି ଷ୍ଟାଡିୟମରେ ଟେଷ୍ଟ ମ୍ୟାଚ୍ ଆୟୋଜନ କରିବାରେ କୋହଲିଙ୍କ ଯୁକ୍ତିରେ ତତ୍ତ୍ୱ ଏବଂ ତର୍କ ଉଭୟର ଅଭାବ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.26 (7) | 41,386.40 (271.02) | 12,180.35 (73.45) | 40,723.00 (`63) | 47,082.00 (`95) |

“ ଏଲ୍‌ଏନ୍‌ଜି ମୂଲ୍ୟ ନେଇ କାତାର ସହ ପୁଣି ଥରେ ଆଲୋଚନା ହୋଇପାରେ। – **ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ**



“ ମନ୍ତ୍ରୀ ନ ହୋଇଥିଲେ ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆ ବିଡିଂରେ ସାମିଲ ହୋଇଥାନ୍ତି। – **ପୀୟୂଷ ଗୋୟଲ, କେନ୍ଦ୍ର ମନ୍ତ୍ରୀ**



# ବଜାରରେ ଟାଟାର ନୂଆ ଅଲ୍‌ଟ୍ରୋଜ୍

**ଭୁବନେଶ୍ୱର,୨୩-୧**

ପ୍ରମୁଖ ଯାନ ନିର୍ମାଣକାରୀ କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ବୁଧବାର ଏହାର ନୂଆ ମଡେଲ ଅଲ୍‌ଟ୍ରୋଜ୍ ଓଡିଶା ବଜାରରେ ପ୍ରବେଶ କରାଯାଇଛି। ପ୍ରିମିୟମ ହ୍ୟାଚ୍‌ବ୍ୟାକ ସେଗ୍‌ମେଣ୍ଟର ଏହି ମଡେଲଟିର ଏକ୍ସ ଶୋ'ରୁମ ବଜାର ଦର ୫.୨୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ସ୍ଥାନୀୟ ଡିଅନ ମୋଟର୍ସଠାରେ ନୂଆ ଯାନଟିର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଶୋ'ରୁମର ଏମ୍‌ଡି ମନୋଜ ସାହୁ, ଦିବ୍ୟଜ୍ୟୋତି ମିଶ୍ର, ଟାଟା ମୋଟର୍ସ ଟିଏସ୍‌ଏମ୍ ରୁପେନ୍ଦ୍ର କୁମାର, ଟ୍ରେନିଂ ହେଡ୍ ପ୍ରୋତ୍ୟୁଶ ପଲ, ଜିଏମ୍ ପ୍ରତାପ ଶତପଥୀ, ଏସ୍‌ଏମ୍ ସନ୍ଦୀପ କାନୁନଗୋ, ମହିନ୍ଦ୍ରା ଫାଇନାନ୍ସ ଆର୍‌ଏମ୍ ହିମଜ୍ୟୋତି ଭୌମିକ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବିଏସ୍-୬ ଅନୁପାଳନ ଇଞ୍ଜିନ ସହ ଆସିଛି। ୧.୨ ଲିଟର ପେଟ୍ରୋଲ ଏବଂ ୧.୫ ଲିଟର ଡିଜେଲ ଇଞ୍ଜିନ ବର୍ଗରେ ଏହା ଉପଲବ୍ଧ। ମଡେଲଟି ଏକ୍ସଇ, ଏକ୍ସଏମ୍, ଏକ୍ସଟି, ଏକ୍ସଜେଡ ଏବଂ ଏକ୍ସଜେଡ୍ ଅପ୍ସନ ସହ ଆସୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ପେଟ୍ରୋଲ ଭାରିଆଣ୍ଟର ବଜାର ଦର ୫.୨୯ ଲକ୍ଷରୁ ଆରମ୍ଭ ହୋଇ ୭.୬୯ ଲକ୍ଷ ଏବଂ ଡିଜେଲ ଭାରିଆଣ୍ଟର ଦର ୬.୯୯ ଲକ୍ଷରୁ ୯.୨୯ ଲକ୍ଷ ଟଙ୍କା ରହିଛି। ଗ୍ଲୋବାଲ ନ୍ୟୁ କାର ରେଟିଂ ଆସେସମେଣ୍ଟରେ ଏହା ୫ ଷ୍ଟାର ରେଟିଂ ଲାଭ କରିଛି।



# ରିୟଲ ଇଷ୍ଟେଟରେ ବଢୁ ଟିକସ ରିହାତି: ସିଆଇଆଇ

**ନୂଆଦିଲ୍ଲୀ,୨୩-୧**

ଦେଶର ରିୟଲ ଇଷ୍ଟେଟ କ୍ଷେତ୍ର ବର୍ତ୍ତମାନ ବିଭିନ୍ନ ସମସ୍ୟା ସହ ଜୁଝୁ ଥିବା ବେଳେ ଏହି କ୍ଷେତ୍ରରେ ଚାହିଦା ବଢାଇବା ଲାଗି ଶିଳ୍ପ ସଂଘ କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ (ସିଆଇଆଇ) ସରକାରଙ୍କୁ ବିଭିନ୍ନ ପରାମର୍ଶ ଦେଇଛି। ସିଆଇଆଇ କହିଛି ଯେ, ଘର କ୍ରେତାଙ୍କ ଲାଗି ସରକାର ଟିକସ ରିହାତିକୁ ବଢାଇବାର ଆବଶ୍ୟକତା ରହିଛି। ଦେଶର ମୋଟ ଜିଡିପି ଅଭିବୃଦ୍ଧି ୬ରୁ ୭% କରିବା ଲାଗି ରିୟଲ ଇଷ୍ଟେଟ କ୍ଷେତ୍ରର ଚାହିଦା ବଢିବା ଭଳି ଯୋଜନା ହାତକୁ ନେବା ଆବଶ୍ୟକ। ଏହି କ୍ଷେତ୍ରକୁ ଅଧିକ ନଗଦ ଯୋଗାଣର ଆବଶ୍ୟକତାକୁ ମଧ୍ୟ ବୁଝିବାକୁ ହେବ ବୋଲି ଏହା ଏକ ବିବୃତ୍ତିରେ ପ୍ରକାଶ କରିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କ୍ରେତାଙ୍କ ଲାଗି ଟିକସ ସୁବିଧା ବୃଦ୍ଧି ଏବଂ ଆୟ ସୀମା ବଢାଇବା ନେଇ ସିଆଇଆଇ ସରକାରଙ୍କୁ ନିବେଦନ କରିଛି।

# କ୍ୟାରେଟଲେନ ଆଣିଲା ୩ ନୂଆ କଲେକ୍ସନ

**ଭୁବନେଶ୍ୱର,୨୩-୧**

ଭାଲେଣ୍ଟାଇନ୍ସ ଡେ'କୁ ସ୍ୱତନ୍ତ୍ର କରିବା ଲାଗି ପ୍ରମୁଖ ବ୍ରାଣ୍ଡ କ୍ୟାରେଟଲେନ ପକ୍ଷରୁ ୩ ନୂଆ କଲେକ୍ସନ ବଜାରକୁ ଆସିଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ଫିଲଲଭଡ କ୍ୟାମ୍ପେନ ଆରମ୍ଭ କରାଯାଇଛି। ତନିଷ୍କର ଏହି ପାର୍ଟନେଶିପ ଷ୍ଟୋର ନୂଆ କଲେକ୍ସନ ସହ ଅନେକ ମନଲୋଭା ଅଫର ଆଣିଛି। ନୂଆ ଡିଜାଇନ ମଧ୍ୟରେ ରହିଛି ମି ଆଣ୍ଡ ୟୁ, ମଣ୍ଡଳ ଏବଂ ରୟାଲ ରୋମାନ୍ସ। ସମସ୍ତଙ୍କ ଷ୍ଟାଇଲକୁ ଖାପ ଖୁଆଇଲା ଭଳି ଡିଜାଇନ ଏଥିରେ ରହିଛି। ମି ଆଣ୍ଡ ୟୁ କଲେକ୍ସନରେ ପ୍ରସିଦ୍ଧ ଭ୍ରମଣସ୍ଥଳଠାରୁ ଆରମ୍ଭ କରି ଆକର୍ଷଣୀୟ କଳାକୃତି ସାମିଲ ରହିଛି। ଏହାର ପ୍ରତିଟି ଡିଜାଇନ ଗ୍ରାହକଙ୍କୁ ବହୁ ମୂଲ୍ୟବାନ ସ୍ମୃତିର କାହାଣୀ କହିବ। ମଣ୍ଡଳ କଲେକ୍ସନରେ ଗ୍ରାହକ ଆଧୁନିକ ଛାପ ପାଇପାରିବେ। ପ୍ରତି କୋଣରୁ ଏହି ଗହଣାଗୁଡିକ ଷ୍ଟାଇଲିଶ ଲାଗୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଭିକ୍ଟୋରିଆ ଯୁଗର ମନଲୋଭା ଗହଣା ଡିଜାଇନରୁ ଅନୁପ୍ରାଣିତ ହୋଇ ରୟାଲ ରୋମାନ୍ସ କଲେକ୍ସନ ଅଣାଯାଇଛି। ଏହି ଗହଣାର ଡିଜାଇନ ସ୍ୱତନ୍ତ୍ର ରହିଛି। ଯାହାକି ଜଣଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିବ। କମ୍ପାନୀ ୩୦୦୦ରୁ ଉର୍ଦ୍ଧ୍ୱ ଡିଜାଇନ ହୀରା ଗହଣା ମୂଲ୍ୟ ଉପରେ ଫ୍ଲାଟ୍ ୨୦% ରିହାତି ଦେଉଛି। ୬୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ସଲିଟେୟାର ମୁଦିରେ ଅତିରିକ୍ତ ୫% ରିହାତି ଉପଲବ୍ଧ ହେଉଥିବା କ୍ୟାରେଟ୍‌ଲେନ ପକ୍ଷରୁ ସୂଚନା ରହିଛି। କାର୍ଯ୍ୟକ୍ରମ ଅବସରରେ ପପୁ ହଂସ ଉପସ୍ଥିତ ଥିଲେ।



# ରିଲାଏନ୍ସ ପକ୍ଷରୁ ଫୁଲ୍ ପୈସା ୱସୁଲ ସେଲ୍




**ଭୁବନେଶ୍ୱର,୨୩-୧**

ରିଲାଏନ୍ସ ରିଟେଲ ପକ୍ଷରୁ ଫୁଲ ପୈସା ୱସୁଲ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ରିଲାଏନ୍ସ ଫ୍ରେସ ଏବଂ ରିଲାଏନ୍ସ ସ୍ମାର୍ଟ ଷ୍ଟୋରରେ ଆସନ୍ତା ୨୬ ତାରିଖ ଯାଏ ଉପଲବ୍ଧ ହେବ। ଏହି ସମୟରେ ଗ୍ରାହକଙ୍କୁ ମେଗା ଅଫର ପ୍ରଦାନ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ୫ ଦିନ ଚାଲିବାକୁ ଥିବା ଏହି ଅଫର ଦ୍ୱାରା ତେଜରାତି, ପନିପରିବା, ଫଳ, ହୋମୱେର, ରୋଷେଇ ସାମଗ୍ରୀ, ଅନ୍ୟ ମର୍ଚ୍ଛାଣ୍ଡାଇଜ ସମେତ ବିସ୍ତୃତ ରେଞ୍ଜର ପ୍ରଡକ୍ଟ ଉପରେ ସର୍ବୋତ୍ତମ ଅଫର ଲାଭ କରିପାରିବେ ବୋଲି ଏହା ସୂଚନା ଦେଇଛି। ଅଫରରେ ଗ୍ରାହକଙ୍କ ଦୈନନ୍ଦିନ ଆବଶ୍ୟକତାକୁ ବିଚାର କରାଯାଇଛି ବୋଲି ରିଲାଏନ୍ସ ଫ୍ରେଶ୍ ଆଣ୍ଡ ସ୍ମାର୍ଟର ସିଇଓ ଦାମୋଦର ମଲ୍ କହିଛନ୍ତି। ସାରା ଦେଶରେ ୭୦୦ ଫ୍ରେଶ ଏବଂ ସ୍ମାର୍ଟ ଷ୍ଟୋର ସହ ସେବା ଯୋଗାଣ ହେଉଥିବା ସେ ମତ ଦେଇଛନ୍ତି।

## ବିଳମ୍ବରେ ଛାଡ଼ିବ ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ

**ଭୁବନେଶ୍ୱର,୨୩-୧**

ଗୁରୁବାର ସଂଧ୍ୟା ୯.୪୫ରେ ଛାଡିବାକୁ ପୁରୀରୁ ଛାଡିବାକୁ ଥିବା ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ ଶୁକ୍ରବାର ସକାଳ ୪.୩୦ରେ ଛାଡିବ। ଉତ୍ତର ଭାରତରେ ଘନ କୁହୁଡି ଯୋଗୁ ସଂଯୋଗୀ ଟ୍ରେନଗୁଡିକର ବିଳମ୍ବ ହେଉଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

# ଆସିଲା ନୂଆ ହ୍ୟୁଣ୍ଡାଇ ଅରା

**କଟକ,୨୩-୧**

ଦକ୍ଷିଣ କୋରିଆ ଭିତ୍ତିକ ପ୍ରମୁଖ ଅଟୋମୋବାଇଲ କମ୍ପାନୀ ହ୍ୟୁଣ୍ଡାଇ ପକ୍ଷରୁ ନୂଆ ଅରା ମଡେଲ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହାକୁ ସ୍ଥାନୀୟ ବକ୍ସିବଜାର ସ୍ଥିତ ଓଏସ୍‌ଏଲ୍ ହ୍ୟୁଣ୍ଡାଇ ଶୋ'ରୁମଠାରେ ଗୁରୁବାର ବଜାର ପ୍ରବେଶ କରାଯାଇଛି। କମ୍ପାକ୍ଟ ସେଡାନ ବର୍ଗରେ ଆସିଥିବା ଏହି ମଡେଲଟିକୁ ଓଡିଆ ଅଭିନେତା ମିହିର ଦାସ ବଜାର ପ୍ରବେଶ କରାଇଥିଲେ। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ନୂଆ ମଡେଲ ଯାନକୁ ବଜାର ପ୍ରବେଶ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା ୧.୦ପେଟ୍ରୋଲ, ୧.୨ କାପା ପେଟ୍ରୋଲ, ୧.୨ ସିଆର୍‌ଡିଆଇ ଡିଜେଲ କ୍ଷମତା ସହ ବିଏସ୍-୬ ମାନକ ଇଞ୍ଜିନ ସହ ଆସିଛି। ନୂତନ ଜ୍ଞାନ କୌଶଳରେ ନିର୍ମିତ ଏହି ମଡେଲରେ ଡବଲ ଡିଆଇଏମ୍ ଲାଇଟ, ୮.୦ର ଟଚ୍ ସ୍କ୍ରିନ, ପ୍ରୋଜେକ୍ଟର ହେଡ ଲ୍ୟାମ୍ପ ଏବଂ କ୍ରୁଜ କଣ୍ଟ୍ରୋଲ ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମରେ ଓଏସ୍‌ଏଲର ଜେନେରାଲ ମ୍ୟାନେଜର ଶୁଭାଶିଷ ଚକ୍ରବର୍ତ୍ତୀ, ଡିଜିଏମ୍ ପ୍ରଶାନ୍ତ ରାୟ, କଷ୍ଟମର ସର୍ଭିସ ମୁଖ୍ୟ ମୌସୁମୀ ଚୌଧୁରୀ, କଷ୍ଟମର ସର୍ଭିସ ମ୍ୟାନେଜର ସୁଜାତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ଭାରତ ମସଲା ପକ୍ଷରୁ ରିଟେଲର ସମ୍ମିଳନୀ



**ଭୁବନେଶ୍ୱର, ୨୩-୧**

ଭାରତ ମସଲା ପକ୍ଷରୁ ବରଗଡର ବରପାଲିସ୍ଥିତ କ୍ୱାଲିଟି ଷ୍ଟୋର ପରିସରରେ ଏହାର ରିଟେଲର୍ସ, ସୂପକାର ଏବଂ ଗ୍ରାହକମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପୁରର ବିଧାୟିକା ରୀତା ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। କ୍ୱାଲିଟି ଷ୍ଟୋରର ସୁରେଶ କୁମାର ଅଗ୍ରୱାଲ ଏବଂ ବରପାଲି ବିତରକ ସଂଘ ଅଧ୍ୟକ୍ଷ ହରିଶ ପନ୍‌ଶାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରତ ମସଲାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଶୁଭ୍ରପ୍ରକାଶ ଦାସ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବରଗଡର ଆନନ୍ଦ ଅଗ୍ରୱାଲ, ସୋନପୁରର ମହେଶ ପ୍ରସାଦ ଭୂତ, ଭାରତ ମସଲା ଅଧିକାରୀ ଦିଲ୍ଲିପ କୁମାର ଦାସ, ଡମ୍ବରୁଧର ସାହୁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ କ୍ୱିଜ୍ ପ୍ରତିଯୋଗିତାରେ ବିବେକ ଚିରାନିଆ, ନରେଶ ଶର୍ମା, ସୁଶାନ୍ତ ଶର୍ମା, ରାଜକୁମାର ସାହୁ ଏବଂ ଅରୁଣ ମହାରଣା ପ୍ରମୁଖ ପୁରସ୍କୃତ ହୋଇଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

ଭାରତ ସରକାରଙ୍କ ନର୍ସିଂ ଓ ଫାୟାର ସେଫଟି ପାଠ୍ୟକ୍ରମ ଓ ନିଯୁକ୍ତି ସୁଯୋଗ
Nursing: OT.TECH, DM.L.T TECH, PHRAMACY, I.C.U, DIALYSIS, E.C.G, G.N.M
Fire Safety: Fire & Safety Engg. Tech., Fire and Industrial Safety Management
Hospital Practical, Hostel, Transport Facility Available Here
KIMS, KHANDAGIRI, BBSR
8658179869 7752094125

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
9518852216, 9548270863
ADDRESS: T-51, GAUTAMPURI, DELHI

CAPITAL FINANCE
CAPITAL ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
9992204863

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ବାବା ଅଲାଉଦ୍ଦିନ ବଙ୍ଗାଳି
କାମ ନ ହେଲେ ଟଙ୍କା ଫେରସ୍ତ
8376889657, 9971793786

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
A To Z Problem Solution
9818298397, 9953959390

BUSINESS
ଭାରତ ସରକାର ଦ୍ୱାରା ମାନ୍ୟତାପ୍ରାପ୍ତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ରେ ଡିଜିଟାଲ ଟାୱର ଲଗାନ୍ତୁ
ଅଗ୍ରିମ - 70ଲକ୍ଷ, ଭଡା-50000 + 20 Years
No. 751/3, Beleghata Main Road Kolkata - 700010, West Bengal, India
Amit Tiwari: - 7429717631

INDUS TOWER COMPANY PVT. LTD
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ:70 ଲକ୍ଷ, ଭଡା: 40 ହଜାର
082784-55157, 073761-01835
ADDRESS: T-51, GAUTAMPURI, DELHI

ଗ୍ଲୋବାଲ ନେଟ୍‌ୱର୍କ କମ୍ପାନୀ
ଅଗ୍ରିମ - 70,00,000/-, ଭଡ଼ା- 70,000/-
Add : T-61, Yamuna Puri Ext. Delhi
Contact 7082322494

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ
ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ମୁଦ୍ରା ଫାଇନାନ୍ସ
89291-25571, 89296-19951
M.P. Nagar, Zone-1, Bhopal, Madhya Pradesh.

ଭାରତୀୟ ମୁଦ୍ରା ଯୋଜନା ଅଧୀନରେ
1% ସୁଧ, 50% ଛାଡ଼
073763-45374, 087219-21764

ଶକ୍ତିର ଦେଖନ୍ତୁ ଚମତ୍କାର
2 ଘଣ୍ଟାରେ 100% ସମାଧାନ
7578028866
ବାବା କବିର ଖାନ
8527425449

ବାବା ଆମିଲ ସୁଫି
7503449786, 8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

CLASSIC FINANCE (Regd No -1125124)
No File Charge No Guarantor
2% ସୁଧ, 30% ଛାଡ
Lane No - 5, MG Road, Bangalore
9532571946, 9455178069

ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
2% ସୁଧ 40% ରିହାତି
7653848464
H.No. 12, Sohana Distt. Mohali

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SHINGHANIA TOWER
R-25/8, Krishna Apartment, MG Road Bengaluru, Karnataka 560076
WhatsApp No 8887184570

HEALTH CARE
ଲୋକସେବା କ୍ଲିନିକ୍
ଡାକ୍ତର ମୋହନ ଚରଣ ନାୟକ
ମୋବାଇଲ-9439043096
Regd No.-D/1307/70/ଓଡ଼ିଶା



“ ନ୍ୟୁଜିଲାଣ୍ଡ ବିପକ୍ଷରେ ଆମେ ଗତବର୍ଷ ଦିନିକିଆ ବିଶ୍ୱକପ୍‌ରେ ପରାଜୟର ପ୍ରତିଶୋଧ ମନୋବୃତ୍ତି ନେଇ ଖେଳିବୁ ନାହିଁ ।

–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



“ ଅଷ୍ଟ୍ରେଲିଆରେ ହେବାକୁଥିବା ଆସନ୍ତା ଟି୨୦ ବିଶ୍ୱକପ୍‌ରେ ଚାପକୁ ହାତେଇ ପାରୁଥିବା ଦଳ ଭଲ ପ୍ରଦର୍ଶନ କରିପାରିବ ।

–ହରମନପ୍ରୀତ କୌର, ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା

# ଭାରତ–ନ୍ୟୁଜିଲାଣ୍ଡ ପ୍ରଥମ ଟି୨୦ ଆଜି

**ଅକଲାଣ୍ଡ,୨୩।୧(ପି.ଟି.)**

ସ୍ଥାନୀୟ ଇଡେନ ପାର୍କ ଗ୍ରାଉଣ୍ଡରେ ଶୁକ୍ରବାର ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜର ପ୍ରଥମ ମୁକାବିଲା ଜିତି ଉଭୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି। ଅଷ୍ଟ୍ରେଲିଆରେ ଆସନ୍ତା ଅକ୍ଟୋବରରେ ଖେଳାଯିବାକୁ ଥିବା ବିଶ୍ୱକପ୍ ପାଇଁ ଏକ ସନ୍ତୁଳିତ ଦଳ ଚୟନ ଉପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଗୁରୁତ୍ୱ ଦେଉଥିବାରୁ ଏହି ସିରିଜ ବେଶ୍ ମହତ୍ତ୍ୱ ରଖୁଛି। ଅନ୍ୟପଟେ ଆଘାତ ସମସ୍ୟା ଦେଇ ଗତି କରୁଥିବା ନ୍ୟୁଜିଲାଣ୍ଡ ମଧ୍ୟ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବ। ଦ୍ରୁତ ବୋଲରଙ୍କୁ ସୁହାଇଥିବା ଏହି ଉଇକେଟରେ ବ୍ୟାଟ୍ସମ୍ୟାନଙ୍କ ପାଇଁ ଅଧିକ ଚ୍ୟାଲେଞ୍ଜ୍ ରହିବ।

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜର ଠିକ୍ ୫ ଦିନପରେ ଏହି ଟି୨୦ ସିରିଜ ଆରମ୍ଭ ହେବାକୁ ଯାଉଛି। ମଙ୍ଗଳବାର ଟିମ୍ ଇଣ୍ଡିଆ ଅକ୍‌ଲାଣ୍ଡରେ ପହଞ୍ଚିଥିଲା। ବୁଧବାର ବିଶ୍ରାମ ନେବା ପରେ ଗୁରୁବାର ଖେଳାଳିମାନେ ନେଟ୍ସରେ ଅଭ୍ୟାସ କରିଥିଲେ। ଏହି ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଭାରତୀୟ ଟିମ ମ୍ୟାନେଜମେଣ୍ଟ ପାଇଁ ଦଳ ଚୟନରେ ଆଶୀର୍ବାଦ ସଦୃଶ ହୋଇଛି। ଖେଳାଳିମାନଙ୍କୁ ନେଇ ଭାରତ ପରୀକ୍ଷା ନିରୀକ୍ଷା କରିବାର ସୁଯୋଗ ପାଇଛି। ଏହା ବିଶ୍ୱକପ୍ ପାଇଁ ଦଳ ଚୟନ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିଛି। ହ୍ୱାଇଟ୍ ବଲ୍ ତାରକା ଶିଖର ଧାୱନ, ହାର୍ଦ୍ଦିକ ପାଣ୍ଡ୍ୟା, ଦୀପକ ଚହର ଓ ଭୁବନେଶ୍ୱର କୁମାର ଆହତ ହୋଇଥିଲେ ମଧ୍ୟ ଦଳ ଭଲ ପ୍ରଦର୍ଶନ କରିଛି ଓ ଭାରତ ବେଞ୍ଚ୍ ଷ୍ଟ୍ରେଙ୍ଗଥକୁ ନେଇ ଏକ୍ସପେରିମେଣ୍ଟ କରିଛି ଓ ଏହି ସିରିଜରେ ମଧ୍ୟ କରିବ।



ଅଭ୍ୟାସ ଅବସରରେ ରୋହିତ ଶର୍ମା।

ଲୋକେଶ ରାହୁଲ ଜବରଦସ୍ତ ଫର୍ମରେ ରହିବା ଭାରତ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି। ଧାୱନଙ୍କ ଅନୁପସ୍ଥିତିରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ମଧ୍ୟ ଭଲ ଖେଳିଥିଲେ। ରୋହିତ ଶର୍ମାଙ୍କୁ ବିଶ୍ରାମ ଦିଆଯାଇଥିବା ସେ ଧାୱନଙ୍କ ସହ ମଧ୍ୟ ଭଲ ପାର୍ଟନରଶିପ୍ ସ୍ଥାପନ କରିଥିଲେ। ପୁଣି ଥରେ ସେ ରୋହିତ ଶର୍ମାଙ୍କ ସହ ଇନିଂସ ଓପନ କରିବେ। ରାହୁଲଙ୍କ ଫର୍ମ ଏବେ ଦଳ ପାଇଁ ବିକଳ୍ପ ସୃଷ୍ଟି କରିଛି ବୋଲି ଅଧିନାୟକ ବିରାଟ କୋହଲି କହିଛନ୍ତି। ରାହୁଲ ବ୍ୟାଟ୍ସମ୍ୟାନ–କିପର ଭୂମିକାରେ ଅବତୀର୍ଣ୍ଣ ହେବେ। ଟି୨୦ ଓ ଦିନିକିଆରେ ସେ କିପିଂ କରିବେ। ଟି୨୦ରେ ସେ ଓପନିଂ କରିବେ। ତେବେ ଦିନିକିଆରେ ସେ ମିଡଲ ଅର୍ଡରରେ ବ୍ୟାଟିଂ କରିବେ। ଏହା ହେଲେ ପୃଥ୍ୱୀ ଶ’ ଦିନିକିଆରେ ଓପନିଂ କରିବାର ସୁଯୋଗ ହାସଲ କରି ପଦାର୍ପଣ କରିବେ। ମିଡଲ ଅର୍ଡରରେ କିଛି ପରିବର୍ତ୍ତନ ହେବ ବୋଲି କୋହଲି ସୂଚନା ଦେଇଛନ୍ତି। ରାହୁଲ କିପିଂ କଲେ ଫିଟ୍‌ନେସ ଫେରି ପାଇଥିବା ରିଷଭ ପନ୍ତ ଅନ୍ତିମ ଏକାଦଶରେ ସ୍ଥାନ ନ ପାଇ ପାରନ୍ତି। ପଞ୍ଚମ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ଭାବେ ମନୀଷ ପାଣ୍ଡେ ଖେଳିବେ ଓ ଶ୍ରେୟାସ ଆୟାର ପୂର୍ବପରି ୪ ନମ୍ବରରେ ବ୍ୟାଟିଂ କରିବେ। ଗୁରୁବାର ପାଣ୍ଡେ, ଆୟାର ଓ ପନ୍ତ ନେଟ୍ସରେ ଏକାଠି ବ୍ୟାଟିଂ କରିବେ। ତେବେ ପ୍ୟାଡଅପ୍ ହୋଇଥିଲେ ମଧ୍ୟ ସଞ୍ଜୁ ସାମସନ ବ୍ୟାଟିଂ କରି ନ ଥିଲେ। ସେ ପ୍ରଥମ ଟି୨୦ ନ ଖେଳି ପାରନ୍ତି। ଯଦି ୫ଜଣ ବୋଲରଙ୍କୁ ନେଇ ଭାରତ ପଡିଆକୁ ଓହ୍ଲାଏ ତେବେ ପନ୍ତ ଓ ପାଣ୍ଡେ ଖେଳିବା ସମ୍ଭାବନା ରହିଛି। ଷଷ୍ଠ ବିକଳ୍ପ ଭାବେ ଶିବମ୍ ଦୁବେ ଖେଳିପାରିନ୍ତି। ୱାଶିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଡେଜା ଦୁଇଟି ଅଲ– ରାଉଣ୍ଡ ବିକଳ୍ପ ଭାବେ ଉଭା ହେବେ।

ଦୁଇ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଗତ ବିଶ୍ୱକପ୍ ପରେ ଏପର୍ଯ୍ୟନ୍ତ ଏକାଠି ହୋଇ ଖେଳିନାହାନ୍ତି ଓ ଏବେ ଖେଳିବେ କି ନା ତାହା ଦେଖିବାକୁ ବାକି ରହିଲା। ଦ୍ରୁତ ବୋଲିଂରେ ମହମ୍ମଦ ସାମି ଓ ଯଶପ୍ରୀତ ବୁମ୍‌ରାଙ୍କୁ ଶାର୍ଦ୍ଦୂଳ ଠାକୁର କିମ୍ବା ନବଦୀପ ସଇନି ସହାୟତା କରିବେ।

ଗତବର୍ଷ ଟି୨୦ ସିରିଜରେ ନ୍ୟୁଜିଲାଣ୍ଡ ଭାରତକୁ ୨–୧ରେ ହରାଇଥିଲା ଓ ଘରୋଇ ଶ୍ରୀଲଙ୍କାକୁ ମଧ୍ୟ ୨–୧ରେ ହରାଇଥିଲା। ଏହାପରେ ଇଂଲଣ୍ଡ ବିପକ୍ଷ ସିରିଜକୁ ୨–୨ରେ ଡ୍ର ରଖିଥିଲା। ଟି୨୦ରେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ରେକର୍ଡ ଭଲ ରହିଛି। କେନ ୱିଲିୟମସନଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ପୁଣି କମାଲ କରିବ ବୋଲି ଆଶା କରାଯାଉଛି। ଗତ ମାସ ଅଷ୍ଟ୍ରେଲିଆଠାରୁ ୩–୦ ନ୍ୟୁଜିଲାଣ୍ଡ ପରାସ୍ତ ହୋଇଥିଲା। ଫଳରେ ଦଳର ଆତ୍ମବିଶ୍ୱାସ ସାମାନ୍ୟ କମ୍ ରହିଛି। ଇଞ୍ଜୁରି କାରଣରୁ ଟ୍ରେଣ୍ଟ ବୋଲ୍ଟ, ଲୋକି ଫର୍ଗୁସନ ଓ ମ୍ୟାନ ହେନେରୀଙ୍କ ଭଳି ଦ୍ରୁତ ବୋଲର ଖେଳିବେ ନାହିଁ। ଫଳରେ ଦଳ ପାଇଁ ପରୀକ୍ଷା ସୃଷ୍ଟି ହୋଇଛି। ଏଠାରେ ପ୍ରଥମ ଦୁଇଟି ଟି୨୦ ଖେଳାଯିବ। ବାଉଣ୍ଡାରି ଛୋଟ ହୋଇଥିବାରୁ ନ୍ୟୁଜିଲାଣ୍ଡ ଦୁଇ ସ୍ପିନର ଇଶ୍ ସୋଧୀ ଓ ମିଚେଲ ସାଣ୍ଟନରଙ୍କୁ ଖେଳାଉଛି କି ନା ତାହା ଦେଖିବାକୁ ବାକି ରହିଲା। ଏହି ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

## ଭାରତ–ନ୍ୟୁଜିଲାଣ୍ଡ ମଧ୍ୟରେ ଆଜି ୩ ମ୍ୟାଚ୍

ଶୁକ୍ରବାର କ୍ରିକେଟ୍‌ର ୩ଟି ବିଭିନ୍ନ ବର୍ଗରେ ଭାରତ ଓ ନ୍ୟୁଜିଲାଣ୍ଡ ଦଳ ପରସ୍ପରକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ସିନିୟର ବିଭାଗରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଶୁକ୍ରବାରଠାରୁ ଅକ୍‌ଲାଣ୍ଡର ଇଡେନ ପାର୍କଠାରେ ଆରମ୍ଭ ହେବ। ସେହିଭଳି ୩ ମ୍ୟାଚ୍‌ବିଶିଷ୍ଟ ଅନ୍‌ଅଫିସିଆଲି ଦିନିକିଆ ମ୍ୟାଚ୍ ଖେଳିବା ଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ–ଏ ଦଳ ବର୍ତ୍ତମାନ ନ୍ୟୁଜିଲାଣ୍ଡ ଗସ୍ତରେ ରହିଛି। ଉଭୟ ଭାରତ–ଏ ଓ ନ୍ୟୁଜିଲାଣ୍ଡ–ଏ ମଧ୍ୟରେ ଦ୍ୱିତୀୟ ଦିନିକିଆ ଶୁକ୍ରବାର ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯିବ। ପ୍ରଥମ ଦିନିକିଆ ଜିତି ଭାରତ–ଏ ସିରିଜରେ ୧–୦ରେ ଅଗ୍ରଣୀ ରହିଛି। ଦିବସର ଅନ୍ତିମ ତଥା ୩ୟ ଭାରତ ଓ ନ୍ୟୁଜିଲାଣ୍ଡ ମ୍ୟାଚ୍ ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଦେଖିବାକୁ ମିଳିବ। ଦକ୍ଷିଣ ଆଫ୍ରିକାରେ ଚାଲିଥିବା ବିଶ୍ୱକପ୍‌ରେ ପ୍ରିୟମ ଗର୍ଗଙ୍କ ନେତୃତ୍ୱରେ ଭାରତ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିସାରିଛି। କିନ୍ତୁ ଗ୍ରୁପ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଭାରତ ଶୁକ୍ରବାର ନ୍ୟୁଜିଲାଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

## ଖେଳାଳି ତାଲିକା

| ଭାରତୀୟ ଦଳ | ନ୍ୟୁଜିଲାଣ୍ଡ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ (ଉଇକେଟକିପର), ମନୀଷ ପାଣ୍ଡେ, ରିଷଭ ପନ୍ତ, ସଞ୍ଜୁ ସାମସନ, ଶ୍ରେୟାସ ଆୟାର, ଶିବମ ଦୁବେ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ଶାମି, ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନି ଓ ୱାଶିଂଟନ ସୁନ୍ଦର। | କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, ରସ ଟେଲର, ସ୍କଟ କୁଗେଲେଜିନ, କଲିନ ମୁନ୍‌ରୋ, କଲିନ ଡି ଗ୍ରାଣ୍ଡହୋମ, ଟମ୍ ବ୍ରୁସ୍, ଡାରିଲ ମିଚେଲ, ମିଚେଲ ସାଣ୍ଟନର, ଟିମ୍ ସେଇଫେର୍ଟ (ଉଇକେଟକିପର), ହାମିଶ ବେନ୍ନେଟ, ଇଶ୍ ସୋଧୀ, ଟିମ୍ ସୌଦି ଓ ବ୍ଲେୟାର ଟିକ୍‌ନର। |

**ସମୟ: ଅପରାହ୍ଣ ୧୨.୨୦, ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ**

## ସଂକ୍ଷେପରେ

### ଆଝାରୁଦ୍ଦିନଙ୍କ ବିରୋଧରେ ଠକେଇ ଅଭିଯୋଗ

ନୂଆଦିଲ୍ଲୀ,୨୩।୧- ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ଓ ଅନ୍ୟ ଦୁଇ ଜଣଙ୍କ ବିରୋଧରେ ୨୧ ଲକ୍ଷ ଟଙ୍କାର ଠକେଇ ଅଭିଯୋଗ ଆସିଛି। କିନ୍ତୁ ଅଭିଯୋଗକୁ ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ (ଏଚ୍‌ସିଏ)ର ମୁଖ୍ୟ ଆଝାରୁଦ୍ଦିନ ଖଣ୍ଡନ କରିଛନ୍ତି। ଏଥିସହ ଅଭିଯୋଗକାରୀଙ୍କ ବିରୋଧରେ ୧୦୦ କୋଟି ଟଙ୍କାର ମାନହାନି ମକଦ୍ଦମା ଦାୟର କରିବା ନେଇ କହିଛନ୍ତି। ମହାରାଷ୍ଟ୍ରର ଔରଙ୍ଗାବାଦର ଦାନିଶ ଟୁର୍ସ ଓ ଟ୍ରାଭେଲ୍ସ ଏଜେନ୍ସି ମାଲିକ ଶାହାବ ଏଫ୍‌ଆଇଆର୍ ଦାଏର କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଆଝାରୁଦ୍ଦିନ ଓ ଅନ୍ୟ ଦୁଇ ଜଣଙ୍କ ପାଇଁ ୨୦.୯୬ ଲକ୍ଷ ଟଙ୍କାର ବହୁ ଅନ୍ତର୍ଜାତୀୟ ଫ୍ଲାଇଟ ଟିକେଟ୍ ବୁକ୍ କରିଥିଲେ। ଗତବର୍ଷ ନଭେମ୍ବରରେ ପ୍ରାୟ ସମସ୍ତ ଟିକେଟ ବୁକ୍ ହୋଇଥିଲା। ବହୁବାର ଆଝାରୁଦ୍ଦିନଙ୍କ ପିଏ ମୁଜିବ ଖାଁଙ୍କୁ ଅନୁରୋଧ କରିବା ପରେ ମଧ ଟଙ୍କା ମିଳି ନ ଥିଲା। କେବଳ ପ୍ରତିଶ୍ରୁତି ଦେଉଥିଲେ। ଏକଦା ପୂର୍ବତନ ଅଧିନାୟକଙ୍କ ପିଏ ସୁଦେଶ ଆୱ୍ୱକାଲ ଏକ ଇ-ମେଲ୍ କରିଥିଲେ, ଯେଉଁଥିରେ ୧୦.୬ ଲକ୍ଷ ଟଙ୍କା ପଠାଯାଇଥିବା ଲେଖାଥିଲା। କିନ୍ତୁ ଟଙ୍କା ଆକାଉଣ୍ଟକୁ ଆସି ନ ଥିଲା। ଆଝାରୁଦ୍ଦିନ, ଖାଁ ଓ ଅୱ୍ୱକଲଙ୍କ ନାମରେ ୪୨୦, ୪୦୬ ଓ ୩୪ ଧାରାରେ ମାମଲା ରୁଜୁ କରାଯାଇଛି।

### ଗୋଟିଏ ପୁଲ୍‌ରେ ଓଡ଼ିଶା, ହକି ଗାଙ୍ଗପୁର

କଟକ ଅଫିସ,୨୩।୧: ଆସନ୍ତା ଜାନୁୟାରୀ ୨୩ରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଝାନସୀଠାରେ ୧୦ମ ସିନିୟର ପୁରୁଷ ଜାତୀୟ ହକି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥି ନିମନ୍ତେ ହକି ଓଡ଼ିଶା ଦଳ ଗୁରୁବାର ଉତ୍ତରପ୍ରଦେଶ ଯାତ୍ରା କରିଛି। ହକି ଓଡ଼ିଶା ପୁଲ-ଡିରେ ସ୍ଥାନ ପାଇଛି। ଏହି ପୁଲରେ ଏୟାର ଇଣ୍ଡିଆ ସ୍ପୋର୍ଟସ ପ୍ରମୋଶନ ବୋର୍ଡ, ହକି କର୍ଣ୍ଣାଟକ ଓ ହକି ଗାଙ୍ଗପୁର ଦଳ ରହିଛନ୍ତି। ୨୫ ତାରିଖରେ ହକି ଓଡ଼ିଶା ଦଳ ଏୟାର ଇଣ୍ଡିଆ ସ୍ପୋର୍ଟସ ପ୍ରମୋଶନ ବୋର୍ଡ ସହ ପ୍ରଥମ ମ୍ୟାଚ୍ ଖେଳିବ। ଘୋଷିତ ଦଳରେ ଦୀପକ ଜନ କେରକେଟା ଅଧିନାୟକ ଅଛନ୍ତି। ସୂଚନା ଥାଉକି, ହକି ଇଣ୍ଡିଆ ଦ୍ୱାରା ପ୍ରଚଳିତ ମେମ୍ବର ୟୁନିଟ(ଏମ୍‌ୟୁ) ପୋର୍ଟାଲରେ ହକି ଓଡ଼ିଶା ଖେଳାଳିଙ୍କ ନାମ ପଞ୍ଜୀକରଣ କରି ନ ଥିବାରୁ ଏହି ସଂଘକୁ ଟୁର୍ନାମେଣ୍ଟରୁ ବାଦ ଦିଆଯିବା ସହିତ ସ୍ଥାୟୀ ସଦସ୍ୟରୁ ସହଯୋଗୀ ସଦସ୍ୟକୁ ଅବନତି ଦିଆଯାଇଥିଲା। ହକି ଓଡ଼ିଶା ପକ୍ଷରୁ ହକି ଇଣ୍ଡିଆର ନିଷ୍ପତ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଟୁର୍ନାମେଣ୍ଟରେ ଭାଗ ନେବା ପାଇଁ ନିବେଦନ କରାଯାଇଥିଲା। ହାଇକୋର୍ଟ ହକି ଓଡ଼ିଶାକୁ ଭାଗ ନେବା ପାଇଁ ଅନୁମତି ଦେବା ପରେ ହକି ଇଣ୍ଡିଆ ନିଜର ମ୍ୟାଚ୍ ସୂଚୀରେ ପରିବର୍ତ୍ତନ କରିଥିବା ଜଣାପଡ଼ିଛି।

ହକି ଓଡ଼ିଶା: ଦୀପକ ଜନ କେରକେଟା(ଅଧିନାୟକ), ସିରିଲ ଗୁଗୁନ, ସୁମନ ବେକ, ସୁଶୀଲ ଧାନୱାର, ପ୍ରସାଦ କୁଜୁର, ପ୍ରକାଶ ଧୀର, ଅଭିଜିତ ସ୍ୱାଇଁ, କ୍ରିଷ୍ଣା ଟିର୍କୀ, ମଙ୍ଗଳ ଲୋହର, ସୁନୀଲ ଜେଜୋ, ଉପେନ୍ଦ୍ର ମାଝି, ଅଜୟ କୁମାର ଏକ୍କା, ପ୍ରଦୀପ ଲାକ୍ରା, ରାଏଡେନ ଟିଡୁ (ଗୋଲରକ୍ଷକ), ସାହିଲ ନାୟକ(ଗୋଲରକ୍ଷକ), ସମୀର ଏକ୍କା, ଲାବଣ ଲୁଗୁନ, ରାହୁଲ ଏକ୍କା। କାଳୁ ଚରଣ ଚୌଧୁରୀ-କୋଚ୍, ପ୍ରଣବ କିଶୋର ପଟ୍ଟନାୟକ-ମ୍ୟାନେଜର।

# ‘ସେହ୍ୱାଗଙ୍କ ମୁଣ୍ଡ କେଶଠାରୁ ମୋର ଧନ ଅଧିକ’



ବୀରେନ୍ଦ୍ର ସେହ୍ୱାଗ ଓ ସୋଏବ ଅଖତର।

**କରାଚୀ,୨୩।୧**

ପାକିସ୍ତାନର ପୂର୍ବତନ ପେସର ସୋଏବ ଅଖତର ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କୁ କଟାକ୍ଷ କରି କହିଛନ୍ତି, ତାଙ୍କ ମୁଣ୍ଡରେ ଥିବା ଚୁଟିଠାରୁ ମୋ ପାଖରେ ଅଧିକ ଧନ ଅଛି। ନିକଟରେ ସୋଏବ ବ୍ୟବସାୟ ପାଇଁ ଭାରତୀୟ ଦଳକୁ ସମର୍ଥନ କରୁଥିବା ସେହ୍ୱାଗ କହିଥିଲେ। ଏହାର ଗୋଟିଏ ଦିନ ପରେ ଏଭଳି ବିବାଦୀୟ ପ୍ରତିକ୍ରିୟା ଦେଇଛନ୍ତି ରାୱଲପିଣ୍ଡି ଏକ୍ସପ୍ରେସ୍। ଏକ ଭିଡିଓ ଶେୟାର କରି ଅଖତର କହିଛନ୍ତି, ସେହ୍ୱାଗଙ୍କ କେଶଠାରୁ ଅଧିକ ଟଙ୍କା ମୋ ପାଖରେ ଅଛି। ସେହ୍ୱାଗଙ୍କୁ ବୁଝିବା ଦରକାର ଯେ, ମୁଁ ୪ଟି ଖବର ଲେଖି ପ୍ରସିଦ୍ଧି ଅର୍ଜନ କରିନାହିଁ। ୧୫ ବର୍ଷ ଧରି କ୍ରିକେଟ ଖେଳି ସମ୍ମାନ ହାସଲ କରିଛି। ମୋ କଥାକୁ ଗୁରୁତ୍ୱ ଦିଆଯାଉଥିବାରୁ ମୁଁ ବହୁତ ଖୁସି। ଭାରତୀୟ ଦଳକୁ ସମର୍ଥନ କରି କିଛି ଭୁଲ କରିନାହିଁ। ଭାରତ ବିଶ୍ୱର ନମ୍ବର ୱାନ ଟିମ୍ ଓ ବିରାଟ କୋହଲି ନମ୍ବର ୱାନ ବ୍ୟାଟ୍ସମ୍ୟାନ। ଏଥିରେ ମୁଁ ଏକମତ। ସେମାନଙ୍କୁ ପ୍ରଶଂସା କରିବା କ’ଣ ମୋର ଭୁଲ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଭିନ୍ନ ଅଭିଜ୍ଞତା

**ଗୌତମ ଗମ୍ଭୀର**

ବିଦେଶ ଟୁର୍ ବିଶେଷ କରି ୱେଷ୍ଟଇଣ୍ଡିଜ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ଭଳି ଦେଶ ଗସ୍ତ କରିବା ବେଳେ ଜଣେ ପ୍ରଫେଶନାଲ କ୍ରିକେଟର ହିସାବରେ ମୁଁ ଦୁଇ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଛି। ପ୍ରଥମଟି ସାଧାରଣ ଏବଂ ଦ୍ୱିତୀୟଟି ମୋର ବ୍ୟକ୍ତିଗତ ଆବିଷ୍କାର, ଯାହାକି ସ୍ୱାଭାବିକ ଆଶା କରାଯାଏ। ୨୦୦୯ରେ ଆମେ ନ୍ୟୁଜିଲାଣ୍ଡ ଟୁର୍‌ରେ ଯାଇଥାଉ। ସେତେବେଳେ ମୋର ଜଣେ ଟିମ୍‌ମେଟ୍ ଗ୍ୟାଷ୍ଟ୍ରିକ୍ ସମସ୍ୟାରେ ପଡ଼ିଥିଲେ। ଟିମ୍ ବୈଠକ, ବସ୍ ଯାତ୍ରା ଏପରିକି ଡ୍ରେସିଂରୁମ୍ ଓ ପଡ଼ିଆରେ ଟିମ୍‌ମେଟ୍‌ଙ୍କ ବାୟୁ ଦୋଷ ଅନୁଭବ କରିହେଉଥିଲା। ଖେଳାଳି ଜଣକ ପାଇଁ ହଜମକାରୀ ସିରପର ବ୍ୟବସ୍ଥା କରାଗଲା। ମାତ୍ର ତାହା କାମ ଦେଲା ନାହିଁ। ଖେଳାଳି ଜଣକ ସଫେଇ ଦେଇ କହିଥିଲେ ଲମ୍ବା ଯାତ୍ରା ଯୋଗୁ ଦେହ ବିଗିଡ଼ି ଯାଇଛି ମୁଁ କ’ଣ କରିବି। ପରବର୍ତ୍ତୀ ମ୍ୟାଚବେଳକୁ ମୁଁ ଠିକ୍ ହୋଇଯାଇଥିବି। ଜଣେ ବ୍ୟାଟ୍ସମ୍ୟାନ କହିଲେ ନାପିଏର୍‌ରେ ମୁଁ ଅଧିକ ସମୟ କ୍ରିଜ୍‌ରେ ରହିବାର କାରଣ ହେଲା ଡ୍ରେସିଂରୁମ୍‌ରେ ସମ୍ପୃକ୍ତ ଗ୍ୟାଷ୍ଟ୍ରିକ୍‌ରେ ପୀଡ଼ିତ ଖେଳାଳିଙ୍କ ଦ୍ୱାରା ସୃଷ୍ଟ ଦୁର୍ଗନ୍ଧ ପରିବେଶ। ଏହା ଦ୍ୱାରା ଟାର୍ଗେଟ ହାସଲ କରିବାରେ ବିଳମ୍ବ ଘଟିବା ସ୍ୱାଭାବିକ। ପରେ ଜଣାପଡ଼ିଥିଲା ଖେଳାଳିଜଣକ ତାଙ୍କ ସ୍ଥାନୀୟ ବନ୍ଧୁଙ୍କ ଦ୍ୱାରା ଅଣାଯାଇଥିବା ଖାଦ୍ୟ ଖାଇ ଗ୍ୟାଷ୍ଟ୍ରିକ୍ ସମସ୍ୟାରେ ପୀଡ଼ିତ ହୋଇଥିଲେ।

ନ୍ୟୁଜିଲାଣ୍ଡ ଟୁର୍ ପୂର୍ବରୁ ଭାରତ ଭଲରୂପେ ପ୍ରସ୍ତୁତ ହୋଇଛି। ଘରୋଇ ଫ୍ଲାଟ ପିଚ୍‌ରେ ବ୍ୟାଟିଂ ସହଜ ହୋଇଥାଏ। ଟି୨୦ରେ ୧୮୦ରୁ ୨୦୦ ରନ ସହଜରେ ସଂଗ୍ରହ ହୋଇ ପାରିଥାଏ। କିନ୍ତୁ ନ୍ୟୁଜିଲାଣ୍ଡ କଥା ଭିନ୍ନ। ସେଠାରେ ବାୟୁ ପ୍ରବାହ ସାଙ୍ଗକୁ ବଲ୍ ସୁଇଙ୍ଗ ଓ ସିମ୍ କରିଥାଏ। ବୋଲରମାନଙ୍କୁ ଏଥିପ୍ରତି ଧ୍ୟାନ ଦେବାକୁ ହୋଇଥାଏ। ବ୍ୟାଟ୍ସମ୍ୟାନଙ୍କୁ ମଧ୍ୟ ଶୀଘ୍ର ସେଠିକା ପରିବେଶ ସହିତ ଖାପ ଖୁଆଇ ଖେଳିବାକୁ ହୋଇଥାଏ। କେଉଁ ପ୍ରକାର ଷ୍ଟ୍ରୋକ୍ ପୁଣି ପଡ଼ିଆର କେଉଁ ଦିଗକୁ ଖେଳିବାକୁ ହେବ ତାହା ସ୍ଥିର କରିବାକୁ ହୋଇଥାଏ। ଶିଖର ଧାୱନ ଆଘାତପ୍ରାପ୍ତ ହୋଇଛନ୍ତି। ତେଣୁ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଦାୟିତ୍ୱ ଅଧିକ। ଅନ୍ତର୍ଜାତୀୟ କ୍ରିକେଟରେ ଅଳ୍ପ ଦିନ ହେଲା ପାଦ ଦେଇଥିବା କେ.ଏଲ୍. ରାହୁଲଙ୍କୁ ତାଙ୍କ ପ୍ରତିଭା ପ୍ରତିପାଦନ କରିବାକୁହେବ। ଶ୍ରେୟାସ ଆୟାର ଓ ମନୀଷ ପାଣ୍ଡେଙ୍କୁ ମଧ୍ୟ। ଏହି ଟୁର୍‌ରେ ବ୍ୟାଟିଂ ଅପେକ୍ଷା ଲିଡରଶିପ୍ କୌଶଳର ପରୀକ୍ଷା ହେବ।

(ଗେମ୍ ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)

#WhatDrivesYou
EXIDE

# ମହିଳା ଫୁଟ୍‌ବଲ ଲିଗ୍‌ରେ ଓଡ଼ିଶା ପୋଲିସ ଦଳ



ଭାରତୀୟ ମହିଳା ଫୁଟବଲ ଲିଗ୍‌ରେ ଭାଗ ନେବାକୁ ଥିବା ଓଡ଼ିଶା ପୋଲିସ ଦଳ।

**କଟକ ଅଫିସ,୨୩।୧**

ଜାନୁୟାରୀ ୨୪ରୁ ଫେବୃୟାରୀ ୧୪ ପର୍ଯ୍ୟନ୍ତ କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଭାରତୀୟ ମହିଳା ଫୁଟବଲ ଲିଗ୍‌ର ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ରାଜ୍ୟର ୧୨ଟି ଦଳ ଭାଗ ନେଉଥିବା ବେଳେ ଓଡ଼ିଶାର ଏକମାତ୍ର ଦଳ ଭାବେ ଓଡ଼ିଶା ପୋଲିସ ଅଂଶଗ୍ରହଣ କରିବ। ଏ ନେଇ ଗୁରୁବାର ଓଡ଼ିଶା ପୋଲିସ ଦଳ ଘୋଷଣା କରାଯାଇଛି। ଏଏଫ୍‌ସି–ବି ଲାଇସେନ୍ସପ୍ରାପ୍ତ କୋଚ୍ ମହମ୍ମଦ ସହିଦ ଜବାର ଦଳର ମୁଖ୍ୟ କୋଚ୍ ଥିବା ବେଳେ ଗାୟତ୍ରୀ ମଲ୍ଲିକ ସହକାରୀ କୋଚ୍ ଓ ସକିନା ନେସା ମ୍ୟାନେଜର ଭାବେ ଦଳରେ ଅଛନ୍ତି। ଦଳର ଅଧିନାୟିକା ହେଉଛନ୍ତି କରିସ୍ମା ଓରାମ୍। ଓଡ଼ିଶା ପୋଲିସ ଗ୍ରୁପ–ବିରେ ସ୍ଥାନ ପାଇଛି। କେନକେର ଏଫ୍‌ସି ବିପକ୍ଷରେ ଆସନ୍ତା ୨୫ରେ ଓଡ଼ିଶା ପୋଲିସ ପ୍ରଥମ ମ୍ୟାଚ୍ ଖେଳିବ।

**ଓଡ଼ିଶା ପୋଲିସ ଦଳ:** ରାଜେଶ୍ୱରୀ ଦାସ, ସୋନାଲି ଓରାମ, ଡିଗି ମାଝି, ପ୍ରଭାସିନୀ ପରିଡ଼ା, ପାର୍ବତୀ କୁଜୁର, ସସ୍ମିତା ବେହେରା, ସିନ୍ଦୁଲତା ସାହୁ, ସ୍ୱର୍ଣ୍ଣପ୍ରିୟା ନାୟକ, ଜବାମଣି ସୋରେନ, ଅନିମା ମଲ୍ଲିକ, ସସ୍ମିତା ଏକ୍କା, ଯଶମଣି ସାମଦ, ହେମା ଖାଖା, ଜ୍ୟୋସ୍ନା ମଲ୍ଲିକ, କରିସ୍ମା ଓରାମ, ଗୋମତି ବାରା, ଆରତୀ ଅନିମା ଖାଡ଼ିଆ, ଟିଙ୍କିନା ସାମଲ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰ତନ୍ମୟ କୁମାର ମିଶ୍ର (ଭାବ)
ରାଧାନାଥପୁର ଶାସନ, ଆଠଗଡ଼, କଟକ
ଆବିର୍ଭାବ : ୦୨.୦୯.୧୯୭୬
ତିରୋଧାନ : ୧୪.୦୧.୨୦୨୦
ବିଦ୍ୟାରେ ପାରଦର୍ଶିତା ଲାଭ କରି କୃତିତ୍ୱର ସହ ବାଙ୍କୀ ହାଇସ୍କୁଲ ଓ ସରାଙ୍ଗ ଇଞ୍ଜିନିୟରିଂ କଲେଜ, କାନପୁର ଆଇଆଇଟି ଓ କଲିକତାସ୍ଥ ଆଇଆଇଏମ୍‌ରୁ ଶିକ୍ଷା ଶେଷ କରି ବାଙ୍ଗାଲୋର ରେ ଆଇଟି କ୍ଷେତ୍ରରେ କାର୍ଯ୍ୟରତ ଥିଲେ, ତାଙ୍କ ଅକାଳ ବିୟୋଗରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର ବର୍ଗ, ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ଆତ୍ମୀୟସ୍ୱଜନ
ଧ–୧୬୩୫୫

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବ୍ରଜ କିଶୋର ମିଶ୍ର
ହାଇଟେକ୍, କଲ୍ୟାଣ ବିହାର
ଭୁବନେଶ୍ୱର
ଆର୍ବିଭାବ - ୩୦.୦୪.୧୯୪୮
ତିରୋଧାନ - ୧୬.୦୧.୨୦୧୮
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ସମୟାନୁବର୍ତ୍ତିତା ଏବଂ ଶୃଙ୍ଖଳିତ ଆଚରଣ ଆମ ଜୀବନର ଚଲାପଥରେ ପାଥେୟ ହୋଇ ରହିବ । ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ଚରଣ କମଳରେ ଶୋକଭରା ହୃଦୟରେ ବିନମ୍ର ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।
-: ଶୋକସନ୍ତପ୍ତ :- ସ୍ତ୍ରୀ ସରୁଲତା ମିଶ୍ର ସମସ୍ତ ବନ୍ଧୁ ବାନ୍ଧବ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ।
ଧ–୫୯୯୪୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ହାରାମଣୀ ସାସମଲ
ଅନନ୍ତପୁର, ଜଗନ୍ନାଥପୁର
ଆବିର୍ଭାବ:୨୮।୦୬।୧୯୩୬
ତିରୋଧାନ: ୦୪।୦୨।୨୦୧୯
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ବନ୍ଧୁ , ପରିବାର ଓ ଆତ୍ମୀୟସ୍ୱଜନ ।
ଧ–୪୬୨୭୫

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଗୌର ମୋହନ ସାହୁ
କୁଜଙ୍ଗ, ଜଗତ୍‌ସିଂହପୁର
ଆବିର୍ଭାବ: ୦୯।୦୮।୧୯୩୫
ତିରୋଧାନ: ୧୪।୦୧।୨୦୨୦
ଆପଣଙ୍କ ବିୟୋଗରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଅପୂରଣୀୟ, ଆମେ ସମସ୍ତେ ଆପଣଙ୍କୁ ହରାଇ ମର୍ମାହତ। ଆପଣଙ୍କର ମାର୍ଗଦର୍ଶନ, ନିଷ୍ଠା, ସଂସ୍କାର, ସ୍ନେହ, ଶ୍ରଦ୍ଧା ଆମର ଚିରପାଥେୟ ହେଉ। ପବିତ୍ର ମହାନ୍ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ, ମା’ ବାସନ୍ତୀ ଦୁର୍ଗା ଓ ନାମାଚାର୍ଯ୍ୟ ବାୟାବାବାଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପତ୍ନୀ: ଭାରତୀ, ପୁତ୍ର: ଶିବ, ନବ, ଝିଅ: କୁନି, ଟୁନି, ଜ୍ୱାଇଁ: ପ୍ରଦୀପ, ବାବୁଲି, ବୋହୂ: ଅନୁ, ଟିକି, ନାତି ଓ ନାତୁଣୀ: ରୋନି, ରିଙ୍କୁ, ରିମା, ପୁନମ୍, ସୋନି, ରୋହନ୍, ଗୁଡ଼ିଆ, ବନ୍ଧୁ ଓ ପରିବାରବର୍ଗ।
ଧ–୧୬୩୫୩

୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଭୁବନେଶ୍ୱର ବରଗଡ ନିବାସୀ ସ୍ୱର୍ଗତ ବିଶ୍ୱନାଥ ବେହେରାଙ୍କର ପୁଣ୍ୟତିଥି ଅବସରରେ ସମସ୍ତ ପରିବାର, ବନ୍ଧୁ ପରିଜନଙ୍କର ବିନମ୍ର ଶ୍ରଦ୍ଧାଞ୍ଜଳି। ସମାଜସେବୀ, ପରୋପକାରୀ, ଧାର୍ମିକ ବ୍ୟକ୍ତି ଭାବେ ଜଣାଶୁଣା। ତାଙ୍କର ଅତୁଳନୀୟ ଅବଦାନ ପାଇଁ ଗ୍ରାମ ଉପକଣ୍ଠରେ ଗଢ଼ି ଉଠିଥିବା ‘ବିଶ୍ୱନାଥ ନଗର’ ତାଙ୍କର ନାମରେ ନାମିତ ହୋଇଛି। ତାଙ୍କର ଏ ମହାନ୍ ଅବଦାନ ପାଇଁ ବିଶ୍ୱନାଥ ନଗରବାସୀଙ୍କ ନିକଟରେ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ। ଆଜିର ଏ ପବିତ୍ର ଦିନରେ ସେହି ପୁଣ୍ୟାତ୍ମାକୁ ଆମର କୋଟି ପ୍ରଣାମ।
ବନ୍ଧୁ ଓ ପରିବାରବର୍ଗ।
ପ୍ରଦୀପ ବେହେରା, ନାତି, ନାତୁଣୀମାନେ
ଧ–୧୬୩୩୫

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ




# ପଦ୍ମପୁରରେ ଚିତାବାଘ ଆତଙ୍କ

ପଦ୍ମପୁର, ୨୩।୧ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଖଲିଆପାଲି ଗ୍ରାମପଞ୍ଚାୟତ ଅଧୀନ ମଣ୍ଡୋମହୁଲ ଗ୍ରାମରେ ଚିତାବାଘ ଆତଙ୍କ ସୃଷ୍ଟି କରିଛି । ଉକ୍ତ ବାଘ ଗୁରୁବାର ଭୋର୍ ସମୟରେ ଗାଁର ମନବୋଧ ସାହୁଙ୍କ ଗାଈକୁ ଆକ୍ରମଣ କରି ମାରିଦେଇଥିବା କୁହାଯାଉଛି । ଗାଁର ଚିନ୍ତାମଣି ମିର୍ଦ୍ଧା ଚିତା ବାଘ ଗାଈକୁ ଆକ୍ରମଣ କରିବା ଦେଖିଥିବା ଗ୍ରାମବାସୀଙ୍କ ଜଣାଇବା ପରେ ଘଟଣା ପଦାକୁ ଆସିଥିଲା। ପଦ୍ମପୁର ବନ ଅଧିକାରୀ ଚିତାବାଘର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିବା ଜଣାପଡିଛି ।




# ବିଲରୁ ନିଖୋଜ ଯୁବତୀଙ୍କ ମୃତଦେହ ମିଳିଲା

କୁତ୍ରା, ୨୩।୧ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଧୀନ ଗୋମାରଡିହି ଦେଇ ଯାଇଥିବା ୧୦ନଂ. ରାଜ୍ୟ ରାଜପଥ କଡରେ ଥିବା ଏକ ଢ଼ାବା ପଛ ବିଲରୁ ଗୁରୁବାର ଜଣେ ଯୁବତୀଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ବଳାତ୍କାର ପରେ ଯୁବତୀଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ସାଇଣ୍ଟିଫିକ୍ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚିହ୍ନଟ ପରେ ପୋଲିସ ମୃତଦେହକୁ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଛି। କନ୍ଧପଡାର କେତେଜଣ ଚାଷୀ ନିଜ ଜମିରେ ହରଡ କାଟୁଥିଲେ। ସେମାନେ ଜଣେ ଯୁବତୀଙ୍କ ଗଳିତ ମୃତଦେହ ବିଲରେ ପଡିଥିବା ଦେଖି କୁତ୍ରା ପୋଲିସକୁ ଖବର ଦେଇଥିଲେ। କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା ପହଞ୍ଚି ତଦନ୍ତ କରିଥିଲେ। ଯୁବତୀଙ୍କ ମୃତଦେହ ପାଖରେ ଏକ ଚପଲ, କ୍ଷୀର ବୋତଲ, ଅନ୍ତଃର୍ବସ୍ତ୍ର ପଡିଥିବା ଦେଖିବାକୁ ମିଳିଥିଲା। ଶରୀର ଉଲଗ୍ନ ଥିଲା । ଯୁବତୀଙ୍କ ଏକ ହାତ କଟାଯାଇ ଅନ୍ୟ ସ୍ଥାନରେ ପଡିଥିଲା। ବଳାତ୍କାର ପରେ ସଂପୃକ୍ତା ଯୁବତୀଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରିଛି। ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ କହିଛି। ଗତ ଡିସେମ୍ବର ୨୮ରୁ କ୍ଷୀର ଆଣିବାକୁ ଯାଇ ଯୁବତୀ ଜଣକ ନିଖୋଜ ଥିଲେ। ଏନେଇ ପରିବାର ପକ୍ଷରୁ କୁତ୍ରା ଥାନାରେ ନିଖୋଜ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା।








ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



# ସାଇନିଂ ଷ୍ଟାର ଶିବିର ଉଦ୍‌ଘାଟିତ

**ବରଗଡ଼ ଅଫିସ୍, ୨୩।୧**

ବରଗଡ଼ ଜର୍ଜ ହାଇସ୍କୁଲରେ ତ୍ରିଦିବସୀୟ ଆବାସିକ ସାଇନିଂ ଷ୍ଟାର ପ୍ରଶିକ୍ଷଣ ଶିବିର ଗୁରୁବାର ଉଦଘାଟିତ ହୋଇଛି । ଆସନ୍ତା ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ଶିବିରକୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜର୍ଜ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୀତାକାନ୍ତ ବଢ଼େଇ, ସାଧନକର୍ମୀ ମନମୋହନ ତ୍ରିପାଠୀ, ଡଃ ଡୋଲାମଣି ଶତପଥୀ, ଭାର୍ଗବ ନାଏକ ପ୍ରମୁଖ ଯୋଗଦାନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଜିଲା ଶିକ୍ଷା ଅଧିକାରୀ କଳ୍ପନା ପଣ୍ଡା, ସମାଜିକ କର୍ମୀ ତଥା ମୋଟିଭେଟର ବିଦ୍ୟୁତ ଦାଶ ପ୍ରମୁଖ ଯୋଗଦେଇ ସାଇନିଂ ଷ୍ଟାର ଛାତ୍ରୀଛାତ୍ରଙ୍କୁ ମାଟ୍ରିକ ପରୀକ୍ଷାରେ ପ୍ରଶ୍ନଗୁଡ଼ିକର ଉତ୍ତର କିଭଳି ଲେଖିବେ ଏବଂ ସଫଳତାର ସହିତ ଜିଲା ପାଇଁ ଗୌରବ ଆଣିବେ, ସେ ନେଇ ବିଭିନ୍ନ ପରାମର୍ଶ, ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ । ଶିବିରରେ ଜିଲାର ବିଭିନ୍ନ ବିଷୟର ସାଧନ କର୍ମୀମାନେ ସାଇନିଂ ଷ୍ଟାର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଆସନ୍ତା ୨୫ତାରିଖରେ ଏହି ଶିବିର ଉଦ୍‌ଯାପିତ ହେବ ।

# ଦିବଂଗତ ସାମ୍ବାଦିକଙ୍କ ସ୍ମୃତିରେ କ୍ୟାଲେଣ୍ଡର ଲୋକାର୍ପିତ

**ବରଗଡ଼ ଅଫିସ୍, ୨୩।୧**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ପାକ୍ଷିକ ପତ୍ରିକା କୋଶଲ ଟାଇମ ପକ୍ଷରୁ ସ୍ଥାନୀୟ ଦିବଂଗତ ସାମ୍ବାଦିକଙ୍କ ସ୍ମୃତିରେ ପ୍ରକାଶିତ କ୍ୟାଲେଣ୍ଡର ୨୦୨୦ ଲୋକାର୍ପିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ସ୍ୱତନ୍ତ୍ର ଅତିଥି, କବି ଦିବ୍ୟକିଶୋର ଦେବତା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସେହିପରି ଚେତନାର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ତଥା ଆଡ଼ଭୋକେଟ ତ୍ରିନାଥ ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ଅତିଥିମାନେ ବରଗଡ଼ର ୮ଜଣ ଦିବଂଗତ ସାମ୍ବାଦିକ ଅମ୍ବିକା ପ୍ରସାଦ ଶର୍ମା, ପ୍ରଫୁଲ୍ଲ କୁମାର ଦାଶ, ବିପିନ ଅଗ୍ରୱାଲ, ରାଧାବଲ୍ଲଭ ମିଶ୍ର, ରୋଶନଲାଲ ଅଗ୍ରୱାଲ, ଶିତିକଣ୍ଠ ପାଢୋଶୀ, ଶାନ୍ତନୁ ବିଶ୍ୱାଳ ଏବଂ ରାକେଶ ସେହଗଲଙ୍କ ସ୍ମୃତିରେ ପ୍ରକାଶିତ କ୍ୟାଲେଣ୍ଡରକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଦିବଂଗତ ସାମ୍ବାଦିକଙ୍କ ନିକଟ ସମ୍ପର୍କୀୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷୟିତ୍ରୀ ପ୍ରବାସିନୀ ହୋତା କାର୍ଯ୍ୟକ୍ରମ ସଂଯୋଜନା ଓ ବରଗଡ଼ ମହିଳା ସମିତି ସଭାପତି ପ୍ରୀତି ଗୁରୁ ମାନପତ୍ର ପଠନ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଏବଂ ଦିବଂଗତ ସାମ୍ବାଦିକଙ୍କ ନିକଟ ସମ୍ପର୍କୀୟମାନେ।



ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଥିବା ଆନ୍ଦୋଳନକାରୀ।

# ଗାଁକୁ ପକ୍କାରାସ୍ତା ଦାବିରେ ଚାଲିଥିବା ଧାରଣା ୩ୟ ଦିନରେ

**କଣ୍ଟାବାଞ୍ଜି, ୨୩।୧(ଡି.ଏନ.ଏ.)**

ତୁରେକେଲା ବ୍ଲକ ଚଟୁଅନକା ପଞ୍ଚାୟତର ବେହେରେନସିଲେଟ ଗାଁକୁ ସବୁଦିନିଆ ରାସ୍ତା ନାହିଁ। ପଞ୍ଚାୟତ, ବ୍ଲକ ସଦର ମହକୁମା ସହ ନିକଟସ୍ଥ କଣ୍ଟାବାଞ୍ଜି ସହରକୁ ଭଲ ରାସ୍ତା ନ ଥିବା ଯୋଗୁଁ କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ଏହି ଧାରଣା ଗୁରୁବାର ୩ୟ ଦିନରେ ପହଞ୍ଚିଛି । ଏହି ଧାରଣାକୁ ସମର୍ଥନ ଜଣାଇ ଗାଁର ସମସ୍ତ ଗ୍ରାମବାସୀଙ୍କ ସହିତ ଅଞ୍ଚଳର ବୁଦ୍ଧିଜୀବୀ, ଆଇନଜୀବୀ ଓ ରାଜନୈତିକ ଦଳର ବ୍ୟକ୍ତିମାନେ ଧାରଣାରେ ସାମିଲ ହୋଇଛନ୍ତି। ଗୁରବାରର ଧାରଣାରେ ଭାଜପା ଜିଲା ସମ୍ପାଦକ ଲକ୍ଷ୍ମଣ ବାଗ, ପୂର୍ବତନ କାଉନସିଲର କାଳିଆ ସୁନା, ଭାଜପା ନେତା ରମାକାନ୍ତ ମହାପାତ୍ର, ନାରୀନେତ୍ରୀ ପିଙ୍କି ଖର୍ସେଲ, ପାର୍ଥମ ବେହେରା ସାମିଲ ହୋଇଥିଲେ। ଲିମାଇ ଚରଣ ମହତଙ୍କ ନେତୃତ୍ୱରେ ଗ୍ରାମବାସୀ ଏହି ଆନ୍ଦୋଳନ ଜାରି ରଖିଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ: ସିଣ୍ଢୋଲକୁ ହରାଇ ରୁକ୍ଷୁଡା ସେମିରେ

**ଉଲୁଣ୍ଡା ୨୩।୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମାଟୁପାଲିଠାରେ ୨୬ତମ ବୀରସୁରେନ୍ଦ୍ର ସାଏ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଖେଳ ପଡିଆରେ ହୋଇଥିବା ଏହି ମ୍ୟାଚରେ ସିଣ୍ଢୋଲକୁ ହରାଇ ଡେଡେନ ବ୍ଲକ ରୁକ୍ଷୁଡା କ୍ରିକେଟ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସଭାପତି ହୃଷିକେଶ ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସିଣ୍ଢୋଲ କଲେଜ ଅଧ୍ୟକ୍ଷ ପବିତ୍ର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ନାରାୟଣ ବଗର୍ତ୍ତୀ, ୱାର୍ଡସଭ୍ୟ ମୁକୁନ୍ଦ ଛୁଟି, ସାମାଜିକ କର୍ମୀ ସନ୍ତୋଷ ଭୁକ୍ତା, ସିଣ୍ଢୋଲ ପଞ୍ଚାୟତର ନାଏବ ସରପଞ୍ଚ ଟଙ୍କଧର କମ୍ପ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ କୁଶ ମାଝୀ ସଂଯୋଜନା କରିଥିଲେ। ପ୍ରଥମ ଲିଗ ମ୍ୟାଚରେ ସର୍ଗୀପାଲି ଦଳ ପ୍ରଥମେ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୬୬ ରନ କରିଥିଲା। ଦଳ ପକ୍ଷରୁ ଟିଙ୍କୁ ସର୍ବାଧିକ ୯ ବଲରେ ୨୧ ରନ କରିଥିଲେ। ଏହାର ଜବାବରେ ସିଣ୍ଢୋଲ ଦଳ ନିର୍ଦ୍ଧାରିତ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ରୁକ୍ଷୁଡା ଦଳ ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୨ ଉଇକେଟ ହରାଇ ୧୫୩ ରନ କରିଥିଲା। ଦଳ ପକ୍ଷରୁ ଅଙ୍କିତ ସର୍ବାଧିକ ୨୯ ବଲରେ ୭୪ ରନ କରିଥିଲେ। ୧୫୪ ରନର ବିଜୟ ଲକ୍ଷ୍ୟ ନେଇ ଖଲିଆପାଲି ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୦ ରନ କରି ପରାଜିତ ହୋଇଥିଲା। ତୃତୀୟ ମ୍ୟାଚରେ ସିଣ୍ଢୋଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୨ ଉଇକେଟ ହରାଇ ୬୨ ରନ କରିଥିଲା। ଦଳ ପକ୍ଷରୁ ଜଗ ସର୍ବାଧିକ ୧୪ ବଲରେ ୨୮ ରନ କରିଥିଲେ। ଜବାବରେ ରୁକ୍ଷୁଡା ଦଳ ୩.୫ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଖେଳକୁ ଦୟାନିଧି ଦେହେରୀ ଓ ନରେନ୍ଦ୍ର ଭୋଇ ପରିଚାଳନା କରିଥିଲେ। ରଘୁନାଥ ପଟ୍ଟନାଏକ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ସମ୍ଭୂରାଜ କର୍ଣ୍ଣଧରା ବିବରଣୀ ପ୍ରଦାନ କରିଥିଲେ।

# ଯୋଗେଶ୍ୱର ଧାମ ଶିବରାତ୍ରି ମେଳା କମିଟି ଗଠିତ

**ଲୋଇସିଂହା, ୨୩।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଯୋଗେଶ୍ୱର ଧାମରେ ଆଗାମୀ ଶିବରାତ୍ରି ମେଳା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ପଧାନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବବର୍ଷର ଆୟବ୍ୟୟ ସମୀକ୍ଷା କରାଯିବ ସହ ଚଳିତ ବର୍ଷ ମେଳାର ରୂପରେଖ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ କମିଟି ଗଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ମେଳା ସଭାପତି ଭାବେ ଦୁଷ୍ମନ୍ତ ପଧାନ, ଉପସଭାପତି ମହେଶ ତ୍ରିପାଠୀ, ସମ୍ପାଦକ ଶ୍ରୀକାନ୍ତ ତ୍ରିପାଠୀ, ସହସମ୍ପାଦକ ସରୋଜ ପଧାନ ଓ କୋଷାଧ୍ୟକ୍ଷଭାବେ ସନକ ପଧାନ, ବୀରବର ପଧାନ ଓ ଶିବଶଙ୍କର ସାହୁଙ୍କୁ ରଖାଯାଇଛି। ନାମଯଜ୍ଞ କମିଟିରେ ସମ୍ପତି ପଧାନ, ଲକ୍ଷବଢ ସାହୁ, ସୁରେଶ ପଧାନ, ଅଜାମିଲ ପଧାନ ପ୍ରମୁଖ ରହିଛନ୍ତି। ସେହିପରି ଅନ୍ନକ୍ଷେତ୍ର କମିଟିରେ ବଟକୃଷ୍ଣ ତ୍ରିପାଠୀ, ବିଭୂତିଭୂଷଣ ପଣ୍ଡାଙ୍କ ସମେତ ରାମଶଙ୍କର ପଣ୍ଡା, ରବୀନ୍ଦ୍ର ତ୍ରିପାଠୀ, ବିପୁଳ ଥନାପତି, ଦେବାଶିଷ ପଣ୍ଡା, ଆନନ୍ଦ ସାହୁ, ଶୋଭନାଥ ପଧାନ ଓ ପ୍ରଶାନ୍ତ ସାହୁ ରହିଛନ୍ତି। ଏହି ଅବସରରେ ବିଭିନ୍ନ ଯଜ୍ଞ କର୍ତ୍ତା ମଧ୍ୟ ମନୋନୀତ ହୋଇଥିଲେ । ମେଳା ଅବସରରେ ଅଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଥିବା କମିଟି ସୂତ୍ରରୁ ପ୍ରକାଶ ।


**ଫର୍ମ ନଂ. ଆଇଏନ୍‌ସି-୨୬**
[କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ ଆଧାରରେ]
**କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ''ଓଡ଼ିଶା ରାଜ୍ୟ''ରୁ ''ଦିଲ୍ଲୀ ଜାତୀୟ ରାଜଧାନୀ କ୍ଷେତ୍ର''କୁ ପରିବର୍ତ୍ତନ କରିବା ପାଇଁ ଖବରକାଗଜରେ ପ୍ରକାଶିତ ହେବାକୁ ଥିବା ବିଜ୍ଞପ୍ତି**
**ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ (କେନ୍ଦ୍ର ସରକାର)ଙ୍କ ସମ୍ମୁଖରେ**
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ର ଉପଧାରା (୪) ଏବଂ କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ର ଉପ-ନିୟମ (୫)ର ଅନୁଚ୍ଛେଦ (କ) ମାମଲାରେ
ଏବଂ
**ଏଆର୍‌ଏସ୍‌ଏସ୍ ବସ୍ ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍**, ପଞ୍ଜୀକୃତ କାର୍ଯ୍ୟାଳୟ: ସି-୭୯, ବିଡିଏ ଡୁପ୍ଲେକ୍ସ, ଏୟାରପୋର୍ଟ ନିକଟ, ପଳାଶପଲ୍ଲୀ, ଭୁବନେଶ୍ୱର, କଟକ, ଓଡ଼ିଶା-୭୫୧୦୨୦ ମାମଲାରେ,
ବାଦୀ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ କମ୍ପାନୀ ସୋମବାର, ଜାନୁୟାରୀ ୧୩, ୨୦୨୦ରେ ଅନୁଷ୍ଠିତ ଅତିରିକ୍ତ ସାଧାରଣ ବୈଠକରେ ଗୃହୀତ ସ୍ୱତନ୍ତ୍ର ସଂକଳ୍ପ ଅନୁଯାୟୀ କମ୍ପାନୀର ସଂସ୍ଥା ଜ୍ଞାପକରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ ଅଧୀନରେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ ଖଣ୍ଡପୀଠ (କେନ୍ଦ୍ର ସରକାର)ଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖିଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ ''ଓଡ଼ିଶା ରାଜ୍ୟ''ରୁ ''ଦିଲ୍ଲୀ ଜାତୀୟ ରାଜଧାନୀ କ୍ଷେତ୍ର''କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।

କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ **ଏମ୍‌ସିଏ-୨୧ ପୋର୍ଟାଲ (www.mca.gov.in)ରେ ନିବେଶକ ଅଭିଯୋଗ ଫର୍ମ ଦାଏର କରିପାରିବେ** କିମ୍ବା ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଇ ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ମାଧ୍ୟମରେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, ନିଜାମ ପ୍ୟାଲେସ୍, II ଏମ୍‌ଏସ୍‌ଓ ବିଲ୍ଡିଂ, ୩ୟ ମହଲା, ୨୩୪/୪, ଏ.ଜେ.ସି. ବୋଷ ରୋଡ୍, କୋଲକାତା ୭୦୦୦୨୦ ଠିକଣାରେ ଏହି ନୋଟିସ ପ୍ରକାଶନ ତାରିଖରୁ ୧୪ ଦିନ ମଧ୍ୟରେ ପଠାଇବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ଉପରୋକ୍ତ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପ୍ରେରଣ କରିବେ।

**ଏଆର୍‌ଏସ୍‌ଏସ୍ ବସ୍ ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍**
**ପାଇଁ ଏବଂ ତରଫରୁ**
**ସ୍ୱା./-**
**ପ୍ରିୟା ପଖାରେ**
**କମ୍ପାନୀ ସେକ୍ରେଟାରୀ**
**ଏଫ୍‌ସିଏସ୍: ୭୮୦୫**

**ତାରିଖ: ୨୩।୦୧।୨୦୨୦**
**ସ୍ଥାନ: ମୁମ୍ବାଇ**



ମୋ ସରକାର ☎14545
FICCI
DSPL-244

# କୃଷି ଓଡ଼ିଶା

**୨୦-୨୪ ଜାନୁଆରୀ, ୨୦୨୦**
ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା

**ଉଦ୍‌ଯାପନୀ ଉତ୍ସବ**
୨୪ ଜାନୁଆରୀ, ୨୦୨୦ (ଶୁକ୍ରବାର)
ସନ୍ଧ୍ୟା ୬ ଘଟିକା

**ମୁଖ୍ୟ ଅତିଥି**
**ପ୍ରଫେସର ଗଣେଶୀ ଲାଲ**
ମହାମହିମ ରାଜ୍ୟପାଳ, ଓଡ଼ିଶା

**ସମ୍ମାନିତ ଅତିଥି**
**ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା**
ମାନ୍ୟବର ମନ୍ତ୍ରୀ, ବିଜ୍ଞାନ ଓ ପ୍ରଯୁକ୍ତ ବିଦ୍ୟା, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା
**ଡଃ ପବନ କୁମାର ଅଗ୍ରୱାଲ**
କୁଳପତି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

**ସଭାପତି**
**ଡଃ ଅରୁଣ କୁମାର ସାହୁ**
ମାନ୍ୟବର ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଉଚ୍ଚ ଶିକ୍ଷା, ଓଡ଼ିଶା

**ସ୍ୱାଗତ ଭାଷଣ**
**ଡଃ. ସୌରଭ ଗର୍ଗ, ଭା.ପ୍ର.ସେ.**
ପ୍ରମୁଖ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

**ଧନ୍ୟବାଦ ଅର୍ପଣ**
**ଡଃ ଏମ୍. ମୁଥୁକୁମାର, ଭା.ପ୍ର.ସେ.**
କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଓଡ଼ିଶା

**କୃଷି ପ୍ରଦର୍ଶନୀ, ଆଲୋଚନା ଚକ୍ର, କୃଷକ-ବୈଜ୍ଞାନିକ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆପଣମାନଙ୍କୁ ସାଦର ନିମନ୍ତ୍ରଣ**

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
01034/13/0045/1920



DADLS-92

**ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ**
୨୪ ଜାନୁଆରୀ, ୨୦୨୦



ସମୟ - ସକାଳ ଘ.୭.୩୦.ମି.
ମ୍ୟୁଜିୟମ୍ ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ ।

**ସାଧାରଣ ସଭା**
ସମୟ - ସଂଧ୍ୟା ଘ.୫.୩୦ ମିନିଟ୍ | ସ୍ଥାନ - ଜୟଦେବ ଭବନ

ମୁଖ୍ୟ ଅତିଥି - **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି - **ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ,**
ମାନ୍ୟବର ବିଧାୟକ
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ,**
ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ
**ଡଃ. ଲେନିନ୍ ମହାନ୍ତି,**
ସମ୍ପାଦକ, ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ

ମୁଖ୍ୟବକ୍ତା - **ଶ୍ରୀଯୁକ୍ତ ଓମ୍ ପ୍ରକାଶ,**
ଖ୍ୟାତନାମା ସ୍ତମ୍ଭକାର ଓ ସାମ୍ବାଦିକ

**କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।**

**ସ୍ୱରସୁଧା** ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା **ନାଟକ ବକ୍ସି ଜଗବନ୍ଧୁ** ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି ଉତ୍ସବରେ ଯୋଗ ଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0127/1920



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
-ଗୀତା



## ସଂକ୍ଷେପରେ

### ଆଜିଠୁ ସିନିୟର କ୍ଲବ କ୍ରିକେଟ ପଞ୍ଜୀକରଣ

**ବରଗଡ଼ ଅଫିସ୍,୨୩ା୧:** ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଭିଜନ ୨୦୨୪ର ଜିଲା ଆନ୍ତଃ କ୍ଲବ ସିନିୟର ପ୍ରତିଯୋଗିତା ପାଇଁ ଖେଳାଳି ପଞ୍ଜୀକରଣ ୨୪ତାରିଖ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିରେ ଭାଗନେବା ପାଇଁ ଇଚ୍ଛୁକ କ୍ଲବ, ଅନୁଷ୍ଠାନ ଦଳ ଖେଳାଳିଙ୍କ ବୟସ ପ୍ରମାଣପତ୍ର, ହାଇସ୍କୁଲ ପାସ ସାର୍ଟିଫିକେଟ୍, ଆଧାର କାର୍ଡ଼, ଫଟୋ ସହିତ ପଞ୍ଜୀକରଣ କରାଇନେବାକୁ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୨୬ତାରିଖ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ଏହା ଚାଲିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତାର ପ୍ରତ୍ୟେକ କ୍ଲବ, ଅନୁଷ୍ଠାନ ଦଳରେ ସିନିୟର ଖେଳାଳିଙ୍କ ସହିତ ୬ଜଣ ୨୩ବର୍ଷରୁ କମ୍ ଖେଳାଳି ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ଫଳରେ ଏ ନେଇ ନିର୍ଦ୍ଧାରିତ ସମୟ ସୁଦ୍ଧା କ୍ଲବ, ଅନୁଷ୍ଠାନ କିମ୍ବା ଇଚ୍ଛୁକ ଖେଳାଳିମାନେ ସିଧାସଳଖ ଯୋଗାଯୋଗ କରି ପାରିବେ ବୋଲି ଜିଲା କ୍ରିକେଟ ଆସୋସିଏଶନର ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା ଜଣାଇଛନ୍ତି ।

### କାଦୋବାହାଲ କଲେଜର ବାର୍ଷିକ କ୍ରୀଡା ଉଦ୍‌ଯାପିତ

**ଅତାବିରା, ୨୩ା୧ (ଡି.ଏନ.ଏ)** ଅତାବିରା ବ୍ଲକ କାଦୋବାହାଲ କଲେଜର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କଲେଜ ଅଧକ୍ଷ ସୁରେନ୍ଦ୍ର କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ଅତାବିରା କଲେଜର ଅଧାପକ ପରମାନନ୍ଦ ରଥ ମୁଖ୍ୟଅତିଥି, ଅଧାପକ ଅରବିନ୍ଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବାଳିକା ବିଭାଗରେ ଅନୀତା କର୍ଣ୍ଣ ଓ ବାଳକ ବିଭାଗରେ ଅମୂଲ୍ୟ ଲୁହା ଓ ପ୍ରବୀଣ କୁମାର ଚାମ୍ପିୟନ ହୋଇଥିଲେ। ହୃଷିକେଶ ଦାଶ, ଅମିତ ମହାରଣା, ପ୍ରତିମା ପଣ୍ଡା, କ୍ରୀଡା ଶିକ୍ଷକ ଶିବଶଙ୍କର ପାଢ଼ୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜର ସମସ୍ତ ଅଧାପକ, କର୍ମଚାରୀ, ଛାତ୍ରୀଛାତ୍ର ସହଯୋଗ କରିଥିଲେ । ଶେଷରେ ହୃଷିକେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁଇ ବରପୁତ୍ରଙ୍କ ଜୟନ୍ତୀ ପାଳିତ

**ବିଜେପୁର,୨୩ା୧ (ଡି.ଏନ.ଏ):** ବିଜେପୁର ବ୍ଲକ ଲାଉମୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଯଯାତି ମିଶ୍ରଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। କବି ଜଗତଜ୍ଜୀବନ ରାମ ଡନସନା ଦୁଇ ବରପୁତ୍ରଙ୍କ ସ୍ମୃତିଚାରଣ କରିବା ସହ ଜଣେ ସୁନାଗରିକର ସାମାଜିକ ଉତ୍ତର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଇପସିତା ହୋତା, ପ୍ରଶାନ୍ତି ପଧାନ, ପୂଜା ପାଣିଗ୍ରାହୀ, ବିଶ୍ୱେଶ୍ୱର, ଅମନ, ଲୋକନାଥ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସୁବାଷ ଭୋଇ ସମାରୋହ ସଂଯୋଜନା କରିଥିଲେ। ଘନଶ୍ୟାମ ଡନସନା ଧନ୍ୟବାଦ ଅର୍ପଣ କରିଥିଲେ।



ସିମେଣ୍ଟ ନଗର ବିକାଶ ସ୍କୁଲରେ ଛାତ୍ରମାନେ ନେତାଜୀ, ସୁରେନ୍ଦ୍ର ସାଏ ବେଶଭୂଷାରେ ସଜ୍ଜିତ ହୋଇଛନ୍ତି।



ବରଗଡ଼ ଜିଲାପାଳ ଓ ଅନ୍ୟ ଅଧିକାରୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

# ଦେଶ ମାତୃକାର ସେବା ପାଇଁ ଆହ୍ୱାନ

**ବରଗଡ଼ ଅଫିସ୍,୨୩ା୧**

ବରଗଡ଼ର ବିଭିନ୍ନ ସ୍ଥାନରେ ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଛି। ଏହି ଅବସରରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସ୍ଥାନୀୟ ଗାନ୍ଧୀଛକ ସ୍ଥିତ ବୀର ସୁରେନ୍ଦ୍ର ସାଏ, ମହାତ୍ମା ଗାନ୍ଧୀ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ସହିତ ଦେଶ ମାତୃକା ପ୍ରତି ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ସମେତ ଅନ୍ୟ ମହାପୁରୁଷଙ୍କ ଅବଦାନ ସମ୍ପର୍କରେ ଉଲ୍ଲେଖ କରି ସେମାନଙ୍କ

**ନେତାଜୀ, ବୀର ସୁରେନ୍ଦ୍ର ସାଏ ଜୟନ୍ତୀ**

ପ୍ରେରଣାରେ ଦେଶ ସେବା କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

ରାଣାପ୍ରତାପ ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଛାତ୍ରୀଛାତ୍ର ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିଚାରଣ କରିଥିଲେ। ଶିକ୍ଷୟିତ୍ରୀ ମନୋରମା ଷଡ଼ଙ୍ଗୀ, ଜ୍ୟୋତ୍ସ୍ନା ସାହୁ, ସୁନୀତା ମିଶ୍ର, ନନ୍ଦିତା ସାହୁ, ତପସ୍ୱିନୀ ତ୍ରିପାଠୀ, ପ୍ରଭାତୀ ସାହୁ ପ୍ରମୁଖ ଉଭୟ ମହାପୁରୁଷଙ୍କ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସୁଧାଂଶୁ ସାହୁ ଧନ୍ୟବାଦ ଦେଇଥିଲେ। ସିମେଣ୍ଟନଗର ସ୍ଥିତ ଏସିସି ବିକାଶ ଇଂରାଜୀ ମାଧ୍ୟମ ସ୍କୁଲରେ ଅଧ୍ୟକ୍ଷ ସନାତନ ମହାପାତ୍ର, ଛାତ୍ରୀ ହଂସିତା ପାତ୍ର, ଛାତ୍ର ପ୍ରବୀଣ ସାହୁ ବକ୍ତବ୍ୟ ରଖି ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରମାନେ ନେତାଜୀ, ବୀର ସୁରେନ୍ଦ୍ର ସାଏ ବେଶରେ ସଜ୍ଜିତ ହୋଇଥିଲେ। ଛାତ୍ର ଅଭିନାଶ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାସାଗର ଏକାଡ଼େମୀରେ ଅନୁଷ୍ଠାନର ଚେୟାରମ୍ୟାନ ବଳରାମ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନିର୍ଦ୍ଦେଶକ ଜୟଦେବ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନିର୍ଦ୍ଦେଶିକା ସୁଧା ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ହିନ୍ଦୀ ବିଭାଗ)ରେ ପ୍ରଧାନ ଆଚାର୍ଯ୍ୟ ଦିଲୀପ ସାଥୁଆ ଅଧ୍ୟକ୍ଷତା କରିଥିଲେ। ଗୁରୁଜୀ ଡୋଲାମଣି ଥପା ବକ୍ତବ୍ୟ ରଖିଥିବାବେଳେ ସମସ୍ତ ଗୁରୁମା, ଗୁରୁଜୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏବିଭିପି, ବରଗଡ଼ ଶାଖା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ମାଣିକେଶ୍ୱର ବାଗ, କିଶୋର ବିଭାର, ମୃତ୍ୟୁଞ୍ଜୟ ମହାରଣା, ପାର୍ଥ ଜାନୀ ପ୍ରମୁଖ ଯୋଗ ଦେଇଥିଲେ। ହେମରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପ୍ଳବୀଙ୍କ ସାଧନା ପ୍ରେରଣାର ଉତ୍ସ

**ଅମ୍ବାଭୋନା, ୨୩ା୧ (ଡି.ଏନ.ଏ):** ବରଗଡ ଜିଲା ଅମ୍ବାଭୋନା ବ୍ଲକ ଭୁକ୍ତା ବସଷ୍ଟାଣ୍ଡରେ ନେତାଜୀ ଯୁବକ ଆନୁକୂଲ୍ୟରେ ଏକ ବୃହତ ନେତାଜୀ ବ୍ରୋଞ୍ଜ ପ୍ରତିମୂର୍ତ୍ତି ବରଗଡ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟଙ୍କ କରକମଳରେ ଉଦଘାଟିତ ହୋଇଛି। ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପଧାନ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ଅର୍ପଣ କରିଥିଲେ। ଏହି ଅବସରରେ ମୋହନଲାଲ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ନେତାଜୀ ଜୟନ୍ତୀ ସଭାରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆଚାର୍ଯ୍ୟ ମୁଖ୍ୟଅତିଥି, ବ୍ୟଙ୍ଗକବି ମନୋରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀଙ୍କ ସାଧନା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପଧାନ ନେତାଜୀଙ୍କୁ ନିର୍ଭିକ ଓ ଅମ୍ଳାନ ବ୍ୟକ୍ତିତ୍ୱର ଅଧିକାରୀ ବୋଲି ବର୍ଣ୍ଣନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅମ୍ବାଭୋନା ତହସିଲଦାର ସଦାକର କୁମ୍ଭାର, ବ୍ଲକ ଅଧ୍ୟକ୍ଷା ନୀଳ କୁମାରୀ ନାୟକ, ଉପାଧ୍ୟକ୍ଷ ଠାକୁରରାମ ପଟେଲ, ଗୌରୀଶଙ୍କର ଅଗ୍ରୱାଲ, ଡ. ଚିନ୍ତାମଣି ପଟେଲ, ଫକୀର ମୋହନ ପଟେଲ, ଜୟଲାଲ ପଟେଲ, ଛବିଲାଲ ପଟେଲ, ଭାବଗ୍ରାହୀ ପଟେଲ, ବଳରାମ ପଟେଲ, ମେଘନାଦ ପଟେଲ, ପ୍ରେମକିଶୋର ପଟେଲ, ତାରାଚନ ପଟେଲ, ନିରଞ୍ଜନ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରତିମୂର୍ତ୍ତି ଶିଳ୍ପୀ ଗୋପାଳକୃଷ୍ଣ ଭୋଇ ଏବଂ ରାଜମିସ୍ତ୍ରୀ ଧର୍ମେନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିନ୍ଦୀ ଶିକ୍ଷକ ରାଧେଶ୍ୟାମ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଡ. ଚିନ୍ତାମଣୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ନେତାଜୀ ଯୁବକ ସଂଘ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା।



ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରତିମର୍ତ୍ତି ଅନାବରଣ କରୁଛନ୍ତି।

# ନୃସିଂହନାଥରେ ବୁଡ଼ ପକାଇଲେ ଧନୁଯାତ୍ରା କଳାକାର

**ପାଇକମାଳ, ୨୩ା୧ (ଡି.ଏନ.ଏ)**

ବରଗଡ ଜିଲା ଭଟଲି ବ୍ଲକ ନୂଆଗଡ ଧନୁଯାତ୍ରାରେ ମହାରାଜ କଂସଙ୍କ ସମେତ ମନ୍ତ୍ରୀ କଳାକାରଗଣ ଗୁରୁବାର ପାପ ଛଡାଇବା ପାଇଁ ଶ୍ରୀ ନୃସିଂହନାଥ ପାପହାରିଣୀ ଝରଣାରେ ବୁଡ ପକାଇଛନ୍ତି। ଜାନୁୟାରୀ ୧୬ ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଧନୁଯାତ୍ରାରେ ମହାରାଜ କଂସ ଓ ଅନ୍ୟ କଳାକାରମାନେ ଶ୍ରୀକୃଷ୍ଣଙ୍କ ପ୍ରତି ବିଭିନ୍ନ କଟୁ ଶବ୍ଦ ବ୍ୟବହାର ସହ ଅନ୍ୟାୟ ଅତ୍ୟାଚାର କରିଥିବାରୁ ପାପ ମୋଚନ କରିବା ପାଇଁ ପ୍ରତିବର୍ଷ ନୃସିଂହନାଥକୁ ଆସିଥାନ୍ତି । କଂସ ଭୂମିକାରେ ଆଶାରାମ ଖମାରୀ, ମନ୍ତ୍ରୀ ବୈରାଗୀ ସାହୁ, ସୁନାଶ ରାଜ କୁମାର ସାହୁ, ଜୟନ୍ତ ସାହୁ, ଗୋପାଳ ଖମାରୀ, ଭୀଷ୍ମଦେବ ପଶାୟତ, ପରମାନନ୍ଦ ସାହୁ ପ୍ରମୁଖ ମନ୍ତ୍ରୀ ପରିଷଦ ବୁଡ ପକାଇ ମାର୍ଜାର କେଶରୀ ନୃସିଂହନାଥକୁ ଦର୍ଶନ କରିଥିଲେ ।



କଳାକାରମାନେ ନୃସିଂହନାଥ ଝରଣାରେ ବୁଡ ପକାଉଛନ୍ତି।

# କଥା ଦେଇ ପାସ୍‌ରି ଦେଲା ପରଶାସନ

**ଗଣ୍ଡତୁରୁମ, ୨୩ା୧ (ଡି.ଏନ୍.ଏ.)**

ବରଗଡ଼ ଜିଲା ଭେଡ଼େନ୍ ବ୍ଲକ ମହୁଲପାଲି ପଁଚେତ୍ ଅଧୀନ ବ୍ରାହ୍ମଣତୁରୁମ ଗାଁର ସୁରେଖା ମେହେର(୪୫)। ସେ ଆଏଜ୍‌କେ ୨ ବଛର ହେଲା ରୋଗ୍‌ରେ ଶଢୁଛନ୍। ଇ ବାବ୍‌ଦେ ଗଲା ଡିସେମ୍ବର ୩୦ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଜିଲାପାଳ ଜ୍ୟୋତିରଞ୍ଜନ ପଧାନକଁର ନିରଦେଶରେ ଗଲା ୮ ତାରିଖ ଭେଡ଼େନ ତହସିଲଦାର ସୀମା ସୁନିତା କୁଲୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡା.ସୁଶାନ୍ତ କର, ପିଏଚ୍‌ଇଓ ବିହାରୀ ବାରିକ, ଗଣ୍ଡତୁରୁମ ରାଜସ୍ୱ ନିରୀକ୍ଷକ ଇନ୍ଦ୍ର କୁମାର ବାଦୀ ପରମୁଖ ସୁରେଖାକଁର ଘରେ ପୁହୁଁଚି ତାକର ହାଲ୍‌ଚାଲ ପଚାରି ବୁଝିଥିଲେ। ସେ ଠିକ୍ ହେବାର ତକ୍ ସବୁ ଚିକିତ୍ସା ଖରଚ୍ ପରଶାସନ ବହନ୍ କରବା ବଲି କଥା ଦେଇଥିଲେ। ତାର ଆରଦିନ ଝନେ ସ୍ୱାସ୍ଥ୍ୟ କରମଚାରୀ ତାକର ତାକର ଘରକେ ଯାଇ ଗୁଡ଼ାଦୁ ଆଇରନ୍, ଆଣ୍ଟାସିଡ ବଟିକା ଦେଇଥିଲେ। ହେଲେ ସେ ବଟିକା ଖାଏଲାରୁ ତାକର ତରଲ ଝାଡ଼ା ହେଇଥିଲା। ପରିବାର ଲୋକ୍ ଡର୍‌ହେ ସେ ଉଷୋ ଦେବାର ବଁଦ୍ କରିଦେଇଥିଲେ। ପରଶାସନ ଏତ୍‌କିରେ ନିଜର କରତବ୍ ପୂରା କରି ଚୁପ୍‌ମାରି ବସିଥିବାର ଗାଁବାସୀ ଅଭିଯୋଗ କରିଛନ୍। ପୂରବର ସୂଚନା ଅନ୍‌ସାରେ ଆପ୍‌ନେ ସରଜୁ, ୨ ଝିଁ ଆର ଗୁଟେ ପୁଓକେ ନେଇ ସୁରେଖାକଁର ସଁସାର। ଗଲା ୨୦୧୭ ସାଲେ ସୁରେଖା ଛାତ ଉପରକେ ଧାନ ଶୁଖାବାକେ ଯାଇ ପାଉଡ୍‌ରୁ ଖସରି ପଡ଼ି ତଲେ ଅଚେତ ହେଇ ପଡ଼ିଥିଲେ। ପରିବାର ଲୋକ୍ ତାହାକୁ ଉଧାର କରି ବୁର୍ଲା ଡାକ୍‌ତରଖାନା ନେଇଥିଲେ। ହେଲେ ବୁର୍ଲା ଡାକ୍ତର ସୁରେଖାକୁଁ କଟକ ବଡ଼ ଡାକ୍‌ତରଖାନାକେ ପରାମଶ ଦେଇଥିଲେ। ଏନ୍‌ତାଥି ପରିବାର ଲୋକ୍ ସୁରେଖା ଜଲଦି ଭଲ ହେବେ ଭାବି ଜମିବାଡ଼ି, ଗହନାଗାଁଠି, ଘରର ଜିନିଷପତର ଗହନା କରି ତାହାକୁ କଟକର ଗୁଟେ ନର୍ସିଂହୋମରେ ଭରତି କରିଥିଲେ। ହେଲେ ସେଠାକେ ଖରଚ୍ ତୁଲେଇ ନାଇଁପାରି କରି ସୁରେଖାକୁଁ କଟକ ବଡ଼ ଡାକ୍‌ତରଖାନାରେ ଭରତି କରିଥିଲେ। ହେଲେ ସେଠାନେ ବି ଡାକ୍‌ତର ତାକର ଉଚ ଚିକିତ୍ସା ଦରକାର ଆର ଇଥିରଲାଗି ବହୁତ୍ ଟଁକା ଲାଗ୍‌ବା ବଲି କହିଥିଲେ। ଏନ୍‌ତାଥି ପରିବାର ଲୋକ୍ ଟଁକା ପଏସା ଅଭାବୁ ମୁହୁଁକାନ ଶୁଖେଇ ସୁରେଖାକୁଁ ଘରକେ ଫିରେଇ ଆନ୍‌ଲେ। ସେଦିନ୍‌ଠାନୁ ଆଏଜ୍‌କେ ୨ ବଛର ହେଲା ସୁରେଖା ଖଟେ ପଡ଼ିରହିଛନ୍। ଇ ବାବ୍‌ଦେ ଗଲା ଡିସେମ୍ବର ୩୦ ତାରିଖ୍ ଧରିତ୍ରୀରେ ନିକିନିଖିନୁ ଖବର ବାହାରିଥିଲା। ଖବର ବାହାରଲାରୁ ପରଶାସନ ସୁରେଖାକଁର ଘରେ ପୁହୁଁଚି ତାହାକୁ କେତେ ସାଧାରନ ଉଷୋକଷା ଦେଇ ନିଜର କରତବ୍ ସାରିଦେଇଛେ। ଏନ୍‌ତାଥି ପରିବାର ଲୋକ୍ ଉପେ ଶୂଇନ୍ ହେଇ ଭଗବାନ ଭରସାରେ ରହିଛନ୍। ଇ ଦିଗେ ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକେ ସୁରେଖାକଁର ପରିବାର ଲୋକ୍ ନିବେଦନ କରିଛନ୍।

**ଭଗବାନ ଭରସାରେ ସୁରେଖା**

# ହିରୋ ମୋଟୋକର୍ପ ବି.ଏସ୍-୬ ବାଇକ୍‌ର ବଜାର ପ୍ରବେଶ

**ବରଗଡ଼ ଅଫିସ୍,୨୩ା୧**

ଦେଶର ଅଗ୍ରଣୀ ମୋଟର ସାଇକେଲ ନିର୍ମାତା ହିରୋ ମୋଟୋକର୍ପର ସ୍ଥାନୀୟ ଅଧିକୃତ ବିକ୍ରେତା ଆକାଶ ମୋଟର୍ସରେ ଗୁରୁବାର ପ୍ରତୀକ୍ଷିତ ଭାରତ ଷ୍ଟେଜ (ବି.ଏସ-୬) ଇଞ୍ଜିନ ବିଶିଷ୍ଟ ପ୍ରଥମ ବାଇକ୍‌ସ୍ପ୍ଲେଣ୍ଡର ଆଇ ସ୍ମାର୍ଟ ଏବଂ ଏଚ୍.ଏଫ୍ ଡିଲକ୍ସର ବଜାର ପ୍ରବେଶ ହୋଇଯାଇଛି। ଭଟଲି ରୋଡ୍ ସ୍ଥିତ ଆକାଶ ହିରୋ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀ ପକ୍ଷରୁ ଜୋନାଲ ମ୍ୟାନେଜର ବି. ସ୍ୱାମୀନାଥନ, ଏରିଆ ମ୍ୟାନେଜର ଅବଦୁଲ ଆହଦ, ଟିଏସଏମ ହିମାଂଶୁ ରାୟ, ଆକାଶ ମୋଟର୍ସର ନିର୍ଦ୍ଦେଶକ କିଶନଲାଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ବିଧିବଦ୍ଧ ଭାବେ ବି.ଏସ୍-୬ ଇଞ୍ଜିନ ବିଶିଷ୍ଟ ଉଭୟ ସ୍ପ୍ଲେଣ୍ଡର ଆଇ ସ୍ମାର୍ଟ ଏବଂ ଏଚ୍ ଏଫ୍ ଡିଲକ୍ସ ବାଇକ୍‌କୁ ଲୋକାର୍ପିତ କରିଥିଲେ। ଏହି ପରିପ୍ରେକ୍ଷୀରେ ସୋ ରୁମ୍ ମ୍ୟାନେଜର ବସନ୍ତ କୁମାର ସାହୁ ଉଭୟ ବାଇକ୍‌ର ବିଶେଷତ୍ୱ ତଥା ଗୁଣବତ୍ତା ସମ୍ପର୍କରେ ଉପସ୍ଥିତ ଶୋ ରୁମ୍ କର୍ମଚାରୀ ଏବଂ ଗ୍ରାହକମାନଙ୍କୁ ଅବଗତ କରାଇଥିଲେ। ଆସନ୍ତା ଏପ୍ରିଲ ପହିଲାରୁ ଭାରତ ସରକାରଙ୍କ ଦ୍ୱାରା ଯାନବାହନ ଗୁଡ଼ିକରେ ବି.ଏସ୍-୬ ନିୟମ ଲାଗୁ ହେବାକୁ ଯାଉଥିବା ବେଳେ କ୍ରମାଗତ ୧୯ବର୍ଷ ଧରି ବିଶ୍ୱରେ ପ୍ରଥମ ସ୍ଥାନ ବଜାୟ ରଖିଥିବା ଦେଶର ଅଗ୍ରଣୀ ବାଇକ୍ ନିର୍ମାତା ହିରୋ ମୋଟୋକର୍ପର ସମ୍ପୂର୍ଣ୍ଣ ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ଉକ୍ତ ବାଇକ୍ ଏହି ନିୟମକୁ ପୂର୍ଣ୍ଣତଃ ଅନୁପାଳନ କରୁଥିବା ତଥା ବାୟୁ ପ୍ରଦୂଷଣ ରୋକିବାରେ ଏହା ସହାୟକ ହେବ ବୋଲି ସାହୁ ସୂଚନା ଦେଇଥିଲେ। ଏଥିସହିତ ବି.ଏସ୍-୪ ମୋଟର ସାଇକେଲ ମୂଲ୍ୟ ତୁଳନାରେ ଏହା ୮ରୁ ୧୦ହଜାର ଟଙ୍କା ଅଧିକ ରହିଥିବା ଜଣାପଡ଼ିଛି। ଶେଷରେ ଆକାଶ ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ଆକାଶ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂଗ୍ରାମ ତ୍ରିପାଠୀ ସହଯୋଗ କରିଥିଲେ। ଶୋ ରୁମ୍ କର୍ମଚାରୀଙ୍କ ସମେତ ବହୁ ଗ୍ରାହକ, ବିଭିନ୍ନ ଫାଇନାନ୍ସ କମ୍ପାନୀର କର୍ମଚାରୀ ଉପସ୍ଥିତ ଥିଲେ।



ହିରୋ ମୋଟୋକର୍ପ ପ୍ରସ୍ତୁତ ବି.ଏସ-୬ ମୋଟରସାଇକେଲର ଲୋକାର୍ପଣ କରାଯାଉଛି।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଇଟାଭାଟି ଶ୍ରମିକ ମୃତ

**ବଘିଆପଡା,୨୩।୧(ଡି.ଏନ.ଏ):** ବୌଦ୍ଧ ଜିଲା ବଘିଆପଡା ଫାଣ୍ଡି ଅନ୍ତର୍ଗତ ଫୁରୁଡା ଗ୍ରାମରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଇଟାଭାଟି ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବନ୍ଧସାହି ଗ୍ରାମର ଅଜାଣୁ ବେହେରା। ସେ ଫୁରୁଡା ଗ୍ରାମର ପ୍ରକାଶ ଘିବେଲାଙ୍କ ଇଟାଭାଟିରେ ଦିନ ମଜୁରିଆ କାମ କରୁଥିଲେ। ଗୁରୁବାର ଅଜାଣୁ ଇଟାଭାଟି ପାଖରେ ଏକ ଗଛ କାଟୁଥିବା ବେଳେ ଗଛ ଉପରେ ଯାଇଥିବା ବିଦ୍ୟୁତ ତାର ଛିଣ୍ଡି ତାଙ୍କ ଦେହରେ ଲାଗିଯାଇଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଜାମସେଠରେ ନେତାଜୀ ଜୟନ୍ତୀ ପାଳିତ

**ପାଇକମାଲ, ୨୩।୧ (ଡି.ଏନ.ଏ):** ପାଇକମାଲ ବ୍ଲକ ଜାମସେଠ ହାଇସ୍କୁଲ ପରିସରରେ ନେଜାତୀ ଯୁବକ ସଂଘ ପକ୍ଷରୁ ବ୍ଲକ ସଭାପତି ହେମନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଜାମସେଠ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋପାଳ ପ୍ରସାଦ ବେହେରା ମୁଖ୍ୟଅତିଥି, ଜାମସେଠ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଦ୍ରୋ ଗଏଁତା ମୁଖ୍ୟବକ୍ତା ଏବଂ ସୁନ୍ଦରମଣି ହଂସ, ଭାଗ୍ୟବତୀ ରଣା, ଅଜିତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନେତାଜୀଙ୍କ ଉପରେ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ । ସନ୍ତୋଷ କୁମାର ପଣ୍ଡା ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ନେଇ ଚିତ୍ରାଙ୍କନ, ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଜିତୁନ ପଟ୍ଟନାୟକ, ମଦନ ଭୋଇ, କୈଳାଶ ହଂସ, ଚୁଳେଶ୍ୱର ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ନରୋତ୍ତମ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଜହ୍ନାପଙ୍କ ପ୍ରିମିୟର କ୍ରିକେଟ ଟୁର୍ନାମେଣ୍ଟ: ଟୁନିଖମାର, ବିନିକା ବିଜୟୀ

**ଜହ୍ନାପଙ୍କ,୨୩।୧ (ଡି.ଏନ.ଏ):** ଜହ୍ନାପଙ୍କ ମେଡିକାଲ ପଡିଆରେ ଚାଲିଥିବା ପ୍ରିମିୟର କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଷଷ୍ଠ ଦିନର ପ୍ରଥମ ମ୍ୟାଚ ଏସଏମସିସି ଓ ଟୁନିଖମାର ମଧ୍ୟରେ ହୋଇଥିଲା । ଟୁନିଖମାର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୭ ଉଇକେଟ ହରାଇ ୯୫ ରନ କରିଥିଲା । ଜବାବରେ ଏସଏମସିସି ୮ ଓଭରରେ ୫ ଉଇକେଟ ହରାଇ ୮୦ ରନ କରିବାରୁ ପରାଜିତ ହୋଇଥିଲା । ଦ୍ୱିତୀୟ ମ୍ୟାଚ ବିନିକା ମସିଣାପଡା ମଧ୍ୟରେ ହୋଇଥିଲା । ବିନିକା ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ ଉଇକେଟ ହରାଇ ୮୩ ରନ କରିଥିବା ବେଳେ ମସିଣାପଡା ୧୦ ଓଭରରେ ସମସ୍ତ ଉଇକେଟ ହରାଇ ପରାଜିତ ହୋଇଥିଲା। ଆଜିର ମ୍ୟାଚକୁ ମକୁନ୍ଦ ଗଡନାୟକ, ଜନକ ବାରିକ, ଅମନ ବେହେରା ପରିଚାଳନା କରିଥିଲେ। ଅବନୀ ବାରିକ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଗାର୍ଗବ ପ୍ରଧାନ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ।

# ନେତାଜୀ, ସୁରେନ୍ଦ୍ର ସାଏଙ୍କ ସ୍ମୃତିଚାରଣ

**ଘଣ୍ଟାପଡା, ୨୩।୧ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଟିଓଏମଇ ବିଦ୍ୟାଳୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଖବରଦାତା ପ୍ରଭାତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଭଳି ତ୍ୟାଗୀ, ନିର୍ଭିକ, ସ୍ୱେଚ୍ଛାଚାରିତା ବିରୁଦ୍ଧରେ ଲଢ଼େଇ ପାଇଁ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ସଭାରେ ପ୍ରଧାନଶିକ୍ଷକ ସୁଶାନ୍ତ କଅଁର ନିଜର ସଭାପତିତ୍ୱ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନେତାଜୀ ଓ ବୀରସୁରେନ୍ଦ୍ର ସାଏଙ୍କ ଉପରେ ବକ୍ତୃତା ପ୍ରତିଯୋଗିତା ହୋଇ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଆନନ୍ଦ ସାହୁ, ସୁନେଶ୍ୱର ପୁଟେଲ, ସ୍ୱର୍ଣ୍ଣଲତା ସାହୁ ଓ ସସ୍ମିତା ଜାନୀ ସହଯୋଗ କରିଥିଲେ।

**ଜହ୍ନାପଙ୍କ, (ଡି.ଏନ.ଏ):** ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ, ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ, ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଗନ୍ଧରାଡି ମହାବିଦ୍ୟାଳୟରେ ମଧ ଦୁଇ ମହାନ ସଂଗ୍ରାମୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବୁରକଟା ସ୍ଥିତ ଜହ୍ନାପଙ୍କ ଆନନ୍ଦମାର୍ଗ ବିଦ୍ୟାଳୟରେ ଦୁଇ ମହାନ ସଂଗ୍ରାମୀଙ୍କ ଜୟନ୍ତୀ ପାଳିତ ହୋଇଛି। ଆଚାର୍ଯ୍ୟ ଜପାକ୍ରିଷ୍ଣା ନନ୍ଦ ଅବଧୁତ, ସନ୍ତୋଷ କୁମାର ସାହୁ, ଶିକ୍ଷୟିତ୍ରୀ ବୀଣାପାଣି ସାହୁ, ସୁନୀତା ସାହୁ ମହାନ ସଂଗ୍ରାମୀ ଦ୍ୱୟଙ୍କ ଜୀବନି ଉପରେ ବକ୍ତବ୍ୟ ଦେଇଥିଲେ। ସେହିପରି ବୌଦ୍ଧ ବ୍ଲକର ଲକ୍ଷ୍ମୀପ୍ରସାଦ, ଚନ୍ଦ୍ରପୁର, ପଦ୍ମନପୁର, ଗୁଡ଼ିଆଳି, ଖୁଣ୍ଟବନ୍ଧ, ବାଲିବୋହଲି, ଶରଧାପୁର ଆଦି ବିଦ୍ୟାଳୟରେ ଜୟନ୍ତୀ ପାଳିତ ହୋଇଯାଇଛି ।

**ମନମୁଣ୍ଡା, (ଡି.ଏନ.ଏ):** ମନମୁଣ୍ଡା ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ସ୍ଥାନୀୟ ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ସମ୍ପଦ କୁମାର ଭୁକ୍ତା, ମନମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ସାବତ, ମନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାଗୀରଥି ରଥ, ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ବଡମାଳୀ, ଓଏସବିଏସରେ ଅଧ୍ୟକ୍ଷା ବୁଲବୁଲି ନାୟକ ଏବଂ ରାମାନୁଜନ ଗ୍ଲୋବାଲ ଇଂଲିଶ ମିଡିୟମ ସ୍କୁଲରେ ଅଧକ୍ଷ ଶୁଭେନ୍ଦ୍ର ଦେହୁରୀଙ୍କ ସଭାପତିତ୍ୱରେ ବୀର ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେହିପରି ଜୟକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷା ପ୍ରିୟମ୍ବଦା ନାଏକ ଏବଂ ଶଗଡା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟଙ୍କ ସଭାପତିରେ ନେତାଜୀ ଏବଂ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଣ୍ଡା ପାଟ**
**ହଜିଲେ ମଠା ।**

ଜିନିଷଟି ପାଖରେ ଥିଲାବେଳେ ଏହା ଅଦରକାରୀ ବା ସାମାନ୍ୟ ଜିନିଷ ଭାବି କେହି କେହି ଏହା ଉପରେ ଅଧିକ ଗୁରୁତ୍ୱ ଦେଇ ନ ଥାନ୍ତି। କିନ୍ତୁ ସେହି ଜିନିଷଟି ହଜିଗଲା ପରେ ଏହାର ମହତ୍ତ୍ୱ ଜଣାପଡ଼ି ଯାଇଥାଏ। ତା'ର ମୂଲ୍ୟ ମଧ ଅନେକ ପରିମାଣରେ ବଢ଼ିଯିବାର ଲକ୍ଷ୍ୟ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛଅ ଟଙ୍କାର ଘୋଡ଼ାକୁ**
**ନଅ ଟଙ୍କାର ଦାନା ।**

ଜିନିଷର ଦାମ୍ ତୁଳନାରେ ତାକୁ ନେଇ ଆଣି ଥୋଇବା, ଚଳେଇବା ଦାମ୍ ଅଧିକ। ମୂଳ ବସ୍ତୁର ମୂଲ୍ୟଠାରୁ ତା'ର ରକ୍ଷଣାବେକ୍ଷଣା ଖର୍ଚ୍ଚ ବଳିଯିବା ବା ଢେର୍ ଅଧିକ ହୋଇଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

# କଲରାକୋଠାକୁ ହରାଇ କୁରୁକୁପା ଚାମ୍ପିୟନ

**ଘଣ୍ଟାପଡା, ୨୩।୧ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ଆମ୍ବଗାଁ ହାଇସ୍କୁଲ ଖେଳ ପଡିଆରେ ବୀର ହନୁମାନ କ୍ରିକେଟ ଆସୋସିଏଶନ ପକ୍ଷରୁ ୧୬ଟି ଦଳକୁ ନେଇ ଚାଲିଥିବା ୧୬ତମ ଗଙ୍ଗାରାମ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦଯାପିତ ହୋଇଯାଇଛି। ପ୍ରତିଯୋଗିତାର ଅନ୍ତିମ ମ୍ୟାଚ୍ କୁରୁକୁପା ଓ କଲରାକୋଠା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଲରାକୋଠା ଦଳ ଟସ ଜିଣି ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୦ ଓଭର ଖେଳରେ ୫ ଉଇକେଟ ହରାଇ ୮୬ ରନ ସଂଗ୍ରହ କରିଥିଲା। ଜବାବରେ କୁରୁକୁପା ୫ ଉଇକେଟ ହରାଇ ଦଳ ୯.୩ ଓଭରରେ ବିଜୟ ହାସଲ କରିଥିଲା। ଶିକ୍ଷାବିତ୍ ନୀଳାଞ୍ଚଳ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ କଣ୍ଟାମାଳ ବିଡିଓ ବନ୍ଦନା ଖଟୁଆ ମୁଖ୍ୟଅତିଥି, ଶିଳ୍ପପତି କରୁଣାକର ସାହୁ, ସମାଜସେବୀ ପ୍ରଶାନ୍ତ ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉଭୟ ମ୍ୟାଚ ଓ ସିରିଜ କୁରୁକୁପା ଦଳର ଖେଳାଳି ରାହୁଲଙ୍କୁ ପ୍ରଦାନ କରାଯାଇଥିଲା। ଉତ୍ତମ ଖେଳ ପରିଚାଳକ ଭାବେ ପ୍ରତାପ ରଣା ଓ ନିରଞ୍ଜନ ସାହୁ, ବେଷ୍ଟ ଭଲେଣ୍ଟିୟର ଭାବେ ହିମାଂଶୁ ରଣା, ଉପବିଜେତା କଲରାକୋଠା ଏବଂ ଚାମ୍ପିୟନ କୁରୁକୁପା ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଜୟକିଶୋର ରଣା ଓ ନିରଞ୍ଜନ ସାହୁ ଖେଳ ପରିଚାଳନା କରିଥିବା ବେଳେ ଲକ୍ଷ୍ମଣ ସାହୁ ସ୍କୋରର ଥିଲେ। ନିରଞ୍ଜନ ପାତ୍ର, ଅଶୋକ ସାହୁ ଓ ଦେବେନ୍ଦ୍ର ନାଥ ରଣା ଧାରା ବିବରଣୀ ପ୍ରଦାନ କରିଥିଲେ। ମଣ୍ଟୁରାମ ଗୁପ୍ତା, କିସାନ ରଣା, ବୁଧୁରାମ ରଣା, ବିକାଶ ରଣା, ଶିବଶଙ୍କର କାଲସେ, ବିନୟ ରଣା, ନିରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ମାଘ ମେଳା ପାଇଁ ଶୁଭଖମ୍ବ ସ୍ଥାପନ କରାଯାଉଛି।

# ମାଘ ମେଳା ପାଇଁ ଶୁଭଖମ୍ବ ସ୍ଥାପିତ

**ଘଣ୍ଟାପଡା, ୨୩।୧ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ନୂତନ ବଜାର ସ୍ଥିତ କଳକେଶ୍ୱର ମନ୍ଦିରରେ ଆସନ୍ତା ମାଘ ଚତୁର୍ଦ୍ଦଶୀରେ ମାଘମେଳା ଓ ନାମଯଜ୍ଞ ପାଇଁ ସ୍ଥାନୀୟ ମନ୍ଦିର ପୂଜକ ନିତ୍ୟାନନ୍ଦ ସେନାପତିଙ୍କ ତତ୍ତ୍ୱାବଧାନରେ ଶୁଭଖମ୍ବ ସ୍ଥାପିତ ହୋଇଯାଇଛି। ପଣ୍ଡିତ ଚମ୍ପେଶ୍ୱର ପାଣିଗ୍ରାହୀଙ୍କ ପୂଜାର୍ଚ୍ଚନା କରିବା ପରେ କର୍ତ୍ତା ଘଣ୍ଟାପଡା ଜମିଦାରଙ୍କ ଭାଇ ଅନନ୍ତରାମ ମାଝୀ ଓ ସ୍ତ୍ରୀ ଶର୍ଙ୍ଗଜିନୀ ମାଝୀଙ୍କ ଦ୍ୱାରା ଖମ୍ବ ସ୍ଥାପନ କରାଯାଇଥିଲା। ଫେବୃୟାରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ମାଘମେଳା ଓ ନାମଯଜ୍ଞ ହେବ ବୋଲି କମିଟି ଅଧ୍ୟକ୍ଷ ସୁଶାନ୍ତ ମାଝୀ ପ୍ରକାଶ କରିଛନ୍ତି। ବାବା ନକୁଳ, କଳାକାହ୍ନୁ ମଲିକ, ମହେଶ୍ୱର ରଣା, ମାଧବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଡିସିସି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଅତାବିରା, ୨୩।୧ (ଡି.ଏନ.ଏ):** ଅତାବିରା ବ୍ଲକ ଲରମ୍ବା ଡିସିସି କପ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଏନସିସି ଅଫିସର ବିନୟ କୁମାର ନାୟକ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଥମ ମ୍ୟାଚ କୁମ୍ଭାରୀ ଓ ଦୁବଲାବାହାଲ ମଧ୍ୟରେ ଅନୁଷ୍ଠିତ ହୋଇ କୁମ୍ଭାରୀ ଦଳ ୯ ଉଇକେଟରେ ବିଜୟୀ ହୋଇଥିଲା। ଅଶୋକ ମେହେର ୨୬ ବଲରେ ୪୬ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ସୋହେଲା ଓ ସମ୍ବଲପୁର ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଏଥିରେ ସମ୍ବଲପୁର ଦଳ ବିଜୟୀ ହୋଇଥିଲା।

### ସିଏଏ ସପକ୍ଷରେ ଭାଜପାର ଶୋଭାଯାତ୍ରା

**ବରଗଡ଼ ଅଫିସ୍,୨୩।୧:** ନାଗରିକତା ସଂଶୋଧନ ଆଇନ(ସିଏଏ) ସପକ୍ଷରେ ଗୁରୁବାର ବରଗଡ଼ ସହରରେ ଭାଜପା ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ହୋଇଥିବା ଉକ୍ତ ଶୋଭାଯାତ୍ରାରେ ବରଗଡ଼ ଏମପି ସୁରେଶ ପୂଜାରୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ସୁରେଶ୍ୱର ଶତପଥୀ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ପୂର୍ବତନ ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ଇରାସିସ ଆଚାର୍ଯ୍ୟ, ପ୍ରୀତମ ସିଂ ପ୍ରମୁଖ ସାମିଲ ଥିଲେ ।

# ଜନପ୍ରତିନିଧିଙ୍କ ତାଲାବନ୍ଦ ଆନ୍ଦୋଳନ ଜାରି

**ତଲଗାଁ,୨୩।୧(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଚାରି ଦିନ ହେଲା କାର୍ଯ୍ୟ ବନ୍ଦ ହୋଇପଡିଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଗରିବ ହିତାଧିକାରୀ ନିରାଶ ହୋଇ ଫେରୁଛନ୍ତି। ସ୍ଥାୟୀ ବିଡିଓ ନିଯୁକ୍ତି ଦାବିରେ ଗତ ୨୦ ତାରିଖରୁ ଜନ ପ୍ରତିନିଧିମାନେ ବ୍ଲକରେ ତାଲା ପକାଇ ଆନ୍ଦୋଳନ ଚଳାଇଛନ୍ତି। ଗତ ଡିସେମ୍ବର ମାସରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟରେ ନିୟମ ଉଲ୍ଲଂଘନ ନେଇ ପୂର୍ବତନ ବିଡିଓ ରବିନ୍ଦ୍ର କୁମାର ଶତପଥିଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିବା ପରେ ହରଭଙ୍ଗା ତହସିଲଦାର ବବିତରାଣୀ ଦଳବେହେରା ବର୍ତ୍ତମାନ ବିଡିଓ କାର୍ଯ୍ୟ କରୁଛନ୍ତି। ଗତ ପଞ୍ଚାୟତ ସମିତି ବୈଠକରେ ବ୍ଲକର



ହରଭଙ୍ଗା ବ୍ଲକ ଅଫିସ ଗେଟ୍‌ରେ ତାଲା ପକାଯାଇଛି।

ନିର୍ବାଚିତ ଜନ ପ୍ରତିନିଧିମାନେ ବ୍ଲକରେ ସ୍ଥାୟୀ ବିଡିଓ ନିଯୁକ୍ତି ଦେବାକୁ ଦାବି କରିଥିଲେ। ଗତ ୨୦ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ବ୍ଲକରେ ତାଲା ପଡିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏ ନେଇ ଗତ ୨୦ ତାରିଖରେ ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ରଙ୍କ ନେତୃତ୍ୱରେ ଜନ ପ୍ରତିନିଧିମାନେ ବ୍ଲକରେ ତାଲା ପକାଇଛନ୍ତି। ଏ ନେଇ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ପଚାରିବାରୁ ବ୍ଲକ କର୍ମଚାରୀମାନଙ୍କୁ ଗାଁ ଗାଁ ବୁଲି ଲୋକଙ୍କ କାର୍ଯ୍ୟ କରିବାକୁ କୁହାଯାଇଛି । ବ୍ଲକରେ ଅସ୍ଥାୟୀ ବିଡିଓଙ୍କୁ ମଧ୍ୟ ସରକାର ଆର୍ଥିକ କ୍ଷମତା ପ୍ରଦାନ କରିଛନ୍ତି ବୋଲି କହିଥିଲେ।

# କ୍ରିକେଟ: ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ବିଜୟୀ

**ବୌଦ୍ଧ,୨୩।୧(ସ୍ୱ.ପ୍ର)**

ବୌଦ୍ଧରେ ଆରମ୍ଭ ହୋଇଥିବା ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ମ୍ୟାଚ୍ ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ଓ ବୌଦ୍ଧ ପଞ୍ଚାୟତ କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମ୍ୟ ବିକାଶ ପରିଷଦ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୩୧.୩ ଓଭରରେ ସମସ୍ତ ଉଇକେଟ ହରାଇ ୩୦୨ ରନ୍ କରିଥିଲା। ଦଳ ତରଫରୁ ବିମଲ ଏଲ କୁମୁରା ୬୨ ବଲ୍‌ରେ ୧୦୯ ରନ୍ କରିଥିବାବେଳେ ଜଗଦୀଶ ବେହେରା ୩୪ ବଲ୍‌ରେ ୪୪ରନ୍ ସଂଗ୍ରହ କରିଥିଲେ। ବୌଦ୍ଧ ପଞ୍ଚାୟତ କଲେଜର ଟି ଏଚ ରାଓ ୭୨ ରନ୍ ଦେଇ ୩ଟି ଉଇକେଟ ହାସଲ କରିଥିବାବେଳେ ଶିବାନୀ ଏସ୍ ପରିଡା ୧୪ ରନ୍ ଦେଇ ୨ଟି ଉଇକେଟ ହାସଲ କରିଥିଲେ। ୩୦୨ ରନ୍‌ର ପିଛା କରି ପଞ୍ଚାୟତ କଲେଜ ଦଳ ୨୦.୧ ଓଭରରେ ମାତ୍ର ୮୦ରନ କରି ସମସ୍ତ ଉଇକେଟ ହରାଇଥିଲା। ଦଳ ତରଫରୁ କ୍ୟାପଟେନ ସିବିଏସ୍ ମାହାର ୩୪ ବଲ୍‌ରେ ୩୩ ରନ୍ କରିଥିଲା। ଜହନ ୧.୧ ଓଭରରେ ୩ ରନ୍ ଦେଇ ୩ଟି ଉଇକେଟ ହାସଲ କରିଥିଲେ। ଫଳରେ ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ୨୨୨ ରନ୍‌ରେ ବିଜୟୀ ହୋଇଥିଲା। ମ୍ୟାଚରେ ଅମ୍ପାୟାର ଭାବେ ରିତ ରଞ୍ଜନ ଚାନ୍ଦ ଓ ଅବିନାଶ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ। ଓସିଏର ସାଇପ୍ରିୟ ଦାସ ସ୍କୋରର କାର୍ଯ୍ୟ ତୁଲାଇଥଲେ। ଶୁକ୍ରବାର ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ଓ ମହାନଦୀ ସ୍ପୋର୍ଟିଂ ବୌଦ୍ଧ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ରୋଗୀ ସହାୟକ ବିଶ୍ରାମସ୍ଥଳୀ ଉଦ୍‌ଘାଟିତ

**ବୌଦ୍ଧ,୨୩।୧(ସ୍ୱ.ପ୍ର)**

ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ ପରିସରରେ ଗୁରୁବାର ରୋଗୀ ସହାୟକ ଆଶ୍ରୟସ୍ଥଳୀ ଉଦ୍‌ଘାଟିତ ହୋଇଯାଇଛି। ଏହି ଆଶ୍ରୟସ୍ଥଳିକୁ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି, ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଲକ୍ଷ୍ମୀଧର ସାହୁ, ଏଡିଏମଓ ଡ. କିଶୋର ଚନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ବିଶ୍ରାମସ୍ଥଳୀରେ ରୋଗୀଙ୍କ ସହାୟକମାନେ ବିଶ୍ରାମ କରିବାର ସୁବିଧା ପାଇପାରିବେ। ଏଠାରେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ବିଶ୍ରାମ ଗୃହ ନିର୍ମାଣ କରାଯାଇଛି। ଏହି ଉଦଘାଟନ ସମୟରେ ମେଡିକାଲର ଡାକ୍ତର, କର୍ମଚାରୀ, ଡିପିଏମ ରୂପକ ମହାପାତ୍ର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଶାନ୍ତନୁ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ରୋଗୀ ସହାୟକ ବିଶ୍ରାମସ୍ଥଳୀ ଉଦ୍‌ଘାଟନ କରାଯାଉଛି।

# ବରଗଡ଼ର ୫ ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ

**ବରଗଡ଼ ଅଫିସ୍,୨୩।୧**

ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ରାଜ୍ୟର ୨୧ଟି ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ ହୋଇଛି । ସେଥିମଧ୍ୟରେ ବରଗଡ଼ ଜିଲାର କେବଳ ୫ଟି ପ୍ରକଳ୍ପ ରହିଛି। ସେଥିମଧ୍ୟରେ ଉକ୍ତ ଜଲାର ଆଗଲପୁର ହାଇସ୍କୁଲର ଜୟନ୍ତ ସାହୁଙ୍କ ପରିଭ୍ରମିତ ଛାତ ସଫା ଯନ୍ତ୍ର, ତେଜଙ୍ଗ ୟୁଜି ହାଇସ୍କୁଲର ଚୂଡ଼ାମଣି ମେହେରଙ୍କ ସାଇକେଲରେ ଧାନକଟା ଯନ୍ତ୍ର, ସିଆଲଖଣ୍ଡହଥା ସରକାରୀ ହାଇସ୍କୁଲର ମଲ୍ଲିକା ସେଠଙ୍କ ଶ୍ରମିକ ସହାୟତା ଉଠାଯନ୍ତ୍ର, ସରକଣ୍ଡା ଟିଓୟୁପି ସ୍କୁଲର ଆୟୁଷ ବୁଢ଼ାଙ୍କ କୃଷିକ୍ଷେତ୍ରକୁ ତ୍ୱରିତ ପରିଷ୍କାର କରିବା ଯନ୍ତ୍ର, ଗ୍ରୀଞ୍ଜୋଲ ଟିଓୟୁପି ସ୍କୁଲର ତିତିକ୍ଷା ବେହେରାଙ୍କ ଖଇ ଛଡ଼ା ଯନ୍ତ୍ର ରହିଛି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ଜିଲାରେ ଆନନ୍ଦ ପ୍ରକାଶ ପାଇଛି। ଜିଲା ଶିକ୍ଷାଧିକାରୀ କଳ୍ପନା ପଣ୍ଡା, ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉଲ୍ଲେଖନୀୟ, ସସ୍ମିତା ପୁରୋହିତ, ସୋନାଲି ମହାଲିକ, ଲକ୍ଷ୍ମୀ ନାରାୟଣ ସାହା ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ଗାଇଡ୍ ଶିକ୍ଷକ ରହିଥିଲେ।




ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଗହଣରେ ବରଗଡ଼ର କୃତୀ ଛାତ୍ରୀଛାତ୍ରମାନେ।

# ବ୍ଲୁ ଡାଇମଣ୍ଡ, ସୁପର ଜିମ୍ନାସିୟମ ବିଜୟୀ

**ବରଗଡ଼ ଅଫିସ୍,୨୩।୧**

### ଆନ୍ତଃ କ୍ଲବ ଜୁନିୟର କ୍ରିକେଟ ପ୍ରତିଯୋଗିତା

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ବରଗଡ଼ରେ ଚାଲିଥିବା ଆନ୍ତଃ କ୍ଲବ ଜୁନିୟର କ୍ରିକେଟ ପ୍ରତିଯୋଗିତାର ଚତୁର୍ଥ ଦିବସ ଗୁରୁବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ବରଗଡ଼ର ବ୍ଲୁ ଡାଇମଣ୍ଡ ଏବଂ ସୁପର ଜିମ୍ନାସିୟମ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବିକାଶ ଗ୍ରାଉଣ୍ଡରେ ବ୍ଲୁ ଡାଇମଣ୍ଡ ଓ ରାଜବୋରାସମ୍ବର କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବ୍ଲୁ ଡାଇମଣ୍ଡ ଦଳର ଅଧିନାୟକ ଆର୍ଯ୍ୟମାନ ମିଶ୍ର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଦଳ ୩୯.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୮ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଫିରଦୋସ ହୁସେନ ସର୍ବାଧିକ ୩୯ରନ୍ ସଂଗ୍ରହ କରିଥିଲେ। ସେହିପରି ଦଳର ଅଜିତ ସ୍ୱାଇଁ ୨୬, ରୋନିତ ରାୟ ୧୭ ଏବଂ ସ୍ୱରାଜ ନାଗ ୧୬ରନ ସଂଗ୍ରହ କରିଥିଲେ। ଅନ୍ୟପଟେ ରାଜବୋରାସମ୍ବର କ୍ଲବର ଅଭିଷେକ ଶର୍ମା ୩୭ରନ୍ ବିନିମୟରେ ୪, କାଶ୍ୟପ ପାତ୍ର ୨୨ରନ୍, ଯୁଧିଷ୍ଠିର ତନ୍ତୀ ୩୪ରନ୍ ଏବଂ ଶୁଭ୍ରାଂଶୁ ପଟ୍ଟନାୟକ ୧୯ରନ୍ ବିନିମୟରେ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ରାଜବୋରାସମ୍ବର ଦଳ ୩୩.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୪୯ରନ୍ ସଂଗ୍ରହ କରିଥିଲା। ଦଳର ଭୂପେଶ କାଲସାଇ ସର୍ବାଧିକ ୪୫ରନ୍ ସଂଗ୍ରହ କରିଥିବାବେଳେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବ୍ଲୁଡାଇମଣ୍ଡର ଫିରଦୋସ ହୁସେନ ୨୦ରନ୍ ବିନିମୟରେ ୩, ମୋହିତ ଅଗ୍ରୱାଲ ୨୨ରନ୍ ବିନିମୟରେ ୨ ଏବଂ ଏସ.କେ ଗୁହ୍ଲୁଲ ଅମିନ ୧୩ରନ୍ ବିନିମୟରେ ଗୋଟିଏ ଉଇକେଟ୍ ନେଇଥିଲେ। ବିଦ୍ୟାସାଗର ଗ୍ରାଉଣ୍ଡରେ ସୁପର ଜିମ୍ନାସିୟମ ଓ ସଂସ୍କାର କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ସୁପର ଜିମ୍ନାସିୟମ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୮.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୩୦ରନ୍ ସଂଗ୍ରହ କରିଥିଲା। ଦଳର ଅଧିନାୟକ ହରଜିତ୍ ସିଂ ୧୫ଚୌକା, ୨ଛକ୍କା ସହିତ ସର୍ବାଧିକ ୧୦୬ରନ୍ ସଂଗ୍ରହ କରିଥିଲେ। ସେହିପରି ଦଳର ଏମଡ଼ି ଜୁନେଦ ଅଲ୍ଲୀ ୧୮, ଅମିନ ନାୟକ ୧୩, ସିଞ୍ଚନ ଦାଶ ଓ ଅମରଜିତ ସିଂ ୧୦ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଅପରପକ୍ଷେ ସଂସ୍କାର କ୍ଲବର ସ୍ୱରାଜ ସା ୪୮, ପ୍ରତ୍ୟୁଷ ହୋତା ୩୫, ବିନୟ ଭୋଇ ୨୧ରନ୍ ବିନିମୟରେ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ସଂସ୍କାର କ୍ଲବ ୩୨.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୮ରନ୍ ସଂଗ୍ରହ କରିଥିଲା। ଦଳର ପ୍ରମୋଦ ନିଆଲ ୪୧, ସାହିଲ ଚିନାର ୧୪, ଦିବ୍ୟାଂଶୁ ଅଗ୍ରୱାଲ ୨୦ରନ୍ ସଂଗ୍ରହ କରିଥିଲେ। ଅପରପକ୍ଷେ ସୁପର ଜିମ୍ନାସିୟମର ମୌସମ ପାତ୍ର ୨୪ରନ ବିନିମୟରେ ୩ଟି ଉଇକେଟ୍ ନେଇଥିବାବେଳେ ଏମଡ଼ି ଜୁନେଦ ଅଲ୍ଲୀ ୨୩, ହରଜିତ୍ ସିଂ ୧୬ ଏବଂ ଅମରଜିତ୍ ସିଂ ୨୬ରନ୍ ବିନିମୟରେ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ବିକାଶ ଗ୍ରାଉଣ୍ଡରେ ଅକ୍ଷୟ ସାହାଣୀ, ଆନନ୍ଦ ହୋତା ଅମ୍ପାୟାର ଦାୟିତ୍ୱ ତୁଲାଇ ଥିବାବେଳେ ବିଦ୍ୟାସାଗର ଖେଳ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଅମୀୟ ଭୂଷଣ ସାହୁ, ଭରତ ଚେତନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ । ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୨୭ତାରିଖ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ



## ସଂକ୍ଷେପରେ

### ବରିଷ୍ଠ ନାଗରିକ ସଂଘର ବୈଠକ

**ପାଟଣାଗଡ, ୨୩।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ନବଦୁର୍ଗା ପୂଜା କମିଟି ସଭାଗୃହରେ ବରିଷ୍ଠ ନାଗରିକ ସଂଘର ସାଧାରଣ ସଭା ଗୋପାଳ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପେନସନ ଭୋଗୀ ତଥା ସରକାରୀ କର୍ମଚାରୀମାନଙ୍କୁ ପ୍ରତି ୬ ମାସରେ ଏକ ମହଙ୍ଗା ଭତ୍ତା ପ୍ରଦାନର ବ୍ୟବସ୍ଥା ରହିଥିବା ବେଳେ ଗତ ଜୁଲାଇ ୨୦୧୯ ଏବଂ ଜାନୁୟାରୀ ୨୦୨୦ ଏପରି ଦୁଇଟି ମହଙ୍ଗା ଭତା ପ୍ରଦାନ ଏ ପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ଏହାକୁ ନେଇ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପୁନଶ୍ଚ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ୮୦ ବର୍ଷ ପୂର୍ତ୍ତୀ ପରବର୍ତ୍ତୀ ଶତକଡା ୨୦ପ୍ରତିଶତ ଅଧିକ ପେନସନ ଦେବା ବ୍ୟବସ୍ଥା ରହିଛି। ହେଲେ ବର୍ତ୍ତମାନ ମଣିଷର ହାରାହାରି ପରମାୟୁ ୭୦ବର୍ଷ ଥିବାରୁ ରାଜ୍ୟ ସରକାର ଏହାକୁ ୮୦ ପରିବର୍ତ୍ତେ ୭୦ବର୍ଷକୁ ହ୍ରାସ କଲେ ଭଲ ହୁଅନ୍ତା ବୋଲି ମତପ୍ରକାଶ ପାଇଥିଲା। ଏନେଇ ରାଜ୍ୟରେ ଥିବା ସମସ୍ତ ପେନସନଭୋଗୀ ସଂଘମାନଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସ୍ଥିର କରାଯାଇଥିଲା। ପରେ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ସଂଘ ଉପସଭାପତି ଶିବ ପ୍ରସାଦ ପଣ୍ଡା, କୃଷ୍ଣଚନ୍ଦ୍ର ମିଶ୍ର, ହିମାଂଶୁ ଶେଖର କର, ଧବଳେଶ୍ୱର ଖମାରୀ, ଭାଗିରଥି ଯୋଷୀ, ମୁରଲୀଧର ବଗର୍ତ୍ତା, ଗୁହାଲୁ ଜ୍ୟୋତିଷ, ସୁଶୀଲ କୁମାର ଦାଶ, କଳାକାହ୍ନୁ ପ୍ରଧାନ, ଚିତ୍ରସେନ ମେହେର, ସିଦ୍ଧେଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମୌଳିକ କର୍ତ୍ତବ୍ୟ ଉପରେ ସଚେତନତା କାର୍ଯ୍ୟକ୍ରମ

ସଇଁତଲା, ୨୩।୧ (ଡ଼ି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ସିଭିଲ କୋର୍ଟ ପରିସରରେ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ତରଫରୁ ସମ୍ବିଧାନ ପ୍ରଣୀତ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଇଁତଲା କୋର୍ଟ ପ୍ରଥମ ଶ୍ରେଣୀ ବିଚାରପତି ପ୍ରଭାତ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓକିଲ ସଂଘର ସମସ୍ତ ସଦସ୍ୟ, କୋର୍ଟ କର୍ମଚାରୀ ଓ ପୋଲିସ ଉପସ୍ଥିତ ଥିଲେ। ସମ୍ବିଧାନର ମୁଖବନ୍ଧ ପଠନ କରିବା ସଙ୍ଗେ ସଙ୍ଗେ ସମ୍ବିଧାନ ପ୍ରଣୀତ ମୌଳିକ କର୍ତ୍ତବ୍ୟ ଉପରେ ଆଲୋଚନା ହୋଇଥିଲା। କୋର୍ଟର ମଧୁମିତା ପଣ୍ଡା, କୃଷ୍ଣଚନ୍ଦ୍ର ମିଶ୍ର, ସିଦ୍ଧେଶ୍ୱର ଦୋରା, ପଞ୍ଚାନନ କାଲୋ, ବରିଷ୍ଠ ଆଇନଜୀବୀ ରାଧେଶ୍ୟାମ ସାହୁ, ହିଜକ୍ଷ ତାଣ୍ଡି, ଦେବାରଜ ପଣ୍ଡା, ଦ୍ରୋପଦୀ ପାତ୍ରଙ୍କ ସହ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ପଠନ ଅଭ୍ୟାସ ମଣିଷକୁ ସକାରାତ୍ମକ କରେ

**ସୋନପୁର,୨୩।୧(ନି.ପ୍ର.)**

ସୋନପୁର ରୟାଲ ପଡିଆଠାରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ଚତୁର୍ଥ ସୁବର୍ଣ୍ଣପୁର ଜିଲା ପୁସ୍ତକ ଓ ସାହିତ୍ୟ ଉତ୍ସବ ଇଙ୍କ୍‌ଫେଷ୍ଟ-୨୦୨୦ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ସାରସ୍ୱତ ସଭାରେ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଡିଜିଟାଲ ଯୁଗରେ ମଧ୍ୟ ପୁସ୍ତକର ଗୁରୁତ୍ୱ ରହିଛି। ତେଣୁ ପୁସ୍ତକକୁ ଭଲ ପାଇବା ସହ ଛାତ୍ରୀଛାତ୍ରଙ୍କ ନିକଟରେ ପଠନ ଅଭ୍ୟାସ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ପୁସ୍ତକ ପଠନ ମଣିଷକୁ ସକାରାତ୍ମକ କରେ। ବୌଦ୍ଧିକ ଜ୍ଞାନର ବିକାଶ ଘଟେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ଦେବୀପ୍ରସାଦ ଦାଶ



ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

ଯୋଗଦାନ କରି ଅଭିଭାବକମାନେ ପିଲାମାନଙ୍କର ପୁସ୍ତକ ପଢିବାର ଆଗ୍ରହ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। କାରଣ ପୁସ୍ତକ ସହିତ ଘନିଷ୍ଠତା ବଢାଇଲେ ଚରିତ୍ର ଗଠନ ସହିତ ପିଲା ସଂସ୍କାରିତ ହୋଇଥାଏ। ଅନ୍ୟତମ ସମ୍ମାନିତ ଅତିଥିଭାବେ ବୌଦ୍ଧ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ କହିଥିଲେ ପୁସ୍ତକ ପଠନ ପୂର୍ବକ ଜ୍ଞାନ ଆହରଣ ମଣିଷକୁ ଦାର୍ଶନିକ ଭଳି ଗଢି ତୋଳିଥାଏ। ପାଠକ ଲେଖକ ଓ ଗାଳ୍ପିକଙ୍କ ପାଇଁ ଉତ୍ସାହର କେନ୍ଦ୍ରବିନ୍ଦୁ ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦ୍ୱାରିକାନାଥ ନାୟକ ଓ ଡ. ପଞ୍ଚାନନ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ସାହିତ୍ୟ ଆମ ଦେଶ ଓ ଜାତିର ପରିଚୟ ସଦୃଶ। ପୁସ୍ତକ ପଢାରେ ଯେଉଁ ଆନନ୍ଦ ମିଳେ

## ପୁସ୍ତକ ଓ ସାହିତ୍ୟ ଉତ୍ସବ ଇଙ୍କ୍‌ଫେଷ୍ଟ୍ ଉଦ୍‌ଯାପିତ

ଫେସବୁକ୍ ପଢାରେ ସେ ଆନନ୍ଦ ନାହିଁ ବୋଲି ମତ ଦେଇଥିଲେ। ସାହିତ୍ୟ, ସ୍ରଷ୍ଟା ଓ ପାଠକର ସ୍ୱରୂପ ନିର୍ଦ୍ଧାରଣ କରି ସ୍ରଷ୍ଟା ଓ ପାଠକର ସମ୍ପର୍କକୁ ଗୁରୁତ୍ୱ ଦେବାକୁ କହିଥିଲେ। ପୁସ୍ତକ ଆଗାମୀ ଭବିଷ୍ୟତକୁ ଦିଗ୍‌ଦର୍ଶନ ଦେଇଥାଏ। ଏହି ଅବସରରେ ଡ. ନାୟକ ଓ ଡ. ମିଶ୍ର କବି ଓ ଦାର୍ଶନିକମାନଙ୍କର ଉଦାହରଣ ଦେଇଥିଲେ। ଇଙ୍କ୍‌ଫେଷ୍ଟର ଉଦ୍‌ଯାପନୀ ସଭାରେ ଉପସଭାପତି ଗତିକୃଷ୍ଣ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ଅମ୍ବୁଜ ବିହାରୀ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ ସହ ସଭା ସଂଯୋଜନା କରିଥିଲେ। ବରିଷ୍ଠ ସଭ୍ୟ ଆର୍ତ୍ତତ୍ରାଣ ବାବୁ ଧନ୍ୟବାଦ ପ୍ରଦାନ କରିଥିଲେ।

### ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ତ୍ୟାଗର ପଟ୍ଟାନ୍ତର ନାହିଁ

**ବିନିକା,୨୩।୧(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ହାଇସ୍କୁଲ ପରିସରରେ ନେତାଜୀ ସୁବାଷ ବୋଷଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଜାରାମ ପଧାନଙ୍କ ଅଧ୍ୟକ୍ଷତା ଓ ସହକାରୀ ଶିକ୍ଷକ ପ୍ରେମରାଜ ପତିଙ୍କ ସଂଯୋଜନାରେ ବିଦ୍ୟାଳୟର ପିଲାମାନଙ୍କୁ ନେଇ ଏକ ବକ୍ତୃତା ମଞ୍ଚ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ସ୍ୱାଧିନତା ସଂଗ୍ରାମରେ ନେତାଜୀଙ୍କ ତ୍ୟାଗର ପଟ୍ଟାନ୍ତର ନାହିଁ ବୋଲି କହିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସହକାରୀ ଶିକ୍ଷକ ଭରତ ସାହୁ, ପଦ୍ମନାଭ ମାହାଣା ସହଯୋଗ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଶିକ୍ଷକ ମୁରଲୀଧର ପଧାନ।

# ନେତାଜୀ, ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

**ସୋନପୁର,୨୩।୧(ନି.ପ୍ର.)**

ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ(ଏବିଭିପି) ତରଫରୁ ସ୍ଥାନୀୟ ପଟାଭାଡି ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ନିକଟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ପ୍ରମୁଖ ଚିନ୍ମୟ ରଥ ଯୋଗଦେଇ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ କିପରି ଦେଶ ମାତୃକାର ସେବାରେ ନିଜ ପ୍ରାଣବଳୀ ଦେଇଥଲେ ତାହାର ଅବତାରଣା କରିଥିଲେ। ନେତାଜୀଙ୍କର ଏକ ପ୍ରତିମୂର୍ତ୍ତି ସହରରେ ସ୍ଥାପନ ପାଇଁ ଦାବି କରିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ଚନ୍ଦନ ପ୍ରହରାଜ ନେତାଜୀଙ୍କୁ ଇତିହାସରେ ଯେଉଁଭଳି ଭାବେ ଲୁଚାଇବା ପାଇଁ ଚେଷ୍ଟା ଚାଲିଛି ତାହା ନିନ୍ଦନୀୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ନଗର ସମ୍ପାଦକ ଉତ୍ତର ଖମାରୀ ପରିଚାଳନା କରିଥିଲେ। ଶଶିକାନ୍ତ କର୍ମୀ, ଦେବାନନ୍ଦ ପଧାନ, ସରୋଜ ମେହେର, ଉମାଶଙ୍କର ପାଣିଗ୍ରାହୀ, ଶ୍ରୀନିବାସ ସାହୁ, ବପୁନ ରଣା, ବିକାଶ ରାଉତ ଓ ଶିକୁନ ପଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସୋନପୁରରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ତଳେ ଏବିଭିପି କର୍ମକର୍ତ୍ତା ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

### ଯୁବଗୋଷ୍ଠୀଙ୍କ ହାତରେ ଦେଶର ଭବିଷ୍ୟତ

## ସିଣ୍ଢୋଲରେ ନେତାଜୀ ଜୟନ୍ତୀ

**ଉଲୁଣ୍ଡା, ୨୩।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିଣ୍ଢୋଲଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଏକ ଅବଲୋକନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାନଦୀ କ୍ଲବ ସିଣ୍ଢୋଲ ଏବଂ ନେହେରୁ ଯୁବକେନ୍ଦ୍ର ସୋନପୁରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଣ୍ଢୋଲ ମହାବିଦ୍ୟାଳୟ ଅଧକ୍ଷ ପବିତ୍ର ବାରିକ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ଛନ୍ଦା ଚରଣ ଦାଶ ମୁଖ୍ୟବକ୍ତା, ସିଣ୍ଢୋଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାଶିଷ୍ଟ ଶିବରାମ ପୁରୋହିତ ଓ ଶିକ୍ଷକ ସୁନୀଲ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ନେତାଜୀଙ୍କ ଜୀବନ ଶୈଳୀ ଏବଂ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହା ସହ ଦେଶର ବିକାଶରେ ଯୁବଗୋଷ୍ଠୀ ସଙ୍ଗଠିତ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ରବିନ୍ଦ୍ର ପୁଟେଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର ସୋନପୁରର ସମ୍ଭୁରାଜ କର୍ଣ୍ଣଙ୍କ ସମେତ ଅଞ୍ଚଳର ଯୁବଗୋଷ୍ଠୀ ସାମିଲ ଥିଲେ। ଆନନ୍ଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।




ପୁରାତନ ଛାତ୍ର ସଙ୍ଗଠନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଶୈକ୍ଷିକ ବାତାବରଣ, ବିକାଶ ଉପରେ ଗୁରୁତ୍ୱ

**ସୋନପୁର,୨୩।୧(ନି.ପ୍ର.)**

ସୋନପୁର କଲେଜ ପୁରାତନ ଛାତ୍ର ସଂଗଠନର ବାର୍ଷିକ ଉତ୍ସବ କଲେଜ ହଲରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଜିଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ତଥା ସଂଗଠନ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ବ୍ୟୋମକେଶ ଦାଶ, ଇନ୍ଦ୍ରମଣି ଦାଶ, ଗୌରିଶ୍ୟାମ ପଣ୍ଡା, ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଚାଟାର୍ଡ ଆକାଉଣ୍ଟାଣ୍ଟ ସତ୍ୟେନ୍ଦ୍ର ପାଢୀ, ପ୍ରାକ୍ତନ ଛାତ୍ରନେତା ସରୋଜ ପ୍ରଧାନ, ବୀରେନ୍ଦ୍ର ଥନାପତି, ବୀରେନ୍ଦ୍ର ଦେହୁରୀ, ସୁରଥ ମିଶ୍ର, ଅଧ୍ୟାପକ ଅକ୍ଷୟ ସାହୁ, ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ, ଅଧ୍ୟାପକ ଆଶିଷ ଅଗ୍ରୱାଲା ଓ ଦେବାଶିଷ ସାହୁ ପ୍ରମୁଖ ଯୋଗଦେଇଥିଲେ। କଲେଜର ଶୈକ୍ଷିକ ବାତାବରଣ, ସର୍ବାଙ୍ଗୀନ ଉନ୍ନତି ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି ସେମାନେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ଭାରପ୍ରାପ୍ତ ଅଧକ୍ଷ ଡ. ଆନନ୍ଦ ଚନ୍ଦ୍ର ତ୍ରିପାଠୀ, ଉପାଧ୍ୟକ୍ଷା କୃଷ୍ଣପ୍ରିୟା ମହାପାତ୍ର, ପ୍ରାଧ୍ୟାପିକା କଳ୍ପନା ମିଶ୍ର, ଓଁ ପ୍ରସାଦ ରଥ, କୃପାସିନ୍ଧି ପାଣିଗ୍ରାହୀ ଓ ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ସଂଗଠନର ସମ୍ପାଦକ ଦିଲୀପ ଗୁରୁ ଧନ୍ୟବାଦ ଦେଇଥିଲେ।

# ଥପା ଇଲେଭେନ ଷ୍ଟାର ବିଜୟୀ

**ଲୋଇସିଂହା,୨୩।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଲମୁଣ୍ଡା ଗାଁର ହରିଶ୍ଚନ୍ଦ୍ର ଖେଳ ପଡିଆଠାରେ ୩ୟ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଗୁରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଗୋଲଡେନ ୱାରିୟସ ଓ ଥପା ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୮ ଓଭର ବିଶିଷ୍ଟ ମ୍ୟାଚରେ ଥପା ଇଲେଭେନ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୭୯ ରନ ସଂଗ୍ରହ କରିଥିଲା। ୮୦ ରନର ବିଜୟ ଲକ୍ଷ୍ୟ ନେଇ ଗୋଲେଡେନ ୟାରିସ ଦଳ ବ୍ୟାଟିଂ କରିବାକୁ ଯାଇ ମାତ୍ର ୫୮ ରନ ସଂଗ୍ରହ କରି ପାରିଥିଲା। ଉଦ୍‌ଘାଟନୀ ମ୍ୟାଚ ୨୧ ରନରେ ଥପା ଇଲେଭେନ ଷ୍ଟାର ବିଜୟୀ ହୋଇଥିଲା। ରମେଶ ରାଜ ହଂସ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ ହୋଇଥିଲେ। ସଭାପତି ବିଘ୍ନରାଜ ପଟେଲ ଓ ସମ୍ପାଦକ ନବଦୀପ ପଟେଲଙ୍କ ତତ୍ତ୍ୱାବଧାନରେ ଆନୁଷ୍ଠିତ ଟୁର୍ନାମେଣ୍ଟରେ ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

# ତାଲୁକାସ୍ତରୀୟ ଆଇନ ସଚେତନତା ଶିବିର

**ତରଭା, ୨୩।୧(ଡି.ଏନ.ଏ.)**

ତରଭା ବ୍ଲକ ସରଗଜ ଗ୍ରାମ ପଞ୍ଚାୟତ ପରିସରରେ ତାଲୁକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଆଦିକନ୍ଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜେଏମଏଫସି ତଥା ତରଭା ତାଲୁକ ଲିଗାଲ ସର୍ଭିସ କମିଟି ଚେୟାରମ୍ୟାନ ସବ୍ୟସାଚୀ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ



ତାଲୁକସ୍ତରୀୟ ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ବିଡିଓ ନିହାର ରଞ୍ଜନ କହଁର, ଆଇଆଇସି ଡୋଳାମଣୀ ଭୋଇ, ସରଗଜ ପଞ୍ଚାୟତ ସରପଞ୍ଚ ଦଶରଥ ସାହୁ, ତରଭା ଓକିଲ ସଂଘ ସଭାପତି ଅକ୍ଷୟ ବାଘ, ଏପିପି ଉମେଶ ନାଏକ, ବରିଷ୍ଠ ଆଇନଜୀବୀ ସାନନ୍ଦ ବିହାରି ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅପରାଧ ନିୟନ୍ତ୍ରଣ ପାଇଁ ଆଇନର ସହାୟତା ନେବା ଜରୁରୀ। ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଆଇନ ସମାନ। ବିଶେଷ କରି ତୃତୀୟ ଲିଙ୍ଗ ବ୍ୟକ୍ତିବିଶେଷଙ୍କୁ ଥଟ୍ଟା ପରିହାସ ଓ ତାଚ୍ଛଲ୍ୟ ନ କରିବା ପାଇଁ ଅତିଥିମାନେ ମତପ୍ରକାଶ କରିଥିଲେ। ଅରୂପା ମହାନନ୍ଦ, ଥବିର ମାଝୀ, ପିଇଓ ସୁଜନ ଦୀପଙ୍କ ସମେତ କୋର୍ଟର ସମସ୍ତ କର୍ମଚାରୀ ଓ ତରଭା ଓକିଲ ସଂଘର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ।

### ପଣ୍ଡିତ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ପରଲୋକ

**ବିନିକା,୨୩।୧(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅନ୍ତର୍ଗତ ଉର୍ଲେର ପଣ୍ଡିତ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କର ବୁଧବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ବର୍ଷ ହୋଇଥିଲା। ଗୁରୁବାର ବିନିକା ପାପକ୍ଷୟ ବରଗାଁ ଘାଟରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଛି। ଅନ୍ତିମ ସଂସ୍କାର ବେଳେ ପୁଅ, ଝିଅ, ଜ୍ୱାଇଁ ନିର୍ମଳ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବରିଷ୍ଠ ନାଗରିକଙ୍କ ସୁରକ୍ଷା, କଲ୍ୟାଣ ସମ୍ପର୍କରେ ଆଲୋଚନା

**ସୋନପୁର,୨୩।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ହେଲ୍ପଏଜ୍ ଇଣ୍ଡିଆ ସହଯୋଗକ୍ରମେ ମାତାପିତା ତଥା ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଓ କଲ୍ୟାଣ ଆଇନ ୨୦୦୭ ଉପରେ ଏକ ଆଲୋଚନାଚକ୍ର ସ୍ଥାନୀୟ ଏନଜିଓସିସି ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ସଂଘ ଉପସଭାପତି ଆଇନଜୀବୀ ଇନ୍ଦ୍ରମଣି ଦାଶ ସଭାରେ ଅଧ୍ୟକ୍ଷତା କରିଥିଲେ। ହେଲ୍ପ ଏଜ୍‌ର ପ୍ରବକ୍ତା ମହେନ୍ଦ୍ର କୁମାର ଧଳ ବରିଷ୍ଠ ନାଗରିକମାନଙ୍କ ସକାଶେ ହେଲ୍ପ ଏଜ୍ ଇଣ୍ଡିଆ ପକ୍ଷରୁ ଓଡିଶାରେ କରାଯାଉଥିବା ସ୍ୱାସ୍ଥ୍ୟସେବା, ଜୀବନ ଜୀବିକା ସହଯୋଗ, ଆଡଭାଣ୍ଟେଜ୍ କାର୍ଡ, ବୟସ୍କଙ୍କ ଯତ୍ନ, ସେବା, ଛାତ୍ରୀଛାତ୍ରମାନଙ୍କର ଗୁଣାତ୍ମକ ସେବା, ବରିଷ୍ଠ ନାଗରିକମାନଙ୍କ ଅଧିକାର ଓ ନାର୍ଯ୍ୟ ଦାବି ପ୍ରଭୃତି ପ୍ରସଙ୍ଗରେ ସୂଚନା ଦେଇଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର ବରିଷ୍ଠ ନାଗରିକମାନେ ମୁଖ୍ୟତଃ ସମସ୍ତ ସୁବିଧା ଥିବାସତ୍ତ୍ୱେ ମାନସିକସ୍ତରରେ ସନ୍ତୁଳିତ




ଆଲୋଚନାଚକ୍ରରେ ମଞ୍ଚାସୀନ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା।

ହେଉଥିବାରୁ ତାହାର ପ୍ରତିକାର ନିହାତି ଆବଶ୍ୟକ ବୋଲି ମତ ଦେଇଥିଲେ। ଗ୍ରାମାଞ୍ଚଳର ବରିଷ୍ଠ ନାଗରିକମାନଙ୍କ ପ୍ରତି ବିଶେଷ ଯତ୍ନ ଆବଶ୍ୟକ ବୋଲି କହିଥିଲେ। ସମ୍ପାଦକ ଡ. ନାରାୟଣ ପ୍ରସାଦ ରାୟଗୁରୁ ବରିଷ୍ଠ ନାଗରିକମାନଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୀରମହାରାଜପୁର ବରିଷ୍ଠ ନାଗରିକ ସଂଘ ସଭାପତି ଭଗବାନ ମିଶ୍ର ସମସ୍ତ ବରିଷ୍ଠ ନାଗରିକ ସଂଘରେ ସଭ୍ୟଭାବେ ଅନ୍ତର୍ଭୁକ୍ତ ହୋଇ ସଂଘକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ସଂଘ ମାଧ୍ୟମରେ ସମସ୍ତ ଅସୁବିଧା ଦୂର କରିବାକୁ କହିଥିଲେ। କାର୍ଯ୍ୟକାରୀ କମିଟି ସଭ୍ୟ ଆଇନଜୀବୀ ବ୍ୟୋମକେଶ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଜକୁ ବ୍ୟାଙ୍କ ଅଧିକାରୀ କହୁଥିବା ଯୁବକ ଗିରଫ

**ନୂଆପଡା ଅଫିସ,୨୩।୧**

ନିଜକୁ ବ୍ୟାଙ୍କ, ଯୋଗାଣ ଅଧିକାରୀ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟରେ କାମ କରୁଥିବା କିରାଣି ପରିଚୟ ଦେଇ ଲୋକଙ୍କୁ ବିଭିନ୍ନ କାମ କରିଦେବା ନାଁରେ ଲକ୍ଷାଧିକ ଟଙ୍କା ସଂଗ୍ରହ କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ନଗଦ ୧୩ ଲକ୍ଷ ଟଙ୍କା ସହ ବହୁ ମୋବାଇଲ ଜବତ କରାଯାଇଥିବା ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଥାନାରେ ଆହୂତ ସମ୍ମିଳନୀରେ ଏସ୍‌ପି ବିନୀତ କୁମାର ଅଗ୍ରୱାଲ ସମ୍ପୂର୍ଣ୍ଣ ବିବରଣୀ ଦେଇ କହିଥିଲେ ଯେ, ଖଡିଆଳ ସହରରେ ଏକ ଭଡାଘର ନେଇ ରହୁଥିଲେ ନକୁଳ ବେନିଆ (୪୦) ନାମକ ଜଣେ ଯୁବକ। ତାଙ୍କ ଘର ପଡୋଶୀ ବଲାଙ୍ଗୀର ଜିଲା ଟୁରେକେଲା ବୋଲି ଜଣାପଡିଛି। ସେ କୋମନା ଏବଂ ସିନାପାଲି ବ୍ଲକ ଅଞ୍ଚଳରେ ନିଜକୁ



ଗିରଫ ଅଭିଯୁକ୍ତଙ୍କ ସହ ପୋଲିସ ଅଧିକାରୀମାନେ।

## ୧୩ ଲକ୍ଷ ଟଙ୍କା ସହ ମୋବାଇଲ ଜବତ

ବିଭିନ୍ନ ସମୟରେ ବ୍ୟାଙ୍କ ଅଧିକାରୀ, ଯୋଗାଣ ବିଭାଗ ଅଧିକାରୀ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣିର ପରିଚୟ ଦେଇ ଲୋକଙ୍କଠାରୁ ଆଧାର କାର୍ଡ, ଭୋଟର ପରିଚୟପତ୍ର ଫଟୋ ଆଦି ସଂଗ୍ରହ କରୁଥିଲେ। ରଣ କରିଦେବା ନାଁରେ ଲୋକଙ୍କଠାରୁ ଟଙ୍କା ସଂଗ୍ରହ କରୁଥିଲେ। ଏପରିକି ଲୋକେ ଟଙ୍କା ପାଇବା ଆଶାରେ ସୁନା ଗହଣା ବିକ୍ରି କରି ସର୍ବସ୍ୱାନ୍ତ ହେଉଥିଲେ। ଏହାକୁ ନେଇ ସିନାପାଲି ଏବଂ କୋମନା ଥାନାରେ ଦଫା ୪୧୯, ୪୨୦ରେ ୨୪/୨୦ ଏବଂ ୨୧/୨୦ରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା। ଏହାକୁ ଭିତ୍ତି କରି ଏସପି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ ଫୋନ ଟ୍ରାପିଂ କରି ନକୁଳ ବେନୁଆଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୧୩ ଲକ୍ଷ ୫୩ ହଜାର ୯୦୦ଟଙ୍କା, ୬ଟି କିପେଡ ମୋବାଇଲ ଫୋନ, ୬ଟି ଏୟାରଟେଲ ସିମ ଏବଂ ଗୋଟିଏ ବିଏସଏନଏଲ ସିମ, ଅଭିଯୋଗକାରୀଙ୍କ ବ୍ୟାଙ୍କ ପାସ ବହି, ଭୋଟର ପରିଚୟପତ୍ର, ଆଧାର କାର୍ଡ ସବୁ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ନକୁଳ ପୂର୍ବରୁ ଏପରି ବିଭିନ୍ନ ସମୟରେ ଠକେଇ କରି ଜେଲ ଯାଇଛନ୍ତି। ଟୁରେକେଲା ଥାନାରେ ଏକ ମାମଲା (ନଂ. ୫୮/୧୪)ରେ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ବଙ୍ଗୋମୁଣ୍ଡା ଥାନା ୭୨/୧୬ରେ ମାମଲା ରୁଜୁ ହୋଇଥିଲା। ଏଭଳି ଠକେଇ ଉପରେ ଲୋକ ସଚେତନ ହେବାକୁ ଏସପି ଅଗ୍ରୱାଲ ଆହ୍ୱାନ କରିଛନ୍ତି।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



# ଜନ୍ମତିଥିରେ ସୁଭାଷ, ସୁରେନ୍ଦ୍ରଙ୍କ ସ୍ମୃତିଚାରଣ

**ଖପ୍ରାଖୋଲ, ୨୩।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଟପଦାଠାରେ ଶ୍ରମିକ ଅଧିକାର ମଞ୍ଚ ତରଫରୁ ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସମାରୋହ କ୍ଷେତ୍ର ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଏମପି ପ୍ରତିନିଧି ଅଭୟ ତ୍ରିପାଠୀ, ମୁଖ୍ୟବକ୍ତା ଆଇନଜୀବୀ ତ୍ରିଲୋଚନ ପୁଂଜି, ସମ୍ମାନିତ ଅତିଥି ଆଦିବାସୀ ନେତା ଧରମ ସିଂ ଧରୁଆ, ନାରୀନେତ୍ରୀ ଗୋଲାପି ବିଶି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ଦୁଇ ବୀର ପୁରୁଷଙ୍କ ସଂଘର୍ଷମୟ ଜୀବନୀର ଅବତାରଣା କରିଥିଲେ । ଏହି ଅବସରରେ ଶ୍ରମିକ ମାନଙ୍କ ବିଭିନ୍ନ ଅଧିକାର ଉପରେ ଆଲୋକପାତ କରାଯାଇଥିଲା। ନିର୍ମାଣ ଶ୍ରମିକମାନଙ୍କୁ ସରକାରୀ ନିୟମ ଅନୁସାରେ ଆବଶ୍ୟକ ସହଯୋଗ ମିଳୁ ନ ଥିବାରୁ ଆଗାମୀ ଫେବୃୟାରୀ ୩ ତାରିଖ ମଞ୍ଚ ତରଫରୁ ଏକ ବିକ୍ଷୋଭ ଶୋଭାଯାତ୍ରା ଆୟୋଜନ କରି ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଦେବରାଜ ବୁଡେକ, ଗୋଲାପ ନିଆଲ, ମାୟାଧର ସାହୁ, ଭରଙ୍ଗରାଜ ବରିହା, ସତ୍ୟ ରଣା, ଗୋକୁଲ ଭୋଇ, କ୍ଷମା ମାଝୀ, ସୁଦର୍ଶନ ପଧାନ, ଅଲେଖ ସାହୁ, ଦୌପତି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଗୌତମ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବେଲପଡା(ଡି.ଏନ.ଏ.):** ବେଲପଡା ଡିଆର ମେହେର ହାଇସ୍କୁଲରେ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍କୁଲର ଛାତ୍ରମାନେ ସୁବାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ମହାନତା ଉପରେ ଆଲୋକପାତ କରିଥିଲେ । ଶିକ୍ଷୟିତ୍ରୀ ପ୍ରିୟଙ୍କା ପଧାନ , ଶିକ୍ଷକ ପ୍ରଭାକର ସାହୁ, କୁଶଧ୍ୱଜ ବୁଡେକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

**ଟିଟିଲାଗଡ଼(ଡି.ଏନ.ଏ):** ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ପଡିଆରେ ନେତାଜୀ ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚ ସଭାପତି ବ୍ୟଙ୍ଗକବି ଟିକେଲାଲ ବେହେରା ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟଲାଗଡ ତହସିଲଦାର କର୍ଣ୍ଣ ମଲ୍ଲିକ ମୁଖ୍ୟଅତିଥି ତଥା ଶିକ୍ଷାବିତ ଜ୍ୟୋତିପ୍ରକାଶ ଗଡତିଆ ମୁଖ୍ୟବକ୍ତା, ବିଶିଷ୍ଟ ପରିବେଶବିତ ପଞ୍ଚାନନ ବେହେରା, ଶିକ୍ଷାବିତ ଉମେଶ ଚନ୍ଦ୍ର ଦାଶ ସମ୍ମାନୀତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଏହି ଅବସରରେ ସ୍ଥାନୀୟ ହୋମଗାର୍ଡ ଗ୍ରୁପ, ଡିଏଭି ସ୍ୱୟଂ ଶାସିତ କଲେଜ, ପ୍ରଭାବତୀ ପବ୍ଲିକ ସ୍କୁଲ, ଓମଭେଲି ସ୍କୁଲ, ମାହେଶ୍ୱର ହିନ୍ଦୀ ହାଇସ୍କୁଲ, ଘଣ୍ଟାସୁନି ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରମୁଖ ଶିକ୍ଷାନୁଷ୍ଠାନର ଏନସିସି, ସ୍କାଉଟ, ଗାଇଡ ଦଳ ପରେଡରେ ଭାଗ ନେଇ ଦୁଇ ବୀରଙ୍କୁ ଅଭିବାଦନ ଜଣାଇଥିଲେ।

# ଲକ୍ଷେଘର ଗଣ୍ଡା ସମାଜ ବୈଠକ

**ଖପ୍ରାଖୋଲ, ୨୩।୧(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଲକ୍ଷେଘର ଗଣ୍ଡା ସମାଜର ବୈଠକ ନାନ୍ଦୁପଲା ଓ ମହରାପଦରର ପଞ୍ଚାୟତସ୍ତରୀୟ କମିଟି ଆୟୋଜନକ୍ରମେ ଅନୁଷ୍ଠିତ ହୋଇଥିଲା । ନବନିର୍ବାଚିତ ବ୍ଲକ ସଭାପତି ଛିନୁ ଟାକରୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଂଯୋଜକ ବନ ବିହାରୀ ମହାନନ୍ଦ, ଶ୍ରୀପତୀ କୁମ୍ଭାର, ରୁପଧର ନନ୍ଦ ପ୍ରମୁଖ ଯୋଗଦେଇ ସମାଜର ସାମୂହିକ ବିକାଶ ଉପରେ ଆଲୋଚନା କରିଥିଲେ । ବୈଠକରେ ଭାସ୍କର ସୁନା, ତପି ସୁନା, ବନୁ କୁମ୍ଭାର, ଆର୍ତ ଛତ୍ରିଆ, ରଘୁ ସୁନା, ଦୁଷ୍ମନ୍ତ ତାଣ୍ଡି, ବଳଭଦ୍ର କୁମ୍ଭାର, ରବି କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। କ୍ଷୀରମୋହନ ଶଗଡିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଥିବା ଆନ୍ଦୋଳନକାରୀ।

# ଗାଁକୁ ପକ୍କାରାସ୍ତା ଦାବିରେ ଚାଲିଥିବା ଧାରଣା ୩ୟ ଦିନରେ

**କଣ୍ଟାବାଞ୍ଜି, ୨୩।୧(ଡି.ଏନ.ଏ.)**

ତୁରେକେଲା ବ୍ଲକ ଚଟୁଅନକା ପଞ୍ଚାୟତର ବେହେରେନସିଲେଟ ଗାଁକୁ ସବୁଦିନିଆ ରାସ୍ତା ନାହିଁ। ପଞ୍ଚାୟତ, ବ୍ଲକ ସଦର ମହକୁମା ସହ ନିକଟସ୍ଥ କଣ୍ଟାବାଞ୍ଜି ସହରକୁ ଭଲ ରାସ୍ତା ନ ଥିବା ଯୋଗୁଁ କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ଏହି ଧାରଣା ଗୁରୁବାର ୩ୟ ଦିନରେ ପହଞ୍ଚିଛି। ଏହି ଧାରଣାକୁ ସମର୍ଥନ ଜଣାଇ ଗାଁର ସମସ୍ତ ଗ୍ରାମବାସୀଙ୍କ ସହିତ ଅଞ୍ଚଳର ବୁଦ୍ଧିଜୀବୀ, ଆଇନଜୀବୀ ଓ ରାଜନୈତିକ ଦଳର ବ୍ୟକ୍ତିମାନେ ଧାରଣାରେ ସାମିଲ ହୋଇଛନ୍ତି। ଗୁରବାରର ଧାରଣାରେ ଭାଜପା ଜିଲା ସମ୍ପାଦକ ଲକ୍ଷ୍ମଣ ବାଗ, ପୂର୍ବତନ କାଉନସିଲର କାଳିଆ ସୁନା, ଭାଜପା ନେତା ରମାକାନ୍ତ ମହାପାତ୍ର, ନାରୀନେତ୍ରୀ ପିଙ୍କି ଖର୍ସେଲ, ପାର୍ଥମ ବେହେରା ସାମିଲ ହୋଇଥିଲେ। ଲିମାଇ ଚରଣ ମହତଙ୍କ ନେତୃତ୍ୱରେ ଗ୍ରାମବାସୀ ଏହି ଆନ୍ଦୋଳନ ଜାରି ରଖିଛନ୍ତି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସିଣ୍ଡୋଲକୁ ହରାଇ ରୁକ୍ଷୁଡା ସେମିରେ

**ଉଲୁଣ୍ଡା୨୩।୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମାଟୁପାଲିଠାରେ ୨୬ତମ ବୀରସୁରେନ୍ଦ୍ର ସାଏ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଖେଳ ପଡିଆରେ ହୋଇଥିବା ଏହି ମ୍ୟାଚରେ ସିଣ୍ଡୋଲକୁ ହରାଇ ଭେଡେନ ବ୍ଲକ ରୁକ୍ଷୁଡା କ୍ରିକେଟ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସଭାପତି ହୃଷିକେଶ ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସିଣ୍ଡୋଲ କଲେଜ ଅଧ୍ୟକ୍ଷ ପବିତ୍ର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ନାରାୟଣ ବଗର୍ତ୍ତୀ, ୱାର୍ଡସଭ୍ୟ ମୁକୁନ୍ଦ ଛୁଟି, ସାମାଜିକ କର୍ମୀ ସନ୍ତୋଷ ଭୁକ୍ତା, ସିଣ୍ଡୋଲ ପଞ୍ଚାୟତର ନାଏବ ସରପଞ୍ଚ ଟଙ୍କଧର କର୍ଣ୍ଣ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ କୁଶ ମାଝୀ ସଂଯୋଜନା କରିଥିଲେ। ପ୍ରଥମ ଲିଗ ମ୍ୟାଚରେ ସର୍ଗୀପାଲି ଦଳ ପ୍ରଥମେ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୬୬ ରନ କରିଥିଲା। ଦଳ ପକ୍ଷରୁ ଟିଙ୍କୁ ସର୍ବାଧିକ ୯ ବଲରେ ୨୧ ରନ କରିଥିଲେ। ଏହାର ଜବାବରେ ସିଣ୍ଡୋଲ ଦଳ ନିର୍ଦ୍ଧାରିତ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ରୁକ୍ଷୁଡା ଦଳ ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୨ ଉଇକେଟ ହରାଇ ୧୫୩ ରନ କରିଥିଲା। ଦଳ ପକ୍ଷରୁ ଅଙ୍କିତ ସର୍ବାଧିକ ୨୯ ବଲରେ ୭୪ ରନ କରିଥିଲେ। ୧୫୪ ରନର ବିଜୟ ଲକ୍ଷ୍ୟ ନେଇ ଖଲିଆପାଲି ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୦ ରନ କରି ପରାଜିତ ହୋଇଥିଲା। ତୃତୀୟ ମ୍ୟାଚରେ ସିଣ୍ଡୋଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୨ ଉଇକେଟ ହରାଇ ୬୨ ରନ କରିଥିଲା। ଦଳ ପକ୍ଷରୁ ଜଗ ସର୍ବାଧିକ ୧୪ ବଲରେ ୨୮ ରନ କରିଥିଲେ। ଜବାବରେ ରୁକ୍ଷୁଡା ଦଳ ୩.୫ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଖେଳକୁ ଦୟାନିଧି ଦେହେରୀ ଓ ନରେନ୍ଦ୍ର ଭୋଇ ପରିଚାଳନା କରିଥିଲେ। ରଘୁନାଥ ପଟ୍ଟନାଏକ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ସମ୍ପୂରାଜ କର୍ଣ୍ଣ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଯୋଗେଶ୍ୱର ଧାମ ଶିବରାତ୍ରି ମେଳା କମିଟି ଗଠିତ

**ଲୋଇସିଂହା,୨୩।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଯୋଗେଶ୍ୱର ଧାମରେ ଆଗାମୀ ଶିବରାତ୍ରି ମେଳା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ପଧାନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବବର୍ଷର ଆୟବ୍ୟୟ ସମୀକ୍ଷା କରାଯିବ ସହ ଚଳିତ ବର୍ଷ ମେଳାର ରୂପରେଖ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ କମିଟି ଗଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ମେଳା ସଭାପତି ଭାବେ ଦୁଷ୍ମନ୍ତ ପଧାନ, ଉପସଭାପତି ମହେଶ ତ୍ରିପାଠୀ, ସମ୍ପାଦକ ଶ୍ରୀକାନ୍ତ ତ୍ରିପାଠୀ, ସହସମ୍ପାଦକ ସରୋଜ ପଧାନ ଓ କୋଷାଧ୍ୟକ୍ଷଭାବେ ସନକ ପଧାନ, ବୀରବର ପଧାନ ଓ ଶିବଶଙ୍କର ସାହୁଙ୍କୁ ରଖାଯାଇଛି। ନାମଯଜ୍ଞ କମିଟିରେ ସମ୍ପତି ପଧାନ, ଲକ୍ଷବଚ୍ଛ ସାହୁ, ସୁରେଶ ପଧାନ, ଅଜାମିଲ ପଧାନ ପ୍ରମୁଖ ରହିଛନ୍ତି। ସେହିପରି ଅନ୍ନକ୍ଷେତ୍ର କମିଟିରେ ବଟକୃଷ୍ଣ ତ୍ରିପାଠୀ, ବିଭୂତିଭୂଷଣ ପଣ୍ଡାଙ୍କ ସମେତ ରାମଶଙ୍କର ପଣ୍ଡା, ରବୀନ୍ଦ୍ର ତ୍ରିପାଠୀ, ବିପୁଳ ଥନାପତି, ଦେବାଶିଷ ପଣ୍ଡା, ଆନନ୍ଦ ସାହୁ, ଶୋଭନାଥ ପଧାନ ଓ ପ୍ରଶାନ୍ତ ସାହୁ ରହିଛନ୍ତି। ଏହି ଅବସରରେ ବିଭିନ୍ନ ଯଜ୍ଞ କର୍ତ୍ତା ମଧ୍ୟ ମନୋନୀତ ହୋଇଥିଲେ । ମେଳା ଅବସରରେ ଅଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଥିବା କମିଟି ସୂତ୍ରରୁ ପ୍ରକାଶ ।

**ଫର୍ମ ନଂ. ଆଇଏନ୍‌ସି-୨୬**
[କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ ଆଧାରରେ]
**କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ''ଓଡ଼ିଶା ରାଜ୍ୟ''ରୁ ''ଦିଲ୍ଲୀ ଜାତୀୟ ରାଜଧାନୀ କ୍ଷେତ୍ର''କୁ ପରିବର୍ତ୍ତନ କରିବା ପାଇଁ ଖବରକାଗଜରେ ପ୍ରକାଶିତ ହେବାକୁ ଥିବା ବିଜ୍ଞପ୍ତି**
**ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ (କେନ୍ଦ୍ର ସରକାର)ଙ୍କ ସମ୍ମୁଖରେ**
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ର ଉପଧାରା (୪) ଏବଂ କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ର ଉପ-ନିୟମ (୫)ର ଅନୁଚ୍ଛେଦ (କ) ମାମଲାରେ
ଏବଂ
**ଏଆର୍‌ଏସ୍‌ଏସ୍ ବସ୍ ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍,** ପଞ୍ଜୀକୃତ କାର୍ଯ୍ୟାଳୟ: ସି-୭୯, ବିଡିଏ ଡୁପ୍ଲେକ୍ସ, ଏୟାରପୋର୍ଟ ନିକଟ, ପଳାଶପଲ୍ଲୀ, ଭୁବନେଶ୍ୱର, କଟକ, ଓଡ଼ିଶା-୭୫୧୦୨୦ ମାମଲାରେ,
ବାଦୀ
ଏତଦ୍ୱାରା ସର୍ବସାଧାରଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ କମ୍ପାନୀ ସୋମବାର, ଜାନୁୟାରୀ ୧୩, ୨୦୨୦ରେ ଅନୁଷ୍ଠିତ ଅତିରିକ୍ତ ସାଧାରଣ ବୈଠକରେ ଗୃହୀତ ସ୍ୱତନ୍ତ୍ର ସଂକଳ୍ପ ଅନୁଯାୟୀ କମ୍ପାନୀର ସଂସ୍ଥା ଜ୍ଞାପକରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ ଅଧୀନରେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ ଖଣ୍ଡପୀଠ (କେନ୍ଦ୍ର ସରକାର)ଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖିଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ ''ଓଡ଼ିଶା ରାଜ୍ୟ''ରୁ ''ଦିଲ୍ଲୀ ଜାତୀୟ ରାଜଧାନୀ କ୍ଷେତ୍ର''କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।
କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ **ଏମ୍‌ସିଏ-୨୧ ପୋର୍ଟାଲ (www.mca.gov.in)ରେ ନିବେଶକ ଅଭିଯୋଗ ଫର୍ମ ଦାଏର କରିପାରିବେ** କିମ୍ବା ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଇ ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ମାଧ୍ୟମରେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, ନିଜାମ ପ୍ୟାଲେସ୍, ।। ଏମ୍‌ଏସ୍‌ଓ ବିଲ୍ଡିଂ, ୩ୟ ମହଲା, ୨୩୪/୪, ଏ.ଜେ.ସି. ବୋଷ ରୋଡ୍, କୋଲକାତା ୭୦୦୦୨୦ ଠିକଣାରେ ଏହି ନୋଟିସ ପ୍ରକାଶନ ତାରିଖରୁ ୧୪ ଦିନ ମଧ୍ୟରେ ପଠାଇବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ଉପରୋକ୍ତ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପ୍ରେରଣ କରିବେ।
**ଏଆର୍‌ଏସ୍‌ଏସ୍ ବସ୍ ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍**
**ପାଇଁ ଏବଂ ତରଫରୁ**
**ସ୍ୱା./-**
**ପ୍ରିୟା ପଖାରେ**
**କମ୍ପାନୀ ସେକ୍ରେଟାରୀ**
**ଏଫ୍‌ସିଏସ୍: ୭୮୦୫**
**ତାରିଖ: ୨୩।୦୧।୨୦୨୦**
**ସ୍ଥାନ: ମୁମ୍ବାଇ**

ମୋ ସରକାର ☎ 14545
FICCI
DSPL-244

# କୃଷି ଓଡ଼ିଶା

୨୦-୨୪ ଜାନୁଆରୀ, ୨୦୨୦
ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା

**ଉଦ୍‌ଯାପନୀ ଉତ୍ସବ**
୨୪ ଜାନୁଆରୀ, ୨୦୨୦ (ଶୁକ୍ରବାର)
ସନ୍ଧ୍ୟା ୬ ଘଟିକା

**ମୁଖ୍ୟ ଅତିଥି**
**ପ୍ରଫେସର ଗଣେଶୀ ଲାଲ**
ମହାମହିମ ରାଜ୍ୟପାଳ, ଓଡ଼ିଶା

**ସମ୍ମାନିତ ଅତିଥି**
**ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା**
ମାନ୍ୟବର ମନ୍ତ୍ରୀ, ବିଜ୍ଞାନ ଓ ପ୍ରଯୁକ୍ତ ବିଦ୍ୟା, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା
**ଡଃ ପବନ କୁମାର ଅଗ୍ରୱାଲ**
କୁଳପତି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

**ସଭାପତି**
**ଡଃ ଅରୁଣ କୁମାର ସାହୁ**
ମାନ୍ୟବର ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଉଚ୍ଚ ଶିକ୍ଷା, ଓଡ଼ିଶା

**ସ୍ୱାଗତ ଭାଷଣ**
**ଡଃ. ସୌରଭ ଗର୍ଗ, ଭା.ପ୍ର.ସେ.**
ପ୍ରମୁଖ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

**ଧନ୍ୟବାଦ ଅର୍ପଣ**
**ଡଃ ଏମ୍. ମୁଥୁକୁମାର, ଭା.ପ୍ର.ସେ.**
କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଓଡ଼ିଶା

**କୃଷି ପ୍ରଦର୍ଶନୀ, ଆଲୋଚନା ଚକ୍ର, କୃଷକ-ବୈଜ୍ଞାନିକ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆପଣମାନଙ୍କୁ ସାଦର ନିମନ୍ତ୍ରଣ**

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର**

01034/13/0045/1920

DADLS-92



## ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ

୨୪ ଜାନୁଆରୀ, ୨୦୨୦

ସମୟ – ସକାଳ ଘ.୭.୩୦.ମି.
ମ୍ୟୁଜିୟମ୍ ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ ।

**ସାଧାରଣ ସଭା**
ସମୟ – ସଂଧ୍ୟା ଘ.୫.୩୦ ମିନିଟ୍ | ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ,**
ମାନ୍ୟବର ବିଧାୟକ
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ,**
ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ
**ଡଃ. ଲେନିନ୍ ମହାନ୍ତି,**
ସମ୍ପାଦକ, ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ

ମୁଖ୍ୟବକ୍ତା – **ଶ୍ରୀଯୁକ୍ତ ଓମ୍ ପ୍ରକାଶ,**
ଖ୍ୟାତନାମା ସ୍ତମ୍ଭକାର ଓ ସାମ୍ବାଦିକ

**କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।**

**ସ୍ୱରସୁଧା** ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା **ନାଟକ ବକ୍ସି ଜଗବନ୍ଧୁ** ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି ଉତ୍ସବରେ ଯୋଗ ଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0127/1920

## ସଂକ୍ଷେପରେ

### ନେତାଜୀ, ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

**କୋମନା,୨୩।୧(ଡି.ଏନ.ଏ.):** ନୂଆପଡା ଜିଲା କୋମନା ବ୍ଲକ ମେଣ୍ଟାଟାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ ନେତା ସୁଭାଷ ଚନ୍ଦ୍ର ବୋଷ ଏବଂ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ପ୍ରଧାନ ଶିକ୍ଷକ ଖେମ ଦାସ, ସହକାରୀ ଶିକ୍ଷକ ବୃନ୍ଦ ଓ ପରିଚାଳନା କମିଟି ସଭାପତି ପ୍ରମୁଖ ଓଡିଶାର ଦୁଇ ବରପୁତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କର ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ଏହି କ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମ ଓ ଦ୍ୱତୀୟ ସ୍ଥାନ ଅଧିକାର କରିଥିବା କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ଜିଲା କଂଗ୍ରେସ ପକ୍ଷରୁ ସୁଭାଷ ବୋଷ ଜୟନ୍ତୀ ପାଳିତ

ଭବାନୀପାଟଣା, ୨୩।୧ (ଡି.ଏନ.ଏ.) ଗୁରୁବାର ସକାଳ ସାଢ଼େ ୮ଟାରେ କ୍ରାନ୍ତିବୀର ସୁବାଷ ବୋଷଙ୍କ ଜୟନ୍ତୀ ଜିଲା କଂଗ୍ରେସ ପାର୍ଟି ଅଫିସରେ ପାଳନ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ ସ୍ୱର୍ଗତ ସୁବାଷ ବୋଷଙ୍କ ଫଟୋଚିତ୍ରରେ ଫୁଲମାଳ ଓ ଧୂପ, ଦୀପ ଦେଇଥିଲେ। ଏଥିରେ ଉପସଭାପତି ଉଚ୍ଛବ ସାହୁ, ସାଧାରଣ ସମ୍ପାଦକ ବ୍ରଜମୋହନ ସାହୁ, ନଗର କଂଗ୍ରେସ ସବାପତି ନୀମାଞ୍ଚଳ ନାଏକ, ଉପସଭାପତି ପ୍ରୀତମ ବେହେରା, ସମ୍ପାଦକ ସୁରେଶ ପଟ୍ଟନାୟକ, ଆଦିବାସୀ ସଂଯୋଜକ ପରମାନନ୍ଦ ମାଝି, ସୁବାଷ ପ୍ରଧାନ, ସରତ ନାଏକ, ସୁଦର୍ଶନ ବିଶ୍ୱାଳ, ଚନ୍ଦ୍ର ଯୋଷୀ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ସୁବାଷ ବୋଷଙ୍କ ସ୍ମୃତି ଚାରଣ କରିଥିଲେ।

# ନିଜକୁ ବ୍ୟାଙ୍କ ଅଧିକାରୀ କହୁଥିବା ଯୁବକ ଗିରଫ

**ନୂଆପଡା ଅଫିସ,୨୩।୧**

ନିଜକୁ ବ୍ୟାଙ୍କ, ଯୋଗାଣ ଅଧିକାରୀ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟରେ କାମ କରୁଥିବା କିରାଣି ପରିଚୟ ଦେଇ ଲୋକଙ୍କୁ ବିଭିନ୍ନ କାମ କରିଦେବା ନାଁରେ ଲକ୍ଷାଧିକ ଟଙ୍କା ସଂଗ୍ରହ କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ନଗଦ ୧୩ ଲକ୍ଷ ଟଙ୍କା ସହ ବହୁ ମୋବାଇଲ ଜବତ କରାଯାଇଥିବା ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଥାନାରେ ଆହୂତ ସମ୍ମିଳନୀରେ ଏସ୍‌ପି ବିନୀତ କୁମାର ଅଗ୍ରୱାଲ ସମ୍ପୂର୍ଣ୍ଣ ବିବରଣୀ ଦେଇ କହିଥିଲେ ଯେ, ଖଡିଆଳ ସହରରେ ଏକ ଭଡାଘର ନେଇ ରହୁଥିଲେ ନକୁଳ ବେନିଆ (୪୦) ନାମକ ଜଣେ ଯୁବକ । ତାଙ୍କ ଘର ପଡୋଶୀ ବଲାଙ୍ଗୀର ଜିଲା ତୁରେକେଲା ବୋଲି ଜଣାପଡିଛି । ସେ କୋମନା ଏବଂ ସିନାପାଲି ବ୍ଲକ



ଗିରଫ ଅଭିଯୁକ୍ତଙ୍କ ସହ ପୋଲିସ ଅଧିକାରୀମାନେ।

## ୧୩ ଲକ୍ଷ ଟଙ୍କା ସହ ମୋବାଇଲ ଜବତ

ଅଞ୍ଚଳରେ ନିଜକୁ ବିଭିନ୍ନ ସମୟରେ ବ୍ୟାଙ୍କ ଅଧିକାରୀ, ଯୋଗାଣ ବିଭାଗ ଅଧିକାରୀ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣିର ପରିଚୟ ଦେଇ ଲୋକଙ୍କଠାରୁ ଆଧାର କାର୍ଡ, ଭୋଟର ପରିଚୟପତ୍ର ଫଟୋ ଆଦି ସଂଗ୍ରହ କରୁଥିଲେ । ଋଣ କରିଦେବା ନାଁରେ ଲୋକଙ୍କଠାରୁ ଟଙ୍କା ସଂଗ୍ରହ କରୁଥିଲେ। ଏପରିକି ଲୋକେ ଟଙ୍କା ପାଇବା ଆଶାରେ ସୁନା ଗହଣା ବିକ୍ରି କରି ସର୍ବସ୍ୱାନ୍ତ ହେଉଥିଲେ। ଏହାକୁ ନେଇ ସିନାପାଲି ଏବଂ କୋମନା ଥାନାରେ ଦଫା ୪୧୯, ୪୨୦ରେ ୨୪/୨୦ ଏବଂ ୨୧/୨୦ରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା । ଏହାକୁ ଭିତ୍ତି କରି ଏସପି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ ଫୋନ ଟ୍ରାପିଂ କରି ନକୁଳ ବେନୁଆଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୧୩ ଲକ୍ଷ ୫୩ ହଜାର ୯୦୦ଟଙ୍କା, ୬ଟି କିପେଡ ମୋବାଇଲ ଫୋନ, ୬ଟି ଏୟାରଟେଲ ସିମ ଏବଂ ଗୋଟିଏ ବିଏସଏନଏଲ ସିମ, ଅଭିଯୋଗକାରୀଙ୍କ ବ୍ୟାଙ୍କ ପାସ ବହି, ଭୋଟର ପରିଚୟପତ୍ର, ଆଧାର କାର୍ଡ ସବୁ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ନକୁଳ ପୂର୍ବରୁ ଏପରି ବିଭିନ୍ନ ସମୟରେ ଠକେଇ କରି ଜେଲ ଯାଇଛନ୍ତି। ତୁରେକେଲା ଥାନାରେ ଏକ ମାମଲା (ନଂ. ୫୮/୧୪)ରେ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ବଙ୍ଗୋମୁଣ୍ଡା ଥାନା ୭୨/୧୬ରେ ମାମଲା ରୁଜୁ ହୋଇଥିଲା। ଏଭଳି ଠକେଇ ଉପରେ ଲୋକ ସଚେତନ ହେବାକୁ ଏସପି ଅଗ୍ରୱାଲ ଆହ୍ୱାନ କରିଛନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଣ୍ଡା ପାଟ**
**ହଜିଲେ ମଠା ।**

ଜିନିଷଟି ପାଖରେ ଥିଲାବେଳେ ଏହା ଅଦରକାରୀ ବା ସାମାନ୍ୟ ଜିନିଷ ଭାବି କେହି କେହି ଏହା ଉପରେ ଅଧିକ ଗୁରୁତ୍ୱ ଦେଇ ନ ଥାନ୍ତି। କିନ୍ତୁ ସେହି ଜିନିଷଟି ହଜିଗଲା ପରେ ଏହାର ମହତ୍ତ୍ୱ ଜଣାପଡ଼ି ଯାଇଥାଏ। ତା'ର ମୂଲ୍ୟ ମଧ ଅନେକ ପରିମାଣରେ ବଢ଼ିଯିବାର ଲକ୍ଷ୍ୟ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛଅ ଟଙ୍କାର ଘୋଡ଼ାକୁ**
**ନଅ ଟଙ୍କାର ଦାନା ।**

ଜିନିଷର ଦାମ୍ ତୁଳନାରେ ତାକୁ ନେଇ ଆଣି ଥୋଇବା, ଚଳେଇବା ଦାମ୍ ଅଧିକ। ମୂଳ ବସ୍ତୁର ମୂଲ୍ୟଠାରୁ ତା'ର ରକ୍ଷଣାବେକ୍ଷଣା ଖର୍ଚ୍ଚ ବଳିଯିବା ବା ଢେର୍ ଅଧିକ ହୋଇଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଲାଞ୍ଜିଗଡ଼ରେ ଜାତୀୟ ଜଳ ମିଶନ ଅତିରିକ୍ତ ଶାସନ ସଚିବ

**ଭବାନୀପାଟଣା, ୨୩।୧ (ଡି.ଏନ.ଏ.)**

ଜାତୀୟ ଜଳ ମିଶନ ଅତିରିକ୍ତ ଶାସନ ସଚିବ ଓ ପରିଚାଳନା ନିର୍ଦ୍ଦେଶକ ଜି. ଅଶୋକ କୁମାର ବୁଧବାର ଲାଞ୍ଜିଗଡ ବ୍ଲକ ଗସ୍ତ କରି ବିଭିନ୍ନ ଯୋଜନାର ତଦାରଖ କରିଛନ୍ତି। ସେ ପ୍ରଥମେ ଲାଞ୍ଜିଗଡ ରୋଡ ପଞ୍ଚାୟତ ମାଡିବନ୍ଧା ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ବିଭିନ୍ନ ସମସ୍ୟା ବୁଝିଥିଲେ। ଏହାପରେ ଲାଞ୍ଜିଗଡ ରୋଡ ପଞ୍ଚାୟତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତିଆରି ଘରଗୁଡିକୁ ତଦାରଖ କରିବା ସହିତ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ତଦାରଖ କରିଥିଲେ। ସେହିପରି ଛତ୍ରପୁର ପଞ୍ଚାୟତ ଟାଙ୍ଗନକନା ଗ୍ରାମକୁ ଯାଇ କୁଟିଆକନ୍ଧ ଉନ୍ନୟନ ସଂସ୍ଥା ଅଧୀନରେ ଥିବା ଲେମନଗ୍ରାସ ତେଲ ପ୍ରକ୍ରିୟାକରଣ କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ଏହାପରେ ଲାଞ୍ଜିଗଡସ୍ଥିତ ଏସଏସଡି ସ୍କୁଲ ବିଭିନ୍ନ ସମସ୍ୟା ବୁଝିଥିଲେ। ଗସ୍ତ ସମୟରେ ବାତେଲଲିମା ପଞ୍ଚାୟତ ବାଣିପଙ୍ଗାର ଜନଜାତି ସ୍କୁଲ ତଦାରଖ କରିବା ପରେ ଶେଷରେ ଚମ୍ପାଦେଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଜିଲା ଏଡିଏମ ଶରତ ଶ୍ରୀଚନ୍ଦନ, ଡିଡବ୍ଲୁଓ ବୁଦ୍ଧଦେବ ପଣ୍ଡା, ପିଏଆଇଟିଡିଏ ବିରଞ୍ଚି ନାରାୟଣ ଦର୍ବାନ, ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର ମିଶ୍ର, ବ୍ଲକ ଅଧ୍ୟକ୍ଷ ଇ. ଫକୀର ମୋହନ ମାଁ, ଲାଞ୍ଜିଗଡ ତହସିଲଦାର ମୁନିନ୍ଦ୍ର ହୁନ୍ନାଙ୍ଗା, ଏବିଡିଓ ବିଭୂତି ଭୂଷଣ ଶତପଥୀ, ସିଡିପିଓ କୁସୁମ ପ୍ରହରାଜ, କେକେଡିଏ ପ୍ରୋଜେକ୍ଟ ମ୍ୟାନେଜର ଲମ୍ବୋଦର ପ୍ରଧାନ ଓ ବ୍ଲକ ଏବିଇଓ ବିଶ୍ୱଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ନୃସିଂହନାଥରେ ବୁଡ ପକାଇଲେ ଧନୁଯାତ୍ରା କଳାକାର

**ପାଇକମାଳ, ୨୩।୧ (ଡି.ଏନ.ଏ)**

ବରଗଡ ଜିଲା ଭଟଲି ବ୍ଲକ ନୂଆଗଡ ଧନୁଯାତ୍ରାରେ ମହାରାଜ କଂସଙ୍କ ସମେତ ମନ୍ତ୍ରୀ କଳାକାରଗଣ ଗୁରୁବାର ପାପ ଛଡାଇବା ପାଇଁ ଶ୍ରୀ ନୃସିଂହନାଥ ପାପହାରିଣୀ ଝରଣାରେ ବୁଡ ପକାଇଛନ୍ତି । ଜାନୁୟାରୀ ୧୬ ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଧନୁଯାତ୍ରାରେ ମହାରାଜ କଂସ ଓ ଅନ୍ୟ କଳାକାରମାନେ ଶ୍ରୀକୃଷ୍ଣଙ୍କ ପ୍ରତି ବିଭିନ୍ନ କଟୁ ଶବ୍ଦ ବ୍ୟବହାର ସହ ଅନ୍ୟାୟ ଅତ୍ୟାଚାର କରିଥିବାରୁ ପାପ ମୋଚନ କରିବା ପାଇଁ ପ୍ରତିବର୍ଷ ନୃସିଂହନାଥକୁ ଆସିଥାନ୍ତି । କଂସ ଭୂମିକାରେ ଆଶାରାମ ଖମାରୀ, ମନ୍ତ୍ରୀ ବୈରାଗୀ ସାହୁ, ସୁନାଶ ରାଜ କୁମାର ସାହୁ, ଜୟନ୍ତ ସାହୁ, ଗୋପାଳ ଖମାରୀ, ଭୀଷ୍ମଦେବ ପଶାୟତ, ପରମାନନ୍ଦ ସାହୁ ପ୍ରମୁଖ ମନ୍ତ୍ରୀ ପରିଷଦ ବୁଡ ପକାଇ ମାର୍ଜାର କେଶରୀ ନୃସିଂହନାଥକୁ ଦର୍ଶନ କରିଥିଲେ ।

# ଖଡ଼ିଆଳ ଯୁବମୋର୍ଚ୍ଚା ପକ୍ଷରୁ ଭଲିବଲ ଟୁର୍ନାମେଣ୍ଟ

**ଖଡିଆଳ,୨୩।୧ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସମଲେଶ୍ୱରୀ ମନ୍ଦିର ପାଖରେ ଖଡିଆଳ ଯୁବମୋର୍ଚ୍ଚା ପକ୍ଷରୁ ଭଲିବଲ, ବ୍ୟାଡମିଣ୍ଟନ ଓ ବନ୍ଧୁକ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ମୁଖ୍ୟଅତିଥି ଭାବେ ଖଡିଆଳର ରାଜା ସାହେବ ଜିତାମିତ୍ର ସିଂଦେଓ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ସମ ସାଇ ସ୍କୁଲର ନିର୍ଦ୍ଦେଶକ ଅନିଲ ମେହେର, ଡ. ସିଦ୍ଧାର୍ଥ ମହାପାତ୍ର, ପୂର୍ବତନ କ୍ରିଡା ଶିକ୍ଷକ ଅମୂଲ୍ୟ ପଟ୍ଟନାୟକ, ମନୋଜ ଅଗ୍ରୱାଲ, ବିଜୟ ବାବୁ ମଞ୍ଚାସୀନ ଥିଲେ ।

ଖେଳ ପରିଚାଳନା ଖଡିଆଳ କଲେଜର କ୍ରୀଡା ଶିକ୍ଷକ ସରୋଜ ପଣ୍ଡା, ସୌରଭ ପଣ୍ଡା ଓ ଟାଉନ ହାବିଲଦାର ଉଦିତ ପାଣିଗ୍ରାହୀ କରିଥିଲେ । ଖେଳ ବିବରଣୀ ଅରୁଣ ଶର୍ମା ତୁଲାଇଥିଲେ। ଉଦଘାଟିତ ଖେଳର ପ୍ରଥମ ଦିନରେ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଉଦଘାଟିତ ଭଲିବଲ ଖଡିଆଳ ଓ ବୋଡେନ ମଧ୍ୟରେ ହୋଇଥିବା ବେଳେ ଏଥିରେ ଖଡିଆଳ ଦଳ ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚରେ ଚଲାନପଡା ଓ ଚିନ୍ଦାଗୁଡା ମଧ୍ୟରେ ହୋଇଥିଲା । ଏଥିରେ ଚଲାନପଡା ଦଳ ବିଜୟୀ ହୋଇଥିଲା। ଏହି ପ୍ରତିଯୋଗିତା ୩ ଦିନ ଧରି ଆୟୋଜିତ ହେଉଥିବା ବେଳେ ଆସନ୍ତା ୨୫ ଜାନୁୟାରୀରେ ଫାଇନାଲ ଖେଳ ଅନୁଷ୍ଠିତ ହେବ । ଏଥିରେ ଯୁବା ମୋର୍ଚ୍ଚାର ସଭାପତି ସୁବୀର ସିଂଦେଓ, ଅଭିଲାଷ ସିଂଦେଓ, ସଞ୍ଜୟ ସେଠୀ, ରଶ୍ମି ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ ।



ଅତିଥିମାନଙ୍କ ଦ୍ୱାରା ଖେଳ ଉଦ୍‌ଘାଟନ କରାଯାଉଛି।

# ତଦନ୍ତକରି କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଜୁନାଗଡ,୨୩।୧ (ସ୍ୱ.ପ୍ର.)**

## ଜୁନାଗଡ଼ ଆରଏମ୍‌ସିରେ ଆର୍ଥିକ ଅନିୟମିତତା

କଳାହାଣ୍ଡି ଜିଲା ଜୁନାଗଡ ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି)ରେ ବ୍ୟାପକ ଆର୍ଥିକ ଅନିୟମିତତା ସମ୍ପର୍କରେ ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟ କଳାହାଣ୍ଡି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। କୃଷିଜାତ ସାମଗ୍ରୀ ବଜାର ବ୍ୟବସ୍ଥା କରିବା ପାଇଁ ବିକ୍ରି ମୂଲ୍ୟର ଶତକଡା ଦୁଇ ଭାଗ ଅର୍ଥ ଆରଏମ୍‌ସିକୁ ମାର୍କେଟ ଫି' ଆକାରରେ ଦିଆଯାଇଥାଏ। ଏହି କ୍ରମରେ ଜୁନାଗଡ ଆରଏମସିରେ ବାର୍ଷିକ ପ୍ରାୟ ଦଶ କୋଟି ଟଙ୍କା ମାର୍କେଟ ଫି' ଆଦାୟ ଆଦାୟ ହୋଇଥାଏ। ସେହି ଅର୍ଥରେ ବଜାର ପ୍ରାଙ୍ଗଣଗୁଡିକର ନିର୍ମାଣ ତଥା ବିଭିନ୍ନ ସାମଗ୍ରୀ ସବୁ କିଣାଯାଇଥାଏ। ଗତ ୨୦୦୩ରେ ଜୁନାଗଡ ନୂତନ ବଜାର ପ୍ରାଙ୍ଗଣରେ ୬ଟି ଗୋଦାମ ଗୃହ ନିର୍ମାଣ କରାଯାଇଥିବା ବେଳେ ତାହା ୨୦୦୯ରେ ମରାମତି କରାଯାଇଥିଲା। ସେହି ଗୋଦାମ ଗୃହଗୁଡିକ ପୁନର୍ବାର ୨୦୧୩ରେ ୩୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ମରାମତି କରାଯାଇଥିଲା। ସେହିଭଳି ପୁରୁଣା ବାଉଣ୍ଡରୀ ୱାଲରେ ଅଳ୍ପ କାମ କରି ସମ୍ପୂର୍ଣ୍ଣ କାମର ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଥିଲା। ମଣ୍ଡି କାରବାର ପରେ କୌଣସି ଡିଏଲଆରଙ୍କୁ କାର୍ଯ୍ୟରେ ନିୟୋଜିତ କରିବାକୁ ଓସାମା ବୋର୍ଡ ପକ୍ଷରୁ ସର୍କୁଲାର ନଂ. ୨୨୧୩/ତା.୧୩।୦୮।୨୦୧୮ ଦ୍ୱାରା ନିର୍ଦ୍ଦେଶ ଥିବା ବେଳେ ଜୁନାଗଡ ଆରଏମସିରେ ବର୍ଷ ତମାମ ଡିଏଲଆରମାନଙ୍କୁ ବିନା କୌଣସି କାର୍ଯ୍ୟରେ ପ୍ରତି ମାସରେ ଦରମା ଦିଆଯାଉଛି। ସେହିପରି ଓଡିଶା ସରକାରଙ୍କ ଅର୍ଥ ବିଭାଗ ସର୍କୁଲାର ନଂ.୬୦୬୨/ତା.୧୨।୦୩।୨୦୧୮କୁ ଖୋଲାଖୋଲି ଉଲ୍ଲଂଘନ କରାଯାଇ କର୍ମଚାରୀମାନଙ୍କ ବକେୟା ଦରମା ବାବଦ ସମସ୍ତ ଅର୍ଥ ପ୍ରଦାନ କରାଯାଇଛି। ଟଙ୍କା ଖର୍ଚ୍ଚ କରିବା ଉଦ୍ଦେଶ୍ୟରେ ଆରଏମସି କିମ୍ବା ଡିଆରସିଏସଙ୍କ ନାମରେ ଜମି ନ ଥାଇ ସରକାରୀ ଜମି ଓ ଗୋଚର ଜମିରେ ତରବରିଆ ଭାବେ ଅନେକ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଜୁନାଗଡ ଆରଏମସିରେ ସମ୍ପାଦକ ବଦଳି ହେବା ପରେ ଅନ୍ୟ ବରିଷ୍ଠ କର୍ମଚାରୀମାନଙ୍କୁ ଉପେକ୍ଷା କରାଯାଇ କନିଷ୍ଠ ହିସାବ ରକ୍ଷକଙ୍କୁ ଭାରପ୍ରାପ୍ତ ସମ୍ପାଦକ ଭାବେ ଅବସ୍ଥାପିତ କରାଯାଇଥିଲା। ଆର୍ଥିକ ବିଧି ବ୍ୟବସ୍ଥା ଅନୁଯାୟୀ ଆରଏମସିର ଟ୍ରେଜରୀ କାରବାର ଡବଲ ଲକ ସିଷ୍ଟମରେ କରା ନ ଯାଇ କେବଳ ଜଣେ ମାତ୍ର କର୍ମଚାରୀ ହିସାବ ରକ୍ଷକ ତଥା ଭାରପ୍ରାପ୍ତ ସମ୍ପାଦକ ଭାବେ ତୁଲାଉଥିବାରୁ ଏସବୁ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା ।

ଏସବୁ ବିଷୟରେ ଅଭିଯୋଗ ହେବା ପରେ କଳାହାଣ୍ଡି ଆଞ୍ଚଳିକ ବିପଣନ ଅଧିକାରୀ (ଆରଏମଓ) ଗତ ତା।୨୬।୦୪।୨୦୧୮ରେ ତଦନ୍ତ କରି ଅଭିଯୋଗଗୁଡିକ ସତ୍ୟତା ଉପଲବ୍ଧି କରି ସମ୍ପୃକ୍ତ ହିସାବ ରକ୍ଷକ ଜୁନାଗଡ ଆରଏମସିର ସମ୍ପାଦକ ଦାୟୀତ୍ୱରେ ରହିଲେ ଆରଏମସି ପାଇଁ ଅତ୍ୟନ୍ତ କ୍ଷତିକାରକ ବୋଲି ମତ ଦେବା ସହ ତାଙ୍କୁ ତୁରନ୍ତ ଅପସାରଣ କରା ଯିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ଏ ସମ୍ପର୍କରେ ଜିଲା ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ ହେବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଜଣେ ଚାଷୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଡବ୍ଲ୍ୟୁ ପିସି କେଶ ନଂ. ୨୬୩୯୭/୨୦୧୯ରେ ଜୁନାଗଡ ଆରଏମସିରେ ହୋଇଥିବା ଅନିୟମିତତା ସମ୍ପର୍କରେ ଏବଂ ଆରଏମ୍‌ଓଙ୍କ ତଦନ୍ତ ରିପୋର୍ଟ କାହିଁକି କାର୍ଯ୍ୟକାରୀ କରାଗଲା ନାହିଁ ତାହା ତଦନ୍ତ କରି ଆଗାମୀ ଦେଢ ମାସରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଳାହାଣ୍ଡି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# କିନ୍ନରଙ୍କ ଅଧିକାର ସମ୍ପର୍କିତ ଆଇନ ସଚେତନତା ଶିବିର

**ଭବାନୀପାଟଣା,୨୩।୧ (ଡି.ଏନ.ଏ.)**

ଜିଲା ଆଇନ ସେବା ପ୍ରାଧିକରଣ କଳାହାଣ୍ଡି ପକ୍ଷରୁ ଗତ ବୁଧବାର ଭବାନୀପାଟଣା ସହରସ୍ଥିତ ଦାପତାର ସଭାଗୃହଠାରେ କିନ୍ନରଙ୍କ ଅଧିକାର ସମ୍ପର୍କୀତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଓ ଦୌରା ଜଜ୍ ପ୍ରଦୀପ ପଟ୍ଟନାୟକ ଅଧକ୍ଷତା କରିଥିଲେ। ପ୍ରାଧିକରଣ ସଚିବ ସ୍ୱିଟି ପଟ୍ଟନାୟକ ପରିଚାଳନା କରିଥିଲେ। ଏଥିରେ ବିଚାରପତି ବିଜୟ କୁମାର ମିଶ୍ର, ଅନୁରାଗ ଦେହୁରି, ରିତିକା ଗର୍ଗ ତଥା ଦାପତା ଏନ୍‌ଜିଓ ର ସମ୍ପାଦକ ରାଜୁ ଶର୍ମା ନିଜ ମତବ୍ୟକ୍ତ କରିଥିଲେ। ଏହି ଶିବିରରେ କିନ୍ନରଙ୍କ ନ୍ୟାୟ ଓ ଅଧିକାର ଅକ୍ଷୁର୍ଣ୍ଣ ରଖିବା ପାଇଁ ରହିଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଯାଇଥିଲା। ସମାଜର ଉନ୍ନୟନ କାର୍ଯ୍ୟରେ କିନ୍ନରଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ କିନ୍ନରଙ୍କୁ ପାରା ଲିଗାଲ ଭଲ୍ୟୁଣ୍ଟର ଭାବେ ଯୋଗଦାନ କରିବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବିଚାରପତି, ଆଇନଜୀବୀ, ପାରା ଲିଗାଲ ଭଲ୍ୟୁଣ୍ଟର, ଅନେକ କିନ୍ନର ତଥା ସାଧାରଣ ନାଗରିକ ଉପସ୍ଥିତ ଥିଲେ।

# କଣ୍ଟାବାଞ୍ଜିକୁ ହରାଇ ମେଦିନିପୁର ଚାମ୍ପିୟନ

**ଭବାନୀପାଟଣା,୨୩।୧ (ଡି.ଏନ.ଏ.)**

## ଡଙ୍ଗୁରୀପଦର ଗ୍ରାମାଞ୍ଚଳ କ୍ରିକେଟ

ଭବାନୀପାଟଣା ବ୍ଲକ ଡଙ୍ଗୁରୀପଦରଠାରେ ଗତ ୨୦ ତାରିଖରୁ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତା ଗତବୁଧବାର ଉଦ୍‌ଯାପିତ ହୋଇଯାଇଛି। ଡୁଙ୍ଗୁରିପଦର ଖେଳ ପଡିଆଠାରେ ଗ୍ରାମାଞ୍ଚଳର ୧୬ଟି କ୍ରିକେଟ ଦଳକୁ ନେଇ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ ମେଦିନୀପୁର ଓ କଣ୍ଟାବାଞ୍ଜି ଦଳ ମଧ୍ୟରେ ହୋଇଥିଲା। କଣ୍ଟାବାଞ୍ଜି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ବିନିମୟରେ ୯୮ ରନ୍ କରିଥିଲା ବେଳେ ମେଦିନିପୁରର ଖେଳାଳି ମଜନୁ ଗଉଡଙ୍କ ଚିତ୍ତାକର୍ଷକ ୭୮ ରନ ବଲରେ ୨ ବଲ ବାକିଥାଇ ୬.୪ ଓଭରରେ ୨ ଉଇକେଟ ବିନିମୟରେ ୯୯ ରନ କରି ବିଜୟୀ ହୋଇଥିଲା। ଚାମ୍ପିୟନ ମେଦିନୀପୁର ଦଳ ନଗଦ ଦଶ ହଜାର ଟଙ୍କା ଓ ଚାମ୍ପିୟନ ଟ୍ରଫି ଏବଂ ଉପବିଜେତା କଣ୍ଟାବାଞ୍ଜି ଦଳକୁ ନଗଦ ପାଞ୍ଚ ହଜାର ଟଙ୍କା ଓ କପ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସରପଞ୍ଚ ଚୂଡାମଣି ନାଏକ ଓ ମୁଖ୍ୟବକ୍ତା ଭାବେ ଆଇନଜୀବୀ କୀର୍ତ୍ତନ ନାୟକ, ସମ୍ମାନିତ ଅତିଥି ଭାବେ ଶ୍ରୀକାନ୍ତ ବଣିଆ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଭବାନୀ ଶଙ୍କର ମଙ୍ଗରାଜ ଓ ପରମାନନ୍ଦ ହରପାଳ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ଚର୍ତ୍ତୁଭୂଜ ନାଏକ ରହିଥିଲେ। ଡଙ୍ଗୁରୀପଦର କ୍ରିକେଟ କ୍ଲବ ସଭାପତି ଶ୍ରୀକାନ୍ତ ବଣିଆ ପୁରସ୍କାର ବିତରଣ କରି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଆକାଶ ହରପାଲ, ଚର୍ତ୍ତୁଭୂଜ ନାଏକ, ବିନୋଦ ହରପାଳ, ପିଣ୍ଟୁ ମହାନନ୍ଦ, ମହେନ୍ଦ୍ର ଜାନି ସହଯୋଗ କରିଥିଲେ। ସମ୍ପାଦକ ବବଲୁ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ଫାଇନାଲ ଖେଳରେ ଉପସ୍ଥିତ ଉଭୟ ଦଳର ଖେଳାଳି।

# ଜିଲାପାଳଙ୍କୁ ଭେଟିଲା ରେଳ କ୍ରିୟାନୁଷ୍ଠାନ କମିଟି

**କେସିଙ୍ଗା,୨୩।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ସହରର ମୁଖ୍ୟ ରେଳ ଫାଟକରେ ଅଣ୍ଡର ବ୍ରିଜ ନିର୍ମାଣ ଦାବି ନେଇ ଚାଲିଥିବା ଅନିର୍ଦ୍ଦିଷ୍ଟକାଳ ଗଣଧାରଣା ଗୁରୁବାର ୨ୟ ଦିନରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର କେସିଙ୍ଗା ରେଳ କ୍ରିୟାନୁଷ୍ଠାନ କମିଟି ଅଧକ୍ଷ ଦେବେନ୍ଦ୍ର ଭୁଜବଲ, ଶଙ୍କରଲାଲ ଅଗ୍ରୱାଲ, ବିର୍ଦ୍ଧି ଜୈନ, ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ, ମଗନ ସିଜୁର, ପ୍ରଣବ ଭୋକ୍ତା, ପାର୍ଥ ଚୌଧୁରୀ, ଭବାନୀପାଟଣା ବାର ଆସୋସିଏଶନ୍ ସଭାପତି ଭବେନ୍ଦ୍ର ପଣ୍ଡା, ଭବାନୀଶଙ୍କର ନିଆଲ ପ୍ରମୁଖ କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସାକ୍ଷାତ କରି ଅଣ୍ଡର ବ୍ରିଜ ନିର୍ମାଣ ପାଇଁ ଦାବି ଜଣାଇଥିଲେ। ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ନିଜେ ଘଟଣାସ୍ଥଳ ପରିଦର୍ଶନ କରି ୧୫ ଦିନ ପାଇଁ ଏକ ରେଲୱେ ବ୍ରିଜ ନିକଟରେ




ଧାରଣାରେ ଯୋଗ ଦେଇଥିବା କେସିଙ୍ଗା ରେଳ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ।

## ୨ୟ ଦିନରେ ଅଣ୍ଡର ବ୍ରିଜ ନିର୍ମାଣ ପାଇଁ ଅନିର୍ଦ୍ଦିଷ୍ଟକାଳ ଗଣଧାରଣା

ଅଭିଯୋଗ କରିବା ପାଇଁ ବୋର୍ଡ ଲଗାଯିବ। ଏତତ୍‌ବ୍ୟତିତ ଜିଲାପାଳ ଏକ କମିଟି ଗଠନ କରିବେ । ସେହି କମିଟିରେ ସ୍ଥାନୀୟ ତହସିଲଦାର, ରେଲୱେ ବିଭାଗ ଏକଜ୍ୟୁକେଟିଭ ଇଞ୍ଜିନିୟର, ଏନଏସିର ନିର୍ବାହୀ ଅଧିକାରୀ, ଜାତୀୟ ରାଜପଥ ବିଭାଗ ଏକଜ୍ୟୁକେଟିଭ ଇଞ୍ଜିନିୟରଙ୍କ ସହିତ ଏକ ବୈଠକ କରାଯିବା ପରେ ନିଷ୍ପତ୍ତି ନିଆଯିବା କାର୍ଯ୍ୟକ୍ରମ ଥିବା କମିଟି ଅଧକ୍ଷ ପ୍ରକାଶ କରିଥିଲେ। ଅଣ୍ଡର ବ୍ରିଜ ନିର୍ମାଣ ପାଇଁ କେସିଙ୍ଗା ସହରବାସୀ ତଥା କମିଟି ସଦସ୍ୟମାନେ ରେଲୱେ ବ୍ରିଜର ୫୦ ଫୁଟ ଦୂରରେ ଦୁଇ ଦିନ ହେଲା ଗଣଧାରଣା ଦେଇଛନ୍ତି ।

ଗଣଧାରଣାରେ ନିର୍ଲା ବିଧାୟକ ଭୁପିନ୍ଦର ସିଂ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ଯୋଗଦେଇ ସମର୍ଥନ କରିବାକୁ ମତପ୍ରକାଶ କରିଥିଲେ। ଅଣ୍ଡର ବ୍ରିଜ ନିର୍ମାଣରେ ସମର୍ଥନ ଜଣାଇବାକୁ କମିଟି ପକ୍ଷରୁ ୫୦ଟି ବିଭିନ୍ନ ଅନୁଷ୍ଠାନକୁ ଚିଠି କରାଯାଇଛି। ଶୁକ୍ରବାର ଆହୁରି ସମର୍ଥନ ବଢ଼ିବାର ଜଣାପଡିଛି। ଗଣଧାରଣାରେ ସୁରେଶ ମହାନନ୍ଦ, ପୂର୍ବତନ ନଗରପାଳ ରାମଜୀ ମାତଣ୍ଡିଆ, ଏ. ସୁରେଶ ରାଓ, ପୂର୍ବତନ ଉପାଧକ୍ଷ ନରସିଂହ ନିଆଲ, ପୂର୍ବତନ କାଉନସିଲର ମହେନ୍ଦ୍ର ନାଏକ ପ୍ରମୁଖ ଶତାଧିକ ଲୋକେ ସାମିଲ ହୋଇଥିଲେ ।



“ ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ଗୁରୁତର

**ଭବାନୀପାଟଣା,୨୩।୧(ଡି.ଏନ.ଏ.):** ନାଗ ସାପ କାମୁଡାରେ ଗତ ୨୨ ତାରିଖରେ ଜଣେ ଗୁରୁତର ମହିଳାଙ୍କୁ କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ମହିଳା ଜଣକ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଲାକୁରଭଟା ଗ୍ରାମର କାଞ୍ଚନ ସୁନାନୀ (୩୫)। ରୋଷେଇ ପାଇଁ ବାଡିରୁ କାଠ ଆଣିବା ବେଳେ ତାଙ୍କୁ ଏକ ଗୋଖର ନାଗ ସାପ ଦଂଶନ କରିଥିଲା। ସେଠାରେ ଥିବା କାଞ୍ଚନଙ୍କ ଦିଅର ସୁରେଶ ସାପଟିକୁ କାବୁ କରି ଏକ ପ୍ଲାଷ୍ଟିକ ବୋତଲରେ ପୂରାଇ ଦେଇଥିଲେ। ଏହାପରେ ସାପ ଓ କାଞ୍ଚନ ଉଭୟଙ୍କୁ ତରୁନ୍ତ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତରଖାନାରେ ପହଞ୍ଚିବା ପରେ ଏହି ସାପ କାମୁଡିଥିବା ଡାକ୍ତରଙ୍କୁ ଦେଖାଇବା ପାଇଁ ସେ ଏହି ବିଷାକ୍ତ ସାପକୁ ସାଙ୍ଗରେ ଆଣିଥିବା କହିଥିଲେ। ଗୁରୁତର କାଞ୍ଚନଙ୍କୁ ଜିଲା ସଦର ମହକୁମା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ପେନ୍‌ସନ୍ ଯୋଜନାଭୁକ୍ତ ଶିକ୍ଷକ ସଂଘ ବୈଠକ

**ଭବାନୀପାଟଣା/ମ.ରାମପୁର,୨୩।୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା ମଦନପୁର ରାମପୁରସ୍ଥିତ ଉତ୍ତେଇ ନଦୀକୂଳରେ ମଦନପୁର ରାମପୁର ବ୍ଲକ ପେନ୍‌ସନ୍ ଯୋଜନାଭୁକ୍ତ ଶିକ୍ଷକ ସଂଘର ଏକ ବୈଠକ ସଂଘ ବ୍ଲକ ସଭାପତି ପ୍ରଶାନ୍ତ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷକ ସଂଘ ଅଧ୍ୟକ୍ଷ ସତ୍ୟବାନ ପାଣିଗ୍ରାହୀ, ସମ୍ମାନିତ ଅତିଥି ପ୍ରଫୁଲ୍ଲ ଠାକୁର, ଫିରୋଜ କୁମାର ରଣା, ସହସ୍ରାଂଶୁ ମହାଖୁଡ, ବିଜୟ ସାହୁ, ରାଜେନ୍ଦ୍ର କୁମାର ସାହୁ, ସୁଦର୍ଶନ ମିଶ୍ର, ମୋହନ ନାଏକ ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ଏବଂ ଶିକ୍ଷାର ଉନ୍ନତି ଦିଗରେ ଆଲୋଚନା କରିଥିଲେ। ଏହି ଅବସରରେ ଶିକ୍ଷକ ସପନ କୁମାର ଗୁହା ଓ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ପ୍ରହରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତାପ ନାଏକ, କୁଞ୍ଜବିହାରୀ ସାହୁ, ଲବ ରଣା, ହାଲୁ ବେହେରା, ସୁଦାମ ପାତ୍ର, ଉମ୍ବରୁଧର ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**କୋକସରା,୨୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ମୋଟେର ୨୬ ନଂ. ଜାତୀୟ ରାଜପଥରେ ବୁଧବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ୨ ଜଣ ସାଇକେଲ ଆରୋହୀ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ କୃଷ୍ଣ ପୁଞ୍ଜି (୫୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଭବାନୀପାଟଣା ଡାକ୍ତରଖାନାରେ ଗୁରୁବାର ମୃତ୍ୟୁ ଘଟିଛି। ଅନ୍ୟଜଣେ ବୁଟୁଙ୍ଗ ରାଉତ (୫୫) ଗୁରୁତର ହୋଇଛନ୍ତି । କୃଷ୍ଣଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ପରିବାରବର୍ଗ ଓ ସମ୍ପର୍କୀୟ କ୍ଷତିପୂରଣ ଦାବିରେ ମୋଟେରଠାରେ ଅପରାହ୍ନ ୩ଟାରୁ ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ ମୋଟେର ଫାଣ୍ଡି ଅଧିକାରୀ ଶେଖର ଜେନା ପହଞ୍ଚି ଆନ୍ଦୋଳନକାରୀଙ୍କ ଆଲୋଚନା କରି ବିଫଳ ହୋଇଥିଲେ। କୋକସରା ଅତିରିକ୍ତ ତହସିଲଦାର ସରତ ଚନ୍ଦ୍ର ଶବର ଓ କୋକସରା ଥାନା ଅଧିକାରୀ ବାସୁଦେବ ଛତ୍ରିଆ ପହଞ୍ଚି ରେଡକ୍ରସରୁ ୧୦ ହଜାର ଓ ସ୍ଥାନୀୟ ସରପଞ୍ଚ ସୁଶିଲ ଶବର ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ସହ ଆଗାମୀ ଦିନରେ ବିଧବା ଭତ୍ତା ଓ ଆବାସ ଗୃହ ଦେବାକୁ ପ୍ରତିଶ୍ରୁତି



ମୋଟେରଠାରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ ।

## ଦୁର୍ଘଟଣାରେ ଗୁରୁତର ଆହତଙ୍କ ମୃତ୍ୟୁ

ଦେଇଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ପକ୍ଷରୁ ୪୦ ହଜାର ଟଙ୍କା ପୀଡିତ ପରିବାରକୁ ଦେବା ପାଇଁ ପ୍ରତିଶ୍ରୁତି ପରେ ସନ୍ଧ୍ୟା ୫ଟାରେ ରାସ୍ତା ଅବରୋଧ ହଟିଥିଲା। ୨ ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ଭବାନୀପାଟଣା, ଜୟପୁର, ମୁଖିଗୁଡା ମଧ୍ୟରେ ଯାତାୟାତ ପ୍ରଭାବିତ ହୋଇଥିଲା। ଦୁଇ ପାର୍ଶ୍ୱରେ ଶହଶହ ଗାଡି ଅଟକି ରହିଥିବା ସହ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୂଚନା ଅନୁସାରେ କୋକସରା ବ୍ଲକ ଅନ୍ତର୍ଗତ ମୋଟେର ଗ୍ରାମର କୃଷ୍ଣ ଏବଂ ବୁଟୁଙ୍ଗ ସନ୍ଧ୍ୟା ୭ଟାରେ ଘରୁ ବସଷ୍ଟାଣ୍ଡକୁ ସାଇକେଲ ଯୋଗେ ଯାଉଥିଲେ। ପଛପଟୁ ଉକ୍ତ ବ୍ଲକ କାଶିବାହାଲ ଗ୍ରାମର ଲୋକନାଥ ମାଝି (୩୦) ବାଇକ୍ (ନଂ. ଓଡି୦୮-୭୭୫୯) ଯୋଗେ ମୋଟେର ଗ୍ରାମ ଆଡକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ୨ଜଣଙ୍କୁ ପଛପଟୁ ଧକ୍କା ଦେବାରୁ ସେମାନେ ତଳେ ପଡିଯାଇଥିଲେ। କୃଷ୍ଣଙ୍କ ମୁଣ୍ଡ ଏବଂ ଛାତିରେ ଜୋରରେ ଆଘାତ ଲାଗି ନାକକାନ ଆଡୁ ରକ୍ତସ୍ରାବ ହୋଇଥିବାବେଳେ ବୁଟୁଙ୍ଗଙ୍କୁ ସାମାନ୍ୟ ଆହତ ହୋଇଥିଲା। ପ୍ରଥମେ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଡାକ୍ତରଖାନା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର କୃଷ୍ଣଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ମୋଟେର ପୋଲିସ ଫାଣ୍ଡି ଅଧିକାରୀ ଶେଖର ଜେନାଙ୍କୁ ପଚାରିବାରୁ କୋକସରା ଥାନାରେ ଏକ ମାମଲା (ନଂ. ୧୭/୨୦)ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ବାଇକ୍ ଜବତ କରାଯାଇ ମୋଟେର ପୋଲିସ ଫାଣ୍ଡିରେ ରଖାଯାଇଛି ।

# ଗୌଡ଼ଛେଣ୍ଡିଆରେ ଜମୁଛି ଧନୁଯାତ୍ରା

**କୁନାଗଡ, ୨୩।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୁନାଗଡ ବ୍ଲକ ଗୌଡଛେଣ୍ଡିଆରେ ଗତ ୧୬ ତାରିଖଠୁ ଚାଲିଥିବା ଧନୁଯାତ୍ରା ଗୁରୁବାର ଅଷ୍ଟମ ଦିନରେ ପହଞ୍ଚିଛି। ବୁଧବାର ରାତିରେ କଂସ ବିବାହ ଅନୁଷ୍ଠିତ ହୋଇଥିବାବେଳେ ଗୁରୁବାର କୃଷ୍ଣ ଓ ବଳରାମଙ୍କୁ ଗୋପ ପୁରକୁ ନିମନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୁଧବାର ରାତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଚିତ୍ତ ରଞ୍ଜନ ନିଆଲ, ବରିଷ୍ଠ ଶିକ୍ଷକ ପ୍ରେମଲାଲ ବାଗ, ଶିବ ହାତି, କମିଟି ଆବାହକ ପଦ୍ମ କିଶୋର ଦୁର୍ଗା,ଶେଷଦେବ ମାଝି, ବୈଷ୍ଣବ ପଟେଲ, କାର୍ତ୍ତିକେଶ୍ୱର ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ। ମା’ ଲଙ୍କେଶ୍ୱରୀ ଗ୍ରାମ୍ୟ ବିକାଶ ପଞ୍ଚାୟତସ୍ତରୀୟ ଧନୁଯାତ୍ରା କମିଟି ପକ୍ଷରୁ ଏହାକୁ ଆୟୋଜନ କରାଯାଉଛି। ଏଥିରେ ବରଗଡର କଳାକାରମାନେ ଅଂଶ ଗ୍ରହଣ କରୁଛନ୍ତି। ଧନୁଯାତ୍ରା ପାଇଁ ଅଞ୍ଚଳର ଚାରିଆଡେ ଏବେ ଉତ୍ସାହ ମାହୋଲ ଦେଖିବାକୁ ମିଳିଛି।



ଗୌଡଛେଣ୍ଡିଆରେ ଅନୁଷ୍ଠିତ ଧନୁଯାତ୍ରାରେ କୁନାଗଡ ବିଡିଓ ଯୋଗ ଦେଇଛନ୍ତି।



ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ନେଉଛନ୍ତି ।

# ଆତ୍ମସୁରକ୍ଷା ତାଲିମ ଶିବିର

**ଭବାନୀପାଟଣା,୨୩।୧(ଡି.ଏନ.ଏ.)**

ଭବାନୀପାଟନା ସଦର ବ୍ଲକ କର୍ଲାପଡା ଯୁକ୍ତ ୩ ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ୩୭ ଜଣ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଶିବିର ଅଧ୍ୟାପକ ମୋହନ ପୁଟେଲଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଷଡଙ୍ଗୀ ଛାତ୍ରୀମାନଙ୍କୁ ଏହି ତାଲିମ ଆବଶ୍ୟକତା ଓ ଉପକାରୀତା ବିଷୟରେ ବୁଝାଇବା ସହ ଆବଶ୍ୟକସ୍ଥଳେ ନିଜର ଆତ୍ମ ସୁରକ୍ଷା ନିଜେହିଁ କରିବାକୁ ପଡିବ ବୋଲି କହିଥିଲେ। ଏହି ପ୍ରଶିକ୍ଷଣ ଶିବିର ଦୀର୍ଘ ୧୨ ଦିନ ଧରି ଚାଲିଥିଲା।

### ଅସହାୟଙ୍କ ଶବସତ୍କାର କଲେ ସରପଞ୍ଚ, ସ୍ୱେଚ୍ଛାସେବୀ

**କୋକସରା,୨୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁରେ ରହୁଥିବା ଅସହାୟ ବୃଦ୍ଧ ବଳରାମ (ଶୋହଲ ସିଂଗିଆ)ଙ୍କ ବୁଧବାର ମୃତ୍ୟୁ ଘଟିଛି। ତାଙ୍କ ମର ଶରୀରକୁ ଲଡୁଗାଁ ସରପଞ୍ଚ ଓ କିଛି ସ୍ୱେଚ୍ଛାସେବୀ ନେଇ ଗାଁ ଶ୍ମଶାନରେ ଶବ ଶତ୍କାର କରିଛନ୍ତି। ଗ୍ରାମର କେତେକ ବ୍ୟକ୍ତି କହିବା ଅନୁସାରେ ବଳରାମ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଲଡୁଗାଁରେ ରହୁଥିଲେ । ସେ ଅବିବାହିତ ଥିବାବେଳେ ତାଙ୍କ କେହି ସମ୍ପର୍କୀୟ ନ ଥିଲେ। ଏଣେତେଣେ ଭିକ୍ଷାମାଗି ପର ବାରଣ୍ଡାରେ ରହି ଜୀବନ କାଟୁଥିଲେ। ଗତ ମାସେ ତଳେ ଅଜଣା ଗାଡି ଧକ୍କାରେ ତାଙ୍କ ଗୋଟିଏ ଗୋଡ କ୍ଷତ ହୋଇଥିଲା। ଏହାପରଠୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ନ ଥିବାବେଳେ ଧୀରେ ଧୀରେ ଅସୁସ୍ଥ ହୋଇ ପଡିଥିଲେ। ଗତ କିଛି ଦିନ ତଳେ ଲଡୁଗାଁ ସରପଞ୍ଚ କହ୍ନେଇ ଚରଣ ଦାସଙ୍କ ନେତୃତ୍ୱରେ ତାଙ୍କୁ ଲଡୁଗାଁ ଡାକ୍ତରଖାନରେ ଚିକିତ୍ସା କରାଇଥିଲେ। ବୁଧବାର ହଠାତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଲଡୁଗାଁ ସରପଞ୍ଚଙ୍କ ନେତୃତ୍ୱରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ବେଳେ ଅଧାବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। କୋକସରା ଡାକ୍ତରଖାନାରେ ଅଣାଯାଇ ଶବ ବାହାକ ଗାଡିରେ ଲଡୁଗାଁ ନେଇ ଶବ ଶତ୍କାର କରାଯାଇଥିଲା। ସରପଞ୍ଚଙ୍କ ସହ ଲଡୁଗାଁ ମାରୱାଡି ଯୁବା ମଞ୍ଚର ସମ୍ପାଦକ ଶ୍ରୀକାନ୍ତ ଶର୍ମା, ଆଦିତ୍ୟ କୁମାର ଦାସ, ସନ୍ତୋଷ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପାଣି ପଞ୍ଚାୟତ ପକ୍ଷ ବିଭାଜନସ୍ତରୀୟ ସମାରୋହ

**କର୍ଲାମୁଣ୍ଡା, ୨୩।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ପଞ୍ଚାୟତସ୍ଥିତ ଶିର୍ଷ କମିଟି କାର୍ଯ୍ୟାଳୟ ପରିସରଠାରେ ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ବିଭାଜନସ୍ତରୀୟ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୀର୍ଷ କମିଟି ସଭାପତି ଶେଷଦେବ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଭୁପିନ୍ଦର ସିଂ, ମୁଖ୍ୟବକ୍ତା ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଅଧିକ୍ଷଣ ଯନ୍ତ୍ରୀ ଶିଶିର କୁମାର ଶତପଥୀ, ନିର୍ବାହୀଯନ୍ତ୍ରୀ ପ୍ରଶାନ୍ତ କୁମାର ଦାସ, ଉପନିର୍ବାହୀ ଯନ୍ତ୍ରୀ ଅମୀୟ କୁମାର ସାମଲ, ଶିବରାମ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଜଳର ସୁପରିଚାଳନା ଓ ପାଣି ପଞ୍ଚାୟତ ପାଇଁ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଦୀର୍ଘବର୍ଷ ଧରୀ କେନାଲର ବେଡ୍ ସଫେଇ ହେଉ ନ ଥିବାରୁ ଶେଷ ଭାଗକୁ ପାଣି ଠିକ୍ ଭାବେ ପହଞ୍ଚୁ ନ ଥିବା ଅଭିଯୋଗ ବାରମ୍ବାର ହେଉଥିଲେ ହେଁ କୌଣସି ସୁଫଳ ମିଳୁନି ବୋଲି ଶିର୍ଷ କମିଟି ସଭାପତି କହିଥିଲେ। ଉପସ୍ଥିତ ଚାଷୀମାନେ ରାହୁଲ ଓ ଉତେଇ ନଦୀକୁ ସଂଯୋଗୀ କରଣ କରାଗଲେ ବହୁ ଚାଷୁ ଉପକୃତ

## ରାହୁଲ ଉତେଇ ନଦୀ ସଂଯୋଗୀକରଣ ପାଇଁ ଚାଷୀଙ୍କ ଦାବି

ହୋଇପାରନ୍ତେ ବୋଲି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଅଗ୍ରଣୀ ଚାଷୀ ଭାବେ ଗୋକୁଳ ସାହୁ, ମଧୁ ରଣା, ମନୋଜ କୁମାର ରଣାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସେହିପରି ବିଦ୍ୟାଳୟସ୍ତରରେ ପୂର୍ବରୁ ହୋଇଥିବା ‘ଜଳ ସଂରକ୍ଷଣ’ ସମ୍ବନ୍ଧରେ ବକ୍ତୃତାରେ ୩ ଜଣ ସଫଳ ପ୍ରତିଯୋଗୀ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଗୀତାଞ୍ଜଳି ସାହୁଙ୍କୁ ନଗଦ ୨୦୦୦ ଟଙ୍କା, ଦ୍ୱିତୀୟ ସ୍ଥାନ ପାଇଁ ଛାତ୍ର ପିୟୁଷ ରଣାଙ୍କୁ ୧୫୦୦ ଟଙ୍କା, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଚୁଡାମଣୀ ସାହୁଙ୍କୁ ନଗଦ ୧୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ବିଭାଗରେ କର୍ତ୍ତବ୍ୟ ନିଷ୍ଠା ଭାବେ କାର୍ଯ୍ୟ କରି ଆସିଥିବା ଅକୁର ବାଗ, ପରମାନନ୍ଦ ବାଗ, ଶିଦ୍ଧେଶ୍ୱର ରଣା, ସୁରେନ୍ଦ୍ର ରଣାଙ୍କୁ ମାନପତ୍ର ସହ ଉପଢୌକଣ ଦେଇ ସମ୍ମାନିତ କରାଯାଇଥିଲା। କନିଷ୍ଠଯନ୍ତ୍ରୀ ଶୁଷାନ୍ତ ଖୁରା, ପ୍ରକାଶ କୁମାର ବେହେରା, ଶ୍ରୀନିବାସ ସାହୁ ଓ ପାଣି ପଞ୍ଚାୟତ କମିଟି କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।



ମୁଖ୍ୟଅତିଥି ଭୂପିନ୍ଦର ସିଂ ଜଣେ ସଫଳ ଚାଷୀଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।



କଳାହାଣ୍ଡି ଲୋକ ସମିତି ପକ୍ଷରୁ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିବା ଅତିଥି ।

# କଳାହାଣ୍ଡି ଲୋକ ସମିତି ପକ୍ଷରୁ ବୈଠକ

**ଭବାନୀପାଟଣା,୨୩।୧ (ଡି.ଏନ.ଏ.)**

ସ୍ଥାନୀୟ ସତ୍ୟ ନାରାୟଣଠାରେ କଳାହାଣ୍ଡି ଲୋକ ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନରେନ୍ଦ୍ର କୁମାର ବିଶି ଅଧ୍ୟକ୍ଷତା କରିଥିଲେ। ଲୋକ ସମିତି ରାଷ୍ଟ୍ରୀୟ ସଂଯୋଜକ କୌଶ ଗଣେଶ ଆଜାଦ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶାରୁ ବିଶେଷ କରି କଳାହାଣ୍ଡି ଜିଲାରୁ ନିଶା ନିବାରଣ କିପରି କରାଯାଇପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ନିଶା ଖାଇ ବହୁ ଲୋକ କିପରି ତଳି ତଳାନ୍ତ ହୋଇ ଯାଆନ୍ତି। ଏଣୁ ସମସ୍ତେ ସଙ୍କଳ୍ପ ବଧ ହୋଇ ନିଶାଠାରୁ ଦୂରରେ ରହିବାକୁ ସଂଘବଦ୍ଧ ହୋଇ କାର୍ଯ୍ୟ କରିବାକୁ କହିଥିଲେ। ଲୋକ ସମିତି କଳାହାଣ୍ଡି ଜିଲା ସଭାପତି ସିଦ୍ଧାର୍ଥ ନାୟକ, ମହିଳା ସଭାପତି ସୁକାନ୍ତି ସରାଫ, ବାସନ୍ତୀ ଦେବୀ, ବନ୍ଦିତା ଦାସ, ସୁହାସିନି ଦାସ ବର୍ଷା ସାରାଫ, ପ୍ରେମାନନ୍ଦ ବାଗ, ସରୋଜ ବାଗ, ପରମା ମାଝି, ସୁରେଶ ମାଝି, ମନୋଜ ନାୟକ, ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନିଶା ନିବାରଣକୁ ସଫଳ କରିବା ପାଇଁ କହିଥିଲେ।

# ଡଙ୍ଗାପଟାରେ ୨୮ତମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପଲମ,୨୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତସ୍ଥିତ ଡଙ୍ଗାପଟା ଗ୍ରାମରେ ଜନମଙ୍ଗଳ ଯୁବକ ସଂଘ ପକ୍ଷରୁ ୨୮ତମ ଫୁଟବଲ ଟୁର୍ନାମେଣ୍ଟ ୨୨ ତାରିଖରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ମୁଡିଙ୍ଗ ସରପଞ୍ଚ ଟଙ୍କଧର ନାଏକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ମୁଡିଙ୍ଗ କ୍ଲଷ୍ଟର ସିଆରସି ପଫଣନ୍ନ କୁମାର ମାଝି ଯୋଗଦେଇ ମ୍ୟାଚ ଉଦଘାଟିତ କରିଥିଲେ। ସମ୍ମାନିତ ଅତିଥି ସୁଶିଲ ମାଝି, ସୁନିଲ ସାହୁ, ଅରକ୍ଷିତ ମାଝି ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇଥିଲେ। ପ୍ରଥମ ଦିନରେ ନର୍ଲା ଓ ବନ୍ଦପଡା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ନର୍ଲା ବିଜୟୀ ହୋଇଥିଲା। ରାଜେଶ କୁମାର ସାହୁ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ୧୦ଟି ଦଳ ଅଂଶ ଗ୍ରହଣ କରିଛି।

# ପଞ୍ଚଦିବସୀୟ ଫୁଟ୍‌ବଲ : ସେମିରେ କାଲୋପଲା

**କଲମପୁର,୨୩।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ମୀନଗୁର ପଞ୍ଚାୟତ କର୍ମେଲ ଡଙ୍ଗରୀଗୁଡା ଚକାଡୋଳା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ପଞ୍ଚଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ଦିନରେ ଅରେବେଡା ଦଳକୁ ହରାଇ କାଲୋପଲା ସେମି ଫାଇନାଲରେ ପ୍ରବେଶ କରିଛି। ଏହାର ପ୍ରଥମ ସେମି ଫାଇନାଲ ଖେଳ ଭେଜିଗୁଡା ବନାମ ଭେଲାଗାଁ ଏବଂ ଦ୍ୱିତୀୟ ସେମି ଫାଇନାଲ ମଣ୍ଡଳ ଓ କାଲୋପଲା ମଧ୍ୟରେ ଅନୁଷ୍ଠିତ ହେବ। ଚତୁର୍ଥ ଦିନର ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ତଥା ବିଶିଷ୍ଟ ସାମାଜିକ କର୍ମୀ ଗଣେଷ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବରେ ଗଣେଷ ରଣା, ଗଣେଷରାମ ବାଗ, ପରମେଶ୍ୱର ପତି, ଗଣେଷ ନାଗ, ଗଣେଷ ନାଏକ, ସରତ ପଣ୍ଡା, ଗଣେଷ ମାଝି, ଗଣେଷ ବାଗ, ରାମକୃଷ୍ଣ ମାଝି, ମାଙ୍ଗେଲାଲ ନାଗ ଚକ୍ର ମାଝି ପ୍ରମୂଖ ମଞ୍ଚାସୀନ ଥିଲେ। ଖେଳଟିକୁ ରାଜୁ ଶବର ପରିଚାଳନା କରିଥିବାବେଳେ ଲାଇନ୍ସ ମ୍ୟାନ ଭାବେ ସୁରେଶ ମାଝି ଓ ବିଟୁ ବାରିକ ଦାୟିତ୍ୱ ତୁଲାଇଥିଲେ। କାର୍ତ୍ତିକ ମାଝି ଧାରବିବରଣୀ ପ୍ରଦାନ କରୁଥିବା ବେଳେ ଅନୁଷ୍ଠନ ତଥା କମିଟି ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି ।



ପଞ୍ଚଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ପାନୀୟଜଳ, ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା

**ଭବାନୀପାଟଣା, ୨୩।୧ (ଡି.ଏନ.ଏ.)**

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲା ପରିଷଦ ଅଧ୍ୟକ୍ଷା ନମୀତାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦର ସପ୍ତମ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଭବାନୀପାଟଣା ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ ମହାପାତ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ ଅତିଥି ଭାବେ ଯୋଗଦେଇଥିଲେ। ବେଠକରେ ସମସ୍ତ ଜିଲା ପରିଷଦ ସଦସ୍ୟ ସଦସ୍ୟା ଯୋଗଦେଇ କଳାହାଣ୍ଡି ଜିଲାରେ ବିଶେଷ କରି କଲମପୁର ବ୍ଲକ ଅଞ୍ଚଳରେ ମହିଳାମାନେ ଚଳାଇଥିବା ମଦ ବିରୋଧୀ ଆନ୍ଦୋଳନ ଉପରେ ଓ ଗ୍ରାମାଞ୍ଚଳରେ ବିଦ୍ୟୁତିକରଣ ସମ୍ପର୍କରେ ସଦସ୍ୟମାନେ ଆଲୋଚନା କରିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳରେ ପାନୀୟଜଳ ବ୍ୟବସ୍ଥା, ଆଶା କର୍ମୀ



ବୈଠକରେ ଯୋଗଦେଇଥିବା ଜିଲା ପରିଷଦ ଅଧ୍ୟକ୍ଷା, ବିରୋଧୀ ଦଳ ନେତା ଏବଂ ଅନ୍ୟମାନେ ।

## ଜିଲା ପରିଷଦର ସପ୍ତମ ବୈଠକ

ନିଯୁକ୍ତି, ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଇନ୍ଦ୍ରାବତୀ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଗ୍ରାମାଞ୍ଚଳ ପାନୀୟଜଳ ଯୋଗାଣ କାର୍ଯ୍ୟାକ୍ରମରେ ଅନେକ ଗ୍ରାମରେ ଓଭରହେଡ ଟ୍ୟାଙ୍କ ନିର୍ମାଣ କରାଯାଇଥିଲେ ହେଁ ନିମ୍ନମାନର ନିର୍ମାଣ କାମ ଯୋଗୁ ବିଭିନ୍ନ ଟ୍ୟାଙ୍କ ଫାଟି ଆଁ କରିଥିବା ବେଳେ ଅଧିକାଂଶ ଓଭରହେଡ ଟ୍ୟାଙ୍କ ଲୋକଙ୍କ କାମରେ ଲାଗୁନାହିଁ ବୋଲି ସଦସ୍ୟାମାନେ ଅଭିଯୋଗ ଆଣିଥିଲେ। ତୁରନ୍ତ ସମସ୍ତ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ସୁବନ୍ଦୋବସ୍ତ କରିବା ସହ ବିଭିନ୍ନ ଯୋଜନାରେ ଗ୍ରାମାଞ୍ଚଳରେ ହେଉଥିବା ବିଦ୍ୟୁତିକରଣ କାର୍ଯ୍ୟର ଉପଯୁକ୍ତ ତଦାରଖ କରି ଗ୍ରାମାଞ୍ଚଳରେ ବିଦ୍ୟୁତିକରଣ ତୁରନ୍ତ କରିବା ପାଇଁ ସଦସ୍ୟମାନେ ଦାବି କରିଥିଲେ। ବୈଠକରେ ପୂର୍ବ ବୈଠକର ବିବରଣୀକୁ ପାଠ ଓ ଅନୁମୋଦନ କରିବା ସହ ଜିଲାର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରସାସନ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ପରାମର୍ଶ ଦେଇଥିଲେ।



ଏକ ଅଭାବୀ ଲୋକ ପାଇଁ ସବୁ ଜିନିଷ ଦୁନିଆରେ ପର୍ଯ୍ୟାପ୍ତ ଥାଏ, କିନ୍ତୁ ଜଣେ ଲୋଭୀ ପାଇଁ ନୁହେଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବରିଷ୍ଠ ନାଗରିକ ସଂଘର ବୈଠକ

**ପାଟଣାଗଡ, ୨୩।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ନବଦୁର୍ଗା ପୂଜା କମିଟି ସଭାଗୃହରେ ବରିଷ୍ଠ ନାଗରିକ ସଂଘର ସାଧାରଣ ସଭା ଗୋପାଳ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପେନସନ ଭୋଗୀ ତଥା ସରକାରୀ କର୍ମଚାରୀମାନଙ୍କୁ ପ୍ରତି ୬ ମାସରେ ଏକ ମହଙ୍ଗା ଭତ୍ତା ପ୍ରଦାନର ବ୍ୟବସ୍ଥା ରହିଥିବା ବେଳେ ଗତ ଜୁଲାଇ ୨୦୧୯ ଏବଂ ଜାନୁୟାରୀ ୨୦୨୦ ଏପରି ଦୁଇଟି ମହଙ୍ଗା ଭତା ପ୍ରଦାନ ଏ ପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ଏହାକୁ ନେଇ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପୁନଶ୍ଚ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ୮୦ ବର୍ଷ ପୂର୍ତ୍ତୀ ପରବର୍ତ୍ତୀ ଶତକଡା ୨୦ପ୍ରତିଶତ ଅଧିକ ପେନସନ ଦେବା ବ୍ୟବସ୍ଥା ରହିଛି। ହେଲେ ବର୍ତ୍ତମାନ ମଣିଷର ହାରାହାରି ପରମାୟୁ ୭୦ବର୍ଷ ଥିବାରୁ ରାଜ୍ୟ ସରକାର ଏହାକୁ ୮୦ ପରିବର୍ତ୍ତେ ୭୦ବର୍ଷକୁ ହ୍ରାସ କଲେ ଭଲ ହୁଅନ୍ତା ବୋଲି ମତପ୍ରକାଶ ପାଇଥିଲା। ଏନେଇ ରାଜ୍ୟରେ ଥିବା ସମସ୍ତ ପେନସନଭୋଗୀ ସଂଘମାନଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସ୍ଥିର କରାଯାଇଥିଲା। ପରେ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ସଂଘ ଉପସଭାପତି ଶିବ ପ୍ରସାଦ ପଣ୍ଡା, କୃଷ୍ଣଚନ୍ଦ୍ର ମିଶ୍ର, ହିମାଂଶୁ ଶେଖର କର, ଧବଳେଶ୍ୱର ଖମାରୀ, ଭାଗିରଥି ଯୋଷୀ, ମୁରଲୀଧର ବଗର୍ତ୍ତୀ, ଗୁହାଲୁ ଜ୍ୟୋତିଷ, ସୁଶୀଲ କୁମାର ଦାଶ, କଳାକାହ୍ନୁ ପ୍ରଧାନ, ଚିତ୍ରସେନ ମେହେର, ସିଦ୍ଧେଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବଗୋଷ୍ଠୀଙ୍କ ହାତରେ ଦେଶର ଭବିଷ୍ୟତ

**ଉଲୁଣ୍ଡା, ୨୩।୧ (ଡି.ଏନ.ଏ.) :** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିଣ୍ଡୋଲଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଏକ ଅବଲୋକନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାନଦୀ କ୍ଲବ ସିଣ୍ଡୋଲ ଏବଂ ନେହେରୁ ଯୁବକେନ୍ଦ୍ର ସୋନପୁରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଣ୍ଡୋଲ ମହାବିଦ୍ୟାଳୟ ଅଧକ୍ଷ ପବିତ୍ର ବାରିକ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ଛନ୍ଦା ଚରଣ ଦାଶ ମୁଖ୍ୟବକ୍ତା, ସିଣ୍ଡୋଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାଶିଷ୍ଟ ଶିବରାମ ପୁରୋହିତ ଓ ଶିକ୍ଷକ ସୁନୀଲ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ନେତାଜୀଙ୍କ ଜୀବନ ଶୈଳୀ ଏବଂ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହା ସହ ଦେଶର ବିକାଶରେ ଯୁବଗୋଷ୍ଠୀ ସଙ୍ଗଠିତ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ରବିନ୍ଦ୍ର ପୁଟେଲଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ଅନୁସନ୍ଧିତ୍ସୁ ହୁଅ, ନୂଆ ଦିଗନ୍ତ ଉନ୍ମୋଚନ କର'

**ବଲାଙ୍ଗୀର ଅଫିସ, ୨୩।୧**

**ବଲାଙ୍ଗୀର ପବ୍ଲିକ୍ ସ୍କୁଲର ୩୮ତମ ବାର୍ଷିକୋତ୍ସବ**

ସବୁବେଳେ ପୂର୍ବସୂରୀଙ୍କ ପଥକୁ ଅନୁସରଣ କର ନାହିଁ । ସେମାନଙ୍କ ମାର୍ଗ, ଉଦ୍ଭାବନ, ଗବେଷଣାକୁ ସର୍ବଶେଷ ମାର୍ଗ ଓ ପନ୍ଥା ଭାବ ନାହିଁ। ସମୟ ପରିବର୍ତ୍ତନଶୀଳ । ସମୟକୁ ନେଇ ସବୁବେଳେ ନୂଆ ଆହ୍ୱାନ ଉଭା ହୋଇଥାଏ । ନୂଆ ଆହ୍ୱାନକୁ ଗ୍ରହଣ କରି ଏହାର ମୁକାବିଲା କରିବାକୁ ଗଭୀର ଅଧ୍ୟୟନ ଓ ଅନୁସନ୍ଧିତ୍ସା ଆବଶ୍ୟକ। ଆଜିର ଛାତ୍ର ଓ ଯୁବ ସମାଜ ଭିତରେ ଏଭଳି ଅନୁସନ୍ଧିତ୍ସା ଓ ନୂଆ କରିବାର ପ୍ରେରଣା ରହିଲେ ସେମାନେ ଅନେକ କିଛି ନୂଆ କଥା କରିପାରିବେ। ବିଜ୍ଞାନ, କଳା, ଅର୍ଥନୀତି, ଶିକ୍ଷା କ୍ଷେତ୍ରରେ ନୂଆ ଦିଗନ୍ତ ଉନ୍ମୋଚନ କରିପାରିବେ । ତେଣୁ ଛାତ୍ର ଭିତରେ ଅନୁସନ୍ଧିତ୍ସା, ନିଷ୍ଠା ଓ ଅଦମ୍ୟ ଇଚ୍ଛା




ବଲାଙ୍ଗୀର ପବ୍ଲିକ ସ୍କୁଲର ୩୮ତମ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ବକ୍ତବ୍ୟ ରଖୁଛନ୍ତି।

ରହିଲେ ଛାତ୍ର ଓ ଯୁବକମାନେ ଏକ ନବ ବିପ୍ଳବର ସୂତ୍ରପାତ କରିପାରିବେ ବୋଲି ବଲାଙ୍ଗୀର ପବ୍ଲିକ୍ ସ୍କୁଲର ୩୮ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ଅବସରପ୍ରାପ୍ତ କଲେଜ ଅଧକ୍ଷ, ଶିକ୍ଷାବିତ୍ ପ୍ରଫେସର ଡ ଶିବପ୍ରସାଦ ନନ୍ଦ ତାଙ୍କ ଉଦ୍‌ବୋଧନରେ କହିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ବୀରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱ କ୍ରମେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସଭାରେ ମୁଖ୍ୟଅତିଥି ଡ. ନନ୍ଦଙ୍କ ସହ ସମ୍ପାଦକ ଗୋପାଳ ସିଂଦେଓ, କୋଷାଧ୍ୟକ୍ଷ ଆଲୋକ ବେଦବାକ୍, ସଭ୍ୟ ବାଦଲ ମହାକୁର, ସଞ୍ଜୀବ ସାହୁ, ଶିରିଶ ହୋତା ମଞ୍ଚାସୀନ ଥିଲେ । ସ୍କୁଲ ଅଧକ୍ଷା ସରିତା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ପାଦକ ସିଂଦେଓ ବକ୍ତବ୍ୟ ରଖି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟଅତିଥି ଡ. ନନ୍ଦ ବକ୍ତବ୍ୟରେ ନିଜକୁ ଏବଂ ନିଜ ବିଦ୍ୟାଳୟକୁ ଉଚ୍ଚକୋଟୀର କରିବା ଦାୟିତ୍ୱ ହେଉଛି ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରଙ୍କର ବୋଲି କହିଥିଲେ। ଏହି ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ଗଠନ କରି ଏଠାକାର ମେଧାବୀ ପୁରାତନ ଛାତ୍ରୀଛାତ୍ରଙ୍କୁ ସାମିଲ କରି ସ୍କୁଲକୁ ଶିକ୍ଷାକ୍ଷେତ୍ରରେ ଏକ ଅଗ୍ରଣୀ ସ୍କୁଲ କରିବା ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟଅତିଥି ଆହ୍ୱାନ ଜଣାଇଥିଲେ । ସଭା ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରେଷ୍ଠ କଣ୍ଠଶିଳ୍ପୀ ଭାବେ ରୋନକ୍ ମହାନ୍ତି ପୁରସ୍କୃତ ହୋଇଥିଲେ । ୨୦୧୯-୨୦ ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ରୀ ବିବେଚିତ ପ୍ରାଚୀ ପ୍ରିୟଦର୍ଶନୀ ନାୟକଙ୍କୁ ବଲାଙ୍ଗୀର ଟ୍ରକ୍ ଆସୋସିଏସନ୍ ତରଫରୁ ପ୍ରଦତ୍ତ ରନିଂ ସିଲ୍ଡ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସଭା କାର୍ଯ୍ୟକୁ ଶିକ୍ଷକ ସତୀଶ ପ୍ରଧାନ ସଂଯୋଜନା କରିଥିଲେ । ଶେଷରେ ଉପାଧକ୍ଷ ଆକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଦୀପକ ବରାଳଙ୍କ ସଂଯୋଜନାରେ ୩୨ଟି ନୃତ୍ୟ, ଗୀତ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ୩ ହଜାରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଭିଭାବକ ଉପଭୋଗ କରିଥିଲେ।

### ମୌଳିକ କର୍ତ୍ତବ୍ୟ ଉପରେ ସଚେତନତା କାର୍ଯ୍ୟକ୍ରମ

**ସଇଁତଲା, ୨୩।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ସିଭିଲ କୋର୍ଟ ପରିସରରେ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ତରଫରୁ ସମ୍ବିଧାନ ପ୍ରଣୀତ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଇଁତଲା କୋର୍ଟ ପ୍ରଥମ ଶ୍ରେଣୀ ବିଚାରପତି ପ୍ରଭାତ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓକିଲ ସଂଘର ସମସ୍ତ ସଦସ୍ୟ, କୋର୍ଟ କର୍ମଚାରୀ ଓ ପୋଲିସ ଉପସ୍ଥିତ ଥିଲେ। ସମ୍ବିଧାନର ମୁଖବନ୍ଧ ପଠନ କରିବା ସଙ୍ଗେ ସଙ୍ଗେ ସମ୍ବିଧାନ ପ୍ରଣୀତ ମୌଳିକ କର୍ତ୍ତବ୍ୟ ଉପରେ ଆଲୋଚନା ହୋଇଥିଲା । କୋର୍ଟର ମଧୁମିତା ପଣ୍ଡା, କୃଷ୍ଣଚନ୍ଦ୍ର ମିଶ୍ର, ସିଦ୍ଧେଶ୍ୱର ଦୋରା, ପଞ୍ଚାନନ କାଲୋ, ବରିଷ୍ଠ ଆଇନଜୀବୀ ରାଧେଶ୍ୟାମ ସାହୁ, ହିଜକ୍ଷ ତାଣ୍ଡି, ଦେବାରଜ ପଣ୍ଡା, ଦ୍ରୋପଦୀ ପାତ୍ରଙ୍କ ସହ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

## ସୁରକ୍ଷା ଉପକରଣ ନାହିଁ, କାମ କରୁଛନ୍ତି ଶ୍ରମିକ

**ଲୋଇସିଂହା, ୨୩।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକରେ ଉଠା ଜଳସେଚନ ବିଭାଗ ପକ୍ଷରୁ ଚାଷୀଙ୍କ ଉଠା ଜଳସେଚନ ପଏଣ୍ଟକୁ ବିଦ୍ୟୁତ୍ ଯୋଗାଣ ପାଇଁ ଠିକାସଂସ୍ଥା ତରଫରୁ ବିଦ୍ୟୁତୀକରଣ କାମ ହାତକୁ ନିଆଯାଇଛି । ଜିଲା ତଥା ଜିଲା ବାହାରର ଠିକାଦାରଙ୍କ ଦ୍ୱାରା ଜିଲାର ଠିକା ଶ୍ରମିକମାନେ ନିୟୋଜିତ ହୋଇଛନ୍ତି। ବିଦ୍ୟୁତ୍ ଖୁଣ୍ଟ ପୋତା, ତାରଟଣା ଏପରିକି ଟ୍ରାନ୍ସଫର୍ମର ସବଷ୍ଟେଶନ ବସାଇବା କାମ କରୁଛନ୍ତି। ଟୋପି, ଗ୍ଲୋବସ, ବୁଟ ଆଦି ଉପକରଣ ନ ଥାଇ ବିପଦପୂର୍ଣ୍ଣ ଏସବୁ କାମ ସେମାନେ କରୁଥିବା ଦେଖିବାକୁ ମିଳୁଛି। କୌଣସି ଦୁର୍ଘଟଣା ଘଟିଲେ କିଏ ଦାୟୀ ରହିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

ସୂଚନାମତେ, ଉଠାଜଳସେଚନ ଜରିଆରେ ଚାଷ ଓ ଚାଷୀର ଉନ୍ନତି ପାଇଁ ସରକାରା ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ବିଭିନ୍ନ ଗାଁର ଚାଷୀମାନେ ସଚେତନ ହୋଇ ବିଭାଗ ଜରିଆରେ ଚାଷଜମିରେ ବୋରିଂ ଖୋଳିଛନ୍ତି।

**ବିପଦପୂର୍ଣ୍ଣଭାବେ ଖୁଣ୍ଟରେ ଚଢ଼ି କରୁଛନ୍ତି ବିଦ୍ୟୁତ ସଂଯୋଗୀକରଣ**



ଚାଷୀଙ୍କ ବୋରିଂକୁ ବିଦ୍ୟୁତ ସଂଯୋଗ ପାଇଁ ଟିଟିଲାଗଡର ଆରୟାନ ଇଲେକଟ୍ରିକାଲ ଦାୟିତ୍ୱ ନେଇଛି । ବ୍ଲକର ବିଭିନ୍ନ ଗ୍ରାମରେ ବିଦ୍ୟୁତୀକରଣ କାମ ଠିକା ଶ୍ରମିକଙ୍କ ଦ୍ୱାରା ସମ୍ପାଦନ କରୁଛି । ଏହିକ୍ରମରେ ବ୍ଲକ ଅଧୀନ ନଅଗାଁ(ଖ) ଓ ଦାସପାଲି ଅଞ୍ଚଳର ଚାଷୀଙ୍କ ଚାଷଜମିକୁ ବିଦ୍ୟୁତୀକରଣ କାମ ପାଇଁ ଡେରା ପକାଇଛନ୍ତି। ଏଠାରେ ପୁଇଁତଲା ବ୍ଲକ ଅଞ୍ଚଳର ୧୧ଜଣ ଶ୍ରମିକ କିଛିଦିନ ହେଲା କାମ କରୁଛନ୍ତି। କାମ କରୁଥିବା ଶ୍ରମିକମାନଙ୍କୁ ଠିକା ସଂସ୍ଥା ପକ୍ଷରୁ ବିଭିନ୍ନ ଉପକରଣ ଯୋଗାଇବା କଥା । ହେଲେ ଠିକା ସଂସ୍ଥା ତରଫରୁ ତାହା ଦିଆଯାଇ ନ ଥିବାରୁ ଶ୍ରମିକମାନେ ବିପଦପୂର୍ଣ୍ଣ ଭାବେ କାମ କରୁଥିବା ଦେଖାଯାଉଛି। ଏ ସମ୍ପର୍କରେ କାମ ତଦାରଖ କରୁଥିବା ମୁଖ୍ୟ ଶ୍ରମିକ ଶତ୍ରୁଘ୍ନ ବଗର୍ତ୍ତି ଠିକାସଂସ୍ଥା ତରଫରୁ ଉପକରଣ ଦିଆଯାଇଥିଲେ ଶ୍ରମିକମାନେ ପରିଧାନ କରି କାମ କରୁ ନଥାନ୍ତେ କି ବୋଲି ପାଲଟା ପ୍ରଶ୍ନ କରିଥିଲେ । ଅପରପକ୍ଷେ ଠିକାସଂସ୍ଥା ମୁଖ୍ୟ ମୁନସୀ ହଳଧର ଘିବେଲା ପ୍ରଥମେ ଶ୍ରମିକଙ୍କୁ ଉପକରଣ ଦିଆଯାଇଥିବା କହିଥିଲେ । କାମ ସ୍ଥାନରେ ଉପସ୍ଥିତ ଥିବା କହିବାରୁ ଗୁରବାରଠାରୁ ଉପକରଣ ଯୋଗାଇ ଦିଆଯିବ ବୋଲି କହିଥିଲେ। ହେଲେ ଗୁରୁବାର ମଧ୍ୟ ଶ୍ରମିକମାନେ ବିନା ଉପକରଣରେ କାମ କରୁଥିବା ଦେଖାଯାଇଥିଲା। ବିଭାଗୀୟ ଯନ୍ତ୍ରୀ ଦିଲୀପ କୁମାର ଜେନାଙ୍କୁ ପଚାରିବାରୁ ଏହା ସିଭିଲ ଯନ୍ତ୍ରୀ ବୁଝୁଥିବା କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ । ଏ ଦିଗରେ ଜିଲାପାଳ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ଉନ୍ନୟନ କାମର ତଦାରଖ କଲେ ଉପଜିଲାପାଳ

**ପାଟଣାଗଡ , ୨୩।୧ (ଡି.ଏନ.ଏ.)**

ପାଟଣାଗଡ ଉପଖଣ୍ଡରେ ଚାଲିଥିବା ବିଭିନ୍ନ ଉନ୍ନୟନ କାମର ତଦାରଖ କରିଛନ୍ତି ଉପଜିଲାପାଳ ସୋମନାଥ ପଧାନ। ବ୍ରହ୍ମପୁରାରେ ଥିବା ବଳଦେବ ପାର୍କର ଉନ୍ନତୀକରଣ ପାଇଁ ରୂପରେଖ ପ୍ରସ୍ତୁତ କରିବାକୁ ସେ ପାର୍କ ପରିଦର୍ଶନ କରିଥିଲେ। ସରକାରୀ ଅର୍ଥର ସଦ୍‌ଉପଯୋଗ ଦିଗରେ ଯତ୍ନବାନ ରହିବାକୁ ଉପଜିଲାପାଳ ଏନଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାର୍କରେ ବୃକ୍ଷରୋପଣ ସହ ଏକ ଆୟୁର୍ବେଦିକ ବଗିଚା, ଫୁଲଗଛ ଲଗାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଶିଶୁମାନଙ୍କ ପାଇଁ ବୋଟିଂ, ପାଣିଟାଙ୍କିନିର୍ମାଣ ନିମ୍ନମାନର ହୋଇଥିବା ଜାଣି ଉଦ୍‌ବେଗ ପ୍ରକାଶ କରିଥିଲେ। ପାର୍କ ଉନ୍ନତିକରଣ ପାଇଁ ଉଦ୍ୟାନ ବିଭାଗ ଓ ଅନ୍ୟ ବିଭାଗକୁ ନିୟୋଜିତ କରାଯିବ ବୋଲି ଉପଜିଲାପାଳ ସୂଚନା ଦେଇଥିଲେ। ମଡେଲ ୱାଟରପାର୍କ ପାଇଁ ବ୍ରହ୍ମପୁରା ଭାନୁସାଗର, ବଡପଡା ଭୋସାଗର ଏବଂ ରାମପୁର ମହାଦେବ ମନ୍ଦିର ପୋଖରୀ ବୁଲି ଦେଖିଥିଲେ। ଏନଏସି ଇଓ ସୁକାନ୍ତ ଚନ୍ଦ୍ର ବେଉରା, ଉଦ୍ୟାନବିଭାଗ ଜିଲା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ରମେଶ ରାଜ ହଂସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

## ଥପା ଇଲେଭେନ ଷ୍ଟାର ବିଜୟୀ

**ଲୋଇସିଂହା,୨୩।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଲମୁଣ୍ଡା ଗାଁର ହରିଶ୍ଚନ୍ଦ୍ର ଖେଳ ପଡିଆଠାରେ ୩ୟ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଗୁରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଗୋଲଡେନ ୱାରିୟସ ଓ ଥପା ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୮ ଓଭର ବିଶିଷ୍ଟ ମ୍ୟାଚରେ ଥପା ଇଲେଭେନ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୭୯ ରନ ସଂଗ୍ରହ କରିଥିଲା। ୮୦ ରନର ବିଜୟ ଲକ୍ଷ୍ୟ ନେଇ ଗୋଲେଡେନ ୱାରିସ ଦଳ ବ୍ୟାଟିଂ କରିବାକୁ ଯାଇ ମାତ୍ର ୫୮ ରନ ସଂଗ୍ରହ କରି ପାରିଥିଲା। ଉଦ୍‌ଘାଟନୀ ମ୍ୟାଚ ୨୧ ରନରେ ଥପା ଇଲେଭେନ ଷ୍ଟାର ବିଜୟୀ ହୋଇଥିଲା। ରମେଶ ରାଜ ହଂସ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ ହୋଇଥିଲେ। ସଭାପତି ବିଘ୍ନରାଜ ପଟେଲ ଓ ସମ୍ପାଦକ ନବଦୀପ ପଟେଲଙ୍କ ତତ୍ତ୍ୱାବଧାନରେ ଆନୁଷ୍ଠିତ ଟୁର୍ନାମେଣ୍ଟରେ ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

## ଚକ୍ଷୁ ଶିବିର, ଶୈବପୀଠ ଭୋଗ ମଣ୍ଡପ ଉଦ୍‌ଘାଟିତ

**ଦେଓଗାଁ, ୨୩।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଧବଳେଶ୍ୱର ଯୁବ ପରିଷଦ ଆନୁକୂଲ୍ୟରେ ଗୁରୁବାର ଚକ୍ଷୁ ଚିକିତ୍ସା ଶିବିର ଓ ଧବଳେଶ୍ୱର ଶୈବପୀଠରେ ନବନିର୍ମିତ ଭୋଗମଣ୍ଡପ ଉଦ୍‌ଘାଟିତ ହୋଇଛି । ଯୁବ ପରିଷଦ ସଭାପତି ଅନନ୍ତ ମେହେର ଓ ସମ୍ପାଦକ ଶ୍ରୀକାନ୍ତ ଥନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଉଭୟ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବୀରମହାରାଜପୁର ପଣ୍ଡାପାଲି ମହାନଦୀ ନେତ୍ର ଚିକିତ୍ସାଳୟ ସହଯୋଗରେ ଅନୁଷ୍ଠିତ ମାଗଣା ଚକ୍ଷୁ ଚିକିତ୍ସା ଶିବିରରେ ୧୫୦ ଜଣ ଶିବିରାର୍ଥୀ ଯୋଗଦେଇ ଚକ୍ଷୁ ପରୀକ୍ଷା କରାଇଥିଲେ। ୬୦ଜଣଙ୍କ ଚକ୍ଷୁର ଅସ୍ତ୍ରୋପଚାର ପାଇଁ ପଣ୍ଡାପାଲିକୁ ନିଆଯାଇଥିବା ସୂଚନା ଦିଆଯାଇଛି । ଧବଳେଶ୍ୱର ଶିବ ମନ୍ଦିର ଭୋଗମଣ୍ଡପ



ନବନିର୍ମିତ ଭୋଗମଣ୍ଡପକୁ ବିଧାୟକ ନରସିଂହ ମିଶ୍ର ଉଦ୍‌ଘାଟନ କରୁଛନ୍ତି।

ଉଦ୍‌ଘାଟନୀ ଉତ୍ସବରେ ସମ୍ମାନୀତ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ଗୋପବନ୍ଧୁ ମିଶ୍ର, ପଶ୍ଚିମ ଓଡିଶା ଗନ୍ଧମାଳୀ ସମାଜର ସଭାପତି ପୁରୁଷୋତ୍ତମ ଥନାପତି, ଜମିଦାର ଦୁର୍ଗାପ୍ରସାଦ ସିଂଦେଓ, ସରପଞ୍ଚ କୁଶମଣି ମେହେର, ନରସିଂହ ଦଣ୍ଡସେନା, ଦୟାନିଧି ମେହେର, ଚିତ୍ତରଞ୍ଜନ ଥନାପତି ପ୍ରମୁଖ ଯୋଗଦେଇଥିଲେ । ସ୍ଥାନୀୟ ବ୍ରଜେନ୍ଦ୍ର ବିଏନଏଏର ସଭାପତି ସୁନ୍ଦରମଣୀ ଦଣ୍ଡସେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଧନେଶ୍ୱର ଥନାପତି ଧନ୍ୟବାଦ ଅର୍ପଣ କରିଥିଲେ। ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ରାମଜୀ ଚୌଧୁରୀ, ଯୁବନେତା ପପୁ ପାତ୍ର, କୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବୁଢ଼ା ଡଙ୍ଗର କଲେଜରେ ଜାତୀୟ ସେବା ଶିବିର

**ଦେଓଗାଁ, ୨୩।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଦର ବ୍ଲକ କୁଡାସିଂହା ବୁଢ଼ାଡଙ୍ଗର କଲେଜର ଜାତୀୟ ସେବା ଶିବିର ନିକଟସ୍ଥ ନୂଆଁପଡା ଗ୍ରାମରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଜାତୀୟ ସେବା ଯୋଜନା ଅଧିକାରୀ ରେବତ କୁମାର ଜାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କଲେଜ ଅଧକ୍ଷ ଛବିଳ ବଗର୍ତ୍ତି ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଇଂଲିଶ ଅଧ୍ୟାପକ ଅକ୍ଷୟ କୁମାର ଚୌଧୁରୀ ଓ ଅର୍ଥନୀତି ଅଧ୍ୟାପକ ନରେଶ ଚନ୍ଦ୍ର ମିଶ୍ର ଯୋଗଦେଇ ଶିବିରର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।

## ମୂଲ୍ୟବୋଧର ବିକାଶ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ




ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ଖପ୍ରାଖୋଲ, ୨୩।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ(କେଜିବିଭି) ର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଛୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା, ମୁଖ୍ୟବକ୍ତା ଅଧ୍ୟାପକ ବଳଭଦ୍ର ଦାଶ, ସମ୍ମାନିତ ଅତିଥି ଶିକ୍ଷାବିତ୍ ସାରଙ୍ଗଧର ଠାକୁର, ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଇସପାଲ ସୁନା, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ଶ୍ରୀମତୀ ସେଲମା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ଓ ମାନବିକତା ମୂଲ୍ୟବୋଧ ବିକାଶ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ମୁଖ୍ୟ ଅତିଥି ସୁନା କହିଥିଲେ । ସାମ୍ପ୍ରତିକ ସମୟରେ ଅସହିଷ୍ଣୁତା ଏକ ବଡ ବ୍ୟାଧି । ଏହା କେବଳ ଉପଯୁକ୍ତ ଶିକ୍ଷା ଗ୍ରହଣ ସହ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ଦ୍ୱାରା ଦୂର କରାଯାଇପାରିବ ବୋଲି କହିଥିଲେ । ଏହି ଅବସରରେ କୃତି ଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଛାତ୍ରୀମାନେ ଦେଶାତ୍ମବୋଧକ ସଙ୍ଗୀତ ଗାନ ଓ ଶେଷରେ ନାଚଗୀତ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ଓମପ୍ରକାଶ ମେହେର ପରିଚାଳନା କରିଥିଲେ।

## ଫଟୋରେ ଖବର









ବଲାଙ୍ଗୀର ଟାଉନ୍ ହଲରେ କୋଶଲ ଯୁବ ସମନ୍ୱୟ ସମିତି ପକ୍ଷରୁ ଉଲଗୁଲାନ ଦିବସ ପାଳନ ସଭାରେ ତେଲେଙ୍ଗାନାର ପ୍ରଫେସର କେ. ଭେଙ୍କଟ୍ ସ୍ୱାମୀ, କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଓ ଅନ୍ୟମାନେ (ବାମ)। କୋଶଲ ଯୁବ ସମନ୍ୱୟ ସମିତି ପକ୍ଷରୁ କୋସଲ ରାଜ୍ୟ ଦାବିନେଇ ବାଇକ ରାଲିରେ ସହର ପରିକ୍ରମା କରାଯାଉଛି (ମଝି)। ନେତାଜୀ ପରିଷଦ ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ନବୀନ ବିଶ୍ୱବନ୍ଧୁଙ୍କୁ ସୁବାସ ପରବ ସମ୍ମାନ ପ୍ରଦାନ କରୁଛନ୍ତି ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର । (ଫଟୋ -ସୁନୀଲ)



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ

## ସଂକ୍ଷେପରେ

### ବନ୍ଧୁବାହାଲ ଗ୍ରାମରେ ପଶିଲା ଦନ୍ତା

**ସୁନ୍ଦରଗଡ଼, ୨୩।୧ (ଡି.ଏନ୍.ଏ):** ସୁନ୍ଦରଗଡ଼ ଜିଲାରେ ହାତୀ ଉପଦ୍ରବ ଥମୁ ନାହିଁ। ବାରମ୍ବାର ହାତୀ ଗାଁକୁ ଆସି ଆତଙ୍କ ସୃଷ୍ଟି କରୁଛନ୍ତି। ସଦର ବ୍ଲକ ଅମସରଙ୍ଗା ନିକଟବର୍ତ୍ତୀ ବନ୍ଧୁବାହାଲ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକ ଦନ୍ତାହାତୀ ପଶି ଆସିବାରୁ ଆତଙ୍କ ପ୍ରକାଶ ପାଇଛି। ହାତୀ ନିକଟବର୍ତ୍ତୀ ଜଙ୍ଗଲରୁ ଚାଲିଆସି ଗ୍ରାମ ଉପକଣ୍ଠରେ ଥିବା ଧାନଖଳା ନିକଟରେ ପହଞ୍ଚିଥିବା ଦେଖି ଗ୍ରାମବାସୀ ହାତୀକୁ ଘଉଡାଇବାକୁ ଉଦ୍ୟମ କରିଥିଲେ। ହେଲେ ହାତୀ ଗ୍ରାମ ନିକଟ ଜଙ୍ଗଲରେ ଥିବା ଜଣା ଯାଇଛି। ଖବରପାଇ ବନ ବିଭାଗ କର୍ମଚାରୀମାନେ ଗ୍ରାମବାସୀଙ୍କ ସହାୟତାରେ ହାତୀକୁ ଘଉଡାଇବା ପାଇଁ ଉଦ୍ୟମ କରୁଛନ୍ତି।

# କନ୍ୟା ସନ୍ତାନ ଫେରିପାଇଲେ ଅସହାୟ ମହିଳା

- ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ
- ଦୀର୍ଘ ସଂଘର୍ଷ ପରେ ନ୍ୟାୟ ମିଳିଲା

**ରାଉରକେଲା ଅଫିସ,୨୩।୧**

ଝିଅ ଜନ୍ମ ଦେଇ ସ୍ୱାମୀ ଓ ପରିବାର ପାଇଁ ଅଲୋଡା ହୋଇ ପଡିଥିବା ଜଣେ ମହିଳାଙ୍କୁ ଶେଷରେ ନ୍ୟାୟ ମିଳିଛି। ଲାଳନ ପାଳନ ଉଦ୍ଦେଶ୍ୟରେ ଅନ୍ୟ ଜଣଙ୍କ ହାତକୁ ଟେକି ଦେଇଥିବା ଝିଅ (୧୧ମାସ)କୁ ଫେରି ପାଇଛି ମା'। ଏହା ସମ୍ଭବ ହୋଇ ପାରିଛି ପାନପୋଷ ତାଲୁକ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଏଡିଜେ ଦୀପକ କୁମାରଙ୍କ ଦୃଢ ପଦକ୍ଷେପ ଯୋଗୁ। ସୂଚନାନୁସାରେ ଗତ ୧୬। ୧୨। ୨୦୧୮ରେ ଦର୍ଶନୀ ପାତ୍ର ନାମ୍ନ ଜଣେ ମହିଳା ହାଇଟେକ ମେଡିକାଲ କଲେଜରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ପୋଷି ପାରିବିନି କହି ସ୍ୱାମୀ ଲକ୍ଷ୍ମୀଧର ଘର ଛାଡି ରାଜ୍ୟ ବାହାରକୁ ଚାଲିଗଲେ। ଯିବା ପରେ ଆଉ ସ୍ତ୍ରୀ କିମ୍ବା ଝିଅର ଖୋଜ ଖବର ରଖିଲେନି। ଦୁଃଖରେ ମିୟମାଣ ଦର୍ଶନୀ ଉପାୟଶୂନ୍ୟ ହୋଇ ପଡିଲେ। ବାପାଙ୍କ ଘର ବଣାଇଁକୁ ଫେରି ଆସିବାକୁ ଆଗ୍ରହ ପ୍ରକାଶ କରି ତାଙ୍କୁ ଯୋଗାଯୋଗ କଲେ। । ସେ ମଧ ଘରେ ପୂରାଇ ଦେଲେନି। ଶେଷରେ ଜଣେ ମହିଳାଙ୍କ ମାଧ୍ୟମରେ ଦର୍ଶନୀ ରାଜଗାଙ୍ଗପୁର ଅଞ୍ଚଳର ଭିନ୍ନ ସମ୍ପ୍ରଦାୟ ଦମ୍ପତିଙ୍କ ହାତରେ ନିଜ ଶିଶୁ କନ୍ୟାକୁ ଟେକି ଦେଲେ। ସର୍ତ୍ତଥିଲା ସପ୍ତାହରେ ୩ ଥର ଦର୍ଶନୀ ଝିଅର ଖୋଜଖବର ନେବାକୁ ଆସି ଦେଖି ଯିବେ। ତେବେ ଦିନ କେଇଟା ଏଭଳି ଚାଲିବା ପରେ ସମ୍ପୃକ୍ତ ଦମ୍ପତିଙ୍କ ଖୋଜ ଖବର ପାଇଲେନି ଦର୍ଶନୀ। ଦୁଃଖରେ ଭାଙ୍ଗି ପଡିଲେ। ଇତି ମଧ୍ୟରେ ଜଣେ ଓକିଲଙ୍କୁ ଧରି ସମ୍ପୃକ୍ତ ଦମ୍ପତି ଚାଇଲ୍ଡ ଆଡପସନ ଡିଡ କରି ସାରିଥିଲେ। ଏଣୁ ଦର୍ଶନୀଙ୍କୁ ଆଉ ଧରାଛୁଆଁ ଦେଉ ନ ଥିଲେ। କିଛି ଦିନ ପରେ ତାଙ୍କ ସହ ଯୋଗାଯୋଗ ହେବାରୁ ସେମାନେ ପିଲାକୁ ଆଇନଗତ ଭାବେ ଆଡପ୍ଟ କରି ସାରିଥିବା କାଗଜପତ୍ର ଦେଖାଇ ତଡିଦେଲେ।

ଦର୍ଶନୀ ନିରାଶ ହୋଇ ପଡିଲେ। ପରେ ଝିଅକୁ ନେଇ ସମ୍ପୃକ୍ତ ଦମ୍ପତି ମେଦିନପୁର ନିଜ ମୂଳ ଗାଁକୁ ଚାଲି ଯାଇଥିଲେ। ସେଠିକୁ ଦର୍ଶନୀ ଯାଇ ଲାଞ୍ଛିତ ହୋଇ ଫେରି ଆସିଲେ। ଝିଅ ମିଳିଲାନି। ଶେଷରେ ନିରୁପାୟ ଦୁଖିନୀ ମହିଳା ଦର୍ଶନୀ ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳଙ୍କୁ ଭେଟି ତାଙ୍କ ଦୁଃଖ ଜଣାଇଥିଲେ। ପୋଲିସ ଥାନାକୁ ଯାଇ ଅଭିଯୋଗ କରିବାରୁ ବଳ ପରାମର୍ଶ ଦେଇଥିଲେ। ହେଲେ କୌଣସି ଥାନା କର୍ତ୍ତୃପକ୍ଷ ତାଙ୍କ ଗୁହାରୀ ଶୁଣି ନ ଥିଲେ। ଶେଷରେ କଥା ପହଞ୍ଚିଥିଲା ତାଲୁକ ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ବିଚାରପତି ଦୀପକ କୁମାରଙ୍କ ପାଖରେ। ତାଙ୍କ ନିର୍ଦ୍ଦେଶାନୁସାରେ ରଘୁନାଥପାଲୀ ଥାନା ଅଧିକାରୀ ମାମଲା ରୁଜୁ କରିବା ସହ ସଦଳବଳେ କନ୍ୟା ସନ୍ତାନକୁ ସମ୍ପୃକ୍ତ ଦମ୍ପତିଙ୍କ ଠାରୁ ଉଦ୍ଧାର କରିଥିଲେ। ସମ୍ପୃକ୍ତ ଦମ୍ପତି ଓ ଦର୍ଶନୀଙ୍କ ମଧ୍ୟରେ ଆଲୋଚନା, ବୁଝାମଣା ପରେ ଗତ ୨୨ରେ ଝିଅକୁ ଫେରି ପାଇଛନ୍ତି ସେ। ଦୀର୍ଘ ସଂଘର୍ଷ ପରେ ଝିଅ କୋଳକୁ ଫେରିଥିବାରୁ ତାଙ୍କ ଆନନ୍ଦ କହିଲେ ନସରେ। ଆଇନ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଏଭଳି ସମୟୋଚିତ ପଦକ୍ଷେପ ପଦକ୍ଷେପକୁ ବଳଙ୍କ ସମେତ ଅନ୍ୟମାନେ ଉଚ୍ଚ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଣ୍ଡା ପାଟ**
**ହଜିଲେ ମଠା।**

ଜିନିଷଟି ପାଖରେ ଥିଲାବେଳେ ଏହା ଅଦରକାରୀ ବା ସାମାନ୍ୟ ଜିନିଷ ଭାବି କେହି କେହି ଏହା ଉପରେ ଅଧିକ ଗୁରୁତ୍ୱ ଦେଇ ନ ଥାନ୍ତି। କିନ୍ତୁ ସେହି ଜିନିଷଟି ହଜିଗଲା ପରେ ଏହାର ମହତ୍ତ୍ୱ ଜଣାପଡ଼ି ଯାଇଥାଏ। ତା'ର ମୂଲ୍ୟ ମଧ୍ୟ ଅନେକ ପରିମାଣରେ ବଢ଼ିଯିବାର ଲକ୍ଷ୍ୟ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛଅ ଟଙ୍କାର ଘୋଡ଼ାକୁ**
**ନଅ ଟଙ୍କାର ଦାନା।**

ଜିନିଷର ଦାମ୍ ତୁଳନାରେ ତାକୁ ନେଇ ଆଣି ଥୋଇବା, ଚଳେଇବା ଦାମ୍ ଅଧିକ। ମୂଳ ବସ୍ତୁର ମୂଲ୍ୟଠାରୁ ତା'ର ରକ୍ଷଣାବେକ୍ଷଣା ଖର୍ଚ୍ଚ ବଳିଯିବା ବା ଢେର୍ ଅଧିକ ହୋଇଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



ଗୀତାରାଣୀ ଖଣି ପକ୍ଷରୁ କମ୍ବଳ ବଣ୍ଟନ କରାଯାଉଛି।

# ଗୀତାରାଣୀ ଖଣି ପକ୍ଷରୁ କମ୍ବଳ ବଣ୍ଟନ

**ଟେନ୍ସା, ୨୩।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ରାଇକେଲା ଗ୍ରାମରେ ଥିବା ଗୀତାରାଣି ଖଣି ପକ୍ଷରୁ ଡେଙ୍ଗୁଳା ଗ୍ରାମ ପଞ୍ଚାୟତର ଦୁଇଟି ଗ୍ରାମରେ ୪୦୦ରୁ ଊର୍ଦ୍ଧ୍ୱ କମ୍ବଳ ବଣ୍ଟନ କରାଯାଇଛି। କୋଇଡା ଅଞ୍ଚଳରେ ଅଧିକ ଶୀତ ଯୋଗୁ ନିମ୍ନ ଶ୍ରେଣୀରେ ବସବାସ କରୁଥିବା ଲୋକମାନେ ଥଣ୍ଡା ପାଇଁ ବହୁ ଅସୁବିଧା ଭୋଗ କରୁଥିଲେ। ରାତି ସାରା ନିଆଁ ଜାଳି ଚାରି ପାଖରେ ବସି ରହୁଥିଲେ। ଏଣୁ ବ୍ଲକ ଉପାଧ୍ୟକ୍ଷ ବାବୁଲି ମୁଣ୍ଡାଙ୍କ ଅନୁରୋଧ କ୍ରମେ ଗୀତାରାଣୀ ଖଣି ସାମାଜିକ ଦାୟୀତ୍ୱବୋଧ ପକ୍ଷରୁ ଡେଙ୍ଗୁଳା, ରାଇକେଲା ଗ୍ରାମବାସୀମାନଙ୍କୁ ୪୦୦ରୁ ଊର୍ଦ୍ଧ୍ୱ କମ୍ବଳ ବଣ୍ଟନ କରିଛନ୍ତି । ଗୀତାରାଣୀ ଖଣିର ଜେନେରାଲ ମ୍ୟାନେଜର ବିବି ସାହୁ, ପି.କେ ସାହୁ, ବ୍ଲକ ଉପାଧ୍ୟକ୍ଷ ବାବୁଲି ମୁଣ୍ଡା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ କମ୍ବଳ ବଣ୍ଟନ କରାଯାଇଥିଲା ।

# ଲାଞ୍ଜିଗଡ଼ରେ ଜାତୀୟ ଜଳ ମିଶନ ଅତିରିକ୍ତ ଶାସନ ସଚିବ

**ଭବାନୀପାଟଣା, ୨୩।୧ (ଡି.ଏନ.ଏ.)**

ଜାତୀୟ ଜଳ ମିଶନ ଅତିରିକ୍ତ ଶାସନ ସଚିବ ଓ ପରିଚାଳନା ନିର୍ଦ୍ଦେଶକ ଜି. ଅଶୋକ କୁମାର ବୁଧବାର ଲାଞ୍ଜିଗଡ ବ୍ଲକ ଗସ୍ତ କରି ବିଭିନ୍ନ ଯୋଜନାର ତଦାରଖ କରିଛନ୍ତି। ସେ ପ୍ରଥମେ ଲାଞ୍ଜିଗଡ ରୋଡ ପଞ୍ଚାୟତ ମାଡିବନ୍ଧା ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ବିଭିନ୍ନ ସମସ୍ୟା ବୁଝିଥିଲେ। ଏହାପରେ ଲାଞ୍ଜିଗଡ ରୋଡ ପଞ୍ଚାୟତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତିଆରି ଘରଗୁଡିକୁ ତଦାରଖ କରିବା ସହିତ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ତଦାରଖ କରିଥିଲେ। ସେହିପରି ଛତ୍ରପୁର ପଞ୍ଚାୟତ ଟାଙ୍ଗନକନା ଗ୍ରାମକୁ ଯାଇ କୁଟିଆକନ୍ଧ ଉନ୍ନୟନ ସଂସ୍ଥା ଅଧୀନରେ ଥିବା ଲେମନଗ୍ରାସ ତେଲ ପ୍ରକ୍ରିୟାକରଣ କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ଏହାପରେ ଲାଞ୍ଜିଗଡସ୍ଥିତ ଏସଏସଡି ସ୍କୁଲ ବିଭିନ୍ନ ସମସ୍ୟା ବୁଝିଥିଲେ। ଗସ୍ତ ସମୟରେ ବାତେଲଲିମା ପଞ୍ଚାୟତ ବାଣିପଙ୍ଗାର ଜନଜାତି ସ୍କୁଲ ତଦାରଖ କରିବା ପରେ ଶେଷରେ ଚମ୍ପାଦେଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଜିଲା ଏଡିଏମ ଶରତ ଶ୍ରୀଚନ୍ଦନ, ଡିଡବ୍ଲୁଓ ବୁଦ୍ଧଦେବ ପଣ୍ଡା, ପିଏଆଇଟିଡିଏ ବିରଞ୍ଚି ନାରାୟଣ ଦର୍ବାନ, ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର ମିଶ୍ର, ବ୍ଲକ ଅଧ୍ୟକ୍ଷ ଇ. ଫକୀର ମୋହନ ମୀ, ଲାଞ୍ଜିଗଡ ତହସିଲଦାର ମୁନିନ୍ଦ୍ର ହୁନ୍ନାଙ୍ଗା, ଏବିଡିଓ ବିଭୂତି ଭୂଷଣ ଶତପଥୀ, ସିଡିପିଓ କୁସୁମ ପ୍ରହରାଜ, କେକେଡିଏ ପ୍ରୋଜେକ୍ଟ ମୟାନେଜର ଲମ୍ବୋଦର ପ୍ରଧାନ ଓ ବ୍ଲକ ଏବିଇଓ ବିଶ୍ୱଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ଧମୁଣ୍ଡା ପୋଲିସ ଦ୍ୱାରା ଗିରଫ ଓ ଜବତ ସାମଗ୍ରୀ।

# ଚୋରି ମାମଲାରେ ୩ ଗିରଫ, ବହୁ ସାମଗ୍ରୀ ଜବତ

**ରାଉରକେଲା ଅଫିସ,୨୩।୧**

ଏକାଧିକ ଚୋରି ମାମଲାରେ ବନ୍ଧମୁଣ୍ଡା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ଅଜୟ କଂସାରୀ,(୨୪), ମହମ୍ମଦ ସତାର(୧୯) ଓ ଭୋଲା ତନ୍ତି(୨୮)। ସମସ୍ତେ ବନ୍ଧମୁଣ୍ଡା ଅଞ୍ଚଳ ବାସିନ୍ଦା। ଏମାନଙ୍କ ନାମରେ ବନ୍ଧମୁଣ୍ଡା ଥାନାରେ ଏକାଧିକ ମାମଲା ରହିଛି। ଗିରଫ ପରେ ଏମାନଙ୍କ ଠାରୁ ଗୋଟିଏ ସାମସଙ୍ଗ ଏଲଇଡି ଟିଭି, ଏକାଧିକ ବ୍ରାଣ୍ଡେଡ ମୋବାଇଲ, ଆଲମିରା, ସ୍କୁଟି(ନଂ ଓଡି- ୧୪ କ୍ୟୁ ୩୫୯୨), ହିରୋ ସ୍ପ୍ଲେଣ୍ଡର ବାଇକ (ଓଡି୧୪ଏଲ-୧୬୦୨) ଆଦି ବହୁ ସାମଗ୍ରୀ ଉଦ୍ଧାର କରାଯାଉଛି। ବିକ୍ରି ସାମଗ୍ରୀ କିଣା ଅଭଯୋଗରେ ତପନ ଗୋପ(୩୧) ଓ ଦେବେନ୍ଦ୍ର ତନ୍ତି(୪୪)ଙ୍କୁ ଗିରଫ କରାଯାଇଛି।

## ବସ୍‌ରୁ ଖସି ଯାତ୍ରୀ ମୃତ

**ରାଉରକେଲା ଅଫିସ,୨୩।୧**

ବନ୍ଧମୁଣ୍ଡା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ବସରୁ ଖସିପଡି ଜଣେ ଯାତ୍ରୀ ପ୍ରାଣ ହରାଇଛନ୍ତି। ତାଙ୍କ ନାଁ ବିକାଶ ମୁଖାର୍ଜୀ(୫୫)। ସେ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ବୋଲି ସୂଚନା ମିଳିଛି। ବସ କହ୍ନେଇ ରାଉରକେଲାରୁ ଜରେଇକେଲା ଯିବା ରାସ୍ତାରେ ମଙ୍ଗଳ ବଜାର ନିକଟରେ ଅପରାହ୍ନ ସାଢେ ୩ଟାରେ ଏହି ଦୁର୍ଘଟଣା ଘଟିଛି। ଗାଡିକୁ ପ୍ଲାଇଟସାଇଟ ପୋଲିସ ଅଟକ ରଖିଛି। ବିକାଶ ବସରେ ଚଢୁଥିବା ସମୟରେ ଗୋଡ ଖସିଯିବାରୁ ତାଙ୍କ ଉପରେ ଗାଡି ମାଡି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏ ନେଇ ବନ୍ଧମୁଣ୍ଡା ପୋଲିସ ତଦନ୍ତ ଜାରି ରଖିଛି।

# ଓଭରଲୋଡ଼ିଂ ଯୋଗୁ ବଢୁଛି ଦୁର୍ଘଟଣା

**କୁତ୍ରା, ୨୩।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲାରେ ଭାରିଯାନଗୁଡିକରେ ଓଭରଲୋଡିଂ ଯୋଗୁ ସରକାରଙ୍କ ରାଜସ୍ୱ ହାନୀ ଘଟୁଥିବା ସହିତ ଦୁର୍ଘଟଣାର ଅନ୍ୟ କାରଣ ହୋଇଛି। ଏନେଇ ଅଭିଯୋଗ ସତ୍ତ୍ୱେ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ସୁନ୍ଦରଗଡ ଜିଲାର କୁତ୍ରା, ରାଜଗାଙ୍ଗପୁର ଅଞ୍ଚଳରେ ବିଭିନ୍ନ ଖଣି ଖାଦାନ ରହିଛି। ଖଣିଖାଦାରୁ ଓଭରଲୋଡ଼ିଂ କରି ମାଲପରିବହନ କରାଯାଉଛି। ଏହି ଖଣି ଖାଦାନ ସହିତ ଏବେ ଧାନ କିଣାସମୟ ହେଉଥିବାରୁ ବିଭିନ୍ନ ଧାନମଣ୍ଡିରୁ ମିଲରମାନେ ଧାନ କିଣି ଗାଡିଗୁଡିକ ଓଭରଲୋଡିଂ କରି ନେଇଯାଉଥିବା ଅଭିଯୋଗ ହେଉଛି। ଓଭରଲୋଡିଂ ଯୋଗୁ ସରକାରୀ ରାଜସ୍ୱ ହାନୀ ହେଉଥିବା ସହିତ ଦୁର୍ଘଟଣାର ମୁଖ୍ୟକାରଣ ହେଉଛି। ଏବାବଦରେ ଅଭିଯୋଗ ହେଲେ ମଧ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଗୁରୁବାର ଏଭଳି ଏକ ଘଟଣା କୁତ୍ରା ଥାନା ଅଧିନ ପୂର୍କାପାଲିଠାରେ ଦେଖିବାକୁ ମିଳିଥିଲା। ବିରିଙ୍ଗାଟୋଲି ଲ୍ୟାମ୍ପ ପକ୍ଷରୁ ପୂର୍କାପାଲି ମଣ୍ଡିରେ ଧାନ କିଣାଯାଇ ଥିବା ବେଳେ ମିଲର ଟ୍ରକ ମାଧ୍ୟମରେ ଓଭରଲୋଡିଂ କରି ଧାନ ନେଇ ଯାଉଥିଲେ। ଅଭିଯୋଗ ସତ୍ତ୍ୱେ ପୋଲିସ ପଦକ୍ଷେପ ନେଉ ନ ଥିବା ଜଣାପଡିଛି । ଏହାଛଡା ଧାନ ଲୋଡିଂ ହୋଇଯାଇଥିବା ଗାଡି ଗୁଡିକରେ ହେଲପର ରହୁ ନ ଥିବା ବେଳେ ରାତ୍ରି ସମୟରେ ଏହି ଗାଡି ଗୁଡିକ ଧାନ ନେଇ ଯାଉଥିବାରୁ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବା ଲୋକେ ଅଭିଯୋଗ କରିଛନ୍ତି। କିଛି କାରଖାନାରୁ ମଧ ଓଭରଲୋଡିଂ ମାଲ ପରିବହନ ହେଉଥିବାରୁ ସରକାରଙ୍କ ରାଜସ୍ୱହାନୀ ସହିତ ଦୁର୍ଘଟଣାର କାରଣ ସାଜୁଛି। ଏଣୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ସୁଭାଷ ବୋଷ, ସୁରେନ୍ଦ୍ର ସାଏ ଜୟନ୍ତୀ ସମାରୋହ

**ରାଉରକେଲା ଅଫିସ,୨୩।୧**

ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ଓ ଅନ୍ୱେଷଣ ମିଳିତ ଆନୁକୂଲ୍ୟରେ ଅବିସ୍ମରଣୀୟ ଯୋଦ୍ଧା ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସମାରୋହ ବାଲିଯୋଡି ଠାରେ ଅନୁଷ୍ଠିତ ହୋଇ ଯାଇଛି। ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅରୁଣ ପରିଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ, ବାଲିଯୋଡି ଗ୍ରାମ୍ୟ କମିଟି ସଭାପତି ଡାକ୍ତର ଫକିର ଚରଣ ହୋତା, ଗାୟତ୍ରୀ ଉପାସକ ଡାକ୍ତର ରାହାସବିହାରୀ ମହାପାତ୍ର, କବୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, ଡାକ୍ତର ବିଷ୍ଣୁପ୍ରିୟା ସାହୁ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଉଭୟ ସ୍ୱାଧୀନତା ସଂଗ୍ରାମୀ ତଥା ଭାରତର ଯୋଗ୍ୟ ସନ୍ତାନ କିପରି ନିଜ ଜୀବନକୁ ବାଜି ଲଗାଇ ଦେଶ ମାତୃକାର ସେବା କରି ଯାଇଛନ୍ତି ସେ ସମ୍ପର୍କରେ ମଞ୍ଚାସୀନ ଅତିଥି ଆଲୋକପାତ କରିଥିଲେ। ଏହି ଦୁଇ ନେତାଙ୍କ ସ୍ମୃତି ରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରାଯାଇ ଥିଲା। ଏଥିରେ ଚିତ୍ତରଞ୍ଜନ ନନ୍ଦ, ଗୌରାଙ୍ଗ ଦାସ, ବିଷ୍ଣୁଚରଣ ନାୟକ, ଶ୍ରୀନାଥ ନାୟକ, ଧନେଶ୍ୱର ସାହୁ, ସନାତନ ସାହୁ, ଦେବେନ୍ଦ୍ର ସାହୁ, ରୀତାଞ୍ଜଳି ଲେଙ୍କା, ନମିତା ଜେନା, ଚାନ୍ଦମଣି ମାଝି, ସିଦ୍ଧେଶ୍ୱର ବଳ, ପ୍ରଭାକର ମଲ୍ଲିକ, ପ୍ରଫୁଲ ସାହୁ, ହରିହର ବେହେରା, ସଂଜୟ ପରିଡା. ଚାନ୍ଦମଣି ନାୟକ, ପ୍ରତାପ ନାୟକ, ଅନ୍ତର୍ଯ୍ୟାମୀ ବେହୁରିଆ, ଅକ୍ରୁର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭାରତୀ ବାସ୍କେ ଧନ୍ୟବାଦ ପ୍ରଦାନ କରିଥିଲେ।

### କଂଗ୍ରେସ ପକ୍ଷରୁ ସୁଭାଷ ବୋଷ ଜୟନ୍ତୀ

ଜିଲା କଂଗ୍ରେସ ପକ୍ଷରୁ ପୁରୁଣା ଟାକ୍ସି ଷ୍ଟାଣ୍ଡଠାରେ ଗୁରୁବାର ସୁଭାଷ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ମୃତିଚାରଣ କରାଯାଇ ଥିଲା। ଏଥିରେ ବରିଷ୍ଠ ନେତା ରବି ରାୟ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ରାୟ ସୁଭାଷଙ୍କୁ ଜଣେ ସଚ୍ଚା ଦେଶଭକ୍ତ ଓ ଦୁର୍ଦ୍ଧଶ ସ୍ୱାଧୀନତା ସାଂଗ୍ରାମୀ ଭାବେ ବର୍ଣ୍ଣନା କରିଥିଲେ। ଦେଶ ମାତୃକା ପଇଁ ତାଙ୍କର ସାଲିସହୀନ ସଂଗ୍ରାମ ଅବିସ୍ମରଣୀୟ ହୋଇ ରହିବ ବୋଲି ସେ କହିଥିଲେ। ଏହା ପରେ ଜିଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇ ଥିଲା। ଏଥିରେ ଦଳର ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ରହି ତାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ସୁରେନ୍ଦ୍ର ସାଏ ଥିଲେ ହୀରାଖଣ୍ଡର ବିପ୍ଳବୀ ବୀର

**ସୁନ୍ଦରଗଡ, ୨୩।୧ (ଡି.ଏନ୍.ଏ)**

ସମ୍ବଲପୁରର ଜନପ୍ରିୟ ନେତା ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରବାଦପୁରୁଷ ହୀରାଖଣ୍ଡର ଛତ୍ରପତି ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଥିଲେ ସାଲିସବିହୀନ ଯୋଦ୍ଧା ବୋଲି ଗୁରୁବାର ସୁନ୍ଦରଗଡ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ କିରେଇଠାରେ ଆୟୋଜିତ ଜିଲାସ୍ତରୀୟ ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଜିଲାସଂଘର ସଭାପତି ମମତା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆର ଦୀର୍ଘ ୨୩ବର୍ଷ ଧରି ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ କରି ସେମାନଙ୍କ ବୀରଗାଥା ଉପରେ ଆଲୋଚନା ହୋଇ ଆସୁଥିବା କହିଥିଲେ। ସମାରୋହର ପ୍ରାରମ୍ଭରେ ନେତାଜୀ ସୁଭାସ ବୋଷ ଓ ବୀର ସୁରେନ୍ଦ୍ର ସାଏ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଶିକ୍ଷକ ନେତା ମାନେ ଉଭୟ ବରପୁତ୍ରଙ୍କ ତ୍ୟାଗପୂତ ଦେଶପ୍ରେମ ଓ ଅନ୍ୟାୟ ଅତ୍ୟାଚାର ଓ ହିଂସ୍ର ପ୍ରତିଶୋଧର ମୁକାବିଲା କିପରି କରିଥିଲେ ସେ ନେଇ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ହେମଗିରିର ଅଜିତ ନାଏକ, ଲେଫ୍ରିପଡାର କମଳ ଲୋଚନ ମାଝି, କମଳ ନାଏକ, ସୁଶୀଳ ପୃଷେଠ, ସଦର ବ୍ଲକର ରବିନାରାୟଣ ଦାଶ, ବଡଗାଁରୁ ଅନନ୍ତ ପଟେଲ, କୁତ୍ରାରୁ ସୁରେଶ ପଟେଲ, ରାଉରକେଲାରୁ ମଧୁସୂଦନ ମହାନନ୍ଦିଆ, ସ୍ଥାନୀୟ ବିଦ୍ୟାଳୟରୁ ଦିବ୍ୟ ଲୋଚନ ପଶାୟତ,ସବିତା ନାଏକ, ସବିତା ପଟେଲ, ସୁକାନ୍ତି ପଟେଲ, ସବିତା ରାଣୀ ସାହୁ ପ୍ରମୁଖ ଯୋଗଦେଇଥିଲେ।



ନେତାଜୀ ଜୟନ୍ତୀ ଅବସରରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

# ଜିଲା କଂଗ୍ରେସ ପକ୍ଷରୁ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

**ସୁନ୍ଦରଗଡ଼, ୨୩।୧ (ଡି.ଏନ୍.ଏ)**

ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରେ ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ମୁକ୍ତି ସଂଗ୍ରାମର ଚିର ସ୍ମରଣୀୟ ଯୋଦ୍ଧା ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପିସିସି ପୂର୍ବତନ ସମ୍ପାଦକ ରାଜ କିଶୋର ଷଡଙ୍ଗୀ, ସତ୍ୟନାରାୟଣ ସାହୁ, ଅଜିତ ପ୍ରସାଦ, ପ୍ରଣବ ସିଂ, ବିଜୁ ମହାରଣା, ମୁନୁ ସରାଫ, ନରେନ୍ଦ୍ର ସିଂ, ରମଣିରଞ୍ଜନ ଯୋଶୀ, ଟିକନ ମହାରଣା ପ୍ରମୁଖ ଯୋଗ ଦେଇ ଉଭୟ ସଂଗ୍ରାମୀଙ୍କ ସ୍ମୃତିଚାରଣ କରି ତାଙ୍କ ଦେଶ ପ୍ରେମରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ।

# ଗଣତନ୍ତ୍ର ବଞ୍ଚାଅ ଦେଶ ବଞ୍ଚାଅ ଆହ୍ୱାନ

**ରାଉରକେଲା ଅଫିସ,୨୩।୧**

ଦେଶର ୭୨ଗଣ ସଙ୍ଗଠନ ଶ୍ରମିକ, କୃଷକ, କ୍ଷେତ ମଜଦୁର, ଯୁବ ଛାତ୍ର ଓ ମହିଳାଙ୍କୁ ନେଇ ଗଠନ କରାଯାଇ ଥିବା ଜନଏକତା ଓ ଅଧିକାର ଆନ୍ଦୋଳନ ପକ୍ଷରୁ ଗୁରୁବାର ନେତାଜୀଙ୍କ ୧୨୪ ତମ ଜନ୍ମ ଜୟନ୍ତୀ ଅବସରରେ ଗଣତନ୍ତ୍ର ବଞ୍ଚାଅ ଦେଶ ବଞ୍ଚାଅ ଡାକରା ଦିଆ ଯାଇଛି। ଏହି ଅବସରରେ ସିଆଇଟିୟୁ, ଓଡିଶା କୃଷକ ସଭା, ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ(ଡିୱାଇଏଫଆଇ) ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି (ଏଆଇଡିଡବ୍ଲୁଏ), ଅଲ ଇଣ୍ଡିଆ ଲୟର୍ସ ୟୁନିୟନ(ଏଆଇଏଲୟୁ) ଭାରତର ଛାତ୍ର ଫେଡେରେସନ(ଏସଏଫଆଇ)ଅଲ ଇଣ୍ଡିଆ କ୍ଷେତ ମଜଦୁର ୟୁନିୟନ, ଅଲ ଇଣ୍ଡିଆ ଆଦିବାସୀ ମହାସଭାକୁ ନେଇ ଗଠିତ ଜନ ଏକତା, ଜନ ଅଧିକାର ମଞ୍ଚ ପକ୍ଷରୁ ରାଉରକେଲା ଟ୍ୟାକ୍ସି ଷ୍ଟାଣ୍ଡ ଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଥିଲା। ଏଠାରେ ଗଣତନ୍ତ୍ର ଓ ଦେଶ ବଞ୍ଚାଅ ଦାବିରେ




ଗଣତନ୍ତ୍ର ବଞ୍ଚାଅ ସମାବେଶରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଏକତ୍ରିତ ହୋଇଛନ୍ତି।

### ଜନଏକତା, ଅଧିକାର ଆନ୍ଦୋଳନ ଦ୍ୱାରା ସଭା

ସିଆଇଟିୟୁ ନେତା ଶ୍ରୀମନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ଦାସ, ଡିୱାଇଏଫଆଇ ଜିଲା ସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଶେଖର ଶର୍ମା, ସିଟୁ ରାଜ୍ୟ କମିଟି ସଭ୍ୟ ହୃଦାନନ୍ଦ ଯାଦବ, ଅଲ ଇଣ୍ଡିଆ ଲୟର୍ସ ୟୁନିୟନ ଜିଲା କାର୍ଯ୍ୟକାରୀ ସଭାପତି ଅରିନ୍ଦମ ଦତ, ଏଆଇଡିଡବ୍ଲୁଏ ଜିଲା ସଭାନେତ୍ରୀ ବିନୋଦିନୀ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। କେନ୍ଦ୍ର ମୋଦି ନେତୃତ୍ୱାଧିନ ସରକାର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମ ନିପେକ୍ଷତା ଆଦି କିଭଳି ବିପନ୍ନ ହୋଇଛି ସେନେଇ ଆଲୋଚନା କରିଥିଲେ। ନାଗରିକତା ସଂଶୋଧନ ଆଳରେ ଦେଶରେ ଧର୍ମ ନାମରେ କିଭଳି ବିଭାଜନକୁ ପ୍ରୋତ୍ସାହିତ କରାଯାଉଛି ସେ ନେଇ ଉପସ୍ଥିତ ନେତୃମଣ୍ଡଳୀ ଆଲୋଚନା କରିଥିଲେ। ମୋଦି ସରକାର ଦେଶର ଆରଏସଏସ ସହଯୋଗରେ ସାମ୍ପ୍ରଦାୟିକତାର ବିଷ ମଞ୍ଜି ବୁଣି ସାଧାରଣ ଲୋକଙ୍କୁ ଭୂଆଁ ବୁଲାଇବାକୁ ଅପଚେଷ୍ଟା କରୁଛି ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ଦେଶରେ ଏକ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବାକୁ ଉଦ୍ୟମ ଚାଲିଛି। ସାମ୍ପ୍ରଦାୟିକ ରାଜନୀତିକୁ ବରଦାସ୍ତ କରାଯିବନି। ଏନେଇ ଦେଶବାସୀ ସଚେତନ ହେବାକୁ ଆହ୍ୱାନ ଦିଆଯାଇ ଥିଲା। କାର୍ଯ୍ୟକ୍ରମରେ ସିଟୁ ନେତା ଅରୁ ଦାସ, କିଶୋର ତନ୍ତି, ଚନ୍ଦ୍ରଭାନୁ ଦାସ, ବିଶ୍ୱଜିତ ମାଝି, ଅରୁଣ ମହାରଣା, ଏନକେ ରାଉତରାୟ, ବୁଧନୀ ମୁଣ୍ଡାରୀ, ସକୁନ୍ତଳା ଟୁଡୁ. ଶାନ୍ତି ମିଞ୍ଜ, ଉମାପଦ ମୁଖାର୍ଜୀ, ପ୍ରମୋଦ ପରିଡା ଓ ଜନ୍ମେଜୟ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

**ସଂକ୍ଷେପରେ**

## ୨୫ରେ ଗାଡ଼ି କାଗଜପତ୍ର ଶିବିର

**କୁଆଁରମୁଣ୍ଡା,୨୩।୧(ଡି.ଏନ.ଏ.)-** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଜାନୁୟାରୀ ୨୫ ଶନିବାର ସକାଳ ୧୦ଟାରୁ ବୀରମିତ୍ରପୁର ପୋଲିସ ଓ ରାଉରକେଲା ପରିବହନ ବିଭାଗ ପକ୍ଷରୁ ଏକ ମେଗା ଗାଡି କାଗଜପତ୍ର ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ବୀରମିତ୍ରପୁର ଉପଖଣ୍ଡ ଅନ୍ତର୍ଗତ ବୀରମିତ୍ରପୁର, କୁଆଁରମୁଣ୍ଡା, ରାଏବୋଗା, ହାତୀବାରୀ, ନୂଆଗାଁ ଇତ୍ୟାଦି ଅଞ୍ଚଳର ସମସ୍ତ ବାଇକ ଓ ଅନ୍ୟାନ୍ୟ ଗାଡି ଚାଳକମାନଙ୍କ ପାଇଁ ଚାଳକ ଲାଇସେନ୍ସଠାରୁ ଆରମ୍ଭ କରି ଗାଡି ଫିଟ୍‌ନେସ,ପ୍ରଦୂଷଣ ଯାଞ୍ଚ ଇତ୍ୟାଦିର ସାର୍ଟିଫିକେଟ୍ ତୁରନ୍ତ ପ୍ରଦାନ କରାଯିବାର ବ୍ୟବସ୍ଥା ଥିବା ବୀରମିତ୍ରପୁର ଆଇଆଇସି ଆନନ୍ଦ ମାଝି ସୂଚନା ଦେଇଛନ୍ତି। ମାର୍ଚ୍ଚ ୧ରୁ ରାସ୍ତାରେ ଗାଡି ଚାଳକମାନଙ୍କର ଗାଡି କାଗଜପତ୍ର ଠାରୁ ଆରମ୍ଭ କରି ଡିଏଲ ଓ ଅନ୍ୟାନ୍ୟ କାଗଜପତ୍ର ପରିବହନ ବିଭାଗ ଓ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯିବା ସହ ଖିଲାପିଙ୍କ ଠାରୁ ଜରିମାନା ଆଦାୟ କରାଯିବ। ଏହାକୁ ଦୃଷ୍ଟିରେ ରଖି ଗାଡି ଚାଳକମାନଙ୍କ ସୁବିଧା ପାଇଁ ରାଉରକେଲା ପରିବହନ ବିଭାଗ ଓ ବୀରମିତ୍ରପୁର ପୋଲିସ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଉଛି। ଏସ୍‌ଡ଼ିପିଓ ନିବେଦିତା ସୋରେନଙ୍କ ତତ୍ତ୍ୱାବଧାନରେ ହେବାକୁ ଯାଉଛି।

# ଆଧୁନିକ ମେଟାଲିକ୍ସକୁ ଅଧିଗ୍ରହଣ କରିବ ଲିବର୍ଟି ହାଉସ୍

**କୁଆଁରମୁଣ୍ଡା,୨୩।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାର ୨ୟ ବୃହତ୍ତମ ଲୌହ ଇସ୍ପାତ କାରଖାନା ଭାବେ ପରିଚିତ କୁଆଁରମୁଣ୍ଡା ଚାର୍ଡିହରିହରପୁରରେ ଥିବା ଆଧୁନିକ ମେଟାଲିକ୍ସ ଗତ ପ୍ରାୟ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲା ବନ୍ଦ ପଡିଛି। ଅତ୍ୟଧିକ ବ୍ୟାଙ୍କ ଋଣକୁ ଶୁଝି ନ ପାରି ଉକ୍ତ କାରଖାନା ବନ୍ଦ ପଡ଼ିଥିଲା। ଉକ୍ତ କାରଖାନାକୁ ଶେଷରେ ବ୍ୟାଙ୍କ ନିଜ ଦାୟିତ୍ୱକୁ ନେଇଥିଲା। ଉକ୍ତ କାରଖାନାକୁ ପୁନଃକାର୍ଯ୍ୟକ୍ଷମ କରିବା ପାଇଁ ଅନେକ ଥର ଶ୍ରମିକ, କର୍ମଚାରୀଙ୍କ

**ଶ୍ରମିକ, କର୍ମଚାରୀ ମହଲରେ ଖୁସିର ଲହରି**

ଆନ୍ଦୋଳନ ହୋଇଥିଲା। ନିକଟରେ ଉକ୍ତ କାରଖାନାକୁ ଅଧିଗ୍ରହଣ କରିବା ପାଇଁ ଲିବର୍ଟି ହାଉସ ଦୌଡ଼ରେ ଥିଲା। କାରଖାନାର ବିଭିନ୍ନ ସମସ୍ୟା ନେଇ ଏନ୍‌ସିଏଲଏଟିରେ କେସ୍ ଚାଲିଥିଲା। ଶେଷରେ ବୁଧବାର ଏନ୍‌ସିଏଲଏଟି (ନ୍ୟାସନାଲ କମ୍ପାନୀ ଲ’ ଆପିଲେଟ୍ ଟ୍ରିବ୍ୟୁନାଲ)ର ଏକ ଖଣ୍ଡପୀଠ ଲିବର୍ଟି ହାଉସକୁ ୪୨୦ କୋଟି ଟଙ୍କା ଜମା କରି ଉକ୍ତ କାରଖାନାକୁ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନୁରୂପ ଭାବେ ଲିବର୍ଟି ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟରେ




ଆଧୁନିକ କାରଖାନାକୁ ଲିବର୍ଟି ହାଉସ୍ ଅଧିଗ୍ରହଣ କରିବା ନେଇ ଶ୍ରମିକ, କର୍ମଚାରୀ ଶୋଭାଯାତ୍ରାରେ ବାହାରିଛନ୍ତି।

୫୦ କୋଟି ଟଙ୍କା ପୈଠ କରାଯାଇଥିବା ସୂଚନା ମିଳିଛି। ଅବଶିଷ୍ଟ ୩୭୦ କୋଟି ଟଙ୍କା ଆସନ୍ତା ଫେବୃୟାରୀ ୧୪ରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଜମା କରିବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ କୁଆଁରମୁଣ୍ଡା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏ ନେଇ ଆଧୁନିକ ମେଟାଲିକ୍ସ କାରଖାନାର ଶ୍ରମିକ, କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ୧୪୩ ନମ୍ବର ଜାତୀୟ ରାଜପଥର ବଜରଙ୍ଗ ଛକରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲ ଛକ ପର୍ଯ୍ୟନ୍ତ ଯାଇଥିଲେ। ଏହି ସମୟରେ ଲବିର୍ଟି ହାଉସ ଓ ଏନ୍‌ସିଏଲଏଟିର ନିର୍ଦ୍ଦେଶନାମାକୁ କର୍ମଚାରୀମାନେ ସ୍ୱାଗତ କରିବା ସହ ବାଣଫୁଟାଇ ଖୁସି ହୋଇଥିଲେ। ଏହି ଶୋଭାଯାତ୍ରାରେ କୁଆଁରମୁଣ୍ଡା ସିଟିଜେନ ଫୋରମ୍ ପକ୍ଷରୁ ଯୁବନେତା ରାଜେଶ କେର୍କେଟା, ଶୈଳେଶ ତିୱାରୀ, କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ତଥା ଡୁମେରଯୋର ପଞ୍ଚାୟତ ସମିତି ସଭ୍ୟ ରାଜେନ୍ଦ୍ର କୁଜୁର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରାରେ ଶ୍ରମିକ, କର୍ମଚାରୀମାନଙ୍କ ମଧ୍ୟରେ ପ୍ରଶାନ୍ତ ପାଢୀ, ହେମନ୍ତ ଜେନା, ଏମ୍‌ଡି.ନଦୀମ,ଏମ୍‌ଡି ମଞ୍ଜୁର, ଏମ୍‌ଡି ମାନସିଦ, ଶ୍ୟାମସୁନ୍ଦର ସିଂ, ଏସ.ଏନ ସିଂଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ନେତୃତ୍ୱ ନେଇଥିଲେ।

# ଆମ୍ବୁଲାନ୍ସ ମିଳିଲାନି: ଥାନା ଗାଡ଼ିରେ ନିଆଗଲା

**କୁଆଁରମୁଣ୍ଡା,୨୩।୧(ଡି.ଏନ.ଏ)**

**ଟ୍ରକ ପଛ ଚକ ତଳେ ପଡ଼ି ବାଇକ୍ ଆରୋହୀ ଗୁରୁତର**

ସୁନ୍ଦରଗଡ଼ ଜିଲା ୧୪୩ ନମ୍ବର ଜାତୀୟ ରାଜପଥର ବୀରମିତ୍ରପୁର ରେଲୱେ ଲେଭଲ କ୍ରସିଂ ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ସାଢେ ୪ଟାରେ ଏକ ସଡକ ଦୁର୍ଘଟଣା ଘଟିଛି। ସିମଡେଗାରୁ ରାଉରକେଲା ଅଭିମୁଖେ ଆସୁଥିବା ଏକ ଟ୍ରକ ଓଡି.୧୫ଏମ ୨୧୯୫ ର ପଛ ଚକା ତଳେ ଜଣେ ବାଇକ ଆରୋହୀ ଚାପି ହୋଇ ଗୁରୁତର ହୋଇଛନ୍ତି। ଗୁରୁତର ବାଇକ୍ ଆରୋହୀ ଜଣଙ୍କ ହେଉଛନ୍ତି ବୀରମିତ୍ରପୁର ଥାନା ଅନ୍ତର୍ଗତ ବନମୁଣ୍ଡା ଦଫେଇର ପବନ ସୁନାନୀ(୩୪)। ଖବରପାଇ ବୀରମିତ୍ରପୁର ଥାନା ଆଇଆଇସି ଆନନ୍ଦ ମାଝି ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ପବନଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଥାନା ଗାଡିରେ ପ୍ରଥମେ ବୀରମିତ୍ରପୁର ସିଏଚସିକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ସେଠାରୁ ତୁରନ୍ତ ରାଉରକେଲା ସ୍ଥାନାନ୍ତରିତ କରିଥିଲେ। ଏହି ସମୟରେ ଥାନା ପକ୍ଷରୁ ଆମ୍ବୁଲାନ୍ସକୁ ଡକାଯାଇଥିଲେ ମଧ୍ୟ ଆମ୍ବୁଲାନ୍ସ ପହଞ୍ଚି ନ ଥିଲା। ମାନବିକତା ଦୃଷ୍ଟିକୋଣରୁ ପୋଲିସ ଗାଡିରେ ଗୁରୁତର ଆହତଙ୍କୁ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲକୁ ନିଆଯାଇଛି। ପାନପୋଷ ବ୍ରିଜରେ ଟ୍ରାଫିକ ଜାମ୍ ହେଉଥିବାରୁ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ହୃଷିକେଶ ବେହେରା ମଧ୍ୟ ଫାଣ୍ଡି ଗାଡି ନେଇ ଆଗରେ ଏସକର୍ଟ କରିଯାଇଥିଲେ। ରିପୋର୍ଟ ଲେଖାଯିବା ବେଳକୁ ସମ୍ପୃକ୍ତ ଯୁବକଙ୍କୁ ଆଇଜିଏଚ୍‌ର ଆଇସିୟୁରେ ଭର୍ତ୍ତି କରାଯାଇ ଡାହାଣ ହାତ କଟାଯିବାର ବ୍ୟବସ୍ଥା କରାଯାଉଛି ବୋଲି ଥାନାଧିକାରୀ ମାଝି ସୂଚନା ଦେଇଛନ୍ତି। ଏ ନେଇ ଏକ ମାମଲା (ନଂ.୬/୨୦) ରୁଜୁ କରି ପୋଲିସ ଟ୍ରକ ଓ ବାଇକ୍ ଦ୍ୱୟକୁ ଜବତ କରିବା ସହ ଟ୍ରକ ଚାଳକଙ୍କୁ ଅଟକ ରଖିଛି। ସୂଚନାଯୋଗ୍ୟ ଯେ,ନିକଟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସାଧାରଣ ନାଗରିକମାନଙ୍କୁ ସଡ଼କ ସୁରକ୍ଷା ବିଷୟରେ ଅବଗତ କରାଯାଇଥିଲା। ଦୁର୍ଘଟଣା ସମୟରେ କୌଣସି ବ୍ୟକ୍ତି ଯଦି ଆହତଙ୍କୁ ସାହାଯ୍ୟ କରି ଡାକ୍ତରଖାନା ନେବାର ବ୍ୟବସ୍ଥା କରନ୍ତି ତେବେ ପରିବହନ ବିଭାଗ ପକ୍ଷରୁ ୨ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ମାତ୍ର ଦୁର୍ଘଟଣା ଘଟିବା ବିଷୟରେ ପୋଲିସକୁ କେବଳ ଖବର ଦେଇ ଲୋକେ ଚୁପ୍ ହୋଇ ଘଟଣାକୁ ନୀରବ ଭାବେ ଦେଖିବା ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ସଫଳତାକୁ ନେଇ ନିଶ୍ଚିତଭାବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ଏଥିରେ ସନ୍ଦେହ ନାହିଁ।

# ପରିବାର ଲୋକ ୧୫ଲକ୍ଷ ଲେଖାଏଁ କ୍ଷତିପୂରଣ ଜିଦ୍‌ରେ ଅଟଳ

**ସୁନ୍ଦରଗଡ଼, ୨୩।୧ (ଡି.ଏନ.ଏ.)**

**ସଡକ ଦୁର୍ଘଟଣାରେ ୫ଶ୍ରମଜୀବୀ ମହିଳାଙ୍କ ମୃତ୍ୟୁ ଘଟଣା**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରମାବାହାଲ ବସଷ୍ଟାଣ୍ଡ ନିକଟ ବିଜୁ ଏକ୍ସପ୍ରେସ ୱେରେ ବୁଧବାର ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୫ମହିଳା ଶ୍ରମିକଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମାତ୍ର ମୃତଦେହ ନ ନେଇ ୧୫ଲକ୍ଷ ଲେଖାଏଁ କ୍ଷତିପୂରଣ ଦାବିରେ ଅଡି ବସିଛନ୍ତି ପରିବାର ଲୋକେ। ରାସ୍ତା ଉପରେ କାମ କରୁଥିବା ବେଳେ ୬ଜଣ ମହିଳା ଶ୍ରମିକଙ୍କ ଉପରେ ସୁନ୍ଦରଗଡରୁ ରାଉରକେଲା ଯାଉଥିବା ଏକ କାର୍ ଚଢିଯାଇଥିଲା। ରାସ୍ତାର ଅପରପାର୍ଶ୍ୱରେ ରାଉରକେଲାରୁ ଝାରସୁଗୁଡା ଆସୁଥିବା ଏକ ସ୍କୋର୍ପିଓ ଗାଡିକୁ ମଧ୍ୟ ଧକ୍କା ଦେଇଥିଲା। ଫଳରେ ଏହି ଦୁର୍ଘଟଣାରେ ୬ଜଣ ମହିଳା ଶ୍ରମିକଙ୍କ ମଧ୍ୟରୁ ୫ଜଣଙ୍କର ମୃତ୍ୟୁ ଘଟିଛି। ଆଉ ଜଣେ ମହିଳା ଶ୍ରମିକଙ୍କ ସମେତ ଉଭୟ କାର ଓ ସ୍କୋର୍ପିଓରେ ଥିବା ୬ଜଣ ମଧ୍ୟ ଗୁରୁତର ଆହତ ହୋଇ ରାଉରକେଲା ଆରଜିଏଚ୍‌ରେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷେ ଦୁର୍ଘଟଣା ଘଟିବାର ଗୋଟିଏ ଦିନ ବିତିଯିବା ପରେ ମଧ୍ୟ ରାସ୍ତା ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଏଲଆଣ୍ଡଟି କମ୍ପାନୀ କିମ୍ବା କୌଣସି ପ୍ରଶାସନିକ ଅଧିକାରୀ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେବା ତ ଦୂରର କଥା କେହି ପହଞ୍ଚି ନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମୃତକଙ୍କ ପରିବାର ବର୍ଗଙ୍କୁ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ୧୫ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ ପାଇଁ ସେମାନଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି। ରାଜଗାଙ୍ଗପୁର ଡାକ୍ତରଖାନାରେ ୨ଜଣ ଓ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ଅନ୍ୟ ୩ଜଣଙ୍କ ଶବ ବ୍ୟବଚ୍ଛେଦ ହୋଇଥିଲେ ହେଁ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ମୃତଦେହ ନ ନେବାକୁ ଜିଦରେ ବସିରହିଛନ୍ତି। ପୂର୍ବତନ ବିଧାୟକ ମଙ୍ଗଳା କିଷାନ ଗୁରୁବାର ମୃତକ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଁଛନ୍ତି। ଅପରପକ୍ଷେ ମହାରାଷ୍ଟ୍ରରୁ ଏଲଆଣ୍ଡଟି କମ୍ପାନୀର ଅଧିକାରୀମାନେ ଶୁକ୍ରବାର ପହଞ୍ଚୁଥିବା ସୂଚନା ମିଳିଛି ।




ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ସଚେତନତା ଶିବିରରେ ମଞ୍ଚାସୀନ ଅଧିକାରୀଗଣ।

# ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ସଚେତନତା ଶିବିର

**ସୁନ୍ଦରଗଡ, ୨୩।୧ (ଡି.ଏନ.ଏ)**

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ କୁଲାବିରା ହାଇସ୍କୁଲ ଠାରେ ଗୁରୁବାର ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କୀତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ୍ ସେବା ପ୍ରାଧିକରଣର ସଚିବ ବିମଳ ରାଉଳ ଏହି ଶିବିରରେ ଅଧ୍ୟକ୍ଷତା କରିଥିଲେ। ବର୍ଜ୍ୟବସ୍ତୁଗୁଡିକର ଉପଯୁକ୍ତ ପରିଚାଳନା ଓ ସଦୁପଯୋଗ ସମ୍ପର୍କରେ ସେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇବା ସହ ପରିବେଶକୁ ସୁନ୍ଦର ରଖାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ବନସଂରକ୍ଷକ ଟଙ୍କଧର ବେହେରା ଜଙ୍ଗଲଜାତ ପଦାର୍ଥ ଓ ବନ୍ୟଜନ୍ତୁଙ୍କ ପାଇଁ ପରିବେଶ ସୁରକ୍ଷା, ଜଙ୍ଗଲକୁ ଧ୍ୱଂସ ନ କରି ନୂତନ ଜଙ୍ଗଲ ସୃଷ୍ଟି କରିବା ଉପରେ ପିଲାମାନଙ୍କୁ ବୁଝାଇଥିଲେ। ଏହା ସହ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛଲତା, ପଶୁପକ୍ଷୀର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇନଜୀବୀ ପ୍ରତିମା ମିଶ୍ର, ନମିତା କାନୁନଗୋ, ସୁପ୍ରଭା ପଟେଲ ପ୍ରମୁଖ ଯୋଗଦେଇ ଅଦରକାରୀ ପଦାର୍ଥ ଓ ବିଭିନ୍ନ ପ୍ରକାର ଜୈବିକ ପଦାର୍ଥକୁ ଏଣେ ତେଣେ ନ ପକେଇ କୃଷିକ୍ଷେତ୍ର ଓ ଫୁଲ ବଗିଚା ମାନଙ୍କରେ ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଲେଫ୍ରିପଡା ଥାନା ଅଧିକାରୀ ବୀର କିଶୋର ମଲ୍ଲିକ ସୁସ୍ଥ ଜୀବନପାଇଁ ପରିବେଶ ସୁରକ୍ଷା ଜରୁରୀ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଫିନୁ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମହାନନ୍ଦ, ସୁମିତ୍ରା ପଟେଲ, ଗୀତାଞ୍ଜଳି ସମାପିକା, ଭଗବତୀ ନାଏକ, ଯୋଗେନ୍ଦ୍ର ସା, ରବୀନ୍ଦ୍ର କୁମାର ତନ୍ତୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

**ସୁନ୍ଦରଗଡ, ୨୩।୧ (ଡି.ଏନ୍.ଏ.):** ସୁନ୍ଦରଗଡ ପବ୍ଲିକସ୍କୁଲ ସ୍କାଉଟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ସମ୍ପାଦକ ରାଜକିଶୋର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ସ୍କାଉଟ ମାଷ୍ଟର ଅଶୋକ ପରିଡାଙ୍କ ନେତୃତ୍ୱରେ ସ୍କାଉଟ ଛାତ୍ରୀଛାତ୍ର ସ୍ଥାନୀୟ ଭବାନୀ ଭବନ ପଡିଆଠାରୁ ଏକ ଶୋଭାଯାତ୍ରାରେ ବାହାରି ରଙ୍ଗାଡିପା ଛକରେ ଯାଇ ପହଞ୍ଚିଥିଲେ। ସେଠାରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ମହନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସ୍କାଉଟ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି।

# ଡ୍ରେନ୍ ନିର୍ମାଣ ଦାବିରେ ରାସ୍ତାରୋକୋ

**ବଡ଼ଗାଁ, ୨୩।୧ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁରୁ ସାହାଜବାହାଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଚରମ ଅବ୍ୟବସ୍ଥା ଓ କଚ୍ଛପ ଗତିରେ ଚାଲିଛି। ଏହି ରାସ୍ତା ବଡଗାଁ ଗୌଡପଡା ଦେଇ ଯାଇଛି। ଏହି ସ୍ଥାନକୁ କଂକ୍ରିଟ ରାସ୍ତା କରାଯାଉଥିବାରୁ ପୂର୍ବପେକ୍ଷା ଉଚ୍ଚ ହୋଇଛି। ଫଳରେ ପାର୍ଶ୍ୱରେ ଡ୍ରେନ ନ ଥିବାରୁ ସମସ୍ୟା ଉପୁଜିବା ଆଶଙ୍କା କରି ସ୍ଥାନୀୟ ଅଧିବାସୀ ସକାଳେ ରାସ୍ତା ଅବରୋଧ କରି ଡ୍ରେନ ନିର୍ମାଣ ଦାବି କରିଥିଲେ। ପୂର୍ବାହ୍ନରେ ପିଡବ୍ଲୁଡି ଏସଡିଓ ହେମନ୍ତ ନାଏକ, ସରୋଜ କର ଘଟଣାସ୍ଥଳକୁ ଆସି ପଡ଼ାବାସୀଙ୍କୁ ଡ୍ରେନ ନିର୍ମାଣ ପ୍ରତିଶ୍ରୁତି ଦେଲାପରେ ପଡାବାସୀ ରାସ୍ତା ଅବରୋଧ ହଟାଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ହେଲା ୭ କିମି ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ ଏଯାଏଁ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ରାସ୍ତାର ଅନେକ ସ୍ଥାନକୁ ଖୋଳି ଦୀର୍ଘ ମାସ ହେଲା ନିର୍ମାଣ କରୁ ନ ଥିବାରୁ ଯାତାୟତରେ ସମସ୍ୟା ଦେଖାଦେଇଥିଲା ବେଳେ ଧୂଳି ବାଲି ଉଡି ପ୍ରଦୂଷିତ କରୁଛି। ଏ ଦିଗରେ ବିଭାଗୀୟ ଅଧିକାରୀମାନେ ସାମାନ୍ୟ ସୁଦ୍ଧା ପଦକ୍ଷେପ ନେଉ ନ ଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି। ଲୋକେ ଆନ୍ଦୋଳନ, ରାସ୍ତାରୋକୋ ନ କଲେ ପ୍ରଶାସନ ଶୁଣୁ ନ ଥିବାରୁ ଅଞ୍ଚଳବାସୀଙ୍କୁ ପରୋକ୍ଷରେ ଆନ୍ଦୋଳନ ମୁହାଁ କରାଯାଉଥିବା ଅଭିଯୋଗ ହେଉଛି ।



ଏସଡିଓ ହେମନ୍ତ ନାଏକଙ୍କୁ ପଡାବାସୀ ସମସ୍ୟା ଜଣାଉଛନ୍ତି।

# ଜିଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳିତ

**ସୁନ୍ଦରଗଡ,୨୩।୧ (ଡି.ଏନ.ଏ)**

ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ କୃଷି ଓ କୃଷକଙ୍କ ବିକାଶ ସମ୍ପର୍କୀତ ଏକ ସଚେତନତା ସଭା ବୁଧବାର ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳର ସୁପରିଚାଳନା ଏବଂ ବିଭିନ୍ନ କିସମର ଚାଷ ଅଳ୍ପ ପାଣିରେ କିଭଳି ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସୁନ୍ଦରଗଡ ଜଳସେଚନ ମଣ୍ଡଳର ଅଧୀକ୍ଷଣ ଯନ୍ତ୍ରୀ ସୁବାସ ଚନ୍ଦ୍ର ପଟ, ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇବ୍ ଅନୁସନ୍ଧାନ ବିଭାଜନର ନିର୍ବାହୀ ଯନ୍ତ୍ରୀ ସୌମେନ୍ଦ୍ର କୁମାର ପ୍ରଧାନ, କିରେଇ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡେଭିଡ ଜେମସ୍ ବାଗେ, ପିତାମହଲ ଜଳସେଚନ ପ୍ରକଳ୍ପ ଏପେକ୍ସ କମିଟି ଚେୟାରମ୍ୟାନ ଜଗନ୍ନାଥ ଟପ୍ପୋ, ସରଫଗଡ ଜଳସେଚନ ପ୍ରକଳ୍ପ ଏପେକ୍ସ କମିଟି ଚେୟାରମ୍ୟାନ୍ ରାଜକୁମାର ପଟେଲ, କାଂଶବାହାଲ ଜଳସେଚନ ପ୍ରକଳ୍ପର ପାଣି ପଞ୍ଚାୟତ ସଭାପତି



ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଉପସ୍ଥିତ ଅତିଥି, ଅଧିକାରୀ।

ରାମନାଥ କିସପଟ୍ଟା ଯୋଗଦେଇ ଚାଷୀଙ୍କ ସମସ୍ୟା ଓ ସମାଧାନ କିପରି ହୋଇପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସଭାକାର୍ଯ୍ୟ ପୂର୍ବରୁ ମୁଖ୍ୟ ଅତିଥି ବିକାଶ ଭବନ ପ୍ରାଙ୍ଗଣରେ ଖୋଲାଯାଇଥିବା ପ୍ରଦର୍ଶନୀ ଷ୍ଟଲଗୁଡିକୁ ବୁଲି ଦେଖିଥିଲେ। ଷ୍ଟଲରେ ଥିବା କର୍ମଚାରୀମାନେ ଉନ୍ନତ କିସମର ବିହନ, ଚାଷ ପ୍ରଣାଳୀ ଓ କମ ଖର୍ଚ୍ଚରେ ମିଳୁଥିବା କୃଷିଯନ୍ତ୍ରପାତିଗୁଡିକ ବିଷୟରେ ବୁଝାଇଥିଲେ। ଏହି ଅବସରରେ ହାଇସ୍କୁଲସ୍ତରୀୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆୟୋଜିତ ଜଳସଂରକ୍ଷଣ ଆଜିର ଆବଶ୍ୟକତା ସମ୍ପର୍କରେ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ରାଜଗାଙ୍ଗପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ସମରଜିତ ଜେନା, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସୁନ୍ଦରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆୟୁଷ କୁମାର ପଟେଲ ଓ ଅଙ୍କିତ ଅନୁରାଗିଣୀ ପଟେଲ ପୁରସ୍କୃତ ହୋଇଥିଲେ। ସହକାରୀ ଯନ୍ତ୍ରୀ ସଭା ସଞ୍ଚାଳନ କରିଥିଲେ। ଭବାନୀଶଙ୍କର ସା, ଅଶ୍ୱିନୀ ପଟେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।